RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI



ଭାରତ ସହ ଟି-୨୦ ବିଶ୍ୱକପ୍ ଖେଳିବନି ପାକିସ୍ତାନ

▶ପୃଷ୍ଠା ୧୨ ଦେଖନ୍ତୁ...

♦VOLUME- 43 ♦ISSUE-217 ♦MONDAY ♦2 FEBRUARY 2026 ♦PAGE-12 ♦₹ 7.00
BHUBANESWAR
♦ବର୍ଷ-୪୩ ♦ସଂଖ୍ୟା-୨୧୭ ♦ସୋମବାର ♦୨ ଫେବୃଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

# ନିର୍ମଳାଙ୍କ ନୀଳ ନକ୍ସା

## ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ୫୩,୪୭,୩୧୫ କୋଟିର ବଜେଟ


■ ନୂଆଦିଲ୍ଲୀ ୧।୨ (ଏଜେନ୍ସି): ବୈଶ୍ୱିକ ଅସ୍ଥିରତା, ରପ୍ତାନୀ ହ୍ରାସ, ଦରଦାମ ବୃଦ୍ଧି, ନିଯୁକ୍ତି ଅନିଶ୍ଚିତତା ମଧ୍ୟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି (ରବିବାର) ଲୋକସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିଛନ୍ତି। ଭାରତକୁ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ସହିତ ବିକଶିତ ଭାରତ ଗଠନ ଲକ୍ଷ୍ୟରେ ନିର୍ମଳା ତାଙ୍କ ନୂଆ ବଜେଟରେ ୫୩ ଲକ୍ଷ ୪୭ ହଜାର ୩୧୫ କୋଟିର ବ୍ୟୟ ଅଟକଳ ରଖିଛନ୍ତି। ବଜେଟରେ ରାଜସ୍ୱ ଆୟ ୩୫ ଲକ୍ଷ ୩୩ ହଜାର ୧୫୦ କୋଟି ରହିଥିବା ବେଳେ ବିତ୍ତୀୟ ନିଅଣ୍ଟ ପରିମାଣ ୧୬ ଲକ୍ଷ ୯୫ ହଜାର ୭୬୮ କୋଟି ଥିବା ଦର୍ଶାଯାଇଛି।


ଏନ୍‌ଡିଏ ସରକାରଙ୍କ ତୃତୀୟ ତଥା ନିର୍ମଳାଙ୍କ ଏହି ୯ମ ବଜେଟ୍ ଉପରେ ସାରା ବିଶ୍ୱର ଧ୍ୟାନ ନିବଦ୍ଧ ରହିଥିଲା। ଆମେରିକା ସହ ବାଣିଜ୍ୟିକ ଉତ୍ତେଜନାଜନିତ ଚାପ ଓ ୟୁରୋପୀୟ ୟୁନିୟନ ସହ ବାଣିଜ୍ୟ ବୁଝାମଣା ଜନିତ ଆଶ୍ୱସ୍ତି ମଧ୍ୟରେ ଉପସ୍ଥାପନ ହୋଇଥିବା ଏହି ବଜେଟ ଉପରେ ଭାରତୀୟ ରପ୍ତାନୀକାରୀ, ଅର୍ଥନୀତିକୁ ନିୟନ୍ତ୍ରଣ କରୁଥିବା ବ୍ୟବସାୟୀ ଗୋଷ୍ଠୀ, ଦେଶର ଟିକସଦାତା ମଧ୍ୟବିତ୍ତ ଏବଂ ଆର୍ଥିକ ଚାପଗ୍ରସ୍ତ ସାଧାରଣଜନତା ଅନେକ କିଛି ଆଶା ରଖିଥିଲେ। ମାତ୍ର ଏହି ବଜେଟ ପ୍ରାୟ ସବୁ ବର୍ଗକୁ ନିରାଶ କରିଛି। ଆୟକର ରିଆତି, ନିଯୁକ୍ତି ସୃଷ୍ଟି, ଦରଦାମ ହ୍ରାସ ସମ୍ପର୍କରେ ବଜେଟ୍‌ରେ ସେପରି କିଛି ଯୋଜନା ନାହିଁ। ଅର୍ଥମନ୍ତ୍ରୀ ତାଙ୍କର ୮୫ ମିନିଟର ବଜେଟ୍ ଅଭିଭାଷଣରେ ସାଧାରଣ ଲୋକଙ୍କ ପାଇଁ ସମ୍ପୂର୍ଣ୍ଣ ନିରବତା ଅବଲମ୍ବନ କରିଛନ୍ତି। ବିଶେଷକରି ଦେଶ ଚଳାଇବା ପାଇଁ ସରକାର ଋଣ ଉପରେ ବେଶି ନିର୍ଭରଶୀଳ

▶ପୃଷ୍ଠା-୭



## ଆୟର ୨୪% ଋଣ; ସୁଧମୂଳ ଶୁଝିବାରେ ଯିବ ୨୨%




## ଆୟକର ସୀମା ଅପରିବର୍ତ୍ତିତ

**ଏପ୍ରିଲରୁ ନୂଆ ଆୟକର ନିୟମ**

**ଆୟକର ଦାଖଲ ଅବଧି ବଢ଼ିଲା**

**ଆୟକର ଫାଙ୍କିଲେ ମିଳିବନି ଜେଲ୍ ଦଣ୍ଡ**

୨୦୨୬-୨୭ ବଜେଟ୍‌ରେ ସରକାର ଆୟକର ସୀମାକୁ ଅପରିବର୍ତ୍ତିତ ରଖିଛନ୍ତି। ପୂର୍ବ ବଜେଟରେ ଥିବା ଆୟକର ସୀମାରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ନୂଆ ଆୟକର ଆଇନ ଚଳିତବର୍ଷ ଏପ୍ରିଲ୍ ପହିଲାରୁ କାର୍ଯ୍ୟକାରୀ ହେବ। ଏହାର ନିୟମ ଏବଂ ଟିକସ ରିଟର୍ଣ୍ଣ ଫର୍ମ ଖୁବ୍‌ଶୀଘ୍ର ପ୍ରକାଶ ପାଇବ। ନୂତନ ନିୟମ ଏବଂ ଫର୍ମଗୁଡ଼ିକୁ ସାଧାରଣଲୋକଙ୍କ ଦ୍ୱାରା ସହଜରେ ଅନୁସରଣ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହା ଟିକସ ଦାଖଲ ପ୍ରକ୍ରିୟାକୁ ଆହୁରି ସରଳ କରିବ। ଏହାଦ୍ୱାରା ଛୋଟ କରଦାତାଙ୍କ ପାଇଁ ପ୍ରକ୍ରିୟା ସହଜ ହେବ। ଆଇଟିଆର୍-୧, ଆଇଟିଆର୍-୨ରେ ଲୋକେ ରିଟର୍ଣ୍ଣ ଭରିପାରିବେ। ଯଦିଓ ଚଳିତଥର ବଜେଟ୍‌ରେ କୌଣସି ଆୟକର ଛାଡ଼ କରାଯାଇନାହିଁ, କିନ୍ତୁ ଏଥିରେ ଅନେକ ପରିବର୍ତ୍ତନ କରାଯାଇଛି। ଏହା ସାଧାରଣ ଲୋକଙ୍କୁ ବଡ଼ ରିଆତି ପ୍ରଦାନ କରିବ। ବିଦେଶରେ ଶିକ୍ଷା ଓ ମେଡିକାଲ କ୍ଷେତ୍ରରେ ଟିସିଏସ୍ (ଉତ୍ସରୁ ଟିକସ ସଂଗ୍ରହ) ୫ରୁ ୨ପ୍ରତିଶତକୁ ହ୍ରାସ କରାଯାଇଛି। ଅପରପକ୍ଷେ, ମୋଟର ଦୁର୍ଘଟଣା ବାବଦ ସୁଧ ଉପରେ ଲାଗୁ ହେବନି ଆୟକର।

## ରେୟାର୍-ଆର୍ଥ କରିଡର୍‌ରେ ଓଡ଼ିଶା

ବିରଳ ଖଣିଜ ପଦାର୍ଥ (ରେୟାର-ଆର୍ଥ ମିନେରାଲ୍‌ସ) କ୍ଷେତ୍ରରେ ଚୀନ୍ ଉପରୁ ନିର୍ଭରତା ହ୍ରାସ କରିବା ପାଇଁ ଏଥର ବଜେଟ୍‌ରେ ଗୁରୁତ୍ୱାରୋପ କରାଯାଇଛି। ଦେଶର ୪ଟି ରାଜ୍ୟ ଯଥା ତାମିଲନାଡୁ, କେରଳ, ଆନ୍ଧ୍ରପ୍ରଦେଶ ଓ ଓଡ଼ିଶାକୁ ରେୟାର୍-ଆର୍ଥ କରିଡର୍‌ର ରୂପ ଦେବାକୁ ସରକାର ଯୋଜନା କରିଛନ୍ତି। ଫଳରେ ଓଡ଼ିଶା ବିରଳ ଖଣିଜର ହବ୍ ହେବାକୁ ଯାଉଛି। କେନ୍ଦ୍ର ସରକାର ୨୦୨୫ ନଭେମ୍ବରରେ ରେୟାର-ଆର୍ଥ ପରମାନେଣ୍ଟ ମ୍ୟାଗନେଟ୍ ଯୋଜନା ଆଣିଥିଲେ। ଏହି ଯୋଜନା ଅନୁଯାୟୀ ଦେଶର ଉପରୋକ୍ତ ୪ ରାଜ୍ୟରେ ଖଣିଜ ଓ ରେୟାର ଆର୍ଥ କରିଡର୍‌ର ବିକାଶ କରାଯିବ। ଏଥିରେ ବୈଦ୍ୟୁତିକ ଗତିଶୀଳତା, ଇଲେକ୍ଟ୍ରୋନିକ୍ସ ଏବଂ ପ୍ରତିରକ୍ଷା କ୍ଷେତ୍ରକୁ ସୁରକ୍ଷିତ ଘରୋଇ ଯୋଗାଣ ପ୍ରଦାନ କରିବା ଲକ୍ଷ୍ୟ ରଖିଛି।

## କେନ୍ଦ୍ର ବଜେଟ ୨୦୨୬-୨୭ ମୁଖ୍ୟାଂଶ

- ୧୮୭ ବିଲିୟନ୍ ଡଲାର୍ ଋଣ କରିବେ ସରକାର
- ପ୍ରତିରକ୍ଷା ପାଇଁ ୭.୮୫ ଲକ୍ଷ କୋଟି
- ତିନି କର୍ତ୍ତବ୍ୟକୁ ଗୁରୁତ୍ୱ: ଗତି, କ୍ଷମତା ଓ ସମୂହ
- ଆୟ ଲୁଚାଇଲେ ୧୦୦ ପ୍ରତିଶତ ଜୋରିମାନା
- ଶସ୍ତା ହେବ ବିଦେଶରେ ପାଠପଢ଼ା ଓ ଚିକିତ୍ସା ଖର୍ଚ୍ଚ
- ଦେଶରେ ସାତଟି ହାଇସ୍ପିଡ୍ ରେଲ କରିଡର
- ୨୦ଟି ନୂଆ ଜଳପଥ କାର୍ଯ୍ୟକାରୀ ହେବ
- ୧୭ ଜଟିଳ କର୍କଟ ଔଷଧ ଉପରୁ ସୀମା ଶୁଳ୍କ ଛାଡ଼
- ଏମ୍ସ ଭଳି ତିନିଟି ଆୟୁର୍ବେଦିକ ଅନୁଷ୍ଠାନ ପ୍ରତିଷ୍ଠା
- କଇଁଛଙ୍କ ସୁରକ୍ଷା ପାଇଁ ହେବ ସ୍ୱତନ୍ତ୍ର ପଥ
- ଓଡ଼ିଶା, କେରଳ, ତାମିଲନାଡୁ, ଆନ୍ଧ୍ରରେ ବିରଳ ଖଣିଜ କରିଡର
- ୮୦୦ ଜିଲ୍ଲାରେ ଖୋଲିବ ଛାତ୍ରୀ ନିବାସ
- ଚାବାହାର ବନ୍ଦର ପ୍ରକଳ୍ପକୁ ବଜେଟ ଆବଣ୍ଟନ ବନ୍ଦ
- ଫ୍ୟୁଚର ଟ୍ରେଡିଂ ଉପରେ ଏସ୍‌ଟିଟି ବୃଦ୍ଧି
- ମହିଳାଙ୍କୁ ଆତ୍ମନିର୍ଭର କରିବା ପାଇଁ 'ସି-ମାର୍ଟ'
- କ୍ଲାଉଡ୍ କମ୍ପାନୀଙ୍କୁ ୨୧ ବର୍ଷ ପାଇଁ ଟିକସ ଛାଡ଼
- ପ୍ରବାସୀ ଭାରତୀୟଙ୍କ ସମ୍ପତ୍ତି ବିକ୍ରି ସମସ୍ୟାର ଅନ୍ତ
- ନଡ଼ିଆ, କାଜୁଚାଷୀଙ୍କ ପାଇଁ ସ୍ୱତନ୍ତ୍ର ସହାୟତା
- ସ୍ୱାସ୍ଥ୍ୟ ପର୍ଯ୍ୟଟନର ସମ୍ପ୍ରସାରଣ
- ବାଂଲାଦେଶକୁ କଟିଲା ସହାୟତା ରାଶି
- ପାଞ୍ଚ ବର୍ଷରେ ଯୋଡ଼ିହେବେ ୧ ଲକ୍ଷ ଆନୁଷଙ୍ଗିକ ସ୍ୱାସ୍ଥ୍ୟକର୍ମୀ
- ସ୍କୁଲ୍ ଓ କଲେଜରେ ଖୋଲିବ କଣ୍ଟେଣ୍ଟ୍ ଲ୍ୟାବ୍
- ବାୟୋ ଫାର୍ମା ଶକ୍ତି ମିଶନ୍ ପାଇଁ ୧୦ହଜାର କୋଟି

**ଶସ୍ତା**

ମଧୁମେହ ଏବଂ କର୍କଟ ଔଷଧ, ଚମଡ଼ା ଜୋତା, ମୋବାଇଲ୍ ଫୋନ୍ ଏବଂ ଇଭି ବ୍ୟାଟେରୀ, ଟିଭି, ମାଇକ୍ରୋଓଭେନ୍, ବିଦେଶ ଯାତ୍ରା, ସୋଲାର ସାମଗ୍ରୀ, ବାୟୋଗ୍ୟାସ୍ ମିଶ୍ରିତ ସିଏନଜି

**ମହଙ୍ଗା**

ମଦ, ସିଗାରେଟ୍, ବିଡ଼ି, କଫି, ଭେଣ୍ଡିଂ ମେସିନ୍

## ନିର୍ମାଣ ହେବ ୭ଟି ହାଇ-ସ୍ପିଡ୍ ରେଲ କରିଡର୍

# ଓଡ଼ିଶାକୁ ଉପେକ୍ଷା

■ ନୂଆଦିଲ୍ଲୀ, ୧।୨ (ସମିସ): ଆଗାମୀ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀ ସଂସଦରେ ଆଗତ କରିଥିବା ବଜେଟରେ ରେଲବାଇ ନିମନ୍ତେ ବରାଦ କରିଛନ୍ତି ୨.୯୩ ଲକ୍ଷ କୋଟି ଟଙ୍କା। ଗତ ଆର୍ଥିକବର୍ଷ ୨୦୨୫-୨୬ ବଜେଟରେ ରେଲବାଇ ପାଇଁ ୨.୫୨ ଲକ୍ଷ କୋଟି ଟଙ୍କା ଆବଣ୍ଟନ ହୋଇଥିବା ବେଳେ ଚଳିତ ବଜେଟରେ ରେଲବାଇକୁ ଅଧିକ ୪୧ ହଜାର କୋଟି ଟଙ୍କା ମିଳିଛି। ଏ ପର୍ଯ୍ୟନ୍ତ ରେଲବାଇକୁ ବଜେଟ୍‌ରେ ହୋଇଥିବା ବରାଦ ତୁଳନାରେ ଚଳିତ ବର୍ଷ ସର୍ବାଧିକ ଅନୁଦାନ ମିଳିବ ବୋଲି ବଜେଟରେ କୁହାଯାଇଛି। ବଜେଟରେ ଓଡ଼ିଶା ପାଇଁ ସେଭଳି କିଛି ବ୍ୟବସ୍ଥା କରାଯାଇ ନାହିଁ। ଅନ୍ୟ ରାଜ୍ୟ ତୁଳନାରେ ଉପେକ୍ଷା କରାଯାଇଛି।

**ରେଲବାଇ ବରାଦ ୪୧ ହଜାର କୋଟି ବୃଦ୍ଧି**



ଅର୍ଥମନ୍ତ୍ରୀ ୨୦୨୬-୨୭ ବଜେଟରେ ଏକ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ସଂଯୋଗ ଏବଂ ଭିତ୍ତିଭୂମି ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ଚେନ୍ନାଇ, ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦକୁ ସଂଯୋଗ କରୁଥିବା ଏକ ଦକ୍ଷିଣ ତ୍ରିଭୁଜ ମଧ୍ୟ ବିକଶିତ କରାଯିବ। ବଜେଟରେ ଏକ ନୂତନ ସମର୍ପିତ ମାଲ ପରିବହନ କରିଡର ଘୋଷଣା କରାଯାଇଛି, ଯାହା ମାଲ ପରିବହନକୁ ଦ୍ରୁତ, ଶସ୍ତା ଏବଂ ଅଧିକ ଦକ୍ଷ କରିବ। ସୁରତ (ଗୁଜରାଟ) ରୁ ଡାଙ୍କୁନି (ପଶ୍ଚିମବଙ୍ଗ) ପର୍ଯ୍ୟନ୍ତ ଏକ ନୂତନ ସମର୍ପିତ ମାଲ ପରିବହନ କରିଡର ନିର୍ମାଣ ପାଇଁ ବଜେଟ୍‌ରେ ପ୍ରସ୍ତାବ ରହିଛି। ଏହି ନୂତନ ପୂର୍ବ-ପଶ୍ଚିମ କରିଡର ଶିଳ୍ପ କେନ୍ଦ୍ରଗୁଡ଼ିକୁ ସିଧାସଳଖ ବନ୍ଦର ସହିତ ସଂଯୋଗ କରିବ। ଯାହାଦ୍ୱାରା ମାଲ ପରିବହନ ଖର୍ଚ୍ଚ ହ୍ରାସ ହେବା ସହ ଗତି ବୃଦ୍ଧି ହେବ। ପଶ୍ଚିମବଙ୍ଗ ଓ ଗୁଜରାଟ ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇବ।

ଅନ୍ୟପକ୍ଷରେ ଅର୍ଥମନ୍ତ୍ରୀ ପରିବେଶ ଅନୁକୂଳ ଯାତ୍ରୀ ପରିବହନକୁ ପ୍ରୋତ୍ସାହିତ କରିବା ପାଇଁ ଯୋଜନା କରିଛନ୍ତି। ଏଥିରେ ପ୍ରମୁଖ ସହରାଞ୍ଚଳ ଏବଂ ଆର୍ଥିକ କେନ୍ଦ୍ରଗୁଡ଼ିକ ମଧ୍ୟରେ ୭ଟି ହାଇ-ସ୍ପିଡ୍ ରେଲ କରିଡର ବିକାଶର ପ୍ରସ୍ତାବ ଦିଆଯାଇଛି। ଏହି କରିଡରଗୁଡ଼ିକ ସଂଯୋଗୀକରଣ ଭାବରେ କାର୍ଯ୍ୟ କରିବ, ଯାତ୍ରା ସମୟ ହ୍ରାସ କରିବ, ଅଙ୍ଗାରକ ନିର୍ଗମନ ହ୍ରାସ କରି ଆଞ୍ଚଳିକ ବିକାଶକୁ ସମର୍ଥନ କରିବ ବୋଲି ଅର୍ଥମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଏଥିରେ ରହିଛି ମୁମ୍ବାଇ-ପୁନେ, ପୁନେ-ହାଇଦ୍ରାବାଦ, ହାଇଦ୍ରାବାଦ-ବେଙ୍ଗାଲୁରୁ, ହାଇଦ୍ରାବାଦ-ଚେନ୍ନାଇ, ଚେନ୍ନାଇ-ବେଙ୍ଗାଲୁରୁ, ଦିଲ୍ଲୀ-ବାରାଣସୀ ଓ ସିଲିଗୁଡ଼ି-ବାରାଣସୀ କରିଡ଼ର।

▶ପୃଷ୍ଠା-୭

## ସଂସ୍କାର ଏକ୍ସପ୍ରେସ୍‌କୁ ଗତି ଦେବ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ବଜେଟ୍‌କୁ ଐତିହାସିକ ଏବଂ ଯୁବ ଶକ୍ତି ଦ୍ୱାରା ପରିଚାଳିତ ବଜେଟ୍ ବୋଲି ଅଭିହିତ କରିଛନ୍ତି। ଏହା ସୁଯୋଗର ମାର୍ଗକୁ ପ୍ରଶସ୍ତ କରିବ ଏବଂ ସଂସ୍କାର ଏକ୍ସପ୍ରେସକୁ ନୂଆ ଗତି ଦେବ। ଏହି ବଜେଟ ବର୍ତ୍ତମାନର ସ୍ୱପ୍ନକୁ ସାକାର ଏବଂ ଭାରତର ଉଜ୍ଜ୍ୱଳ ଭବିଷ୍ୟତକୁ ମଜବୁତ କରୁଛି। ଏହା ଦକ୍ଷତା, ପରିମାଣ ଓ ସ୍ଥିରତାକୁ ସୁଦୃଢ଼ କରିବାର ଏକ ପ୍ରୟାସ। ନାଗରିକମାନେ ହେଉଛନ୍ତି ସବୁଠାରୁ ବଡ଼ ସମ୍ପତ୍ତି। ଏହି ବଜେଟ ମାଧ୍ୟମରେ ସେମାନଙ୍କ ମଧ୍ୟରେ ନିବେଶ କରାଯାଇଛି। ବଜେଟ ବିକଶିତ ଭାରତ ପାଇଁ ସୁଦୃଢ଼ ମୂଳଦୁଆ ରଖିଛି। ଏହି ବଜେଟ୍ ବିକଶିତ ଭାରତ ଲାଗି ଏକ ରୋଡମ୍ୟାପ୍ ଏବଂ ଏହା ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ।

## ଅଭିବୃଦ୍ଧିମୂଳକ ଓ ଐତିହାସିକ



୨୦୨୬-୨୭ର କେନ୍ଦ୍ର ବଜେଟ୍ ଅଭିବୃଦ୍ଧିମୂଳକ ଓ ଐତିହାସିକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବଜେଟ ଉପରେ ପ୍ରତିକ୍ରିୟା ରଖି ସେ କହିଛନ୍ତି, ସମାଜର ସବୁ ବର୍ଗର ଲୋକଙ୍କ ଅଭିବୃଦ୍ଧି ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି। ଯୁବ ଶକ୍ତିର ବିକାଶ ଉପରେ ସ୍ୱତନ୍ତ୍ର ଫୋକସ୍ ରହିଛି। ଏହି କେନ୍ଦ୍ର ବଜେଟରେ ଓଡ଼ିଶା ପାଇଁ ଅନେକ ପଦକ୍ଷେପ ଘୋଷଣା କରିଥିବାରୁ ଆମେ ଭାରତ ସରକାରଙ୍କ ନିକଟରେ କୃତଜ୍ଞ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଚଳିତ ବଜେଟ୍‌ରେ ଥିବା ପ୍ରାବଧାନ ଗୁଡିକ ସମୃଦ୍ଧ ଓଡ଼ିଶା - ବିକଶିତ ଭାରତର ଲକ୍ଷ୍ୟକୁ ହାସଲ କରିବାରେ ସହାୟକ ହେବ। ସବୁ ଦୃଷ୍ଟିକୋଣରୁ ଏହା ଏକ ଐତିହାସିକ ବଜେଟ୍ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ବଜେଟ ସମସ୍ତଙ୍କୁ ନିରାଶ କରିଛି



କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ ଆଗତ କରିଥିବା ବେଳେ ଏନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। କେନ୍ଦ୍ର ସରକାରଙ୍କ ଦ୍ୱାରା ଉପସ୍ଥାପିତ ବଜେଟ ସମସ୍ତଙ୍କୁ ନିରାଶ କରିଛି ବୋଲି ସେ କହିଛନ୍ତି। ବଜେଟରେ ଓଡ଼ିଶା ଏବଂ ଏହାର ଲୋକଙ୍କୁ କୌଣସି ଉଲ୍ଲେଖନୀୟ ଲାଭ ପ୍ରଦାନ କରାଯାଇ ନାହିଁ। ଓଡ଼ିଶାବାସୀଙ୍କ ଆଶା ଥିଲା ଯେ ଡବଲ ଇଞ୍ଜିନ୍ ସରକାର ଭିତ୍ତିଭୂମି, ନିଯୁକ୍ତି ସୃଷ୍ଟି ଏବଂ ରାଜ୍ୟ ପାଇଁ ଅତିରିକ୍ତ ଆବଣ୍ଟନ ଉପରେ ଧ୍ୟାନ ଦେଇ ଅଭିବୃଦ୍ଧି ଗତି ପ୍ରଦାନ କରିବ। କିନ୍ତୁ ଏଥିରୁ ରାଜ୍ୟକୁ ବହୁତ କମ୍ ମିଳିଛି ବୋଲି ନବୀନ ଉଦବେଗ ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରି

▶ପୃଷ୍ଠା-୭

**ବଜେଟ୍‌ରେ ଟ୍ରେଡର୍‌ଙ୍କୁ 'ଏସ୍‌ଟିଟି' ଝଟ୍‌କା**

# ମାଟି କାମୁଡ଼ିଲା ସେୟାର୍ ବଜାର

■ ନୂଆଦିଲ୍ଲୀ, ୧।୨ (ସମିସ): ଏଥରର ବଜେଟ୍ ଭାରତୀୟ ସେୟାର୍ ବଜାରକୁ ସଂପୂର୍ଣ୍ଣ ଭାବେ ନିରାଶ କରିଛି। ଗତଥର ଦୀର୍ଘକାଳୀନ ପୁଞ୍ଜିଗତ ଲାଭ (ଏଲ୍‌ଟିସିଜି) ଓ ଛୋଟ ଅବଧି ଜନିତ ପୁଞ୍ଜିଗତ ଲାଭ(ଏସ୍‌ଟିସିଜି)ରେ ସରକାର ଟିକସ ବୃଦ୍ଧି କରିଥିଲେ। ଚଳିତ ବଜେଟ୍‌ରେ ଏଥିରେ କିଛି ମାତ୍ରାରେ ରିହାତି ମିଳିବ ବୋଲି ପୂରା ବଜାର ଆଶାୟୀ ଥିଲା। କିନ୍ତୁ ରିହାତି ତ ଦୂରର କଥା, ଓଲଟି ସରକାର ଡେରିଭେଟିଭ୍ସ ବଜାର ଅର୍ଥାତ୍ ଫ୍ୟୁଚର୍ସ ଏବଂ ଅପ୍ସନ୍ (ଏଫ୍‌ଏନ୍‌ଓ) ଉପରେ ଲାଗୁ ହେଉଥିବା ସୁରକ୍ଷା କାରବାର ଟିକସ(ଏସ୍‌ଟିଟି)ରେ ଯଥେଷ୍ଟ ଟିକସ ବୃଦ୍ଧି ପ୍ରସ୍ତାବ ଦେଇଛନ୍ତି। ଏହା ବଜାରକୁ ନିରାଶ କରିଛି ଏବଂ ଏହାର ପ୍ରଭାବ ଆଜି ବଜାରରେ ସ୍ପଷ୍ଟ ଅନୁଭୂତ ହୋଇଛି। ଉଭୟ ନିଫ୍ଟି-୫୦ ଓ ସେନସେକ୍ସରେ ଆଜି ଏହାର ବଡ଼ ପ୍ରଭାବ ଦେଖିବାକୁ ମିଳିଛି। ଦିନିକିଆ କାରବାର ବେଳେ ଏକସମୟରେ ସେନ୍‌ସେକ୍ସ ୨୮୨୭ ପଏଣ୍ଟ ହ୍ରାସ ପାଇଥିଲା। ଏହା ଉଭୟ ନିବେଶକ ଓ ଟ୍ରେଡର୍‌ଙ୍କୁ ଭୟଭୀତ କରାଇଥିଲା। ତେବେ କାରବାର ଶେଷ ବେଳକୁ ପଏଣ୍ଟରେ ସାମାନ୍ୟ ବୃଦ୍ଧି ଦେଖାଦେଇଥିଲା। ସେନସେକ୍ସରେ ୨.୨୩ ପ୍ରତିଶତ ଅର୍ଥାତ୍ ୧୮୪୩ପଏଣ୍ଟ ହ୍ରାସ ପାଇ ୮୦,୭୨୨.୯୪ରେ କାରବାର ବନ୍ଦ ହୋଇଥିଲା।



ସେହିପରି ନିଫ୍ଟି-୫୦ରେ ମଧ୍ୟ ୫୯୩.୪୫ ପଏଣ୍ଟ ତଥା ୨.୩୩% ହ୍ରାସ ଘଟିଛି। ଏହା ୨୪,୮୨୫.୪୫ ପଏଣ୍ଟରେ କାରବାର ଶେଷ କରିଛି। ଏସ୍‌ଟିଟିରେ ବୃଦ୍ଧି ବିଶେଷକରି ଟ୍ରେଡର୍‌ଙ୍କୁ ବଡ଼ ଝଟ୍‌କା ବୋଲି କୁହାଯାଉଛି। ପୁଞ୍ଜିବଜାରରେ ଫ୍ୟୁଚର୍ସ ଓ ଅପସନ୍ କଣ୍ଟ୍ରାକ୍ଟସରେ କାରବାର ହୋଇଥାଏ। ଧରାଯାଉ ଯେ ନିଫ୍ଟି ଫ୍ୟୁଚର୍ସର ଗୋଟିଏ ଲଟ୍‌ର ମୂଲ୍ୟ ୨ଲକ୍ଷ ଟଙ୍କା। ପୂର୍ବ ନିୟମ ଅନୁଯାୟୀ, ଟ୍ରେଡର୍‌ଙ୍କୁ ଏଥିପାଇଁ ୦.୦୨% ହାରରେ ଏସ୍‌ଟିଟି କରରେ କେବଳ ୪୦ ଟଙ୍କା ଦେବାକୁ ପଡୁଛି। ନୂତନ ବଜେଟ୍ ପ୍ରସ୍ତାବ ପରେ ବର୍ତ୍ତମାନ ଏହି କର ୦.୦୫%କୁ ବୃଦ୍ଧି ପାଇଛି। ଏହାର ଅର୍ଥ ହେଉଛି ସେହି ୨ ଲକ୍ଷ ଲଟ୍ ଉପରେ ଟ୍ରେଡର୍‌ଙ୍କୁ ଏବେ ୧୦୦ ଟଙ୍କା ଟିକସ ଦେବାକୁ ପଡ଼ିବ। ସରଳ ଭାବେ କହିବାକୁ ଗଲେ, ପ୍ରତ୍ୟେକ ଫ୍ୟୁଚର୍ସ ଲଟ୍ ପାଇଁ ବର୍ତ୍ତମାନ ଅତିରିକ୍ତ ୬୦ ଟଙ୍କା ଗଣିବେ ଟ୍ରେଡର୍।

ପୁଞ୍ଜିବଜାରରେ ବଢ଼ୁଥିବା ଟ୍ରେଡିଂକୁ ନିୟନ୍ତ୍ରଣ କରିବା ଏବଂ ଖୁଚୁରା ନିବେଶକମାନଙ୍କୁ ବିପଦପୂର୍ଣ୍ଣ କାରବାରରୁ ରକ୍ଷା କରିବା ଏହି ପଦକ୍ଷେପର ପ୍ରାଥମିକ ଉଦ୍ଦେଶ୍ୟ ବୋଲି କୁହାଯାଉଛି। ଖୁଚୁରା ନିବେଶକମାନେ ଏହି ଫ୍ୟୁଚର୍ ଓ ଅପସନ୍ ଟ୍ରେଡିଂରେ ବିପୁଳ କ୍ଷତି ସହୁଛନ୍ତି।

▶ପୃଷ୍ଠା-୭

## ବାଲେଶ୍ୱର ଲାୟନ୍ସ କ୍ଲବର ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ବାଲେଶ୍ୱର,୧।୨(ସମିସ): ବାଲେଶ୍ୱର ଲାୟନ୍ସ କ୍ଲବ ପକ୍ଷରୁ ମଧୁମେହ (ଡାଇବେଟ୍ସ) ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସ୍ଥାନୀୟ ଫାଣ୍ଡିଛକ ଠାରେ ଅନୁଷ୍ଠିତ ହୋଇଯାଇଛି। ଦେଶର ଅଗ୍ରଣୀ ଔଷଧ ପ୍ରସ୍ତୁତକାରୀ ସଂସ୍ଥା ୟୁଏସଭି ଫାର୍ମାସ୍ୟୁଟିକାଲ୍ସ ସହଯୋଗ ଆୟୋଜିତ ଏହି ଶିବିରରେ ପଥଚାରୀଙ୍କୁ ମଧୁମେହ ରୋଗକୁ ନେଇ ସଚେତନତା ସୃଷ୍ଟି ସହ ରକ୍ତ ପରୀକ୍ଷା ମାଧ୍ୟମରେ ସେମାନଙ୍କ ରୋଗ ଚିହ୍ନଟ କରାଯାଇଥିଲା। ବାଲେଶ୍ୱର ସହକାରୀ ଆରକ୍ଷୀ ଅଧୀକ୍ଷକ ମନିଷା ସୌଗୁନ ଓ ଆଇପିଏସ ପ୍ରୋବେସନର ମଞ୍ଜୁଷା ବି ଜର୍ଜ ମିଳିତ ଭାବେ ଏହି ଶିବିରକୁ ଉଦଘାଟନ କରିଥିଲେ। ସହଦେବଖୁଣ୍ଟା ଥାନା ଆଇଆଇସି ବିଗଂଚି ନାରାୟଣ ସାହୁ ଏହି ଅବସରରେ ଉପସ୍ଥିତ ଥିଲେ। ବାଲେଶ୍ୱର ଲାୟନ୍ସ କ୍ଲବ ସଭାପତି ଶିବୁ ପୋଦାର ଏହି ଏଥିରେ ପୌରହିତ୍ୟ କରିବା ସହିତ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବାଲେଶ୍ୱର ସମ୍ପାଦକ ବିଷ୍ଣୁ ପ୍ରସାଦ ମାରୁ ଓ କୋଷାଧ୍ୟକ୍ଷ ଶ୍ୟାମ ଖଣ୍ଡେଲୱାଲଙ୍କ ସମେତ ସୁନୀଲ ମୋଦି, ବିଜୟ ଖଣ୍ଡେଲୱାଲ, ଅଶୋକ ଖଣ୍ଡେଲୱାଲ, କମଲ ମୋଦି, ରାଜ କୁମାର ଖଣ୍ଡେଲୱାଲ, ରଜେନ୍ଦ୍ର ମହାବାର, ନିତିନ ଭରଦ୍ୱାଜ, ଚନ୍ଦ୍ର ପ୍ରକାଶ ଭରତିଆ ପ୍ରମୁଖ ସଦସ୍ୟ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଥିବା ଚରଣ ହେମ୍ବ୍ରମଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର,୧।୨(ସମିସ): ରେମୁଣା ଗୋଲେଇ ନିକଟସ୍ଥ ଦଧିବାମନ ନଗରର ସ୍ଥିତ କୋଶମ୍ବ ମେଳା ପଡ଼ିଆ ପରିସରରେ ନୂଆ ବାଲେଶ୍ୱର ଉନ୍ନୟନ ପରିଷଦ ପକ୍ଷରୁ ୨୦୨୬ ପାଇଁ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ହୋଇଥିବା ଚରଣ ହେମ୍ବ୍ରମଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ପରିଷଦ ସଭାପତି ଭଗବାନ ଦାସ ଖଣ୍ଡେଲୱାଲଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସମ୍ପାଦକ ଶିଳ୍ପୀ କେଶୁଦାସ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ କରିଥିଲେ। ପଦ୍ମଶ୍ରୀ ଚରଣ ହେମ୍ବ୍ରମ ତାଙ୍କ ବକ୍ତବ୍ୟରେ ନୂଆ ବାଲେଶ୍ୱର ଉନ୍ନୟନ ପରିଷଦକୁ ପ୍ରଶଂସା କରିବା ସହ ତାଙ୍କ ନିରାଡ଼ମ୍ବର ଜୀବନ, ଉତ୍ସର୍ଗୀକୃତ ଭାବେ ସାନ୍ତାଳୀ ଅଲଚିକି ଭାଷା, ସାହିତ୍ୟ ଓ ସାନ୍ତାଳୀ ନୃତ୍ୟଗୀତର ସେବା କରିବା ବିଷୟରେ କହିଥିଲେ। ଏହି ସଭାରେ ଉପସଭାପତି ସୋମନାଥ ବିଶ୍ୱାଳ, କମଳ ବିହାରୀ ଦାସ, ଉମାକାନ୍ତ ବେହେରା, ମୁରଲୀଧର ଦାଶ, ମନୋଜ ନାୟକ, ବଳଭଦ୍ର ଶତପଥୀ, ଗଗନ ଗିରି, ବିଶ୍ୱନାଥ ରଣା, ରତିକାନ୍ତ ବେହେରା, ଉମେଶ ଦତ୍ତ, ସୁଶାନ୍ତ ମହାନ୍ତି, ସୁଶାନ୍ତ ପାତ୍ର, ଅଶୋକ ମଲ ପ୍ରମୁଖ ଉପସ୍ଥିତ ହୋଇ ସମ୍ବର୍ଦ୍ଧିତ କରିଥିଲେ। କୋଶମ୍ବିନୀର ମୁଖ୍ୟ ସମ୍ପାଦକ ସୁବାସ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀଜଗନ୍ନାଥ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ




ବାଲେଶ୍ୱର,୧।୨(ସମିସ): ସିନ୍ଦୂରୀସ୍ଥିତ ଶ୍ରୀଜଗନ୍ନାଥ ପବ୍ଲିକ ସ୍କୁଲର ପଂଚଦଶ ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସାମ୍ବାଦିକ ଚିତରଂଜନ ଚିରଞ୍ଜିତ ଯୋଗ ଦେଇ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସହିତ ପ୍ରତିବଦ୍ଧତା ଓ ସୃଜନଶୀଳତାକୁ ଅଧିକ ଗୁରୁତ୍ୱ ଦେବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ କବି ପ୍ରଶାନ୍ତ ଦାସ ଏବଂ ଅନ୍ୟତମ ଅତିଥି ଭାବେ ସହକାରୀ ବ୍ଲକ ଶିକ୍ଷାଧିକାରୀ ଶୁଭେନ୍ଦୁ କୁମାର ତ୍ରିପାଠୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଗଠନ କରିବାରେ ଅଭିଭାବକ ତଥା ଶିକ୍ଷକ,ଶିକ୍ଷୟିତ୍ରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଅନୁଷ୍ଠାନର ଉପସଭାପତି କବି ଶ୍ରୀ ଦେବ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବା ବେଳେ ପ୍ରତିଷ୍ଠାତା ଭାସ୍କରଚନ୍ଦ୍ର ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦିକା ଜୟନ୍ତୀ ପାଣିଗ୍ରାହୀ ସ୍କୁଲର ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମଂଚାସୀନ ଥିବା ବେଳେ ସ୍କୁଲର ଅଧକ୍ଷା ସରୋଜିନୀ ମିଶ୍ର ଧନ୍ୟବାଦ ଦେଇଥିଲେ।

### ବାଲେଶ୍ୱରବାସୀଙ୍କ ବଜେଟ ପ୍ରତିକ୍ରିୟା

# 'ଆଖିଦୃଶିଆ ହୋଇନି କେନ୍ଦ୍ରୀୟ ବଜେଟ୍'

**ବାଲେଶ୍ୱର,୧।୨(ସମିସ): ରବିବାର ଦିନ ମୋଦି ସରକାରଙ୍କ ବଜେଟ୍ ଆଗତ ହୋଇଛି। ପ୍ରଥମ ଥର ପାଇଁ ରବିବାର ଦିନ ୨୦୨୬-୨୭ ଆର୍ଥିକ ବର୍ଷ ବଜେଟ ଆଗତ କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ଆଗତ ବଜେଟ୍‌କୁ ନେଇ ବାଲେଶ୍ୱରବାସୀଙ୍କ ମତାମତକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।**



ଏହା ଏକ ସନ୍ତୁଳିତ ବଜେଟ। ବିଶେଷକରି ମହିଳା ଓ ଯୁବବର୍ଗଙ୍କୁ ପ୍ରାଧାନ୍ୟ ଦିଆଯାଇଛି। ଯେଉଁମାନେ ନିବେଶ ବଜାରକୁ ଟ୍ରେଡିଙ୍ଗ୍ କରୁଛନ୍ତି ସରକାର ତାହାକୁ ରୋକ୍ କରିବା ପାଇଁ ଏସ୍‌ଟିଟି ବୃଦ୍ଧି କରାଯାଇଛି। ଅର୍ଥାତ୍ ଯେଉଁମାନେ ନିବେଶ ବଜାରକୁ ଜୁଆ ଆକାରରେ ଖେଳୁଛନ୍ତି ତାହାକୁ ହ୍ରାସ କରିବା ପାଇଁ ସରକାର ଟାକ୍ସ ବଢ଼ାଇଛନ୍ତି। ଏହାବ୍ୟତୀତ ଲମ୍ବା ସମୟ ପାଇଁ ସେୟାର ନିବେଶକଙ୍କ ନିମନ୍ତେ ଟେକ୍ସ କମାଇବା ଉଚିତ୍ ଥିଲା। ନିବେଶକ ଏହା ଆଶା କରୁଥିଲେ ହେଲେ ଏହା ବଜେଟ୍‌ରେ ନାହିଁ।

*କୁମାର ପ୍ରତୀକ, ସିଏ ଏବଂ ଆଇନ ଛାତ୍ର*



ବଜେଟରେ ଆୟକର ସ୍ଲାବ ଅପରିବର୍ତ୍ତିତ ରହିଲା। କୌଣସି ବିଶେଷ ଘୋଷଣା ହେଲା ନାହିଁ। ଅନ୍ୟାନ୍ୟ ସୁବିଧା ହୋମ ଲୋନ ସୁଧ ଉପରେ ରିହାତି ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ। ଔଷଧ ଓ ମେଡିକାଲ ଉପକରଣରେ ଡ୍ୟୁଟି ହ୍ରାସ, ଶସ୍ତା ହେବାର ସୁବିଧା ଓ ସମ୍ପତି କର ଏଲ୍ ଟି ସି ଜି ୧୨.୫ପ୍ରତିଶତ, ୧.୨୫ ଲକ୍ଷ ମୁକ୍ତି ଏସ୍ ଟି ସି ଜି ୨୦ ପ୍ରତିଶତ ଦୀର୍ଘ କାଳୀନ ନିବେଶକଙ୍କ ଲାଭ। ଏହା ଦ୍ୱାରା ଖର୍ଚ୍ଚ ହ୍ରାସ, ସଞ୍ଚୟ ବୃଦ୍ଧି ମଧ୍ୟମ ବର୍ଗ ବିଶିଷ୍ଟଙ୍କୁ ବେଶ ସହାୟକ।

*ବ୍ରଜକିଶୋର ପ୍ରଧାନ, ଜେନେରାଲ ସେକ୍ରେଟାରୀ, ଅବସରପ୍ରାପ୍ତ ସର୍ବଭାରତୀୟ କର୍ମଚାରୀ ଅଧିକାରୀ ଆସୋସିଏସନ୍*



ଆଗତ ହୋଇଥିବା କେନ୍ଦ୍ର ବଜେଟ ସାମଗ୍ରିକ ଭାବରେ ଠିକ୍ ଅଛି। କିନ୍ତୁ ଟିକସ ଗଠନରେ, ଯଦି ସ୍ୱାମୀ ଏବଂ ସ୍ତ୍ରୀ ସ୍ୱନିଯୁକ୍ତ, ତେବେ ଜଣଙ୍କୁ ଟିକସରୁ ମୁକ୍ତ କରାଯିବା ଉଚିତ। ଯାହା ବଜେଟ୍‌ରେ ରଖାଯାଇନାହିଁ। ଏହାବ୍ୟତୀତ ବଜେଟ୍ ରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଏକ ଆବଶ୍ୟକୀୟ ଏବଂ ଦୀର୍ଘକାଳୀନ ଯୋଜନା ମଧ୍ୟ ରହିବାର ଆବଶ୍ୟକତା ରହିଛି। ଏ ବାବଦରେ ବଜେଟ୍ କିଛି ନାହିଁ।

*ବିନୟ କୁମାର ସେନାପତି, ଡ୍ରଗ୍ସ ଅଫିସ ଆସିଷ୍ଟାଣ୍ଟ*



ବଜେଟ ଆଗତ ପରେ ବମ୍ବେର ସେୟାର ଦଲାଲ ମାର୍କେଟ ଏହାକୁ ଶୁଭଙ୍କର ବୋଲି ଗ୍ରହଣ କରି ପାରିନଥିବାରୁ ବଜାରରେ ହଠାତ ନିଆଁ ଲାଗି ଦୁଇ ହଜାର ପଏଣ୍ଟ ଖସି ଯାଇ ବହୁ ନିବେଶକାରୀଙ୍କୁ ଘାଟାରେ ପକାଇ ଦେଇଛି। ଭାରତର ଅର୍ଥନୈତିକମାନେ ତେଣୁ ଏହାକୁ ଭଲ ବଜେଟ ଭାବେ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି। ଏହି ବଜେଟରେ ଜୋତା, ଚମଡା ଜାତ ପଦାର୍ଥ, ଚମଡା ବ୍ୟାଗ, ସୋଲାର ସାମଗ୍ରୀ, ମୋବାଇଲ ବ୍ୟାଟେରି, ମାଇକ୍ରୋ ଓଭେନ, ଖେଳ ସାମଗ୍ରୀ, କିଛି ଔଷଧ, ବିଶେଷ କରି ୧୭ ପ୍ରକାର ମଧୁମେହ ଓ କେନ୍ସର ଔଷଧ ଶସ୍ତା କରି ସାଧାରଣ ବର୍ଗର ଲୋକଙ୍କ ପାଇଁ ଏକ ଆଶ୍ୱସ୍ତି ସରକାର ଆଣିବାକୁ ଯାଉଛନ୍ତି। ହେଲେ ଆୟକର ଟିକସର କିଛି ବି ବଡ଼ ପରିବର୍ତ୍ତନ ହୋଇନାହିଁ।

*ଉଦୟ ନାରାୟଣ ଦାସ, ଗାଳ୍ପିକ*



ଚଳିତ ବଜେଟ ଓଡ଼ିଶା ବାସୀଙ୍କୁ ସମ୍ପୂର୍ଣ୍ଣ ଭାବେ ନିରାଶ କରିଛି। ବିଜେପି ସରକାର ଓଡ଼ିଶାର ଖଣିଜ ସମ୍ପଦକୁ ଉତ୍ତୋଳନ କରିବା ପାଇଁ ଯେତିକ ତତ୍ପର ହେଉଛନ୍ତି ଅପରପେକ୍ଷ ଓଡ଼ିଶାର ଉନ୍ନତି ପାଇଁ ସେତିକି ମାତ୍ରାରେ ତତ୍ପର ହେଉ ନାହାନ୍ତି। ଏହାଛଡା ଦେଶରେ ୭ଟି ହାଇସ୍ପିଡ ରେଲୱେ କରିଡର ନିର୍ମାଣ କରାଯିବ। ହେଲେ ଏଥିରେ ଓଡ଼ିଶାର କୌଣସି ସ୍ଥାନ ନାହିଁ। ଏହାଛଡା ପର୍ଯ୍ୟଟନ ହେଉ କିମ୍ବା କୌଣସି ତୀର୍ଥ ସ୍ଥଳୀର ଉନ୍ନତି କରଣ ପାଇଁ ଓଡ଼ିଶାରେ ସେମିତି କିଛି ଆଖିଦୃଶିଆ ସ୍ଥାନ ପାଇ ନାହିଁ। ମୋଟାମୋଟି ଭାବେ କହିବାକୁ ଗଲେ ଏହି ଚଳିତ ବଜେଟ ଆଖିଦୃଶିଆ ହୋଇ ନାହିଁ।

*ସ୍ୱରୂପ କୁମାର ଦାସ, ପୂର୍ବତନ ସଦର ବିଧାୟକ*

ଚଳିତ ବଜେଟରେ ଓଡ଼ିଶା ପରିପ୍ରେକ୍ଷୀରେ ସେମିତି କିଛି ଆଖି ଦୃଶିଆ ନାହିଁ। ଏପରିକି କୌଣସି ନୂଆ ଆଶା ମଧ୍ୟ ନାହିଁ। ଯୁବକ ଭାବେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ରୋଜଗାର ଉପରେ କୌଣସି ପ୍ରକାର ପ୍ରାଧାନ୍ୟ ପ୍ରଦାନ କରାଯାଇ ନାହିଁ। ଏପରିକି ଯୁବକମାନଙ୍କ ରୋଜଗାର ଉପରେ କୌଣସି ପ୍ରକାର ସ୍ୱତନ୍ତ୍ର ପ୍ରଦାନ କରାଯାଇ ନାହିଁ। ଏହାଛଡା କୃଷକ ହେଉଛନ୍ତି ଦେଶର ମେରୁଦଣ୍ଡ। ହେଲେ ସେମାନଙ୍କ ପାଇଁ ଏହି ବଜେଟରେ କୌଣସି ପ୍ରକାର ସ୍ୱତନ୍ତ୍ର ଯୋଜନା ନାହିଁ।

*ତୁଷାରକାନ୍ତ ତପସୀ*

ଚଳିତ ବଜେଟ ମଧ୍ୟବିତ୍ତଙ୍କ ପାଇଁ ଉପଯୋଗୀ ହୋଇନଥିବା ବେଳେ ମୋଟାମୋଟି ଭାବେ ଚଳନୀୟ। ବିଶେଷ କରି ଚଳିତ ବଜେଟରେ ଓଡ଼ିଶା ପାଇଁ ସେମିତି କିଛି ଆଖି ଦୃଶିଆ ହୋଇ ନ ଥିବା ବେଳେ ତୀର୍ଥସ୍ଥଳୀ ଉପରେ ଗୁରୁତ୍ୱାରୋପ କରାଯାଇଛି। ବିଶେଷ କରି ବାଲେଶ୍ୱରରେ ବହୁ ତୀର୍ଥ ସ୍ଥଳୀ ରହିଥିବା ବେଳେ ତାହାର ଉନ୍ନତି କରାଯିବ କି ନାହିଁ ତା ମଧ୍ୟ ସନ୍ଦେହରେ। ଏହାଛଡା କୃଷକଙ୍କ ଉନ୍ନତି ପାଇଁ ଆଖି ଦୃଶିଆ ବ୍ୟବସ୍ଥା କରାଯାଇନଥିବା ବେଳେ ରୋଜଗାର ଉପରେ ମଧ୍ୟ ସେମିତି କିଛି ବ୍ୟବସ୍ଥା କରାଯାଇ ନାହିଁ।

*ଅନୀଲ କୁମାର ସାହୁ, ବ୍ୟବସାୟୀ*

## ବ୍ୟାସବିହାରରେ 'ଓଡ଼ିଶା ଦର୍ଶନ' ଦଳକୁ ସ୍ୱାଗତ




ବାଲେଶ୍ୱର,୧।୨(ସମିସ): ଓଡ଼ିଶା ଜାତୀୟ ସେବା ଯୋଜନା ଶାଖା ତରଫରୁ 'ଓଡ଼ିଶା ଦର୍ଶନ' କାର୍ଯ୍ୟକ୍ରମର ଚତୁର୍ଥ ଦଳର କାର୍ଯ୍ୟକ୍ରମ ଅଧିକାରୀ ଓ ସ୍ୱେଚ୍ଛାସେବୀଙ୍କୁ ଫକୀରମୋହନ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ ତରଫରୁ ସ୍ୱାଗତ ଓ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଦର୍ଶନ ଓ ଯୁବ ଭାବ ବିନିମୟ କାର୍ଯ୍ୟକ୍ରମ ସ୍ୱେଚ୍ଛାସେବୀ ମାନଙ୍କୁ ବିଭିନ୍ନ ଅଞ୍ଚଳର କଳା, ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଅବଗତ କରାଇବାର ଏକ ମୁଖ୍ୟ ମାଧ୍ୟମ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁଳପତି ଦଳ ମୁଖ୍ୟ ଦୁର୍ଗା ମାଧବ ଦାଶ, ଗୋଲକ ବିହାରୀ ସ୍ୱାଇଁ, ଅନୀଲ କୁମାର ପାତ୍ର, ଶ୍ରାବଣୀ ସାହୁ, କାସ୍ମିରା ମୁର୍ମୁ ଓ ଅନିଶା ପ୍ରମୁଖଙ୍କୁ ଉତ୍ତରୀୟ ସହ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଭିନନ୍ଦନ ଜଣାଇବା ସହିତ ସ୍ୱେଚ୍ଛାସେବୀ ମାନଙ୍କୁ ସ୍ୱାଗତ ଜଣାଇ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ମହାବିଦ୍ୟାଳୟ ଉନ୍ନୟନ ପରିଷଦର ନିର୍ଦ୍ଦେଶକ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲ, ମହାବିଦ୍ୟାଳୟ ଉନ୍ନୟନ ପରିଷଦ ଅଧିକାରୀ ପ୍ରଫେସର ପବିତ୍ର ମୋହନ ନାୟକ ଓ ଜାତୀୟ ସେବା ଯୋଜନା ବ୍ୟୁରୋର କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ 'ଓଡ଼ିଶା ଦର୍ଶନ' କାର୍ଯ୍ୟକ୍ରମର ସଦସ୍ୟ ମାନଙ୍କୁ ଉତ୍ସାହିତ କରିଥିଲେ। ଏନଏସଏସ ପ୍ରୋଗ୍ରାମ ଅଫିସର ଡ଼କ୍ଟର ପ୍ରତିମା ପ୍ରଧାନ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ପ୍ରାକ୍ତନ ଜିଲ୍ଲା ଅଧିକାରୀ ଗୌରାଙ୍ଗ ପଣ୍ଡା, କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀହରିଶଙ୍କର ପାଣିଗ୍ରାହୀ, ମୌସୁମୀ ଭୋଳ ଓ ଅଫିସ ସହାୟକ ତାପସ କୁମାର ପାତ୍ର ପ୍ରମୁଖ କ୍ଷେତ୍ରୀୟ ଭ୍ରମଣ କାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ କାର୍ଯ୍ୟକ୍ରମ ଅଧିକାରୀ ଡ଼. ଅଭୟ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ୨୬ ଜଣ, ନୟାଗଡ଼ରୁ ୪ ଜଣ, ପୁରୀରୁ ୫ ଜଣ, ଗଜପତିରୁ ୫ ଜଣ ସ୍ୱେଚ୍ଛାସେବୀ ଓ ୬ ଜଣ କାର୍ଯ୍ୟକ୍ରମ ଅଧିକାରୀ ଯୋଗ ଦେଇଥିଲେ। 'ଓଡ଼ିଶା ଦର୍ଶନ' କାର୍ଯ୍ୟକ୍ରମର ସଦସ୍ୟମାନେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସର, ରେମୁଣା କ୍ଷୀରଚୋରା ଗୋପୀନାଥ ମନ୍ଦିର, ଇମାମୀ ଜଗନ୍ନାଥ ମନ୍ଦିର, ଚାନ୍ଦିପୁର ବେଳାଭୂମି, ନୀଳଗିରି ଜଗନ୍ନାଥ ମନ୍ଦିର, ରାଜପ୍ରାସାଦ ଓ ପଞ୍ଚଲିଙ୍ଗେଶ୍ୱର ପ୍ରଭୃତି ସ୍ଥାନ ପରିଭ୍ରମଣ କରି ମୟୂରଭଞ୍ଜ ଅଭିମୁଖେ ଯାତ୍ରା କରିଥିଲେ। ଏଥିସହ ଚାନ୍ଦିପୁର ବେଳାଭୂମିରେ ସ୍ୱଚ୍ଛ ସାଗର ସୁରକ୍ଷିତ ସାଗର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ● ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର

## ନବନିର୍ମିତ ପିଣ୍ଡି ପୁଣି ହେଲା ମରାମତି

ବାଲେଶ୍ୱର,୧।୨(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜାନୁଆରୀ ୨୬ତାରିଖରେ ଜାତୀୟ ପତାକା ଉତ୍ତୋଳନ ପାଇଁ ଗତ୨୪ତାରିଖରେ ତରବରିଆ ଭାବେ ନୂଆ କରି ନିର୍ମାଣ କରାଯାଇଥିଲା ପିଣ୍ଡି। ହେଲେ ନିର୍ମାଣ ହେବାର ଦୁଇ ଦିନ ପରେ ଏହି ପିଣ୍ଡିରେ ଲାଗିଥିବା ରେଲିଂ ଗୁଡିକ ଭାଙ୍ଗିଯାଇ ଗଳିପଡ଼ିଥିଲା। ଆଜି ତାହାକୁ ଆଉଥରେ ମରାମତି କରାଯାଉଥିବା ଦେଖିବାକୁ ମିଳିଛି। ତେବେ ଗୋଟିଏ କାମକୁ କିଛି ଦିନ ଅନ୍ତରରେ ଦୁଇଥର ହେବା ନିଶ୍ଚିତ ହୋଇଛି। ସୂଚନା ଯୋଗ୍ୟ ଯେ,ଜିଲ୍ଲାପାଳଙ୍କ ପୁରୁଣା କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ ପାଇଁ ଏକ ଖମ୍ବ ଥିବା ବେଳେ ନୂଆ କାର୍ଯ୍ୟାଳୟରେ କୌଣସି ଖମ୍ବ ନ ଥିଲା। ତେବେ ତରବରିଆ ଭାବେ ଗତ ୨୪ତାରିଖରେ ଏହାର ନିର୍ମାଣ କାର୍ଯ୍ୟ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆରଏଣ୍ଡବି(୧) ବିଭାଗ ପକ୍ଷରୁ ଏହାର ନିର୍ମାଣ କାର୍ଯ୍ୟ ଜଣେ ଠିକାଦାର ବାସୁଦେବ ମହାନ୍ତିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଦୁଇଦିନ ମଧ୍ୟରେ ଏହି ପିଣ୍ଡି ନିର୍ମାଣ ହେବା ସମ୍ଭବ ପର ହୋଇନଥିବା ବେଳେ ତରବରିଆ ଭାବେ ଏହାର ନିର୍ମାଣ କରାଗଲା। ଯାହାଫଳରେ କାର୍ଯ୍ୟଟି ଅତ୍ୟନ୍ତ ନିମ୍ନ ମାନର ହୋଇଥିବା ବେଳେ ୨୮ ତାରିଖରେ ସେହି ପିଣ୍ଡିରେ ଟାଇଲ ଭାଙ୍ଗି ଯାଇଥିବା ବେଳେ ଲାଗିଥିବା ରେଲିଂ ଗଳି ପଡିଥିବା ଦେଖିବାକୁ ମିଳିଥିଲା।



## ରାସ୍ତାକାମରେ ଅନିୟମିତତା ଅଭିଯୋଗ

ସୋର,୧।୨(ସମିସ): ସୋର ବ୍ଲକ ପାଖର ପଞ୍ଚାୟତ ସରସ୍ୱତୀପୁର ଗ୍ରାମରେ ରାସ୍ତାକାମରେ ଅନିୟମିତତା ନେଇ ଜିଲ୍ଲାପରିଷଦ ସଦସ୍ୟ ଜୟରାମ ଦାସ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୂଳେ ସୋର ବ୍ଲକ ପାଖର ପଞ୍ଚାୟତ ସରସ୍ୱତୀପୁରଠାରେ ଏକ କଂକ୍ରିଟ ରାସ୍ତାକାମ ଚାଲୁଅଛି। ମାତ୍ର ଏଠାରେ ଜିଓ ଟେଗ୍ ଫଟୋ କିମ୍ବା ସୂଚନା ଫଳକ ନଥିବାରୁ ନିମ୍ନମାନର କାମ ହେଉଥିବା ନେଇ ଶ୍ରୀ ଦାସ ପୂର୍ବରୁ ସୋର ବିଡିଓ ଓ ଏଇଇଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ଏନେଇ ଆଜି ଜିଲ୍ଲାପରିଷଦ ସଦସ୍ୟ ଶ୍ରୀ ଦାସ ସୋର ବିଡିଓଙ୍କ ଜରିଆରେ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। କାମ ଆରମ୍ଭ ପୂର୍ବରୁ ସୂଚନା ଫଳକ ବାଧ୍ୟତାମୂଳକ ଥିବା ବେଳେ ଅନେକ ସ୍ଥାନରେ ସୁଚନା ଫଳକ ଲାଗିନଥିବା ମଧ୍ୟ ଅଭିଯୋଗ ହୋଇଛି। ତେଣୁ ଏଥିରେ ଦୁର୍ନୀତି ହେଉଥିବା ସ୍ପଷ୍ଟ ବାରିହେଇ ପଡୁଛି ବୋଲି ଶ୍ରୀ ଦାସ କହିଛନ୍ତି।

### ପ୍ରତିରକ୍ଷା ମଜଦୁର ସଂଘର ବାର୍ଷିକ ବନ୍ଧୁମିଳନ

# ଶ୍ରମିକଙ୍କ ସମସ୍ୟା ନିବାରଣ ନ ହେଲେ ଆନ୍ଦୋଳନ

ବାଲେଶ୍ୱର,୧।୨(ସମିସ)




ଚାନ୍ଦିପୁରସ୍ଥିତ ପିଏକ୍ସଇ, ଆଇଟିଆର, ଏମଇଏସ, ଇଏମୟୁ, ପିଏମୟୁ ପ୍ରଭୃତି ପ୍ରତିରକ୍ଷା ବିଭାଗର ସଂସ୍ଥାରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ନେଇ ଗଠିତ ପ୍ରତିରକ୍ଷା ମଜଦୁର ସଂଘର ବାର୍ଷିକ ବନ୍ଧୁ ମିଳନ ଉତ୍ସବ ଆୟୋଜିତ ହୋଇଯାଇଛି। ଏଥିରେ ସଂଘର ସଭାପତି ନିରଞ୍ଜନ ଦାସ ଅଧ୍ୟକ୍ଷତା କରିବା ସହିତ ବନ୍ଧୁ ମିଳନ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମସ୍ୟା ଘେରରେ ଜର୍ଜରିତ ପ୍ରତିରକ୍ଷା ବିଭାଗ ଅଧିନ ଠିକାଦାରଙ୍କ ମାଧ୍ୟମରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଏକତ୍ରିତ କରାଇ ସେମାନଙ୍କ ସମସ୍ୟା ସମ୍ପର୍କରେ ମତାମତ ଗ୍ରହଣ ଓ ସେଗୁଡିକର ନିରାକରଣ ଦିଗ ଉପରେ ଆଲୋଚନା ଏହିଭଳି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶ୍ରୀ ଦାସ କହିଥିଲେ। ସମ୍ପ୍ରତି ପ୍ରତିରକ୍ଷା ବିଭାଗର କର୍ତ୍ତୃପକ୍ଷ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ପାଇଁ ସେଠାକାର ବିଭିନ୍ନ ସଂସ୍ଥାରେ କାର୍ଯ୍ୟରତ ୩ହଜାରରୁ ଅଧିକ ଶ୍ରମିକ ନିର୍ଯ୍ୟାତନାର ଶିକାର ହେଉଛନ୍ତି। ଶ୍ରମିକମାନଙ୍କୁ ସର୍ବନିମ୍ନ ୨୬ ଦିନର କାର୍ଯ୍ୟ ବଦଳରେ ମାତ୍ର ୧୫ରୁ ୨୦ ଦିନ କାର୍ଯ୍ୟ ଦିଆଯାଉଛି। ଫଳରେ ଦୈନିକ ମଜୁରୀ ପାଇଁ ଚଳୁଥିବା ଶ୍ରମିକଟି ପାଇଁ ପରିବାର ପ୍ରତିପୋଷଣ କରିବା ଅତ୍ୟନ୍ତ କାଠିକର ପାଠ ହୋଇପଡୁଛି। ସେମାନଙ୍କୁ ଡ୍ରେସ, ଜୋତ, ହେଲମେଟ ଭଳି ସୁରକ୍ଷା ଉପକରଣ ଦିଆଯାଉନାହିଁ। ସେଥିପାଇଁ ସବୁ ସମୟରେ ଦୁର୍ଘଟଣାର ଭୟ ମଧ୍ୟରେ ଶ୍ରମିକମାନେ କାର୍ଯ୍ୟ କରିବାକୁ ବାଧ୍ୟ ହେଉଛନ୍ତି। ଠିକାଦାରମାନେ ଶ୍ରମିକମାନଙ୍କୁ କୌଣସି ପ୍ରକାର ବୋନସ ଅଥବା ଓଭରଟାଇମ ବାବଦ ଅର୍ଥ ଦେଉନାହାନ୍ତି। ଶ୍ରମିକମାନଙ୍କ ପାଇଁ ଜାତୀୟ ଦିବସରେ ମଧ୍ୟ କୌଣସି ଛୁଟି ନାହିଁ। ସେଥିରେ ପୁଣି କାମ କଲେ ଦରମା ପ୍ରଦାନ କରାଯାଉନାହିଁ। ଠିକାଦାରମାନେ ୫୮ ବର୍ଷ ପୂର୍ବରୁ ଶ୍ରମିକଙ୍କୁ ଛଟେଇ କରୁଥିବା ବେଳେ ସେମାନଙ୍କ ଇପିଏଫ ଓ ଇଏସଆଇ ସଠିକ ସମୟରେ ଜମା କରୁନାହାନ୍ତି। ସବୁଠାରୁ ବଡ କଥା ହେଲା ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଅନ୍ୟପକ୍ଷରେ ପୁରୁଣା ଶ୍ରମିକଙ୍କୁ ଅନ୍ୟାୟ ପୂର୍ଣ୍ଣ ଛଟେଇ କରି ମୋଟା ଅଙ୍କର ଉତ୍କୋଚ ନେଇ ନୂଆ ଯୁବକଙ୍କୁ ନିଯୁକ୍ତି ଦେଉଛନ୍ତି। ଏ ସମ୍ପର୍କରେ ବାଲେଶ୍ୱର ଶ୍ରମ ଆୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲେ ବି କେବଳ ଆଶ୍ୱାସନା ଛଡ କୌଣସି ପଦକ୍ଷେପ ନିଆଯାଉନାହିଁ। ତେଣୁ ଶ୍ରମିକଙ୍କ ସମସ୍ୟା ନିରକରଣରେ ପ୍ରତିରକ୍ଷା ବିଭାଗ କର୍ତ୍ତୃପକ୍ଷ ଉଚିତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ ପାଇଁ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଂଘର ସଭାପତି ଶ୍ରୀ ଦାସ ଏହି ଅବସରରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ଆଇନ ପରାମର୍ଶଦାତା ନିରଞ୍ଜନ ମଲ୍ଲିକ, ସମ୍ପାଦକ ପ୍ରଦୀପ ମାଇତି, ସଦସ୍ୟ ରଞ୍ଜନ କୁମାର ରଣା, ଉତ୍ତମ ମାଇତି, ଦେବବ୍ରତ ମଣ୍ଡଳ, ଶଶଧର ଚଣ୍ଡ ପ୍ରମୁଖଙ୍କ ସହ ବହୁ ଶ୍ରମିକ ଏହି ବନ୍ଧୁ ମିଳନ ଉତ୍ସବରେ ଉପସ୍ଥିତ ଥିଲରେ।

## ଜିଲ୍ଲା ସ୍କୁଲ ପୁରାତନ ବିଦ୍ୟାର୍ଥୀ ପରିଷଦର ଉତ୍ସବ



ବାଲେଶ୍ୱର,୧।୨(ସମିସ): ୧୭୧ ତମ ବର୍ଷରେ ପଦାର୍ପଣ କରିଥିବା ବାଲେଶ୍ୱର ଜିଲ୍ଲାର ସର୍ବ ପୁରାତନ ଜିଲ୍ଲା ସ୍କୁଲର ପୁରାତନ ବିଦ୍ୟାର୍ଥୀ ପରିଷଦ ଦ୍ୱାରା ତା'ର ୨୪ ତମ ଉତ୍ସବ ବିଦ୍ୟାଳୟ ପ୍ରାଙ୍ଗଣ ଆୟୋଜିତ ହୋଇଯାଇଛି। ଉକ୍ତ ସଭାରେ ପରିଷଦର ସଭାପତି ଡାକ୍ତର ସୁରେନ୍ଦ୍ର ନାଥ ସାହୁଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ପୁରାତନ ଛାତ୍ର ତଥା ୱାଟକୋ ପରିଚାଳନା ନିର୍ଦ୍ଦେଶକ ଇଂ ଦେବବ୍ରତ ସଭା ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ପୁରାତନ ଛାତ୍ର ତଥା ଓଡ଼ିଶା ରାଜ୍ୟ ପୁଲିସ ମୁଖ୍ୟାଳୟ ବରିଷ୍ଠ ଆରକ୍ଷୀ ଅଧିକ୍ଷକ ତରୁଣ କୁମାର ଦାସ, ପୁରାତନ ଛାତ୍ର ତଥା ହରିପ୍ଲାଷ୍ଟ ପରିଚାଳନା ନିର୍ଦ୍ଦେଶକ ସଂଗ୍ରାମ ଦାସ, ପରିଷଦ ମୁଖ୍ୟ ଉପଦେଷ୍ଟା ତଥା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଆଦିକନ୍ଦ ରାଉତ ଉପସ୍ଥିତ ଥିବା ବେଳେ ପରିଷଦ କାର୍ଯ୍ୟକାରୀ ସଭାପତି ରାଜେଶ କୁମାର ଗିରି, ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ମହାନ୍ତି, ଉପ ସଭାପତି ଅରବିନ୍ଦ ପାଲ ପ୍ରମୁଖ ମଂଚାସୀନ ଥିଲେ। ଉପସଭାପତି ଇଂ ଅଭିଷେକ ମହାପାତ୍ର ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ଉପଦେଷ୍ଟା ଡାକ୍ତର ଶାନ୍ତନୁ ଦାସ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ବିଦ୍ୟାର୍ଥୀ ଗୌରବ ସମ୍ମାନରେ ଅଙ୍କିତା ଲେଙ୍କା, ଶୁଭମ ବିନ୍ଧାଣୀ, ସାଇ କ୍ରିଷ୍ଣା ରାଉତ, ପ୍ରିତମ ଦାସ, ପ୍ରିୟାଂଶୁ ନାୟକ, ଜ୍ୟୋତିଷ୍ମାନ ରାଉତ ପ୍ରମୁଖଙ୍କୁ ଶିକ୍ଷା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନୀ ପାଇଁ ସମ୍ମାନିତ କରାଯାଇଥିଲା। ଏହା ସହ ପୂର୍ବତନ ଶିକ୍ଷକ ନୃସିଂହ ଚରଣ ନାୟକଙ୍କୁ ଗୁରୁ ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବା ସହ ବିଦ୍ୟାଳୟର ପୁରାତନ ଛାତ୍ର ତଥା ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ରଶ୍ମିକାନ୍ତ ଜଟାନିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଶ୍ରୀକ୍ଷେତ୍ର ସିଟି

୧/୨/୨୦୨୬ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୭,୮୩,୭୦୪/- ସୁନା:୦୩.୦୦୦ ଗ୍ରାମ୍ ରୁପା: ୨୧.୫୦୦ ଗ୍ରାମ୍





## ଆସୁଛନ୍ତି ରାଷ୍ଟ୍ରପତି | ଚାଲିଛି ପ୍ରସ୍ତୁତି; ହେଲିପ୍ୟାଡ୍‌ରେ ପ୍ରାକ୍ ଅଭ୍ୟାସ



ପୁରୀ,୧।୨(ସମିସ)

୨ ଦିନିଆ ପୁରୀ ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ୩ ତାରିଖରେ ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟରରେ ହେଲିପ୍ୟାଡ୍‌ରେ ରାଷ୍ଟ୍ରପତି ଅବତରଣ କରିବେ। ସେଠାରୁ ସିଧାସଳଖ ଲୋକଭବନକୁ ଯାଇ ରାତ୍ରିଯାପନ କରିବେ। ୪ ତାରିଖ ସକାଳେ ପଞ୍ଚତୀର୍ଥ ପୁଷ୍କରିଣୀ ଶ୍ୱେତଗଙ୍ଗା ତୀର୍ଥରେ ପିଣ୍ଡଦାନ କରି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତିଙ୍କୁ ଶ୍ରୀକ୍ଷେତ୍ର ମାଟିକୁ ସ୍ୱାଗତ କରିବା ଲାଗି ପ୍ରସ୍ତୁତ ହେଉଛି ପୁରୀ। ଶ୍ୱେତଗଙ୍ଗା ପୁଷ୍କରିଣୀଠାରୁ ଆରମ୍ଭ କରି ଶ୍ରୀମନ୍ଦିର, ବଡ଼ଦାଣ୍ଡ, ହେଲିପ୍ୟାଡ୍, ଲୋକଭବନ ସବୁଠି ଚାଲିଛି ପ୍ରସ୍ତୁତି। ରାଷ୍ଟ୍ରପତିଙ୍କ ଦୁଇଦିନିଆ ଶ୍ରୀକ୍ଷେତ୍ର ରହଣି ଯେପରି ଶୃଙ୍ଖଳିତ ଏବଂ ତ୍ରୁଟିଶୂନ୍ୟ ରହିବ ତା' ଉପରେ ବରିଷ୍ଠ ଅଧିକାରୀ ଗୁରୁତ୍ୱ ଦେଇଛନ୍ତି।

ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ରବିବାର ହେଲିପ୍ୟାଡ୍‌ରେ ଦୁଇଟି ହେଲିକପ୍ଟର ଅବତରଣ କରି ପ୍ରାକ୍ ଅଭ୍ୟାସ କରିଛନ୍ତି। ସେପଟେ ହେଲିପ୍ୟାଡ୍‌ରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ଏସ୍‌ପି ପ୍ରତୀକ୍ ସିଂ। ଏସ୍‌ପିଙ୍କ ସହିତ ପ୍ରଶାସନିକ ଅଧିକାରୀମାନେ ହେଲିପ୍ୟାଡ୍‌ର ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ବାୟୁସେନାର ଅଧିକାରୀଙ୍କ ସହ ହେଲିକପ୍ଟର ଅବତରଣର ପ୍ରାକ୍ ଅଭ୍ୟାସ କରାଯାଇଛି। ତେବେ ରାଷ୍ଟ୍ରପତିଙ୍କ ଗସ୍ତକୁ ଶୃଙ୍ଖଳିତ କରିବାକୁ ହେଲିପ୍ୟାଡ୍‌ଠାରୁ ଆରମ୍ଭ କରି ଲୋକଭବନ, ଶ୍ୱେତଗଙ୍ଗା ପୁଷ୍କରିଣୀ ଚତୁଃପାର୍ଶ୍ୱ, ଶ୍ରୀମନ୍ଦିର ଭିତର ଓ ବାହାର, ବଡ଼ଦାଣ୍ଡ ଓ ସମ୍ପୂର୍ଣ୍ଣ ପୁରୀ ସହରକୁ ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଥିବା ଏସ୍‌ପି ଶ୍ରୀ ସିଂ କହିଛନ୍ତି। ରାଷ୍ଟ୍ରପତିଙ୍କ ପାଇଁ ସିଂହଦ୍ୱାରରେ ଅସ୍ଥାୟୀ ବିଶ୍ରାମକକ୍ଷ ପ୍ରସ୍ତୁତି ଚାଲିଛି। ରାଷ୍ଟ୍ରପତି ପହଞ୍ଚିବା ପରେ ପ୍ରଥମେ କକ୍ଷକୁ ଯିବେ। ସେଠାରେ କିଛି ସମୟ ରହିବା ପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ପ୍ରବେଶ କରିବେ। ସେହିପରି ସୁରକ୍ଷା ଦୃଷ୍ଟିକୋଣରୁ ବଡ଼ଦାଣ୍ଡ ଉଭୟ ପାଶ୍ୱର୍ ଦୋକାନୀଙ୍କୁ ସଚେତନ କରାଯାଇଛି। ତେବେ ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଏବେ ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଏବଂ ପୁଲିସ ପ୍ରଶାସନ ଜୋର୍‌ଦାର ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି।

### ଆର୍‌ଡିସିଙ୍କ କ୍ଷେତ୍ର ପରିଦର୍ଶନ

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ପୁନମ୍ ଗୁହା ତାପସ କୁମାର ରବିବାର ଅପରାହ୍ଣରେ ପୁରୀ ଜିଲ୍ଲା ଗସ୍ତରେ ଆସି ରାଷ୍ଟ୍ରପତିଙ୍କ ପୁରୀ ଗସ୍ତର ସମୀକ୍ଷା କରିଛନ୍ତି। ଆର୍‌ଡିସି ସର୍କିଟ ହାଉସରେ ପହଞ୍ଚିବା ପରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ତାଙ୍କୁ ସ୍ୱାଗତ କରିବା ସହ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଓ ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ। ପରେ ଲୋକ ଭବନକୁ ପରିଦର୍ଶନ କରି ସମସ୍ତ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଶ୍ରୀମନ୍ଦିର ଓ ଶ୍ୱେତଗଙ୍ଗା ଅଞ୍ଚଳକୁ ପରିଦର୍ଶନ କରି ବିବିଧ ପରାମର୍ଶମାନ ଦେଇଥିଲେ ଏବଂ ହେଲିପ୍ୟାଡ୍ ସ୍ଥାନକୁ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ବ୍ରହ୍ମଗିରି ବିଡିଓ ମନୀଷା ଷଡ଼ଙ୍ଗୀ, ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



## ରତ୍ନସିଂହାସନରେ ମହାପ୍ରଭୁଙ୍କ ଗଜଉଦ୍ଧାରଣ ବେଶ



ପୁରୀ,୧।୨(ସମିସ): ଶ୍ରୀମନ୍ଦିରରେ ରବିବାର ମହାପ୍ରଭୁଙ୍କ ଗଜଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଛି। ଦାରୁବିଗ୍ରହଙ୍କ ଏହି ଦିବ୍ୟ ବେଶ ଦର୍ଶନ କରିଛନ୍ତି ହଜାର ହଜାର ଶ୍ରଦ୍ଧାଳୁ। ଦ୍ୱିପ୍ରହର ଧୂପ ପରେ ତିନିବାଡ଼ରେ ଗଜଉଦ୍ଧାରଣ ବେଶ କରାଯାଇଥିଲା। ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ଏହି ବେଶ କରାଇଥିଲେ। ଏହି ବେଶ ଥାଇ ସନ୍ଧ୍ୟା ଆଳତି ଏବଂ ସନ୍ଧ୍ୟାଧୂପ ନୀତି ବଢ଼ିଥିଲା। ଏହି ବେଶରେ ଠାକୁରଙ୍କ ପାଖରେ ଖିରି ଓ ଅମାଲୁ ଭୋଗ କରାଯାଇଥିଲା। ବେଶ ଓଲାଗି ହୋଇ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା।

ଗଜଉଦ୍ଧାରଣ ବେଶରେ ଶ୍ରୀଜଗନ୍ନାଥ ବିଷ୍ଣୁ ରୂପରେ ଚାରି ଭୂଜରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣ କରି ଗରୁଡ଼ ପୃଷ୍ଠରେ ପଦ୍ମାସନ ଭଙ୍ଗୀରେ ବସିଥା'ନ୍ତି। କୋଳରେ ମା' ଲକ୍ଷ୍ମୀ (ଶ୍ରୀଦେବୀ) ଉପବେଶନ କରିଥା'ନ୍ତି। ଶ୍ରୀବଳଭଦ୍ର ବାସୁଦେବ ରୂପରେ ଚତୁର୍ଭୂଜ ହସ୍ତପଦ ବିଶିଷ୍ଟ ପଦ୍ମାସନରେ ବସିଥା'ନ୍ତି। ଚାରିଭୂଜରେ ଶଙ୍ଖ, ଚକ୍ର, ହଳ ଓ ମୂଷଳ ଥାଏ। ଦେବୀ ସୁଭଦ୍ରା ଦୁଇହସ୍ତ ଓ ଦୁଇପାଦ ବିଶିଷ୍ଟ କୃଷ୍ଣଙ୍କ ପରି ଛନ୍ଦାୟିତ ପଦରେ ଏକ ପଦ୍ମ କଳିକା ଧରି ଦଣ୍ଡାୟମାନ ଅବସ୍ଥାରେ ରହିଥା'ନ୍ତି। ଠାକୁରମାନେ ଏହି ବେଶରେ ଚୂଳ, କିରିଟୀ, କର୍ଣ୍ଣ କୁଣ୍ଡଳ, ଅଳକା, ତିଳକ, ସୂର୍ଯ୍ୟଚନ୍ଦ୍ର, ଅଷ୍ଟାପଟି, ନାକଚଣା, ପାହୁଡ଼, ବାଙ୍କି, ଗୋଡ଼ ଖଡୁ, ନାକରେ ଫାସିଆ, ଶ୍ରୀହସ୍ତରେ ଖଡୁବଳା, ପାଦରେ ପଦ୍ମ, ବାହୁରେ ବାଜୁବନ୍ଧ ଓ ବେକରେ ପଦ୍ମମାଳି ପିନ୍ଧିଥା'ନ୍ତି। ତିନିଠାକୁର ଯେଉଁ ଅଳଙ୍କାର ଧାରଣ କରିଥା'ନ୍ତି ତାହା ଶୋଲ, ଜରି, କଇଁଅ ଅଠା ପ୍ରଭୃତିରେ ପ୍ରସ୍ତୁତ କରାଯାଇଥାଏ। ଏଥିସହ ଦୁଇଠାକୁରଙ୍କ ସମ୍ମୁଖରେ ଦୁଇଟି ହାତୀ ଶୁଣ୍ଢରେ ପଦ୍ମ କଳିକା ଧରି ଦଣ୍ଡାୟମାନ ହୋଇଥା'ନ୍ତି। ଗୋଟିଏ ବଡ଼ ହାତୀ ଏବଂ ଅନ୍ୟଟି ଛୋଟ ହାତୀ। ବଡ଼ ହାତୀକୁ ଏକ ବିରାଟକାୟ କୁମ୍ଭୀର ଆକ୍ରମଣ ମୁଦ୍ରାରେ ରହିଥାଏ। ସିଂହାସନ ନିମ୍ନରେ ସମୁଦ୍ର ଦୃଶ୍ୟମାନ ହେଲା ଭଳି କରାଯାଇଥାଏ।

## ପଦ୍ମ ବେଶରେ ଶ୍ରୀଲୋକନାଥ

ପୁରୀ,୧।୨(ସମିସ): ମାଘ ପୂର୍ଣ୍ଣିମାରେ ଦେବ ଦେବ ମହାଦେବ ଶ୍ରୀଲୋକନାଥଙ୍କ ପଦ୍ମ ବେଶ ଅନୁଷ୍ଠିତ ହୋଇଯାଇଛି। ପରମ୍ପରା ଅନୁସାରେ ରଥସାହି ବ୍ରାହ୍ମଣ ସମାଜ (ବାଡ଼) ପକ୍ଷରୁ ଶହ ଶହ ବର୍ଷ ଧରି ଏହି ପଦ୍ମବେଶ କରାଯାଉଛି। ଏହି ପଦ୍ମବେଶରେ ମହାପ୍ରଭୁଙ୍କୁ ଶୋଲ, ଜରି, କଇଥ ଅଠାରେ ପ୍ରସ୍ତୁତ ପଦ୍ମ ପାଖୁଡ଼ା ଓ ଡାଳିଲତା ଶିଳ୍ପୀ ତିଆରି କରିଥା'ନ୍ତି। ଶ୍ରୀଲୋକନାଥଙ୍କ ସେବକମାନେ ଆଧ୍ୟାତ୍ମିକ ପରିବେଶରେ ପଦ୍ମବେଶରେ ମହାଦେବଙ୍କୁ ବିଭୂଷିତ କରାଇଥା'ନ୍ତି। ଏହି ବେଶ ଥାଇ ମହାଦେବ ଶ୍ରୀଲୋକନାଥ ରାତ୍ର ଶୟନ ଯାଇଥା'ନ୍ତି। ସକାଳୁ ମଇଲମ ପୂର୍ବରୁ ମଙ୍ଗଳ ଆଳତିରେ ଭକ୍ତମାନେ ପଦ୍ମବେଶ ଦର୍ଶନ କରିଥା'ନ୍ତି। ଏହି ପଦ୍ମବେଶରେ ଖିରି, ଅମାଲୁ, ଚୁଡ଼ାଘଷା ଆଦି ଭୋଗ ଲାଗିଥାଏ। ରଥସାହି ବ୍ରାହ୍ମଣ ସମାଜ (ବାଡ଼)ର ସଭାପତି ପ୍ରମୋଦ କୁମାର ମହାପାତ୍ର, ସମ୍ପାଦକ ହିତବ୍ରତ ବାହିନୀପତି, ଉପସଭାପତି ରାମନାରାୟଣ ମହାପାତ୍ର, କୋଷାଧ୍ୟକ୍ଷ ରାମକୃଷ୍ଣ ପାଣି, ବରିଷ୍ଠ ସଦସ୍ୟ ମନୋଜ କୁମାର ମିଶ୍ର, ଜଗନ୍ନାଥ ମିଶ୍ର, ବରିଷ୍ଠ ସାମ୍ବାଦିକ ମଧୁସୂଦନ ମିଶ୍ର, ଅକ୍ଷୟ ପାଙ୍ଗଯୋଶୀ, ବ୍ରଜବନ୍ଧୁ କର, ସିଦ୍ଧବ୍ରତ ବାହିନୀପତି, ଶଶୀଭୂଷଣ ତ୍ରିପାଠୀ, ମଧୁସୂଦନ ମହାପାତ୍ର ସହ ସମସ୍ତ ସଦସ୍ୟବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ମାଘ ପୂର୍ଣ୍ଣମୀରେ ଦିବ୍ୟ ଭାର୍ଗବୀ ଆଳତି

ପୁରୀ,୧।୨(ସମିସ): ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜନ୍ମପୀଠ କପିଳେଶ୍ୱରପୁର ସଂଲଗ୍ନ ପବିତ୍ର ଭାର୍ଗବୀର ପଞ୍ଚମୁଖୀ ଘାଟରେ ମାଘ ପୂର୍ଣ୍ଣିମାର ଦିବ୍ୟ ଆଳତି ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ଏହି ଦଶମ ଆଳତି ଗୋପୀନାଥଙ୍କ ସେବକ ସୁରେଶ ଚନ୍ଦ୍ର ଦୀକ୍ଷିତଙ୍କ ଦ୍ୱାରା ସମାହିତ ହୋଇଛି। ଉପଦେଷ୍ଟା ଅଧ୍ୟାପକ ପ୍ରମୋଦ ଆଚାର୍ଯ୍ୟଙ୍କ ମାର୍ଗଦର୍ଶନରେ ଏହି ଆଳତିରେ ଡ. ଶଙ୍କର୍ଷଣ ପ୍ରଧାନ, ଶିକ୍ଷାବିତ୍ ଦ୍ୱାରିକାନାଥ ବିଶ୍ୱାଳ, ଭାଗବତକାର ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଗଙ୍ଗାଧର କର, ଗୋପାଳ କର, ଭବାନୀ ଶଙ୍କର ତ୍ରିପାଠୀ, ବାପିନା ପତି, ଶୁଭାଶିଷ କର, ଶରତ ଦେଓ, ବାନାମ୍ବର ପରିଡ଼ା, ଦୁର୍ଗାମାଧବ କର, ସପନ ଉପାଧ୍ୟାୟ ଯୋଗଦେଇ କୃଷି ଓ ଆଧ୍ୟାତ୍ମିକ ବିକାଶରେ ଭାର୍ଗବୀ ନଦୀର ଅବଦାନ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଭାର୍ଗବୀଙ୍କୁ ଶ୍ରୀଜଗନ୍ନାଥଙ୍କ ମାଳ, ମହାପ୍ରସାଦ, ପୁଷ୍ପ, କ୍ଷୀର ସମର୍ପଣ କରି ଧୂପଦୀପ ବନ୍ଦାପନା ସହ କର୍ପୂର ଆଳତି କରାଯାଇଥିଲା। ମନୋରମା ପ୍ରଧାନ ଓ ସାଥୀ ନାମ ସଂକୀର୍ତ୍ତନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ ଭାଗବତ ସଂଗଠକ ପ୍ରଶାନ୍ତ କୁମାର ତ୍ରିପାଠୀ ସଂଯୋଜନା କରିଥିଲେ।

## ଅଗ୍ନି ଉତ୍ସବ ପାଳିତ



ପୁରୀ,୧।୨(ସମିସ): ମାଘ ପୂର୍ଣ୍ଣମୀକୁ ଅଗିରା ପୂର୍ଣ୍ଣମୀ କୁହାଯାଏ। ଏହି ଦିନ ପୁରପଲ୍ଲୀର ବିଭିନ୍ନ ସ୍ଥାନରେ ଅଗ୍ନି ଉତ୍ସବ ପାଳନ କରାଯାଏ। ଗାଁର ଶେଷମୁଣ୍ଡ ଫାଙ୍କା ଜାଗାରେ ନଡ଼ା ବା ଛଣକୁ ଗଚ୍ଛିତ କରି ରଖାଯାଏ। ବ୍ରାହ୍ମଣମାନେ ଅଗ୍ନିଦେବତାଙ୍କୁ ପୂଜା କରି ସେଥିରେ ଅଗ୍ନି ସଂଯୋଗ କରିଥା'ନ୍ତି। ନିଆଁ ମଧ୍ୟକୁ ବାଇଗଣ, ଆଳୁ ଇତ୍ୟାଦି ପକାଯାଇଥାଏ। ରବିବାର ପୁରୀ ସହରର ବିଭିନ୍ନ ସ୍ଥାନରେ ଅଗ୍ନି ଉତ୍ସବ ପାଳିତ ହୋଇଛି। କେତେକ ଜାଗାରେ କାଠ ଏକାଠି କରି ସେଥିରେ ଅଗ୍ନି ସଂଯୋଗ କରାଯାଇ ଏହି ଉତ୍ସବ ପାଳନ କରାଯାଇଥିବା ଦେଖିବାକୁ ମିଳିଛି। ବିଶ୍ୱାସ ରହିଛି ଏହି ନିଆଁର ଉତ୍ତାପ ଦେହରେ ବାଜିଲେ ରୋଗରୁ ମୁକ୍ତି ମିଳିଥାଏ। ପୋଡ଼ା ବାଇଗଣ ଅଗିରୁ କାଢ଼ି ଖାଇଲେ ଦେହ ସୁସ୍ଥ ରୁହେ। ଏଥିସହ ଅଗି ଜଳିସାରିବା ପରେ ସେହି ପାଉଁଶକୁ ଜମିରେ ପକାଇଲେ ଭଲ ଫସଲ ହୋଇଥାଏ ବୋଲି ଅନେକ ବିଶ୍ୱାସ କରନ୍ତି। ସେହିପରି ଶାସ୍ତ୍ରୀୟ ମତ ଅନୁସାରେ ବସନ୍ତ କାଳରେ ଅଗ୍ନି ଦେବତାଙ୍କ ସେବା କଲେ ସମସ୍ତ ପାପତାପ ଦୂରୀଭୂତ ହୋଇଥାଏ। ପ୍ରବାଦ ରହିଛି ଅଗି ଜଳିଲା, ଶୀତ ଟଳିଲା। ଅର୍ଥାତ୍ ଏହି ଦିନଠାରୁ ଶୀତର ପ୍ରକୋପ କମିଥାଏ।

## • ବିଦ୍ୟାଳୟସ୍ତରୀୟ ଚେସ୍ ପ୍ରତିଯୋଗିତା | ପୁରସ୍କୃତ ହେଲେ କୃତୀ ପ୍ରତିଯୋଗୀ

ପୁରୀ,୧।୨(ସମିସ): ପୁରୀ ଜିଲ୍ଲା ଚେସ୍ ସଂଘ ଆନୁକୂଲ୍ୟରେ ୩୫ତମ ବିଦ୍ୟାଳୟସ୍ତରୀୟ ଚେସ୍ ପ୍ରତିଯୋଗିତା ପୁରୀ ସେବା ସମିତି ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରୀ ସହରର ବିଭିନ୍ନ ବିଦ୍ୟାଳୟରୁ ମୋଟ୍ ୬୫ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ପ୍ରଥମରୁ ଚତୁର୍ଥ ଶ୍ରେଣୀ ପିଲାଙ୍କୁ ନେଇ ମିନି ଗ୍ରୁପ୍‌ରେ ପ୍ରତ୍ୟୁଷ ଶୁଭମ୍ ମିଶ୍ର ପ୍ରଥମ, ଦେବାଂଶୁ ଦେବନାଥ ଦ୍ୱିତୀୟ, ମନିତରାଜ ସାହୁ ତୃତୀୟ, ପଞ୍ଚମରୁ ଷଷ୍ଠ ଶ୍ରେଣୀ ପିଲାଙ୍କୁ ନେଇ ସବ୍ ଜୁନିୟର ଗ୍ରୁପ୍‌ରେ ସାଇ ଅମ୍ରିତ ପଟ୍ଟଆରି ପ୍ରଥମ, ତତ୍ତ୍ୱତରୁଣ ମହାପାତ୍ର ଦ୍ୱିତୀୟ ଓ ରାଜବିର୍ ଦୀକ୍ଷିତ ତୃତୀୟ, ସପ୍ତମରୁ ଦଶମ ଶ୍ରେଣୀ ପିଲାଙ୍କୁ ନେଇ ଜୁନିୟର ଗ୍ରୁପ୍‌ରେ ଶାଶ୍ୱତ ପାଣିଗ୍ରାହୀ ପ୍ରଥମ, ରୁଦ୍ରାଂଶୁ ଦାଶ ଦ୍ୱିତୀୟ ଓ ପ୍ରୀତିଶା ମିତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜାତୀୟସ୍ତରର ଚେସ୍ ଖେଳାଳି ଗୁରୁ ସୁଭାଷ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ପ୍ରାକ୍ତନ ଜିଲ୍ଲା କ୍ରୀଡ଼ା ଅଧିକାରୀ ଓ ପୁରୀ ସେବା ସମିତିର ସମ୍ପାଦକ ରବୀନ୍ଦ୍ରନାଥ ସେନାପତି ଓ ଜିଲ୍ଲା ଚେସ୍ ସଂଘ ସମ୍ପାଦକ ପ୍ରଫେସର ବିମଳ ପ୍ରସାଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାକୁ ବିଚାରକ ଭାବେ ଶ୍ୟାମଳ କୁଣ୍ଡୁ ପରିଚାଳନା କରିଥିଲେ। ତାଙ୍କୁ ସହଯୋଗ କରିଥିଲେ ପଙ୍କଜ ପୂଜାପଣ୍ଡା। ଶନିବାର ଗୁଣ୍ଡିଚା ବିହାର ଉନ୍ନୟନ ପରିଷଦ ଗୃହରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପୁରୀ ଜିଲ୍ଲା ଚେସ୍ ଆସୋସିଏସନର ପ୍ରତିଷ୍ଠାତା ସଦସ୍ୟ ଓ ସାମ୍ବାଦିକ ଇପ୍ସିତ ପ୍ରତିହାରୀଙ୍କ ସହିତ ଡ. ଦେବଦତ୍ତ ଦାଶ, ଅଧ୍ୟାପିକା ରଞ୍ଜୁଲତା ରାଉଳ, ବରିଷ୍ଠ ଚେସ୍ ଖେଳାଳି ସତ୍ୟନାରାୟଣ ଗୋଛିକାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ୩ଟି ବିଭାଗରେ ମୋଟ୍ ୩୦ଟି ଟ୍ରଫି ଓ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା।

## • ପଣ୍ଡିତ ବାସୁଦେବ ମହାପାତ୍ରଙ୍କ ଶ୍ରାଦ୍ଧ ଉତ୍ସବ
## ବହୁବିଧ ପ୍ରତିଭାର ମୂର୍ତ୍ତିମନ୍ତ ପ୍ରତୀକ ପଣ୍ଡିତ ବାସୁଦେବ

ପୁରୀ,୧।୨(ସମିସ): ପଣ୍ଡିତ ବାସୁଦେବ ମହାପାତ୍ର ସ୍ମୃତି ସ୍ମାରକୀ ଓ ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଆନୁକୂଲ୍ୟରେ ରବିବାର ଗୀତା ଭବନ ପରିସରରେ ପଣ୍ଡିତ ବାସୁଦେବ ମହାପାତ୍ରଙ୍କ ୫୨ତମ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ। ଏଥିରେ ଉଦ୍‌ଘାଟକ ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଯୋଗଦେଇ ପଣ୍ଡିତ ବାସୁଦେବ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଉଜ୍ଜ୍ୱଳ ଜ୍ୟୋତିଷ ପ୍ରଚଣ୍ଡ ପ୍ରତିଭା ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ବାସୁଦେବ ମହାପାତ୍ରଙ୍କ ଜୀବନ ଦର୍ଶନ ସାମ୍ପ୍ରତିକ ଯୁବ ସମାଜ ପାଇଁ ବାସ୍ତବିକ ପ୍ରଣିଧାନ ଯୋଗ୍ୟ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଭାବେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦେଇ କହିଲେ, ବହୁବିଧ ପ୍ରତିଭାର ମୂର୍ତ୍ତିମନ୍ତ ପ୍ରତୀକ ପଣ୍ଡିତ ବାସୁଦେବ ଖୁବ୍ ଅଳ୍ପଦିନ ମଧ୍ୟରେ ସମଗ୍ର ଓଡ଼ିଶାରେ ନିଜକୁ ଜଣେ ଆଦର୍ଶ ତଥା ଛାତ୍ରବତ୍ସଳ ଶିକ୍ଷକ ରୂପେ ପ୍ରତିଷ୍ଠିତ କରିପାରିଥିଲେ। ତାଙ୍କର କର୍ମମୟ ଜୀବନର ଅଧିକ କାଳ ସତ୍ୟବାଦୀ ବନବିଦ୍ୟାଳୟରେ ବିତିଥିଲା। ମୁଖ୍ୟବକ୍ତା ଭାବେ ସତ୍ୟବାଦୀ ଇତିହାସର ଲେଖକ ଭୀମସେନ ମହାପାତ୍ର ଯୋଗଦେଇ କହିଥିଲେ ଯେ ପଣ୍ଡିତ ମହାପାତ୍ର ଏକାଧାରରେ ୭୩ ଖଣ୍ଡ ପୁସ୍ତକର ଲେଖକ ଥିଲେ। ସେ ଓଡ଼ିଶା ସାହିତ୍ୟ ଏକାଡେମୀରୁ ତାଙ୍କ ପାଠ୍ୟପୁସ୍ତକ ପାଇଁ ଦୁଇଥର ସମ୍ମାନିତ ହୋଇଥିଲେ। ପଣ୍ଡିତ ନୀଳକଣ୍ଠ ଦାସ ତାଙ୍କର ଅଧିକାଂଶ ସାହିତ୍ୟ ସୃଷ୍ଟି କାଳରେ ତାଙ୍କ ସହିତ ଆଲୋଚନା ପର୍ଯ୍ୟାଲୋଚନା କରୁଥିଲେ। ବାଲ୍ୟ ବୟସରୁ ପିତାମାତାଙ୍କୁ ହରାଇ ଜୀବନ ସଂଗ୍ରାମରେ ବ୍ରତୀ ଥିଲେ। ଅନ୍ୟତମ ଅତିଥି ଭାବେ ଡ. ରାଧାକାନ୍ତ ମହାପାତ୍ର, ସୁନନ୍ଦା ଦେବୀ, କବି ପ୍ରସନ୍ନ ମିଶ୍ର, ଭାସ୍କର ମିଶ୍ର, ବିନୋଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଶିକ୍ଷାବିତ୍ ଜ୍ୟୋତି ମିଶ୍ର, ସାଇ ସୁମନ ମହାପାତ୍ର, ଅଂଶୁମାନ ମହାପାତ୍ର। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ଅଧିବକ୍ତା ବିନୟ ନରସିଂହ ମହାପାତ୍ର।

## ପୁରୀରେ ପ୍ରଥମ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍



ପୁରୀ,୧।୨(ସମିସ): ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ରବିବାର ପ୍ରଥମ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଛି। ଏହାକୁ ଉଦ୍‌ଘାଟନ କରି ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ ଦିବ୍ୟାଙ୍ଗମାନେ ଆମ ସମାଜର ଏକ ଅଙ୍ଗ। ସେମାନଙ୍କ ମଧ୍ୟରେ ଅନେକ ପ୍ରତିଭା ଭରି ରହିଛି। ସେହି ପ୍ରତିଭାର ବିକାଶ ସମାଜ ପାଇଁ ସମ୍ବଳ ସୃଷ୍ଟି କରିପାରିବ। ପ୍ରଥମଥର ପାଇଁ ପୁରୀରେ ପାରା ଆଥ୍‌ଲେଟିକ୍ସର ଆୟୋଜନ ଏକ ସୁନ୍ଦର ପଦକ୍ଷେପ। ଏହି ଆଥ୍‌ଲେଟ୍‌ଙ୍କୁ ଆବଶ୍ୟକୀୟ ସହଯୋଗ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ପୁରୀ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କ୍ରୀଡ଼ା ସଂସଦର ପ୍ରାକ୍ତନ ସମ୍ପାଦକ ରବିଶଙ୍କର ପ୍ରତିହାରୀ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗଙ୍କ ପ୍ରତିଭା, ସେମାନଙ୍କ ପ୍ରତି ରହିଥିବା ସରକାରୀ ବ୍ୟବସ୍ଥା, କ୍ରୀଡ଼ା କ୍ଷେତ୍ରରେ ସେମାନଙ୍କୁ ସହଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ପାରା ଆଥ୍‌ଲେଟିକ୍ସର ରାଜ୍ୟ ସଭାପତି କମଳାକାନ୍ତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗଜଲକ୍ଷ୍ମୀ ରାୟ, ପାରା ଆଥ୍‌ଲେଟ୍ ଇଣ୍ଡିଆର କୋଷାଧ୍ୟକ୍ଷ ସୁନିଲ କୁମାର ପରିଡ଼ା, ପ୍ରଶିକ୍ଷକ ବିଷ୍ଣୁ ପ୍ରସାଦ ମିଶ୍ର, ପାରା କ୍ରୀଡ଼ାବିତ୍ ଜୟନ୍ତୀ ବେହେରା, ମାର୍କଣ୍ଡ ରେଡ୍ଡି, କମଳାକାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। ପରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଦାଦାବଟି ଆଦାୟ ବେଳେ ୨ ଗିରଫ

ପୁରୀ,୧।୨(ସମିସ): ପର୍ଯ୍ୟଟକଙ୍କୁ ଖଣ୍ଡା ଓ ଛୁରି ଦେଖାଇ ଦାଦାବଟି ଆଦାୟ ଅଭିଯୋଗରେ ସମୁଦ୍ରକୂଳ ଥାନା ପୁଲିସ ଦୁଇଜଣଙ୍କୁ ଗିରଫ କରିଛି।

ଅଭିଯୁକ୍ତ ଦ୍ୱୟ ହେଲେ ଧୋବାଖାଲ ତାରିଣୀ ବସ୍ତିର ନବୀନ ସାହୁ (୨୩) ଏବଂ ମାଟିଆପଡ଼ାର ଟୁଲିଆ ରାଉତରାୟ (୨୯)। ଅଭିଯୋଗ ଅନୁଯାୟୀ, ଦୁଇ ଅଭିଯୁକ୍ତ ରବିବାର ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ଦିଗବାରେଣୀ ପାର୍କ ପଛପାର୍ଶ୍ୱରେ ୨ ଜଣ ପର୍ଯ୍ୟଟକଙ୍କୁ ଖଣ୍ଡା ଏବଂ ଛୁରୀ ଦେଖାଇ ଦାଦାବଟି ଆଦାୟ ପାଇଁ ଭୟଭୀତ କରାଉଥିଲେ। ପୁଲିସ ପାଖରେ ଏହି ଖବର ପହଞ୍ଚିବା ପରେ ସଙ୍ଗେ ସଙ୍ଗେ ପାଟ୍ରୋଲିଂରେ ଥିବା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଭ୍ୟାନ ଦେଖି ଦୁହେଁ ସେଠାରୁ ଖସି ପଳାଇବାକୁ ଉଦ୍ୟମ ବେଳେ ପୁଲିସ ଉଭୟଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ଛୁରୀ, ଖଣ୍ଡା ସହ ୪୦୦ ଟଙ୍କା ଜବତ ହୋଇଛି। ଗିରଫ ପରେ ଦୁଇଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ମାସିକ ଆଲୋଚନା
## ରାମ କାବ୍ୟଧାରାରେ ଜଗମୋହନ ରାମାୟଣ ଏକ ଅମୂଲ୍ୟ ଗ୍ରନ୍ଥ

ପୁରୀ,୧।୨(ସମିସ)



ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ଫେବୃଆରୀ ମାସର ଆଲୋଚନାଚକ୍ର ରବିବାର ନୟାଗଡ଼ ଜିଲ୍ଲା ଫତେଗଡ଼ ଶ୍ରୀରାମ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଗୋପାଳକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରର ଆଲୋଚ୍ୟ ପ୍ରସଙ୍ଗ 'ଶ୍ରୀଜଗନ୍ନାଥ ଚେତନାରେ ଶ୍ରୀରାମ ଉପାସନା' ଉପରେ ପ୍ରବନ୍ଧ ଉପସ୍ଥାପନ କରିଥିଲେ ଡ. ଶ୍ରୀନିବାସ ଆଚାର୍ଯ୍ୟ ଓ ଅଧ୍ୟାପିକା ବାସନ୍ତୀ ଦେବୀ।

ଏଥିରେ ଆଲୋଚନା ହୋଇଥିଲା ଯେ, ଶ୍ରୀଜଗନ୍ନାଥ ଅବତାରୀ। ତାଙ୍କର ସପ୍ତମ ଅବତାର ରୂପେ ମର୍ଯ୍ୟାଦାପୁରୁଷ ଶ୍ରୀରାମଚନ୍ଦ୍ର ଆବିର୍ଭୂତ ହୋଇଥିଲେ। ଶ୍ରୀରାମ ଭକ୍ତଙ୍କ ଦୃଷ୍ଟିରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଯଥାକ୍ରମେ ଶ୍ରୀରାମ, ଲକ୍ଷ୍ମଣ ଓ ଦେବୀ ସୀତା ଅଟନ୍ତି। ଓଡ଼ିଶାରେ ଶ୍ରୀରାମ ଉପାସନାର ପରମ୍ପରା ଆଚାର୍ଯ୍ୟ ରାମାନନ୍ଦଙ୍କ ଆଗମନ ପରେ ପ୍ରବର୍ତ୍ତିତ ହୋଇଥିଲା। ପରବର୍ତ୍ତୀ ସମୟରେ ରାମାନନ୍ଦୀ ସମ୍ପ୍ରଦାୟର ବହୁ ମଠ ଶ୍ରୀକ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିଲା। ଶ୍ରୀରାମ ଭକ୍ତ ଓଡ଼ିଆ କବିମାନେ ସେମାନଙ୍କ କାବ୍ୟରେ ରାମଭକ୍ତିର ନିଦର୍ଶନ ଦେଇଛନ୍ତି। ଶ୍ରୀରାମ ଉପାସନାର ଧାରା କେବଳ କାବ୍ୟରେ ନୁହେଁ, ମନ୍ଦିର ଭାସ୍କର୍ଯ୍ୟ ଓ ସ୍ଥାପତ୍ୟରେ ମଧ୍ୟ ଏହା ପ୍ରତିଫଳିତ ହୋଇଛି। ପ୍ରସିଦ୍ଧ ରାମଭକ୍ତ ସନ୍ଥ ତୁଳସୀ ଦାସଙ୍କ ଶ୍ରୀକ୍ଷେତ୍ର ଆଗମନ ଗୁରୁତ୍ୱପୂର୍ଣ୍ଣ ଥିଲା। ସେ ଗାଇଥିଲେ 'ଜୋଇ ରାମ ସୋଇ ଜଗଦୀଶା' ଅର୍ଥାତ୍ ଯେ ରାମ ସେ ହିଁ ଜଗଦୀଶ ଜଗନ୍ନାଥ। ଆଦିକବି ସାରଳା ଦାସ ମହାଭାରତ ବନପର୍ବରେ ଶ୍ରୀରାମଙ୍କ ଜନ୍ମ, ରାବଣ ବଧ, ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ସମ୍ପର୍କରେ ବର୍ଣ୍ଣନା କରିଛନ୍ତି।

ଓଡ଼ିଆ ସାହିତ୍ୟ ଜଗତରେ ରାମ କାବ୍ୟ ଧାରାରେ ସନ୍ଥକବି ବଳରାମ ଦାସଙ୍କ ଜଗମୋହନ ରାମାୟଣ ଏକ ଅମୂଲ୍ୟ ଗ୍ରନ୍ଥ। ଏହି ଧାରାରେ କେଶବ ରାମାୟଣ, ଆଧ୍ୟାତ୍ମ୍ୟ ରାମାୟଣ, ବିଶି ରାମାୟଣ, ରସ ରାମାୟଣ, ସରଳ ରାମାୟଣ, ସୁଚିତ୍ର ରାମାୟଣ, ରସ ରାମାୟଣ ମଞ୍ଜରୀ ଆଦି ବହୁଗ୍ରନ୍ଥ ରଚିତ। କବି ଧନଞ୍ଜୟ ଭଞ୍ଜଙ୍କ ରଘୁନାଥ ବିଳାସ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ବୈଦେହୀଶ ବିଳାସ ରାମକାବ୍ୟର ଉତ୍କୃଷ୍ଟ ଉଦାହରଣ। ମହାପ୍ରଭୁ ଶ୍ରୀଜଗନ୍ନାଥ ମାର୍ଗଶୀର ଅମାବାସ୍ୟାରେ ଶ୍ରାଦ୍ଧ ବେଶରେ ଦଶରଥ ଓ କୌଶଲ୍ୟାଙ୍କୁ ଦୀପଦାନ ଓ ଶ୍ରାଦ୍ଧ ଦିଅନ୍ତି। ଚୈତ୍ର ଶୁକ୍ଳ ନବମୀଠାରୁ ବୈଶାଖ କୃଷ୍ଣ ଦ୍ୱିତୀୟା ପର୍ଯ୍ୟନ୍ତ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରରେ ଶ୍ରୀରାମଜନ୍ମଠାରୁ ରାବଣ ବଧ ଓ ରାମାଭିଷେକ ପର୍ବ ପାଳନ କରାଯାଏ। ଶ୍ରୀରାମ ଲୀଳାରେ ସାହିଯାତ କାର୍ଯ୍ୟକ୍ରମରେ ସମରକଳା ଓ ଗାନ୍ଧର୍ବ କଳା ପ୍ରଦର୍ଶିତ ହୁଏ। ଜଗନ୍ନାଥ ବଲ୍ଲଭ ମଠ ନନ୍ଦିଗ୍ରାମ ରୂପେ ବିଦିତ। ଶ୍ରୀମନ୍ଦିର ପରିସରରେ ମଧ୍ୟ ଶ୍ରୀରାମଙ୍କ ତିନିଟି ମନ୍ଦିର ବିଦ୍ୟମାନ। ବାହାର ବେଢ଼ାର ଶ୍ରୀରାମ ମନ୍ଦିରରେ ଛାତ ଉପରେ ପକ୍ଷୀରାଜ ସମ୍ପାତି ଅଷ୍ଟ ବାନରବୀରଙ୍କୁ ଧାରଣ କରି ବିଦ୍ୟମାନ। ଶ୍ରୀମନ୍ଦିରରେ ପହୁଡ଼ ସମୟରେ ରାମାନନ୍ଦୀ ସମ୍ପ୍ରଦାୟର ସାଧୁ ବଡ଼ଛତା ମଠରୁ ଯେଉଁ ଭଜନ କୀର୍ତ୍ତନ କରନ୍ତି ସେଥିରେ ଶ୍ରୀରାମଙ୍କୁ ସ୍ମରଣ କରାଯାଏ ବୋଲି ଆଲୋଚନା କରାଯାଇଥିଲା। ଏହି ଆଲୋଚନାଚକ୍ରରେ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ, ଡ. ଭାସ୍କର ମିଶ୍ର, ଡ. ଉମେଶ ଚନ୍ଦ୍ର ଚିହ୍ନରା, ଡ. ନୃସିଂହ ଚରଣ ସାହୁ, ଅଧିବକ୍ତା ପୂର୍ଣ୍ଣଚନ୍ଦ୍ର ଦାସ, ଡ. କଲ୍ୟାଣୀ ନନ୍ଦୀ, ଡ. କାଦମ୍ବିନୀ ଦାଶ, ଅନାମ ଚନ୍ଦ୍ର ସାହୁ, ଶ୍ୟାମପ୍ରକାଶ ସେନାପତି, ଅଶୋକ କୁମାର ଆଢ଼୍ୟ, ରଞ୍ଜିତା ମହାପାତ୍ର, ମିନତି ଆଚାର୍ଯ୍ୟ, ବସନ୍ତ ତ୍ରିପାଠୀ, ରେଣୁକା ମିଶ୍ର, ବିଷ୍ଣୁପ୍ରିୟା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ନାରାୟଣ ନନ୍ଦଙ୍କ ବିୟୋଗରେ ୧ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

# ସାତମାଇଲ-କୁଡୁଡ଼ା ଗ୍ରାମରେ ଜାଗା ଅକ୍ତିଆର ପାଇଁ ପୋତାଗଲା ଲାଲ୍ ପତାକା




ପାରଳାଖେମୁଣ୍ଡି,୧।୨(ସମିସ)

ଗଜପତି ଜିଲ୍ଲା ଗୋଷାଣି ବ୍ଲକରେ ଗ୍ରାମ ବିକ୍ରି ଘଟଣା ବୃଦ୍ଧି ପାଇଛି। ବର୍ଷ ବର୍ଷ ଧରି ଚାଷ ଓ ବସବାସ କରୁଥିବା ଅଞ୍ଚଳରେ ଏବେ ଦାବିଦାରଙ୍କ ଉଦୟ ହେବା ସମସ୍ତଙ୍କୁ ଚକିତ କରୁଛି। ବର୍ତ୍ତମାନର ଦାବିଦାର ଶତାଧିକ ବର୍ଷ ହେଲା କଣ କରୁଥିଲେ, କାହିଁକି ଦାବି କରୁନଥିଲେ ଏପରି ନାନାଦି ପ୍ରଶ୍ନ ଲୋକଙ୍କ ମନରେ ଉଙ୍କିମାରୁଛି। ଗତବର୍ଷ ଠାରୁ ହିଁ ଏହି ବ୍ଲକର ଦୁଇ ଗ୍ରାମ ବିକ୍ରି ତଥା ଦାବିଦାରଙ୍କ ଉଦୟ ହେବା ଚାରିଆଡ଼େ ଚର୍ଚ୍ଚାର ବିଷୟ ପାଲଟିଛି। ଗୋଟିଏ ଗ୍ରାମ କତଲକଇଠା ପଞ୍ଚାୟତ ଡାକ୍ତରବାଞ୍ଜିରି ଗ୍ରାମ ବିକ୍ରି ହେବା ପରେ ଖୁବ୍ ଚର୍ଚ୍ଚା ହୋଇଥିଲା। ଏହାପରେ ବାଘଶାଳା ପଞ୍ଚାୟତର କୁଡୁଡା ମୌଜାରେ ଶତାଧିକ ବର୍ଷ ପରେ ଦାବିଦାରଙ୍କ ଉଦୟ ହେଲା ପରେ ନିଜ ଅକ୍ତିଆରକୁ ନେବାକୁ ସମସ୍ତ ପ୍ରକ୍ରିୟା ଶେଷ ହୋଇଥିଲା। ଉଭୟ ଗ୍ରାମ ଘଟଣାରେ ୪୦ ଏକରରୁ ଉର୍ଦ୍ଧ୍ୱ ଜମି ପରିମାଣ ରହିଛି। ଗୋଷାଣି ବ୍ଲକ ବାଘଶାଳା ପଞ୍ଚାୟତ କୁଡୁଡା ମୌଜାର ଖାତା ନମ୍ବର ୭୧ରେ ୪୩ ଏକର ଜାଗା ଚିହ୍ନଟ ପ୍ରକ୍ରିୟା ପରେ ଏହି ଖାତାରେ ଥିବା ୮୬ ପ୍ଲଟ ଘର ଓ ଚାଷ ଜମି ରହିଛି। ଏହି ଖାତାରେ ସାତମାଇଲ ଗ୍ରାମର ବହୁ ଘର, ଜାତୀୟ ରାଜପଥ-୩୨୬-ଏ ଓ ପୂର୍ତ୍ତ ବିଭାଗର ରାସ୍ତା ମଧ୍ୟ ରହିଛି। ଏପରିକି ଏହି ଖାତା ନମ୍ବର ମଧ୍ୟରେ ଅନେକ ଦୋକାନ, ବାସଗୃହ, ମନ୍ଦିର ଓ ଚାଷ ଜମି ରହିଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ କିଛି ଚାଷ ଜମି ଓ ଘର କିଣାବିକା ମଧ୍ୟ ହୋଇଛି।

## ୧୫ରୁ ଉର୍ଦ୍ଧ୍ୱ ଦୋକାନ ଓ ଗୃହର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ

ପ୍ରଭାବିତଙ୍କ କହିବା କଥା ଶତାଧିକ ବର୍ଷ ଧରି ସେମାନେ ଚାଷବାସ କରିବା ସହ ରାଜସ୍ୱ ପୈଠ କରି ଆସୁଛନ୍ତି। କିନ୍ତୁ ଗତ ତିନି ବର୍ଷ ହେଲା ରାଜସ୍ୱ ନିଆଗଲା ନାହିଁ ଏବଂ ଜଣେ ବାହାର ରାଜ୍ୟର ଆଇନଜୀବୀ ଏହି ଖାତାର ପାୱାର ଅଫ ଆଟର୍ଣ୍ଣି ତାଙ୍କ ପାଖରେ ଅଛି ବୋଲି କହି ଗତ ବର୍ଷ ଜୁନ୍ ମାସରୁ ପ୍ରୟାସ ଆରମ୍ଭ କରିଥିଲେ। ହେଲେ ଗତକାଲି ଠାରୁ କୁଡୁଡା ମୌଜାରେ ଥିବା ବିଭିନ୍ନ ପ୍ଲଟ ନମ୍ବରରେ ପ୍ରଶାସନର ଉପସ୍ଥିତିରେ ଲାଲ୍ ବାନା ପୋତିବା ଆରମ୍ଭ କରାଯାଇଛି। ସେହିଭଳି ଖାତା ନମ୍ବର ୭୧ରେ ରହିଥିବା ଜାତୀୟରାଜପଥର ତଟରେ ସାତମାଇଲ ଗ୍ରାମ ଛକର ୧୫ରୁ ଅଧିକ ଦୋକାନ ଗୃହର ବିଦ୍ୟୁତ ସରବରାହ ବିଚ୍ଛିନ୍ନ କରିଦିଆଯାଇଛି। ଏହି ଖାତା ନମ୍ବରର ୮୬ ପ୍ଲଟରେ ଦଖଲରେ ରହିଥିବା ଲୋକେ ଯେଉଁମାନେ ଦଖଲରେ ରହିଛନ୍ତି ସେମାନଙ୍କ ଥଇଥାନ ବ୍ୟବସ୍ଥା କରିବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି। ହଠାତ୍ ସଡ଼କ ପାଶ୍ୱର୍ରେ ଥିବା ବଡ଼ ବଡ଼ ଯାଗା ଗୁଡିକ କିଣାବିକାକୁ ନେଇ ଗତବର୍ଷ ଠାରୁ ଗୋଷାଣି ବ୍ଲକ ଚର୍ଚ୍ଚାରେ ରହିଆସିଛି। ଯେଉଁମାନେ କିଣିବାକୁ ଚାହୁଁଛନ୍ତି ସେମାନେ କେବଳ ଚାଷ ଜମି ଗୁଡିକୁ ପ୍ଲଟ ଓ ବ୍ୟବସାୟ ପାଇଁ ବ୍ୟବହାର କରିବା ପାଇଁ ବିକ୍ରୟ କରିବା ମାନସିକତାରେ କରୁଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। ଅନ୍ୟପକ୍ଷରେ ଏନେଇ ପ୍ରଶାସନ ପକ୍ଷରୁ କୌଣସି ସୂଚନା ଦିଆଯାଉ ନଥିବାରୁ ଘଟଣାର ସମ୍ପୂର୍ଣ୍ଣ ବିବରଣୀ ଲୋକଙ୍କ ନିକଟରେ ପହଞ୍ଚୁନାହିଁ। ଏପରିକି ଦାବିଦାରଙ୍କ ନାମ ପଚରାଗଲେ ଉତ୍ତର ମିଳୁଛି ଯେ ଜଣେ ଦାବିଦାର ରହିଛନ୍ତି ଏବଂ ସେ ସମସ୍ତ ଦସ୍ତାବିଜ ରଖିଥିବାର ପ୍ରଶାସନ ପକ୍ଷରୁ କୁହାଯାଉଛି।

# ଘଣ୍ଟାଏରେ ମୃତ୍ୟୁ ହେବ କହି ରୋଗୀକୁ ଫେରାଇଦେଲେ ଡାକ୍ତର

ରାୟଗଡ଼ା,୧।୨(ସମିସ): ସମସ୍ତ ଚିକିତ୍ସା ପରେ ଡାକ୍ତର ଏକ ଘଣ୍ଟାରେ ପ୍ରାଣବାୟୁ ଉଡିଯିବ ବୋଲି କହିବା ସହ ଘରକୁ ନେଇ ଯିବାକୁ ରୋଗୀଙ୍କ ସମ୍ପର୍କୀୟଙ୍କୁ କହିଥିଲେ। ହେଲେ ୨୪ଘଣ୍ଟାରୁ ଅଧିକ ସମୟ ବିତିଥିଲେ ମଧ୍ୟ ଚିକିତ୍ସାଧୀନ ବ୍ୟକ୍ତି ଜଣକ ଏବେ ବି ଜୀବିତ ଅଛନ୍ତି। ଯାହାକୁ ନେଇ ପଡୋଶୀ ଆନ୍ଧ୍ର ଉପରେ ନିର୍ଭର କରି ଯାଉଥିବା ରାୟଗଡା ଜିଲ୍ଲାର ଅନେକ ରୋଗୀ ସ୍ୱାସ୍ଥ୍ୟ ଚିକିତ୍ସା ଉପରେ ଆସ୍ଥା ହରାଇଛନ୍ତି । ଏମିତି ଏକ ଘଟଣା ରାୟଗଡା ସହରର ବିଦ୍ୟାନଗର ଅଞ୍ଚଳରେ ଘଟିଛି। ମେଡିକାଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଚିକିତ୍ସାକୁ ଲୋକେ ନିନ୍ଦା କରିଛନ୍ତି ଅଞ୍ଚଳବାସୀ। ବିଦ୍ୟାନଗର ପଞ୍ଚମ ଗଳିର ଜଗନ୍ନାଥ ସ୍ୱାମୀ(୫୩) ଗତ ସାତ ଦିନ ଧରି ବିଶାଖାପାଣାମର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ହେଉଥିଲେ। ଲିଭର୍ ଅଚଳ ହୋଇଥିବା ଦର୍ଶାଇ ଡାକ୍ତର ତାଙ୍କୁ ଅକ୍ସିଜେନ ସାହାର୍ଯ୍ୟରେ ଭେଣ୍ଟିଲେଟରରେ ରଖି ଚିକିତ୍ସା କରୁଥିଲେ। ହେଲେ ଗତକାଲି ସନ୍ଧ୍ୟାରେ ଡାକ୍ତର ଭେଣ୍ଟିଲେଟରରୁ ବାହାର କରି ନିଜ ଘରକୁ ଫେରିଯିବା ପାଇଁ ପରାମର୍ଶ ଦେବା ସହ ଏକ ଘଣ୍ଟା ପରେ ପ୍ରାଣବାୟୁ ଚାଲିଯିବ ବୋଲି କହିଥିଲେ। ପରେ ପରିବାର ଲୋକେ ଜଗନ୍ନାଥ ସ୍ୱାମୀଙ୍କୁ ରାତି ୧୨ଟା ସମୟରେ ରାୟଗଡା ନେଇ ଆସିଥିଲେ। ଖବରପାଇ ସ୍ଥାନୀୟ ଲୋକେ ତାଙ୍କ ଘରେ ରୁଣ୍ଡ ହୋଇଥିବା ବେଳେ ସେ ଏବେବି ଜୀବିତ ଅଛନ୍ତି। କଥା କହିପାରୁନଥିବା ବେଳେ ଶରୀରର ସମସ୍ତ ଅଙ୍ଗ କାମ କରୁଥିବା ଦେଖିବାକୁ ମିଳିଛି। ଆୟୁଷ୍ମାନ ଯୋଜନାରେ ଡାକ୍ତରଖାନାରେ ପ୍ରାୟ ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଅନ୍ୟାନ୍ୟ ଖର୍ଚ୍ଚ କରି ପରିବାର ଲୋକେ ନୟାନ୍ତ ହୋଇଥିବା ବେଳେ ଡାକ୍ତରଙ୍କ ଭୁଲ ଚିକିତ୍ସା ଓ ପରାମର୍ଶକୁ ସ୍ଥାନୀୟ ଲୋକେ ଦାୟୀ କରିଛନ୍ତି। ଏବେ ଜଗନ୍ନାଥ ସ୍ୱାମୀଙ୍କୁ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ନେଇ ତାଙ୍କ ସମ୍ପର୍କୀୟ ଜି. ଆପ୍ପାରାଓ ପ୍ରକାଶ କହିଛନ୍ତି।



● ଜୀବିତ ଅଛନ୍ତି ରୋଗୀ

# ବାଇକ୍‌ରେ ଯାଇ ଦୁର୍ଗମ ଅଞ୍ଚଳର ସମସ୍ୟା ଦେଖିଲେ ଜିଲ୍ଲାପାଳ



ବାଲିଗୁଡ଼ା,୧।୨(ସମିସ): ବାଇକରେ ଯାଇ ଦୁର୍ଗମ, ଅପହଞ୍ଚ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ବୁଲି ଲୋକଙ୍କ ସମସ୍ୟା ଦେଖିଲେ ଜିଲ୍ଲାପାଳ ବେଦ ଭୂଷଣ। କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକ୍ ଦୁର୍ଗମ ଅଞ୍ଚଳ ବେଲଘର, ଗୁମା ଝିରିପାଣି, ଲଙ୍କାଗଡ ଓ ଭଣ୍ଡରଙ୍ଗି ପଞ୍ଚାୟତରେ ଜିଲ୍ଲାପାଳ ନିଜେ ବାଇକ୍‌ରେ ବସି ପହଞ୍ଚି ଲୋକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କନ୍ଧମାଳ ଜିଲ୍ଲାର ଏମିତି କିଛି ଅଞ୍ଚଳ ରହିଛି ଯେଉଁଠି ଆଜି ପର୍ଯ୍ୟନ୍ତ ସରକାରୀ ଯୋଜନା ଠିକ୍ ଭାବେ ପହଞ୍ଚିପାରିନି। ତୁମୁଡିବନ୍ଧ ବ୍ଲକର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ବେଲଘର, ଗୁମା, ଝିରିପାଣି, ଧୂଡସି ଗ୍ରାମରେ ସରକାରୀ ସୁବିଧା ମିଳିପାରୁନଥିବା ଖବର ପାଇ ଏହାକୁ ଗୁରୁତ୍ୱର ସହ ନେଇ ଗ୍ରାମବାସୀଙ୍କ ସମସ୍ୟାକୁ ଅତି ନିକଟରୁ ଦେଖିବାକୁ ଜିଲ୍ଲାପାଳ ବେଦଭୂଷଣ ଉପଖଣ୍ଡ ସମସ୍ତ ଅଧିକାରୀଙ୍କୁ ନେଇ ଅପହଞ୍ଚ ସ୍ଥାନରେ ବାଇକରେ ପହଞ୍ଚିଥିଲେ। ଅଣଅସାରିଆ ରାସ୍ତାରେ ନିଜେ ବାଇକ ଚଳାଇ ଲୋକଙ୍କ ସମସ୍ୟା ଦେଖିବାକୁ ବାହାରିଥିଲେ। ଦୁର୍ଗମ ପାହାଡ଼ିଆ ଅଞ୍ଚଳ ଗସ୍ତକରି ଗ୍ରାମବାସୀଙ୍କ ସହ ସିଧାସଳଖ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଦୀର୍ଘଦିନର ଅନେକ ସମସ୍ୟା ସମାଧାନ ହେବ ବୋଲି ଗ୍ରାମବାସୀଙ୍କୁ ଆଶ୍ୱାସନା ଦେଇଥିଲେ। ଜିଲ୍ଲାପାଳଙ୍କ ଏହି ଗସ୍ତ ଦେଖି ଲୋକଙ୍କ ମନରେ ଅନେକ ଦିନର ଦୁଃଖ ଦୂର ହେବା ନେଇ ଆଶା ଓ ବିଶ୍ୱାସ ଜାଗ୍ରତ ହୋଇଛି। ଜିଲ୍ଲାପାଳ ବେଦଭୂଷଣଙ୍କ ଏଭଳି ଗସ୍ତ ବେଳେ ତୁମୁଡିବନ୍ଧ ବିଡ଼ିଓ ବନବିହାରୀ ହରପାଲ, କୋଟଗଡ଼ ବିଡ଼ିଓ ଶୁଭକାନ୍ତ, ବାଲିଗୁଡା ପିଆଇଟିଡିଏ କୃପାସିନ୍ଧୁ ବେହେରା ଏବଂ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ମା’ ବରାଳଦେବୀ ରାଜ୍ୟସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଟିକାବାଲି,୧।୨(ସମିସ): ଟିକାବାଲି ବ୍ଲକ ତେଙ୍ଗେଡାପଥର ଛକରେ ରବିବାର ମା’ ବରାଳଦେବୀ ରାଜ୍ୟସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଟୁର୍ଣ୍ଣାମେଣ୍ଟ କମିଟି ସଭାପତି ରାମବିଶି ଦିଗାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ତହସିଲଦାର ବିଘ୍ନରାଜ କହଁର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସେନା ଅଧିକାରୀ ବଳରାମ ପ୍ରଧାନ, ଅବସରପ୍ରାପ୍ତ ଜିପିଇଓ ଶରଣପଞ୍ଜର ଦିଗାଳ, ଶିକ୍ଷକ ଉତ୍କଳ ବେହେରା, ବରିଷ୍ଠ ନାଗରିକ ସୁଶୀଳ ଦିଗାଳ ଓ ପାତ୍ର ଦିଗାଳ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ୍ ଲାଇନପଡ଼ା ଡି-୬ ଏବଂ ବୁଢ଼ାମାହା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଲାଇନପଡ଼ା ଡି-୬ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ରେଣ୍ଡମ-୬ ଏବଂ ଇମ୍ପାକଟ-୬ ମଧ୍ୟରେ ଖେଳାଯାଇଥିଲା। ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ରେଣ୍ଡମ-୬ ବିଜୟ ହାସଲ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ସମସ୍ତ ଖେଳକୁ ରେଫେରୀ କୁମରମଣୀ ନାୟକ ଓ ହିରୋ ନାଏକ ପରିଚାଳନା କରିଥିଲେ। କମିଟିର ଉପସଭାପତି ବିକ୍ରମସିଂ ଦଳବେହେରା, ସମ୍ପାଦକ ଜଗନ୍ନାଥ ସାହୁ, ସହସମ୍ପାଦକ ଦୁର୍ଯ୍ୟୋଧନ ଡିଗାଲଙ୍କ ସମେତ ତନୁଜ ଭୋଇ, ସୁମନ୍ତ ନାୟକ ଓ ଯୁଗଳ ପଣ୍ଡା ସହଯୋଗ କରିଥିଲେ। ଟୁର୍ଣ୍ଣାମେଣ୍ଟ ଆଜିଠାରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ।

# ରାଉତପୁର ଏରିଆ ୫୨ତମ ବାର୍ଷିକ ମହାସଭା



ପାରଳାଖେମୁଣ୍ଡି,୧।୨(ସମିସ): ଗୋଷାଣି ବ୍ଲକ ଏସ.ଘୋରଣି ଗ୍ରାମରେ ଏସବିସିଏମ୍ ଏସ ବେଥାନି ବଙ୍ଗଳା ସେରଙ୍ଗ ଦ୍ୱାରା ଆୟୋଜିତ ରାଉତପୁର ଏରିଆ ୫୨ତମ ବାର୍ଷିକ ମହାସଭା ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ଓ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଯୋଗଦେଇ ପ୍ରଭୁ ଯୀଶୁଙ୍କ ବାଣୀ ବିଷୟରେ ଜଣାଇବା ସହ ପ୍ରଭୁଙ୍କ ଆରାଧନା ଓ ପ୍ରାର୍ଥନା କରିଥିଲେ। ଅନ୍ୟତମ ଅତିଥି ଭାବେ ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ.ବିରରାଜୁ, ଜିଲ୍ଲା ପରିଷଦ ସଦସ୍ୟ ଏସ.ବାଲରାଜୁ, ୱାଇ. ରାମଚନ୍ଦ୍ର ରାଓ, ଈଶ୍ୱର ଚନ୍ଦ୍ର ମାଝୀ ଯୋଗ ଦେଇଥିଲେ। ଏରିଆ ପାଳକ ରେଭ ଦିଲୀପ ଶବର, ଡିକନ୍ ଯିଶୟ ଶବର, ରେଭ ଉପେନ୍ଦ୍ର ପରିଛାଙ୍କ ସହ ବହୁ ବକ୍ତା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଭୁ ଯୀଶୁଙ୍କ ନାମରେ ଗୀତ ଗାନ କରାଯାଇଥିଲା।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



ପାରଳାଖେମୁଣ୍ଡି,୧।୨(ସମିସ): ଗୁମ୍ମା ବ୍ଲକ ପାର୍ଶମ୍ବା ଗ୍ରାମସ୍ଥିତ ପୂର୍ଣ୍ଣପୀଠ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ୨୭ତମ ବର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ଡ. ମାୟାଧର ସାହୁ ଯୋଗ ଦେଇ ଶିକ୍ଷାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଆଞ୍ଚଳିକ ବ୍ୟାଙ୍କ୍ ପରିଚାଳକ ବିଶ୍ୱନାଥ ପାଣିଗ୍ରାହୀ ଏବଂ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ଗୀତାଞ୍ଜଳି ଦାସ ଆଜିର ସଭା ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସମ୍ପାଦକ ଗୌରହରି କରସୁଧା ପଟ୍ଟନାୟକ ଅତିଥି ପରିଚୟପ୍ରଦାନକରିଥିଲେ।ଅଧ୍ୟକ୍ଷରବୀନ୍ଦ୍ରନାଥପାଢ଼ୀବାର୍ଷିକବିବରଣୀପାଠକରିଥିବା ବେଳେ ସଭ୍ୟା କଳ୍ପନା ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ନିଜର ଅଭିଭାଷଣ ରଖିଥିଲେ। ବିଦ୍ୟାଳୟ ତରଫରୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯିବା ସହ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ଗୀତିନାଟ୍ୟ ପରିବେଷଣ କରାଯାଇଥିଲା।

# ତେଲିଙ୍ଗିଆରେ ହିନ୍ଦୁ ସମ୍ମିଳନୀ ଉଦ୍‌ଯାପିତ



ଜି.ଉଦୟଗିରି,୧।୨(ସମିସ): ଜି.ଉଦୟଗିରି ନିକଟସ୍ଥ ତେଲିଙ୍ଗିଆରେ ଚାଲିଥିବା ହିନ୍ଦୁ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ସଭାପତି ଦିଗାମ୍ବର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସତପତି ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ସେବା ଭାରତୀର କାର୍ଯ୍ୟକର୍ତ୍ତା ପ୍ରଣବ କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସନାତନ ହିନ୍ଦୁ ଧର୍ମ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜି.ଉଦୟଗିରିର ବରିଷ୍ଠ ବ୍ୟବସାୟୀ ରାଜେନ୍ଦ୍ର ମହାପାତ୍ର, ପ୍ରିୟବ୍ରତ ସାହୁ, ଗଦାଗୁଡା ସରପଞ୍ଚ ପୁଷ୍ପଲତା ପ୍ରଧାନ, ସତ୍‌ସଙ୍ଗ ପ୍ରମୁଖ ଶରତ ନାୟକ, ସୁରେଶ ଦିଗାଳ, ଜୟନ୍ତୀ ପ୍ରଧାନ, ସମିତିସଭ୍ୟ ପ୍ରଣିତା ପ୍ରଧାନ ମଞ୍ଚାସୀନ ଥିଲେ।

# ବାଞ୍ଜିରିରେ ହିନ୍ଦୁ ଧର୍ମସଭା




ଗୋଷାଣି,୧।୨(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ମାଛମରା ପଞ୍ଚାୟତ ଅନ୍ତର୍ଗତ ବାଞ୍ଜିରି ଗ୍ରାମରେ ହିନ୍ଦୁ ଧର୍ମସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଶ୍ରୀକଳାହସ୍ତିର ଗୀତାନନ୍ଦ ସରସ୍ୱତୀ, ଆରଏସଏସ୍ କୁଟୁମ୍ବ ପ୍ରବନ୍ଧକ ଅର୍ଜୁନ ପାତ୍ର ଓ ପ୍ରବଚନ କାର୍ଯ୍ୟକର୍ତ୍ତା ଆଲିଆନା ବିନୟ କୁମାର ଯୋଗଦେଇ ସନାତନ ଧର୍ମର ମହାତ୍ମ୍ୟ ସମ୍ପର୍କରେ କହିଥିଲେ। ଏହାସହ ବିଭିନ୍ନ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ୩୦ରୁ ଉର୍ଦ୍ଧ୍ୱ ଗ୍ରାମର ୨ ହଜାରରୁ ଅଧିକ ଲୋକେ ଉପସ୍ଥିତ ଥିଲେ।

# ଧର୍ମଘଟ ସଫଳ ପାଇଁ ପ୍ରସ୍ତୁତି ବୈଠକ



ପାରଳାଖେମୁଣ୍ଡି,୧।୨(ସମିସ): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ବିରୋଧୀ ନୀତି ତଥା ୪ଟି ଶ୍ରମକୋଡ୍ ରଦ୍ଦ ଏବଂ ଅନ୍ୟାନ୍ୟ ଦାବିରେ ଆସନ୍ତା ୧୨ ତାରିଖରେ ସାଧାରଣ ଧର୍ମଘଟକୁ ସଫଳ କରିବାକୁ ଗଜପତି ଜିଲ୍ଲା ସଦରମହକୁମା ପାରାଲାଖେମୁଣ୍ଡି ସ୍ଥିତ ସିପିଏମ୍ ପାର୍ଟି କାର୍ଯ୍ୟାଳୟରେ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ନେତୃବର୍ଗଙ୍କ ଉପସ୍ଥିତିରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ହେବାକୁ ଥିବା ଧର୍ମଘଟରେ ଗ୍ରହଣ କରାଯିବାକୁ ଥିବା କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଆଇଏନଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଟୁ, ଏଆଇୟୁଟିୟୁସି, ଟିୟୁସିସି, ସେୱା, ଏଆଇସିସିଟିୟୁ, ଏଲପିଏଫ୍, ୟୁଟିୟୁସି ଓ କର୍ମଚାରୀ ଫେଡ଼େରେସନଙ୍କ ମିଳିତ ଆହ୍ୱାନ କ୍ରମେ ଦେଶବ୍ୟାପୀ ସାଧାରଣ ଧର୍ମଘଟ ପାଳନ ହେବ ବୋଲି ଜଣାପଡିଛି। ଏହି ପରିପ୍ରେକ୍ଷୀରେ ଗଜପତି ଜିଲ୍ଲାରେ ଧର୍ମଘଟକୁ ସଫଳ କରିବା ପାଇଁ ବିଭିନ୍ନ ଆଲୋଚନା ହୋଇଥିଲା। ଏହି ପ୍ରସ୍ତୁତି ବୈଠକରେ ଜେନା ସୁବାସଚନ୍ଦ୍ର ରାଓ, କେଦାର ଶବର, ଦଣ୍ଡପାଣି ରଇତଙ୍କ ସହ ବିଭିନ୍ନ ୟୁନିୟନର କର୍ମକର୍ତ୍ତା ଯୋଗ ଦେଇଥିଲେ।

# ଗଜପତିରେ ବାଟ ହୁଡ଼ିଛି ‘ଖେଲୋ ଇଣ୍ଡିଆ’ ଯୋଜନା




ପାରଳାଖେମୁଣ୍ଡି,୧।୨ (ସମିସ)

କ୍ରୀଡ଼ାର ସାମଗ୍ରୀକ ବିକାଶ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କରିଛନ୍ତି। ତେବେ ଖେଲୋ ଇଣ୍ଡିଆ ଭଳି ଯୋଜନା ଗଜପତିରେ ନାମକୁ ମାତ୍ର ବୋଲି ଆଲୋଚନା ହେଉଛି। ରାଜ୍ୟର ୩୦ ଜିଲ୍ଲାରେ ଏହି ଯୋଜନାରେ କୌଣସି ଭିତ୍ତିଭୂମି ସୁଦୃଢ଼ କରାଯାଇପାରିନି। ଗତବର୍ଷ ଏପ୍ରିଲ୨୦ ତାରିଖରେ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଭର୍ଚୁଆଲ୍ ମୋଡରେ ଖେଲୋ ଇଣ୍ଡିଆର ଉଦଘାଟନ କରିଥିଲେ। ବିଭିନ୍ନ ଜିଲ୍ଲାରେ ବିଭିନ୍ନ ଖେଳର ବିକାଶ ପାଇଁ କରିଥିବା ବେଳେ ଗଜପତିରେ ଖୋଖୋ ଖେଳର ବିକାଶ ଓ ଭିତ୍ତିଭୂମି ପାଇଁ ସମସ୍ତ ଉନ୍ନତି କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ତେବେ ୨୯ ଜିଲ୍ଲାରେ ଏହି ଯୋଜନା ସଫଳ ହେଉଥିବା ବେଳେ ଗଜପତିରେ ଏପର୍ଯ୍ୟନ୍ତ ନାମକୁ ମାତ୍ର କରାଯାଇଛି। ଖେଲୋ ଇଣ୍ଡିଆ ଯୋଜନାରେ ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗାରାବନ୍ଧ ସ୍ଥିତ ଶ୍ରୀ ଭେଙ୍କଟେଶ୍ୱର ଉଚ୍ଚ ବିଦ୍ୟାଳୟକୁ ଚୟନ କରାଯାଇଥିଲା। ମନ୍ତ୍ରୀଙ୍କ ଉଦ୍‌ଘାଟନ ପରେ ପରେ ତତ୍କାଳୀନ ଭାରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଅଧିକାରୀ ପ୍ରାଣକୃଷ୍ଣ ପାଣିଗ୍ରାହୀଙ୍କ ଅମଳରେ ମୂଳଦୁଆ ପଡିଥିଲା। ତାଙ୍କ ସମୟରେ କୌଣସି କାର୍ଯ୍ୟ ହୋଇନଥିବା ବେଳେ ତାଙ୍କ ପରେ ଦାୟିତ୍ୱରେ ଥିବା କ୍ରୀଡ଼ା ଅଧିକାରୀ କମଳକାନ୍ତ ପଣ୍ଡାଙ୍କ ଅମଳରେ ଖୋଖୋ କ୍ରୀଡା ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ଖେଳ ସାମଗ୍ରୀ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହି ଟେଣ୍ଡର ରାୟଗଡା ଜିଲ୍ଲାର ଏକ ସଂସ୍ଥା ଖୋଖୋ ପାଇଁ ସାମଗ୍ରୀ ଯୋଗାଇଦେଇଥିଲା। ଶ୍ରୀ ପଣ୍ଡାଙ୍କ ଅବସର ଗ୍ରହଣ ପରଠାରୁ ଖେଲୋ ଇଣ୍ଡିଆ ଯୋଜନାର ବିକାଶ ପାଇଁ କେହି ଦୃଷ୍ଟି ନ ଦେବାରୁ ଏହା ଏବେ ନାମକୁ ମାତ୍ର ପାଲଟିଯାଇଛି। ଅନ୍ୟ ଜିଲ୍ଲା ତୁଳନାରେ କେବଳ ଗଜପତିରେ ହିଁ ହାତକୁ ନିଆଯାଇଥିବା କ୍ରୀଡ଼ାର ବିକାଶ ହୋଇପାରୁନି। ଅନ୍ୟପକ୍ଷରେ ଏହି ବିଦ୍ୟାଳୟର ଛାତ୍ର ଖୋଖୋ ଖେଳି ଅନ୍ତର୍ଜାତୀୟ ଓ ଜାତୀୟସ୍ତରରେ ସୁନାମ ଅର୍ଜନ କରିପାରୁଛନ୍ତି। ଏହି ଛାତ୍ରମାନେ କିଛି ଭିତ୍ତିଭୂମି ନଥାଇ ଅନ୍ତର୍ଜାତୀୟ ସ୍ତରରେ ଖେଳୁଆଡ ମନୋଭାବ ପ୍ରଦର୍ଶନ କରିପାରୁଥିବା ବେଳେ ସରକାର ଓ ପ୍ରଶାସନର ଦୃଷ୍ଟି ନଥିବାକୁ ନେଇ କ୍ରୀଡ଼ା ପ୍ରେମୀଙ୍କ ମଧ୍ୟରେ ଆଲୋଚନା ହେଉଛି। ସେହିଭଳି ବିଦ୍ୟାଳୟର ଖେଳପଡିଆ ରହିଥିଲେ ମଧ୍ୟ ଖୋଖୋ ପାଇଁ କୌଣସି ବନ୍ଦୋବସ୍ତ କରାଯାଇନାହିଁ। ଉଦଘାଟନ ଏବଂ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଗଜପତିରେ ଏହି କ୍ରୀଡ଼ାର ବିକାଶ ଶୀଥିଳତା ପରିଲକ୍ଷିତ ହୋଇଛି। କିଛି ସାମଗ୍ରୀ ଯୋଗାଇ ଦେଲେ ବିକାଶ ହେବ ବୋଲି ଏନେଇ ବିଦ୍ୟାଳୟର ଆଲୁମିନି ସଭାପତି ପ୍ରସାଦ କୁମାର ପଟ୍ଟନାୟକ କହିଛନ୍ତି।

## ଭୟାବହ ଅଗ୍ନିକାଣ୍ଡ; ୪ ଗୁରୁତର



ଢେଙ୍କାନାଳ,୧।୨(ସମିସ): ମୋଟଙ୍ଗା ଥାନା ଉପର ବାଘଲୁଣ୍ଡା ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ ଘଟି ୪ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଆହତମାନେ ହେଲେ ଗ୍ରାମର ଦୁଷ୍ମନ୍ତ ସାହୁ (୬୧), ଟୁନି ସାହୁ (୫୫), ଅନ୍ନପୂର୍ଣ୍ଣା ସାହୁ (୫୦) ଓ ଗୌରବ ସାହୁ। ଅଗ୍ନିକାଣ୍ଡ ଖବର ପାଇ ହିନ୍ଦୋଳ ରୋଡ୍ ଅଗ୍ନିଶମ ବାହିନୀ ପହଞ୍ଚିଥିଲେ। ଆପ୍ରାଣ ଉଦ୍ୟମ କରି ୪ ଜଣଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇବା ସହ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଘରର ସମସ୍ତ ଆସବାବପତ୍ର ପାଉଁଶ ହୋଇଛି। ତେବେ ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ।

## ଇଣ୍ଡିଆନ୍ ପୋଟାସ ଏମ୍ପ୍ଲୋଇଜ ୟୁନିୟନର କର୍ମକର୍ତ୍ତା ନିର୍ବାଚନ

ଢେଙ୍କନାଳ,୧।୨(ସମିସ): ଢେଙ୍କାନାଳ ଉପକଣ୍ଠ ହରିପୁରସ୍ଥିତ ଇଣ୍ଡିଆନ୍ ପୋଟାସ୍ ଏମ୍ପ୍ଲୋଇଜ୍ ୟୁନିୟନ୍ କାର୍ଯ୍ୟାଳୟରେ ବସନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ସମ୍ପାଦକ ପ୍ରକାଶ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ବସନ୍ତ କୁମାର ବେହେରା, ଉପ-ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ପାଦକ ପ୍ରକାଶ ସାହୁ, ସହ-ସମ୍ପାଦକ ଅକ୍ଷୟ ବାରିକ ଓ ସୁଶାନ୍ତ ପରିଡ଼ା, କୋଷାଧ୍ୟକ୍ଷ ସନ୍ତୋଷ କୁମାର ଦାସ ଏବଂ କାର୍ଯ୍ୟକାରିଣୀ ସଭ୍ୟ ଭାବେ ଗୋବିନ୍ଦ ବେହେରା, ଯଦୁନାଥ ବରାଳ, ପ୍ରହଲ୍ଲାଦ ସାହୁ, ପ୍ରକାଶ ଖିଲାର, ଶ୍ରୀବତ୍ସ ବେହେରା, ମହମ୍ମଦ ରସିଦ୍ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ଶ୍ରମିକ ନେତା ମହେଶ ପ୍ରସାଦ ପାଣିଙ୍କୁ ଆସନ୍ତା ବର୍ଷ ପାଇଁ ଉପଦେଷ୍ଟା ଭାବେ ଚୟନ କରାଯାଇଥିଲା।

## ଶିଙ୍କୋଳରେ ୫୭ତମ ଅଷ୍ଟପ୍ରହର ନାମଯଜ୍ଞ



ଖଜୁରିଆକଟା,୧।୨(ସମିସ): ହିନ୍ଦୋଳ ଏନଏସି ୧୫ନଂ ୱାର୍ଡ ଶିଙ୍କୋଳ ଗ୍ରାମରେ ୫୭ତମ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଏଥିରେ ୨୪ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଅହୋରାତ୍ର ନାମ ସଂକୀର୍ତ୍ତନ ଜାରି ରଖିଛନ୍ତି। ପୂର୍ବତନ ସାଂସଦ ମହେଶ ସାହୁ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ତାଙ୍କ ସହ ଆମ ପ୍ରତିଭା ଆମ ଆଦର୍ଶ ଅନୁଷ୍ଠାନ ସଭାପତି ଦେବୀପ୍ରସାଦ ପଟ୍ଟନାୟକ, ସ୍ଥାନୀୟ କାଉନସିଲର ଅନୁପମା ସାହୁ, ପୂର୍ବତନ କାଉନସିଲର ରମେଶ ସାହୁ, ଗ୍ରାମ ଯୁବକ ସଂଘର କାର୍ଯ୍ୟକର୍ତ୍ତା ରଞ୍ଜନ ବିଶ୍ୱାଳ, ପ୍ରଶାନ୍ତ ଦାସ, ଲିପୁ ସାମଲଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଅହମଦିୟା ମୁସଲିମ ସମୁଦାୟର ସାମୂହିକ ମିଳନ କାର୍ଯ୍ୟକ୍ରମ



ଢେଙ୍କାନାଳ,୧।୨(ସମିସ): ଓଡ଼ାପଡ଼ା ବ୍ଲକ ଗୁଣ୍ଡିଚାପଡ଼ା ଅହମଦିୟା ମୁସଲିମ ସମୁଦାୟ ପକ୍ଷରୁ ଅହମଦିୟା ମୁସଲିମ ମସଜିଦ ତୌହିଦ ପ୍ରାଙ୍ଗଣରେ ସାମୂହିକ ମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସମୁଦାୟର ସଦସ୍ୟମାନଙ୍କ ମଧ୍ୟରେ ଏକତା, ଭାଇଚାରା ଓ ପରସ୍ପର ସମ୍ପର୍କକୁ ସୁଦୃଢ଼ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ଏଥିରେ ଅହମଦିୟା ମୁସଲିମ ସମୁଦାୟର ସଭାପତି ସୁଲାଇମାନ୍ ଅଲି ଖାନ, କୋଷାଧ୍ୟକ୍ଷ ଅୟୁବ ଖାଁ, ସଲିମ ଉଦ୍ଦିନ ଖାଁ, ମୌଲବୀ ମୁଜାଫର ଖାଁ, ମୌଲବୀ ଜଲାଲ ଉଦ୍ଦିନ ଖାଁ, ଯୁବ ସଂଗଠନର ଅଧ୍ୟକ୍ଷ ସୋଲେମାନ ଖାଁ, ମହମୁଦ ଖାଁ, ଇଦ୍ରିସ ଖାଁ, ରହିମତୁଲ୍ଲାହ୍ ଖାଁ, ହମିଦ୍ ଖାଁ, ଭାରତୀୟ ସେନାର ଯବାନ ତୋରାବ ଖାଁ, ଅବସରପ୍ରାପ୍ତ ବରିଷ୍ଠ ପୁଲିସ ନିରୀକ୍ଷକ ଫର୍ଜୁଲ୍ଲା ଖାଁ, ସ୍ତମ୍ଭକାର ଅନସାର ଅଲୀଙ୍କ ସମେତ ବହୁ ସଂଖ୍ୟକ ମହିଳା ଓ ପୁରୁଷ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ସାମୂହିକ ଆଲୋଚନା ଓ ଦୁଆ ପରେ ସମସ୍ତ ଉପସ୍ଥିତ ବ୍ୟକ୍ତିଙ୍କ ପାଇଁ ଭୋଜନ ବ୍ୟବସ୍ଥା କରାଯାଇଥିଲା।

### ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମାଘମେଳାର ଦ୍ୱିତୀୟ ଦିନ

# ଶୂନ୍ୟବ୍ରହ୍ମଙ୍କ ଆରାଧନା କଲେ ସାଧୁ, ଶ୍ରଦ୍ଧାଳୁ

ଗଁଦିଆ,୧।୨(ସମିସ)



ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମାଘମେଳାର ରବିବାର ଦ୍ୱିତୀୟ ଦିବସରେ ଦେଶ ପୂର୍ଣ୍ଣିମା ମହାଆଡ଼ମ୍ବରରେ ପାଳିତ ହୋଇଛି। ଜଗତ ଭକତର ମଙ୍ଗଳ ପାଇଁ ଶୂନ୍ୟମନ୍ଦିର ଚାରି ମୁଖଶାଳାର ଦ୍ୱାରଗୁଡ଼ିକରେ ଚାରିଟି ଝାଡ଼ ଦୀପ ପ୍ରଜ୍ୱଳିତ ହୋଇଛି। ଏହି ଝାଡ଼ଦୀପରେ ସାଧୁସନ୍ଥ ଓ ଶ୍ରଦ୍ଧାଳୁମାନେ ଘୃତାହୁତି ପ୍ରଦାନ କରିଥିଲେ। ଝାଡ଼ଦୀପ ପ୍ରଜ୍ୱଳନ ସମୟରେ ଗୁରୁବ୍ରହ୍ମ, ମହିମା ଅଲେଖ, ଅଲେଖ ନିରଞ୍ଜନ ଧ୍ୱନିରେ ପୀଠ ପରିସର ପ୍ରକମ୍ପିତ ହୋଇଥିଲା। ଶ୍ରଦ୍ଧାଳୁମାନେ ଶୂନ୍ୟବ୍ରହ୍ମଙ୍କ ଉଦ୍ଦେଶ୍ୟରେ ହରିବୋଲ ହୁଳହୁଳି ପକାଇଥିଲେ। ଗାଦି ମନ୍ଦିର ପଶ୍ଚିମ ଦ୍ୱାରରେ ଅପରାହ୍ନ ୫ଟା ୫ରେ ଝାଡ଼ଦୀପ ଲାଗିଥିଲା। ପରେ ମନ୍ଦିର ଚତୁର୍ପାଶ୍ୱର୍ରେ ଥିବା ଧୁନି ମନ୍ଦିର, ଅଖଣ୍ଡ ଜ୍ୟୋତି ମନ୍ଦିର ସମେତ ବିଭିନ୍ନ ଉପାସନା ପୀଠ, ମଠ ଓ ମନ୍ଦିରରେ ଝାଡ଼ବୃକ୍ଷରେ ଘୃତହୁତି ଦିଆଯାଇଥିଲା। ଗାଦି ମନ୍ଦିରରେ ରାତ୍ରିର ଶେଷ ପ୍ରହରରେ ସାଧୁମାନେ ପୂର୍ବଦିନ ଭଳି ନୀତିକାର୍ଯ୍ୟ କରି ଝାଡ଼ଦୀପରେ ଘୃତାହୁତି ଆରମ୍ଭ କରିଥିଲେ। ଯୋରନ୍ଦା ମେଳାରେ ଦ୍ୱିତୀୟ ଦିନରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଆସାମ, ବିହାର, ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ, ଛତିଶଗଡ଼ ଆଦି ରାଜ୍ୟ ତଥା ପଡ଼ୋଶୀ ରାଷ୍ଟ୍ର ନେପାଳ ଏବଂ ଅନ୍ୟ ଦେଶରୁ ଶ୍ରଦ୍ଧାଳୁମାନେ ଆସି ମେଳା ବୁଲି ଦେଖୁଛନ୍ତି। ବିଦେଶୀ ପର୍ଯ୍ୟଟକମାନେ ମେଳା ପରିଦର୍ଶନ କରି ଆନନ୍ଦ ଉଠାଉଛନ୍ତି। ସେମାନେ ଉପାସନା ପୀଠ, ମଠ ମନ୍ଦିର ବୁଲି ବେଶ୍ ସନ୍ତୋଷ ଲାଭ କରୁଛନ୍ତି। ଶ୍ରଦ୍ଧାଳୁମାନେ ସେମାନଙ୍କ ସହ ସେଲ୍ଫି ଫଟୋ ନେଉଥିବା ଦେଖିବାକୁ ମିଳୁଛି। ଗାଦି ମନ୍ଦିରରେ ସୁନାରୁପାର ଅଳଙ୍କାର, ଅଢ଼େଣୀ, ତରାଶ, ମକରତ୍ରୋଣ ଆଦିକୁ ଶ୍ରଦ୍ଧାଳୁମାନେ ଦର୍ଶନ କରୁଛନ୍ତି। ମେଳାରୁ ବିଭିନ୍ନ ମନୋହରୀ ସାମଗ୍ରୀ ସହ କୃଷି ଉପକରଣ, ଘର ସଜାସଜା ସାମଗ୍ରୀକୁ ଶ୍ରଦ୍ଧାଳୁମାନେ ଘରକୁ କିଣି ନେଉଛନ୍ତି। ଚାଟ, ଗୁପଚୁପ, ଦହିବରା, ଫାଷ୍ଟ ଫୁଡ୍, ଠୁଙ୍କାପୁରୀ ଆଦିର ଖାଦ୍ୟର ମଜା ନେଉଛନ୍ତି। ରାତିରେ ଅପେରା ପାର୍ଟିରେ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହେଉଛି। ନିକଟସ୍ଥ କ୍ରିକେଟ ପଡ଼ିଆରେ ଯାତ୍ରାପାର୍ଟି ନାଟକ ପରିବେଷଣ କରୁଛନ୍ତି। ଗାଦି ମନ୍ଦିର ନିକଟରେ ଧର୍ମ ମହାସଭା ଅନୁଷ୍ଠିତ ହେବ।

### ତୈଳିକ ବୈଶ୍ୟ ସମାଜ ପକ୍ଷରୁ ମାଘ ପୂର୍ଣ୍ଣିମା ପାଳିତ

## ଶୂନ୍ୟବ୍ରହ୍ମଙ୍କ ଆରାଧନା କଲେ ସାଧୁ, ଭକ୍ତ



ଭୁବନ,୧।୨(ସମିସ): ଭୁବନ ଏନଏସି ତୈଳିକ ବୈଶ୍ୟ ସମାଜ ତରଫରୁ ମାଘ ପୂର୍ଣ୍ଣିମା ଓ ବାର୍ଷିକ ଉତ୍ସବ ପାଳିତ ହୋଇଛି। ସଭାପତି ବିଦ୍ୟାଧର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ପ୍ରାତଃ ସମୟରୁ ପ୍ରଭୁ କୃଷ୍ଣମୋହନଜୀୟୁଙ୍କ ପୂଜାର୍ଚ୍ଚନା କରାଯାଇ ମଧ୍ୟାହ୍ନରେ ସମସ୍ତ ନୀତିକାନ୍ତି ସମ୍ପନ୍ନ ହୋଇଥିଲା। କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଓ ତେରଥାନ ସଭାପତି ନଟବର ସାହୁ ଠାକୁର କୃଷ୍ଣମୋହନଜୀୟୁଙ୍କୁ ଦର୍ଶନ କରିବା ସହ ନଡ଼ିଆ ଭାଙ୍ଗି ଯାତ୍ରା ଶୁଭାରମ୍ଭ କରିଥିଲେ। ଠାକୁରଙ୍କୁ ସୁସଜ୍ଜିତ ବିମାନରେ ବିଜେ କରାଯାଇ ଲଉଡ଼ି ବାଡ଼ି ଖେଳ, ସଙ୍କୀର୍ତ୍ତନ ମଣ୍ଡଳୀ, ମ୍ୟୁଜିକ ଗ୍ରୁପ ଓ ବାଜା ବାଣରେ ସହର ପରିକ୍ରମା କରାଯାଇଥିଲା। ଉପସଭାପତି ହରିହର ସାହୁ, ସମ୍ପାଦକ ନୃସିଂହ ଚରଣ ସାହୁ, ସହସମ୍ପାଦକ ସୁନାକର ସାହୁ, କୋଷାଧ୍ୟକ୍ଷ ପ୍ରକାଶ ପୃଷ୍ଟି, ଉପଦେଷ୍ଟା ଦୁର୍ଯ୍ୟୋଧନ ସାହୁ, ରବିନାରାୟଣ ସାହୁ, ଦୁର୍ଯ୍ୟୋ।ଧନ ପୃଷ୍ଟି, କ୍ଷେତ୍ରବାସୀ ପୃଷ୍ଟି, ବନବିହାରୀ ପୃଷ୍ଟି, ଜଗବନ୍ଧୁ ପୃଷ୍ଟି, ସମୀକ୍ଷକ ସୁରେନ୍ଦ୍ର ପୃଷ୍ଟି, ହୃଷୀକେଶ ସାହୁ ପ୍ରମୁଖଙ୍କ ସହଯୋଗରେ ମାଘ ପୂର୍ଣ୍ଣିମା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଯାତ୍ରାରେ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ସାମିଲ ହୋଇଥିଲେ। ଯୁବ ସଭାପତି ପ୍ରକାଶ ପୃଷ୍ଟି, ସମ୍ପାଦକ ଦୀପକ ପୃଷ୍ଟିଙ୍କ ସମେତ ସୁଦାମ ସାହୁ, ବଳରାମ ସାହୁ, ଜଗବନ୍ଧୁ ସାହୁ, କ୍ଷୀରୋଦ ସାହୁ, ପ୍ରମୋଦ ସାହୁ, କାଳନ୍ଦୀ ସାହୁ, ଆତ୍ମଜ ସାହୁ, ଦୀପକ ସାହୁ ସହଯୋଗ କରିଥିଲେ।

## ପଦାର୍ଥ ବିଜ୍ଞାନ ବିଭାଗର ଜାତୀୟ ସମ୍ମାନ ଉଦଯାପିତ




ଖଜୁରିଆକଟା,୧।୨(ସମିସ): ହିନ୍ଦୋଳ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ଦୁଇଦିନିଆ ଜାତୀୟ ସମ୍ମାନ ଉଦଯାପିତ ହୋଇଛି। ଦ୍ୱିତୀୟ ଦିବସରେ ଆମେରିକା କଲୋରାଡ଼ ବିଶ୍ୱବିଦ୍ୟାଳୟ ତଥା ନାସା ସହ ସମ୍ପୃକ୍ତ ବୈଜ୍ଞାନିକ ଡ. ଦୀପକ କୁମାର କରଣ ଆଭାସୀ ଜରିଆରେ ଯୋଗଦେଇ ସୌରଝଡ଼ ଏବଂ ତାହାର ପ୍ରଭାବ ସମ୍ପର୍କରେ ନିଜ ଗବେଷଣା ଲବ୍ଧ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିବା ସହ ଆଲୋଚନା କରିଥିଲେ। ସରାଙ୍ଗସ୍ଥିତ ଆଇଜିଆଇଟିର ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଡ. ଏସ୍‌କେ ତ୍ରିପାଠୀ ମହାକାଶରେ ଘଟୁଥିବା ଅନେକ ପ୍ରକ୍ରିୟା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱରସ୍ଥିତ ପଦାର୍ଥ ବିଜ୍ଞାନ ଅନୁଷ୍ଠାନର ବୈଜ୍ଞାନିକ ଡ. ମୃତ୍ୟୁଞ୍ଜୟ ଭୂୟାଁ, ଡିଆରଡିଓର ବୈଜ୍ଞାନିକ କେକେ ଚାନ୍ଦ, ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ପିକେ ମିଶ୍ର, ପ୍ରଫେସର୍ ଏସ୍‌କେ ପଟେଲ ଓ ବୌଦ୍ଧ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଜୟନ୍ତ ନାରାୟଣ ପତି ଧନ୍ୟବାଦ ଦେଇଥିଲେ।

## ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷାରେ ଅଭିଭାବକ ଅସନ୍ତୋଷ




ଗଁଦିଆ,୧।୨(ସମିସ): ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷା ଢେଙ୍କାନାଳର ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏହି ପରୀକ୍ଷା ପାଇଁ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ପୌର ପରିଷଦ ପରିଚାଳିତ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ପିତାମାତାଙ୍କ ବାର୍ଷିକ ଆୟ ୧ ଲକ୍ଷ ୫୦ ହଜାର ଟଙ୍କାରୁ ଅଧିକ ହୋଇ ନ ଥିବା ଆବଶ୍ୟକ। ଅର୍ଥାତ ଗରିବ ପରିବାରର ଛାତ୍ରଛାତ୍ରୀ ହିଁ ଏହି ପରୀକ୍ଷା ଦେଇପାରିବେ। କିନ୍ତୁ ପରିତାପର ବିଷୟ ଏହି ପରୀକ୍ଷା ଦେବା ପାଇଁ ଗନ୍ଦିଆ, ଭୁବନ, କାମାକ୍ଷାନଗର, ହିନ୍ଦୋଳ, ପରଜଙ୍ଗ ଅଞ୍ଚଳରୁ ପିଲାମାନେ ଆସି ଜିଲ୍ଲାସ୍ତରୀୟ ବିଦ୍ୟାଳୟରେ ପରୀକ୍ଷା ଦେଉଥିବାରୁ ଅଭିଭାବକମାନେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ଅଧିକାଂଶ ଅଭିଭାବକ ଜାଣିଶୁଣି ପରୀକ୍ଷାରୁ ନିଜ ପିଲାଙ୍କୁ ଫେରାଇ ନେଉଛନ୍ତି। ଆହୁରି ମଧ୍ୟ ଏହି ପରୀକ୍ଷାରେ ବିଦ୍ୟାଳୟର ଶିକ୍ଷକମାନେ ସହଯୋଗ କରୁ ନ ଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି। ମାଟ୍ରିକ ପରୀକ୍ଷା ବିଦ୍ୟାଳୟଠାରୁ ୧୦ କିମି ଭିତରେ ହେଉଥିବାବେଳେ ଏହି ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷା ଜିଲ୍ଲା ସଦରମହକୁମାରେ ହେବା କେତେଦୂର ଯଥାର୍ଥ ତାହା ସାଧାରଣରେ ଆଲୋଚ୍ୟର ବିଷୟ ପାଲଟିଛି। ଏ ବାବଦରେ ଜିଲ୍ଲା ଶିକ୍ଷା ଅଧିକାରୀ ଦୃଷ୍ଟି ଦେବାକୁ ଅଭିଭାବକ ମହଲରୁ ଅନୁରୋଧ କରାଯାଇଛି।

## ଢେଙ୍କାନାଳ ଐତିହ୍ୟ ପଦଯାତ୍ରା ସମ୍ବର୍ଦ୍ଧିତ



ଢେଙ୍କାନାଳ,୧।୨(ସମିସ): ଐତିହ୍ୟ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ ପାଇଁ ଜଗତସିଂହପୁରଠାରେ ଢେଙ୍କାନାଳ ଐତିହ୍ୟ ପଦଯାତ୍ରା ଅନୁଷ୍ଠାନକୁ ଭବ୍ୟ ସମାରୋହରେ ସମ୍ବର୍ଦ୍ଧିତ କରାଯାଇଛି। ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଆୟୋଜିତ ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଡ. ବସନ୍ତ ମଞ୍ଜରୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଡ. ଦୀପକ ସାମନ୍ତରାୟ, ଅମ୍ବିକା ପ୍ରସାଦ ପଟ୍ଟନାୟକ, ରଞ୍ଜନ କୁମାର ପଣ୍ଡା, ଶିକ୍ଷାବିତ ଭଗବାନ ଦାଶ, ଉତ୍କଳ କେଶରୀ ମହାନ୍ତି ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ନିଷ୍ଠାପର ଉଦ୍ୟମକୁ ପ୍ରଶଂସା କରିବା ସହ ଉପଢୌକନ, ପୁଷ୍ପତାରା ଓ ମାନପତ୍ର ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ଆବାହକ ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ର, ବଦ୍ରିନାଥ ଜେନା, ରମେଶ ପତି, ବିଶ୍ୱରଞ୍ଜନ ଦେହୁରୀ, ହୃଦାନନ୍ଦ ବେହେରା ପ୍ରମୁଖ ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ; କୁଲେଇ ଚାମ୍ପିଅନ



ପରଜଙ୍ଗ,୧।୨(ସମିସ): ପରଜଙ୍ଗ ମିନି ଷ୍ଟାଡିୟମରେ ରେଡ୍ ନାଇଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି। ତାଳଚେର ଓ କୁଲେଇ ଦଳ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଫାଇନାଲ ଅନୁଷ୍ଠିତ ହୋଇଥିଲା। କୁଲେଇ ଦଳ ଲଗାତର ଦୁଇଟି ମ୍ୟାଚ୍ ଜିତି ଚାମ୍ପିଅନ ହୋଇଛି। ପ୍ରଥମ ମ୍ୟାଚରେ ତାଳଚେର ଦଳ ଟସ ଜିତି ବ୍ୟାଟିଂ କରି ୮ ଓଭରରେ ୭୫ ରନ ସଂଗ୍ରହ କରିଥିଲା। କୁଲେଇ ଦଳ ୨ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଦ୍ୱିତୀୟ ମ୍ୟାଚ ୬ ଓଭର ବିଶିଷ୍ଟ ହୋଇଥିଲା। ଏଥିରେ କୁଲେଇ ଦଳ ପ୍ରଥମେ ବ୍ୟାଟିଂ କରି ୫ ଉଇକେଟ ବିନିମୟରେ ୫୪ ରନ କରିଥିଲା। ଜବାବରେ ତାଳଚେର ଦଳ ୬ ଓଭରରେ ୮ ଉଇକେଟ ହରାଇ ୪୩ ରନ କରିବାରେ ସକ୍ଷମ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅନୁଗୋଳ ସଂଯୁକ୍ତ ସେବା ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନ, ପରଜଙ୍ଗ ସରପଞ୍ଚ ଗାୟତ୍ରୀ ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ପାତ୍ର, ସମାଜସେବୀ ସୁବ୍ରତ ପରିଡ଼ା ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଚାମ୍ପିଅନ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ଓ ରନର୍ସଅପ୍ ଦଳକୁ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା।

## ବାଲିମି ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ



ଖଜୁରିଆକଟା,୧।୨(ସମିସ): ହିନ୍ଦୋଳ ଉପଖଣ୍ଡ ବାଲିମି ଗ୍ରାମରେ ଗ୍ରାମ ପରିଚାଳନା କମିଟି ସଭାପତି ହରଷ ଚନ୍ଦ୍ର ଜେନାମଣିଙ୍କ ପରିଚାଳନାରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଗାଁ ନିକଟ ପୁଷ୍କରିଣୀରୁ ଶତାଧିକ ଶ୍ରଦ୍ଧାଳୁ ଶୋଭାଯାତ୍ରାରେ ଜଳପୂର୍ଣ୍ଣ କଳସ ଆଣି ବାସୁଦେବ ମନ୍ଦିର ସମ୍ମୁଖ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ପୂଜକ ପଣ୍ଡିତ ସୁବ୍ରତ ଦାସ ପୂଜାର୍ଚ୍ଚନା କରିବା ପରେ ବାଲିମି ସମେତ ନିକଟସ୍ଥ କୁକୁଟା, ବାଘଧରିଆ, ବାର୍ଶିଙ୍ଗା, ବେରୁଆଁପାଳ, ରଞ୍ଜାଗୋଳ, ସାନହିନ୍ଦୋଳ, କନ୍ତିମିଲି ଆଦି ଗ୍ରାମର ୨୦ଟି ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ହରିନାମ ସଂକୀର୍ତ୍ତନ କରିଥିଲେ। ସମ୍ପାଦକ ଗଦାଧର ଜେନାମଣି, କାର୍ଯ୍ୟକ୍ରମ ପ୍ରମୁଖ ଅବସରପ୍ରାପ୍ତ ଅଧ୍ୟାପକ ମୁରଲୀ କିଶୋର ଜେନାମଣି ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

### ହିନ୍ଦୋଳ ଉପଖଣ୍ଡ ଧାନମଣ୍ଡିରେ ବ୍ୟାପକ ଅନିୟମିତତା

# ଅର୍ଦ୍ଧାଧିକ ଚାଷୀଙ୍କ ପାଖକୁ ଆସିନି ଟୋକନ

ହିନ୍ଦୋଳ,୧।୨(ସମିସ)



**କୁଇଣ୍ଟାଲ ପିଛା କଟାଯାଉଛି ୫ରୁ ୭ କିଲୋ ଧାନ**

ଚାଷୀଙ୍କ ବିକାଶ ପାଇଁ ସରକାର ଯୋଜନା ପରେ ଯୋଜନା ପ୍ରଣୟନ କରୁଛନ୍ତି। ହେଲେ ହିନ୍ଦୋଳ ଉପଖଣ୍ଡରେ ଚାଷୀଙ୍କ ପାଇଁ ଆସୁଥିବା ଯୋଜନାରୁ ବିଭାଗୀୟ ଅଧିକାରୀଙ୍କ ଜ୍ଞାତସାରରେ ହରିଲୁଟ ହେଉଥିବା ଦେଖିବାକୁ ମିଳିଛି। ଏଭଳି ସଙ୍ଗୀନ ଅଭିଯୋଗ ଆସିଛି ଖୋଦ ଯୋଗାଣ ବିଭାଗ ମନ୍ତ୍ରୀଙ୍କ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ। ଏହି ଉପଖଣ୍ଡର ୧୨ ସମବାୟ ସମିତିରେ ଚାଷୀଙ୍କଠାରୁ ଧାନକ୍ରୟ ନିମନ୍ତେ ଧାର୍ଯ୍ୟ ହୋଇଥିବା ବେଳେ ମଣ୍ଡି ଶୁଭାରମ୍ଭର ୨୦ ଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସମସ୍ତ ସମବାୟ ସମିତିରେ ଧାନକ୍ରୟ କରାଯାଇ ନାହିଁ। ଏପରିକି ଉପଖଣ୍ଡର ଅର୍ଦ୍ଧାଧିକ ଚାଷୀଙ୍କ ପାଖକୁ ଧାନ ବିକ୍ରି ପାଇଁ ଟୋକାନ ଆସିନାହିଁ। ବିଗତ ବର୍ଷମାନଙ୍କରେ ଚାଷୀଙ୍କ ପାଖକୁ ଆସିଥିବା ଧାନର ପରିମାଣ ଚଳିତ ବର୍ଷ ଅଧା ଆସିଥିବା ଦେଖିବାକୁ ମିଳିଛି। ବାବନ୍ଧ ସମବାୟ ସମିତିରେ ରବିବାର ଧାନ ମଣ୍ଡି ଆରମ୍ଭ ହୋଇଥିବା ବେଳେ ସମବାୟ ସମିତି ସମ୍ପାଦକ ଓ କମିଟି ସଦସ୍ୟଙ୍କ ଦ୍ୱାରା ଖୁବ କମ ଦାମରେ ଧାନ କିଣି ମିଲର ପାଖକୁ ଟ୍ରିପ ଟ୍ରିପ ଧାନ ପଠାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏପରିକି ଆଜିପର୍ଯ୍ୟନ୍ତ ଉପଖଣ୍ଡରେ ଚାଷୀଙ୍କଠାରୁ କେତେ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି ସେ ସୂଚନା ସମବାୟ ସମିତି ଉପନିବନ୍ଧକଙ୍କ ପାଖରେ ନାହିଁ। ସମବାୟ ସମିତିର ସମ୍ପାଦକ, ମିଲର ଓ ଯୋଗାଣ ବିଭାଗ ଅଧିକାରୀଙ୍କ ମିଳିତ ସହଯୋଗରେ କୁଇଣ୍ଟାଲ ପିଛା ୫ରୁ ୭ କିଲୋ ଧାନ କଟାଯାଉଛି। ଯେଉଁ ଚାଷୀ ଏ ବିଷୟରେ ମୁହଁ ଖୋଲୁଛନ୍ତି ସେମାନଙ୍କ ଧାନ ଏବେ କ୍ରୟ କରାଯିବ ନାହିଁ ବୋଲି ସମବାୟ ସମିତି ପକ୍ଷରୁ ଖୁଲମଖୁଲା ଧମକ ଦିଆଯାଉଛି। ଖୋଦ ଯୋଗାଣ ମନ୍ତ୍ରୀଙ୍କ ଜିଲ୍ଲାରେ ଯଦି ଅଧିକାରୀଙ୍କ ଜ୍ଞାତସାରରେ ଧାନ କଟାଯାଉଛି ତେବେ ଚାଷୀ ଅଭିଯୋଗ କରିବେ କାହାକୁ ବୋଲି ପ୍ରଶ୍ନ ଉଠିଛି। ତୁରନ୍ତ ସରକାର ଏଥିପ୍ରତି ଧାନ ଦେଇ ଟୋକନ ପାଇ ନ ଥିବା ଚାଷୀଙ୍କୁ ଟୋକନ ପ୍ରଦାନ କରିବା ସହ କଟନୀଛଟନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ହିନ୍ଦୋଳ ସମବାୟ ଉପନିବନ୍ଧକ ପ୍ରତାପ ସାହୁଙ୍କୁ ଯୋଗାଯୋଗ କରିବାରେ ସେ କୁହାନ୍ତି ଆଜିପର୍ଯ୍ୟନ୍ତ ଚାଷୀଙ୍କଠାରୁ କେତେ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି ସେ ସମ୍ପର୍କିତ କୌଣସି ସୂଚନା ନାହିଁ। କଟନୀଛଟନୀ ସମ୍ପର୍କରେ କୌଣସି ମତାମତ ଦେଇପାରିବେ ନାହିଁ ବୋଲି କହିଥିଲେ।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍

ପରଜଙ୍ଗ,୧।୨(ସମିସ): ପରଜଙ୍ଗ ମିନି ଷ୍ଟାଡିୟମରେ ପରଜଙ୍ଗ ସାମ୍ବାଦିକ ସଂଘ ସହ ରେଡ ନାଇଟ କ୍ରିକେଟ କ୍ଲବର ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ସଂଘ ସଭାପତି ବିନୟ କୁମାର ଦାସ, ବରିଷ୍ଠ ସାମ୍ବାଦିକ ନିଗମାନନ୍ଦ ଦଳବେହେରା, ପ୍ରଶାନ୍ତ କୁମାର ସାହୁ ଯୋଗଦେଇଥିଲେ। ମୁଖ୍ୟଅତିଥି ଦୁଇ ଦଳର ଖେଳାଳିଙ୍କ ସହ କରମର୍ଦ୍ଦନ କରି ମ୍ୟାଚ୍ ଉଦଘାଟନ କରିଥିଲେ। ରେଡ ନାଇଟ୍ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ହାତରେ ୫ ଉଇକେଟ ହରାଇ ୧୪୮ ରନ ସଂଗ୍ରହ କରିଥିଲା। ଜବାବରେ ସାମ୍ବାଦିକ ସଂଘ ୧୦ ଓଭରରେ ୪ ୱିକେଟ ହରାଇ ୧୧୪ ରନ କରିବାକୁ ସକ୍ଷମ ହୋଇଥିଲା। ଅଜିତ ଦଳବେହେରା ଓ ଜଗତ ବେହେରା ମ୍ୟାଚ୍ ପରିଚାଳନା କରିଥିବା ବେଳେ ଅଂଶୁମାନ ଗଡ଼ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ।

### କେନ୍ଦ୍ରୀୟ ବଜେଟ ପ୍ରତିକ୍ରିୟା

## ଗରିବଙ୍କ ପାଇଁ ନୈରାଶ୍ୟଜନକ



ରବିବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାର ଉପସ୍ଥାପିତ କେନ୍ଦ୍ରୀୟ ବଜେଟ ଗରିବ ଓ ମଧ୍ୟବିତ୍ତଙ୍କ ପାଇଁ ନୈରଶ୍ୟଜନକ। ସୁନାରୁପା ଦରରେ ରୋକ୍ ଲାଗୁ ନ ଥିବା ବେଳେ ସରକାର ଯେଉଁ ବଜେଟ ଆଣିଛନ୍ତି ତାହା କର୍ପୋରେଟ ସେକ୍ଟର ପାଇଁ ସୁହାଇବ। ବିଦେଶରେ ପାଠ ପଢ଼ିବା ଶସ୍ତା ହେଉ କିମ୍ବା ଚମଡ଼ା ଦ୍ରବ୍ୟ କେତେ ଗରିବଙ୍କ ପାଇଁ ଉପଯୁକ୍ତ? ବିକଶିତ ଭାରତ ପାଇଁ ଅଭିବୃଦ୍ଧି ହୋଇପାରେ ହେଲେ ଗରିବ ମଧ୍ୟବିତ୍ତଙ୍କ ପାଇଁ ବଜେଟରେ ସେପରି କିଛି ନାହିଁ। ଓଡ଼ିଶାର ଲୋକମାନେ ଜୀବନଜୀବିକା ସହ ସଂଘର୍ଷ କରୁଥିବା ବେଳେ ନିଯୁକ୍ତି, ଶିକ୍ଷା, କୁଟୀରଶିଳ୍ପ ପାଇଁ କୌଣସି ଯୋଜନା ନାହିଁ। ଦରଦାମ ବୃଦ୍ଧି ସମୟରେ ଏଭଳି ବଜେଟକୁ ନେଇ ଲୋକ ନିରାଶ ହୋଇଛନ୍ତି।

**ଅଶୋକ ମହାରଣା, ଅଧ୍ୟାପକ**

## ଶିକ୍ଷାରେ ବ୍ୟୟବରାଦ ନ ହେବା ଦୁର୍ଭାଗ୍ୟଜନକ



ବଜେଟରେ କ'ଣ ଶସ୍ତା ହେଲା, କ'ଣ ମହଙ୍ଗା ହେଲା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହଁ, ତା'ଠାରୁ ଅଧିକ ଆବଶ୍ୟକ ଶିକ୍ଷା, ସ୍ୱାସ୍ଥ୍ୟ ଓ ପ୍ରତିରକ୍ଷା କ୍ଷେତ୍ରକୁ କେତେ ପ୍ରାଧାନ୍ୟ ଦିଆଯାଇଛି। ବିଗତ ଦିନର ପରିଣାମକୁ ଦୃଷ୍ଟିରେ ରଖି ସେଥିପାଇଁ ଉଚିତ ପଦକ୍ଷେପ ନେବା କଥା। ଶିକ୍ଷାନୀତି ଆୟୋଗଗୁଡ଼ିକର ରିପୋର୍ଟ ଅନୁସାରେ ଏଯାବତ ବଜେଟରେ ୬ ପ୍ରତିଶତ ଅର୍ଥ ବ୍ୟୟବରାଦ ହୋଇ ନ ପାରିବା ନିଶ୍ଚିତ କ୍ଷୋଭର ବିଷୟ। ଏଆଇ, ଡିଜିଟାଲ ଶ୍ରେଣୀକକ୍ଷର ଯେତିକି ଆବଶ୍ୟକତା ଅଛି, ଉପଯୁକ୍ତ ସଂଖ୍ୟକ ଶିକ୍ଷକ ନିଯୁକ୍ତିର ମଧ୍ୟ ସେତିକି ଆବଶ୍ୟକତା ରହିଛି। ଏଥିପ୍ରତି ବଜେଟରେ ଆଦୌ ଦୃଷ୍ଟି ଦିଆଯାଇନାହିଁ। ଅତ୍ୟାବଶ୍ୟକୀ ସାମଗ୍ରୀ ମୂଲ୍ୟହ୍ରାସ ନିଶ୍ଚିତ ସ୍ୱାଗତଯୋଗ୍ୟ।

**ପୁଷ୍ପଲତା ରଥ (ଅଧ୍ୟାପିକା)**

### କୋଶଳା ଗ୍ରାମ ଦେଇ କୋଇଲା ପରିବହନ ହେଲେ ଆନ୍ଦୋଳନ

# ରାଷ୍ଟ୍ରପତିଙ୍କ ପାଖରେ ହେବ ଇଚ୍ଛାମୃତ୍ୟୁ ଆବେଦନ

ଛେଣ୍ଡିପଦା,୧।୨(ସମିସ)




ଅନୁଗୋଳ-ଛେଣ୍ଡିପଦା ୬୩ନଂ ରାଜ୍ୟ ରାଜପଥର କୋଶଳା ଗ୍ରାମ ମଧ୍ୟ ଦେଇ ଯଦି ବଳପୂର୍ବକ କୋଇଲା ପରିବହନ କରାଯାଏ ତେବେ କୋଶଳା ପଞ୍ଚାୟତର ୧୫ ହଜାରରୁ ଊର୍ଦ୍ଧ୍ୱ ଲୋକ ରାଜରାସ୍ତାରେ ଆନ୍ଦୋଳନ କରିବେ। ଏଥିସହ ରାଷ୍ଟ୍ରପତିଙ୍କ ପାଖରେ ଇଚ୍ଛାମୃତ୍ୟୁ ପାଇଁ ଆବେଦନ କରିବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି। ଛେଣ୍ଡିପଦା ବ୍ଲକ୍ ଆଗାମୀ ଦିନରେ କୋଇଲାଖଣି ହବ୍‌ରେ ପରିଣତ ହେବାକୁ ଯାଉଥିବା ବେଳେ କିଛି କୋଇଲାଖଣି କାର୍ଯ୍ୟକ୍ଷମ ହୋଇ କୋଇଲା ପରିବହନ କରାଯାଉଛି। ଛେଣ୍ଡିପଦାସ୍ଥିତ ନଦୀ କୋଇଲାଖଣି କାର୍ଯ୍ୟକ୍ଷମ ହୋଇଥିଲେ ମଧ୍ୟ କୋଇଲା ପରିବହନ ହୋଇ ପାରିନାହିଁ। ଉକ୍ତ କୋଇଲାଖଣିରୁ କୋଇଲା ପରିବହନ ପାଇଁ କୋଶଳା ଦେଇ ଯାଇଥିବା ୬୩ନଂ ରାଜ୍ୟ ରାଜପଥ ବ୍ୟବହାର ନିମନ୍ତେ ମସୁଧା ଚଳାଇଥିବା ଖବର ପାଇ କୋଶଳା ଗ୍ରାମବାସୀ ଚିନ୍ତିତ ରହିଛନ୍ତି।

ଏନେଇ ଗ୍ରାମରେ ବାରମ୍ବାର ବୈଠକ କରାଯିବା ସହ ଉକ୍ତ କୋଇଲାଖଣିରୁ କୋଇଲା ପରିବହନ ନିମନ୍ତେ ୬୩ନଂ ରାଜ୍ୟ ରାଜପଥ ବ୍ୟବହାର କରିପାରିବେ କି ନାହିଁ ସେ ନେଇ ଗ୍ରାମବାସୀଙ୍କ ପକ୍ଷରୁ ସୂଚନା ଅଧିକାର ଆଇନରେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ, ଆର୍ ଆଣ୍ଡ ବି ଏବଂ ପରିବହନ ବିଭାଗକୁ ତଥ୍ୟ ମାଗାଯାଇଥିଲା। ମିଳିଥିବା ତଥ୍ୟ ଅନୁଯାୟୀ କୋଇଲା ପରିବହନ ପାଇଁ କୌଣସି ଅନୁମତି ନାହିଁ। ଏନେଇ ଗ୍ରାମ ସଭାପତି କୃତାର୍ଥ ଦେହୁରୀଙ୍କ ନେତୃତ୍ୱରେ ଗ୍ରାମରେ ଏକ ଜରୁରୀ ବୈଠକ ବସିଥିଲା। ବୈଠକରେ କୋଶଳା ଗ୍ରାମ ଦେଇ କୋଇଲା ପରିବହନକୁ ସମ୍ପୂର୍ଣ୍ଣ ବିରୋଧ କରାଯିବାକୁ ନିଷ୍ପତ୍ତି ହୋଇଛି। ପୁନଶ୍ଚ ଯଦି ବଳପୂର୍ବକ ପରିବହନ କରାଯାଏ ତେବେ ପଞ୍ଚାୟତର ୧୫ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ରାଷ୍ଟ୍ରପତିଙ୍କ ପାଖରେ ଇଚ୍ଛାମୃତ୍ୟୁ ଆବେଦନ କରିବେ ବୋଲି ଚେତାବନୀ ଦିଆଯାଇଛି।

ସରପଞ୍ଚ ଉଦିତ ପ୍ରଧାନ କହିଛନ୍ତି, କୋଇଲା ଖଣିକୁ ଆମେ ବିରୋଧ କରୁନାହୁଁ। କିନ୍ତୁ ଗ୍ରାମ ଦେଇ କୋଇଲା ଗାଡ଼ି ଚଳାଚଳ ନ କରି ବାଇପାସ୍ ରାସ୍ତା କିମ୍ବା ରେଳରେ କରାଗଲେ କୌଣସି ଅସୁବିଧା ନାହିଁ ବୋଲି ସେ କହିଛନ୍ତି। ବୈଠକରେ ନିଷ୍ପତ୍ତି ଅନୁଯାୟୀ ଗ୍ରାମ ଭିତରେ ଭାରୀଯାନ ଚଳାଚଳ କରାଇ ଦେବୁନାହିଁ। ଆବଶ୍ୟକ ପଡ଼ିଲେ ସ୍କୁଲ କଲେଜ ବନ୍ଦ କରି ୧୫ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ସିଦ୍ଧାର୍ଥ ଶଙ୍କର ସାହୁ ପ୍ରକାଶ କରିଛନ୍ତି।

### ବଜେଟ ପ୍ରତିକ୍ରିୟା



ରବିବାର ସଂସଦରେ ଉପସ୍ଥାପିତ ହୋଇଥିବା କେନ୍ଦ୍ରୀୟ ବଜେଟରେ ମଧ୍ୟମ ବର୍ଗ ଓ ସାଧାରଣ ଲୋକଙ୍କ ପାଇଁ ତୁରନ୍ତ ଆୟକର ରିଆତି କିମ୍ବା ବଡ଼ ଲାଭ ପ୍ରତିଫଳିତ ହୋଇନାହିଁ। ବଜେଟରେ ଏହି ସମ୍ଭାବନା ନିଶ୍ଚିତ କଲେ ଓଡ଼ିଶାର ଖଣିଜ ଓ ଟେକ୍ନୋଲୋଜି କ୍ଷେତ୍ରରେ ବିକାଶ ହେବ। ଏହି ବଜେଟ ଦେଶର ଦୀର୍ଘକାଳୀନ ବିକାଶ ପାଇଁ ଠିକ୍ ଅଛି। କିନ୍ତୁ ମଧ୍ୟବିତ୍ତ ପରିବାର ଓ ସାଧାରଣ ଲୋକଙ୍କ ତୁରନ୍ତ ଲାଭ ଅଳ୍ପ।

ପରମାନନ୍ଦ ମିଶ୍ର, ବରିଷ୍ଠ ଆଇନଜୀବୀ

## ବୈଷ୍ଣବୀ ସାହୁଙ୍କ ପୁସ୍ତକ ଉନ୍ମୋଚିତ




ଅନୁଗୋଳ,୧।୨(ସମିସ): ନୂଆଦିଲ୍ଲୀ ଡ୍ରିମ୍ ବୁକ୍ ପବ୍ଲିସିଂ ହାଉସ ଦ୍ୱାରା ପ୍ରକାଶିତ ଅନୁଗୋଳ ରୋଟାରୀ ପବ୍ଲିକ ସ୍କୁଲର ଇଂରାଜୀ ଶିକ୍ଷୟିତ୍ରୀ ବୈଷ୍ଣବୀ ସାହୁଙ୍କ ପ୍ରଥମ ପୁସ୍ତକ "ପୋଏଟ୍ରିଜ୍, ମେମୋରିଜ୍ ଆଣ୍ଡ ରିଫ୍ଲେକନ୍ସ ଅଫ ଲାଇଫ'ର ଉନ୍ମୋଚନ ଉତ୍ସବ ରୋଟାରୀ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂରାଜୀ ବିଭାଗ ପ୍ରଫେସର ତଥା ପ୍ରତିଷ୍ଠିତ ସାହିତ୍ୟିକ, ଅନୁବାଦକ ଡ. ମନୋରଞ୍ଜନ ମିଶ୍ର ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ। ଭାଷା ଓ ସାହିତ୍ୟକୁ ବଞ୍ଚାଇ ରଖିବା ପାଇଁ ଲେଖକମାନଙ୍କ ଅକ୍ଲାନ୍ତ ପରିଶ୍ରମର ଫଳ କେବଳ ପାଠକୀୟ ସ୍ୱୀକୃତିରେ ହିଁ ମିଳିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ଅଧ୍ୟକ୍ଷ ଡ. ଅଶୋକ କୁମାର ବେହେରା ଯୋଗଦେଇ ବୈଷ୍ଣବୀଙ୍କ ପରିଶ୍ରମ କେବେ ବ୍ୟର୍ଥ ହେବନି ବୋଲି କହିଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷ ଡ. ମନୋରଞ୍ଜନ ପଣ୍ଡା ଲେଖକମାନଙ୍କ ବହିଟିଏ କିଣି ପଢ଼ିବା ସହ ସେମାନଙ୍କ ପରିଶ୍ରମ ପାଇଁ ପ୍ରଶଂସା ହିଁ ସେମାନଙ୍କ ପାଇଁ ପାଠକଙ୍କ ତରଫରୁ ପ୍ରକୃତ ଆଶୀର୍ବାଦ ବୋଲି ମତ ଦେଇଥିଲେ। ବିଦ୍ୟାଳୟର ଗ୍ରନ୍ଥାଗାରିକା ନର୍ମଦା ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ଅଧ୍ୟକ୍ଷ ରୋଟାରିଆନ ନିର୍ମଳ କୁମାର ମିଶ୍ର ଏବଂ ରୋଟାରୀଆନ ନିଖିଲ ମିଶ୍ର ବୈଷ୍ଣବୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଓଏଚପିସି ଇଣ୍ଟର ୟୁନିଟ ବ୍ୟାଡ୍‌ମିଣ୍ଟନ

## ପୁରୁଷରେ ବାଲିମେଳା, ମହିଳାରେ ଚିପିଲିମା ଚାମ୍ପିଅନ

କଣିହାଁ,୧।୨(ସମିସ): କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଓଏଚପିସି ପ୍ରଶାସନିକ ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଓଏଚପିସି ଇଣ୍ଟର ୟୁନିଟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଶନିବାର ରାତିରେ ଉଦଯାପିତ ହୋଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଥିବା ୭ଟି ପ୍ରକଳ୍ପର ପୁରୁଷ ଓ ମହିଳା ଖେଳାଳି ଯୋଡ଼ିଙ୍କୁ ନେଇ ୪ ଦିନ ଧରି ପ୍ରତିଯୋଗିତା ହୋଇଥିଲା। ମହିଳା ବର୍ଗରେ ଚିପିଲିମାର ନିର୍ମଳା ସମଦ ଓ ସୁନିତା ମୁଣ୍ଡା ଯୋଡ଼ି ବୁର୍ଲାର ଜ୍ୟୋତି ଟପ୍ପୋ ଓ ମୋନାଲିସା ଯୋଡିଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ସେହିପରି ପୁରୁଷ ବର୍ଗରେ ବାଲିମେଳା ଦଳର ତାପସ ପାଲ ଓ ସୀମାଞ୍ଚଳ ସୁବୁଦ୍ଧିଙ୍କ ଯୋଡ଼ି ଇନ୍ଦ୍ରାବତୀର ଯଶୋବନ୍ତ ନାଏକ ଓ ଜ୍ୟୋତି ବେହେରାଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି।




ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ଉଭୟ ପୁରୁଷ ଓ ମହିଳା ଦଳକୁ ପୁରସ୍କୃତ କରିଥିଲେ। ରେଙ୍ଗାଳି ୟୁନିଟର ବରିଷ୍ଠ ସାଧାରଣ ପରିଚାଳକ ସରୋଜ କୁମାର ବହିଦାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ପ୍ରଦାନ ଉତ୍ସବରେ ମାନବ ସମ୍ବଳ ନିର୍ଦ୍ଦେଶକ ସନ୍ଦୀପ କୁମାର ପଟ୍ଟନାୟକ, ତହସିଲଦାର ଚିନ୍ମୟ ଦାସ, ପାଲଲହଡ଼ା ଏସଡିପିଓ କୈଳାସ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଟେକ୍ନିକାଲ ଉଇଂ ମୁଖ୍ୟ ଜିଏମ ସୁବ୍ରତ କୁମାର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଜ୍ଞାପନ କରିଥିଲେ। ଓଏସବିଏର ରେଫରୀ ସ୍ୱାଧୀନ ମିଶ୍ର ଓ ସହକର୍ମୀମାନେ ମ୍ୟାଚ୍ ପରିଚାଳନା କରିଥିଲେ।

### ନୂଆଗାଁ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ

## ଅଗ୍ନିଷ୍ଟାର ଚାମ୍ପିଅନ, ତାମ୍ରୁର ରନର୍ସଅପ୍

ଖମାର,୧।୨(ସମିସ): ପାଲଲହଡ଼ା ବ୍ଲକ ଆଲୋରୀ ପଞ୍ଚାୟତ ନୂଆଗାଁରେ ଶ୍ରୀରାମ କ୍ରିକେଟ କ୍ଲବ ପକ୍ଷରୁ ୬ ଦିନ ଧରି ଚାଲିଥିବା ନୂଆଗାଁ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଓଡ଼ଶ ଅଗ୍ନିଷ୍ଟାର ଓ ତାମ୍ରୁର ଏକାଦଶ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଅଗ୍ନିଷ୍ଟାର ଦଳ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଉଦଯାପନୀ ଉତ୍ସବରେ



ମୁଖ୍ୟଅତିଥି ଭାବେ ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଅବନୀକାନ୍ତ ସାହୁ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଏଥିସହ ନୂଆଗାଁର ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରିଥିଲେ। ଶ୍ରୀରାମ କ୍ରିକେଟ କ୍ଲବ ସଭାପତି ସତ୍ୟାନନ୍ଦ ସାହୁ, କୋଷାଧ୍ୟକ୍ଷ ଦୁଷ୍ମନ୍ତ ସାହୁ, ସମ୍ପାଦକ ବାପୁନ ସାହୁଙ୍କ ସମେତ ଖଗେଶ୍ୱର ପିଙ୍ଗୁଆ, ଅନିଲ ବେହେରା, ସୁବୁଦ୍ଧି ମହାରଣା, ସଂଗ୍ରାମ ପ୍ରଧାନ, ଜିଲୁ ସାହୁ, ରଞ୍ଜନ ସାହୁ, ବିଭୂତି ସାହୁ, ଶରତ ବେହେରା ସହଯୋଗ କରିଥିଲେ।

### କଙ୍କରେଇ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

## 'ନିରନ୍ତର ପ୍ରୟାସ ଓ କଠିନ ପରିଶ୍ରମ ସଫଳତା ଦେଇଥାଏ'

ଛେଣ୍ଡିପଦା,୧।୨(ସମିସ): ଛେଣ୍ଡିପଦା ବ୍ଲକ୍ କଙ୍କରେଇ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ନିରନ୍ତର ପ୍ରୟାସ ଓ କଠିନ ପରିଶ୍ରମ ବ୍ୟକ୍ତିକୁ ସଫଳତା ଆଣିଦେବା ସହ ଜୀବନକୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇପାରେ ବୋଲି ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ ଦେବରାଜ ନାୟକ କହିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସୁଭଦ୍ରା କୋଇଲାଖଣିର ଜେନେରାଲ ମ୍ୟାନେଜର ଏଚ୍.ଏସ୍ ସାଲୁଙ୍କେ ଯୋଗଦେଇ କହିଲେ, ଶିକ୍ଷା କେବଳ ପାଠ୍ୟକ୍ରମରେ ସୀମିତ ନୁହେଁ। ଏହାର ବ୍ୟାପ୍ତି ଅନନ୍ତ। ଛାତ୍ରଛାତ୍ରୀଙ୍କୁ ଏହା ନବଚିନ୍ତନ,



ଗବେଷଣା ଓ ସମାଜସେବା ପ୍ରତି ପ୍ରେରିତ କରେ ବୋଲି ସେ କହିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ମୁରଲୀଧର ଗୋଛାୟତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ଶିବାନୀ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ୨୦୨୫ରେ ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଶିବାନୀ ସାହୁଙ୍କ ଝିଅ ଲିସା ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଡିଜିଏମ୍ ଆଶୁତୋଷ ମିଶ୍ର, କଙ୍କରେଇ ସରପଞ୍ଚ ପ୍ରତାପ କୁମାର ସାହୁ, ସମିତି ସଭ୍ୟା ଶିଳି ସାହୁ, ପ୍ରସନ୍ନ କୁମାର ସାହୁ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ରେଖାସ୍ମିତା ତପୋବନା, ପ୍ରମିଳା ସାହୁ, ବିଶ୍ୱରଞ୍ଜନ ସାହୁ, ଶରତ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ।

## ଅନୁଗୋଳ ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ



ଜରପଡ଼ା,୧।୨(ସମିସ): ଛେଣ୍ଡିପଦା ବ୍ଲକ୍ ଜରପଡ଼ା ଥାନା ତୁକୁଡ଼ା ହାଟପଦାସ୍ଥିତ ଅନୁଗୋଳ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ଏହାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ଆଜୀବନ ସଭ୍ୟ ଶିକ୍ଷାବିତ୍ ଇନ୍ଦ୍ରମଣି ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ଉଦୟନାଥ ମହାପାତ୍ର ଓ ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିଶୁମଙ୍ଗଳ ସମିତି ସଦସ୍ୟ କଲ୍ୟାଣ କିଶୋର ମହାନ୍ତି, ସମ୍ମାନିତ ଅତିଥି ଭାବେ ପୂର୍ବତନ ଏବିଇଓ ଶରତ ଗଡ଼ନାୟକ, ତୁକୁଡ଼ା ସରପଞ୍ଚ ପ୍ରଶାନ୍ତ କୁମାର ସାହୁ ଓ ବିକଳ୍ପ ବିକାଶର ସମ୍ପାଦକ ସନ୍ତୋଷ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ମଣିଷ ତିଆରି କାରଖାନାରୁ ସଂସ୍କୃତିସମ୍ପନ୍ନ, ସଂସ୍କାରଧର୍ମୀ, ସଦାଚାରୀ, କର୍ତ୍ତବ୍ୟନିଷ୍ଠ, ଯୋଗ୍ୟ, ଆଦର୍ଶ, ଚରିତ୍ରବାନ୍ ଛାତ୍ରଛାତ୍ରୀ ବାହାରି ଭାରତର ଭାଗ୍ୟବିଧାତା ସାଜି ଦିନେ ବିଶ୍ୱକୁ ଦିଗ୍‌ଦର୍ଶନ ଦେବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ ଧନେଶ୍ୱର ସାହୁ ଗାନ୍ଧିଜୀ ଓ ଶୋଭାନୀୟ ଆନ୍ଦୋଳନର ପ୍ରବର୍ତ୍ତକ ପୂଜ୍ୟ କୁମାର ଭାଇଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଗୁରୁମା ସତ୍ୟଭାମା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ୨୦୨୩ ମାଟ୍ରିକ ପରୀକ୍ଷାରେ ଛେଣ୍ଡିପଦା ବ୍ଲକ ଟପ୍ପର ଶାଳିନୀସୌମ୍ୟା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାଶ୍ରମର କୁନି ଛାତ୍ରଛାତ୍ରୀମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶାଖା ସମ୍ପାଦିକା ମମତା ମଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ।

## କୃଷକ ମେଳା ସହ ଉଦ୍ୟାନ କୃଷି ପ୍ରଦର୍ଶନୀ



ଖମାର,୧।୨(ସମିସ): ପାଲଲହଡ଼ା ବ୍ଲକ୍ ଖମାର ଥାନା ଅନ୍ତର୍ଗତ ଏକଲ ଗ୍ରମୋତ୍ଥାନ ଫାଉଣ୍ଡେସନ ଦ୍ୱାରା ପରିଚାଳିତ ସମନ୍ୱିତ ଗ୍ରାମ୍ୟ ବିକାଶଠାରେ କୃଷକ ମେଳା ସହ ଉଦ୍ୟାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି ମନୋରଞ୍ଜନ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଅଶୋକ ମହାନ୍ତି, ସମ୍ମାନିତ ଅତିଥି ଭାବେ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଉଦୟ ନାରାୟଣ ଧର, ରତୁରାଣୀ କର୍ମୀ, ପ୍ରାଣୀ ସମ୍ପଦ ବିଭାଗର ଏଲୋରା ପ୍ରିୟଦର୍ଶିନୀ, ସମ୍ପାଦକ କ୍ଷେତ୍ରବାସୀ ପ୍ରଧାନ ମଞ୍ଚାସୀନ ଥିଲେ। ଚାଷୀମାନେ ବିଭିନ୍ନ ପନିପରିବା ପ୍ରଦର୍ଶନ କରିଥିଲେ। ମାୟାଧର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ୧୦ ଜଣ ସଫଳ ଚାଷୀଙ୍କୁ କୋଦାଳ ଓ ୧୦ ଜଣଙ୍କୁ ଷ୍ଟିଲ ଗାଙ୍ଗୁଲା ପ୍ରଦାନ କରାଯାଇଥିଲା। ଜୈବିକ ଉପାୟରେ କୃଷି କରୁଥିବା ଭେଟିଆ ଗ୍ରାମର କ୍ଷୀରୋଦ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ପଙ୍କଜ ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ଧନ୍ୟବାଦ ଦେଇଥିଲେ।

### ଶିଳ୍ପକୁ ଜମି ହସ୍ତାନ୍ତର ପ୍ରସଙ୍ଗରେ ଲାନକୋ ବାବନ୍ଧ ଜମିହରା ପ୍ରଜାଙ୍କ ସାମ୍ବାଦିକ ସମ୍ମିଳନୀ

## ୨୩୨ କୋଟିର ଟିକସ ହେରଫେର ଅଭିଯୋଗ

ଅନୁଗୋଳ,୧।୨(ସମିସ): ଖଡ଼କପ୍ରସାଦ ଠାରେ ଲାନକୋ ବାବନ୍ଧ ଥର୍ମାଲ ପାୱାର ପ୍ରଜେକ୍ଟ ପାଇଁ ୨୦୦୮ରେ ଖଡ଼କପ୍ରସାଦ ଓ କୁରୁଣ୍ଟି ଗ୍ରାମବାସୀଙ୍କଠାରୁ ୧୨୦୦ ଏକରରୁ ଊର୍ଦ୍ଧ୍ୱ ଜମି ନେଇଥିଲା। ତେବେ ୫ ବର୍ଷ ବିତିଯାଇଥିଲେ ଥିଲେ ମଧ୍ୟ କମ୍ପାନୀ ଦେବାଳିଆ ହୋଇଯିବା ଦର୍ଶାଇ ଶିଳ୍ପ ନ କରି ସାଫରନ କମ୍ପାନୀକୁ ୮୬୨ ଏକର ଜମି ହସ୍ତାନ୍ତର କରିଛି। ଫଳରେ କେନ୍ଦ୍ରୀୟ ଟିକସ ବାବଦ ପ୍ରାୟ ୧୮୦ କୋଟି ଓ ରାଜ୍ୟ ଟିକସ ବାବଦ ହାରାହାରି ୫୨ କୋଟି ଏପରି ମୋଟ ୨୩୨ କୋଟି ଟଙ୍କା ଟିକସ ଘୋଟଲା ହୋଇଥିବା ଶନିବାର ଲାନକୋ ଜମିହରା ପ୍ରଜାସଂଘ ସଭାପତି ଗଙ୍ଗାଧର ସାମଲଙ୍କ ଆବାହକତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି।




ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ପୂର୍ବତନ ବିଧାୟକ ସୁଧୀର ସାମଲ କହିଛନ୍ତି, ଆମ ଜିଲ୍ଲାକୁ ସରକାର ପ୍ରଦୂଷଣ ସୃଷ୍ଟିକାରୀ କମ୍ପାନୀକୁ ଅନୁମୋଦନ ଦେଉଛନ୍ତି। ଏହି ଅଞ୍ଚଳରେ ବହୁ ଶିଳ୍ପ ଗଢ଼ିଉଠି ଅଞ୍ଚଳବାସୀ ଧୂଳିଧୂଆଁ ଖାଇ ଅତିଷ୍ଠ ହୋଇ ପଡ଼ିଲେଣି। ସାମାଜସେବୀ ଡା. ଅବିନାଶ ସାମଲ କହିଲେ, ଧାରା ୧୦୧ ଅନୁଯାୟୀ କମ୍ପାନୀ ଚାଷୀମାନଙ୍କୁ ପୁନଶ୍ଚ ଜମି ଫେରାଇଦେଉ। କାରଣ କମ୍ପାନୀ ଏମଓୟୁ କରି ୫ ବର୍ଷ ଭିତରେ ତା'ର ନିୟମ ପାଳନ କରିନାହିଁ। ଗ୍ରାମର ଜଣେ ଚାଷୀ କମ୍ପାନୀକୁ ନିଜ ଜମି ଦେଇ ୫ ବର୍ଷ ବିତିଯାଇଥିଲେ ମଧ୍ୟ କମ୍ପାନୀ କୌଣସି କାମ ନ କରିବାରୁ ସେହି ଜମିକୁ ଚାଷୀ ଅକ୍ତିଆର କରିଛି। ଏ ହେଉଛି ତା'ର ଏକ ବଡ଼ ଉଦାହରଣ। ଏନେଇ ଉଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ଜିଲ୍ଲାପାଳଙ୍କୁ ପ୍ରଜାମାନଙ୍କ ସମସ୍ୟା ୧ ମାସରେ ବୁଝି ଆବଶ୍ୟକ ସ୍ଥଳେ ଆରଡିସି ସହାୟତା ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆମେ କୌଣସି ଶିଳ୍ପକୁ ଆମ ଜମି ଦେବୁ ନାହିଁ। ଲାନକେରୁ ଦେଇଥିବା ଜମିକୁ ପୂର୍ବ ସ୍ଥିତି ଅନୁଯାୟୀ ଫେରାଇ ଦେବାକୁ ଦାବି କରିଛିନ୍ତି। ଏହାର ପୁନର୍ବିଚାର କରା ନ ଗଲେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବୁ ବୋଲି କହିଥିଲେ।

ବୈଠକରେ ବିଜୟ କୁମାର ଧଳ, କୈଳାସ ରାଉତ, ନରେନ୍ଦ୍ର ସାହୁ, ହରିହର ସାହୁ, ରବିନାରାୟଣ ନାୟକ, ବିବେକ ନାୟକ, ଖଡ଼କପ୍ରସାଦ ସରପଞ୍ଚ ସାବିତ୍ରୀ ଦଳେଇ ଉପସ୍ଥିତ ଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ବିଦାୟ ସମ୍ବର୍ଦ୍ଧନା



ବଣ୍ଡଁରପାଳ,୧।୨(ସମିସ): ପାଞ୍ଚଗଡ଼ ସୋମନାଥ ସିଂହ ଜଗଦ୍ଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅଧ୍ୟାପିକା ଅନୁପମା ଦାଶ ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପକ ସୁଜିତ କୁମାର ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ସମସ୍ତ କର୍ମଚାରୀ ଏହି ଶିକ୍ଷାନୁଷ୍ଠାନ ପ୍ରତି ଅଧ୍ୟକ୍ଷ ପ୍ରଧାନଙ୍କ ଅନବଦ୍ୟ ସେବା ଓ ନିଃସ୍ୱାର୍ଥପର ତଥା ଉତ୍ସର୍ଗୀକୃତ କାର୍ଯ୍ୟଶୈଳୀର ପ୍ରଶଂସା କରିଥିଲେ। ତାଙ୍କ ସ୍ୱଳ୍ପକାଳୀନ ଅଧ୍ୟକ୍ଷତାରେ ଅନୁଷ୍ଠାନର ସର୍ବାଙ୍ଗୀନ ଉନ୍ନତି କେବଳ ତାଙ୍କର ଦକ୍ଷତା ଓ ଇଚ୍ଛାଶକ୍ତିର ପରିଣାମ ବୋଲି ବରିଷ୍ଠ କିରାଣି ଦୁଃଖବନ୍ଧୁ ପରିଡ଼ା ଓ ଡେମୋନଷ୍ଟ୍ରେଟର ଭାର୍ଗବ ମିଶ୍ର ପ୍ରକାଶ କରିଥିଲେ। ଅଧ୍ୟାପକ ଯୁଗଳ କିଶୋର ସାହୁ, ବୀରେନ ମଲ୍ଲିକ, ମାନସ କୁମାର ଗଡ଼ତିଆ, କମଳଲୋଚନ ନାଏକ, ଅମରେଶ ପଣ୍ଡା, ଅଧ୍ୟାପିକା ଗାୟତ୍ରୀ ପ୍ରଧାନ, ଶ୍ରଦ୍ଧାଞ୍ଜଳି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



ଜରପଡ଼ା,୧।୨(ସମିସ): ଅନୁଗୋଳ ଜିଲ୍ଲା ବଣ୍ଡଁରପାଳ ବ୍ଲକ ଜରଡ଼ା ବ୍ରଜମୋହନ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିନୋଦ କୁମାର ସାହୁ ଶନିବାର ଚାକିରିର ଅବସର ଗ୍ରହଣ କରିଛନ୍ତି। ବିଦ୍ୟାଳୟ ପରିସରରେ ତାଙ୍କୁ ଭାବବିହ୍ୱଳ ପରିବେଶରେ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିରେ ଜରଡ଼ା ସରପଞ୍ଚ ରତ୍ନାକର ଦାସ ଓ ସମିତି ସଭ୍ୟ ରଞ୍ଜନ କୁମାର ଦାସ, ଜରଡ଼ା ଗ୍ରାମ ସଭାପତି କୁଶଧ୍ୱଜ ଦାସଙ୍କ ସମେତ ଗ୍ରାମବାସୀ, ଶିକ୍ଷକ, ଛାତ୍ରଛାତ୍ରୀ, ପୂର୍ବତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ବିନୋଦ ସାର ୧୯୯୨ରେ ଏହି ବିଦ୍ୟାଳୟରେ ନିଯୁକ୍ତି ପାଇଥିଲେ। ଦୀର୍ଘ ୩୪ ବର୍ଷ ଧରି ସ୍ୱଳ୍ପ ବେତନରେ ଶିକ୍ଷାଦାନ କରି ଏହିଠାରୁ ହିଁ ସେ ଅବସର ଗ୍ରହଣ କରିଛନ୍ତି। ଚାକିରି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଶୃଙ୍ଖଳାର ସହ ପ୍ରଧାନଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ସେ କେବଳ ଜଣେ ଶିକ୍ଷକ ନ ଥିଲେ ବରଂ ଆମ ପରିବାରର ସଦସ୍ୟ ଥିଲେ ବୋଲି ମତ ପ୍ରକାଶ ପାଇଥିଲା। ଅନେକ ଛାତ୍ରଛାତ୍ରୀଙ୍କୁ ନିଜସ୍ୱ ଟଙ୍କାରେ ବହି, ଖାତା, କଲମ ଆଦି ଦେଇ ପାଠ ପଢ଼ାଇଥାଆନ୍ତି। ତାଙ୍କ ପାଠପଢ଼ା ଶୈଳୀ ନିଆରା ଥିଲା ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ତରଣୀ ସେନ ସାହୁ ଉପସ୍ଥିତ ଥିଲେ।

## ଟିକରପଡ଼ାରେ ୟୁଥ ହଷ୍ଟେଲ ଆସୋସିଏସନର ଟ୍ରେକିଂ କ୍ୟାମ୍ପ

ଅନୁଗୋଳ,୧।୨(ସମିସ): ୟୁଥ ହଷ୍ଟେଲ ଅଫ ଇଣ୍ଡିଆ ଆସୋସିଏସନ ଓଡ଼ିଶା ଶାଖାର ଦୁଇଦିନିଆ ଟ୍ରେକିଂ କ୍ୟାମ୍ପ ନାଲକୋ ୟୁନିଟ ସହାୟତାରେ ଅନୁଷ୍ଠିତ ହୋଇଛି। ଆସୋସିଏସନର ରାଜ୍ୟ ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ପଟ୍ଟନାୟକ, ନାଲକୋ ୟୁନିଟ ସଭାପତି ଆଇନଜୀବୀ ଭବାନୀ ଶଙ୍କର ମିଶ୍ର, ସମ୍ପାଦକ ଆଇନଜୀବୀ ଦିଲୀପ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଯୋଗଦେଇ ଜଙ୍ଗଲ ପରିବେଶ, ବନ୍ୟପ୍ରାଣୀ ସୁରକ୍ଷା ଏବଂ ମାନବ ସମାଜ ସହ ଓତପ୍ରୋତ ଭାବେ ଜଡ଼ିତ ବୋଲି କହିଥିଲେ। ଶିବିରରେ ଅନୁଗୋଳ ବିଭିନ୍ନ କଲେଜର ଛାତ୍ରଛାତ୍ରୀ, ଟିକରପଡ଼ା ହାଇସ୍କୁଲ




ଛାତ୍ରଛାତ୍ରୀ ସମେତ ଢେଙ୍କାନାଳ, କଟକ, ଆଠଗଡ଼, ଖୋର୍ଦ୍ଧା, ଭୁବନେଶ୍ୱର, ବ୍ରହ୍ମପୁର, ବାଲେଶ୍ୱର ପ୍ରଭୃତି ଅଞ୍ଚଳର ପ୍ରକୃତିପ୍ରେମୀ ତଥା ୟୁଥ ଆସୋସିଏସନ ସଦସ୍ୟ ସାମିଲ ହୋଇଥିଲେ। ଶନିବାର ପୂର୍ବାହ୍ନରେ ଅନୁଗୋଳଠାରୁ ବାହାରି ସମସ୍ତେ ଟିକରପଡ଼ା ନେଚର କ୍ୟାମରେ ପହଞ୍ଚିଥିଲେ। ରାତ୍ରିକାଳୀନ ନେଚର କ୍ୟାମ୍ପ ବେଶ୍ ଉଲ୍ଲସିତ କରିଥିଲା। ରବିବାର ସକାଳେ ଏଡିଏମ ପ୍ରତାପ ପ୍ରୀତିମୟ ଜଙ୍ଗଲ ଟ୍ରେକିଂ ଯାତ୍ରାକୁ ସବୁଜ ପତାକା ଦେଖାଇ ଶୁଭରମ୍ଭ କରିଥିଲେ। ଅଂଶଗ୍ରହଣକାରୀମାନେ ଜଙ୍ଗଲ ମଧ୍ୟରେ ୧୦କିମି ପଦଯାତ୍ରା କରି ବୃକ୍ଷଲତା, ଗୁଳ୍ମ, ଜୀବଜନ୍ତୁଙ୍କ ଚଲାପଥ, ୱାଚ ଟାୱାର ସମ୍ବନ୍ଧରେ ଅବଗତ ହୋଇଥିଲେ। ସାତକୋଶିଆ ଗଣ୍ଡରେ ଥିବା କୁମ୍ଭୀର ପ୍ରଜନନ କେନ୍ଦ୍ର ଦେଖିବା ସହ ମହାନଦୀରେ ନୌକାବିହାର କରିଥିଲେ। ଅନୁଗୋଳ ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ସିଂହ, ୟୁଥ ହଷ୍ଟେଲ ଓଡ଼ିଶା ୟୁନିଟ ଅଧ୍ୟକ୍ଷ ପଦ୍ମନାଭ ଡାଭେ, ସମ୍ବଲପୁର ୟୁନିଟ ଚେୟାରମ୍ୟାନ ସୂରଜ କୁମାର ଦାସ ପ୍ରମୁଖଙ୍କ ସମେତ ଆସୋସିଏସନର ଆଜୀବନ ସଦସ୍ୟ ପଦ୍ମଲୋଚନ ପ୍ରଧାନ, ବିପ୍ଳବ ମହାପାତ୍ର, ପର୍ଶୁରାମ ଦାସ, ଶତ୍ରୁଘନ ସାହୁ, ବ୍ରହ୍ମଜ୍ୟୋତି ମିଶ୍ର, ପଦ୍ମଲୋଚନ ପ୍ରଧାନ, ଆଇନଜୀବୀ ଉଦୟ ଶଙ୍କର ମିଶ୍ର, ସରୋଜ ପଟ୍ଟନାୟକ ସହଯୋଗ କରିଥିଲେ।

# ଏକ ହଜାର ବୃକ୍ଷ ଓ ଜଙ୍ଗଲ ଜମିର ଯତ୍ନ ଓ ସୁରକ୍ଷା କରିବେ ଶ୍ରିପୁରା ଗ୍ରାମବାସୀ

ଝାରସୁଗୁଡ଼ା,୧।୨(ସମିସ)



ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍ ଅଧୀନ ଶ୍ରିପୁରା ଗ୍ରାମବାସୀ ଏକଜୁଟ ହୋଇ ରୋପଣ କରିଥିବା ଏକ ହଜାର ବୃକ୍ଷ ଏବଂ ଜଙ୍ଗଲ ଜମିର ସୁରକ୍ଷା ନିଜେ କରିବା ପାଇଁ ପ୍ରେସ ବିଜ୍ଞପ୍ତି ଜାରି କରିଛନ୍ତି। ପ୍ରେସ ବିଜ୍ଞପ୍ତି ଅନୁଯାୟୀ ଶ୍ରିପୁରା ଗ୍ରାମବାସୀ ଗତ ବର୍ଷା ଋତୁରେ ଏକ ପେଡ ମା କେ ନାମ ଯୋଜନାରେ ଏକ ହଜାର ବୃକ୍ଷରୋପଣ କରିଥିଲେ। ବୃକ୍ଷରୋପଣ କରାଯାଇଥିବା ଜଙ୍ଗଲ ଜମିର ଚତୁଃପାଶ୍ୱର୍ରେ ବ୍ୟାରିକେଡ କରାଯାଇଥିଲା। ଦୁର୍ଭାଗ୍ୟର କଥା ଯେ ଝାରସୁଗୁଡ଼ା ତହସିଲଦାର ସଦାକର କୁମ୍ଭାର ୨୦୨୫ ଅକ୍ଟୋବର ୩ ତାରିଖ ଜିଲ୍ଲା ପ୍ରଶାସନ, ଜିଲ୍ଲା ଜଙ୍ଗଲ ବିଭାଗର ବିନା ନିର୍ଦ୍ଦେଶରେ ପୁଲିସ ଧରି ଗ୍ରାମବାସୀ କିମ୍ବା ସ୍ଥାନୀୟ ଜନ ପ୍ରତିନିଧିଙ୍କୁ କିଛି ନ ଜଣାଇ ଶ୍ରିପୁରା ସ୍ଥିତ ଏପିସିଲନ କମ୍ପାନୀର ସ୍ୱାର୍ଥରେ ବ୍ୟାରିକେଡକୁ ହଟାଇବା ସହିତ ବୃକ୍ଷ ଓ ଚାରାକୁ ମୂଳରୁ ହଟାଇ ଫିଙ୍ଗି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହା ସହିତ କମ୍ପାନୀକୁ ଭାରୀଯାନ ଚଳାଚଳ ପାଇଁ ଜଙ୍ଗଲ ଜମିରେ ବେଆଇନ ଭାବେ ରାସ୍ତା କରିଥିଲେ। ଏ ନେଇ ଶ୍ରିପୁରା ଗ୍ରାମବାସୀ ଝାରସୁଗୁଡ଼ା ଜିଲ୍ଲାପାଳ, ଡିଏଫଓ ଏବଂ ତହସିଲଦାରଙ୍କୁ ଜଣାଇଥିଲେ। ଜିଲ୍ଲାପାଳ ତଦନ୍ତ ପାଇଁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନଥିଲା। ପରୋକ୍ଷରେ ତହସିଲଦାର ଓ ଡିଏଫ୍‌ଓ କମ୍ପାନୀକୁ ଜଙ୍ଗଲ ଜମିରେ ବେଆଇନ ଭାବେ ଭାରୀଯାନ ଚଳାଚଳ ଏବଂ ବେଆଇନ ପାର୍କିଂ ପାଇଁ ସହଯୋଗ କରିଥିବା ଗ୍ରାମବାସୀ ଅଭିଯୋଗ କରିଆସୁଛନ୍ତି। ଶେଷରେ ଡିଏଫଓ ଏବଂ ତହସିଲଦାରଙ୍କ ନୀରବତା ଯୋଗୁଁ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ଯଶୋବନ୍ତୀ ପାଣ୍ଡେଙ୍କ ଅଧକ୍ଷତାରେ ଜାନୁୟାରୀ ୧୫ରେ ଏକ ଗାଁସଭାର ଆୟୋଜନ କରିଥିଲେ। ଜଙ୍ଗଲ ଜମିରେ ରୋପଣ କରାଯାଇଥିବା ଏକ ହଜାର ବୃକ୍ଷ ଏବଂ ଜଙ୍ଗଲ ଜମିର ସୁରକ୍ଷା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଗଲା। ଏହି କାର୍ଯ୍ୟରେ ସହଯୋଗ ପାଇଁ ଜାନୁୟାରୀ ୧୯ରେ ଜିଲ୍ଲାପାଳଙ୍କୁ ଏବଂ ୨୧ରେ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ଏବଂ ସ୍ଥାନୀୟ ବଡମାଳ ପୁଲିସକୁ ଫେବୃଆରୀ ୨ରୁ ବୃକ୍ଷ ଗୁଡିକର ଯତ୍ନ ଓ ସୁରକ୍ଷା ନେବା ପାଇଁ ସହାୟତା ଏବଂ ଶ୍ରିପୁରା ଗ୍ରାମବାସୀଙ୍କୁ ସୁରକ୍ଷା ଯୋଗାଇ ଦେବାପାଇଁ ଦାବିପତ୍ର ଦେଇ ଅନୁରୋଧ କରିଥିଲେ। ଏହା ସହିତ ଗ୍ରାମବାସୀଙ୍କ ତରଫରୁ ଗତ ୨୭ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଜାତୀୟ ମାନବ ଅଧିକାର କମିଶନ ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

ତେବେ ଏ ସବୁ ଘଟଣା ମଧ୍ୟରେ ବି ଡିଏଫଓ ଅଶୋକ ମନୁ ଭଟ୍ଟ ଏବଂ ତହସିଲଦାର ସଦାକର କୁମ୍ଭାର ଏପିସିଲନ କମ୍ପାନୀ ବିରୋଧରେ ବେଆଇନ ଭାବେ ଜଙ୍ଗଲ ଜମି ହାତେଇବା ପାଇଁ ତଦନ୍ତ କରୁ ନଥିବାରୁ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏହା ସହିତ କୌଣସି କମ୍ପାନୀ ଗ୍ରାମ୍ୟ ଜଙ୍ଗଲ ଅଧିକାର କରିବା ପାଇଁ ଗ୍ରାମ୍ୟ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଉକ୍ତ ଗାଁରେ ଗାଁସଭା କରାଯାଇ ଅଧାରୁ ଅଧିକ ଲୋକଙ୍କ ସମର୍ଥନ ପରେ ଯାଇ ତାହା ଜିଲ୍ଲା କମିଟିକୁ ପଠାଯାଇଥାଏ। ପୁଣି ଜିଲ୍ଲା ସ୍ତରୀୟ ନିର୍ବାଚିତ ପ୍ରତିନିଧି ଏବଂ ଅଧିକାରୀଙ୍କ ବୈଠକରେ ତାହାକୁ ସମ୍ମତି ପ୍ରଦାନ କରାଯାଇଥାଏ। କିନ୍ତୁ ଦୁଃଖର କଥା ଯେ ଡିଏଫଓ ଏବଂ ତହସିଲଦାର କମ୍ପାନୀ କରୁଥିବା ବେଆଇନ ଜଙ୍ଗଲ ଜମିର ସୁରକ୍ଷା ପାଇଁ କୌଣସି ଜନ ପ୍ରତିନିଧି କିମ୍ବା କୌଣସି ଗ୍ରାମବାସୀଙ୍କ ସହିତ ଆଲୋଚନା ତ ଦୂରର କଥା କାର୍ଯ୍ୟାଳୟକୁ ଆସି ଭେଟିବା ପାଇଁ ମଧ୍ୟ କେବେ ଡାକି ନାହାନ୍ତି। ତେବେ କେଉଁ ଆଇନ ବଳରେ ତହସିଲଦାର ବ୍ୟାରିକେଟ ଭାଙ୍ଗି ଏକ ପେଡ ମା କେ ନାମରେ ବୃକ୍ଷ ଉପାଡିଲେ, କେଉଁ ଆଇନ ବଳରେ ଏତେ ଅଭିଯୋଗ, ଆବେଦନ, ନିବେଦନ ପରେ ମଧ୍ୟ କୌଣସି ତଦନ୍ତ ହେଉନାହିଁ ବୋଲି କହି ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ତେଣୁ ଗାଁସଭାର ନିଷ୍ପତ୍ତି ଅନୁଯାୟୀ ଗ୍ରାମବାସୀ, ସ୍ଥାନୀୟ ଜନ ପ୍ରତିନିଧି ଏକଜୁଟ ହୋଇ ଜଙ୍ଗଲ ଜମି ସହିତ ଏକ ପେଡ ମା କେ ନାମ କାର୍ଯ୍ୟକ୍ରମରେ ରୋପଣ କରାଯାଇଥିବା ଏକ ହଜାର ବୃକ୍ଷର ସୁରକ୍ଷା ଓ ଯତ୍ନ ନିଜେ ଆଜି ଫେବୃଆରୀ ୨ ତାରିଖ ଦିନ କରିବା ପାଇଁ ଶ୍ରିପୁରା ଗ୍ରାମବାସୀ ନିଜେ ଅଣ୍ଟା ଭିଡିଛନ୍ତି। ଏ ସମୟରେ ଝାରସୁଗୁଡ଼ା ଡିଏଫଓ, ଝାରସୁଗୁଡ଼ା ତହସିଲଦାର ଯେପରି ସେମାନଙ୍କ କ୍ଷମତାର ଅପବ୍ୟବହାର କରି ଗ୍ରାମବାସୀଙ୍କୁ ହଇରାଣ କିମ୍ବା ମାନସିକ ନିର୍ଯ୍ୟାତନା ପ୍ରଦାନ ନ କରିବେ ତାହାର ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ, ଆରକ୍ଷୀ ଅଧୀକ୍ଷକ ଦାୟୀ ରହିବେ ବୋଲି ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

## କେନ୍ଦ୍ର ବଜେଟ୍ ପ୍ରତିକ୍ରିୟା




ନୂତନ ବଜେଟ ଓଡ଼ିଶାବାସୀଙ୍କୁ ନିରାଶ କରିଛି। କେନ୍ଦ୍ର ସରକାର ନିର୍ବାଚନ ପୂର୍ବରୁ ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିବା ପରିବର୍ତ୍ତେ ଓଡ଼ିଶାବାସୀଙ୍କୁ ପ୍ରତାରିତ କରିଛନ୍ତି। ଏହି ବଜେଟରେ ରାଜ୍ୟ ପାଇଁ କୌଣସି ଆଖିଦୃଶିଆ ବ୍ୟବସ୍ଥା ନଥିବାରୁ ରାଜ୍ୟବାସୀଙ୍କ ନିମନ୍ତେ ଏହା ଅଦୌ ସହାୟକ ହୋଇପାରିବ ନାହିଁ। ଅନ୍ୟପକ୍ଷରେ ବେକାରୀ ଓ ବେରୋଜଗାର ସମସ୍ୟା ସହିତ ଲଢୁଥିବା ଛାତ୍ର ଏବଂ ଯୁବକ ମାନେ ମଧ୍ୟ ନିରାଶ ହୋଇଛନ୍ତି। ମୋଟାମୋଟି ଭାବେ କହିବାକୁ ଗଲେ ଏହି ବଜେଟ ଛାତ୍ର ଓ ଯୁବ ବିରୋଧୀ ବଜେଟ ଅଟେ।

ପ୍ରତାପ ଦେବ,
ଦେବଗଡ଼ ଜିଲ୍ଲା ଯୁବ ବିଜେଡି ସଭାପତି




ସରକାରଙ୍କ ଦ୍ୱାରା ସଦ୍ୟ ଉପସ୍ଥାପିତ ବଜେଟରେ କୌଣସି ନୂତନତ୍ୱ ନାହିଁ। ନିଯୁକ୍ତି ପାଇଁ ଆଶାୟୀ ଯୁବବର୍ଗ ଏବଂ ଗୃହିଣୀ ମାନଙ୍କ ନିମନ୍ତେ ଉତ୍ସାହଜନକ ନଥିବା ବେଳେ ଗରିବ ଏବଂ ନିମ୍ନ ମଧ୍ୟବିତ୍ତଙ୍କୁ ମଧ୍ୟ ଏହି ବଜେଟ ନିରାଶ କରିଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ଯେ, ଆଜି ବଜେଟ ଉପସ୍ଥାପନ ସମୟରେ ସେୟାର ବଜାର ନିମ୍ନଗାମୀ ହେବା ଭବିଷ୍ୟତ ପାଇଁ ଆଦୌ ଶୁଭ ସୂଚନା ନୁହେଁ। ମୋଟାମୋଟି ଏହା ଏକ ଜନ ବିରୋଧୀ ବଜେଟ କହିଲେ ଅତ୍ୟୁକ୍ତି ହେବନାହିଁ।

ସେମ୍ ହେମ୍ବ୍ରମ୍,
ଦେବଗଡ଼ ଜିଲ୍ଲା କଂଗ୍ରେସ ସଭାପତି



ଆଜିର ବଜେଟ ମିଶ୍ରିତ ବଜେଟ ହୋଇଥିବା ବେଳେ ଏଥିରେ କୌଣସି ନୂତନତ୍ୱ ପରିଲକ୍ଷିତ ହୋଇନାହିଁ। ଏହି ବଜେଟରେ ଯୁବ ବର୍ଗଙ୍କୁ ନିଯୁକ୍ତି ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଅନ୍ୟପକ୍ଷରେ ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ବର୍ଗଙ୍କ ପାଇଁ ଏହି ବଜେଟ ନୈରାଶ୍ୟ ଜନକ ରହିଛି। ଏମିତି ଦେଖିବାକୁ ଗଲେ କେବଳ ବଜେଟକୁ ବାଲାନ୍ସ କରାଯିବାକୁ ଯଥାସାଧ୍ୟ ଉଦ୍ୟମ କରାଯାଇଛି। ତେବେ ୨୦୪୭କୁ ଲକ୍ଷ୍ୟ ରଖି ବଜେଟ ପ୍ରସ୍ତୁତ ହୋଇଥିବା ସରକାରଙ୍କ ପକ୍ଷରୁ କୁହାଯାଉଥିବା ବେଳେ ଏହା ସମ୍ପୂର୍ଣ୍ଣ ଅବାସ୍ତବ ଓ ଅଯୌକ୍ତିକ ମନେ ହୁଏ।

ଦିଲ୍ଲିପ ଗୁରୁ, ଆଇନଜୀବୀ



ଆଜିର କେନ୍ଦ୍ର ବଜେଟରେ କିଛି ନୂତନତ୍ୱ ନାହିଁ। ରାଜ୍ୟରେ ଖୋଦ ଆର୍ଥିକ ମାନ୍ଦାବସ୍ଥା ରହିଥିବା ବେଳେ ନୂତନ ପ୍ରକଳ୍ପ ମାନ ଘୋଷଣା କରାଯାଇଛି। ହେଲେ ଅର୍ଥର ବ୍ୟବସ୍ଥା ସମ୍ପର୍କରେ କିଛି ସୂଚନା ନାହିଁ। କୋଷ୍ଟାଲ କରିଡର ଭଳି ପ୍ରକଳ୍ପ ପାଇଁ ଅର୍ଥ ବ୍ୟବସ୍ଥା ନ କରି ଜଳପଥ ଭଳି ନୂତନ ପ୍ରକଳ୍ପ ଘୋଷଣା ଓଡ଼ିଶା ପାଇଁ ଶୁଭଙ୍କର ନୁହେଁ। ନିଯୁକ୍ତି ପାଇଁ କିଛି ବ୍ୟବସ୍ଥା ନାହିଁ। ଏମଏସଏମଇ ସେକ୍ଟର ପାଇଁ ନିୟମକୁ ସରଳୀକରଣ କରାଯାଇ ନଥିବାରୁ ଏହା ବିଶେଷ ଫଳପ୍ରଦ ହେବା ସମ୍ଭାବନା ନାହିଁ। ତେଣୁ ଏହି ବଜେଟ ଅବାସ୍ତବ ଭଳି ମନେ ହୁଏ।

ଚିତ୍ତରଞ୍ଜନ ପ୍ରଧାନ, ବିଶିଷ୍ଟ ବ୍ୟବସାୟୀ



ଆଗାମୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଅର୍ଥମନ୍ତ୍ରୀ ୫୫ ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି। ଯେଉଁଠି ଆର୍ଥିକ ନିଅଣ୍ଟ ପରିମାଣ ୪.୩ ପ୍ରତିଶତ ରହିଛି। କୃଷି, ଶିଳ୍ପ, ଶିକ୍ଷା, ଭିତ୍ତିଭୂମି ବିକାଶ, ମଧ୍ୟମ ଓ କ୍ଷୁଦ୍ର ଶିଳ୍ପ, ଭିବି-ଜୀରାମ-ଜୀ ପରି ଯୋଜନା ପାଇଁ ବିଗତ ବର୍ଷ ତୁଳନାରେ ଅଧିକ ବ୍ୟୟବରାଦ ହୋଇଛି। ନୂତନ ବଜେଟକୁ ଆଗାମୀ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ହେବାପାଇଁ ରାସ୍ତା ବୋଲି ଅର୍ଥମନ୍ତ୍ରୀ ଅଭିହିତ କରିଛନ୍ତି। ତେବେ ଅସଲ କଥା ହେଲା, ଉଚିତ ବ୍ୟୟ ବରାଦ ସତ୍ତ୍ୱେ ଅଧିକାଂଶ ବିଭାଗ ଆବଣ୍ଟିତ ଅର୍ଥ ଖର୍ଚ୍ଚ କରି ନପାରିବା ସରକାରଙ୍କ ବିଫଳତା ଦର୍ଶାଉଛି। ଆଶ୍ଚର୍ଯ୍ୟର ବିଷୟ ଯେ, ଆମେରିକାର ଅହେତୁକ ଟାରିଫ ଯୋଗୁଁ କ୍ଷତି ସହୁଥିବା କ୍ଷେତ୍ର ଗୁଡ଼ିକ ପାଇଁ ବିଶେଷ କୌଣସି ପଦକ୍ଷେପ ନିଆଯାଇ ନାହିଁ। କାଗଜ କଲମରେ ବିକାଶ ହାର ବୃଦ୍ଧି ସତ୍ତ୍ୱେ ଲୋକମାନଙ୍କ ପାଇଁ ଆୟର ଅସମାନତା, ରୋଜଗାରର ଅଭାବ, ବର୍ଦ୍ଧିତ ମୁଦ୍ରାସ୍ଫିତି ଆଦି ଦେହସୁହା ହୋଇଗଲାଣି। ଆଜିର ବଜେଟ ଉପସ୍ଥାପନ ପରେ ସେୟାର ବଜାରରେ ଅଧିକାଂଶ ସେୟାରର ମୂଲ୍ୟ ହ୍ରାସ ଓ ବିଦେଶୀ ନିବେଶକ ମୁହଁ ମୋଡିବା ଆଗକୁ ଶୁଭଙ୍କର ନୁହେଁ।

ତପନ ବାରିକ, ଅର୍ଥନୀତି
ପ୍ରାଧ୍ୟାପକ, ଲକ୍ଷ୍ମୀ ନାରାୟଣ କଲେଜ ଝାରସୁଗୁଡ଼ା



ମୋ ଦୃଷ୍ଟିରେ ଆଜିର ବଜେଟରେ ବିଶେଷ କିଛି ପରିବର୍ତ୍ତନ ହୋଇନାହିଁ। ମଧ୍ୟବିତ୍ତ ପରିବାର ପାଇଁ କିଛିଟା ଜିନିଷରେ ଟ୍ୟାକ୍ସ କମିଛି, ହେଲେ ବେରୋଜଗାରଙ୍କ ପାଇଁ କିଛି ବି ସୁଯୋଗ ସୃଷ୍ଟି ହୋଇପାରି ନାହିଁ। ସୁନା, ରୁପା ଦର କିଛି ମାତ୍ରାରେ ହ୍ରାସ ପାଇଥିଲେ ହେଁ ଏବେବି ମଧ୍ୟବିତ୍ତ ପରିବାର ପାଇଁ ମହରଗ। ଏହି ସବୁକୁ ଦୃଷ୍ଟିରେ ରଖି ବିଚାର କଲେ ଏକ ମଧ୍ୟବିତ୍ତ ପରିବାର ଯଦି ଗୋଟିଏ ବିବାହ ପାଇଁ ବିଚାର ପ୍ରସ୍ତୁତ ହେବେ ତେବେ ତାହା ସେମାନଙ୍କ ପାଇଁ ଦୁଶ୍ଚିନ୍ତାର ବିଷୟ।

ମାନସୀ ପଣ୍ଡା, ସାମାଜିକ କର୍ମୀ



ବଜେଟ ୨୦୨୬-୨୭ରେ ମଧ୍ୟବିତ୍ତ ପରିବାର ପାଇଁ ସେପରି କିଛି ବିଶେଷ ଘୋଷଣା କରାଯାଇନାହିଁ। ସେୟାର ମାର୍କେଟରେ ନିବେଶ କରୁଥିବା ନିବେଶକ ମାନଙ୍କ ପାଇଁ ଯେଉଁ ଆଶା କରାଯାଉଥିଲା, ସେଥିପାଇଁ କୌଣସି ଘୋଷଣା ନଥିବାରୁ ଏହା ନିବେଶକଙ୍କୁ ନିରାଶ କରିଛି। ଏସ୍‌ଟିଟି ବୃଦ୍ଧି ଯୋଗୁଁ ପୁଞ୍ଜିବଜାରରେ ନୈରାଶ୍ୟ ଦେଖାଦେଇଥିଲା। ଏପରିକି ନିଫ୍ଟି ୮୦୦ ପଏଣ୍ଟ ହ୍ରାସ ପାଇଥିଲା। ଏହା ଏକ ନୈରାଶ୍ୟ ଜନକ ବଜେଟ ଅଟେ।

ଚିତ୍ତବୋଧ ପ୍ରଧାନ, ଆମ୍ଫି ରେଜିଷ୍ଟ୍ରଡ ମ୍ୟୁଚୁଆଲ ଫଣ୍ଡ
ଡିଷ୍ଟ୍ରିବ୍ୟୁଟର, ବ୍ରଜରାଜନଗର

# ଜିଏଲ୍ ଉଚ୍ଚ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା

ଝାରସୁଗୁଡ଼ା,୧।୨(ସମିସ): ଦୀର୍ଘ ବର୍ଷର ଶିକ୍ଷକତା ପରେ ଚାକିରିରୁ ଅବସର ନେଇଥିବା ଶିକ୍ଷୟିତ୍ରୀ ଗୀତାଞ୍ଜଳି ପ୍ରଧାନଙ୍କ ସାମ୍ମାନାର୍ଥେ ପିଏମ୍‌ଶ୍ରୀ ଗିରିଧରଲାଲ୍ ଉଚ୍ଚ ବିଦ୍ୟାଳୟ ବେଲପାହାଡ ପରିସରରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କୈଳାଶ ଚନ୍ଦ୍ର ପଟ୍ଟନାୟକ, ସ୍ଥାନୀୟ ବିଦ୍ୟାଳୟର ପୂର୍ବତନ ଶିକ୍ଷୟିତ୍ରୀ ସୌଭାଗିନୀ ପରିଜା, ବେଲପାହାଡ ସିଆରସିସି ଯୁବରାଜ ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏ ଅବସରରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀ ପଟେଲ ତାଙ୍କୁ



ବିଦ୍ୟାଳୟର ପ୍ରଧାନଶିକ୍ଷକ ସଚିନ୍ଦ୍ର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ଲଖନପୁର ବିଇଓ ଗିରିଧାରୀ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପିପିଲିମାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପିତା ପଟେଲ, ଛୁଆଲିବେର୍ଣ୍ଣା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ହୃଷିକେଶ ପାତ୍ର, ବିଆର୍ ପ୍ରୋଭିଜିନାଲ ପେନସନର ଆଦେଶପତ୍ର ପ୍ରଦାନ କରିବା ସହିତ ତାଙ୍କର ଦୀର୍ଘ ଓ ସୁସ୍ଥ ଜୀବନ କାମନା କରିଥିଲେ। ଶିକ୍ଷକ ମହେଶ ଚନ୍ଦ୍ର ପଧାନ ମଞ୍ଚ ସଞ୍ଚାଳନ କରିଥିବା ବେଳେ ନିତ୍ୟାନନ୍ଦ ନାଏକ ଧନ୍ୟବାଦ ଅର୍ପଣ କରିଥିଲ। ଆୟୋଜନରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

# ରିଆମାଳରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ




ରିଆମାଳ,୧।୨(ସମିସ): ରିଆମାଳ କଲ୍ୟାଣ ମଣ୍ଡପରେ ରବିବାର ନବଦିଗନ୍ତ ସାହିତ୍ୟ ସଂସଦ ପକ୍ଷରୁ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଓ ପଞ୍ଚଦଶ ସାମ୍ବତ୍ସରିକ ଉତ୍ସବ ତଥା ସାରସ୍ୱତ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ନବଦିଗନ୍ତ ସାହିତ୍ୟ ସଂସଦର ସଭାପତି ପଣ୍ଡିତ ଜଳନ୍ଧର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସଂସଦର ସାଧାରଣ ସମ୍ପାଦକ ଅବସରପ୍ରାପ୍ତ ଅଧ୍ୟାପକ ଗୋଲବଦନ୍ ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଏବଂ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଦେବଗଡ଼ ବିଧାୟକ ରୋମାଞ୍ଚରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଡ.ପ୍ରମୋଦ ବେହେରା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସେହିପରି ଜୀବେଶ୍ୱରି ପଟେଲ ଓ ଡ ପ୍ରଫୁଲ୍ଲ ମହାପାତ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କବି ସୁରଭି ପଦ୍ମିନୀ ସାହୁ ଓ ପଦ୍ମିନୀ ଦାସ ମହାପାତ୍ର କବିତା ସଂଯୋଜନା କରିଥିବା ବେଳେ ମୋନାଲିସା ପ୍ରଧାନ, ସାଇ ସିଦ୍ଧି ମିଶ୍ର, ମନୀଷା ସ୍ୱାଇଁ, ରୋଜାଲିନ ବିଶ୍ୱାଳ ଓ ପ୍ରୀତି ପ୍ରଧାନ ବନ୍ଦେ ଉତ୍କଳ ଜନନୀ ଓ ସ୍ୱାଗତ ଗୀତ ପରିବେଷଣ କରିଥିଲେ। ନବଦିଗନ୍ତ ସାହିତ୍ୟ ସଂସଦ ପକ୍ଷରୁ ଜୀବେଶ୍ୱରି ପଟେଲଙ୍କୁ ଶ୍ରେଷ୍ଠ ସାରସ୍ୱତ ସାଧିକା ସମ୍ମାନ, ସୁସ୍ମିତା ପଟେଲଙ୍କୁ ଶିଶୁ ସାହିତ୍ୟିକା ସମ୍ମାନ, ମହେଶ୍ୱର ବେହେରାଙ୍କୁ ଶିକ୍ଷା ପ୍ରଶାସକ ସମ୍ମାନ, ଅମ୍ରିତ ବିଶ୍ୱାଳଙ୍କୁ ଶିକ୍ଷା ଓ ପରିବେଶ ସାରଥି ସମ୍ମାନ, ଛବିରାଣୀ ସାହୁଙ୍କୁ ଶ୍ରେଷ୍ଠ ଜନ ପ୍ରତିନିଧି ସମ୍ମାନ, ଅଲେଖ ପତିଙ୍କୁ ପ୍ରକୃତି ମିତ୍ର ସମ୍ମାନ, ଲକ୍ଷ୍ମୀ ମହାପାତ୍ରଙ୍କୁ କବିତା ସମ୍ମାନ, ସୋନାଲିନ ସାହୁଙ୍କୁ ଶ୍ରେଷ୍ଠ କବୟିତ୍ରୀ ସମ୍ମାନ, ମଦନ ମୋହନ ବେହେରାଙ୍କୁ ସାରସ୍ୱତ ସାଧକ ସମ୍ମାନ ଓ ତୁଳସୀ ମଞ୍ଜରୀ ବହିଦାର ଓ ରବୀନ୍ଦ୍ର ଦାସଙ୍କୁ କୃଷି ମିତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ୧୨ଟି ଜିଲ୍ଲାରୁ କବି ମାନେ ଯୋଗ ଦେଇ ନିଜ ନିଜର କବିତା ପାଠ କରିଥିବା ବେଳେ ଶିଶୁ କବୟିତ୍ରୀ ଶୀତାଶ୍ରୀ ମହାକୁଡ ନିଜର କବିତା ପାଠ କରିଥିଲେ। ଯୁଗ୍ମ ସମ୍ପାଦକ ଶମ୍ଭୁ ଲାଲ ଅଗ୍ରୱାଲ, ମଦନ ବେହେରା, ରାଜ କିଶୋର ବେହେରା, କମାର ବେହେରା, ସନ୍ତୋଷ ପ୍ରଧାନ, ସୌଭାଗ୍ୟ ପାତ୍ର, ସୋନାଲିନ ସାହୁ, ଇପ୍ସିତା ପ୍ରିୟଦର୍ଶିନୀ ପରିଡା, ଉମା କାନ୍ତ ଦେହୁରୀ ଏବଂ ନବ ଦିଗନ୍ତ ସାହିତ୍ୟ ସଂସଦ ସମସ୍ତ ସମସ୍ୟ ସହଯୋଗ କରିଥିଲେ।

# ଲକ୍ଷେଘର ଗଣ୍ଡାସମାଜ ବିକାଶ ପରିଷଦର ସ୍ୱାଗତ ସମ୍ବର୍ଦ୍ଧନା



ଝାରସୁଗୁଡ଼ା,୧।୨(ସମିସ): ଝାରସୁଗୁଡ଼ା ଜିଲ୍ଲା ସ୍ଥିତ ପୂର୍ତ୍ତ ବଙ୍ଗଳା (ଆଇବି)ରେ ଝାରସୁଗୁଡ଼ା ଲକ୍ଷେଘର ଗଣ୍ଡା ସମାଜ ବିକାଶ ପରିଷଦର ସ୍ୱାଗତ ସମ୍ବର୍ଦ୍ଧନା ଓ ଦାୟିତ୍ୱ ଗ୍ରହଣ ସମାରୋହ ସଭାପତି ପ୍ରେମ ସାଗରଙ୍କ ସଭାପତିତ୍ୱ ଓ ସମ୍ପାଦକ ମନ୍ମୟ କିଶୋର ବଖରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ଉପଦେଷ୍ଟା ଭୋପାଳ ଜୟପୁରିଆ, ବିଶ୍ୱାମିତ୍ର ଛଛାନ, ଦୁର୍ବାଦଳ କରାଳୀ, ସନାତନ ମହାନନ୍ଦ, ବୃଷଭାନୁକୁସୁମ, ଡିଲେଶ୍ୱର ବାଗ, କୃଷ୍ଣଚନ୍ଦ୍ର ପୋଢ଼ ଉପସ୍ଥିତ ଥିଲେ। ନବନିର୍ବାଚିତ ଝାରସୁଗୁଡ଼ା ଓ କିର୍ମିରା ବ୍ଲକ୍‌ର ସଭ୍ୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସହ ଦାୟିତ୍ୱ ଦିଆଯାଇଥିଲା ଓ ଝାରସୁଗୁଡ଼ା ଜିଲ୍ଲାର ବିଶିଷ୍ଟ ତଥା ବରିଷ୍ଠ ନାଗରିକ ଖଗେଶ୍ୱର ବେହେରା ଓକୁଶାସନ ଜୟସୁରିଆଙ୍କୁ ସମ୍ମାନିତ କରାଯାଇଥିଲା। ସଭାରେ ବରିଷ୍ଠ ତଥା ଉପଦେଷ୍ଟା କମିଟିର ସଦସ୍ୟ ମଣ୍ଡଳୀଙ୍କ ଆଦେଶ କ୍ରମେ ଜାତି ସମାଜର ଉନ୍ନତି, ଏକତା, ଅଖଣ୍ଡତା ସକାଶେ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ ପାଇଁ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା କମିଟିର ଗୌରାଙ୍ଗ ଜଗତ, ମୁରଲୀ ଛଛାନ, ଆଶିଷ ଗର୍ଡିଆ, ଶ୍ୟାମସୁନ୍ଦର କଂସରାଳୀ, ଗଙ୍ଗାଧର କଣ୍ଟା ଝାରସୁଗୁଡ଼ା ବ୍ଲକ୍‌ର ହେମନ୍ତ ମାଳୀ, ଦିକ୍ଷିତ କଣ୍ଟା, ରୋହିତ ସିଂ, ସୁକାନ୍ତ ସିଂ, ଗୌରୀଶଙ୍କର ତନ୍ତୀ କିର୍ମିରା ବ୍ଲକ୍‌ର ସନ୍ତୋଷ ବାଗ, କ ବିରେନ୍ଦ୍ର ଚଣ୍ଡିଆ ପ୍ରମୁଖ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

# ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ ଉଦ୍‌ଯାପିତ

ଝାରସୁଗୁଡ଼ା,୧।୨(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ଲଖନପୁର ସଦଗୁରୁ ଆଶ୍ରମରେ ଜାନୁଆରୀ ୨୮ରୁ ଆରମ୍ଭ ହୋଇଥିବା ୨୪ ପ୍ରହର ଅଖଣ୍ଡ ଅହୋରାତ୍ର ନାମଯଜ୍ଞ ଫେବୃଆରୀ ରବିବାର ନାମ ସମାପନ, ନଗର ଭ୍ରମଣ, ଦଧିଭାଣ୍ଡଭଞ୍ଜନ ସହ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି।

ଏହି ନାମଯଜ୍ଞ ପାଇଁ ବୁଧବାର କଳସ ଶୋଭାଯାତ୍ରା ପରେ ଶୁଭ ଅଧିବାସ ସହିତ ଅଖଣ୍ଡ ନାମଯଜ୍ଞର ଶୁଭାରମ୍ଭ କରାଯାଇଥିଲା। ଗୁରୁବାରରୁ ବିଭିନ୍ନ ସଙ୍କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନାମଗୁଞ୍ଜନ କରାଯାଇଥିବା ବେଳେ ରବିବାର ନାମ ସମାପନ, ପୂର୍ଣ୍ଣାହୁତି, ନଗର ଭ୍ରମଣ, ଦଧିଭଞ୍ଜନ ପରେ ନାମଯଜ୍ଞ ସମାପନ ହୋଇଥିଲା। ନାମଯଜ୍ଞରେ ସପତ୍ନୀକ ନବଘନ ବାଗ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ନାମଯଜ୍ଞରେ ବିଭିନ୍ନ ସଙ୍କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନଗର ଭ୍ରମଣ କରାଯାଇଥିବା ବେଳେ ପୂର୍ଣ୍ଣାହୁତି, ନଗରଭ୍ରମଣ ଓ ଦଧିଭାଣ୍ଡଭଞ୍ଜନରେ ଆଖପାଖ ଅଞ୍ଚଳର ହଜାର ହଜାର ଭକ୍ତ ସାମିଲ ହୋଇଥିଲେ। ଆୟୋଜକଙ୍କ ତରଫରୁ ସମସ୍ତ ଭକ୍ତବୃନ୍ଦଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା।



## କୋଇଲା ବୋଝେଇ ପିକ୍‌ଅପ୍ ଜବତ, ୨ ଗିରଫ

ଦେବଗଡ଼,୧।୨(ସମିସ): କୁଣ୍ଢେଇଗୋଳା ଥାନା ଅଧୀନ ଲକ୍ଷ୍ମୀପୁର ଠାରେ କୁଣ୍ଢେଇଗୋଳା ପୁଲିସ ଗତରାତିରେ ପାଟ୍ରୋଲିଂ କରୁଥିବା ବେଳେ କୋଇଲା ଚୋରା ଚାଲାଣ କରୁଥିବା ପିକଅପ ଗାଡିକୁ ଜବତ କରିଛି। ଏହା ସହିତ ଦୁଇ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ମାନେ ରେଢ଼ାଖୋଲ ଥାନାଞ୍ଚଳର ଦେହୁରୀ ସାହୁ ଓ ଘନଶ୍ୟାମ ମହାକୁଲ ଓ ଆଠମଲ୍ଲିକ ଅଞ୍ଚଳ ଗୋପାଳପୁର ଗାଁର ନବୀନ କ୍ଷେତି ବୋଲି ଜଣାପଡିଛି। କୋଇଲା ବେଆଇନ ଭାବେ ଖିଲେଇ ଅଞ୍ଚଳକୁ ଚୋରା ଚାଲାଣ ହେଉଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି।

# କୁଣ୍ଢେଇଗୋଳା ଅଞ୍ଚଳରୁ ବ୍ୟାପକ ମୋରମ ଚୋରା ଚାଲାଣ



କୁଣ୍ଢେଇଗୋଳା,୧।୨(ସମିସ): କୁଣ୍ଢେଇଗୋଳା ଥାନାଞ୍ଚଳରେ ଗତ କିଛି ଦିନ ଠାରୁ ବେଆଇନ ଭାବେ ହାଇୱା ଯୋଗେ ବିପୁଳ ପରିମାଣରେ ବାହାରକୁ ମୋରମ ଚୋରା ଚାଲାଣ ହେଉଥିବା ଦେଖାଦେଇଛି। ଅଞ୍ଚଳରେ ମୋରମ ପାଇଁ ସରକାରୀ ସ୍ତରରେ କୌଣସି ଖାଦନ ଲିଜ ନଥିବା ବେଳେ ହାଇୱା ଯୋଗେ ଓଭର୍‌ଲୋଡ ହୋଇ ବେଆଇନ ଭାବେ ବାହାରକୁ ଚାଲାଣ ହେଉଛି। ଓଭରଲୋଡ ହୋଇ ଯାଇଥିବାରୁ ଛକ ବଜାରରେ ଗାଡିରୁ ମୋରମ ପଡୁଥିବାରୁ ଦୁଇ ଚକିଆ ଯାନ ଚାଳକଙ୍କ ପାଇଁ ଦୁର୍ଘଟଣା ସମ୍ଭାବନା ଦେଖା ଯାଉଛି। ଆଜି ଏପରି ଘଟଣା ଘଟିବା ଦ୍ୱାରା କୁଣ୍ଢେଇଗୋଳାର କିଛି ଦୋକାନୀ ନିଜ ହାତରୁ ଖର୍ଚ୍ଚ କରି ଶ୍ରମିକ ଲଗାଇ କୁଣ୍ଢେଇଗୋଳା ଛକ ରାସ୍ତାକୁ ସଫା କରିଥିଲେ। ଏହିପରି ବେଳେ ବେଳେ ବାଲି ଓ ମୋରମ ହାଇୱା ଗାଡିରୁ ଖସିରାସ୍ତା ଖରାପ ହେଉଥିବା ବେଳେ ଖଣି ବିଭାଗ ଜାଣିଶୁଣି ଚୁପ୍ ରହୁଛି ବୋଲି ଜନସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ଏହାପ୍ରତି ଗୁରୁତ୍ୱ ନଦେଲେ କୁଣ୍ଢେଇଗୋଳା ଗ୍ରାମବାସୀ ପକ୍ଷରୁ ଜନ ଆନ୍ଦୋଳନ ଦେଖା ଯିବାର ସମ୍ଭାବନା ଦେଖା ଯାଉଛି।

● ପଦାରେ ପଡ଼ିଲା ଶିକ୍ଷୟିତ୍ରୀଙ୍କ କାରନାମା

# ମଧ୍ୟାହ୍ନଭୋଜନ ଚାଉଳ ବାଟମାରଣା ଭିଡିଓ ଭାଇରାଲ

କୋରାପୁଟ,୧।୨(ସମିସ): ପ୍ରାୟ ଦୁଇ ବର୍ଷ ହେବ ମନମାନି ଚଳାଇ ଆସୁଥିବା କୋରାପୁଟ ସହର ସ୍ଥିତ ପୁଲିସ୍ ୟୁପି ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କୋରାପୁଟ,୧।୨(ସମିସ) ଦିନରେ ମଧ୍ୟାହ୍ନଭୋଜନ ଚାଉଳ ବିକ୍ରି ପାଇଁ ଏକ ଅଟୋରିକ୍ସାରେ ନେବା ଭିଡିଓ ଭାଇରାଲ୍ ହୋଇଛି। ବିଭିନ୍ନ ଘଟଣାକୁ ନେଇ ବିବାଦୀୟ ହୋଇ ପଡ଼ିଥିବା ଜୈନିକ ଭାରାପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ବରିଷ୍ଠ ଶିକ୍ଷୟିତ୍ରୀ ରଞ୍ଜିତା କହଁରଙ୍କୁ ଦାୟିତ୍ୱ ହସ୍ତାନ୍ତର ପାଇଁ ଶିକ୍ଷା ବିଭାଗ ନିର୍ଦ୍ଦେଶ ଦେବା ପରେ ସମ୍ପୃକ୍ତ ଶିକ୍ଷୟିତ୍ରୀ ଦାୟିତ୍ୱ ହସ୍ତାନ୍ତର ପୂର୍ବରୁ ବଳକା ଚାଉଳ ନେଇ ଯାଇଥିବା ଅଭିଯୋଗ ହୋଇଛି। ବିଭାଗୀୟ



ଅଧିକାରୀଙ୍କ ନିର୍ଦ୍ଦେଶ ପାଇବା ସତ୍ତ୍ୱେ ସେ ନିର୍ଦ୍ଦେଶକୁ ବେଖାତିର କରି ଦାୟିତ୍ୱ ହସ୍ତାନ୍ତର କରୁନଥିଲେ। କିନ୍ତୁ ବାରମ୍ବାର ଅନିୟମିତତା ଅଭିଯୋଗ ଆସିବା ପରେ ବିଭାଗୀୟ ଚାପରେ ସେ ସୋମବାର ଦାୟିତ୍ୱ ଦେବାକୁ ବାଧ୍ୟ ବୋଲି କୁହାଯାଇଛି। ଶିକ୍ଷୟିତ୍ରୀ ଜଣକ ପିଲାଙ୍କ ମିଥ୍ୟା ଉପସ୍ଥାନ ପକାଇ ଠୁଳ କରିଥିବା ପ୍ରାୟ ଦୁଇ କୁଇଣ୍ଟାଲ ମଧ୍ୟାହ୍ନ ଭୋଜନ ଚାଉଳ ଏକ ଅଟୋ ରିକ୍ସାରେ ବିଦ୍ୟାଳୟରୁ ବଜାରକୁ ଚାଲାଣ କରିବା ଭିଡିଓ ଭାଇରାଲ ହେବା ସହିତ ସହରରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଘଟଣାରେ ବିଦ୍ୟାଳୟରେ ତଦାରଖ ତଥା ସଂଯୋଜନା ଦାୟିତ୍ୱରେ ଥିବା ସିଆରସିସିଙ୍କ ଭୂମିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟ ପକ୍ଷରେ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚାମେଲି ମଜୁମଦାର ପ୍ରତିକ୍ରିୟା ଦେଇଛନ୍ତି।

# ବଜାରରୁ ୧୦,୨୦ ଓ ୫୦ ଟଙ୍କିଆ ନୋଟ୍ ଉଭାନ!

ରାମନାଗୁଡା,୧।୨(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡା ବଜାରରୁ ଦଶ ଟଙ୍କିଆ, କୋଡ଼ିଏ ଟଙ୍କିଆ ଏବଂ ପଚାଶ ଟଙ୍କିଆ ନୋଟ୍ ଏକ ପ୍ରକାର ଉଭାନ୍ ହୋଇଯାଇଛି। ଫଳରେ ସାଧାରଣଜନତା ଓ ବ୍ୟବସାୟୀ ହଇରାଣ ହେଉଛନ୍ତି। ଲୋକେ ଟଙ୍କା ଧରିଥିଲେ ମଧ ଖୁଚୁରା ନ ଥିବାରୁ ଜିନିଷ କିଣିବା ବେଳେ ହଇରାଣ ହେଉଛନ୍ତି। ସେହିପରି ବ୍ୟବସାୟୀମାନଙ୍କ ନିକଟରେ ଖୁଚୁରା ନଥିବାରୁ ବାଧ ହୋଇ ବେପାର ଛାଡୁଥିବା ଦେଖିବାକୁ ମିଳିଛି। ଦଶ,କୋଡିଏ, ପଚାଶ ଟଙ୍କିଆ ନୋଟ୍‌କୁ ନେଇ ଲୋକଙ୍କ ମଧ୍ୟରେ ଏବେ ଭାଳେଣି ପଡ଼ିଲାଣି। ୧୦,୨୦,୫୦ ଟଙ୍କିଆ ନୋଟ କୁଆଡେ ଗଲା ବୋଲି



ସାଧାରଣ ଜନତା ପ୍ରଶ୍ନ କରୁଛନ୍ତି। ଏବେ ବଜାରରେ କେବଳ ଶହେ ଓ ପାଞ୍ଚ ଶହ ଟଙ୍କିଆ ନୋଟ୍ ହିଁ ଦେଖିବାକୁ ମିଳୁଛି। ୫୦ ଟଙ୍କିଆ ନୋଟ ମଧ କାଁ ଭାଁ ଦେଖିବାକୁ ମିଳୁଛି। ଖୁଚୁରା ନଥିବାରୁ ସାଧାରଣ ଜନତା ଜିନିଷ କିଣିବା ସମୟରେ ବ୍ୟବସାୟୀମାନେ ନିଜ ସାମଗ୍ରୀ ବିକ୍ରି କରିବା ବେଳେ ଅଧିକ ସମସ୍ୟା ସମସ୍ୟା ଦେଖାଦେଉଛି ହାଟ ଓ ବଜାରରେ। ଖୁଚୁରା ରଖିନଥିବାରୁ ବେପାର ଚାଲିଯାଉଥିବା ନେଇ ଗ୍ରାମାଞ୍ଚଳରୁ ସହରକୁ ବିକ୍ରି କରିବାକୁ

## ଲୋକେ ଓ ବ୍ୟବସାୟୀ ହନ୍ତସନ୍ତ

ଆସୁଥିବା ଆଦିବାସୀ ପୁରୁଷ ଓ ମହିଳା ଛୋଟ ବ୍ୟବସାୟୀ ମାନେ କହିଛନ୍ତି। ବିଶେଷ କରି ୧୦, ୨୦, ୫୦ ଟଙ୍କିଆ ନୋଟ୍ ନଥିବାରୁ ଲୋକେ ହଇରାଣ ହେଉଥିବା ଦେଖିବାକୁ ମିଳୁଛି। ଯାହାକୁ ନେଇ ବ୍ୟବସାୟୀମାନେ ହଇରାଣ ହେଉଛନ୍ତି। ସ୍ଥାନୀୟ ବୁଦ୍ଧିଜୀବୀଙ୍କ କହିବା ଅନୁଯାୟୀ ବର୍ତମାନ କିଛି ବର୍ଷ ହେବ ବଜାର ରେ ଦଶ, କୋଡିଏ, ପଚାଶ ଟଙ୍କିଆ ନୋଟ ଅଭାବ ହେବା କାରଣ ହେଉଛି। ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଏହାକୁ ଦୃଷ୍ଟି ଦେଇ ଅଭାବ କୁ ଦୂର ନକଲେ ଆଗାମୀ ଦିନରେ ଏପରି ସମସ୍ୟା ଉଗ୍ର ହେବା ସହିତ ସ୍ୱପ୍ନ ହେବ। ବଜାରକୁ ୧୦ ଟଙ୍କିଆ ନୋଟ୍ ଆସୁନି ଫଳରେ ଲୋକେ ବଡ଼ ନୋଟ୍ ଧରି କେବଳ ବଜାର ବୁଲି ଆସୁଛନ୍ତି ସିନା କିଛି କିଣି ପାରୁନାହାନ୍ତି। ଏହି ଆହୁରି କେତେ ଦିନ ଲାଗି ରହିବ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି।ଏହି ସମସ୍ୟା ର ସୁଧାର ଆଣିବା ପାଇଁ ସାଧାରଣ ରେ ଦାବି ହେଉଛି।

# ‘କେନ୍ଦ୍ର ବଜେଟ୍ ବିଶେଷ ଆଶାଜନକ ନୁହେଁ’

ନବରଙ୍ଗପୁର,୧।୨(ସମିସ):ଚଳିତ ବର୍ଷର କେନ୍ଦ୍ରୀୟ ବଜେଟ ବିଶେଷ ଆଶାଜନକ ନୁହେଁ ବୋଲି କହିଛନ୍ତି ବିଶିଷ୍ଟ ଆଇନଜୀବୀ ତଥା ଜିଲ୍ଲା ନାଗରିକ କମିଟିର ସମ୍ପାଦକ ରାମ ପ୍ରସାଦ ପାତ୍ର। ସେ କହିଛନ୍ତି, ଅନୁନ୍ନତ ଅଞ୍ଚଳର ଶିକ୍ଷା ସ୍ୱାସ୍ଥ୍ୟ ଓ ଗମନାଗମନ ପ୍ରତି ଏହି ବଜେଟ୍‌ରେ



ବିଶେଷ ଦୃଷ୍ଟି ଦିଆଯାଇନଥିବା ବେଳେ ଦେଶର ବିକଶିତ ଅଞ୍ଚଳର ରେଳ ଗମନାଗମନ କ୍ଷେତ୍ରରେ ଅଧିକ ପୁଞ୍ଜି ବିନିଯୋଗ ପାଇଁ ଏହି ବଜେଟରେ ଧ୍ୟାନ ଦିଆଯାଇଛି। ଆୟକର ଆଇନର ସରଳିକୃତ ଓ ସଂସ୍କାର ମୂଳକ ପଦକ୍ଷେପ ସ୍ୱାଗତଯୋଗ୍ୟ। ଏହି ବଜେଟରେ ବିଭିନ୍ନ ସାମଗ୍ରୀର ଉତ୍ପାଦନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଯାହାକି ଦେଶର ଆର୍ଥିକ ସ୍ଥିତି ଓ ନିଯୁକ୍ତି ପାଇଁ ଲାଭ ଦାୟକ ହେବ। ଦେଶର ଆର୍ଥିକ ବିକାଶ, ଯୁବ ପ୍ରତିଭା ର ବିକାଶ ଓ ଗରିବ ଏବଂ ଅବହେଳିତ ଲୋକଙ୍କ ପାଇଁ ଏହି ବଜେଟ୍ ଦ୍ୱାରା ଅନେକ କିଛି ଆଶା ରଖାଯାଇ ପାରିବ। ଜରୁରୀ ଔଷଧ ସାମଗ୍ରୀର ଦର ହ୍ରାସ ପାଇଁ ଏହି ବଜେଟ୍ ଗୁରୁତ୍ୱ ବହନ କରେ। ବଜେଟରେ ପ୍ରାବଧାନ ଥିବା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ୧୫୦୦୦ ମାଧ୍ୟମିକ ବିଦ୍ୟାଳୟ, ୫୦୦ କଲେଜ ଓ ପ୍ରତି ଜିଲ୍ଲାରେ ଗୋଟିଏ ବାଳିକା ହଷ୍ଟେଲ ପର୍ଯ୍ୟାପ୍ତ ନୁହେଁ। ପ୍ରାୟ ୧୭ ଟି ଔଷଧରୁ ଆମଦାନୀ ଶୁଳ୍କ ଓ କଷ୍ଟମ ଡ୍ୟୁଟି ଛାଡ କରାଯାଇଥିବା ସମସ୍ତ ଦେଶବାସୀଙ୍କ ପାଇଁ ଲାଭଦାୟକ ହେବ।

# ଶିକ୍ଷା ବିଭାଗର ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ

କୋରାପୁଟ,୧।୨(ସମିସ): ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶିକ୍ଷା ବିଭାଗର ଜିଲ୍ଲା ସ୍ତରୀୟ ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଉପସ୍ଥିତ ଶିକ୍ଷା ବିଭାଗର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ମାନଙ୍କୁ ଫେବୃଆରୀ ୧୯ ରେ ଆରମ୍ଭ ହେବାକୁ ଥିବା ମାଟ୍ରିକ ପରୀକ୍ଷାର ସୁପରିଚାଳନା ସହ ବିଭିନ୍ନ ପ୍ରକାର ସ୍କ୍ୱାର୍ଡ ଗଠନ କରିବା, ଦଶମ ଶ୍ରେଣୀର ସମସ୍ତ ପିଲାମାନେ ପରୀକ୍ଷାରେ ଉପସ୍ଥିତ ହେବା, ଶତ ପ୍ରତିଶତ ପାସ ହାର ସହ ଅଧିକରୁ ଅଧିକ ପିଲା ଏ -୧ ଏବଂ ଏବଂ ଏ -୨ଗ୍ରେଡ଼ ରଖିବେ ତା ଉପରେ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶା ରାଜ୍ୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଦ୍?ାରା ବିଦ୍ୟାଳୟ ଗୁଡ଼ିକୁ ଆସୁଥିବା ବିଭିନ୍ନ ଅନୁଦାନ ଯଥା ମିଶ୍ରିତ ଅନୁଦାନ,ଖେଳ ଅନୁଦାନ,ରାଣୀ ଲକ୍ଷ୍ମିବାଇ ଆତ୍ମରକ୍ଷା ଅନୁଦାନ,ୟୁନିଫର୍ମ ଅନୁଦାନ,ବିଦ୍ୟାଳୟ ନିରାପଦ ଅନୁଦାନ ଇତ୍ୟାଦିକୁ ଶୀଘ୍ର ଏବଂ ସୁବିନିଯୋଗ ପାଇଁ କଡାକଡି ଭାବେ ନିର୍ଦ୍ଦେଶ ଦେଇଥିଲେ। ନିପୁଣ ଓଡ଼ିଶା ମିଶନ ଅନ୍ତର୍ଗତ କାର୍ଯ୍ୟକ୍ରମ ଗୁଡ଼ିକୁ କିପରି ସଠିକ୍ ଭାବେ ତଦାରଖ ସହ ଗୁଣାତ୍ମକ ଶିକ୍ଷାକୁ ପ୍ରାଧାନ୍ୟ ଏବଂ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନକୁ ଏକ ଆହ୍ୱାନ ରୂପେ ଗ୍ରହଣ କରିବେ ତା ଉପରେ ମଧ ଜିଲ୍ଲାପାଳ ମତ ରଖିଥିଲେ। ଜିଲ୍ଲାରେ ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ଅନ୍ତର୍ଭୁକ୍ତ ବ୍ଲକସ୍ତରୀୟ ଚକ୍ଷୁ ପରୀକ୍ଷା ଶିବିର ଗୁଡ଼ିକରେ ଦଶଦିନ ମଧ୍ୟରେ ୨୨ ଟି ସ୍ଥାନରେ ୪୫୧୩ ପିଲାଙ୍କ ଚକ୍ଷୁ ପରୀକ୍ଷାର ଲକ୍ଷ୍ୟ ରହିଥିବା ଜଣାପଡିଛି ଏବଂ ନୂତନ ପାଠ୍ୟକ୍ରମ ଆଧାରିତ ପ୍ରବୋଧନ ଶିକ୍ଷକ ପ୍ରଶିକ୍ଷଣକୁ ଶୀଘ୍ର ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆସ ସ୍କୁଲ ଯିବା ଅଭିଯାନ ମାଧ୍ୟମରେ ୬ ରୁ ୧୪ ବୟସର ୯୫୮୯ ଡ୍ରପ ଆଉଟ ପିଲାମାନଙ୍କୁ ବିଦ୍ୟାଳୟରେ ନାମ ଲେଖାଇବା ଏବଂ ୧୫ ରୁ ୧୮ ବୟସର ୨୦୧୫ ଡ୍ରପ ଆଉଟ ପିଲାଙ୍କୁ ବିଭିନ୍ନ ଅନୁଷ୍ଠାନରେ ନାମ ଲେଖେଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି କ୍ଷ ସେହିପରି ୨୫୩ ଭିନ୍ନକ୍ଷମ ଡ୍ରପ ଆଉଟ ପିଲାଙ୍କୁ ମୁଖ୍ୟସ୍ରୋତରେ ସାମିଲ୍ କରିବାକୁ କହିଥିଲେ।ଜିଲ୍ଲାର ୭୧୨୨ ଜଣ ଶିକ୍ଷକ ଶିକ୍ଷୟତ୍ରୀ ପ୍ରବନ୍ଧ ତାଲିମରେ ଭାଗ ନେବେ ବୋଲି ସୂଚନା ମିଳିଛି। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ, ଜିଲ୍ଲା ଶିକ୍ଷା ବିଜ୍ଞାନ ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତି, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଅନନ୍ତ ଦଳପତି, ସମଗ୍ର ଶିକ୍ଷା କାର୍ଯ୍ୟାଳୟ ଓ ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ବିଭାଗୀୟ ମୁଖ୍ୟବୃନ୍ଦ, ଜିଲ୍ଲାର ସମସ୍ତ ବିଇଓ ଓ ଏବିଇଓ ଉପସ୍ଥିତ ଥିଲେ।

# ରାଜପୁଟ ପଞ୍ଚାୟତରେ ବାଲ୍ୟ ବିବାହ ମୁକ୍ତି ରଥ

ସେମିଳିଗୁଡ଼ା,୧।୨ (ସମିସ): କୋରାପୁଟ ଜିଲ୍ଲାର ବାଲ୍ୟ ବିବାହ ମୁକ୍ତି କାର୍ଯ୍ୟକ୍ରମ ଚାଲୁ ରହିଛି। ଲୋକ ଭିତରେ ସଚେତନତା ସୃଷ୍ଟି କରିବା ନିମନ୍ତେ ଏକ ରଥ ବିଭିନ୍ନ ଅଞ୍ଚଳରେ ପରିଦର୍ଶନ ହେଉଥିବା ବେଳେ ରବିବାର ଦିନ ସେମିଳିଗୁଡା ବ୍ଲକର ରାଜ ପୁଟ ପଞ୍ଚାୟତରେ ବାଲ୍ୟ ବିବାହ ମୁକ୍ତି ରଥ ଭୂଲିଥିଲ। ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲି ସଚେତନତା କରାଯାଇଥିଲା ‘ବାଲ୍ୟ ବିବାହ ଏକ ଆଇନଗତ ଦଣ୍ଡନୀୟ ଅପରାଧ’ ବୋଲି ଲୋକଙ୍କୁ ବୁଝାଇଥିଲେ। ପୁଅ ୨୧, ଝିଅକୁ ୧୮ ବର୍ଷ ହୋଇନଥିଲେ ବିବାହ କରିଲେ ଜରିମାନା ସହ ଏକ ବର୍ଷ ଜେଲଦଣ୍ଡ ହେବ ବୋଲି ସୂଚନା ଦେଇଛନ୍ତି। ସମସ୍ତେ ଏକ ହୋଇ ବାଲ୍ୟ ବିବାହକୁ ରୋକିବା ପାଇଁ ସଙ୍କଳ୍ପ ନେଇଥିଲେ।ସରପଞ୍ଚ ପିତାମ୍ବର କିର୍ଷଣୀ ରଥକୁ ସ୍ୱାଗତ କରି ନିଜ ସମର୍ଥନ ଜଣାଇଛନ୍ତି। ପଞ୍ଚାୟତରେ ବିଭିନ୍ନ ଗ୍ରାମରେ ରଥ ବୁଲିବା ଦେଖିବାକୁ ମିଳିଛି।

# କେବିକେ ସୁରକ୍ଷା ଓ ଉନ୍ନୟନ ପରିଷଦ

ରାୟଗଡ଼ା,୧।୨(ସମିସ): ସ୍ଥାନୀୟ ହୋଟେଲ ତେଜସ୍ୱୀ ଇଣ୍ଟରନ୍ୟାସନାଲରେ କେବିକେ ସୁରକ୍ଷା ଓ ଉନ୍ନୟନ ପରିଷଦ , କେବିକେ ପରିଷଦର ଆନୁଷ୍ଠାନିକ ଶୁଭାରମ୍ଭ ଏବଂ ଜିଲ୍ଲା ସଭାପତିଙ୍କ ନିଯୁକ୍ତି ସମାରୋହ ପାଇଁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବିଦୁ୍ୟଲତା



ହୁଇକାଙ୍କୁ କେବିକେ ସୁରକ୍ଷା ଓ ଉନ୍ନୟନ ପରିଷଦର ରାୟଗଡା ଜିଲ୍ଲାର ଜିଲ୍ଲା ସଭାପତି ଭାବରେ ନିଯୁକ୍ତ କରାଯାଇଛି। କେବିକେ ପରିଷଦ କେବିକେ ଜିଲ୍ଲାଗୁଡ଼ିକର ସାମାଜିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ବିକାଶ ପାଇଁ ଲକ୍ଷ୍ୟ ରଖିଛି। ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ, ଚାରୋଟି ଜିଲ୍ଲା ଯଥା ମାଲକାନଗିରି, କୋରାପୁଟ, ରାୟଗଡା ଏବଂ ନବରଙ୍ଗପୁର ଉପରେ ଧ୍ୟାନ ଦିଆଯାଇଛି। କେବିକେ ପରିଷଦର ଅଧ୍ୟକ୍ଷ ହରିଶ ଚନ୍ଦ୍ର ପରିଡା, ସାମ୍ବାଦିକ ସମ୍ମିଳନୀର ଅଧ୍ୟକ୍ଷତା କରିଥିଲେ ଏବଂ ସେଥିରେ ରାଜ୍ୟ ସାଧାରଣ ସମ୍ପାଦକ ଜୀବନ ଜ୍ୟୋତି ଗଡନାୟକ ଏବଂ କେବିକେ ପରିଷଦ, ରାୟଗଡ଼ା ଜିଲ୍ଲା ସଭାପତି ଶ୍ରୀମତୀ ବିଦୁ୍ୟଲତା ହୁଇକା ମଧ ଯୋଗ ଦେଇଥିଲେ ଓ “ଜିଲ୍ଲାରେ ବ୍ୟବହୃତ ବିଭିନ୍ନ ସରକାରୀ ପାଣ୍ଠିର ପ୍ରହରୀ ଭାବରେ ସଚେତନତା ସୃଷ୍ଟି କରିବା, କାର୍ଯ୍ୟ କରିବା, ଅଭିଯୋଗ ସମାଧାନ ଉପରେ ଧ୍ୟାନ ଦେବା, ସମାଜ ଏବଂ ସରକାରଙ୍କ ମଧ୍ୟରେ ଏକ ସେତୁ ହେବା ଉପରେ ଅଧ୍ୟକ୍ଷ ଗୁରୁତ୍ୱାରୋପ କରିଥିଲେ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ

ରାୟଗଡ଼ା,୧।୨(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ କେରଡା ଠାରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସନନ୍ଦ ହିସାବ ରକ୍ଷକ (ସିଏ) କୃଷ୍ଣଚନ୍ଦ୍ର ମହାନ୍ତି, ଭୁବନେଶ୍ୱର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ କେରଡା ଗ୍ରାମପଞ୍ଚାୟତ ସରପଞ୍ଚ ବିଜୟଲକ୍ଷ୍ମୀ କୋଲାକା,ସମିତି ସଭ୍ୟା ଲକ୍ଷ୍ମୀ ପାସୁରେଡ୍ଡୀ ଓ ହାଟ ଶେଷଖାଲ କ୍ଲଷ୍ଟର ସିଆରସିସି ଅରକ୍ଷିତ ପାତିକାଙ୍କ ସମେତ ନିକଟସ୍ଥ ବିଦ୍ୟାଳୟମାନଙ୍କର ପ୍ରଧାନଶିକ୍ଷକ ଓ ଅନ୍ୟାନ୍ୟ ସହକାରୀ ଶିକ୍ଷକମାନେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭିଷଣ ଚିନ୍ତୁଆନ ସଭାପତିତ୍ୱ କରିଥିଲେ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସେବାୟତ ମାନେ ସହଯୋଗ କରିଥିଲେ।

● ଆଗକୁ ଖରା ଦିନ

# ଅଚଳ ରହିଛି ଦୁଇ ଆରଓ ମେସିନ

ଗୁଡାରି,୧।୨( ସମିସ)।

ଖରା ମଧ ଧୀରେ ଧୀରେ ଟାଣ ହେବାରେ ଲାଗିଲାଣି । ଗ୍ରୀଷ୍ମ ପ୍ରଭାବକୁ ଆଖିଆଗରେ ରଖି ଗୁଡ଼ାରୀ ଏନଏସି ପରିଷଦ ପକ୍ଷରୁ ଯାତାୟତ ଲୋକ ଏବଂ ସ୍ଥାନୀୟ ବାସିନ୍ଦା ପାଇଁ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ଦୁଇଟି ୟୁନିଟ ଜନ ସାଧାରଣଙ୍କ ପାଇଁ ବ୍ୟବସ୍ଥା କରିଥିଲେ। ତେବେ ଗତ ପ୍ରାୟ ଦୁଇ ବର୍ଷ ତଳେ ସ୍ନାତକ କଲେଜ ଏବଂ ଯୁକ୍ତଦୁଇ ବିଜ୍ଞାନ ମହାବିଦ୍ୟାଳୟ ସାମ୍ନାରେ ଯେଉଁ ଦୁଇଗୋଟି ଶୁଦ୍ଧ ପାନୀୟ ଜଳ ୟୁନିଟର ବ୍ୟବସ୍ଥା କରିଥିଲେ ତାହା ଏବେ ଅଚଳ ହୋଇ ପଡିଛି। ଦୀର୍ଘ ଦିନ ହେଲା ଏହି ଦୁଇଟି ଆରଓ ମେସିନ



ଖରାପ ଥିବା ଯୋଗୁ ଶୁଦ୍ଧ ପାନୀୟଜଳ ନିମନ୍ତେ ସାଧାରଣ ଜନତା, କଲେଜ ଛାତ୍ର ଛାତ୍ରୀ ଏବଂ ଯାତ୍ରୀଙ୍କ ନାହିଁ ନ ଥିବା ଆସୁଥିବାର ସମ୍ମୁଖୀନ ହେବା ଦେଖିବାକୁ ମିଳିଛି। ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବଢ଼ିବାରେ ଲାଗିଛି। ଏଣୁ ଯାତ୍ରୀ ଏବଂ ଯାତାୟତ କରୁଥିବା ସାଧାରଣ ଲୋକଙ୍କ ଥଣ୍ଡା ପାନୀୟ ଜଳ ନିହାତି ଆବଶ୍ୟକ। ଏହି ବିଷୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାଢ଼ିଙ୍କୁ ପଚାରି ବୁଝିବାରୁ ଦୁଇଟି ଆରୋ ମେସିନ ଖରାପ ହୋଇ ପଡିଛି । କିନ୍ତୁ ସଜାଡିବା ନିମନ୍ତେ ଏହି ଅଞ୍ଚଳରେ କୌଣସି ଯାନ୍ତ୍ରିକ କାରିଗର ନ ଥିବା ହେତୁ ବନ୍ଦ ହୋଇ ପଡିଛି ବୋଲି କହିଛନ୍ତି । ଏମିତିରେ ନିର୍ମାଣ କରାଯାଇଥିବା ଆରଓକୁ ଜନ ସାଧାରଣ ଠିକ୍ ରୂପେ ସଦୁପଯୋଗ ନ କରି ଅପ ବ୍ୟବହାର କରୁଛନ୍ତି ବୋଲି କହିଛନ୍ତି । ଅତିଶୀଘ୍ର ଦୁଇଗୋଟି ମେସିନ ମରାମତି କରାଯିବ ବୋଲି ଶ୍ରୀ ପାଢ଼ୀ କହିଛନ୍ତି । ମରାମତି ପରେ ଏହାର ସଦୁପଯୋଗ ନିମନ୍ତେ ନିବେଦନ କରିଛନ୍ତି । ଦୀର୍ଘ ଦିନ ହେବ ଅଚଳ ହୋଇ ପଡିଥିବା ଦୁଇଟି ଶୁଦ୍ଧ ପାନୀୟ ଜଳ ମେସିନ ସଜାଡିବା ନିମନ୍ତେ ସାଧାରଣରେ ଦାବି ହୋଇଛି।

# ଠିକାଦାର ସଂଘର ଚାରାରୋପଣ କାର୍ଯ୍ୟକ୍ରମ

ଜୟପୁର,୧।୨(ସମିସ): ଜୟପୁର ବ୍ଲକ ବାରିଣିପୁଟ ଗ୍ରାମପଞ୍ଚାୟତର ସଦର ଗ୍ରାମ ଶିବ ମନ୍ଦିର ପ୍ରାଙ୍ଗଣରେ ଠିକାଦାର ସଂଘ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ପଦ୍ମନ ହରିଜନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ କର୍ମକର୍ତ୍ତା ମାନେ ଶିବ ମନ୍ଦିର ନିକଟରେ ବିଭିନ୍ନ ପ୍ରକାରର ଚାରା ରୋପଣ କରିଥିଲେ। ପରେ ହାନାଗୁଡା ନିକଟସ୍ଥ ଏକ ଅନ୍ତେବାସୀ ଛାତ୍ରାବାସକୁ ଯାଇ ସେଠାରେ ଥିବା ଛାତ୍ର ଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର ସାଧାରଣ ସଂପାଦକ ହେମନ୍ତ ତ୍ରିପାଠୀ, ରଞ୍ଜନ କୁମାର ପ୍ରଧାନ, ଉପସଭାପତି ବିନିତ ସତମନ, କୋଷାଧ୍ୟକ୍ଷ ସୁରଜିତ ରାଉତରାୟ, ଟୁକୁରୁ ଦାସ, ତୁଷାର ବିଶ୍ୱାଳ,ବି. ନାରାୟଣ ରାଓ, ଯୁଗ୍ମ ସମ୍ପାଦକ ଶ୍ରୀନିବାସ ପଣ୍ଡା, କାର୍ଯ୍ୟନିର୍ବାହୀ ସଭ୍ୟ ରାଜିବ ଟାକ୍ରୀ, ବିଜୟ ପଣ୍ଡା, ସତ୍ୟନାରାୟଣ ନାୟକ ଓ ବିଶ୍ୱନାଥ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ‘ଆଇ ଲଭ୍ ସେମିଳିଗୁଡ଼ା ପାର୍କ’କୁ ଅବହେଳା

ସେମିଳିଗୁଡ଼ା,୧।୨ (ସମିସ): କୋରାପୁଟ ଜିଲ୍ଲାର ସୁନାବେଡା ପୌର ପରିଷଦ ପକ୍ଷରୁ ଭେଣ୍ଡିଂ ଜୋନ୍ ସମ୍ମୁଖରେ ୨୦୨୫ ଜୁଲାଇ ପହିଲାରେ ‘ଆଇ ଲଭ୍ ସେମିଳିଗୁଡ଼ା ପାର୍କ’ ଉଦ୍‌ଘାଟିତ ହୋଇଥିଲା । ପାର୍କରେ ଓଡ଼ିଆ ଅକ୍ଷର ଅ ଠାରୁ ଚନ୍ଦ୍ର ବିନ୍ଦୁ ପର୍ଯ୍ୟନ୍ତ ପ୍ରଦର୍ଶିତ ଓ ସେମିଳିଗୁଡା ଲଗୋ ଆୟୋଜନ କରାଯାଇଛି। ଜନସାଧାରଣଙ୍କ ବସିବା ପାଇଁ ପାର୍କ ଭିତରେ ଚେୟାର ବ୍ୟବସ୍ଥା ମଧ କରାଯାଇଛି। ତେବେ କିଛି ଦିନରୁ ଆଇ ଲଭ୍ ସେମିଳିଗୁଡ଼ା ଲାଇଟ୍ ଖରାପ ହୋଇଯାଇଛି। କିନ୍ତୁ ମରାମତି କରିବା ପାଇଁ ପୌର ପରିଷଦ ଦୃଷ୍ଟି ଦେଇନଥିବା ଅଭିଯୋଗ ହେଉଛି। ସୌନ୍ଦର୍ଯ୍ୟ ହରାଇ ଯାଇଛି। ସେହିପରି ଉଦ୍‌ଘାଟନର ପରେ ପାର୍କର ମୁଖ୍ୟ ଗେଟ ପ୍ରାୟ ସମୟରେ ବନ୍ଦ ରହୁଥିବା ଦେଖିବାକୁ ମିଳୁଛି। ସାମାନ୍ୟ ବର୍ଷାରେ ପାର୍କ ଭିତରେ ଆଣ୍ଠୁଏ ପାଣି ଜମି ରହୁଛି। ବିଭିନ୍ନ ସମସ୍ୟା ପାଇଁ ଲୋକଙ୍କ ବ୍ୟବହାରରେ ଆସିପାରୁନି ନବ ନିର୍ମିତ ଏହି ପାର୍କ ଅବହେଳା ଅବସ୍ଥାରେ ପଡି ରହିଛି। ଲୋକ ମାନେ ଭିତରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର୍ ପାତ୍ରଙ୍କୁ ପଚାରିବାରୁ ଲାଇଟ୍ ମରାମତି ପାଇଁ ଆଦେଶ ଜାରି ରହିଛି ବୋଲି କହିଥିଲେ।

# ମା’ କୁଳବନ୍ଧ ଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁ

ରାୟଗଡା, ୧।୨(ସମିସ): ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମ ପଞ୍ଚାୟତ ଅଧୀନ ହାତିଖମ୍ବା ଗାଁ ନିକଟ ଜଙ୍ଗଲ ମଧ୍ୟରେ ଥିବା ମା କୁଳବନ୍ଧଙ୍କ ଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ମା’ କୁଳବନ୍ଧଙ୍କ ପୀଠରେ ଏହି ଯାତ୍ରା ପ୍ରତ୍ୟେକ ଦୁଇ ବର୍ଷକୁ ଥରେ ମାଘ ମାସର ଶେଷ ରବିବାର ଦିନ ପାଳିତ ହୋଇଥାଏ। ଏଥି ପାଇଁ ପ୍ରଶାସନ କିମ୍ବା ପୂଜା କମିଟି ତରଫରୁ



ଯାତ୍ରାର ପ୍ରଚାର ପ୍ରସାର ସେତେ ମାତ୍ରାରେ କରା ନ ଗଲେ ମଧ ଯାତ୍ରା ସମୟରେ ବହୁ ଦୂର ଦୁରାନ୍ତରୁ ଏହି ଯାତ୍ରା ଦେଖିବା ପାଇଁ ପ୍ରବଳ ଜନ ସମାଗମ ହୋଇଥାଏ । ଏହି ଯାତ୍ରାର ମୁଖ୍ୟ ଆକର୍ଷଣ ହେଉଛି ପାରା ଉଡାଇବା ପରମ୍ପରା । ଆଜି ପୂର୍ବାହ୍ନରେ ମାଙ୍କ ରୀତିନୀତି ଅନୁଯାୟୀ ମନ୍ଦିର ପୂଜାରୀ ପୂଜାର୍ଚ୍ଚନା କରିବା ପରେ ଅପରାହ୍ନ ଚାରିଟା ବେଳେ ମନ୍ଦିର ନିକଟରେ ଥିବା କୁଳବନ୍ଧ ପୋଖରୀ ଭିତରେ ପୂଜାର୍ଚ୍ଚନା କରିବା ପରେ ପୂଜକ ପ୍ରଥମେ ପାରା ଉଡ଼ାଇଥିଲେ। ପରେ ଉପସ୍ଥିତ ଥିବା ହଜାର ହଜାର ମାନସିକ ଧାରୀ ପାରା ଉଡାଇବା ଦୃଶ୍ୟ ବେଶ୍ ମନଲୋଭା ହୋଇଥିଲା। ବିଶେଷ କରି ବଳିପ୍ରଥା ଉଠି ଯାଇଥିଲେ ମଧ ପରମ୍ପରା ଅନୁସାରେ ଏଠାରେ ଛେଳି, କୁକୁଡ଼ା, ମେଣ୍ଢା ଆଦି ବଳି ଦିଆ ଯାଇଥାଏ। ବିଶେଷ କରି ନିସନ୍ତାନ ଦମ୍ପତି ମାଙ୍କ ନିକଟକୁ ଆସି ପୂଜାର୍ଚ୍ଚନା କରିବା ସହ ମାନସିକ କଲେ ମନସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏହି ଅବସରରେ ଜିଲ୍ଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି କୁଳବନ୍ଧ ମନ୍ଦିର ଯାଇ ମା’ଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ନେଇଥିଲେ। ଆଜି ମାଙ୍କ ଏହି ଯାତ୍ରାରେ ପ୍ରାୟ ୨୦ ହଜାରରୁ ଉଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମା କୁଳବନ୍ଧ ପୂଜା କମିଟିର ନେତୃତ୍ୱରେ ଆୟୋଜିତ ଏହି ଯାତ୍ରାରେ ଚାନ୍ଦିଲି ଥାନା ଅଧିକାରୀ ଉତ୍ତମ କୁମାର ସାହୁ ଓ ମୁକୁନ୍ଦପୁର ଫାଣ୍ଡି ଅଧିକାରୀ ଉମାଶଙ୍କର ତ୍ରିପାଠୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ମୁତୟନ ହୋଇଥିଲେ।

## ମାଲ୍ୟବନ୍ତ ମୁଖ୍ୟ ମହୋତ୍ସବ ଉଦ୍‌ଘାଟିତ

# ଗୋଟିପୁଅ,ଓଡ଼ିଶୀ ନୃତ୍ୟ ମନମୋହିଲା

ମାଲକାନଗିରି, ୧।୨ (ସମିସ) ଆଜି ସଂନ୍ଧ୍ୟାରେ ମାଦଳ ବାଜିଛି ମାଲ୍ୟବନ୍ତ ରେ । ସନ୍ଧ୍ୟାରେ ଡିଏନକେ ମୈଦାନ ମାଲ୍ୟବନ୍ତ ମଣ୍ଡପ ସହିଦ ତାମା ଦୋରା ମଞ୍ଚରେ ଜିଲ୍ଲା ସଂସ୍କୃତିପରିଷଦ ସଭାପତି ତଥା ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନି ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡକାମି, ସମ୍ମାନିତ ଅତିଥି ଭାବେ “ ଏସପି ବିନୋଦ ପାଟିଲ ଏଚ, ଡିଏଫଓ ସାଇ କିରନ ଡିଏନ, ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ଯୋଗଦେଇ ପ୍ରଥମେ ମଣ୍ଡପ ନିକଟରେ ପ୍ରତିଷ୍ଠିତ ଜଗନ୍ନାଥଙ୍କ ପ୍ରତି ମୂର୍ତୀ ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ନଡିଆଭାଙ୍ଗି ମାଲ୍ୟବନ୍ତ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଆଦିବାସୀ ଅଧ୍ୟୁଷିତ




ମାଲକାନଗିରି ଜିଲ୍ଲା କେଉଁଗୁଣରେ କମ ନୁହଁ, ଏଠାକାର ଐତିହ୍ୟ, ପରମ୍ପରା, କଳସଂସ୍କୃତି, ଜୀବନଧାରାର ନିଛକ ପ୍ରତି ଛବି ହେଉଛି ମାଲ୍ୟବନ୍ତ ମହୋତ୍ସବ ବୋଲି ଅତିଥି ମାନେ କହିଥିଲେ। ଅତିଥି ମାନେ ମାଲ୍ୟବନ୍ତ ମଣ୍ଡପ ପଡିଆରେ ଖୋଲା ଯାଇଥିବା ବିଭିନ୍ନ ଷ୍ଟଲ ଓ ଉନ୍ନୟନ ପ୍ରଦର୍ଶନୀ ବୁଲିଦେଖିଥିଲେ।“ ଜିଲ୍ଲାସୁଚନା ଲୋକ ସଂପର୍କ ଅଧିକାରୀ ପ୍ରମିଳା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ କ୍ଷଏହି ଅବସରରେ ମିୟୁଜିକାଲ ନାଇଟ ର ସୁନାମ ଧନ୍ୟ ଗାୟିକା ତ୍ରିଶା ଚାଟାର୍ଜୀ, ଶ୍ରୀଜତା ଉପାଧ୍ୟାୟ, ସନତ କୁମାର ପାଣିଗ୍ରାହୀ ଙ୍କ ସଙ୍ଗୀତ ଓ ଭୁବନେଶ୍ୱର ର ଓଡିଶୀ ନୃତ୍ୟ, ଆସାମର ବିହୁ୍ୟ ନୃତ୍ୟ,ରାଜସ୍ଥାନର ଘୁମର ନୃତ୍ୟ,ମାଲ୍ୟ ବନ୍ତ ପ୍ରମୋ ସଙ୍ଗୀତ ଟିମ,ବଣ୍ଡା,କୋୟା, ଡେମସା ନାଟ୍ୟଦଳଙ୍କ କଳାକୃତି ଦର୍ଶକମାନଙ୍କ ମନ ମୋହିଥିଲା, ଏହା ବ୍ୟତିତ ବିଭିନ୍ନ ସାଂସ୍କୃତିକ ଦଳ ଯୋଗଦେଇ ସେମାନଙ୍କ ନୃତ୍ୟ ସଂଗୀତ ପରିବେଶଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରା ଯାଇଥିଲା। ଏହି ଆବସରରେ ପଲ୍ଲୀଶ୍ରୀ ମେଳାରେ ୧୨୦ଟି ଷ୍ଟଲଖୋଲା ଯାଇଛି। ଓରମାସ ପକ୍ଷରୁ ଏସଏଜି ଗୃପ, ସହିତ ଜିଲ୍ଲା ଓ ଜିଲ୍ଲାବାହର ରୁ ଅନେକ ଷ୍ଟଲ ଖୋଲା ଯାଇଥିଲା ଶୀତ ସନ୍ଧ୍ୟାରେ ଠୁଙ୍କାପୁରୀ, ଦହିବରା ଆଳୁଦମ, ଚାଟ, ଆଇସି କ୍ରିମ, ପୁରିର ମାଲପୁଆ, ଗଜା, ଛତିଶଗଡର ବରିଫ ମିଠା, ଖାଇବାସିହତ ଅନେକ ଘରକରଣା ଜନିଷ କିଣି ଦର୍ଶକ ମାନେ ମଜାଉଠାଇଥିଲେ। ଉତ୍ସବ ମଇଦାନରେ ବିଭିନ୍ନ ବିଭାଗର ଉନ୍ନୟନମୁଳକ ଷ୍ଟଲ ସହିତ, ଦୋକାନ ବଜାର, ମିନାବଜାର ସାଙ୍ଗକୁ ଭେଳିକି ଭଳି ରଙ୍ଗବେରଙ୍ଗର ତୋରଣ ବେଶ ଚିତିକର୍ଷକ ହୋଇଛି। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପଲ୍ଲୀଶ୍ରୀ ମେଳା ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଉତ୍ସବ ପାଇଁ ମାଲ୍ୟବନ୍ତ ମଣ୍ଡପ ସହିତ ଜିଲ୍ଲାରେ କଡାପୁଲିସ ସୁରକ୍ଷା ବ୍ୟବସ୍ଥା କରା ଯାଇ ବିଏସଏଫ ଜବାନ ମାନଙ୍କ ସହିତ ଓଡିଶା ପୁଲିସ ଓ ବହୁପରିମାଣରେ ଜିଲ୍ଲାପୁଲିସ ଙ୍କୁ ମୁତୟନକରା ଯାଇଛି।ପ୍ରଥମ ଦିବସ ରେ ହଜାର ହଜାର ସଂଖ୍ୟାରେ ଦର୍ଶକ ଶାନ୍ତି ଶୃଙ୍ଖଳାର ସହିତ ଉତ୍ସବ ରେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିଥିଲେ।

# ‘ଭିବି ଜି ରାମ ଜି’ ମଣ୍ଡଳ ସ୍ତରୀୟ କର୍ମୀ ସମ୍ମିଳନୀ

କୁନ୍ଦୁରା, ୧।୨(ସମିସ): କୁନ୍ଦୁରା ବ୍ଲକ ଜଗନ୍ନାଥ ମନ୍ଦିର କଲ୍ୟାଣ ମଣ୍ଡପ ଠାରେ ମଣ୍ଡଳ ସ୍ତରୀୟ “ଭିବି ଜି ରାମ ଜି ‘ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ସଭାପତି ପଦ୍ମନାଭ ବିଷୋୟୀ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ବୈଠକ ରେ ମୁଖ୍ୟ ଅତିଥିଭାବେ କୋଟପାଡ଼ ବିଧାୟକ ରୂପୁ ଭତ୍ରା ଯୋଗ ଦେଇଥିବା ବେଳେ ପ୍ରଭାରୀ ଆଶୁତୋଷ ମହାପାତ୍ର,ସହ ପ୍ରଭାରୀ ଭଗବାନ ପଣ୍ଡା,ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଉପେନ୍ଦ୍ର ଭଟ୍ଟ,ମଣ୍ଡଳ ସମ୍ପାଦକ ତ୍ରିନାଥ ନାୟକ,ସନ୍ତୋଷ ନାୟକ, ଏମପି ପ୍ରତିନିଧି ଅମ୍ମୁ ପାତ୍ର, କୃଷକ ମୋର୍ଚ୍ଚା ପ୍ରତିନିଧି ପ୍ରକାଶ ପଟ୍ଟନାୟକ, ଜିଲ୍ଲା ବିଜେପି ଉପ ସଭାପତି ସୁଧାଂଶୁ ଶେଖର ଜେନା,ଗିରିଶ ପାଢ଼ୀ, ଭଗବାନ ମଲ୍ଲିକ ଏବଂ ସୁନ୍ଦର ମାଳି ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରଥମେ ଏହି କାର୍ଯ୍ୟକ୍ରମ ରେ ଭାରତ ମାତାର ବନ୍ଦନା କରିବା ପରେ ବୁଥ, ପଞ୍ଚାୟତ ଏବଂ ମଣ୍ଡଳ ସ୍ତରରେ ଥିବା କାର୍ଯ୍ୟକର୍ତ୍ତା ମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଗତ ସରକାର ସମୟରେ ଗ୍ରାମାଞ୍ଚଳରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କ ନିମନ୍ତେ ଏମଜିଏନଆରଇଜିଏ ରହିଥିବା ବେଳେ ଅଧା ଦିନ କାମ ମିଳୁନଥିଲା। ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଦ୍ୱାରା ଯୋଜନା ସ୍ୱୀକୃତି ମିଳିବା ପରେ ଭିବିଜିରାମଜିରେ ହେବାକୁ ଥିବା କାର୍ଯ୍ୟରେ ଶ୍ରମିକ ମାନେ ସେମାନଙ୍କ ରୋଜଗାର ସମାନ କାର୍ଯ୍ୟ କରି ପରିବାର ପୋଷଣ କରିପାରିବେ।ଏହା ଦ୍ୱାରା ମୁଖ୍ୟତଃ ଦାଦନ ଖଟିବାକୁ ନଯାଇ ନିଜ ଅଞ୍ଚଳରେ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟରେ ନିୟୋଜିତ ହୋଇ ଆର୍ଥିକ ଉନ୍ନତି ହୋଇପାରିବ ବୋଲି ବିଧାୟକ ରୂପୁ ଭତ୍ରା କହିଛନ୍ତି। ଆଗାମୀ ଦିନରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବା ନେଇ ବୁଥ ସଭାପତି ମାନଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି ପ୍ରଭାରୀ ଆଶୁତୋଷ ମହାପାତ୍ର। ସେହିଭଳି ଭାବେ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳ ବିକାଶ ନିମନ୍ତେ ଆସୁଥିବା ଉନ୍ନତି ମୂଳକ କାର୍ଯ୍ୟ ଗୁଡିକ ଲୋକଙ୍କ ନିକଟରେ ପହଞ୍ଚାଇବା ନେଇ ପ୍ରୟାସ କରିବା ନିମନ୍ତେ କର୍ମୀଙ୍କୁ ବୁଝାଇଥିଲେ ବିଧାୟକ। ଅନ୍ୟମାନଙ୍କ ମଧ୍ୟରେ ଅଭିଳାଷ ବେହେରା, ସୁନ୍ଦର ମାଳି, ସୁବାସ ନାୟକ, ଲଛ ମନ ଭତ୍ରା, ସୁନାମଣୀ ନାୟକ, ଶିବାନୀ ହାଲବା, ବାବୁ ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପାଦନା କରିଥିଲେ।

# ବଡ଼ବିଲ ପୁଲିସର ଏନ୍‌କାଉଣ୍ଟର; ଦୁର୍ଦ୍ଧାନ୍ତ ଡକାୟତ ଗିରଫ

## ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଡକାୟତି ମାମଲା



ବଡ଼ବିଲ, ୧।୨(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନାଞ୍ଚଳରେ ଥିବା ବ୍ୟାଙ୍କ୍ ଅଫ ମହାରାଷ୍ଟ୍ର ଡକାୟତି ଘଟଣାର ଆଉ ଜଣେ ଅପରାଧୀକୁ ପୁଲିସ୍ ଏନକାଉଣ୍ଟର କରି ଗିରଫ କରିଛି। ବିହାର ରାଜ୍ୟ ପାଟନା ଜିଲ୍ଲା ପିପ୍ରା ଅଞ୍ଚଳର ସିପୁକୁମାର ନାମକ ଅଭିଯୁକ୍ତ ଟାଙ୍କୁରା ଅଞ୍ଚଳରେ ଥିବା ସନ୍ଧାନ ପାଇବା ପରେ ସକାଳୁ ପୁଲିସ୍ ଅଭିଯୁକ୍ତକୁ ଗିରଫ କରିବାକୁ ଯାଇଥିଲା। ଅଭିଯୁକ୍ତ ପୁଲିସ୍ ଟିମ୍ ଉପରକୁ ଗୁଳି ଚଳାଇଥିଲା। ପୁଲିସର ପାଲଟା ଗୁଳି ଚାଳନା ଯୋଗୁଁ ଅଭିଯୁକ୍ତ ଆହତ ହେବା ପରେ ତାକୁ କାବୁ କରି ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଛି। ଏହି ମାମଲାରେ ଗିରଫ ଅଭିଯୁକ୍ତ ବିରୋଧରେ ଓଡ଼ିଶା ସମେତ ବିହାର ଝାଡ଼ଖଣ୍ଡରେ ହତ୍ୟା, ଡକାୟତି, ବସୁଲି ଓ ଅପହରଣ ଭଳି ସଙ୍ଗୀନ ମଲାଲା ରହିଛି। ଏହା ପୂର୍ବରୁ ଉକ୍ତ ଘଟଣାରେ ଗତ ୨୪ ତାରିଖରେ ନିଲସା ଅଞ୍ଚଳର କୁନାଲ ରାଜ ବର୍ମା ଓ ରାଜକୁମାର ସିଂକୁ ପୁଲିସ ଗିରଫ କରିଥିବା ବେଳେ ଗତ ୨୮ ତାରିଖରେ ଝାଡ଼ଖଣ୍ଡ ରାଜ୍ୟ ଧାନବାଦ ଜିଲ୍ଲା ସିନ୍ଦରୀ ଅଞ୍ଚଳର ଅଭିରଂଜକ କୁମାରକୁ ଗିରଫ କରାଯାଇଥିଲା। ସୂଚନା ଯେ ଗତ ୧୯ ତାରିଖରେ ବ୍ୟାଙ୍କ୍ ଅଫ ମହାରାଷ୍ଟ୍ରରୁ ୭ କୋଟି ଟଙ୍କାର ସୁନା ଗହଣା ଓ ନଗଦ ୮ ଲକ୍ଷ ଟଙ୍କା ସଶସ୍ତ୍ର ଡକାୟତି ଘଟଣାରେ ବଡ଼ବିଲ ପୁଲିସ୍‌କୁ ବଡ଼ ସଫଳତା ମିଳିଛି।

# ଲୁଟିନେଲେ ଲକ୍ଷାଧିକ ଟଙ୍କାର ସୁନାଗହଣା ସହ ନଗଦ ଟଙ୍କା

## ଲଢ଼ିଲେ ଅର୍ଚ୍ଚିତ, ମାରଣାସ୍ତ୍ର ଦେଖାଇ ପଳାଇଲେ ଦୁର୍ବୃତ୍ତ





ତୁରୁମୁଙ୍ଗା, ୧।୨(ସମିସ): 'ଦୁର୍ଘଟଣା ହୋଇଛି ପାଣି ଦିଅ' କହି ଘର ଭିତରକୁ ୨ ଜଣ ମୁଖାଧାରୀ ଦୁର୍ବୃତ୍ତ ପଶିଥିଲେ। ପ୍ରଥମେ ଘରର ରୋଷେୟାକୁ ମାଡ଼ ମାରି ବାନ୍ଧିବା ପରେ ଉପର ମହଲା କୁ ଯାଇ ବନ୍ଧୁକ ଓ ଛୁରି ଦେଖାଇ ଲକ୍ଷାଧିକ ଟଙ୍କାର ସୁନାଗହଣା ସହ ନଗଦ ଟଙ୍କା ଲୁଟି ନେଇଛନ୍ତି ୭ ଦୁର୍ବୃତ୍ତ। ଶନିବାର ସଂଧ୍ୟା ୭.୧୫ ସମୟରେ କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଖିରେଇଟାଙ୍ଗିରୀ ଗ୍ରାମରେ ଘଟିଛି ଏଭଳି ଘଟଣା। ଗ୍ରାମର ଡାକ୍ତର ସଞ୍ଜୀବ ଘଣାଙ୍କ ଘରେ ୭ ଜଣ ସଶସ୍ତ୍ର ଦୁର୍ବୃତ୍ତ ଆସି ପ୍ରଥମେ ରୋଷେୟାଙ୍କୁ ପାଣି ମାଗିଥିଲେ। ପାଣି ଦେଉଥିବା ସମୟରେ ତାଙ୍କୁ ମାଡ଼ ମାରିବା ସହ ଉପର ମହଲାକୁ ଯାଇ ସଞ୍ଜୀବଙ୍କ ପୁଅ ଅର୍ଚ୍ଚିତଙ୍କ ବେକରେ ଛୁରି ଓ ବନ୍ଧୁକ ଲଗାଇ ଘର ଭିତରେ ପଶି ଆଲମୀରାର ଲକର ଭାଙ୍ଗିଥିଲେ। ଏହି ସମୟରେ ଅର୍ଚ୍ଚିତ ଦୁର୍ବୃତ୍ତଙ୍କ ସହ ହାତାହାତି ହେଲା ବେଳକୁ ତାଙ୍କ ବେଗରେ ବନ୍ଧୁକ ଓ ଛୁରି ଲଗାଇ ଦେଇଥିଲେ। ଲକ୍ଷାଧିକ ଟଙ୍କାର ସୁନା ଗହଣା ସହ ନଗଦ ଟଙ୍କା ଲୁଟିନେଇଛନ୍ତି। ସଞ୍ଜୀବଙ୍କ ମା' ଝରଣା ଘଣା ଶନିବାର ସନ୍ଧ୍ୟାରେ କେନ୍ଦୁଝର ଗହଣା ଦୋକାନରୁ ଫେରିଥିଲେ। ତାଙ୍କୁ ପିଛା କରି ଏଭଳି ଲୁଟ ହୋଇଥିବା ସନ୍ଦେହ କରାଯାଉଛି। ଖବର ପାଇ ଘଟଣାସ୍ଥଳରେ ଚମ୍ପୁଆ ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ, ତୁରୁମୁଙ୍ଗା ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁ, ଏସ୍‌ଆଇ ସୁରେଶ ସାହୁ ତଦନ୍ତ ଆରମ୍ଭ କରିବା ସହ ଲୁଟେରାଙ୍କୁ ଧରିବା ପାଇଁ ଛାନ୍‌ଭିନ୍ ଜାରି ରଖିଛନ୍ତି। ଡାକ୍ତର ସଞ୍ଜୀବ ଘଣାଙ୍କ ଅଭିଯୋଗ ଅନୁସାରେ, ୭ ଜଣ ଏକ ବୋଲେରୋ ଓ ବାଇକରେ ଆସି ରୋଷେୟା ଭାନୁମତି ନାଏକ ଙ୍କୁ ପାଣି ମାଗିଥିଲେ। ପରେ ବେଡ଼ରୁମରେ ପଶି ୬୦ ହଜାର ଟଙ୍କା ସହ ଲକ୍ଷାଧିକ ଟଙ୍କାର ସୁନା, ରୁପା ଗହଣା, ଦୁଇଟି କୁର୍ମି ଲୁଟି ନେଇଛନ୍ତି। ସଞ୍ଜୀବଙ୍କ ଘରେ ରବିବାର ସାଇଣ୍ଟିଫିକ ଟିମ୍ ସହ ଡ଼ଗ୍ ସ୍କ୍ୱାଡ ସହାୟତାରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା ରୁଜୁକରି ଅତିରିକ୍ତ ଥାନାଧିକାରୀ ସବିତା ନାଏକ ଘଟଣାର ତଦନ୍ତ ଜାରି ରଖିଛନ୍ତି। ଲୁଟେରାଙ୍କ ସହ ସଞ୍ଜୀବଙ୍କ ପୁଅ ଅର୍ଚ୍ଚିତ ସାହସ ଜୁଟାଇ କିଛି ସମୟ ଲଢେଇ କରିଥିଲେ। ଲୁଟେରାମାନେ ବାଉଁଶୁଳି ଏବଂ ଜଡିପଦା ରାସ୍ତା ଦେଇ ଫେରାର ହୋଇଥିଲେ।

# ଡିଏମ୍‌ଏଫ୍-ଉଦ୍ୟମୀ ଓ ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ଡ୍ରାଏ କ୍ଲିନିଂ କେନ୍ଦ୍ର

କେନ୍ଦୁଝର, ୧।୨(ସମିସ): ଜିଲ୍ଲା ଖଣିଜ ଅନୁଷ୍ଠାନ (ଡିଏମଏଫ୍)ର ଅର୍ଥ ସହାୟତାରେ ଚାଲିଥିବା ଡିଏମଏଫ୍–



ଉଦ୍ୟମୀ ପ୍ରକଳ୍ପ ଏବଂ ଜିଲ୍ଲା ଶିଳ୍ପ କେନ୍ଦ୍ରର ପିଏମ୍‌ଇଜି. ପି ଯୋଜନା ଅନ୍ତର୍ଗତ ସଦର ବ୍ଲକର ଡି.ଡି. କଲେଜ ରୋଡ଼ଠାରେ ଉଦ୍ୟମୀ ଇପ୍ସିତା ପଟ୍ଟନାୟକଙ୍କ ଦ୍ୱାରା ସ୍ଥାପିତ ଏକ ଆଧୁନିକ ଡ୍ରାଏ କ୍ଲିନିଂ (ଟମ୍ବଲ ଡ୍ରାଏ) କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦୁଝର ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଗଣେଶ ନାୟକ, ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସହକାରୀ ପରିଚାଳକା ମଲ୍ଲିକା ମୁର୍ମୁ ଓ ଅପର୍ଣ୍ଣା ସାହୁ ଯୋଗ ଦେଇଥିଲେ। ଏପରି ମାଇକ୍ରୋ ଉଦ୍ୟମଗୁଡ଼ିକ ଆଗାମୀ ଦିନରେ ନୂତନ ରୋଜଗାର ସୃଷ୍ଟି ସହ ସ୍ଥାନୀୟ ସେବା ଓ ଉତ୍ପାଦନକୁ ଆହୁରି ଗତି ଦେବ ବୋଲି ସେମାନେ ଆଶା ପ୍ରକାଶ କରିଥିଲେ। ଭାରତୀୟ ଉଦ୍ୟମତା ବିକାଶ ସଂସ୍ଥା (ଇଡିଆଇଆଇ) ଦ୍ୱାରା ରୂପାୟଣ ହେଉଥିବା ଡିଏମଏଫ୍–ଉଦ୍ୟମୀ କାର୍ଯ୍ୟକ୍ରମ ମାଧ୍ୟମରେ ଆଗାମୀ ୫ ବର୍ଷ ମଧ୍ୟରେ ୩୫୦୦ଟି ନୂତନ ଉଦ୍ୟମ/ବ୍ୟବସାୟ ସୃଷ୍ଟି କରିବାକୁ ଲକ୍ଷ୍ୟ ଧରାଯାଇଛି। ଏହି ପ୍ରୟାସ ମାଧ୍ୟମରେ ଗ୍ରାମୀଣ ଓ ଖଣି ପ୍ରଭାବିତ ଅଞ୍ଚଳରେ ସ୍ଥାୟୀ ସ୍ୱୟଂରୋଜଗାର ସୁଯୋଗ ବୃଦ୍ଧି ସହ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବା ମୂଳ ଉଦ୍ଦେଶ୍ୟ ରହିଛି। ଉଦ୍ୟମୀଙ୍କ ସଫଳତା କାମନା କରାଯାଇ ସମସ୍ତଙ୍କ ସହଯୋଗରେ ଏପରି ଉଦ୍ୟମଗୁଡ଼ିକୁ ଆଗକୁ ନେବା ପାଇଁ ଆହ୍ୱାନ ଜଣାଇ ଦିଆଯାଇଥିଲା। ଇଡିଆଇଆଇ ଜିଲ୍ଲା କାର୍ଯ୍ୟକ୍ରମ ସଂଚାଳକ ସଞ୍ଜୟ ସାହୁ ପରିଚାଳନା କରିଥିବାବେଳେ ଆଦିତ୍ୟ, ଅରବିନ୍ଦ ଓ ଲକ୍ଷ୍ମଣ ସହଯୋଗ କରିଥିଲେ।

■ ଆବାସ ଓ ଭତ୍ତା ପାଇଁ କୁକୁଡ଼ା ଲାଞ୍ଚ !

# ପରେ ବି ସହାୟତାରୁ ବଞ୍ଚିତ ଦମ୍ପତି

ଆନନ୍ଦପୁର, ୧।୨ (ସମିସ): ଗୋଟିଏ ଅସହାୟ ପରିବାରକୁ ଆବାସ ଯୋଜନା ଓ ଭତ୍ତା କରାଇଦେବାକୁ ପ୍ରଲୋଭନ ଦେଖାଇ ଅନେକ କୁକୁଡ଼ା ନେବା ପରେବି ନିଃସହାୟ ପରିବାର କୌଣସି ସୁବିଧା ସୁଯୋଗ ପାଇ ନଥିବା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଅଭିଯୋଗ ଅନୁଯାୟୀ, କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ



ଅନ୍ତର୍ଗତ କଣ୍ଟିପାଳ ପଞ୍ଚାୟତ କେଦାରଫୁଟ ଗ୍ରାମର ବାସୁଦେବ ଗିରି (୬୫), ସୁକାନ୍ତି ଗିରି (୬୨) ସ୍ୱାମୀ-ସ୍ତ୍ରୀ ଅଟନ୍ତି। ବୟସ ଅତିକ୍ରମ କଲାଣି ହେଲେ ଏଯାଏଁ ତାଙ୍କୁ କୌଣସି ସରକାରୀ ଅନୁଦାନ ମିଳି ନାହିଁ। ଏହି ଦମ୍ପତି ଏଯାଏଁ ରାସନ କାର୍ଡରେ ଅନ୍ତର୍ଭୁକ୍ତ ହୋଇ ନଥିବା ବେଳେ ବାର୍ଦ୍ଧକ୍ୟ ଭତ୍ତା ବି ଅଦ୍ୟାବଧି ହୋଇ ନଥିବା ସ୍ତ୍ରୀ ସୁକାନ୍ତି ଗିରି ଥରି ଥରି କହିଛନ୍ତି। ଏ ବିଷୟରେ ଜଣେ ସରକାରୀ ବାବୁ ବୃଦ୍ଧ ଦମ୍ପତିଙ୍କୁ ସବୁ ଯୋଜନା କରାଇଦେବେ କହି ଅନେକ କୁକୁଡ଼ା ନେଇଛନ୍ତି ବୋଲି ବାସୁଦେବ କହିଛନ୍ତି। ପରିଣତ ବୟସରେ ସରକାରଙ୍କ କୌଣସି ଅନୁଦାନ ମିଳି ନଥିବା ଅଭିଯୋଗ ହୋଇଛି। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଆନନ୍ଦପୁର ବିଡ଼ିଓ ମନୋଜ କୁମାର ମହାନ୍ତଙ୍କୁ ପଚାରିବାରୁ ସେ କହିଥିଲେ, ଏହାର ଖୁବଶୀଘ୍ର ତଦନ୍ତ କରାଯାଇ ଆବଶ୍ୟକ ସହାୟତା ଯୋଗାଇଦେବାକୁ ଉଦ୍ୟମ କରାଯିବ।

# ବୈଦିକ ବିଚାର ମଞ୍ଚ ପକ୍ଷରୁ ଦେବଯଜ୍ଞ

ଆନନ୍ଦପୁର, ୧।୨(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଶାଳପଡ଼ାସ୍ଥିତ ମାଳତୀ ଭବନରେ ଆର୍ଯ୍ୟ ସମାଜ ବୈଦିକ ବିଚାର ମଞ୍ଚରେ ଦୁଇ ବାଳକଙ୍କ କର୍ଣ୍ଣବେଧ ଉତ୍ସବ ବୈଦିକ ରୀତିନୀତିରେ ହୋଇଯାଇଛି। ବୈଦିକ ବିଚାର ମଞ୍ଚର ସଭାପତି ଅଶୋକ କୁମାର



ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରତିଷ୍ଠିତ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗ ଦେଇଥିଲେ। ଅମୂଲ୍ୟ କୁମାର ମିଶ୍ର ଓ ସୁସ୍ମିତା ମିଶ୍ରଙ୍କ ପୁଅ ଆୟୁଷ୍ମାନ ଏବଂ ସଦାଶିବ ସାହୁ ଓ ମନୋରମା ସାହୁଙ୍କ ପୁଅ ସ୍ୱୟଂକ୍ରିଷ୍ଣାଙ୍କ ଅକ୍ଷର ଆରମ୍ଭ ସଂସ୍କାର ସଂସ୍କାର କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ଏହି ସାମୂହିକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ବୁଦ୍ଧିଜୀବୀ ଓ ଶ୍ରଦ୍ଧାଳୁମାନେ ଯୋଗଦେଇଥିଲେ।

# କୁସୁମିତା ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ



କେନ୍ଦୁଝର,୧।୨(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିକ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ କୁସୁମିତାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ସୁନାରାମ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସଦର ବିଡିଓ ବିନୋଦଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ନିରୀକ୍ଷକ ସଞ୍ଜୟ କୁମାର ଧଳ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଜୟନ୍ତ ସାମନ୍ତ ସିଂହାର, ସଦର ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଶରତ ମଲ୍ଲିକ, ସମାଜସେବୀ ଗୋପୀନାଥ ରାମ, ବରଦାପାଳ ସରପଞ୍ଚ ଗଣେଶ୍ୱର ମୁଣ୍ଡା, ଏସଏମଡିସି ସଭାପତି ମନସା ପ୍ରସାଦ ହେମ୍ବ୍ରମ, ଏସ୍‌ଏମ୍‌ସିର ସଭାପତି ସଞ୍ଜୟ ମୁଣ୍ଡା, ମୁଖ୍ୟବକ୍ତା ଭାବେ ପଣ୍ଡିତ ରଙ୍ଗାଧର ବେହେରା ଯୋଗ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ବିଭାବରି ମହାନ୍ତ, ଶତାବ୍ଦୀ ଚିନ୍ମୟୀ ବେହେରା, ସ୍ୱାଗତିକା ସାହୁ, ଅନନ୍ୟା ରାଉତ, ଅନିରୁଦ୍ଧ ମହାନ୍ତ, ସୁଧାଂଶୁ ଶେଖର ପାଢ଼ୀ, ମେଟ୍ରନ ସସ୍ମିତା ରାଉତ, ଉର୍ମିଳା ଦେହୁରୀ, କର୍ମଚାରୀ ଜଗବନ୍ଧୁ ସାହୁ, ରାଜଲାଲ ହେମ୍ବ୍ରମଙ୍କ ସମୂହ ସହଯୋଗରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ବେଳେ ପ୍ରଧାନଶିକ୍ଷକ ଅଶୋକ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷକ ଦ୍ୱିତୀକୃଷ୍ଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଚିନ୍ତାମଣି ପାତ୍ର ଧନ୍ୟବାଦ ଦେଇଥିଲେ।

# କୃଷ୍ଣପୁର ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

ତେଲକୋଇ, ୧।୨(ସମିସ): ତେଲକୋଇ ବ୍ଲକ ଅନ୍ତର୍ଗତ କରମଙ୍ଗି ପଞ୍ଚାୟତ କୃଷ୍ଣପୁରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶନିବାର ବିଦ୍ୟାଳୟର ପ୍ରଧାନଶିକ୍ଷକ ହୃଦାନନ୍ଦ ସାହୁଙ୍କ ଅଧକ୍ଷତାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ ମହାନ୍ତି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ନିରୀକ୍ଷକ ସଞ୍ଜୟ ଧଳ, ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଲିସା ମାଝୀ, ସମାଜସେବୀ ବିରଞ୍ଚି ବେହେରା ଓ ପରିଚାଳନା କମିଟି ସଭାପତି ଶ୍ରୀକାନ୍ତ ପାତ୍ର ଏବଂ ମୁଖ୍ୟବକ୍ତା ଭାବେ ତେଲକୋଇ ପ୍ରେସ କ୍ଲବର ସଭାପତି ଚିନ୍ମୟ କୁମାର ସାହୁ ଯୋଗ ଦେଇଥିଲେ।




ବାର୍ଷିକ ଉତ୍ସବ ପାଳନ ବିଦ୍ୟାଳୟର ଏକ ସୁସ୍ଥ ପରମ୍ପରା। ବର୍ତ୍ତମାନ ସମାଜରେ ଶିକ୍ଷାର ଭୂମିକା ତଥା ତାହାର ଲକ୍ଷ୍ୟ କିପରି ସାଧିତ ହେବା ଆବଶ୍ୟକ ଓ ଶିକ୍ଷାର ମହତ୍ତ୍ୱ, ଛାତ୍ର ସମାଜର କର୍ତ୍ତବ୍ୟ ପ୍ରତି ସଚେତନାତ୍ମକ ଅଭିଭାଷଣ ଅତିଥିମାନେ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଖେଳକୁଦରେ ବରିଷ୍ଠ ବର୍ଗରେ ଚାମ୍ପିଅନ ହୋଇଥିବା ଛାତ୍ରୀ ପ୍ରଜ୍ଞା ନାୟକ ଓ କନିଷ୍ଠ ବର୍ଗର ଚାମ୍ପିଅନଙ୍କୁ ଅତିଥିମାନେ ଟ୍ରଫି ସହ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ କୃଷ୍ଣଚନ୍ଦ୍ର ପାତ୍ର, ନିରଞ୍ଜନ ମିଶ୍ର, ତପନ ମହାନ୍ତ, ଶିକ୍ଷୟିତ୍ରୀ ସଲମା ମୁର୍ମୁ, ସାଗରିକା ନାଏକ, ଲକ୍ଷ୍ମୀ ପ୍ରିୟା ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଧାନବେଣୀ ମଠରେ ମାଘ ପୂର୍ଣ୍ଣିମା



ତୁରୁମୁଙ୍ଗା, ୧।୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଖିରେଇଟାଙ୍ଗିରୀ ଗ୍ରାମର ପୁଣ୍ୟପୀଠ ଧାନବେଣୀ ମଠରେ ରବିବାର ମାଘ ପୂର୍ଣ୍ଣମୀ ଉତ୍ସବ ପାଳନ କାରଯାଇଛି। ଧାନବେଣୀ ମଠରେ ଥିବା ପୁରାତନ ଶୂନ୍ୟ ମନ୍ଦିରର ଯଜ୍ଞ କୁଣ୍ଡରେ ହୋମ କରାଯାଇ ଅଞ୍ଚଳ ତଥା ସାରା ବିଶ୍ୱର ମଙ୍ଗଳ କାମନା କରାଯାଇଥିଲା। ତ୍ରିନାଥ ବାବା, ଟଙ୍କଧର ବାବା, ବିନୋଦ ବାବା ଧାନବେଣୀ ମଠର ସଭାପତି ଡ଼ ସଞ୍ଜୀବ କୁମାର ଘଣାଙ୍କ ପୌରହିତ୍ୟରେ ଯଜ୍ଞ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ଆୟୋଜିତ ମାଘ ମେଳାରେ ଆଖପାଖ ଅଞ୍ଚଳର ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା।



# ବିରିଡିହାରେ ଦୁଇମାସ ହେବ ଜଳକଷ୍ଟ

## ଅଚଳ ପଡ଼ିଛି ନଳକୂପ



ଆନନ୍ଦପୁର, ୧।୨ (ସମିସ): ଆନନ୍ଦପୁର ବ୍ଲକ କଣ୍ଟିପାଳ ପଞ୍ଚାୟତ ବିରିଡିହା ଉପର ହରିଜନ ସାହିରେ ଏବେଠାରୁ ପାନୀୟ ଜଳ ସମସ୍ୟା ଦେଖାଯାଇଛି। ଜଳାଭାବ ନେଇ ପଞ୍ଚାୟତ ଓ ବ୍ଲକରେ ଅଭିଯୋଗ ପରେବି କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ସାହିର ମହିଳାମାନେ ନଳକୂପ ନିକଟରେ ଗରା ବାଲ୍ଟି ରଖି ପ୍ରତିବାଦ କରିଛନ୍ତି। ସର୍ବସାଧାରଣରେ ବ୍ୟବହାର ପାଇଁ ସାହିରେ ଥିବା ଗୋଟିଏ ନଳକୂପ ଦୁଇ ମାସ ହେବ ଅଚଳ ହୋଇ ପଡିଛି। ଆଗକୁ ଗ୍ରୀଷ୍ମ ଋତୁ ଆସିଲାଣି। ନଳକୂପଟି ଖୁବ ଶୀଘ୍ର ମରାମତି ପାଇଁ ଗ୍ରାମର ମମତା ଜେନା, ସମ୍ବରୀ ଜେନା, ତୁଲୁସା ଜେନା, ମୁନୁ ଜେନା, ଉଷା ଜେନା, ଯଦୁମଣି ଜେନା ଦାବି କରିଛନ୍ତି। ପାନୀୟ ଜଳର ଏଭଳି ସମସ୍ୟା ସ୍ଥିତିରେ ବିଭାଗୀୟ କର୍ତ୍ତୃପକ୍ଷ ତ୍ୱରିତ ପଦକ୍ଷେପ ସ୍ୱରୂପ ସମସ୍ୟାର ସମାଧାନ କରିବାକୁ ଦାବି ହୋଇଛି।

# ଅବହେଳିତ ଗୋଠନାହାକାଣୀ ହାଇସ୍କୁଲ; ମିଳିନି ସରକାରୀ ସହାୟତା

ହାଟଡ଼ିହୀ,୧।୨(ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍ ଅଁରା ଗ୍ରାମର ଗୋଠନାହାକାଣୀ ହାଇସ୍କୁଲଟି ଅବହେଳିତ ହୋଇପଡ଼ିଥିବା ଦେଖାଯାଇଛି। ଏହି ସ୍କୁଲରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ସରକାରଙ୍କ ତରଫରୁ ପାଠପଢ଼ା ବହି, ପୋଷାକ କିମ୍ବା ମଧ୍ୟାହ୍ନ ଭୋଜନ ମିଳୁନାହିଁ। ନାହିଁ ନାହିଁରେ ଚାଲିଛି ପାଠପଢ଼ା। ବିଦ୍ୟାଳୟ ପାଇଁ ଶ୍ରେଣୀଗୃହ, ପାନୀୟଜଳ, ଶୌଚାଳୟ, ବିଦ୍ୟୁତ୍, ଖେଳପଡ଼ିଆ, ସୁରକ୍ଷା ପାଚେରି, ରୋଷେଇ ଘର, ଏପରିକି ଶିକ୍ଷକଙ୍କ ପାଇଁ ଅଫିସ ଗୃହ ଖଣ୍ଡେ ମଧ୍ୟ ନାହିଁ। ସରକାରୀ ଅନୁଦାନର ଆଢୁଆଳ ଭିତରେ ଲୁଚି ଯିବାକୁ ବସିଛି ଗୋଠନାହାକାଣୀ ହାଇସ୍କୁଲ। ବିଦ୍ୟାଳୟରେ ୮ ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି। ଅଫିସ କାମ ପାଇଁ ଜଣେ କିରାଣି ଥିବାବେଳେ ଅନ୍ୟ ୩ଜଣ କର୍ମଚାରୀ ଅଛନ୍ତି।

ଗତ ବୁଧବାର ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଆୟୋଜିତ ଏକ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିବା ବେଳେ ଏଠାରେ ଏକ ଭିନ୍ନ ଚିତ୍ର ଦେଖିବାକୁ ମିଳିଛି। ଉତ୍ସବର ଖୁସି ଓ ବିଦାୟର ଦୁଃଖ ମଧ୍ୟରେ ସରକାରୀ ବ୍ୟବସ୍ଥା ପ୍ରତି ଶାଣିତ ଅସନ୍ତୋଷ ପ୍ରକାଶ କରିଛନ୍ତି ବିଦ୍ୟାଳୟର କର୍ମକର୍ତ୍ତା, ଅଭିଭାବକ ଓ ଅଧ୍ୟୟନରତ ଛାତ୍ରଛାତ୍ରୀ। ବିଦ୍ୟାଳୟର ଉନ୍ନତିକରଣ ଓ ଆନୁଷଙ୍ଗିକ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ କୌଣସି ଆର୍ଥିକ ଅନୁଦାନ ମିଳୁ ନଥିବା ବେଳେ ଅବହେଳିତ ଅବସ୍ଥାରେ ପଡ଼ିରହିଛି ଏହି ବିଦ୍ୟାଳୟ। ଦୀର୍ଘ ୩୪ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ବିଦ୍ୟାଳୟ ଚାଲି ଆସୁଥିବା ବେଳେ ଚଳିତବର୍ଷ ପାଖାପାଖି ୮୪ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି।



ପୂର୍ବତନ ବିଧାୟକଙ୍କ ଅନୁଦାନ ପାଣ୍ଠିରୁ୨ଟି ଛୋଟ କୋଠରୀ ବିଶିଷ୍ଟ ଶ୍ରେଣୀଗୃହ ନିର୍ମାଣ ହୋଇଛି। ଚତୁଃପାର୍ଶ୍ୱରେ ସୁରକ୍ଷା

➤ ଦୁଃଖରେ ଛାତ୍ରଛାତ୍ରୀ
➤ ବିନା ଦରମାରେ ଶିକ୍ଷକ

ପାଚେରି ନଥିବାରୁ ଖୋଲାମେଲାରେ ପଡ଼ିଛି ବିଦ୍ୟାଳୟ। ଏହି ଗୋଠନାହାକାଣୀ ହାଇସ୍କୁଲଠାରୁ ଶାଳଣିଆଁ ହାଇସ୍କୁଲର ଦୂରତା ୬କିମି ଏବଂ କଳିଗାଁ ହାଇସ୍କୁଲର ଦୂରତା ୪କିମିରୁ ଊର୍ଦ୍ଧ୍ୱ ହେବ। ସ୍ଥାନୀୟ ଅଞ୍ଚଳର ପିଲାମାନେ ଏତେଦୂରକୁ ଯାଇ ପାଠ ପଢ଼ିବା କଷ୍ଟ ହୋଇପଡ଼ିଥିଲା ବେଳେ ସ୍ଥାନୀୟ ଗ୍ରାମର କିଛି ଉଦୀୟମାନ ବ୍ୟକ୍ତିଙ୍କ ସହଯୋଗକ୍ରମେ ୧୯୯୨ରେ ଗୋଠନାହାକାଣୀଙ୍କ ନାମରେ ହାଇସ୍କୁଲଟି ତିଆରି ହୋଇଥିଲା। ଚାଳଛପର ମାଟିଘରର ଦୟନୀୟ ପରିସ୍ଥିତି ଦେଖି ତତ୍କାଳୀନ ବିଧାୟକଙ୍କ ଅନୁଦାନକ୍ରମେ ଏକ ଆଜବେଷ୍ଟସ୍ ଗୃହ ନିର୍ମାଣ ହୋଇଥିଲା।

ଏହି ହାଇସ୍କୁଲରେ ଅଁରା, ବୃନ୍ଦାବନପୁର, ବେଙ୍ଗିତୀରା, ବେଲବନ୍ଧ, ଚମାରତୀରା, ତୁମ୍ବାମଣିପାଟଣା, ଜାମିତୀରା, ମଧୁରଗଡିଆ ଆଦି ଗ୍ରାମର ପିଲାମାନେ ପାଠପଢ଼ା ପାଇଁ ନିର୍ଭର କରନ୍ତି। ଗୋଟିଏ ପଟେ ସରକାର ଶିକ୍ଷାର ବିକାଶ ପାଇଁ ଡିଣ୍ଡିମ ପିଟୁଥିବା ବେଳେ ଅନ୍ୟପଟେ ଏହି ବିଦ୍ୟାଳୟ ପ୍ରତି ଥିବା ସରକାରଙ୍କ ବୈମାତୃକ ମନୋଭାବକୁ ନେଇ ଶିକ୍ଷକ ଓ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସରକାରୀ ସହାୟତା ବିନା ବିଦ୍ୟାଳୟର ଭବିଷ୍ୟତ କୁଆଡ଼େ ଯିବ, ସେନେଇ ବିଦାୟୀ ଛାତ୍ରଛାତ୍ରୀମାନେ ମଧ୍ୟ ନିଜର କ୍ଷୋଭ ପ୍ରକାଶ କରିଥିଲେ। ବିଦ୍ୟାଳୟ ପାଇଁ ସରକାରୀ ଅନୁଦାନ ସହ ଶିକ୍ଷାଦାନ କରୁଥିବା ଶିକ୍ଷକଶିକ୍ଷୟିତ୍ରୀଙ୍କୁ ବେତନଯୁକ୍ତ ପାରିଶ୍ରମିକ ମିଳିଲେ ଶିକ୍ଷାର ବିକାଶ ପ୍ରତି ଛାତ୍ରଛାତ୍ରୀ ଏବଂ ଶିକ୍ଷକଙ୍କ ଆଗ୍ରହ ବୃଦ୍ଧି ହୋଇପାରନ୍ତା ବୋଲି ପ୍ରଧାନଶିକ୍ଷକ ପ୍ରକାଶ ବିଶ୍ୱାଳ, ସହକାରୀଶିକ୍ଷକ ଗଦାଧର ମହାପାତ୍ର, ଶିକ୍ଷୟିତ୍ରୀ ପ୍ରିୟଙ୍କା ରାଉତ, ଶିକ୍ଷକ ବିଶ୍ୱଭୂଷଣ ପାତ୍ର, ଦୀପକ ନାୟକ, ବିଶ୍ୱମ୍ବର ବେହେରା, ଭାଗିରଥି ପାଢ଼ୀ, କିରାଣି ରତ୍ନାକର ସେନାପତିଙ୍କ ସମେତ ସ୍କୁଲ କର୍ମଚାରୀ ବାସୁଦେବ ଦାସ, ନରହରି ଖଣ୍ଡେଇ, ଗୌରାଙ୍ଗ ସାହୁ ପ୍ରମୁଖ ଦାବି କରିଛନ୍ତି।

# ଦଶମ ନକ୍‌ଆଉଟ ବିଟିଏସ୍ ଚାମ୍ପିଅନ ଟ୍ରଫି

## ଯୋଗଦେଲେ ବରିଷ୍ଠ କଂଗ୍ରେସ ନେତା ସୁର ରାଉତରାୟ




ଚମ୍ପୁଆ, ୧।୨ (ସମିସ): ଚମ୍ପୁଆ ବ୍ଲକ୍ ଜାମୁଦଲକ ଖେଳପଡିଆଠାରେ ବୈତରଣୀ କ୍ଲବ ଜାମୁଦଲକ ଦ୍ୱାରା ଆୟୋଜିତ ୧୦ମ ନକଆଉଟ ଚାମ୍ପିଅନ ଟ୍ରଫି ୨୦୨୬/୨୭ ଉଦଯାପିତ ହୋଇଯାଇଛି। ଫାଇନାଲ ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ବରିଷ୍ଠ କଂଗ୍ରେସ ନେତା ସୁର ରାଉତରାୟଙ୍କ ସହ ଅନ୍ୟତମ ଅତିଥି ସମାଜସେବୀ ଗୁରୁବକ୍ସ ସିଂ ଆଲୱାଲିଆ, ସରପଞ୍ଚ ଅଂଜନ ଓରାମ, ଚିନ୍ତାମଣି ମହାନ୍ତ, ନିର୍ମଳ ପାତ୍ର ଯୋଗ ଦେଇଥିଲେ। କ୍ଲବ ସଭାପତି ନିର୍ମଳ ପ୍ରଧାନ ଓ ସଂପାଦକ ଚନ୍ମୟୀ ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଆନ୍ତରାଜ୍ୟ ପ୍ରତିଯୋଗିତାରେ ଓଡ଼ିଶା ଓ ଝାଡଖଣ୍ଡ ଅଞ୍ଚଳର ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ଖେଳରେ ଏକେଏଫ ଫାଇଟର ଚମ୍ପୁଆ ପ୍ରଥମେ ବ୍ୟାଟିଂ କରି ରିମୁଳିକୁ ୨୦୪ ରନର ଲକ୍ଷ୍ୟ ଦେଇଥିବା ବେଳେ ରିମୁଳି ଏକାଦଶ ୮ ୱିକେଟ ହରାଇ ୧୫୫ ରନ କରିଥିଲା। ଏହି ପ୍ରତିଯୋଗିତାକୁ ଅମ୍ପାୟାର ଭାବରେ ଦିବ୍ୟରଂଜନ ରଣା ଓ ବସନ୍ତ ମହାକୁଡ ପରିଚାଳନା କରିଥିବା ବେଳେ ଭାଷ୍ୟକାର କ୍ଷୀରୋଦ ଗିରି, ଏମ ଡି ଆରିଫ ହବିବ ଓ ତନ୍ମୟ ପାତ୍ର ପରିଚାଳନା କରିଥିଲେ। ମୁଖ୍ୟଅତିଥି ଶ୍ରୀ ରାଉତରାୟ ଓଡ଼ିଶାରେ କ୍ରିକେଟ ଖେଳ ହେଉଥିଲେ ମଧ୍ୟ ଯୁବପ୍ରତିଭା ବା ଓଡ଼ିଶାର ଖେଳାଳି ଜାତୀୟ ଦଳରେ ସାମିଲ ହୋଇପାରୁ ନ ଥିବାରୁ ଉଦବେଗ ପ୍ରକାଶ କରିଥିଲେ। ଖେଳ ବନ୍ଧୁତ୍ୱକୁ ଯୋଡେ ବୋଲି ଅଭିହିତ କରିବା ସହ ମୁଁ ମୁଖ୍ୟମନ୍ତ୍ରୀଙ୍କ ଏହି ପଡ଼ିଆର ଉନ୍ନତିପାଇଁ କଥା ହେବି ବୋଲି କହିଥିଲେ। ପରେ ଶ୍ରୀ ରାଉତରାୟ ଚମ୍ପିଅନ ଚମ୍ପୁଆ ଦଳକୁ ୩୦ ହଜାର ଟଙ୍କା ପ୍ରଦାନ କରିଥିବା ବେଳେ ରନର୍ସଅପ ଦଳକୁ ୨୦ହଜାର ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ।

**ହଳଦିଆପଦର ଓଭରବ୍ରିଜ୍ ଦୁର୍ଘଟଣା**

# ଚାଳକ ଗିରଫ; ମୃତକଙ୍କ ପରିବାରକୁ ଭେଟିଲେ ନେତା







ବ୍ରହ୍ମପୁର, ୧।୨(ସମିସ)

ହଳଦିଆପଦର ଓଭରବ୍ରିଜରେ ଦୁର୍ଘଟଣାରେ ୫ଜଣଙ୍କ ମୃତ୍ୟୁ ଘଟଣାରେ ଗୋଷାଣିନୁଆଗାଁ ପୁଲିସ ଟ୍ରକ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଟ୍ରକ ଚାଳକ ଜଣକ ହେଲେ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଗୁଡ଼ିଆପଲ୍ଲୀ ଗାଁର ପ୍ରଦୀପ ଜାନୀ(୩୮)। ପ୍ରଦୀପଙ୍କ ଜାମିନ ନାମଞ୍ଜୁର ହେବାରୁ ବ୍ରହ୍ମପୁର ଜେଲକୁ ପଠାଇ ଦିଆଯାଇଛି। ଶନିବାର ପ୍ରଦୀପ ଟ୍ରକ ଚଳାଉଥିବା ବେଳେ ଦୁର୍ଘଟଣା ଘଟି ହଳଦିଆପଦର ଓଭରବ୍ରିଜ୍‌ରେ ୫ ଜଣଙ୍କ ମୃତ୍ୟୁ ଘଟିଥିଲା।

ସୂଚନାଯୋଗ୍ୟ ଯେ, ଏହି ଦୁର୍ଘଟଣାରେ କିଏ ନିଜର ସିନ୍ଦୁରକୁ ହରାଇଛି ତ ଆଉ କିଏ ଘରର ଏକମାତ୍ର ରୋଜଗାରିଆ ପୁଅକୁ ହରାଇଛି। ଦାନବ ରୂପି ଟ୍ରକ ବ୍ରହ୍ମପୁରରୁ ଜାତୀୟ ରାଜପଥ ଦେଇ ଯାଉଥିବାବେଳେ ଅଟୋକୁ ଓଭରଟେକ୍ କରିବାକୁ ଯାଇ ତିନୋଟି ବାଇକକୁ ଚାପି ଦେଇ ଚାଲି ଯାଇଥିଲା। ଫଳରେ ଏକାସାଙ୍ଗରେ ୫ଜଣଙ୍କ ଜୀବନ ଯାଇଥିଲା। ଯେଉଁଥିରେ କୁକୁଡ଼ାଖଣ୍ଡି

## ପୂର୍ବରୁ ଦୁର୍ଘଟଣା ଘଟାଇ ୨ ଜୀବନ ନେଇଥିଲେ ଚାଳକ

ବ୍ଲକ ଅନ୍ତର୍ଗତ ଗୁଣ୍ଠବନ୍ଧ ଗ୍ରାମର ଶିବରାମ ଜେନା, ଫୁଲଟା ଗ୍ରାମର ଦୁଇ ସମ୍ପର୍କୀୟ ଭାଇ ଜଗନ ନାହକ ଓ ରାକେଶ ନାହକ, ଅଯୋଧ୍ୟାନଗରର ସୂର୍ଯ୍ୟ ନାରାୟଣ ପଣ୍ଡା, ଜରଡ଼ା ଥାନା ଅନ୍ତର୍ଗତ ଭ୍ରମରପୁର ଗ୍ରାମର ସତ୍ୟନାଥ ବେଜଙ୍କ ମୃତ୍ୟୁ ହୋଇଥିଲା।

ମୃତକଙ୍କ ପରିବାରଙ୍କୁ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ଜିଲ୍ଲାପାଳ ଭି.କୀର୍ତ୍ତୀ ଭାସନ, ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ଜିଲ୍ଲାର ବହୁ ବରିଷ୍ଠ ଅଧିକାରୀ ସାକ୍ଷାତ କରି ସମବେଦନା ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାର ପ୍ରତି ୪ଲକ୍ଷ ଟଙ୍କା ଓ ରେଡ଼କ୍ରସ ପାଣ୍ଠିରୁ ୩୦ହଜାର ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ମୃତକ ସମସ୍ତ ୫ପରିବାରର ଆବଶ୍ୟକତାକୁ ପୂରଣ କରାଯିବ ବୋଲି ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରତିଶ୍ରୁତି ଦେଇଛନ୍ତି। ସେପଟେ ଦୁର୍ଘଟଣା ଭିଆଇଥିବା ଚାଳକ ପ୍ରଦୀପ ଗତ କିଛିମାସ ମଧ୍ୟରେ ବିଭିନ୍ନ ଦୁର୍ଘଟଣାରେ ୨ ଜଣଙ୍କ ଜୀବନ ନେଇଥିବା ଜଣାପଡ଼ିଛି। ଏଭଳି ଅମାନିଆ ଡ୍ରାଇଭରଙ୍କୁ ନିୟୋଜିତ କରିଥିବା ମାଲିକମାନେ ସାବଧାନ ହେବା ଜରୁରୀ ବୋଲି ପରିବହନ ମନ୍ତ୍ରୀ କହିଛନ୍ତି।

### • ୪୫ଦିନରେ ସର୍ଭେ ରିପୋର୍ଟ ସହ ସରକାରଙ୍କୁ ଦିଆଯିବ ଡିପିଆର

ସେପଟେ ବ୍ରିଜର ଡ଼ିଜାଇନକୁ ନେଇ ଦୀର୍ଘବର୍ଷ ହେଲା ଯେଉଁ ଦାବି ରହିଥିଲା ତାକୁ ଯଦିଓ ସେ ଗୁରତ୍ୱ ଦେଇଛନ୍ତି ହେଲେ ଦୁର୍ଘଟଣା ଘଟିଥିବା ସ୍ଥାନରେ ବ୍ରିଜର ନିର୍ମାଣରେ କୌଣସି ତ୍ରୁଟି ନଥିବା ସେ ସ୍ପଷ୍ଟ କରିଛନ୍ତି। ଆସନ୍ତା ୪୫ଦିନ ମଧ୍ୟରେ ବ୍ରିଜର ସର୍ଭେ କରାଯାଇ ଏକ ରିପୋର୍ଟ ସହ ଡ଼ିପିଆର ସରକାରଙ୍କୁ ପ୍ରଦାନ କରାଯିବ। ସରକାରୀ ଅନୁମୋଦନ ପରେ ଓଭରବ୍ରିଜର ସମ୍ପ୍ରସାରଣ ସହ ଢ଼ାଞ୍ଚାଗତ ତ୍ରୁଟିର ସମାଧାନ କରାଯିବ ବୋଲି ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତୀ ଭାସନ ସୂଚନା ଦେଇଛନ୍ତି। ସେହିପରି ସଡ଼କ ଦୁର୍ଘଟଣାରେ ମୃତ ସୂର୍ଯ୍ୟ ପଣ୍ଡାଙ୍କ ଅଯୋଧ୍ୟା ନଗର ସ୍ଥିତ ବାସଭବନକୁ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରତିନିଧି ଅଶୋକ କୁମାର ଶୁକ୍ଳ ଓ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ପ୍ରତିନିଧି ବାଳକୃଷ୍ଣ ସାମନ୍ତରା ଯାଇ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଏପରିକି ବ୍ରହ୍ମପୁର ବାହାରେ ଥିବା ବିଧାୟକ କେ ଅନିଲ କୁମାର ସ୍ୱର୍ଗତ ପଣ୍ଡାଙ୍କ ବିଧବା ପତ୍ନୀ ଓ ଅନ୍ୟ ସଦସ୍ୟଙ୍କ ସହ ଫୋନ ଯୋଗ ଆଲୋଚନା କରିଥିଲେ।

## ପୁଣି ଆମବସ୍ ଓ ପିକ୍‌ଅପ୍ ଭ୍ୟାନ ମଧ୍ୟରେ ଧକ୍କା




ବ୍ରହ୍ମପୁର, ୧।୨(ସମିସ): ଗୋଷାଣୀନୂଆ ଗାଁ ଥାନା ଅନ୍ତର୍ଗତ ହଳଦିଆପଦର ଓଭରବ୍ରିଜ ନିକଟରେ ଥିବା ରାଜାରାଣୀ ମଲ୍ ନିକଟରେ ପୁଣି ଦୁର୍ଘଟଣା ଘଟିଛି। ଆମ ବସ୍ ଓ ପିକ୍‌ଅପ୍ ଭ୍ୟାନ ମଧ୍ୟରେ ଘଟିଛି ଏହି ଦୁର୍ଘଟଣା। ପିକ୍‌ଅପ୍ ଭ୍ୟାନକୁ ଓଭରଟେକ୍ କରିବାକୁ ଯାଇ ଆମ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣା ପରେ ଆମ ବସ୍ ଲକ୍ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ଆମ ବସଟି ଇ-ବସ୍ ହୋଇଥିବା ଯୋଗୁଁ ଲକ୍ ହୋଇଯାଇଛି। ଲକ୍ ଯୋଗୁଁ ଗୋଟିଏ ପାର୍ଶ୍ୱରେ କିଛି ସମୟ ପାଇଁ ରାସ୍ତା ଚଳାଚଳ ବନ୍ଦ ହୋଇଯାଇଥିଲା। ଦୁର୍ଘଟଣାରେ କାହାରି କିଛି କ୍ଷୟକ୍ଷତି ହୋଇନଥିବା ବେଳେ ଆମ ବସର ପଛ ଭାଗ କାଚ ଭାଙ୍ଗି ଯାଇଛି। ଘଟଣା ସ୍ଥଳରେ ଟ୍ରାଫିକ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗତକାଲି ଛାତିଥରା ଦୁର୍ଘଟଣା ପରେ ଆଜି ପୁଣି ଏକ ଦୁର୍ଘଟଣା ଭୟର ବାତାବରଣ ସୃଷ୍ଟି କରିଛି।

**କେନ୍ଦ୍ରୀୟ ବଜେଟ ପ୍ରତିକ୍ରିୟା**

# ସାମାଜିକ ନ୍ୟାୟ ପ୍ରତି ଗଭୀର ଅବହେଳା

କେନ୍ଦ୍ରୀୟ ବଜେଟ୍-୨୦୨୬ରେ ସାମାଜିକ କ୍ଷେତ୍ର ପ୍ରତି ସରକାରଙ୍କ ଅବହେଳା ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଛି। ସହର ଝୁମ୍ପୁଡ଼ିବାସୀଙ୍କ ପାଇଁ କୌଣସି ଆବାସ ଯୋଜନା ନାହିଁ। ସହରୀ ଅସଙ୍ଗଠିତ ଶ୍ରମିକଙ୍କ କଲ୍ୟାଣ ପାଇଁ ବଜେଟ୍‌ରେ କୌଣସି ଦୃଢ଼ ପଦକ୍ଷେପ ଦେଖାଯାଉନାହିଁ। ସ୍ୱାସ୍ଥ୍ୟ ସେବାରେ କାମ କରୁଥିବା ନର୍ସ, ଆଶା କର୍ମୀ ଓ ଅଙ୍ଗନବାଡ଼ି କର୍ମୀମାନଙ୍କ ଦାବି ଓ ସମସ୍ୟା ପ୍ରତି ସରକାର ସମ୍ପୂର୍ଣ୍ଣ ନୀରବ ରହିଛନ୍ତି। ସରକାରୀ ବିଦ୍ୟାଳୟ, ଉଚ୍ଚ ଶିକ୍ଷା ଓ ଅନୁସୂଚୀତ ଜାତି, ଅନୁସୂଚୀତ ଜନଜାତି ଏବଂ ଅନ୍ୟ ପଛୁଆବର୍ଗଙ୍କ ଶିକ୍ଷା ବୃତ୍ତି କ୍ଷେତ୍ରରେ ମଧ୍ୟ କୌଣସି ନୂତନ ବ୍ୟବସ୍ଥା ଘୋଷିତ ହୋଇନାହିଁ। ଦେଶର ପ୍ରାୟ ଅଧା ଜନସଂଖ୍ୟା ମହିଳାମାନଙ୍କ ପାଇଁ କୌଣସି ସ୍ୱତନ୍ତ୍ର ଅର୍ଥନୈତିକ ଯୋଜନା ନାହିଁ। ଦିନକୁ ଦିନ ବୃଦ୍ଧି ପାଉଥିବା ଘରୋଇ ହିଂସା ଓ ମହିଳାଙ୍କ ଉପରେ ନିର୍ଯାତନାକୁ ରୋକିବା, ମହିଳା ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବଜେଟ୍‌ରେ କୌଣସି ପ୍ରଭାବଶାଳୀ ପଦକ୍ଷେପ ନାହିଁ। ଅନୁସୂଚୀତ ଜାତି, ଆଦିବାସୀ ଓ ସାମାଜିକ ନ୍ୟାୟ କ୍ଷେତ୍ରରେ ମଧ୍ୟ ସରକାରଙ୍କ ପକ୍ଷରୁ କୌଣସି ଦୃଢ଼ ଘୋଷଣା ଆସିନାହିଁ। ଜଙ୍ଗଲ, ଜଳସମ୍ପଦ, ଉପକୂଳ ଅଞ୍ଚଳର ସୁରକ୍ଷା, ଉପକୂଳବାସୀଙ୍କ ସୁରକ୍ଷା ଓ ପୁନର୍ବାସ ପାଇଁ ବଜେଟ୍‌ରେ କୌଣସି ସ୍ପଷ୍ଟ ବ୍ୟବସ୍ଥା ନାହିଁ। ଗରିବ, ମହିଳା, ଦଳିତ, ଆଦିବାସୀଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ନ ଦେଇ କେବଳ ଟେକ୍ନୋଲୋଜି, ପ୍ରତିରକ୍ଷା ଓ ଉଦ୍ୟୋଗ ଉପରେ ଅତ୍ୟଧିକ କେନ୍ଦ୍ରିତ ହେବା ଆଦୌ ଶୁଭଙ୍କର ନୁହଁ।

ଅବନୀ ଗୟା, ଆବାହକ, ମାନବ ଅଧିକାର ସୁରକ୍ଷା ମଞ୍ଚ

## କୃଷି, କୃଷକ, ଶ୍ରମିକ ଓ ଛାତ୍ରଙ୍କ ପାଇଁ ନିରାଶାର ବଜେଟ୍

ଦେଶରେ ଆର୍ଥିକ ଅସମାନତା, କୃଷି କ୍ଷେତ୍ରରେ ସଙ୍କଟ, ବେକାରୀ ଲଗାତାର ବୃଦ୍ଧି ପାଉଥିବା ବେଳେ ତା'ର ସମାଧାନ ଦିଗରେ କୌଣସି ଠୋସ ପଦକ୍ଷେପ ଘୋଷଣା କରିବାରେ ୨୦୨୬-୨୭ର ବଜେଟ୍ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଯେଉଁ ନବଉଦାର ନୀତି ଲାଗି ଦେଶରେ ଶ୍ରମିକଙ୍କ ମଜୁରୀ ଓ ଲୋକମାନଙ୍କ କ୍ରୟଶକ୍ତିରେ ବୃଦ୍ଧି ଘଟୁନି ଏବଂ ଭାରତୀୟ ବଜାରରେ ଅଧିକରୁ ଅଧିକ ବିଦେଶୀ ଜିନିଷ ଆସିବା ଫଳରେ ସ୍ଥାନୀୟ କ୍ଷୁଦ୍ର ଶିଳ୍ପ ସବୁ ବନ୍ଦ ହେଉଛି, ସେସବୁ ଉପରେ ସରକାରଙ୍କ ଗୁରୁତ୍ୱ ଦେବା ଦେଖାଯାଇନି। କେବଳ 'ବିକଶିତ ଭାରତ'ର ଫମ୍ପା ଶବ୍ଦାଳଙ୍କାରକୁ ଛାଡ଼ିଦେଲେ ଏହି ବଜେଟରେ ଦେଶର ସାଧାରଣ ଜନତାଙ୍କ ପାଇଁ କିଛି ନାହିଁ। ପୂର୍ବ ନିରନ୍ତରତାକୁ ବଜାୟ ରଖି ୨୦୨୬–୨୭ ବଜେଟରେ କୃଷି ଓ କୃଷକ, ଶ୍ରମିକ, ଯୁବାବର୍ଗ ଓ ମହିଳାମାନଙ୍କ ପ୍ରତି ଜାରି ରହିଥିବା ଅବହେଳାକୁ ପୁଣି ଥରେ ସ୍ପଷ୍ଟ କରିଛି। ସବୁ ଦୃଷ୍ଟିରୁ ଦେଖିଲେ ଚଳିତ ବଜେଟ ପୂର୍ବବର୍ଷ ଗୁଡ଼ିକର ଲୋକବିରୋଧୀ ବଜେଟମାନଙ୍କ ମଧ୍ୟରୁ ସବୁଠାରୁ ଖରାପ ବଜେଟ ଅଟେ। ବଜେଟରେ ସାମାଜିକ ସୁରକ୍ଷା ଓ ଦାରିଦ୍ର୍ୟ ହ୍ରାସ ଯୋଜନା ଗୁଡ଼ିକରେ ବ୍ୟୟ ବରାଦକୁ ବାସ୍ତବ ମୂଲ୍ୟରେ କମାଯାଇଛି। କିମ୍ବା ଅପରିବର୍ତ୍ତିତ ରଖାଯାଇଛି, ଯାହା ମୁଲ୍ୟସ୍ଫୀତି ଓ ବଢୁଥିବା ଜନସଂଖ୍ୟାର ଆବଶ୍ୟକତା ସହ ସାମଞ୍ଜସ୍ୟ ନୁହେଁ। ଗତ ୨୦୨୫–୨୬ ବଜେଟରେ ସଂଶୋଧିତ ଅନୁମାନ ମଧ୍ୟ ଦେଖାଉଛି ଯେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ କଲ୍ୟାଣ, ଗ୍ରାମୀଣ ଓ ସହର ବିକାଶ ଭଳି ମୁଖ୍ୟ କ୍ଷେତ୍ରଗୁଡ଼ିକରେ ଯେଉଁ ବ୍ୟୟ ବରାଦ କରାଯାଇଥିଲା ତା'ଠାରୁ ବହୁତ କମ୍ ବ୍ୟୟ କରାଯାଇଛି। ଅନ୍ୟପଟେ ସେସବୁ କ୍ଷେତ୍ରରେ ଚଳିତ ବଜେଟରେ ବ୍ୟୟ ବରାଦ ପୂର୍ବବର୍ଷର ବଜେଟ ଠାରୁ ବି କମ୍ ରହିଛି। ଶେଷରେ ଦେଶର କୃଷି, କୃଷକ, ଶ୍ରମିକ, ଛାତ୍ରଛାତ୍ରୀ ଓ ମଧ୍ୟବିତ୍ତ ଶ୍ରେଣୀ ପାଇଁ ଏହା ଏକ ନିରାଶାର ବଜେଟ ବୋଲି କୁହାଯିବା ଠିକ ହେବ।

ଭାଲଚନ୍ଦ୍ର ଷଡ଼ଙ୍ଗୀ
ଜାତୀୟ ସମ୍ପାଦକ, ଅଖିଳ ଭାରତ କିଶାନ୍ ମଜଦୁର ସଭା

## ପୁଣି ଲଲିପପ ବଜେଟ

ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ମାତ୍ର ୧୦ହଜାର କୋଟି ବଜେଟରେ ପ୍ରାବଧାନ କେବଳ ସମୁଦ୍ରକୁ ଶଙ୍ଖେ ସଦୃଶ। ଏଥିରେ ନିଯୁକ୍ତି ଓ ବେକାରୀ ସମସ୍ୟା ସୁଧାରିବାର କୌଣସି ଆଶା ଦେଖାଯାଉନି। ପୁଣିଥରେ ସରକାର ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରକୁ ଅଣଦେଖା କରିଛନ୍ତି। ଋଣଗ୍ରସ୍ତ ସରକାରଙ୍କ ଦ୍ୱାରା ଦରଦାମ ବୃଦ୍ଧି, ଅସ୍ଥାୟୀ କର୍ମଚାରୀ, ଓ ନୂଆ ନିଯୁକ୍ତି ପାଇଁ ପୁଣି ଲଲିପପ୍ ଦେଖାଇଛନ୍ତି ସରକାର।

ପ୍ରତାପ ପ୍ରଧାନ, ଶ୍ରମିକ ଓ କର୍ମଚାରୀ ନେତା

## ବିକଶିତ ଭାରତ ଗଠନରେ ସହାୟକ ହେବ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଆଗତ ବଜେଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲକ୍ଷ୍ୟ ବିକଶିତ ଭାରତ ଗଠନରେ ବିଶେଷ ସହାୟକ ହେବ। ଗ୍ରାମାଞ୍ଚଳର ଉନ୍ନତି ପାଇଁ ନୂତନ ଭାବେ ମହାତ୍ମାଗାନ୍ଧୀ ଗ୍ରାମ୍ୟ ସ୍ୱରାଜ ଯୋଜନାର ଶୁଭାରମ୍ଭ, ସୁକ୍ଷ୍ମ, କ୍ଷୁଦ୍ର, ମଧ୍ୟମ ଶିଳ୍ପ ମାଧ୍ୟମରେ ନିଯୁକ୍ତି ସୃଷ୍ଟି ଦ୍ୱାରା ଯୁବ ସମାଜକୁ କର୍ମଯୋଗାଣ ଯୋଗାଇବ। ପର୍ଯ୍ୟଟନର ବିକାଶ ହେବ। ସମୁଦ୍ରରେ ବୈଷୟିକ କୌଶଳରେ ନିର୍ମିତ ବୃହତ୍ତ ଜାହାଯ ଦ୍ୱାରା ଉତ୍ପାଦନ ବୃଦ୍ଧି ପାଇବ। ଉତ୍ପାଦନ ବୃଦ୍ଧି ଓ ଆମଦାନୀ ହ୍ରାସ ଆତ୍ମନିର୍ଭର ଲକ୍ଷ୍ୟ ହାସଲ ପାଇଁ ଏକ ନିରନ୍ତର ପ୍ରୟାସ। ମୁଖ୍ୟତଃ ଓଡ଼ିଶା ପାଇଁ ଏହି ବଜେଟ୍‌ରେ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ଯେଉଁଥିରେ ଖଣିଜ ସମ୍ପଦ କରିଡ଼ର ସ୍ଥାପନ, ପର୍ଯ୍ୟଟନର ବିକାଶ ସହ ରେଳ ଭିତ୍ତିଭୂମିର ଉନ୍ନତି ବିକଶିତ ଓଡ଼ିଶା ୨୦୩୬ ଲକ୍ଷ୍ୟ ହାସଲରେ ବିଶେଷ ସହାୟକ ହେବ।

ପୁରୁଷୋତ୍ତମ ସାହୁ, ପ୍ରାକ୍ତନ ଅର୍ଥନୀତି ପ୍ରାଧ୍ୟାପକ

# ସୁନାପୁର ମହୋତ୍ସବ କାର୍ଯ୍ୟକ୍ରମକୁ ବଦ୍‌ନାମ ପାଇଁ ଅପଚେଷ୍ଟା

## ଅରିଜିତଙ୍କ ମେଗା ଶୋ' ନେଇ ମିଥ୍ୟା ପ୍ରଚାରର ତଦନ୍ତ ଜାରି

ବ୍ରହ୍ମପୁର, ୧।୨(ସମିସ): ଆସନ୍ତା ୩ରୁ ୫ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି ସୁନାପୁର ବେଳାଭୂମି ମହୋତ୍ସବ। ୩ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ବଦନାମ କରିବାକୁ ଆରମ୍ଭ ହୋଇଯାଇଛି ଅପଚେଷ୍ଟା। କାର୍ଯ୍ୟକ୍ରମର ଅନ୍ତିମ ରଜନୀରେ ଷ୍ଟାର କଳାକାର ଅରିଜିତଙ୍କ କାର୍ଯ୍ୟକ୍ରମ ନଥିବା ସତ୍ତ୍ୱେ ଏନେଇ ସାମାଜିକ ଗଣମାଧ୍ୟମରେ ମଧ୍ୟ ବହୁଳ ଭାବେ ପ୍ରଚାର ଓ ପ୍ରସାର କରାଯାଉଛି। ଯାହାକୁ ନେଇ ଆୟୋଜକ କମିଟି ତଥା ଆବାହକ ତଥା ଚିକିଟି ବିଧାୟକ ମନୋରଞ୍ଜନ







ଦ୍ୟାନସାମନ୍ତରାୟ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହାଦ୍ୱାରା ତାଙ୍କୁ ଓ ତାଙ୍କର ପ୍ରତିଷ୍ଠା ପ୍ରତି ଅସମ୍ମାନ ପହଞ୍ଚାଇବାକୁ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ପରେ ପୁଲିସ ପକ୍ଷରୁ ତଦନ୍ତ କରାଯାଇଥିଲା। ସାମାଜିକ ଗଣମାଧ୍ୟମରେ ଅପପ୍ରଚାର ଚଳାଇଥିବା ବ୍ୟକ୍ତି ବିଶେଷଙ୍କୁ ଚିହ୍ନଟ କରିବାକୁ ସାଇବର ଥାନା ପୁଲିସର ସହଯୋଗ ଲୋଡ଼ାଯାଇଛି। ଘଟଣାର ତଦନ୍ତ ଜାରି ରହିଥିବା ବେଳେ ସୁନାପୁର ବେଳାଭୂମି ମହୋତ୍ସବର ଅନ୍ତିମ ରଜନୀରେ ଅର୍ଥାତତ ୫ତାରିଖରେ ଅରିଜିତଙ୍କ ଷ୍ଟେଜ ଶୋ ଆୟୋଜକଙ୍କ ପକ୍ଷରୁ ନଥିବା ସ୍ପଷ୍ଟ କରାଯାଇଛି।

# ତ୍ରିଧାରା ସାହିତ୍ୟ ସଂସଦର ମାସିକ ସାରସ୍ୱତ ସମାରୋହ

ବ୍ରହ୍ମପୁର, ୧।୨(ସମିସ): ସ୍ଥାନୀୟ ଉତ୍କଳ ଆଶ୍ରମର ପାଠାଗାର ପ୍ରକୋଷ୍ଠରେ ତ୍ରିଧାରା ସାହିତ୍ୟ ସଂସଦ ପକ୍ଷରୁ ମାସିକ ସାହିତ୍ୟ ଆସର ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଗବେଷକ ଭେଙ୍କଟ ବିହାରୀ ପ୍ରହରାଜ ସଭାପତିତ୍ୱ କରିଥିଲେ। ଆଲୋଚକ ଭାବେ ବୁଗୁଡ଼ା ବଳଦେବ ଜୀଉ ମହିଳା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ବିଭୁତି ଭୂଷଣ ମିଶ୍ର ଯୋଗ ଦେଇ ପଣ୍ଡିତ ଘନଶ୍ୟାମ ହୋତାଙ୍କ ସାହିତ୍ୟ କୃତି ଓ ଜୀବନ ଶୈଳୀ, ସଙ୍ଗଠନ ସମ୍ପର୍କରେ ଉଭୟ ଗଦ୍ୟ ଓ ପଦ୍ୟ ଧାରା ଆଲୋପାତ କରିଥିଲେ। ଆସରରେ ପଣ୍ଡିତ ହୋତାଙ୍କ ଅଣନାତୁଣୀ ତନ୍ମୟୀ ତେଜସ୍ୱିନୀ ହୋତା ଯୋଗଦେଇ ପଣ୍ଡିତ ଘନଶ୍ୟାମ ହୋତାଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ପଣ୍ଡିତ ହୋତା କେବଳ ଜଣେ ସାହିତ୍ୟିକ ନଥିଲେ। ସେ ଏକାଧାରରେ କବିରାଜ, ସାମ୍ବାଦିକ, ସଂସ୍କୃତ ପଣ୍ଡିତ ଥିଲେ। କାର୍ଯ୍ୟକ୍ରମରେ ସଂସଦର ସମ୍ପାଦକ ଡ. ଲକ୍ଷ୍ମୀ ନାରାୟଣ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରି ମଞ୍ଚ ସଞ୍ଚାଳନ କରିଥିଲେ। ବାବା ବୈଦ୍ୟନାଥଙ୍କ ଜନ୍ମ ତାରିଖ ହୋଇଥିବା ବେଳେ ତାଙ୍କ ରେଙ୍ଗୁନ୍ ଯାତ୍ରା,



ଗୃହସ୍ଥ ଜୀବନରୁ ବାନପ୍ରସ୍ଥ ଓ ଦଣ୍ଡିସନ୍ନ୍ୟାସୀର ଜୀବନ ଶୈଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ସଂସଦର ସହ ସମ୍ପାଦିକା ଗାୟତ୍ରୀ ପାଣିଗ୍ରାହୀ କବିତା ସଂଯୋଜନା କରିଥିଲେ। ଏଥିରେ ବନ୍ଦନା ପଣ୍ଡା, ବସନ୍ତ ମିଶ୍ର, ବିଜୟ ଚନ୍ଦ୍ର ମିଶ୍ର, ସୈଦାମିନୀ ମିଶ୍ର, ମନୀଷା ସାମନ୍ତ ସିଂହାର, ଗାୟତ୍ରୀ ରଥ ଷଡ଼ଙ୍ଗୀ, ଇଂ. ଗଙ୍ଗାଧର ମାହାଙ୍କୁଡ, ଇଂ. ପ୍ରଫୁଲ୍ଲ କୁମାର ତ୍ରିପାଠୀ, ରୋହିତ କୁମାର ସେଠୀ, ଚନ୍ଦ୍ର ଶେଖର ମହାପାତ୍ର, ଗାୟତ୍ରୀ ପାଣିଗ୍ରାହୀ, ଡ. ଲକ୍ଷ୍ମୀ ନାରାୟଣ ଦାଶ ଓ ବିଭୂତି ଭୂଷଣ ମିଶ୍ର ପ୍ରମୁଖ ଯୋଗ ଦେଇ କବିତା ପାଠ କରିଥିଲେ। ଆନ୍ୟମାନଙ୍କ ମଧ୍ୟରେ ବଂଶୀଧର ସେଠୀ, ମହିମା ପତ୍ରିକାର ସମ୍ପାଦକ ଶିବସୁନ୍ଦର ରଥ, ଗାୟତ୍ରୀ ଗୌଡ ଓ ଦେବ ଦିଗନ୍ତ ହୋତା ଆଦି ସହଯୋଗ କରିଥିଲେ।

## ଆକ୍ରମଣ ମାମଲାରେ ଜଣେ ଗିରଫ

ବ୍ରହ୍ମପୁର, ୧।୨(ସମିସ): ପାରିବାରିକ କଳହକୁ କେନ୍ଦ୍ର କରି ଯୁବକକୁ ଆକ୍ରମଣ ଅଭିଯୋଗରେ ନିମଖଣ୍ଡି ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ବୈକୁଣ୍ଠନଗର ତୃତୀୟ ଲାଇନର ରାମ ତିଆଡ଼ି(୪୪)। ସୂଚନାଯୋଗ୍ୟ ଯେ, ଗତ ୩୦ତାରିଖରେ ନିମଖଣ୍ଡି ଥାନା ଅନ୍ତର୍ଗତ ବ୍ରହ୍ମାପଲ୍ଲୀ ଅଞ୍ଚଳରେ ରାକେଶ ରାୱାତ ଓ ତାଙ୍କ ସମ୍ପର୍କୀୟ ରାମ ତିଆଡ଼ିଙ୍କ ମଧ୍ୟରେ ପାରିବାରିକ କଳହକୁ ନେଇ ପାଟିତୁଣ୍ଡ ହୋଇଥିଲା। ପରେ ରାକେଶକୁ ଆକ୍ରମଣ କରିଥିଲେ। ଏଥିରେ ରାକେଶ ଆହତ ହୋଇଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଆଜି ଅଭିଯୁକ୍ତ ରାମକୁ ଗିରଫ କରି କୋର୍ଟଚାଲାଣ କରିଥିବା ଏଏସ୍‌ଆଇ ଦେବ ରଞ୍ଜନ ସାହୁ ସୂଚନା ଦେଇଛନ୍ତି।

# ମା' ତାରାତାରିଣୀ ମହୋତ୍ସବ ଉଦ୍‌ଯାପିତ



ବ୍ରହ୍ମପୁର, ୧।୨(ସମିସ): ଇଞ୍ଜିନିୟରିଂ ସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ଦୁଇ ଦିନିଆ ମା' ତାରାତାରିଣୀ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମେୟର ସଂଘମିତ୍ରା ଦଳେଇ, ସମ୍ମାନିତ ଅତିଥି ଭାବେ ସଙ୍ଗୀତ ନାଟକ ଏକାଡ଼େମୀ ସମ୍ପାଦକ ଡ. ପ୍ରତାପ କୁମାର ସାହାଣୀ, ଓଡିଆ ଭାଷା, ସାହିତ୍ୟ, ସାଂସ୍କୃତି ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଅକ୍ଷୟ ସେଠୀ, ଅନିଲ କୁମାର କେର୍କେଟା, ପଞ୍ଚାନନ ମିଶ୍ର ଓ ସୋନାଲି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମହୋତ୍ସବ ସଭାପତି ସୀମାଞ୍ଚଳ ବାରିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହୋତ୍ସବର ଉପ ସଭାପତି ଡା. ଚନ୍ଦନ ଗନ୍ତାୟତ ବିବରଣୀ ପାଠ କରିଥିଲେ। ବରିଷ୍ଠ ତବଲା ବାଦକ ଅର୍ଦ୍ଧେନ୍ଦୁ ଶେଖର ପଟ୍ଟନାୟକ ଓ ବରିଷ୍ଠ ରଜା ନାଟକ ଗୁରୁ ପଦ୍ମଶ୍ରୀ ସୀମାଞ୍ଚଳ ପାତ୍ରଙ୍କୁ ସମ୍ମାନୀତ କରାଯାଇଥିଲା। ମହୋତ୍ସବରେ ଗୁରୁ ଶିବରାମ ବାରିକ ଓ ସମ୍ପାଦକ ସଂଗ୍ରାମ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

### ତବଲା ବାଦକ ଅର୍ଦ୍ଧେନ୍ଦୁ ଓ ନାଟକ ଗୁରୁ ସୀମାଞ୍ଚଳ ସମ୍ମାନିତ

କାର୍ଯ୍ୟକ୍ରମରେ ଶିବାନନ୍ଦ ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ପ୍ରଭାତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଏ. ଏସ ପଟ୍ଟନାୟକ, ଭବାନୀ ଚରଣ ମିଶ୍ର, ସହ ସମ୍ପାଦକ ମିହିର କୁମାର ପାଣିଗ୍ରାହୀ, କାର୍ଯ୍ୟକାରୀ ସଦସ୍ୟ ବିଶ୍ୱମ୍ଭର ବେହେରା, ସଙ୍ଗୀତା ପାଣିଗ୍ରାହୀ, ଆଶାଲତା ପଟ୍ଟନାୟକ, ପ୍ରିୟଦର୍ଶନୀ ପଣ୍ଡା, ତିଲୋତ୍ତମା ବାରିକ, ସୁରଜିତ ଗୌଡ଼, କେ. ସ୍ୱପ୍ନା ଆଚାରୀ, ଭାରତ ନାଟ୍ୟମ୍ ଗୁରୁ ରାଧେଶ୍ୟାମ୍ ତରେଇ ଓ ଶଙ୍କର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିରରେ ମେଧାବୀ ଅଭିନନ୍ଦନ ଉତ୍ସବ

ବ୍ରହ୍ମପୁର, ୧।୨(ସମିସ)

ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ମେଧାବୀ ଅଭିନନ୍ଦନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୨୦୨୫ ମସିହାରେ ଏହି ଅନୁଷ୍ଠାନରେ କୋଚିଂ ନେଇଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୨୧୩ ଜଣ ଛାତ୍ରଛାତ୍ରୀ ବିଭିନ୍ନ ମେଡ଼ିକାଲ କଲେଜରେ ଡାକ୍ତର ପାଠ୍ୟକ୍ରମରେ ନାମ ଲେଖାଇଛନ୍ତି। ତନ୍ମଧ୍ୟରୁ ୯ ଜଣ ଛାତ୍ରଛାତ୍ରୀ ସର୍ବଭାରତୀୟ ସ୍ତରର ଏମ୍ସ ଭଳି ଅନୁଷ୍ଠାନରେ ନାମ ଲେଖାଇଛନ୍ତି। ସେହିପରି ସର୍ବଭାରତୀୟସ୍ତରର ଆଇଆଇଟିରେ ୫ଜଣ ଏବଂ ଏନ୍‌ଆଇଟି ଭଳି ଅନୁଷ୍ଠାନରେ ୨୫ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ତା'ସହିତ ଆଇଜର୍, ନାଇଜର ଏବଂ ଆଇସିଏଆର୍ ଭଳି ସର୍ବଭାରତୀୟସ୍ତରର ଅନୁଷ୍ଠାନରେ ବହୁ ମେଧାବୀ ଛାତ୍ରଛାତ୍ରୀ ଚଳିତବର୍ଷ ଅଧ୍ୟୟନ କରୁଛନ୍ତି। ଏହି ଉତ୍ସବ ପରିପ୍ରେକ୍ଷୀରେ ସମସ୍ତ ଆମନ୍ତ୍ରିତ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଅନୁଷ୍ଠାନ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ ଜଣେ ସୁନାଗରିକ ହେବାପାଇଁ ପ୍ରୋତ୍ସାହିତ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ସମ୍ମାନିତ ଅତିଥି ରୂପେ ଉଚ୍ଚ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଡ. ନାରାୟଣ ବେହେରା, ସମ୍ମାନିତ ଅତିଥି ରୂପେ ବ୍ରହ୍ମପୁର ଏମ୍.କେ.ସି.ଜି ମେଡ଼ିକାଲ୍ କଲେଜର ପ୍ରାଧ୍ୟାପକ ଡ. ମନୋଜ କୁମାର ସେଠୀ ଯଥା ଆଇ.ଆର୍.ଇ.ଏଲ୍,




ଓସ୍କୋମ୍ ଛତ୍ରପୁରର ମୁଖ୍ୟ ସି.ଭି. ରମନ ମୂର୍ତୀ ମଞ୍ଚ ଅଳଙ୍କୃତ କରି ଉପସ୍ଥିତ ଏକ ହଜାର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରେରଣା ଏବଂ ଉତ୍ସାହ ଭରି ଦେଇଥିଲେ। ପରିଚାଳନା କମିଟିର ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ଅନୁଷ୍ଠାନର ପ୍ରାଧାନାଚାର୍ଯ୍ୟ ଏସ୍.ମୋହନ ରାଓ, ଶୈକ୍ଷିକ ପରାମର୍ଶଦାତା ଉମାଧବ ମହାନ୍ତି ଏବଂ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ପରିଚାଳନା ସମିତିର ଉପଦେଷ୍ଟା କେ.ଭେଙ୍କେଟ୍ ରାଓ, ହରେକୃଷ୍ଣ ପାଢ଼ୀ, ଡ. ରାଜେନ୍ଦ୍ର ଡାକୁଆ ଉପସ୍ଥିତ ରହି ସମସ୍ତ ଆମନ୍ତ୍ରିତ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରିବା ସହ ପ୍ରୋତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆର୍ଥିକ ଦୁର୍ବଳ ମେଧାବୀ ଦୁଇଛାତ୍ର ରୁଦ୍ର ପ୍ରତାପ ସ୍ୱାଇଁଙ୍କୁ ୧ଲକ୍ଷ ଟଙ୍କା ଏବଂ କୃଷ୍ଣଚନ୍ଦ୍ର ପଣ୍ଡାଙ୍କୁ ୩୦ହଜାର ଟଙ୍କା, ବିଜୟ କୁମାର ପାଢ଼ୀଙ୍କ ଦ୍ୱାରା ତାଙ୍କ ପୁତ୍ର ଡ. ରାକେଶ କୁମାର ପାଢ଼ୀଙ୍କ ସ୍ମୃତି ଉଦ୍ଦେଶରେ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ସୁଶ୍ରୀ ଅର୍ପିତା ପଣ୍ଡା ଏବଂ ସୁଶ୍ରୀ ପ୍ରଗତି କିରଣ ବେହେରା ସୁଲଳିତ ସଙ୍ଗୀତ ଗାନ କରିଥିଲେ। ସୁଶ୍ରୀ ସ୍ନେହା ବେହେରା କାଠପାଦ ନୃତ୍ୟ ପରିବେଷଣ କରିଥିଲେ। ଯୁକ୍ତ ତିନି ବିଭାଗ ଏବଂ ନିଟ୍ କୋଚିଂ ନେଉଥିବା ବହୁ ଛାତ୍ରଛାତ୍ରୀ ନୃତ୍ୟ ପରିବେଷଣରେ ଭାଗ ନେଇଥିଲେ। ଯୁକ୍ତ ତିନି ବାଳିକା ବିଭାଗର ଏନ୍‌ସିସି. ଛାତ୍ରଛାତ୍ରୀ ଏବଂ ବହୁ ସଂଖ୍ୟାରେ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। କୋଚିଂ ପରିବାର ସମସ୍ତ ଅଣଶିକ୍ଷକ କର୍ମକର୍ତ୍ତା, ଯୁକ୍ତ ତିନି, କୋଚିଂ ବିଭାଗର ବହୁ ପ୍ରାଧ୍ୟାପକ ଏବଂ ପ୍ରାଧ୍ୟାପିକା ଆନ୍ତରିକତାର ସହ ଯୋଗଦାନ କରି ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟର ପ୍ରାଧାନାଚାର୍ଯ୍ୟ ଏସ୍.ମୋହନ ରାଓ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କୁଆଁସ ମଙ୍ଗଳାଙ୍କ ବିଶ୍ୱଶାନ୍ତି ମହାଯଜ୍ଞ

**ପାଣିକୋଇଲି, ୧।୨(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତ ନୂଆପଦା ଗ୍ରାମର ଆଦିଶକ୍ତି ମାଁ କୁଆଁସ ମଙ୍ଗଳାଙ୍କର ୪୭ତମ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ସମସ୍ତ କାର୍ଯ୍ୟ ପ୍ରସ୍ତୁତି ସରିଛି। ମୁଖ୍ୟ କର୍ତ୍ତା ଭାବେ ଉଦୟନାଥ ରାଉତ, ବିମ୍ବାଧର ଭୂୟାଁ, ଗଦାଧର ମହାନ୍ତି, ଭାଗୀରଥି ଭୂୟାଁ, ରବୀନ୍ଦ୍ର ବଳ ଯଜ୍ଞ କଳସ ସ୍ଥାପନା କରିଥିଲେ। ଉତ୍ସବସରରେ ଗୋପୂଜା, ସୂର୍ଯ୍ୟପୂଜା ଓ ଷୋଡଶ ଉପଚାର ପୂଜା, ଚଣ୍ଡିପାଠ, ନାମ ଯଜ୍ଞ ଆଦି ଆୟୋଜନ କରାଯାଇଥିଲା। ପୂଜକ ଭାବେ ରବି ନାରାୟଣପଣ୍ଡା, ରଘୁନାଥପାଣ୍ଡା ଯୋଗଦେଇଥିଲେ। ଆସନ୍ତା ୭ ତାରିଖ ଉକ୍ତ କାର୍ଯ୍ୟକ୍ରମ ପୂର୍ଣ୍ଣାହୁତି ହେବ। ମଠର ପରିଚାଳନା କମିଟି ପକ୍ଷରୁ ସଭାପତି ପ୍ରଶାନ୍ତ କୁମାର ମହାନ୍ତି, ସମ୍ପାଦକ ବିରଞ୍ଚି ନାରାୟଣ ମହାନ୍ତି, ଜଗବନ୍ଧୁ ମୋହାରା, ନରେଶ ବେହେରା, ମନୋରଞ୍ଜନ ସ୍ୱାଇଁ, ନନ୍ଦ କିଶୋର ଓଝା, ଗୟାଧର ସ୍ୱାଇଁ, ସୁରେଶ ଦାସ, ସୋମନାଥ ବଳ, ଦେବାଶିଷ ଦାସ, ବିରଜା ମହାନ୍ତି, ସତ୍ୟବ୍ରତ ପଲେଇଙ୍କ ସମେତ ଗ୍ରାମର ସମସ୍ତ ବ୍ୟକ୍ତିବିଶେଷ ସହଯୋଗ କରୁଛନ୍ତି।

କରଦା ହରିହାଟ ମହୋତ୍ସବ

# ନଚାଇଲେ ଅଭିନେତ୍ରୀ ରିୟା




**ପାଣିକୋଇଲି, ୧।୨(ସମିସ):** କରଦା ପଞ୍ଚାୟତର ଗଣପର୍ବ ହରିହାଟ ମହୋତ୍ସବର ପଞ୍ଚମ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଯୁବନେତା ରାକେଶ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପିସିସି ସଭାପତି ଭକ୍ତ ଚରଣ ଦାସ, ସମ୍ମାନିତ ଅତିଥି ଭାବେ କଂଗ୍ରେସ ନେତ୍ରୀ ବନ୍ଦିତା ପରିଡ଼ା, ଜିଲ୍ଲା କଂଗ୍ରେସ ସଭାପତି ହରେକୃଷ୍ଣ ସାହୁ, ସେବା ଦଳ ମୁଖ୍ୟ ଶୁଭେନ୍ଦୁ ମହାନ୍ତି, ମଧୁସୂଦନ ସାହୁ, ପୂର୍ବତନ ସରପଞ୍ଚ ନବୀନ ମଲିକ, ସମାଜସେବୀ ସୁଧାଂଶୁ ଶେଖର ଦେଓ, ମହୋତ୍ସବ କମିଟି ସଭାପତି ପ୍ରମୋଦ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ବିଶ୍ୱନାଥ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ କାର୍ତ୍ତିକ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଡିଜିଟାଲ ପେଣ୍ଡାଲରେ ମହୋତ୍ସବ ଆୟୋଜକ କରାଯାଇଥିବା ଉକ୍ତ ସଭା ପରେ ଚଳଚ୍ଚିତ୍ର ଅଭିନେତ୍ରୀ ରିୟା ଦର୍ଶକମାନଙ୍କୁ ନଚାଇଥିଲେ। କୁମାର ମଣ୍ଟୁ ଓ ଉଷାକୁମାରୀଙ୍କ ଉପସ୍ଥାପନା ଦର୍ଶକଙ୍କୁ ବିଭୋର କରିଥିଲା। ବାଲେଶ୍ୱରର ରକ୍ଷାକର ବ୍ୟାଣ୍ଡ ଦର୍ଶକମାନଙ୍କୁ ନୃତ୍ୟ ସଙ୍ଗୀତରେ ଝୁମାଇଥିଲେ। ସେହିପରି ମେଳାରେ ଆଜି ଅସମ୍ଭବ ଭିଡ଼ ଦେଖିବାକୁ ମିଳିଥିଲା। ପିଲାମାନେ ଦୋଳିର ମଜା ଉଠାଇଥିଲେ। ଦୁର୍ଗା ଶଙ୍କର ପଣ୍ଡା, ସୁଧାଂଶୁଶେଖର ବିଶ୍ୱାଳ, ଅଧ୍ୟାପକ ମାୟାଧର ଜେନା, ଅନିରୁଦ୍ଧ ମଲିକ, ଶ୍ରଦ୍ଧାଂଶୁ ପାତ୍ର, ରମେଶ ମଲିକ, ରାଜ କିଶୋର ଦାସ, ସଚ୍ଚିଦାନନ୍ଦ ସାହୁ, ତ୍ରିଲୋଚନ ସାହୁ, ସୁଦର୍ଶନ କୁଣ୍ଡୁ, ପ୍ରଭାକର ସାହୁ, ଚିନ୍ତାମଣି ସାହୁ, ଅଶୋକ କୁମାର ସାହୁ, ତୁଷାର ବେହେରା, ଶରତ ସେନାପତି, ପ୍ରଫୁଲ୍ଲ ଖଣ୍ଡାଇତ ସମେତ ମେଳା ଓ ମହୋତ୍ସବକୁ କମିଟିର ସମସ୍ତ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

## ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ବାୟୁସେନା ହେଲିକପ୍ଟରର ଟ୍ରାଏଲ ଲ୍ୟାଣ୍ଡିଂ



**ଯାଜପୁର, ୧।୨(ସମିସ):** ଆସନ୍ତା ଫେବୃଆରୀ ୩ ତାରିଖରେ ଯାଜପୁର ଗସ୍ତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସିବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। କୁସୁମା ସମ୍ମୁଖ ପ୍ରଶାସନିକ ଭବନ ପଡ଼ିଆରେ ଆକାଶ ମାର୍ଗରୁ ହେଲିକପ୍ଟର ଯୋଗେ ଅବତରଣ କରିବେ। ଏଣୁ ପ୍ରଶାସନିକ ଭବନ ପଡ଼ିଆରେ ଅସ୍ଥାୟୀ ହେଲିପ୍ୟାଡ଼ ନିର୍ମାଣ କରାଯାଇଛି। ହେଲିପ୍ୟାଡ଼କୁ ପରୀକ୍ଷଣ କରିବା ପାଇଁ ବାୟୁସେନା ହ୍ୟାଲିକପ୍ଟର ରବିବାର ଦିନ ପ୍ରଶାସନିକ ଭବନ ପଡ଼ିଆରେ ଅବତତରଣ କରିଥିଲା। ଦୀର୍ଘ ସମୟ ପରୀକ୍ଷଣ କରିବା ପରେ ପୁନର୍ବାର ଫେରି ଯାଇଥିଲେ। ବାୟୁସେନା ପକ୍ଷରୁ ଟ୍ରାଏଲ ଲ୍ୟାଣ୍ଡିଂ ସମୟରେ ଜିଲ୍ଲାପାଳ ଅମ୍ବର କୁମାର କର, ଆରକ୍ଷୀ ଅଧିକ୍ଷକ ଯଶ୍ ପ୍ରତାପ ଶ୍ରୀମାଲ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶୀତିକଣ୍ଠ କାନୁନଗୋ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ମାଝୀ, ଟାଉନ ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟପଟେ ଏହି ହେଲିପ୍ୟାଡ଼କୁ ପରୀକ୍ଷଣ କରିବା ପାଇଁ ଡଗ୍ ସ୍କ୍ୱାର୍ଡ ଆସିଥିଲେ। ସନ୍ଧାନୀ କୁକୁର ମାଧ୍ୟମରେ ତନ ତନ କରି ହେଲିପ୍ୟାଡ଼ର ବିଭିନ୍ନ ସ୍ଥାନରେ ପରୀକ୍ଷଣ କରିଥିଲେ। ପାଖାପାଖି ଏକ ଘଣ୍ଟା ପର୍ଯ୍ୟନ୍ତ ବାୟୁସେନା ପକ୍ଷରୁ ହେଲିପ୍ୟାଡ଼ ସ୍ଥଳ ବୁଲି ଦେଖିବା ସହ ବିଭିନ୍ନ ସ୍ଥାନ ପରୀକ୍ଷଣ କରିଥିଲେ। ଏହି ଟ୍ରାଏଲ ଲ୍ୟାଣ୍ଡିଂକୁ ଦେଖିବା ପାଇଁ ବହୁ ଲୋକେ ଭିଡ଼ ଜମାଇଥିଲେ।

ସରକାରୀ ଜମି ଜବରଦଖଲ ଘଟଣା

## ତଦନ୍ତ ପୂର୍ବରୁ ନଷ୍ଟ କରିଦେଲେ ସବୁ ପ୍ରମାଣ

**ଯାଜପୁର, ୧।୨(ସମିସ):** ଧର୍ମଶାଳା ତହସିଲ ବଳରାମପୁର ତଳଗଡ଼ ବେହେରା ସାହି ପରିବାର ବ୍ୟବହାର କରିଆସୁଥିବା ଜମିକୁ ଜବରଦଖଲ କରିବା ଘଟଣାର ତଦନ୍ତ ପୂର୍ବରୁ ସବୁ ପ୍ରମାଣକୁ ନଷ୍ଟ କରିଦେଇଛନ୍ତି ଜବରଦଖଲକାରୀ। ଗତକାଲି ଏହି ଘଟଣାର ତଦନ୍ତ କରିବା ପାଇଁ ଜିଲ୍ଲା ପ୍ରଶାସନ ଧର୍ମଶାଳା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବା ପରେ ରବିବାର ମେସିନ ଲଗାଇ ଗଛ ପତ୍ର ସହ ସରକାରି କୂଅକୁ ଭାଙ୍ଗିଦେଇଛନ୍ତି ଜବଦରଖଲକାରୀ। ଜେସିବି ମେସିନ ଲଗାଇ ଚାଷ ଜମିକୁ ସମତୁଲ କରାଯାଇଛି। ବଳରାମପୁର ତଳଗଡ଼ ବେହେରା ସାହି ବସ୍ତି ବାସିନ୍ଦାଙ୍କ ପକ୍ଷରୁ ରାଜା ବେହେରା ଶିବ ବେହେରାଙ୍କ ପକ୍ଷରୁ (ଏସଡିଏମ) ସବ ଡିଭିଜିନାଲ ମାଜିଷ୍ଟ୍ରେଟଙ୍କ ନିକଟରେ ଉକ୍ତ ଜମିକୁ ତଞ୍ଚକତା ବଳରେ ବଳପୂର୍ବକ କବ୍‌ଜା କରିବାକୁ ଉଦ୍ୟମ କରାଯାଇଥିବା ସମ୍ପର୍କରେ ଅଭିଯୋଗ ହୋଇଥିଲା। ଲୋକଙ୍କ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବା ପାଇଁ ଖୋଦ ସରକାର କୂଅ ଖନନ କରିଥିବା ବେଳେ ଏହାକୁ ଦିବାଲୋକ ରେ କିଭଳି ଜଣେ ବ୍ୟକ୍ତି ମେସିନ ଲଗାଇ ଭାଙ୍ଗି ଦେଲେ ତାହା ସବୁଠାରୁ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ଏହି ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଖୁବ ଶୀଘ୍ର ସିଭିଲ ସୋସାଇଟି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ବିଶ୍ୱନାଥ ପାତ୍ର ସୂଚନା ଦେଇଛନ୍ତି।

## ସ୍ୱାଭିମାନ ମଞ୍ଚ ସଭାପତିଙ୍କ ପରଲୋକ



**ଧର୍ମଶାଳା, ୧।୨(ସମିସ):** ଧର୍ମଶାଳା ବ୍ଲକ କାଏମା ଅଞ୍ଚଳର ସ୍ୱେଚ୍ଛାସେବୀ ସଂଗଠନ ସ୍ୱାଭିମାନ ମଞ୍ଚର ସଭାପତି ସୁଧାକର ସାହୁ (୫୭)ଙ୍କ ଦେହାନ୍ତ ହୋଇଯାଇଛି। କିଛି ଦିନ ହେବ ତାଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥିତି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କର ଦେହାନ୍ତ ହୋଇଥିଲା। ସେ ୨୦୧୪ ମସିହାରୁ ସ୍ୱାଭିମାନ ମଞ୍ଚ ସଭାପତି ଦାୟିତ୍ୱ ତୁଲାଇ ଆସୁଥିଲେ। ତାଙ୍କ ଘର ବଡ଼କାଏମା ପଞ୍ଚାୟତ ଗୋପନଗର ଗ୍ରାମରେ ହୋଇଥିବା ବେଳେ ସେ ଜଣେ ଅତି ପରୋପକାରୀ ଓ ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ତାଙ୍କ ପତ୍ନୀ କାଏମା ପଞ୍ଚାୟତର ସରପଞ୍ଚ ଭାବେ ୨୦୧୨ରୁ ୨୦୧୭ ମସିହା ପର୍ଯ୍ୟନ୍ତ ନିର୍ବାଚିତ ହୋଇଥିଲେ। ସ୍ୱାଭିମାନ ମଞ୍ଚର ଉପ ସଭାପତି ଶିବପ୍ରସାଦ ମହାନ୍ତି, ସମ୍ପାଦକ ନିକୁଞ୍ଜ ବେହେରା କୋଷାଧ୍ୟକ୍ଷ ଶିଶିର ମାହାଣାଙ୍କ ସମେତ ଅନ୍ୟ ସଦସ୍ୟ ଏବଂ ବିଜେପି ଯୁବ ନେତା ଅଭିଷେକ ରାଉତ ଏବଂ ଶତାଧିକ ଲୋକେ ପରିବାର ଲୋକଙ୍କ ପାଖେ ପହଞ୍ଚି ସମବେଦନା ଜଣାଇଥିଲେ। ରବିବାର ସକାଳୁ ଗାଁ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା।

## ନାଟକ ଉତ୍ସବରେ ସମ୍ବର୍ଦ୍ଧନା

**ଧର୍ମଶାଳା, ୧।୨ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ କୋତପୁର ପଞ୍ଚାୟତ ମମଦାବାଦ ଗ୍ରାମର ଠାକୁର ଘର ପରିସରରେ ପୂଜା କମିଟି ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କୋତପୁର ଫାଣ୍ଡି ଅଧିକାରୀ ପ୍ରେମାନନ୍ଦ ପୃଷ୍ଟିଙ୍କୁ ସେବା ସମ୍ମାନ, ଯବାନ ପ୍ରଫୁଲ୍ଲ କୁମାର ସାହୁ, ଶତ୍ରୁଘ୍ନ ମାହୁନ୍ତ, ଚିତରଞ୍ଜନ ସାହୁ ଓ ଉପେନ୍ଦ୍ର କୁମାର ମାହୁନ୍ତଙ୍କୁ ଗାଁ ମାଟି ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସରପଞ୍ଚ ସୁନାକର ବେହେରା, ସମିତିସଭ୍ୟା ଝିଲ୍ଲିରାଣୀ ମଲ୍ଲିକ, ବିଜେପି ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ତପନ କୁମାର ମାହୁନ୍ତ, ୧୫ ନମ୍ବର ଜୋନର ମଣ୍ଡଳ ସଭାପତି ପ୍ରଶାନ୍ତ କୁମାର ନାୟକ, ନାଟ୍ୟକାର ଓ ନିର୍ଦ୍ଦେଶକ ଶାନ୍ତନୁ କୁମାର ଓଝାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାବା ବଜରଙ୍ଗବାଲି ଡ୍ରାମାଟିକ ଓ ଗ୍ରାମ କଳାକାରମାନଙ୍କ ଦ୍ୱାରା 'ଆଖି ତୁ କାନ୍ଦନା' ନାଟକ ପରିବେଷଣ କରାଯାଇଥିଲା। କର୍ମକର୍ତ୍ତା ପ୍ରଦୀପ କୁମାର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଇନ୍ଦ୍ରମଣି ଭୋଇ, ବିଚିତ୍ର କୁମାର ସାହୁ, ସତ୍ୟରଞ୍ଜନ ସାହୁ, ସତ୍ୟ ଶୁଭରାଜ ସାହୁ, ଦୀନେଶ ସାହୁ, ଦୀପ୍ତି ରଞ୍ଜନ ସାହୁ, ଗୋବିନ୍ଦ ସାହୁ, ବିଶ୍ୱଜିତ ମାହୁନ୍ତ, ଆଶୁତୋଷ ମାହୁନ୍ତ, ସୌମ୍ୟରଞ୍ଜନ ସାହୁ, ସ୍ମୃତିରଞ୍ଜନ ସାହୁ, ନୀଳମଣି ସାହୁ, ମନୋଜ ସାହୁ, ରଞ୍ଜନ କୁମାର ସାହୁ, ପ୍ରଦୀପ ସାହୁ ପ୍ରମୁଖ କର୍ମକର୍ତ୍ତା ପରିଚାଳନା କରିଥିଲେ। ସଦସ୍ୟ ସନ୍ତୋଷ ଭୋଇ ଧନ୍ୟବାଦ ଦେଇଥିଲେ।

ମହିଳାଙ୍କୁ ବଳାତ୍କାର ଅଭିଯୋଗ

## ଅଭିଯୁକ୍ତକୁ ୧୦ ବର୍ଷ ଜେଲ୍

**ଯାଜପୁର, ୧।୨(ସମିସ):** ଜନୈକା ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଅଭିଯୁକ୍ତକୁ ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ ଜଜ୍ ୧୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୦୨୩ ମସିହା ଫେବୃଆରୀ ୧୯ ତାରିଖ ସନ୍ଧ୍ୟା ସମୟରେ ଯାଜପୁର ଥାନା ଅନ୍ତର୍ଗତ ବାଲିପଦା ଗ୍ରାମର ଭରତ ସାହୁଙ୍କ ପୁଅ ଚନ୍ଦ୍ରଶେଖର ସାହୁ (୩୬) ଜନୈକା ମହିଳାଙ୍କ ଘରେ ପଶି ତାଙ୍କ ଘରେ କେହି ନଥିବାର ସୁଯୋଗ ନେଇ ଛୁରୀ ଦେଖାଇ ବଳାତ୍କାର କରିଥିଲା। ଏହାପରେ ମହିଳା ଜଣକ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ଘଟଣାକୁ ହୃଦୟଙ୍ଗମ କରି ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ଯାଜପୁର ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ଯାଜପୁର ଥାନା ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲେ। ଶନିବାର ଦିନ ଏହି ମାମଲାଟିକୁ ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ ଜଜ୍ ଶରତ କୁମାର ଦେହୁରୀ ୬ଜଣ ସାକ୍ଷୀଙ୍କ ବୟାନ ଓ ପୁଲିସର ଦସ୍ତାବିଜ୍‌କୁ ଆଧାର କରି ଅଭିଯୁକ୍ତ ଚନ୍ଦ୍ରଶେଖରକୁ ୧୦ବର୍ଷ ଜେଲ୍, ୧୦ ହଜାର ଟଙ୍କା ଜରିମାନା ଏବଂ ଅନାଦେୟରେ ୨ବର୍ଷ ଅଧିକ ଜେଲ୍ ଦଣ୍ଡାଦେଶ ଭୋଗିବ ବୋଲି ରାୟରେ ପ୍ରକାଶ କରିଛନ୍ତି। ଆଇନ ସେବା ପ୍ରାଧିକରଣ ପକ୍ଷରୁ ପୀଡ଼ିତାଙ୍କୁ ୨ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ନିମନ୍ତେ ରାୟରେ ଉଲ୍ଲେଖ କରିଛନ୍ତି। ଏହି ମାମଲାଟିକୁ ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଅଲିପ୍ କୁମାର ନାୟକ ପରିଚାଳନା କରିଥିଲେ।

## କାର୍ ପଛରେ ଅଟୋ ଧକ୍କା, ଶିଶୁ ଗୁରୁତର

**ପାଣିକୋଇଲି, ୧।୨(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପଥରପଦା ବଡପୋଲ ନିକଟରେ ଆଜି ମଧ୍ୟାହ୍ନରେ ଏକ କାର ପଛରେ ଅଟୋ ଧକ୍କା ହେବା ଫଳରେ ଅଟୋରୁ ଖସି ପଡ଼ି ଜଣେ ଶିଶୁ ଆହତ ହୋଇଛି। ପ୍ରକାଶ ଯେ ରାଜପଥ କଡରେ ଏକ କାର ପାଣିକୋଇଲି ପଟକୁ ମୁହଁ କରି ଛିଡା ହୋଇଥିବା ବେଳେ ପଛରୁ ଆସୁଥିବା ଏକ ଅଟୋ ଭାରସାମ୍ୟ ହରାଇ କାର ପଛରେ ପିଟି ହୋଇଥିଲା। ଫଳରେ ଅଟୋରେ ଥିବା ଏକ ଶିଶୁ ଖସି ପଡ଼ି ଆହତ ହୋଇଥିଲେ। ଘଟଣାସ୍ଥଳେ ପୁଲିସ ପହଞ୍ଚି ଗାଡିକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି।

## କପର ତାର ସହ ବୋଲେରୋ ଜବତ; ୩ ଗିରଫ

**ଦାନଗଦି, ୧।୨(ସମିସ):** କଳିଙ୍ଗନଗର ଶିଳ୍ପାଞ୍ଚଳ ଟାଟା ଷ୍ଟିଲ କାରଖାନାରୁ ଚୋରି ଯାଇଥିବା ଲକ୍ଷାଧିକ ଟଙ୍କାର କପର ତାର ସହ ଏକ ବୋଲେରୋ ଗାଡ଼ିକୁ କଳିଙ୍ଗନଗର ପୁଲିସ ଜବତ କରିଛି। ଘଟଣାରେ ୩ ଜଣଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କାଳିଆପାଣି ଥାନା ଗରାମିଆଁ ଗ୍ରାମର ନିଲମ ସଞ୍ଜୀବ ବଦ୍ରା (୨୩), କୁନୀଲ ମୁଣ୍ଡା (୨୧) ଏବଂ କଳିଙ୍ଗନଗର ଥାନା ବେଲହୁରୀ ଗାଁ ର ସିଦିଓ ସମ୍ବାରି (୩୫)। ଜବତ ବୋଲେରୋ ପିକଅପ ଗାଡ଼ି ନମ୍ବର ହେଲା ଓଡି୦୪ଏସ ୭୨୭୭। ତେବେ ଜବତ ବୋଲେରୋ ଗାଡ଼ିରେ ପ୍ରାୟ ୮୦ କେଜି କପର ତାରକୁ ଲୋଡ୍ କରି ଏମାନେ କାରଖାନା ଭିତରୁ ବାହାରକୁ ଆସୁଥିବାବେଳେ ସୁରକ୍ଷା କର୍ମୀଙ୍କ ହାତରେ ଧରା ପଡ଼ିଥିଲେ। ପରେ କାରଖାନା କର୍ତ୍ତୃପକ୍ଷ କଳିଙ୍ଗନଗର ପୁଲିସ ଖବର ଦେଇଥିଲେ। ପୁଲିସ ପହଞ୍ଚି ଗାଡ଼ି ସହ ୩ ଜଣଙ୍କୁ ଗିରଫ କରିଥିଲେ। ପୁଲିସ କେସ ନମ୍ବର ୪୫୧/୨୦୨୬ରେ ଉଭୟ ୩ ଜଣଙ୍କୁ ଆଜି କୋର୍ଟଚାଲାଣ କରିଛି।

## ନାବାଳିକାକୁ ଅପହରଣ; ଯୁବକ ଗିରଫ

**ଧର୍ମଶାଳା, ୧।୨(ସମିସ):** ଜଣେ ନାବାଳିକାକୁ ଅପହରଣ ଅଭିଯୋଗରେ ଧର୍ମଶାଳା ପୁଲିସ ଅଭିଯୁକ୍ତ ଯୁବକକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ କୁଆଖିଆ ଥାନା ଶୁକଦେଇପୁର ଅଞ୍ଚଳର ଆକାଶ ତରାଇ(୨୨) ବୋଲି ଜଣାପଡ଼ିଛି। ଏହି ଥାନା ଦେଓଦା ଅଞ୍ଚଳର ଜୈନକ ନାବାଳିକାକୁ ଗତ ୮ ମାସ ତଳେ ଆକାଶ ଅପହରଣ କରି ନେଇ ଦୁଷ୍କର୍ମ କରି ତାକୁ ଆଣି ଘରେ ଛାଡ଼ି ଦେଇଥିଲା। ଏନେଇ ପୀଡିତା ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ଏହି କ୍ରମରେ ପୁଲିସ ୩୭/୨୬ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଆକାଶକୁ ଗିରଫ କରିଛି। ଆସନ୍ତାକାଲି କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ସୁକିନ୍ଦା, ୧।୨(ସମିସ):** ସୁକିନ୍ଦା ଥାନା ଅନ୍ତର୍ଗତ ସାପୁଆପଦା ରାସ୍ତାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକ ସୁକିନ୍ଦା ମୁଖିସାହିର ଭଗବାନ ମୁଖିଙ୍କ ପୁଅ ଦିପୁ ମୁଖୀ(୨୭) ବୋଲି ଜଣା ପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ରବିବାର ଦିପୁ ବାଇକ୍‌ରେ ସାପୁଆପଦା ରାସ୍ତା ଦେଇ ଘରକୁ ଫେରୁଥିବା ବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଏହି ଦୁର୍ଘଟଣାରେ ଦିପୁର ଘଟଣାସ୍ଥଳରେ ପଡ଼ିରହିଥିଲା। ସୂଚନା ପାଇ ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହ ସ୍ଥାନୀୟ ପୁଲିସକୁ ସୂଚନା ଦେଇଥିଲେ। ସୁକିନ୍ଦା ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ୨୦/୨୦୨୬ ରେ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ଘଟାଇ ଫେରାର ହୋଇଥିବା ଗାଡ଼ିକୁ ଚିହ୍ନଟ କରିବା ପାଇଁ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି।

## ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କବାଟବନ୍ଧ, ୧।୨(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଏଣ୍ଡଲବା ପଞ୍ଚାୟତ ଏଣ୍ଡଲବା ପ୍ରାଥମିକ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ମଲ୍ଲଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ଶିକ୍ଷକ ସୁରେଶ କୁମାର ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ମଣ୍ଡଳ ଶିକ୍ଷା ଅଧିକାରୀ ଅଭୟ କୁମାର ବେହେରା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଇଓ ଧର୍ମଶାଳା ଶାନ୍ତନୁ କୁମାର କର, ନିକୁଞ୍ଜ ବିହାରୀ ମହାନ୍ତି, ନିଳାମ୍ବର ମିଶ୍ର, ଧର୍ମଶାଳା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଆର୍ତ୍ତତ୍ରାଣ ସେଠୀ, ସମ୍ପାଦକ ବ୍ରଜକିଶୋର ପଣ୍ଡା, ନିମ୍ନମାଧ୍ୟମିକ ଶିକ୍ଷକ ସଂଘ ଧର୍ମଶାଳା ସଭାପତି କୃଷ୍ଣଚନ୍ଦ୍ର ଖଟୁଆ, ଏବିଇଓ ମମିତା ମହାନ୍ତି, ମାଣିକ ପ୍ରସାଦ ସଏ, ଜୟଦେବ ଜେନା, ଏଣ୍ଡଲବା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତରଣୀସେନ ମଲ୍ଲିକ, ପ୍ରକାଶ ନାୟକ ପୂର୍ବତନ ଆଞ୍ଚଳିକ ସାଧନା କର୍ମୀ ତାଳଜଙ୍ଗ, ପ୍ରଧାନ ଶିକ୍ଷକ ପ୍ରଫୁଲ କୁମାର ମଲ୍ଲ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ଧର୍ମଶାଳା ପ୍ରଫୁଲ ବେହେରା ଏବଂ ଏୟୁପିଟିଏଫ ରାଜ୍ୟ ଉପଦେଷ୍ଟା ବିଜୟ ନାୟକ ଯୋଗ ଦେଇଥିଲେ। ଅପରାହ୍ନରେ ଏକ ବିରାଟ ଶୋଭାଯାତ୍ରାରେ ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ଗ୍ରାମ ପରିକ୍ରମା କରାଯାଇ ତାଙ୍କ ବାସଭବନକୁ ନିଆଯାଇଥିଲା।

## ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଆଲୋଚନାଚକ୍ର



**ବଡ଼ଚଣା, ୧।୨(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ 'ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପର ଗତି ଓ ପ୍ରକୃତି' ଶୀର୍ଷକ ଏକ ବୌଦ୍ଧିକ ଆଲୋଚନାଚକ୍ର ବିଭାଗୀୟ ମୁଖ୍ୟ ଅଧ୍ୟାପକ ପ୍ରଦୀପ କୁମାର ବରାଳଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ପବିତ୍ରମୋହନ ମାହାଲା ମୁଖ୍ୟଅତିଥି ଭାବେ, ବାବା ଭୈରବାନନ୍ଦ ମହାବିଦ୍ୟାଳୟ ଚଣ୍ଡିଖୋଲର ପ୍ରାକ୍ତନ ପ୍ରାଧ୍ୟାପକ ଉମେଶ ଚନ୍ଦ୍ର ରାଉତ ମୁଖ୍ୟବକ୍ତା ତଥା ବିଷୟବିଶେଷଜ୍ଞ ଭାବେ ଯୋଗଦେଇଥିଲେ। ବିଭାଗୀୟ ମୁଖ୍ୟ ପ୍ରଦୀପ କୁମାର ବରାଳ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ଡ. ସରିତା ସେଠୀ ସ୍ୱଲିଖିତ ସନ୍ଦର୍ଭ ପାଠ କରିବା ସହିତ କ୍ଷୁଦ୍ର ଗଳ୍ପର ଇତିବୃତ୍ତିକୁ ମାର୍ମିକ ଭାବେ ଉପସ୍ଥାପନ କରିଥିଲେ। ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ର ଲକ୍ଷ୍ମୀଧର ଦାସ ସ୍ୱଲିଖିତ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପକ କିଶୋର କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଡ. ଦୀପକ୍ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କୁ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଆଲୋଚନା ଚକ୍ରରେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଛାତ୍ରଛାତ୍ରୀ ଉପସ୍ଥିତ ରହି ଆଲୋଚନା ଚକ୍ର ର ଉପାଦେୟତା ଉପଲବ୍ଧି କରିଥଲେ।

## ରାଜ୍ୟସ୍ତରୀୟ ଉଷୁ ଖେଳରେ ଧର୍ମଶାଳା ଖେଳାଳିଙ୍କ ସଫଳତା




**ଧର୍ମଶାଳା, ୧।୨(ସମିସ):** ରାଜ୍ୟସ୍ତରୀୟ ଉଷୁ ଖେଳରେ ଧର୍ମଶାଳା ଖେଳାଳିଙ୍କୁ ବଡ ସଫଳତା ମିଳିଛି। ଏହି ଖେଳରେ ଦୁଇଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ଦୁଇଟି କାଂସ୍ୟ ପଦକ ହାସଲ କରିଛନ୍ତି। ଭୁବନେଶ୍ୱର ସ୍ଥିତ ରୟାଲ ସାଇନ୍ସ କଲେଜରେ ୨ଦିନ ଧରି ରାଜ୍ୟସ୍ତରୀୟ ଉଷୁ ଖେଳ ଅନୁଷ୍ଠିତ ହୋଇଥିଲା। ଏହି ଖେଳରେ ୨୧ଗୋଟି ଜିଲାରୁ ୩୫୦ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ଧର୍ମଶାଳା ବ୍ଲକର ହର୍ଷିତ ବଳ (ସବ ଜୁନିଅର) ୬୦ କେଜି ବର୍ଗରେ ସ୍ୱର୍ଣ୍ଣ, ଏସକେ ଅହମଦ ଅଲି ୫୬ କେଜି ବର୍ଗରେ ସ୍ୱର୍ଣ୍ଣ, ରାଜଲକ୍ଷ୍ମୀ ବଳ ୭୫ କେଜି (ସିନିଅର) ରୋପ୍ୟ, ଧନଞ୍ଜୟ ସାହୁ ୧୦୦ କେଜି ସିନିଅରରେ କାଂସ୍ୟ, ସ୍ଥିତିପ୍ରଜ୍ଞା ସାହୁ ୪୫ କେଜି ଜୁନିଅରରେ କାଂସ୍ୟ ପଦକ ହାସଲ କରିଥିଲେ। ଏହି ସଫଳତାରେ ଧର୍ମଶାଳା ଅଞ୍ଚଳ ଗୌରବାନ୍ୱିତ ହୋଇଥିବା ନେଇ ସମ୍ପାଦକ ତଥା କ୍ରୀଡ଼ା ଶିକ୍ଷକ କୈବଲ୍ୟ ନାୟକ କହିଛନ୍ତି। ଯାଜପୁର ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ, ଜିଲ୍ଲା ଉଷୁ ଆସୋସିଏସନର ସଭାପତି ସବିତା ସିଂ ଓ ସମ୍ପାଦକ ଶ୍ରୀ ନାୟକଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଉଚ୍ଚକୋଟୀର ପ୍ରଦର୍ଶନ ସର୍ବଦା କରିବା ନେଇ ଆଶା ପୋଷଣ କରିଛନ୍ତି।

## ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

**ଧର୍ମଶାଳା, ୧।୨(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଉତ୍ତରପ୍ରତାପ ପଞ୍ଚାୟତ ନହଙ୍ଗାପାଟଣାସ୍ଥିତ ଲକ୍ଷ୍ମୀନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର ଓ ଶିକ୍ଷକ ପବିତ୍ର କୁମାର କରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ଭଞ୍ଜନା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅବସରକାଳୀନ ସମାରୋହରେ ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ବିଜୟ କୁମାର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ ମୁଖ୍ୟବକ୍ତା, ସମାଜସେବୀ ମିନତୀ ସାହୁ, ଗୋକର୍ଣ୍ଣିକା ସାହିତ୍ୟ ସମାଜ ସଭାପତି ଡ. ରମାକାନ୍ତ ଜେନା, ବ୍ଲକ ଶିକ୍ଷାଧିକାରୀ ଅଭୟ କୁମାର ବେହେରା, ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ମମିତା ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇନ୍‌ରହୁଇଲ କ୍ଲବର ପୂର୍ବତନ ସଭାନେତ୍ରୀ ମାଧୁରୀ ଶତପଥୀ, ସମାଜସେବୀ କାହ୍ନୁଚରଣ ଦାଶ, ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ପାତ୍ର, ଶଙ୍କର୍ଷଣ ଦାଶ, ଅଧ୍ୟାପିକା ସସ୍ମିତା ପଣ୍ଡା ଓ ସାମାଜିକ କର୍ମୀ ଅନିଲ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ନଳିନୀକାନ୍ତ ମାହାଣା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରବୋଧ କୁମାର ମହାନ୍ତି, ବ୍ରହ୍ମାନନ୍ଦ ନାୟକ ଓ ପୁରାତନ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶିକ୍ଷକ ଦେବ ନାରାୟଣ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

# ଶିଶୁ ସୈନିକ ବିଦ୍ୟାଳୟର ବାର୍ଷିକୋତ୍ସବ

**କୁଆଖିଆ, ୧।୨(ସମିସ)**



ରସୁଲପୁର ବ୍ଲକ ଅନ୍ତର୍ଗତ ରାହାମ୍ବା ପଞ୍ଚାୟତ ମିର୍ଜାପୁର ଠାରେ ଥିବା ଶିଶୁ ସୈନିକ ବିଦ୍ୟାଳୟର ୪ର୍ଥ ବାର୍ଷିକୋତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରସୁଲପୁର ବ୍ଲକର ପୂର୍ବତନ ବିଆର୍‌ସିସି ପ୍ରଦୀପ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲା ଓଷ୍ଟାର ସଭାପତି ସୁନନ୍ଦ କୁମାର ରାଉତ, ବିଶିଷ୍ଟ ଅତିଥି ଭାବେ ଓଷ୍ଟାର ପୂର୍ବତନ ସମ୍ପାଦକ ଅମୂଲ୍ୟ କୁମାର ଦାସ, ମୁଖ୍ୟବକ୍ତା ଭାବେ ବିଜ୍ଞାନ ଶିକ୍ଷକ ଜଗନ୍ନାଥ ପଣ୍ଡା, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବଡ଼କଇଁଚିର ପ୍ରଧାନ ଶିକ୍ଷୟିତ୍ରୀ ସୁବାସୀ ସାହୁ, ସିଆର୍‌ସିସି ଦେବକୀ ପାତ୍ର, ବିଲିପଡ଼ା ସରକାରୀ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ଜେନା, ଭୋଟକା ହିଙ୍ଗୁଳା ବିଦ୍ୟାପୀଠର ଏନ୍‌ସିସି ସେକେଣ୍ଡ ଅଫିସର ରଞ୍ଜନ କୁମାର ମିଶ୍ର, ରସୁଲପୁର ବିଜ୍ଞାନ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ପ୍ରକାଶ କୁମାର ପଣ୍ଡା, କୃଷ୍ଣପଡ଼ା ୟୁଜିଏମ୍‌ଇ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଡ.ରଞ୍ଜନ କୁମାର ବାରିକ, ମିର୍ଜାପୁର ଉପ୍ରା ବିଦ୍ୟାଳୟର ଶିକ୍ଷକ ନ୍ୟାମତ ଅଲ୍ଲୀ ଖାଁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ହାଇସ୍କୁଲର ଅଣଶିକ୍ଷା କର୍ମଚାରୀ ପିତାମ୍ବର ମଳିକଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବଣ୍ଟରା ଗ୍ରାମର ବରିଷ୍ଠ ମହିଳା ଲାବଣ୍ୟ ମହାନ୍ତିଙ୍କୁ ଅର୍ଜୁନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷକ ନିହାର ରଞ୍ଜନ ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ବନ୍ଦନା ପତି ଅତିଥିଙ୍କୁ ମଞ୍ଚ ନିମନ୍ତ୍ରଣ କରିଥିଲେ। ଶିକ୍ଷକ ସୁବାସ ଚନ୍ଦ୍ର ପରିଡ଼ା ଅତିଥି ପରିଚୟ ଦେଇଥିଲେ। ଶିକ୍ଷକ ଚିତ୍ତରଞ୍ଜନ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ଦେବଶ୍ରୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

**ପାଣିକୋଇଲି, ୧।୨(ସମିସ):** କୋରେଇ ବିଧାୟକ ଆକାଶ ଦାସ ନାୟକ ଜହ୍ନା ପଞ୍ଚାୟତରେ ୩ଗୋଟି ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପଞ୍ଚାୟତର ଯୁବନେତା ପ୍ରୀତିରଞ୍ଜନ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜହ୍ନା ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ପରେ ଜହ୍ନା-ଖମଣ ନାଳର ପୁନଃରୁଦ୍ଧାର ଓ କୃଷକ ପାଦଚଲା ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଉକ୍ତ ନାଳର ପୁନଃରୁଦ୍ଧାର ହେଲେ ଜହ୍ନା, ଖମଣ, ବଡ଼ବିରୁହାଁ ଗ୍ରାମ ପଞ୍ଚାୟତର କୃଷି କ୍ଷେତକୁ ଜଳସେଚନ ହେବା ସହିତ କୃଷକ ମାନଙ୍କର ଉନ୍ନତି ହୋଇପାରିବ। ସେହିପରି ଜହ୍ନାସ୍ଥିତ ମା' କଲ୍ୟାଣୀ ମନ୍ଦିରର ଉନ୍ନତି କରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା, ଜହ୍ନା ସରପଞ୍ଚ ସଂଯୁକ୍ତା ସାହୁ, ସମିତିସଭ୍ୟା ହେମଲତା ପାଢ଼ୀ, ପୂର୍ବତନ ସରପଞ୍ଚ ଚନ୍ଦ୍ରମଣୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

● ବଡ଼ ପରଦାରେ କୁନ୍ଦୁରା କଳାକାର

# ମୁକ୍ତିଲାଭ କରିବ ଓଡ଼ିଆ ଚଳଚ୍ଚିତ୍ର ଲଙ୍କାଗଡ଼




କୁନ୍ଦୁରା, ୧।୨ (ସମିସ): ବଡ଼ ପରଦାରେ ମୁକ୍ତି ଲାଭ ହେବାକୁ ଆସୁଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଲଙ୍କାଗଡ଼'। ଉପାନ୍ତ ମାଓଅଞ୍ଚଳ ତଥା ଉପକୂଳ ଅଞ୍ଚଳର ଜଣେ ଯୁବକ ଶିକ୍ଷକ ଭାବେ ନିଯୁକ୍ତି ପାଇ ମାଓବାଦୀ ପ୍ରବଣ ଅଞ୍ଚଳକୁ ଯାଆନ୍ତି। ସେଠାରେ ସେ ଯେଉଁ ପରିବେଶ ଦେଇ ଗତି କରିଛନ୍ତି ଓ ସଂଘର୍ଷ କରିଛନ୍ତି ତାହା ଏହି ଚଳଚ୍ଚିତ୍ରର କାହାଣୀରେ ରୂପାୟିତ ହୋଇଛି । ଏଥିରେ କୋରାପୁଟ ଜିଲ୍ଲା କୁନ୍ଦୁରାର ଯୁବ ଅଭିନେତା ଶୁଭେନ୍ଦୁ ପାଢ଼ୀ ଶିକ୍ଷକ ଚରିତ୍ର ଭୂମିକାରେ ଅଭିନୟ କରିଥିବା ବେଳେ ଓଲିଉଡର ଲୋକ ପ୍ରିୟ ହାସ୍ୟ ଅଭିନେତା ହରିହର ମହାପାତ୍ର, ପ୍ରଭାକର ମିଶ୍ର (ଟନ୍‌ଟନ୍) ବର୍ଷୀୟାନ କଳାକାର ଗୋପାଳ ସାମନ୍ତରାୟ, ଗୌତମ କୁମାର, ମହେଶ ରାଓ, ଧିରେନ୍ ତ୍ରିପାଠୀ, କାଳୀ ରଥ ଓ ଶିଶୁ କଳାକାର ରୁହାନି ପଣ୍ଡା, ସମେତ ଜଣାଶୁଣା ଅଭିନେତା ରମେଶ ନାୟକ ଓ ପ୍ରଦୀପ ଦେବତା ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଅଭିନୟ କରୁଥିବେଳେ କିଛି ନୂଆ ଓ ପୁରୁଣା ପ୍ରମୁଖ ଚରିତ୍ରକୁ ମଧ୍ୟ ପ୍ରଥମଥର ଦେଖିବାକୁ ପାଇବେ ଦର୍ଶକ ଏହି ବଡପରଦାରେ। ଏହାର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନାରେ ଆନନ୍ଦ କୁମାର ଥିବାବେଳେ ସଂଳାପ ଲେଖିଛନ୍ତି ଆଶୁତୋଷ ବାରିକ। ଓଡ଼ିଶାର ଚର୍ଚ୍ଚିତ କଣ୍ଠ ଶିଳ୍ପୀ ବିଷ୍ଣୁ ମୋହନ କବି ଓ ସର୍ବେଶ୍ୱର ଭୋଇ ଏହାର ସଙ୍ଗୀତ ସଂଯୋଜନା ଏବଂ ଗୀତ ରଚନା କରିଛନ୍ତି ସର୍ବେଶ୍ୱର ଭୋଇ, ଜିତେନ୍ଦ୍ର ଶେଠ୍ ଓ ଡକ୍ଟର ନିର୍ମଳ ନାୟକ। ଏଥିରେ ରହିଛି ଚାରିଟି ମନ ଛୁଆଁ ରୋମାଣ୍ଟିକ ଗୀତ ସହ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ପାରମ୍ପରିକ ଲୋକ ଗୀତର ଛୁଙ୍କ୍ ଦିଆଯାଇ ପ୍ରସ୍ତୁତ କରାଯାଇଥିବାରୁ ଗୀତଟି ସମସ୍ତଙ୍କ ମନକୁ ରସାପ୍ଳୁତ କରିବ ଏବଂ ଚଳଚ୍ଚିତ୍ରଟି ସୁପର୍ ହିଟ୍ ହେବ ବୋଲି ଆଶା ରଖିଛନ୍ତି ଏହାର ପ୍ରଯୋଜକ ଓ ନିର୍ଦ୍ଦେଶକ।

## ମୁଖ୍ୟମନ୍ତ୍ରୀଙ୍କ ରାୟଗଡ଼ା ଜିଲ୍ଲା ଗସ୍ତ ଆଜି

# ସୁଭଦ୍ରା ଶକ୍ତି ମେଳାକୁ କରିବେ ଉଦ୍‌ଘାଟନ




ରାୟଗଡ଼ା, ୧।୨ (ସମିସ): ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ୨ ଫେବୃଆରୀ ସକାଳ ୧୧.୦୦ ଘଟିକାରେ ରାୟଗଡା ଗସ୍ତରେ ଆସୁଛନ୍ତି । ରାୟଗଡା ସହରର ସ୍ଥାନୀୟ ଜିଆଇଏସଆର କଲେଜ ପାଖରେ ଥିବା ଜେଏସକୋ ପଡ଼ିଆ ଠାରେ ପହଞ୍ଚି ଜିଲ୍ଲା ନାରୀଶକ୍ତିର ସଶକ୍ତ ପ୍ରଦର୍ଶନ ସୁଭଦ୍ରା ଶକ୍ତି ମେଳାର ଉଦ୍‌ଘାଟନ କରିବେ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରିବେ। ଏହି ଗସ୍ତ ସମୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ୩୪୦ କୋଟି ଅଧିକ ମୂଲ୍ୟର ୬୭ଟି ପ୍ରକଳ୍ପର ଶିଳାନ୍ୟାସ ଏବଂ ୨୨୧ କୋଟି ଅଧିକ ମୂଲ୍ୟର ୪୧ଟି ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହା ଜିଲ୍ଲାର ବିକାଶ ଓ ନୂତନ ଦିଗଦର୍ଶନ ପ୍ରଦାନ କରିବ ବୋଲି ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ସୂଚନା ଦେଇଛନ୍ତି । ଉକ୍ତ ସୁଭଦ୍ରା ଶକ୍ତି ମେଳା ୨ ଫେବୃଆରୀରୁ ୮ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ଚାଲିବ ଏବଂ ସ୍ୱୟଂ ସହାୟକ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ସମ୍ମାନିତ କରାଯିବ। ଏହି ମେଳାରେ ୧୨୦ଟି ଷ୍ଟଲ୍ ସ୍ଥାପିତ ହୋଇଛି।

### ୫୬୧ କୋଟି ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ, ଲୋକାର୍ପଣ

ପ୍ରତ୍ୟେକ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ଆଜି ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ କୁମାର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବୀନ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିହାର ରଞ୍ଜନ କହଁର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମୁଲ୍ୟ ଧର, ଉପଜିଲ୍ଲାପାଳ ରମେଶ କୁମାର ଜେନା, ସ୍ଥାନୀୟ ପୋଲିସ ଅଧିକାରୀ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦାନ କରି ଆୟୋଜନର ସମୀକ୍ଷା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସମେତ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୁଷଣ ଜେନା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବିତ୍ୟାନନ୍ଦ ଗଣ୍ଡ, ବିଧାୟକ କୋରାପୁଟ ରଘୁରାମ ମାଛ, ବିଧାୟକ କୋଟପାଡ଼ ରୁପୁ ଭତ୍ରା ଏବଂ ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ ଯୋଗଦେବେ ବୋଲି ଜଣାପଡିଛି। ଉକ୍ତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ଜେଏସକୋ ପଡିଆରେ ଆୟୋଜିତ ହେଉଥିବା ୧୦୮ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞରେ ପୂର୍ଣ୍ଣାହୁତି ଦେବାର କାର୍ଯ୍ୟକ୍ରମ ପରେ ଅସ୍ଥାୟୀ ହେଲିପ୍ୟାଡରୁ ପୁଣି ଭୁବନେଶ୍ୱର ଫେରିଯିବାର କାର୍ଯ୍ୟକ୍ରମ ରହିଛି । ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

# ଜିଲ୍ଲା ଶିଷ୍ଟ କରଣ ସଂଘର ସମାବେଶ




ନବରଙ୍ଗପୁର,୧।୨(ସମିସ): ନବରଙ୍ଗପୁର ଜିଲ୍ଲା ଶିଷ୍ଟ କରଣ ସଂଘର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନୀଳାମ୍ବର ଗ୍ୟାସ୍ ଗୋଦାମ ନିକଟ ଶ୍ରୀ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହରର ବହୁ ସଂଖ୍ୟାରେ କରଣ ସଂଘର ପରିବାର ଯୋଗ ଦେଇଥିଲେ। ଦୀର୍ଘ ୩୦ ବର୍ଷ ବ୍ୟବଧାନ ପରେ ସଂଘର ଏଭଳି କାର୍ଯ୍ୟକ୍ରମ ହାତକୁ ନେଇଥିବାରୁ ସଦସ୍ୟ ମାନେ ଉତ୍ସାହିତ ହୋଇ ବହୁ ସଂଖ୍ୟାରେ ସାମିଲ ହୋଇଥିଲେ। ଆୟୋଜିତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଚିତ୍ରାଙ୍କନ ପ୍ରତିଯୋଗିତା, ବାଦ୍ୟ ଯନ୍ତ୍ର ପ୍ରତିଯୋଗିତା, ସଙ୍ଗୀତ ଗାନ ପ୍ରତିଯୋଗିତା, ନୃତ୍ୟ ପ୍ରତିଯୋଗିତା, କରାଟେ, ମ୍ୟୁଜିକାଲ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲା। ପ୍ରତିଯୋଗିତାକୁ ମୁରଲୀଧର ପଟ୍ଟନାୟକ ପରିଚାଳନା କରିଥିବା ବେଳେ ବିଚାରକ ଭାବେ ଅଶୋକ ପଟ୍ଟନାୟକ, କାହ୍ନୁ ପଟ୍ଟନାୟକ, ଶ୍ରୀନିବାସ ପଟ୍ଟନାୟକ, କୃଷ୍ଣ ମୋହନ ପଟ୍ଟନାୟକ ସହଯୋଗ କରିଥିଲେ। ଏହା ବ୍ୟତୀତ ବିଭିନ୍ନ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ଆଇନଜୀବୀ ଅରବିନ୍ଦ ପଟ୍ଟନାୟକ, ମନୀଷା ପଟ୍ଟନାୟକ, ମନିକା ପଟ୍ଟନାୟକ, ଦୀପ୍ତି ପଟ୍ଟନାୟକ, କାଜଲ ପଟ୍ଟନାୟକ ଗାନ କରିଥିବା ବେଳେ ଯନ୍ତ୍ର ସଙ୍ଗୀତ ବାଦକ ଦେବାଂଶ ପଟ୍ଟନାୟକ, ଅଭିଷେକ ପଟ୍ଟନାୟକ ଖୁବ ସୁନ୍ଦର ପରିବେଷଣ କରିଥିଲେ। ମ୍ୟୁଜିକାଲ ଚେୟାର କାର୍ଯ୍ୟକ୍ରମରେ ମହିଳା ମାନେ ବହୁ ସଂଖ୍ୟାରେ ସାମିଲ ହୋଇ ଉପଭୋଗ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଏକ ବୈଠକ ଅନୁଷ୍ଠିତ ହେଇଥିଲା। ସଂଘର ସଭାପତି ସତୀଶ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆଇନ ପରାମର୍ଶଦାତା ଅରବିନ୍ଦ ପ୍ରସାଦ ପଟ୍ଟନାୟକ, ଉପସଭାପତି କିଶୋର କୁମାର ପଟ୍ଟନାୟକ, ସମ୍ପାଦକ ମହେଶ୍ୱର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଅବନୀ ପ୍ରସାଦ ପଟ୍ଟନାୟକ, କୋଷାଧ୍ୟକ୍ଷ ଚନ୍ଦ୍ର ଶେଖର ପଟ୍ଟନାୟକ ମଞ୍ଚାସୀନ ହୋଇଥିଲେ। ସମ୍ପାଦକ ବୈଠକକୁ ପରିଚାଳନା କରିଥିବା ବେଳେ ସଭାରେ ସଂଘର ୧୦ ଜଣ ବରିଷ୍ଠ ସଦସ୍ୟ ସଦସ୍ୟାମାନଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ ପଟ୍ଟନାୟକ, ରବି ପଟ୍ଟନାୟକ, ରାଜ କିଶୋର ପଟ୍ଟନାୟକ, ତିର୍ମୁଲେଶ ପଟ୍ଟନାୟକ, ଦନ୍ତେଶ୍ୱର ପଟ୍ଟନାୟକ, ନାରାୟଣ ରାଓ, ଏମ ବି ରାମଣା, ଜଗଦୀଶ ପଟ୍ଟନାୟକ, ରମେଶ ପଟ୍ଟନାୟକ, ସୁଜାତା ପଟ୍ଟନାୟକ, ଗଙ୍ଗା ପଟ୍ଟନାୟକ, ଦାଶରଥି ପଟ୍ଟନାୟକ, ରାମକୃଷ୍ଣ ପଟ୍ଟନାୟକ, ସତ୍ୟନାରାୟଣ ପଟ୍ଟନାୟକ ସହଯୋଗ କରିଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ




କୋରାପୁଟ,୧।୨(ସମିସ): ମାଛରା ସ୍ଥିତ କୋରାପୁଟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଛି। କୋରାପୁଟ ସ୍ପୋର୍ଟସ କମ୍ପ୍ଲେକ୍ସରେ ଦୁଇ ଦିନ ଧରି ବିଭିନ୍ନ ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ। ପ୍ରଥମ ଦିନରେ ମୁଖ୍ୟ ଅତିଥି ଭାବେ କୋରାପୁଟ ବିଡିଓ ଦେବାଶିଷ ଗୌଡ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ତଥା ମ୍ୟୁନିସିପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷ ମୀନ କେତନ ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଛାତ୍ରଛାତ୍ରୀଙ୍କ କ୍ରୀଡା ମଶାଲ ରାଲି ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିଲା। କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡା ଶିକ୍ଷକ ଗୁପ୍ତେଶ୍ୱର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦ୍ୱିତୀୟ ଦିନରେ ଏବିଇଓ ସଂଯୁକ୍ତା କହଁର ଓ ସିଆରସିସି ବାସୁଦେବ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ର ଛାତ୍ରୀଙ୍କୁ କ୍ରୀଡାର ଉପାଦେୟତା ବିଷୟରେ କହିଥିଲେ। ଉତ୍ସବରେ ଦୌଡ଼ ପ୍ରତିଯୋଗିତା, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ସଟପୁଟ୍, ଡିସକସ ଥ୍ରୋ ଇତ୍ୟାଦି ବିଭିନ୍ନ ଇଭେଣ୍ଟ ଆୟୋଜିତ ହୋଇଥିଲା। ସିନିୟର ଓ ଜୁନିୟର ବର୍ଗରେ ପ୍ରତିଯୋଗିତା ହୋଇଥିବାବେଳେ ସିନିୟର ବାଳକ ବର୍ଗରେ ମଣ୍ଟୁ ଗୋଲାରି, ସିନିଅର ବାଳିକା ବର୍ଗରେ ପୂଜା ଭୋଇ, ଜୁନିୟର ବାଳକ ବର୍ଗରେ ଆକାଶ ମୁଦୁଲି ଏବଂ ଜୁନିୟର ବାଳିକା ବର୍ଗରେ ଜୁଲି ଗଦବା ଚମ୍ପିୟାନ ହୋଇଥିଲେ। ଶେଷରେ ସଫଳ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସହ କ୍ରୀଡା ଶିକ୍ଷକ ଗୁପ୍ତେଶ୍ୱର ସାହୁ କ୍ରୀଡା ପରିଚାଳନା କରିଥିଲେ।

# ବିଶାଳ ହିନ୍ଦୁ ସମ୍ମିଳନୀ

ଦାମନଯୋଡି, ୧।୨(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶହେ ବର୍ଷ ପୂର୍ତ୍ତି ଓ ଶତାବ୍ଦୀ ଉତ୍ସବ ପାଳନ ଅବସରରେ ପଞ୍ଚସୁତ୍ରୀ କାର୍ଯ୍ୟକ୍ରମ ଚାଲୁ ରହିଛି। ସେଥି ମଧ୍ୟରେ ହିନ୍ଦୁ ସମ୍ମିଳନୀ ଅନ୍ୟତମ। ଏହି ପରିପ୍ରେକ୍ଷୀରେ ଦାମନଯୋଡି ସ୍ଥିତ ହନୁମାନ ବାଟିକା ପରିସରରେ ବିଶାଳ ସଭାର ଆୟୋଜନ ହୋଇଥିଲା। କୋରାପୁଟ ଖଣ୍ଡକାର୍ଯ୍ୟବାହ ରଞ୍ଜନ କୁମାର ବେହେରା, ସୁନାବେଡ଼ା ସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱଦ୍ୟାଳୟର ପ୍ରାଧାପକ ଭରତ କୁମାର ପଣ୍ଡା, ଆଦିମ ଗୁରୁକୁଳ ଆଶ୍ରମ, କୁନ୍ଦୁଲିର ଅଶ୍ରମାଧିଶ ଆଚାର୍ଯ୍ୟ ବିନୟ କୁମାର ବୈଦିକ ପ୍ରମୁଖ ଉପସ୍ଥିତ ଲୋକ ମାନଙ୍କୁ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗାୟତ୍ରୀ ପ୍ରଜ୍ଞାପୀଠରୁ କଳସ ଯାତ୍ରାରେ ହଜାର ମହିଳା ଶ୍ରଦ୍ଧାଳୁ ଜଳ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିବା ପରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଦାମନଯୋଡି, ମାଥାଲପୁଟ, ଭେଜାପୁଟ, ମରିଚମାଳ, ପୁଟୁରାଘାଟି, ଅଁଳାବାଡ଼ି ସମେତ ଆଖପାଖ ଅଞ୍ଚଳର ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସମସ୍ତଙ୍କ ପାଇଁ ଅନ୍ନ ପ୍ରସାଦ ସେବନ ଆୟୋଜନ ହୋଇଥିଲା। ଦାମନଯୋଡି ତଥା ଆଖପାଖ ଅଞ୍ଚଳର ବିଭିନ୍ନ ସଂଘ ଶାଖାର ସ୍ୱୟଂସେବକ ମାନେ ମିଳିତ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରାଚୀନ କଳା ଓ ସଂସ୍କୃତି ପରିଷଦର ୩ ବିଦ୍ୟାର୍ଥୀ ପୁରସ୍କୃତ



ସୁନାବେଡ଼ା,୧।୨ (ସମିସ): ସେମିଳିଗୁଡା ତରଙ୍ଗ ଡାନ୍ସ ଷ୍ଟୁଡିଓରେ ଛାତ୍ର ଛାତ୍ରୀଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା। ତନ୍ମଧ୍ୟରୁ ନୃତ୍ୟରେ ନନ୍ଦିନୀ ଆଇକତ, ଶୁଭସ୍ମିତା ନାୟକ, ଆସ୍ଥା ସମ୍ପାରେଡି ପୁରସ୍କୃତ ହୋଇଛନ୍ତି। ଏହି ସଫଳତା ପାଇଁ ପ୍ରାଚୀନ କଳା ଓ ସଂସ୍କୃତି ପରିଷଦ ର ସଭାପତି ଶେଖ ଇବ୍ରାହିମ, ସମ୍ପାଦକ ମନୋଜ କୁମାର ମୁଦୁଲି, ଉପଦେଷ୍ଟା ଅମ୍ବିକା ପ୍ରସାଦ ପଟ୍ଟନାୟକ, ଯୁଗ୍ମ ସଚିବ ଅନୁରାଗ ପାତ୍ର, ପରିଚାଳନା ସଚିବ ତାପସ କୁମାର ମଲ୍ଲିକ , ନୃତ୍ୟ ଶିକ୍ଷୟତ୍ରୀ ହୃଦାଞ୍ଜଳି ନାୟକ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଛନ୍ତି।

# 'ଭିବି ଜି ରାମ ଜି' କର୍ମଶାଳା

**ବୈପାରୀଗୁଡ଼ା,୧।୨(ସମିସ):** ବୈପାରୀଗୁଡା ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ପାଠାଗାର ଠାରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ମଣ୍ଡଳ ସ୍ତରୀୟ ପୂଜ୍ୟ ବାପୁ ଗ୍ରାମୀଣ ରୋଜଗାର ଯୋଜନା ତଥା " ଭିବି ଜି ରାମ ଜି " କର୍ମଶାଳା ଆୟୋଜିତ ହୋଇଯାଇଛି। କୋରାପୁଟ ନିର୍ବାଚନ ମଣ୍ଡଳୀର କୋଲାର ଓ ବୈପାରୀଗୁଡା ଏହି ୨ଟି ମଣ୍ଡଳ ର କର୍ମୀଙ୍କୁ ନେଇ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଆଦିବାସୀ ଜିଲ୍ଲା ମାର୍ଚ୍ଚା ସଭାପତି ନରେନ୍ଦ୍ର କାନ୍ଦିଲିଆ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଓବିଶି ରାଜ୍ୟ ସଦସ୍ୟ ଜି.ଜଗାରାଓ, ସମ୍ମାନିତ ଅତିଥିଭାବେ କୋଲାର ମଣ୍ଡଳ ସଭାପତି ଶ୍ରୀଯୁକ୍ତ ମହନଲାଲ ଓ ପ୍ରଭାରୀ ଉମେଶ ପଟ୍ଟନାୟକ, ବୈପାରୀଗୁଡା ମଣ୍ଡଳ ସଭାପତି ରାଜେନ୍ଦ୍ର ଗୌଡ଼ ଓ ପ୍ରଭାରୀ ସୀମାଞ୍ଚଳ ନାୟକ, ସହ ପ୍ରଭାରୀ ନାଟବାର ପଟ୍ଟନାୟକ ଓ ସନୁ ଖରା ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ସଚେତନ ସଭା ଅନୁଷ୍ଠିତ ହୋଇଯାଇଛି। ଯୋଜନାରେ ସର୍ବନିମ୍ନ ନିଯୁକ୍ତି ଦିବସକୁ ମଧ୍ୟ ବୃଦ୍ଧି କଲେ ସରକାର। ସର୍ବନିମ୍ନ ୧୨୫ ଦିନକୁ ୨୪୦ ଦିନ ଯାଏଁ ବୃଦ୍ଧି କଲେ। ଏହି ଅବସରରେ ମଣ୍ଡଳ ସ୍ତରୀୟ ଦାଇତ୍ୱ ଗ୍ରହଣ ପାଇଥିବା ୧୬ ଜଣିଆ କମିଟି ସଦସ୍ୟଙ୍କୁ ସମ୍ମାନିତ କରାଯାଇଛି। ସେହିପରି ୭ଟି ମୋର୍ଚ୍ଚା ସଭାପତି, ୧୧ଟି ପଞ୍ଚାୟତ ସଭାପତି, ଓ ୫୦ରୁ ଅଧିକ ବୁଥ ସଭାପତିଙ୍କୁ ମଞ୍ଚରେ ଉପଢୌକନ ଦେଇ ସମ୍ମାନିତ କରାଗଲା। ଏହି କାର୍ଯ୍ୟକ୍ରମକୁ ସହ ସମ୍ପାଦକ କୌଳାଶ ନାୟକ ମଞ୍ଚ ପରିଚାଳନା କରିଥିଲେ।

# ଅଷ୍ଟପ୍ରହର ନାମଯଜ୍ଞ

ଜୟପୁର, ୧।୨(ସମିସ): ଜୟପୁର ବ୍ଲକ କଙ୍ଗା ଗ୍ରାମପଞ୍ଚାୟତର ବଡମୁଣ୍ଡାଗୁଡା ଏବଂ ସଲପିଆଗୁଡାର ଗ୍ରାମବାସୀ ମାନେ ମିଳିତ ଭାବେ ସନାତନ ତଥା ହିନ୍ଦୁ ଧର୍ମର ରକ୍ଷା ସହିତ ପ୍ରଚାର ଓ ପ୍ରସାର ପାଇଁ ଅଷ୍ଟପ୍ରହର ନାମଯଜ୍ଞ ମହାଆଡମ୍ବରରେ ପାଳନ କରିଥିଲେ। ଏହି ଅଷ୍ଟପ୍ରହର ନାମଯଜ୍ଞରେ ବୋରିଗୁମ୍ମା, କୋଟପାଡ ଏବଂ ଜୟପୁର ବ୍ଲକର ସମୁଦାୟ ୧୭ଟି ଗ୍ରାମର ୧୭ଟି ସଂକୀର୍ତ୍ତନ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ଏହିପରି ସ୍ଥାନୀୟ ଉଭୟ ଗ୍ରାମବାସୀଙ୍କ ସମେତ ଆଖାପାଖର ପ୍ରାୟ ୧୦ ହଜାରରୁ ଉଜାର ଲୋକଙ୍କ ପାଇଁ ଅନ୍ନ ଭୋଗ ଖାଇବା ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ଆୟୋଜିତ ଏହି ଅଷ୍ଟପ୍ରହରକୁ ମାଲଦା ଗ୍ରାମର ଗୁରୁ କୃଷ୍ଣ ମାଳି ଓ ପୂର୍ଣ୍ଣମାଳି ଏବଂ ପୁରୋହିତ ଭାବେ ବାଳକୃଷ୍ଣ ରଥ ସମସ୍ତ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ଏହି ଅଷ୍ଟପ୍ରହର ଆୟୋଜନ ନିମନ୍ତେ ମୁଣ୍ଡାଗୁଡା ଗ୍ରାମର ଭବାନୀ, ଭାସ୍କର, ସମ୍ବାରୁ, ସାଧୁରାମ, ସୋନୁ ଏବଂ ସଲପିଆଗୁଡା ଗ୍ରାମର ଭଗତରାମ, ସଦାଶିବ, ବଳରାମ, ଗୁରୁ, ତୁଷାର ଏବଂ ଗ୍ରାମର ବାସିନ୍ଦା ମାନେ ଉପସ୍ଥିତ ଥିଲେ।

# ବିଧାନସଭା ଷ୍ଟାଣ୍ଡିଂ କମିଟିର ତଳମାଳି ଗସ୍ତ



ସେମିଳିଗୁଡ଼ା, ୧।୨(ସମିସ): ବିଧାନସଭା ଷ୍ଟାଣ୍ଡିଂ କମିଟି ସଦସ୍ୟ କୋରାପୁଟ ଜିଲ୍ଲାର ସେମିଳିଗୁଡା ନିକଟରେ ଥିବା ତଳମାଳିକୁ ରବିବାର ଗସ୍ତ କରିଛନ୍ତି। ଉକ୍ତ କମିଟି ମାଲକାନଗିରି ଗସ୍ତ ସାରି ପୁଣି କୋରାପୁଟ ଜିଲ୍ଲାରେ ପରିଦର୍ଶନ କରିଥିଲେ। ଷ୍ଟାଣ୍ଡିଂ କମିଟି ଅଧକ୍ଷ ସନାତନ ବିଜୁଳିଙ୍କ ନେତୃତ୍ୱରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ସୋରଡ଼ା ବିଧାୟକ ନୀଳମଣି ବିଶୋଇ, , କରଞ୍ଜିଆ ବିଧାୟକ ପଦ୍ମ ଚରଣ ହରିବୁରୁ ପ୍ରମୁଖ ତଳ ମାଳି ଗସ୍ତ ବେଳେ ପର୍ବତର ସୌନ୍ଦର୍ଯ୍ୟ ଦେଖି ବିମୋହିତ ହୋଇଥିଲା। ନିର୍ବାଚନ ମଣ୍ଡଳୀରେ ବିଧାନସଭା ଷ୍ଟାଣ୍ଡିଂ କମିଟିର ସଦସ୍ୟ ଆସିଥିବାରୁ ପଟାଙ୍ଗି ବିଧାୟକ ତଥା କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ କମିଟିର ସଦସ୍ୟଙ୍କୁ ସ୍ୱାଗତ କରି ସମ୍ମାନିତ କରାଯାଇଥିଲା। ତଳ ମାଳିର ଉନ୍ନତି ଦିଗରେ ଦୃଷ୍ଟି ଆକର୍ଷଣ କରିବା ପାଇଁ ବିଧାୟକ କାଡାମ କମିଟି ନିକଟରେ ଦାବି କରିଛନ୍ତି। ପରେ ଉକ୍ତ କମିଟି ଦେଓମାଳିରେ ପରିଦର୍ଶନ କରିଥିଲେ।

# ଶ୍ରୀଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ସମ୍ବର୍ଦ୍ଧନା



ଦାମନଯୋଡ଼ି,୧।୨(ସମିସ): ଶ୍ୱେତ ସୁବର୍ଣ୍ଣ କ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ତରଫରୁ ନାଲ୍‌କୋ ଏସପିପି ବିଭାଗୀୟ ମୁଖ୍ୟ ତଥା ମହାପ୍ରବନ୍ଧକ ଇଂ.ରବୀନ୍ଦ୍ରନାଥ ନାୟକ ଓ ତାଙ୍କ ଧର୍ମପତ୍ନୀ ହିମାଦ୍ରି ନନ୍ଦିନୀ ନାୟକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶନିବାର ସନ୍ଧ୍ୟାରେ ମନ୍ଦିର କମିଟିର ଏକ ବୈଠକରେ ସେଦିନ ଅବସର ନେଇଥିବା ଏହି ଆଧ୍ୟାତ୍ମିକବାଦୀ ଶାନ୍ତ, ସରଳ ମଣିଷ ଇଂ ଶ୍ରୀନାୟକଙ୍କୁ କମିଟି ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉଲ୍ଲେଖନୀୟ ଶ୍ରୀ ନାୟକ ୧୯୮୯ ମସିହାରୁ ନାଲକୋରେ ଜିଇଟି ରୂପେ ଯୋଗ ଦେଇ ୨୦୦୭ରୁ ଦାମନଯୋଡ଼ି ପ୍ରକଳ୍ପର ବିଭିନ୍ନ ପଦପଦବୀରେ ନିଷ୍ଠାପର କର୍ତ୍ତବ୍ୟ କରିଥିଲେ। ସମ୍ବର୍ଦ୍ଧନା ସମୟରେ କମିଟି ସଭାପତି ତଥା ନାଲକୋ ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ପଟ୍ଟନାୟକ ଓ ତାଙ୍କ ଧର୍ମପତ୍ନୀ ସ୍ମିତା ପଟ୍ଟନାୟକ,କୋଷାଧ୍ୟକ୍ଷ ପି.କେ.ମହାରଣା, ଯୁଗ୍ମ ସଂପାଦକ ଅବିନାଶ ଜେନା ଓ ତ୍ରିଲୋଚନ ଚୌଧୁରୀଙ୍କ ସହିତ ସଦସ୍ୟ ବିମଳ ନାୟକ, ନକୁଳ ଚରଣ ପତି, ହରେନ୍ଦ୍ରନାଥ ଗିରି, ପି.କେ.ମୁନୀ, ସଦାଶିବ ବେହେରା,ସଞ୍ଜୟ ସାହୁ,ଖଦାଳ ନାୟକ ଓ ଆର.ଏନ.ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ଡ. ଅଶୋକ କୁମାର ମହାନ୍ତି ମଞ୍ଚ ସଂଯୋଜନା କରିଥିବା ବେଳେ ବିଜୟ କୁମାର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# ନାରୀ ମହାସଂଘର ମଦମୁକ୍ତ ଅଭିଯାନ



ନବରଙ୍ଗପୁର,୧।୨(ସମିସ): ରବିବାର ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ନାରୀ ମହାସଙ୍ଘ ପକ୍ଷରୁ ଚନ୍ଦାହାଣ୍ଡି ହାଟପଦା ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶତାଧିକ ମହିଳା ଚନ୍ଦାହାଣ୍ଡି ଗାଁ ମଧ୍ୟରେ ବେଆଇନ୍ ଦେଶୀ ତଥା ବିଦେଶୀ ମଦ ବ୍ୟବସାୟ ବିରୋଧରେ ମଦ ବିରୋଧି ଅଭିଯାନ ଆରମ୍ଭ କରିଥିଲେ। ଏହି ଅଭିଯାନରେ ଚନ୍ଦାହାଣ୍ଡି, ପୂଜାରିଗୁଡ଼ା, ହଳଦୀ, ସାନ ଧୂରୁଆପଡ଼ା, ସଲେବିଡି ଓ ମୋହରା ଗାଁର ଶତାଧିକ ମହିଳା ସାମିଲ ହେଇ ମଦ ବତଲ ଭାଙ୍ଗିବା ସହ ଦେଶୀ ପେକେଟ୍ ମଦ ଜବତ କରିଥିଲେ। ଚନ୍ଦାହାଣ୍ଡି ବ୍ଲକ ନାରୀ ମହାସଂଘର ବ୍ଲକ ସଭାନେତ୍ରୀ ଜୟନ୍ତୀ ମାଝୀଙ୍କ ନେତୃତ୍ୱରେ ଆୟୋଜିତ ଏହି ଅଭିଯାନରେ ଉପ ସଭାନେତ୍ରୀ ଘମେ ଗୌଡ, ସମ୍ପାଦିକା ପାର୍ବତୀ ଧୂରୁଆ, ସହ ସଂପାଦିକା ମୁକ୍ତେଶ୍ୱରୀ ମାଝୀ , ଲଳିତା ନାୟକ, କମଳା ନାୟକ, ସବିତା ନାୟକ, ଜନ୍ମନି ମାଝୀ, ପାର୍ବତୀ ମାଝୀ, ସ୍ୱର୍ଣ୍ଣ ବାଘ , ପାତ୍ରୁ ପୁଜାରୀ, ବରୁଣ ପୁଜାରୀ, ନମିତା ଅନ୍ତି, ଚିନ୍ତାମଣି ପୂଜାରୀ, ରୁକମନି ମାଝୀ, ମୁଙ୍ଗେ ମାଝୀ, ବାସମତି ମାଝୀ ଓ ଅନ୍ୟାନ୍ୟ ଶତାଧିକ ମହିଳା ଏହି ବେଆଇନ୍ ମଦ ବିରୋଧି ଅଭିଯାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଚନ୍ଦାହାଣ୍ଡି ବ୍ଲକ ନାରୀ ମହାସଙ୍ଘ ପକ୍ଷରୁ ବେଆଇନ୍ ମଦ ବ୍ୟବସାୟ ଓ ମଦ ଭାଟି ବିରୋଧରେ ୧୫ ଦିନ ପୂର୍ବରୁ ଜିଲ୍ଲାପାଳ ନବରଙ୍ଗପୁର , ଆରକ୍ଷୀ ଅଧିକ୍ଷକ ନବରଙ୍ଗପୁର , ଅବକାରୀ ବିଭାଗ ଆରକ୍ଷୀ ଅଧୀକ୍ଷକଙ୍କୁ ଉମରକୋଟ ଠାରେ ଅଭିଯୋଗ ପ୍ରକୋଷ୍ଠ ଠାରେ ଅଭିଯୋଗ ପତ୍ର ମଧ୍ୟମରେ ଜଣାଇବା ସହ ବେଆଇନ୍ ଦେଶୀ ତଥା ବିଦେଶୀ ମଦ ଭାଟି, ମଦ ଦୋକାନ ଓ ମଦ ବ୍ୟବସାୟ ବିରୋଧରେ ସ୍ଥାନୀୟ ଚନ୍ଦାହାଣ୍ଡି ବ୍ଲକ ବିଡ଼ିଓଙ୍କୁ , ତହସିଲଦାରଙ୍କୁ ଓ ଥାନା ଭାରପ୍ରାପ୍ତ ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗପତ୍ର ମଧ୍ୟମରେ ଜଣାଇ ଥିଲେ। ୧୫ ଦିନ ମଧ୍ୟରେ ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ପକ୍ଷରୁ ବେଆଇନ୍ ମଦ କାରବାର ବିରୋଧରେ ଦୃଢ଼ କାର୍ଯାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିଲେ। ୧୫ ଦିନ ବିତିଗଲା ପରେ ମଧ ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପ୍ରକାର ଆଖି ଦୃଶିଆ ପଦକ୍ଷେପ ନ ନେବା ହେତୁ ଆଜି ସହ ସହ ମହିଳା ଏକତ୍ରିତ ହେଇ ନିଜେ ମଦ ମୁକ୍ତ ଅଭିଯାନ ଆରମ୍ଭ କଲେ। ଆଉ ଆଗାମୀ ଦିନରେ ଏହି ମଦ ମୁକ୍ତ ଅଭିଯାନ ଚନ୍ଦାହାଣ୍ଡି ବ୍ଲକର ସମସ୍ତ ୧୪ ଗୋଟି ପଞ୍ଚାୟତ ମଧ୍ୟରେ ଜୋରଦାର ଭାବରେ କରାଯିବ ବୋଲି ବ୍ଲକ ସଂପାଦିକା ସୁଶ୍ରୀ ପାର୍ବତୀ ଧୁରୁଆ କହିଛନ୍ତି। ଚନ୍ଦାହାଣ୍ଡି ବ୍ଲକକୁ ସମ୍ପୂର୍ଣ୍ଣ ମଦମୁକ୍ତ ନ କରିବା ଯାଏ ଆମେ ଲଢ଼ିବୁ ବୋଲି ବ୍ଲକ ସଭାନେତ୍ରୀ ଜୟନ୍ତୀ ମାଝୀ କହିଛନ୍ତି। ଏଥି ସହିତ ବର୍ତ୍ତମାନ ଓଡ଼ିଶା ଅବକାରୀ ବିଭାଗର ସମସ୍ତ ଆଇନ୍ ଓ ନିୟମକୁ ଉଲଘଂନ କରି ଏବଂ ୧୯୯୬ ପେସା ଆଇନ୍‌କୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରି ଚନ୍ଦାହାଣ୍ଡି ବ୍ଲକ ମଧ୍ୟରେ ୬ ଗୋଟି ଖୁଚୁରା ଦେଶୀ ପେକେଟ୍ ମଦ ଦୋକାନ ବ୍ରାଞ୍ଚ ରହିଛି ଯାହାର ମୁଖ୍ୟ ମଦ ଭାଟି ଉମରକୋଟ ଠାରୁ ଦେଶୀ ପେକେଟ ମଦ ଆଣି ବିକ୍ରୀ କରୁଛନ୍ତି । ଗୋଟିଏ ବିଦେଶୀ ମଦ ଦୋକାନ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ , ତହସିଲ କାର୍ଯ୍ୟାଳୟ ନିକଟ, ମୁଖ୍ୟ ବଜାର ନିକଟ , ଧାର୍ମିକ ଅନୁଷ୍ଠାନ ନିକଟ , ପଶୁ ଡାକ୍ତର ଖାନା ସମ୍ମୁଖରେ ଓ ଗାଁ ମଝିରେ ସ୍କୁଲ କଲେଜ୍ ଯିବା ଆସିବା ମୁଖ୍ୟ ରାସ୍ତା ପାଶ୍ୱର୍ରେ ରହିଛି । ଦିନକୁ ଦିନ ଚନ୍ଦାହାଣ୍ଡି ବ୍ଲକ ୧୪ ଗୋଟି ପଞ୍ଚାୟତ ମଧ୍ୟର ଗାଁ ଗହଳିରେ ବେଆଇନ୍ ମଦ ବେପାର ଓ ମଦୁଆ ମାନଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଥିବା ହେତୁ ଓ ଘରେ ଘରେ ମଦ୍ୟପାନକୁ ନେଇ ଗଣ୍ଡଗୋଳ ଅଶାନ୍ତି ବଢୁଥିବା ହେତୁ ଚନ୍ଦାହାଣ୍ଡି ବ୍ଲକ ନାରୀ ମହାସଙ୍ଘ ପକ୍ଷରୁ ଏହି ମଦମୁକ୍ତ ବା ମଦ ବିରୋଧି ଅଭିଯାନ ଆରମ୍ଭ କରାଯାଇଛି। ଜିଲ୍ଲା ପ୍ରଶାସନ ଯଦି ଏହି ବେଆଇନ୍ ମଦ ବ୍ୟବସାୟ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ, ତାହେଲେ ଆଗମୀ ଦିନରେ ଏହି ମଦ ମୁକ୍ତ ବା ମଦ ବିରୋଧି ଅଭିଯାନ ଆହୁରି ଉଗ୍ର ଏବଂ ତୀବ୍ର ହେବ ବୋଲି ବ୍ଲକ ସଭାନେତ୍ରୀ ଜୟନ୍ତୀ ମାଝୀ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।

# ବେଆଇନ ବନ୍ଧୁକ କାରବାର; ୪ ଗୋରୁ ବ୍ୟବସାୟୀ ଗିରଫ

ରାଉରକେଲା, ୧୨(ସମିସ)




ବେଆଇନ ବନ୍ଧୁକ କାରବାର ସହ ବେଆଇନ ଗୋରୁ ବ୍ୟବସାୟ, ଜମି ଦଲାଲି କରିବା ଅଭିଯୋଗରେ ବିଶ୍ରା ଥାନା ପୁଲିସ ୪ ଜଣ ଗୋରୁ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ, ଗୁଡଗୁଡଜୋର୍ ଅଞ୍ଚଳର ମୋଜାମିଲ ଅନସାରୀ (୩୩), ସମୀର ଅନସାରୀ (୩୪), ହସନ୍ ଅନସାରୀ (୫୦) ଓ ଅମ୍ନା କଲୋନୀର ଏସଡି ଗୁଲାବ (୪୮)। ସେମାନଙ୍କ ଠାରୁ ୩ଟି ବନ୍ଧୁକ, ଗୋଟିଏ ନକଲି ବନ୍ଧୁକ, ୪ଟି ଗୁଳି, ୩ଟି ମୋବାଇଲ, ଅଟୋ, ସ୍କର୍ପିଓ, ବୁଲେଟ, ବାଇକ୍, ଲୁହା ବାଡି ଆଦି ଜବତ କରାଯାଇଛି। ରବିବାର ମୋଜାମିଲ ଘରେ ବନ୍ଧୁକ ରଖି ବିକ୍ରି କରିବାକୁ ଯୋଜନା କରୁଥିବା ନେଇ ରାଉରକେଲା ଏସପି ନିତେଶ ୱାଧୱାନୀଙ୍କୁ ସୂଚନା ଦେଇଥିଲେ। ଏହା ଉପରେ ଚଢ଼ଉ କରିବା ପାଇଁ ବିଶ୍ରା ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଜୋନାଲ ଡିଏସପି ଜିତେନ୍ଦ୍ର ନାଥ ସେଠୀ ଓ ଆଇଆଇସି ମନୋରଞ୍ଜନ କୁମ୍ଭାରଙ୍କ ନେତୃତ୍ୱରେ ଗଠିତ ଏକ ଟିମ୍ ମୋଜାମିଲର ଗୁଡୁଗୁଡୁଯୋର ସ୍ଥିତ ଘରେ ଚଢ଼ଉ କରି ଅଭିଯୁକ୍ତ ମୋଜାମିଲକୁ ଗିରଫ କରି ତା'ଠାରୁ ଗୋଟିଏ ଦେଶୀ ରିଭଲଭର ଓ ୨ ରାଉଣ୍ଡ ଗୁଳି ଜବତ କରିଥିଲା। ତାକୁ ପଚରା ଉଚରା ପରେ ଉପରିସ୍ଥ ଅନ୍ୟ ୩ ଜଣଙ୍କ ନାମ ସେ ପୁଲିସ ନିକଟରେ ସ୍ୱୀକାର କରିଥିଲା। ସେମାନଙ୍କୁ ମଧ୍ୟ ପୁଲିସ ଗିରଫ କରିବା ସହ ସେମାନଙ୍କ ଘରୁ ମାରଣାସ୍ତ୍ର ଜବତ କରିଥିଲେ। ଏସଡି ଗୁଲାବ ଘରୁ ପୁଲିସ ଏକ ନକଲି ପିସ୍ତଲ, ଗୋଟିଏ ଖଣ୍ଡା, ଗୋଟିଏ କଟୁରୀ ଜବତ କରିଛି। ୪ ଜଣ ମିଶି ବେଆଇନ ବନ୍ଧୁକ କାରବାର ତଥା ବିକ୍ରି କରୁଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ଏହାସହ ଗୋ ଚାଲାଣ, ଜମି ଦଲାଲି ଆଦି ମଧ୍ୟ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡ଼ିଛି। ତେବେ ମୋଜାମିଲ ଓ ସମୀର ଝାଡ଼ଖଣ୍ଡ ଓ ବିଶ୍ରା ଅଞ୍ଚଳରେ ଗୋମାଫିଆ ରୂପେ ବେଶ୍ ପରିଚିତ ବୋଲି ତଦନ୍ତରୁ ଜଣାପଡ଼ିଥିବା ପୁଲିସ କହିଛି। ଗିରଫ ମୋଜାମିଲ ନାଁରେ ପୂର୍ବରୁ ବିଭିନ୍ନ ଥାନାରେ ୪ଟି, ସମୀର ନାଁରେ ଗୋଟିଏ, ଗୁଲାବ ନାଁରେ ୨ଟି, ହସନ ନାଁରେ ଗୋଟିଏ ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି।

## କେନ୍ଦ୍ର ବଜେଟ୍ ପ୍ରତିକ୍ରିୟା



ଆଜିର ବଜେଟ ନିରନ୍ତରତା ରକ୍ଷା କରିଥିବା ଏକ ବଜେଟ। ଏହି ବଜେଟରେ ସାମଗ୍ରିକ ଭାବରେ ବିତ୍ତୀୟନିଅଣ୍ଟକୁ ୪.୩ ପ୍ରତିଶତରେ ସୀମିତ ରଖାଯାଇଛି। ତେବେ ଭିତ୍ତିଭୂମି ପାଇଁ ୧୨.୧ ଲକ୍ଷ କୋଟି ବ୍ୟୟ ବରାଦ କରିବା, ୭ ଟି ହାଇସ୍ପିଡ ରେଳ କରିଡ଼ର, ଦ୍ୱିତୀୟ-ତୃତୀୟ ଶ୍ରେଣୀ ସହର ଅର୍ଥନୈତିକ ଜୋନ ପ୍ରତିଷ୍ଠା, ଜୈବ ଔଷଧ ହବ୍, କ୍ଷୁଦ୍ର-ମଧ୍ୟମ ଶିଳ୍ପ ପାଇଁ ଅଂଶଧନରେ ପ୍ରସ୍ତାହନ, ଡାଟା ସେଣ୍ଟର, ସେମିକଣ୍ଡକ୍ଟର, ସ୍ୱାସ୍ଥ୍ୟ ଭିତ୍ତିକ ପର୍ଯ୍ୟଟନ, ଦକ୍ଷତା ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଅଧିକ ନିଯୁକ୍ତି ସୃଷ୍ଟି କରିବ।

**-ନଳିନୀ କାନ୍ତ ଧର, ଅର୍ଥନୈତିକ ବିଶେଷଜ୍ଞ, ରାଉରକେଲା**



ଚଳିତ ବଜେଟରେ ବିଶେଷ କିଛି ନୂତନତ୍ୱ ନାହିଁ। କିନ୍ତୁ ଅର୍ଥ ମନ୍ତ୍ରୀ ବର୍ତ୍ତମାନ ସାରା ବିଶ୍ୱରେ ଚାଲିଥିବା ଅସ୍ଥିରତା ମଧ୍ୟରେ ପୁରୁଣା ଅର୍ଥ ବ୍ୟବସ୍ଥାରେ ଅଳ୍ପ କିଛି ପ୍ରୋତ୍ସାହନ ଦେଇ ଅର୍ଥ ବ୍ୟବସ୍ଥାକୁ ଆଗକୁ ବଢ଼ାଇବାର ପ୍ରୟାସ କରିଛନ୍ତି। ଯଦି ଆମେ ଭାରତ ସରକାରଙ୍କ ପୁର୍ବୋଦୟ ଯୋଜନା ଉପରେ ଦୃଷ୍ଟି ପକାଇବା ତାହେଲେ ଓଡ଼ିଶା ପାଇଁ ବିଶେଷ କିଛି ନାହିଁ। ମଧ୍ୟମ ବର୍ଗ ଏବଂ କ୍ଷୁଦ୍ର ଉଦ୍ୟମ ପାଇଁ ଏହି ବଜେଟରେ କିଛି ନୁଆ ପ୍ରୋତ୍ସାହନ ଦିଆଯାଇ ନାହିଁ। ବିଦେଶୀ ଭାରତୀୟ ନିବେଶକମାନଙ୍କ ପାଇଁ ନୁଆ ପ୍ରୋତ୍ସାହନ ବ୍ୟବସ୍ଥା କରାଯାଇଛି।

**-ବ୍ରିଜମୋହନ ଅଗ୍ରୱାଲ, ରାଷ୍ଟ୍ରୀୟ ଅଧ୍ୟକ୍ଷ, କ୍ୟାଟ୍**



ଏହା ଏକ ସନ୍ତୁଳିତ ବଜେଟ୍। ଏମଏସଏମଇ ଅଭିବୃଦ୍ଧି ପାଇଁ ନିଆଯାଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ତେବେ ପ୍ରସ୍ତାବିତ ରେଳ କରିଡ଼ର, ଜାହାଜ ମରାମତି କାରଖାନାରେ ଓଡ଼ିଶା ସ୍ଥାନ ପାଇଥିଲେ ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହୋଇଥାନ୍ତା। ସାମଗ୍ରିକ ଭାବେ ବଜେଟ୍ ସ୍ୱାଗତଯୋଗ୍ୟ।

**-ସୁବ୍ରତ ପଟ୍ଟନାୟକ, ପୂର୍ବତନ ସଭାପତି, ଚାମ୍ବର ଅଫ କମର୍ସ, ରାଉରକେଲା**

## ଏନ୍ଆଇଟି କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକୋତ୍ସବ





**ରାଉରକେଲା, ୧୨(ସମିସ):** ଏନଆଇଟି ରାଉରକେଲାର ଭୁବନେଶ୍ୱର ବେହେରା ଅଡିଟୋରିୟମ୍ ପରିସରରେ ଏନଆଇଟି କେନ୍ଦ୍ରୀୟ ବିଦ୍ୟାଳୟରର ଦ୍ୱିତୀୟ ବାର୍ଷିକୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। 'ଏଆଇକେୟାମ୍ ୨.୦: ଏକ ଉନ୍ନତ ଭବିଷ୍ୟତ ପାଇଁ ହୃଦୟକୁ ଏକଜୁଟ କରିବା' ଶୀର୍ଷକ ଉପରେ ପର୍ଯ୍ୟବେଶିତ ଏହି କାର୍ଯ୍ୟକ୍ରମରେ ଏନ୍ଆଇଟି ରାଉରକେଲା ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ପି. ନୀରଜା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଲର୍ଣ୍ଣର୍ସ ଆଚିଭମେଣ୍ଟ ଟେଷ୍ଟ (ଏଲଏଟି) ରେ କେଭି ଏନ୍ଆଇଟି ରାଉରକେଲା ଭୁବନେଶ୍ୱର ଅଞ୍ଚଳରେ ପ୍ରଥମ ଏବଂ ଜାତୀୟସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରି ରାଜ୍ୟସ୍ତରୀୟ ସଫଳତା ହାସଲ କରିଛି ବୋଲି ସେ କହିଥିଲେ। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ପ୍ରତିଭା ପ୍ରଦର୍ଶନ କରାଯାଇଥିଲା। ମୁଖ୍ୟ ଆକର୍ଷଣଗୁଡ଼ିକ ମଧ୍ୟରେ 'ବନ୍ଦେ ମାତରମ୍' ର ଏକ ହୃଦୟସ୍ପର୍ଶୀ ଉପସ୍ଥାପନା, ରାମାୟଣ ଉପରେ ଏକ ଶକ୍ତିଶାଳୀ ନୃତ୍ୟ ନାଟକ ଏବଂ ଗୁରୁଶିଷ୍ୟ ପରମ୍ପରାକୁ ଶ୍ରଦ୍ଧାଞ୍ଜଳି-ଏକଲବ୍ୟ, ଯୋଦ୍ଧା ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଜାତୀୟ ପ୍ରତୀକ ଉପରେ ନୃତ୍ୟ ପ୍ରମୁଖ ରହିଥିଲା। ବିଦ୍ୟାଳୟର ସତ୍ୟପ୍ରିୟା ପାଣିଗ୍ରହୀ ଏବଂ ପରିସୀମା ରଥ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ପ୍ରଫେସର ସୁରଜିତ ଦାସ, ପ୍ରଫେସର ରୋହନ ଧୀମାନ, ପ୍ରଫେସର ଅନୀଲ ସିଂହ, ଭିଏମ୍ସି ସଦସ୍ୟ ପ୍ରଫେସର ମନୀଷ ଓକାଡେ, ଏନ୍ଆଇଟି ରାଉରକେଲା ଷ୍ଟୁଡେଣ୍ଟ ଆକ୍ଟିଭିଟି ସେଣ୍ଟରର ସଭାପତି ପ୍ରଫେସର ରାଜୀବ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଜ୍ଞା ପରିମିତା ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ।

## ରାଉରକେଲା କଲେଜର ବାର୍ଷିକ ନାଟ୍ୟ ମହୋତ୍ସବ



**ରାଉରକେଲା, ୧୨(ସମିସ):** ସ୍ଥାନୀୟ ସେକ୍ଟର-୪ ସ୍ଥିତ ରାଉରକେଲା କଲେଜ ଏବଂ ରାଉରକେଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ନାଟ୍ୟ ମହୋତ୍ସବ କଲେଜ ନାଟ୍ୟ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଡଃ ରବୀନ୍ଦ୍ର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍ଘାଟନୀ ସଭାରେ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକ ସ୍ୱାବଲମ୍ବୀ, ସ୍ୱାଭିମାନୀ ରାଷ୍ଟ୍ର ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। କଲେଜର ଛାତ୍ର ସଂସଦ ସହ ଉପଦେଷ୍ଟା କରୁଣାକର ପାଟଶାଣୀଙ୍କର ସଂଯୋଜନାରେ ଆୟୋଜିତ ଏହି ସଭାରେ ସଂସଦର ଅନ୍ୟତମ ସହ ଉପଦେଷ୍ଟା ବନ୍ଦନା ସୋରେଙ୍ଗ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ର ସଂସଦ ଉପଦେଷ୍ଟା ମନୋଜ କୁମାର ଦଳେଇ ଏବଂ ଉଚ୍ଚ ମାଧ୍ୟମିକସ୍ତରୀୟ ସାଂସ୍କୃତିକ ପରିଷଦର ଉପଦେଷ୍ଟା ଭାରତୀ ବରୁଆ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ଅନ୍ୟତମ ସହ ଉପଦେଷ୍ଟା ତରଣି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ଅଧ୍ୟାପକ ଅଜିତ୍ ବେକ ମଞ୍ଚାସୀନ ଥିଲେ। ଛାତ୍ରୀ ଆରସୀ ସେନାପତି, କରିସ୍ମା ନାୟକ, ନିମୀଷା କେରକେଟା ଓ ସୁନନ୍ଦା ପାନା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ୨୦୨୫ରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିବା ଓଡ଼ିଆ ବିଭାଗର ଛାତ୍ର ସୌମ୍ୟରଞ୍ଜନ ମହାନ୍ତି ଶ୍ରେଷ୍ଠ ସ୍ନାତକ ଭାବରେ ଏବଂ ସମଗ୍ର ଯୁକ୍ତ ଦୁଇରେ ଶ୍ରେଷ୍ଠ ଛାତ୍ରୀ ଭାବରେ ଦ୍ରଶନ ଫାତମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାଧ୍ୟାପକ ରଶ୍ମି ରଞ୍ଜନ ରାଉତ ଓ ମୌସୁମୀ ଦାସଙ୍କ ପରିଚାଳନାରେ ଛାତ୍ର ସଂସଦ, ସାଂସ୍କୃତିକ ପରିଷଦ, ବାଳକ କମନ୍ ରୁମ୍, ବାଳିକା କମନ୍ ରୁମ୍ ପରିଷଦ, ଅଧ୍ୟାପକ ମଞ୍ଚ ତରଫରୁ ଚଳିତ ବର୍ଷରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ତୃତୀୟ ପର୍ଯ୍ୟାୟର ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅଧ୍ୟାପିକା ପ୍ରିୟଙ୍କା ପଲାଇ, ରଞ୍ଜିତା ପାଣିଗ୍ରାହୀ, ସୁରଭି ଦାସ, ନନ୍ଦିନୀ ପ୍ରିୟଦର୍ଶିନୀ ଦାସ, ଶ୍ୱେତା ସାହୁ। ପ୍ରାଧ୍ୟାପିକା ରଶ୍ମିପ୍ରଭା ମାଥାନ, ରଞ୍ଜିତ ପ୍ରଧାନ, ଅନୁପ ଏକ୍କା, ଦୀପାଳି ପ୍ରଧାନ, ମୀନକେତନ ନାଏକ, ଏଲିଜା ଲୁଗୁନ, ରଚନା ମିଶ୍ର, ସୌମ୍ୟରଞ୍ଜନ ପ୍ରଧାନ, ସୁଶାନ୍ତ ପଟେଲ, ସୁଶାନ୍ତ ରଣା, ସନ୍ତୋଷ ରଜକ, ସୁମନ ଡୁଙ୍ଗଡୁଙ୍ଗ, ସିଦ୍ଧାର୍ଥ ସାହୁ, ଅରବିନ୍ଦ ପ୍ରଧାନ, ଶ୍ରଦ୍ଧାମୟୀ ସାହୁ, ପ୍ରତିମା ପାତ୍ର, ଦିବ୍ୟା ଦୀପ୍ତି ଷଡ଼ଙ୍ଗୀ, ଅଙ୍କିତା ପାଇକରାୟ, ଅଙ୍କିତା ସୁତାର, ଶ୍ୟାମା ରାଣୀ କର, ସ୍ୱସ୍ତି ଭାରତୀ ପରିଡ଼ା, ଝରଣା ପଟେଲ, ତୃପ୍ତି ରାଉତ, ପୁନମ୍ ଖଣ୍ଡେଲୱାଲ, ସାଗରୀକା ନାୟକ ପ୍ରମୁଖଙ୍କ ସମେତ ଗୌରବ ସାହୁ, ରାଜା ଖେସ, ବିକି ନାଗ, ଶ୍ରେୟା ବାଗ, ଅଜୟ କୁମାର ଯାଦବ, ଅନ୍ୱେଷା ନାୟକ, ଅନୁଶ୍ରୀ ରାଉତ, ସରସ୍ୱତୀ ମାଣିକପୁରୀ, ରେଖା ପ୍ରସାଦ, ରାଣୀ କୁମାରୀ ସାହୁ, ଦେବସ୍ମିତା ପଟ୍ଟନାୟକ, ସ୍ୱପ୍ନା ରାଣୀ ସାହୁ, ବିଜୟ କୁମାର ଯାଦବ ପ୍ରମୁଖ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।

## 'ରଶ୍ମିପ୍ରଭା' ପକ୍ଷରୁ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା



**ରାଉରକେଲା, ୧୨(ସମିସ):** ରାଉରକେଲା ସହରରୁ ଗତ କିଛିବର୍ଷ ଧରି ପ୍ରକାଶିତ ତ୍ରୟମାସିକ ସାହିତ୍ୟ ପତ୍ରିକା ରଶ୍ମିପ୍ରଭା ପକ୍ଷରୁ ରବିବାର ବିଭିନ୍ନ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସେକ୍ଟର-୭ ସ୍ଥିତ ଇସ୍ପାତ ସାହିତ୍ୟ ସଂସଦ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପତ୍ରିକାର ସମ୍ପାଦକ ମନୋଜ କୁମାର ନନ୍ଦଙ୍କ ନେତୃତ୍ୱ ଓ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଉରକେଲା ସହରର ୨୦ଟି ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଚିତ୍ରାଙ୍କନ ସହିତ ଓଡ଼ିଆ କବିତା ଓ ଗଳ୍ପ ଲିଖନ ପ୍ରତିଯୋଗିତାରେ ଭାଗନେଇଥିଲେ। ଗଳ୍ପ ପ୍ରତିଯୋଗିତାକୁ ବରିଷ୍ଠ ଶିକ୍ଷୟିତ୍ରୀ ଓ ଲେଖିକା ବିଜୟିନୀ ଜେନା, କବିତା ପ୍ରତିଯୋଗିତାକୁ ବରିଷ୍ଠ ଲେଖିକା ସବିତା ବସ୍ତିଆ, ଚିତ୍ରାଙ୍କନକୁ ଶିକ୍ଷୟିତ୍ରୀ ଏବଂ ଲେଖିକା ଗୀତାରାଣୀ ବେହେରା ପରିଚାଳନା କରିଥିଲେ। ପ୍ରତିଯୋଗିତାଗୁଡିକର କୃତି ପ୍ରତିଯୋଗୀଙ୍କୁ ଆସନ୍ତା ମାର୍ଚ୍ଚ ୨୨ରେ ହେବାକୁ ଥିବା ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି।

## ବଣାଇଁ ପ୍ରସିଦ୍ଧ ଚୈତ୍ର ମେଳା ପାଇଁ ପ୍ରସ୍ତୁତି

**ବଣାଇଁ, ୧୨(ସମିସ):** ବଣାଇଗଡ଼ର ପ୍ରସିଦ୍ଧ ଚୈତ୍ର ମେଳା ପାଇଁ ରାଜନଅର ରେ ଏକ ପ୍ରସ୍ତୁତି ବୈଠକ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। କମିଟିର ସ୍ଥାୟୀ ସଭାପତି ବଣାଇଁ ରାଜା ସାହେବ ବୀର କେଶରୀ ଇନ୍ଦ୍ର ଦେଓଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କମିଟିର ସମ୍ପାଦକ



ତଥା ଆଇନଜୀବି ସୁଦିତ କୁମାର ସାହୁ, ସହ କୋଷାଧ୍ୟକ୍ଷ ଜୟନ୍ତ କୁମାର ଦେଓ, ସମ୍ପଦ ଦିବେଦୀ ବିଗତ ବର୍ଷର ଖର୍ଚ୍ଚ ବିବରଣୀ ପାଠ କରିଥିଲେ। ଚଳିତ ବର୍ଷ ଅପ୍ରେଲ ୬ ତାରିଖ ଠାରୁ ମେଳା ଆରମ୍ଭ ହୋଇ ୩୦ ତାରିଖ ଯାଏ ଚାଲିବ। ଏହି ଦିନ ବଣାଇଁର ପ୍ରସିଦ୍ଧ ଦେବୀ ମା' ବାସୁଳୀଙ୍କ ପ୍ରତିମୂର୍ତ୍ତିରେ ଚକ୍ଷୁଦାନ ପରେ ୯ ଦିନ ଧରି ମାଁ ପଟି ଦିଅଁ ଭାବେ ରାଜ ନଅର ସମ୍ମୁଖରେ ପୂଜା ପାଇବେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ତଥା ରାଜ୍ୟ ବାହାରୁ ଅନେକ ପ୍ରତିଷ୍ଠିତ କଳାକାର ଆସି ଛଉ ନୃତ୍ୟ ପରିବେଷଣ କରିବେ। ୧୩ ତାରିଖ ଗରିଆ ଭାର ଏବଂ ୧୪ ରେ ବିଲ ଯାତ୍ରା ଅନୁଷ୍ଠିତ ହେବ। ଚାରି ଦିନ ଧରି ଛଉ ନୃତ୍ୟ ଅନୁଷ୍ଠିତ ହେବ। ଏହି ମେଳାରେ ବିଭିନ୍ନ ଯାତ୍ରା ପାର୍ଟି, ମୀନା ବଜାର, ଦୋଳି, ଘର କରଣା ସାମଗ୍ରୀ ସହ ବିଭିନ୍ନ ପ୍ରକାରର ଖାଦ୍ୟ ଦୋକାନ ସବୁ ମେଳା ପଡ଼ିଆରେ ବସିବ। ଆସନ୍ତା ୧୫ ରୁ ୧୮ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାକୁ ସ୍ଥିର କରିଯାଇଛି। ଏସବୁ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସମେତ ଅନେକ ଓଡ଼ିଶାର ମନ୍ତ୍ରୀ ମଣ୍ଡଳ ସଦସ୍ୟଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତେଣୁ ସମସ୍ତ କାର୍ଯ୍ୟ କିପରି ସୂଚାରୁରୂପେ ପାଳନ କରାଯିବ ସେଥିପାଇଁ ରାଜା ସାହେବ ସମସ୍ତ ସଦସ୍ୟଙ୍କ ସହଯୋଗ କାମନା କରିଥିଲେ। ସାଂସ୍କୃତିକ ସମ୍ପାଦକ ପଦ୍ମ ଚରଣ ଆଚାର୍ଯ୍ୟ ବୈଠକ ପରିଚାଳନା କରିଥିଲେ। ଆଇନଜୀବୀ ବିଶ୍ୱଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇଜିଏଚ୍‌ରେ ଦୁର୍ଘଟଣାଗ୍ରସ୍ତଙ୍କ ସଫଳ ଅସ୍ତ୍ରୋପଚାର



**ରାଉରକେଲା, ୧୨(ସମିସ):** ଆରଏସପି ଅଧୀନସ୍ଥ ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ) ରେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ମୁଖ ବିକୃତିର ଶିକାର ହୋଇଥିବା ଜଣେ ୨୬ ବର୍ଷୀୟ ଯୁବକଙ୍କ ମୁହଁର ସଫଳ ଅସ୍ତ୍ରୋପଚାର କରାଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ, ଜାନୁଆରୀ ୧୫ ତାରିଖରେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଭାବେ ଆହତ ସମ୍ପୃକ୍ତ ଯୁବକଙ୍କୁ ଇସ୍ପାତ ଜେନେରାଲ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ଏକ ବିସ୍ତୃତ ସିଟି ସ୍କାନ୍‌ରେ ତାଙ୍କର ବାମ ପାର୍ଶ୍ୱ ସମ୍ମୁଖ ହାଡ଼ ଡିପ୍ରେସଡ୍ ଫ୍ରାକ୍ଚର୍ ସହିତ ନିମୋସେଫାଲସ୍, ଲେ ଫୋର୍ଟ ଗ୍ରେଡ୍-୩ ଫ୍ରାକ୍ଚର୍ ସହିତ ମାଣ୍ଡିବୁଲର ଫ୍ରାକ୍ଚର୍ ଥିବା ଜଣା ପଡ଼ିଥିଲା। ଯାହା ବ୍ୟାପକ କ୍ରାନିଓଫେସିଆଲ୍ ଆଘାତ ହୋଇ ରୋଗୀଙ୍କ ମୁହଁ ଅତି ଗୁରୁତର ଭାବେ ବିକୃତ ହୋଇଥିବା ଦେଖାଯାଇଥିଲା। ଏହି ଜଟିଳ ଅସ୍ତ୍ରୋପଚାରରେ ବରିଷ୍ଠ ପରାମର୍ଶଦାତା ଡାକ୍ତର ଜିଏସ୍ ସାହୁ ଏବଂ ବର୍ଣ୍ଣ ଓ ପ୍ଲାଷ୍ଟିକ୍ ସର୍ଜରୀ ଡାକ୍ତର ରୁବି ସିଂହଙ୍କ ଦ୍ୱାରା ସଫଳତାର ସହିତ ଅସ୍ତ୍ରୋପଚାର ସମ୍ପନ୍ନ କରାଯାଇଥିଲା। ଆନାସ୍ଥେସିଆରେ ଅତିରିକ୍ତ ସିଏମଓ ଡାକ୍ତର ମନୋରଞ୍ଜନ ସାମନ୍ତରାୟ ସହାୟତା କରିଥିଲେ। ଏହି ପ୍ରକ୍ରିୟାରେ ସିଷ୍ଟର ଗୋଧୂଳି ଏବଂ ବ୍ରଦର କମଳାକର, ସିଷ୍ଟର ଗୌରୀ, ସିଷ୍ଟର ମନୀଷା, ସିଷ୍ଟର ସୋନିଆ ଏବଂ ନର୍ସିଂ ଦଳ ଦ୍ୱାରା ସର୍ତକତାର ସହ ଅସ୍ତ୍ରୋପଚାର ସମ୍ପନ୍ନ କରାଯାଇଥିଲା।

## ବଣାଇଁରେ ହିନ୍ଦୁ ସମ୍ମିଳନୀ

**ବଣାଇଁ, ୧୨(ସମିସ):** ବଣାଇଁ ସମଗ୍ର ହିନ୍ଦୁ ସମାଜ ତରଫରୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘର ଜନ୍ମ ଶତବାର୍ଷିକୀ ଉପଲକ୍ଷେ ବିଶାଳ ହିନ୍ଦୁ ସମ୍ମିଳନୀ ରାଜା ଧରଣୀଧର ବହୁମୁଖୀ ଖେଳପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀ ପୂର୍ବରୁ ହିନ୍ଦୁ ଭାଇ ଭଉଣୀ ମାନେ ବାବା ବାଣେଶ୍ୱର ମନ୍ଦିର ବ୍ରାହ୍ମଣୀ ନଦୀ ତୀର୍ଥ ଘାଟରୁ ଜଳ ଆଣି କଳସ ଯାତ୍ରାରେ ବାହାରି ହିନ୍ଦୁ ସମ୍ମିଳନୀ ସଭା ପର୍ଯ୍ୟନ୍ତ ଆସିଥିଲେ। ସେଠାରେ ହନୁମାନ ଚାଳିଶା, ବେଦ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ଚିନ୍ମୟ ମିଶନ କେନ୍ଦ୍ରର ପରିଚାଳକ ନିଲିପ୍ତା ନାଥ ସରସ୍ୱତୀ, ରାଉରକେଲା ବିଭାଗ ପ୍ରଚାରକ ସୁବ୍ରତ ସାମନ୍ତରାୟ, ରାଉରକେଲା ବିଭାଗ ସଂଘ ଚାଳକ ଅନାଦି ଚରଣ ମାହାନ୍ତ, ଇସ୍କନ ସଂସ୍ଥାର ସନ୍ଥ ରାଜେନ୍ଦ୍ର ହରି ଦାସ, ଜିଲ୍ଲା ସଂଘ ଚାଳକ ଶିବ ଶଙ୍କର ସାଥୁଆ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ପଣ୍ଡିତ ଶଶୀକାନ୍ତ ଦାସ ସମସ୍ତଙ୍କୁ ହନୁମାନ ଚାଳିଶା ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ଦୟାନିଧି ମାହାନ୍ତ ପରିଚାଳନା କରିଥିବା ବେଳେ ହିନ୍ଦୁ ସମ୍ମିଳନୀ କମିଟିର ସଭ୍ୟସଭ୍ୟା ସହଯୋଗ କରିଥିଲେ।

# 'ସଂକଳ୍ପ'ର ନୂତନ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ ସମାରୋହ

ରାଉରକେଲା, ୧୨(ସମିସ)



ସହରର ଅନ୍ୟତମ ଅଗ୍ରଣୀ ନାଟ୍ୟାନୁଷ୍ଠାନ ସାଂସ୍କୃତିକ କଳାପରିଷଦ 'ସଂକଳ୍ପ' ରାଉରକେଲାର ନୂତନ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ ଉତ୍ସବ ଆଜି ପୂର୍ବାହ୍ନରେ ବାସନ୍ତୀ କଲୋନୀସ୍ଥିତ ବାସଭବନ 'ମିରାଶିଷ'ଠାରେ ଅନୁଷ୍ଠିତ ହୋଇଛି। ସଭାପତି ଡ. କିଶୋରୀ ଦାଶଙ୍କ ସଭାପତିତ୍ୱ ଅନୁଷ୍ଠିତ ଏହି ବୈଠକରେ ଗତ ସାଧାରଣ ପରିଷଦ ବୈଠକରେ ଆଗାମୀ ୨ ବର୍ଷ ନିମନ୍ତେ ମନୋନୀତ କର୍ମକର୍ତ୍ତା ଓ ପଦାଧିକାରୀ ନିଜସ୍ୱ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି କ୍ରମରେ ଡ. କିଶୋରୀ ଦାଶ ସଭାପତି, ସରୋଜ ଚନ୍ଦ୍ର କବି ଓ ପର୍ଶୁରାମ ପଟ୍ଟନାୟକ ଉପସଭାପତି, ପ୍ରକାଶ କୁମାର ସାହାଣୀ ସାଧାରଣ ସମ୍ପାଦକ, ପ୍ରିୟଦର୍ଶନ ରାଉତ ସମ୍ପାଦକ, କୁଞ୍ଜନଲାଲ ବୋଷ କୋଷାଧ୍ୟକ୍ଷ, ଅକ୍ଷୟ ଧଳ ଲୋକ ସମ୍ପର୍କ ସଚିବ, ବଟକୃଷ୍ଣ ଶତପଥୀ ସଂଗଠନ ସମ୍ପାଦକ, ଦୀପକ କୁମାର ପାଢ଼ୀ ସାଂସ୍କୃତିକ ସମ୍ପାଦକ, ଅଶ୍ୱିନୀ କୁମାର ସାମଲ ନିରୀକ୍ଷକ, ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ ଆଇନ ପରାମର୍ଶଦାତା ଭାବେ ଦାୟିତ୍ୱ ନେଇଛନ୍ତି। ସେହିଭଳି କାର୍ଯ୍ୟକାରୀ ସଦସ୍ୟ ଓ ସଦସ୍ୟ ରୂପେ ସଞ୍ଜୟ କୁମାର ମହାନ୍ତି, ସନ୍ତୋଷ କୁମାର ପଟ୍ଟନାୟକ, ଅଧ୍ୟାପକ ବସନ୍ତ କୁମାର ଦାସ, ପ୍ରବିର କୁମାର ଜେନା, ସନ୍ତୋଷ କୁମାର ରଥ, କୀର୍ତ୍ତନ ସାମଲ, ଅଞ୍ଜଳୀ ବିଶ୍ୱାଳ, ମମତାଞ୍ଜଳୀ ଦାସ, ରାନୁ ମହାପାତ୍ର, ରଶ୍ମୀରେଖା ଦାସ, ଭାଗ୍ୟଶ୍ରୀ ପଣ୍ଡା, ଜୟନ୍ତୀ ପାତ୍ର ଦାୟିତ୍ୱ ନେଇଛନ୍ତି। 'ସଂକଳ୍ପ'ର ପୃଷ୍ଠପୋଷକ ଭାବେ ମଞ୍ଜୁ ମୁଖାର୍ଜୀ ଓ ପ୍ରସନ୍ନ କୁମାର ଦାଶ ଥିବା ବେଳେ ଉପଦେଷ୍ଟା ଭାବେ ଗିରିଶ ମହାପାତ୍ର, ସୁଦିତ ସାହୁ, ସୁଦାମ ଚରଣ ଦାଶ ମନୋନୀତ ହୋଇଛନ୍ତି। ଏତଦ୍‌ବ୍ୟତୀତ କଳା ଓ ସଂସ୍କୃତି ପ୍ରତି ରୁଚି ଥିବା ୨୦ ଜଣଙ୍କୁ ସଦସ୍ୟ ଓ ସଦସ୍ୟା ଭାବେ ଗ୍ରହଣ କରାଯାଇଛି। ସଭାପତି ଡ. କିଶୋରୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଦାୟିତ୍ୱଗ୍ରହଣ ଉତ୍ସବରେ 'ସଂକଳ୍ପ'ର ନୂତନ

**ଡ. କିଶୋରୀ ସଭାପତି, ପ୍ରକାଶ ସାଧାରଣ ସମ୍ପାଦକ**

ଭାବେ ମନୋନୀତ ପଦାଧିକାରୀ, କର୍ମକର୍ତ୍ତା ଓ କାର୍ଯ୍ୟକାରୀ ସଦସ୍ୟ ଓ ସଦସ୍ୟାଙ୍କ ସମେତ ଅନ୍ୟତମ ବିଶିଷ୍ଟ ଶ୍ରମିକ ନେତା ତଥା 'ସଂକଳ୍ପ'ର ପ୍ରମୁଖ ସଦସ୍ୟ ରମେଶ ଚନ୍ଦ୍ର ସେଠୀ, ସଦସ୍ୟ ଦିପ୍ତି ରଞ୍ଜନ ବାରିକ ଯୋଗଦେଇ ଆଗାମୀ ଦିନର କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ସାଧାରଣ ସମ୍ପାଦକ ପ୍ରକାଶ ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ

# ଦାଣ୍ଡବୋଷ ବିମାନ ବନ୍ଦର ନିର୍ମାଣ କାର୍ଯ୍ୟ ହେବ ତ୍ୱରାନ୍ୱିତ

ରାଇରଙ୍ଗପୁର, ୧।୨(ସମିସ)

ଦାଣ୍ଡବୋଷ ବିମାନବନ୍ଦର ନିର୍ମାଣ କାମ ତ୍ୱରାନ୍ୱିତ କରିବା ନିମନ୍ତେ ଜମି ଅଧିଗ୍ରହଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି। ବିମାନବନ୍ଦର ନିମନ୍ତେ ଜମି ଅଧିଗ୍ରହଣରେ ସ୍ଥାନାନ୍ତରିତ ହୋଇଥିବା ୪୩ଟି ପରିବାରକୁ ପ୍ରାୟ ୧.୫ କୋଟି ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରାଯିବ। ଚିହ୍ନଟ ହୋଇଥିବା ପରିବାରଙ୍କୁ ଉକ୍ତ ଟଙ୍କା ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଉଡାନ ଯୋଜନାରେ ଦାଣ୍ଡବୋଷରେ ଜାତୀୟ ସ୍ତରର ବିମାନ ବନ୍ଦର ନିର୍ମାଣ ପ୍ରାୟ ୧୧୭ ଏକର ଜମି ଚିହ୍ନଟ ହୋଇଛି। ଯେଉଁଥିରେ କି ବିମାନ ବନ୍ଦର ନିମନ୍ତେ ରନୱେ, ଏୟାର ଟ୍ରାଫିକ ପରିଚାଳନା କେନ୍ଦ୍ର, ବିମାନ ବନ୍ଦର କାର୍ଯ୍ୟାଳୟ ସମେତ ଅନ୍ୟ ବିଲ୍ଡିଂ ରହିବ। ଏଥିସହିତ ଉତ୍ତର ଓଡ଼ିଶାର ଯୁବପିଢ଼ିଙ୍କୁ ପାଇଲଟ ହେବାର ସୁଯୋଗ ପ୍ରଦାନ ପାଇଁ ଦାଣ୍ଡବୋଷରେ ପାଇଲଟ ତାଲିମ କେନ୍ଦ୍ର ପ୍ରତିଷ୍ଠା ହେବାକୁ ଯାଉଛି। ଏ ନେଇ ହାଇଦ୍ରାବାଦରେ ୱିଙ୍ଗ୍ସ ଇଣ୍ଡିଆ ୨୦୨୬ରେ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏସବୁ କାର୍ଯ୍ୟ ନିମନ୍ତେ ଆବଶ୍ୟକ ଜମି ଅଧିଗ୍ରହଣ ହୋଇଛି।

ଜିଲ୍ଲାପାଳ ହେମକାନ୍ତ ସୟଙ୍କ ନିର୍ଦ୍ଦେଶକ୍ରମେ ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଜମି ଅଧିଗ୍ରହଣ କାମ ଶେଷ ହୋଇଛି। ରାଇରଙ୍ଗପୁର ତହସିଲ ଅନ୍ତର୍ଗତ ମୁରୁଗାଘୁଟୁ ଓ ପୋଖରିଆ ଗ୍ରାମାଞ୍ଚଳରେ ପୂର୍ବରୁ ସରକାରୀ ଜମିକୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଇଛି। ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ପଲ୍ଲୀସଭା ଅନୁଷ୍ଠିତ ହୋଇଥିଲା। ତହସିଲଦାର ବିଶ୍ୱନାଥ ବିଶ୍ୱାଳ ଓ ଅନ୍ୟ ତହସିଲ କର୍ମଚାରୀଙ୍କ ଉପସ୍ଥିତରେ ମାପଚୁପ ହୋଇ ଆବଶ୍ୟକ ୧୧୭ ଏକର ଜମି ଅଧିଗ୍ରହଣ କରାଯାଇଛି। ୪୩ ଜବରଦଖଲକାରୀଙ୍କୁ ସ୍ଥାନାନ୍ତରିତ କରାଯାଇଛି। ସ୍ଥାନାନ୍ତରିତ ସମୟରେ ଜମିକୁ ନେଇ ବିବାଦ ଦେଖାଦେଇଥିଲା। ନିୟମ ଅନୁପାଳନ ନ କରି ଜମିରୁ ସ୍ଥାନାନ୍ତରିତ କରିଥିବା ନେଇ ରାଇରଙ୍ଗପୁର ତହସିଲଦାର ଶ୍ରୀ ବିଶ୍ୱାଳଙ୍କ ନାମରେ ମାନବ ଅଧିକାରୀ କମିଶନଙ୍କ ନିକଟରେ ଦୁଇଟି ମାମଲା ରୁଜୁ ହୋଇଥିଲା। ଏହାପରେ ବି ସରକାରୀ ଜମିରେ ଜବରଦଖଲକାରୀଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରାଯାଉଛି। ଜିଲ୍ଲାପାଳ ଶ୍ରୀ ସୟଙ୍କ ନିର୍ଦ୍ଦେଶକ୍ରମେ ଉପଖଣ୍ଡସ୍ତରୀୟ ଏକ କମିଟି କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ବିଭାଗକୁ ଜଣାଇଥିଲେ। ଯାହାକୁ ନେଇ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ପ୍ରାୟ ୧.୫ କୋଟିର କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ଅତିରିକ୍ତ ସଚିବ ପତ୍ର ଯୋଗେ ସୂଚିତ କରିଥିଲେ। ଉକ୍ତ ରାଶିକୁ ଜିଲ୍ଲା ଜମି ଅଧିଗ୍ରହଣ ଅଧିକାରୀଙ୍କ ଜରିଆରେ ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ବେସାମରିକ ବିମାନ ଚଳାଚଳ ବିଭାଗ ପକ୍ଷରୁ ଉଡାନ ଯୋଜନାରେ ଦାଣ୍ଡବୋଷ ବିମାନ ବନ୍ଦର ନିର୍ମାଣ




- ସ୍ଥାନାନ୍ତରିତ ୪୩ଟି ପରିବାରକୁ ଦିଆଯିବ ୧.୫ କୋଟି
- କ୍ଷତିପୂରଣ ଟଙ୍କା ପ୍ରଦାନ ପ୍ରକ୍ରିୟା ଆରମ୍ଭ

ନିମନ୍ତେ ସ୍ଥିର କରିଥିବାବେଳେ ଅନେକ ବାଧାବିଘ୍ନ ପରେ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବାକୁ ଯାଉଛି। ମାପଚୁପ ହୋଇ ଜମି ଅଧିଗ୍ରହଣ ପ୍ରକ୍ରିୟା ସମ୍ପାଦନ ହୋଇଛି। ବିଶେଷଜ୍ଞ ଦଳଙ୍କ ନିର୍ଦ୍ଦେଶ ଅନୁଯାୟୀ ପୂର୍ତ୍ତ ବିଭାଗ ପକ୍ଷରୁ ବିମାନ ବନ୍ଦର ସମସ୍ତ କାର୍ଯ୍ୟ ମଧ୍ୟ ଜାରି ରହିଛି। ଖୁବଶୀଘ୍ର ବିମାନ ବନ୍ଦର ଭିତ୍ତିଭୂମି ପ୍ରସ୍ତୁତ କରି ଏହାକୁ କାର୍ଯ୍ୟକ୍ଷମ କରିବାକୁ ଯୋଜନା ରହିଛି। ପ୍ରଥମ ପର୍ଯ୍ୟାୟରେ ରାଇରଙ୍ଗପୁରରୁ ରାଉରକେଲାକୁ ବିମାନ ସେବା ଆରମ୍ଭ ହେବା ନେଇ ପ୍ରସ୍ତାବ ରହିଛି। ଫଳରେ ବିମାନ ସୁଗମ ଗମନାଗମନ ବ୍ୟବସ୍ଥା ହେବା ସହ ଅର୍ଥନୈତିକ ଅଭିବୃଦ୍ଧି ଘଟିବ।

## ଜିଲ୍ଲା ଶ୍ରମ ଅଫିସରଙ୍କ କାର୍ଯ୍ୟକଳାପକୁ ନିର୍ମାଣ ଶ୍ରମିକ ସଂଘର ବିରୋଧ



**ବାରିପଦା, ୧।୨(ସମିସ):** ସ୍ଥାନୀୟ ପାଲବଣୀଠାରେ ମୟୂରଭଞ୍ଜ ନିର୍ମାଣ ଶ୍ରମିକ ସଂଘର ଏକ ବୈଠକ ଗୁରଭା ହାଁସଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଜିଲ୍ଲା ଶ୍ରମ ଅଫିସର (କଲ୍ୟାଣ)ଙ୍କ କାର୍ଯ୍ୟକଳାପକୁ ତୀବ୍ର ବିରୋଧ କରାଯାଇଛି। ବାହାଘର, ଶିକ୍ଷା ଓ ମୃତ୍ୟୁକାଳୀନ ସହାୟତା, ନୂତନ ଶ୍ରମ କାର୍ଡ ପ୍ରଦାନ ଇତ୍ୟାଦି କ୍ଷେତ୍ରରେ ନାନା ଅନିୟମିତତା ଦେଖାଯାଉଛି। ତାଙ୍କ ଅଫିସରେ ଦଲାଲଙ୍କ ପ୍ରାଦୁର୍ଭାବ ବଢ଼ିଯାଇଛି। ଘୋଷଖୋରି କାରବାର ଅଫିସରଙ୍କ ଜାଣତରେ ହେଉଛି। ସମସ୍ତ କାର୍ଯ୍ୟକଳାପରେ ସ୍ୱଚ୍ଛତା ଓ ନିୟମିତତା ଆଣିବାକୁ ସଂଘ ଦାବି କରାଯାଇଛି।

ଏଥିସହିତ ଆଗାମୀ ୧୨ ତାରିଖରେ ବିଭିନ୍ନ ଶ୍ରମିକ ସଂଗଠନର ମିଳିତ ଆନୁକୂଲ୍ୟରେ ଦିଆଯାଇଥିବା ଧର୍ମଘଟକୁ ସଂଘ ସମର୍ଥନ କରିବ ବୋଲି ନିଷ୍ପତ୍ତି ନେଇଛି। କେନ୍ଦ୍ର ସରକାରଙ୍କ ଶ୍ରମିକ ସ୍ୱାର୍ଥ ବିରୋଧି ୪ଟି ଶ୍ରମ କୋର୍ଡ ବାତିଲ ପାଇଁ ଧର୍ମଘଟ ଡାକରା ଦିଆଯାଇଛି। କେନ୍ଦ୍ର ସରକାର ୪୪ଟି ଶ୍ରମ ଆଇନକୁ ଭାଙ୍ଗି ୪ଟି ଶ୍ରମ କୋର୍ଡ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଯାହା ଶ୍ରମିକ ସମାଜର ସ୍ୱାର୍ଥ ବିରୋଧି। ଅନ୍ୟ କେତେକ ଦାବିକୁ ନେଇ ଏ ଧର୍ମଘଟ ଡାକରା ଦିଆଯାଇଛି। ସଂଘର ସାଧାରଣ ସମ୍ପାଦକ କାହ୍ନୁଚରଣ ବେହେରାଙ୍କ ଆହ୍ୱାନ କ୍ରମେ ଆୟୋଜିତ ବୈଠକରେ ସିଂନଗୋ ଲତା ମାଝୀ, ହେମନ୍ତ ଗିରି, ଯଶବନ୍ତ ମହାନ୍ତ, ରଞ୍ଜନ ପାତ୍ର, କଲେଇ ରଞ୍ଜନ ପରିଡ଼ା, ସଞ୍ଜୀବ କୁମାର ବାରିକ, ମୁକେଶ ମହାନ୍ତ, ତରୁଣ କୁମାର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

## କଲୋନୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ମୋରଡ଼ା, ୧।୨(ସମିସ):** ମୋରଡା ବ୍ଲକ ଅଧୀନ କଲୋନୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସବିତା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୋରଡା ବିଇଓ ବିଜୟ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଗୋପବନ୍ଧୁ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧାଂଶୁ ସେଠୀ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ରବି ସିଂ, ସାମ୍ବାଦିକ ଅବିନାଶ ମହାନ୍ତି, ତୁଷାରକାନ୍ତ ବେହେରା, ସମାଜସେବୀ ଅଞ୍ଜନ ନାୟକ, ବିଦ୍ୟାଳୟ ଏସ୍‌ଏମ୍‌ସି କମିଟି ସଭାପତି କେଶବ ବାରିକ ପ୍ରମୁଖ ଯୋଗଦେଇ ଶିକ୍ଷା ସହିତ ଉତ୍ତମ ସଂସ୍କାର ଅତ୍ୟନ୍ତ ଜରୁରୀ, କଠିନ ପରିଶ୍ରମ ଦ୍ୱାରା ସଫଳତାର ଶୀର୍ଷରେ ପହଞ୍ଚିପାରିବ ବୋଲି କହିଥିଲେ। ଏଥିସହ ଭଲ ମଣିଷ ହେବାକୁ ହେଲେ ପ୍ରଥମେ ମଣିଷପଣିଆର ଆବଶ୍ୟକ। ପିଲାମାନେ ବିଭିନ୍ନ ପ୍ରକାରର ଖେଳ, ପ୍ରତିଯୋଗିତାରେ ପୂର୍ବରୁ ଭାଗ ନେବାକୁ ଆଗ୍ରହ ଦେଖାଉଥିଲେ। କିନ୍ତୁ ବର୍ତ୍ତମାନର ପିଲା ମୋବାଇଲରେ ଏତେ ବ୍ୟସ୍ତ ଯେ ଖେଳକୁଦଠାରୁ ଦୂରେଇ ଯାଉଛନ୍ତି। ଫଳରେ ମାନସିକ ଚାପରେ ରହିବା ସହିତ ଜିଦଖୋର ହେଉଛନ୍ତି। ତେଣୁ ପିଲାମାନେ ଯେତେ ସମ୍ଭବ ମୋବାଇଲଠାରୁ ଦୂରରେ ରହି ବିଭିନ୍ନ ପ୍ରକାରର କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ କେଦାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା 'ପୁଅ ପାଇଁ ବାପା ରାଜରାସ୍ତାରେ' ନାଟକ ପରିବେଷଣ କରାଯିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମହାରାଜା ପ୍ରତାପ ଚନ୍ଦ୍ର ବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା



**ବେତନଟୀ, ୧।୨(ସମିସ):** ବେତନଟୀ ପିଏମଶ୍ରୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ ଅର୍ଜୁନ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବେତନଟି ଥାନା ସବ୍‌ଇନ୍ସପେକ୍ଟର ମଦନ ପରିଡ଼ା ଯୋଗ ଦେଇଥିଲେ। ମୁଖ୍ୟଅତିଥି କିପରି ସାଇବର ଠକଙ୍କଠୁ ନିଜକୁ ସୁରକ୍ଷିତ ରଖିବେ, ଯେପରିକି ଅଜଣା ଲିଙ୍କରେ କ୍ଲିକ୍ ନ କରିବା, ପବ୍ଲିକ ୱାଇଫାଇ ବ୍ୟବହାର ନ କରିବା, ସୋସିଆଲ ମିଡିଆ ଆପ୍‌ରେ ଷ୍ଟ୍ରଙ୍ଗ ପାସୱାର୍ଡ ରଖିବା, ଅଜଣା ଲୋକଙ୍କୁ ଓଟିପି ନ ଦେବା ଆଦି ସମ୍ବନ୍ଧରେ ଗୁରୁତ୍ୱାରୋପ କରିଥିଲେ। ସାଇବର୍ ଠକଙ୍କ ଦ୍ୱାରା ଶିକାର ହେଲେ ୧୯୩୦ ଟୋଲ ଫ୍ରି ନମ୍ବରକୁ ସଙ୍ଗେ ସଙ୍ଗେ ଫୋନ୍ କରିବା ପାଇଁ ପରାମର୍ଶ ଦେଇଥିଲେ। ଏ ଅବସରରେ ଆୟୋଜିତ ସାଇବର ସଚେତନତା କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଇତିଶୀ ମନ୍ତ୍ରୀ, ଶିକ୍ଷକ ନିରୋଜ ମହାନ୍ତ, ସୁବୋଧ ସାହୁ, ପ୍ରକାଶ ଗିରି, ହେମନ୍ତ ଦାସ, ଅମରଜ୍ୟୋତି ସ୍ୱାଇଁ, ରାଜକମଲ ସାତୁଆ, ଅଜୟ ବାରିକ, ସୌରଭ ନନ୍ଦ, ସୁନୀଲ ସାହୁ, ଶିକ୍ଷୟିତ୍ରୀ ମନସ୍ୱିନୀ ପଟ୍ଟନାୟକ, କାପୁରା ସୋରେନ, ଯାଜ୍ଞସେନୀ ବେହେରା, ମୌସୁମୀ ମଣ୍ଡଳ, ଗାୟତ୍ରୀ ରାଉତ ଓ ଖଗେନ ମହାନ୍ତ, ଅଞ୍ଜଳି ମହାନ୍ତି, ହୃଷିକେଶ ମହାପାତ୍ର, ହିତେଶ ଗନ୍ତାୟତ, ଅଣଶିକ୍ଷା କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।

## ବାସିପିଠା ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**କୁଆମରା, ୧।୨(ସମିସ):** ଖୁଣ୍ଟା ବ୍ଲକ ଅନ୍ତର୍ଗତ ବାସିପିଠା ଉଚ୍ଚପ୍ରାଥମିକ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ 'କଳିକା' ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ କଳ୍ପତରୁ କଟୁଆଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ବ୍ଲକ ଶିକ୍ଷାଧିକାରୀ ମନମୋହନ ହେମ୍ବ୍ରମ, ମୁଖ୍ୟବକ୍ତା ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ପଣ୍ଡା, ସମ୍ମାନିତ ଅତିଥି ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ନର୍ଥ ଜୋନ ସଚିବ ରାଜେଶ ପ୍ରଧାନ, ଏବିଇଓ ବୃନ୍ଦାବନ ମାରାଣ୍ଡି, ଅଞ୍ଜଳି ମହାନ୍ତ, ସିଆରସିସି ଆମ୍ବାଇ ସୋରେନ ପ୍ରମୁଖ ଯୋଗଦେଇ ପିଲାଙ୍କ ପାଇଁ ବିଦ୍ୟାଳୟ ହେଉଛି ଜ୍ଞାନର ଝରଣା ବୋଲି ମତବ୍ୟକ୍ତ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଟିନା ମାମୁନି ପୋଥାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଆଶିଷ ସିଂ ଓ ଗଣେଶ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏ ଅବସରରେ ବାର୍ଷିକ କ୍ରୀଡ଼ାର ଚାମ୍ପିଅନ ପିଆର ଚନ୍ଦନ, କାହ୍ନା ଟୁଡୁ, ଉତ୍ତମ ଛାତ୍ର ଭାବେ ଲଳିତ ସୋରେନ, ସ୍ୱେଚ୍ଛାସେବୀ ରାହୁଲ ସିଂଙ୍କ ସମେତ ୬୦ ଜଣଙ୍କ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ମାଆର ମମତା ନାଟକ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ମିତ୍ରବିନ୍ଧ୍ୟା ହାଁସଦା, ଶାନ୍ତିଲତା ସିଂ, ସୁଷମା ବିନ୍ଧାଣୀ ପ୍ରମୁଖ ପରିଚାଳନା କରିଥିଲେ।

## ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ହେଲିପ୍ୟାଡ୍ ପ୍ରସ୍ତୁତ

# ସ୍ଥିତି ଅନୁଧ୍ୟାନ କଲେ ବାୟୁସେନା ଅଧିକାରୀ



**ରାଇରଙ୍ଗପୁର, ୧।୨(ସମିସ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫେବୃଆରୀ ୪ରୁ ୬ ତାରିଖ ପର୍ଯ୍ୟନ୍ତ ୩ ଦିନିଆ ଜିଲ୍ଲା ଗସ୍ତରେ ଆସୁଛନ୍ତି। ଏ ନେଇ ପ୍ରସ୍ତୁତି ଜାରି ରହିଥିବାବେଳେ ହେଲିପ୍ୟାଡ୍ ପ୍ରସ୍ତୁତି ଶେଷ ହୋଇଛି। ଗସ୍ତ ପୂର୍ବରୁ ରବିବାର ବାୟୁସେନା ଅଧିକାରୀ ସ୍ଥିତି ଅନୁଧ୍ୟାନ କରିଛନ୍ତି। ରାଇରଙ୍ଗପୁରସ୍ଥ ଦାଣ୍ଡବୋଷ ଓ ଯଶିପୁରସ୍ଥ ଅନୁକୂଳପୁର ଫୁଟବଲ ପଡ଼ିଆରେ ହେଲିପ୍ୟାଡ ପ୍ରସ୍ତୁତ ହୋଇଛି। ହେଲିକାପ୍ଟର ଅବତରଣ ନିମନ୍ତେ ନିର୍ମିତ ହେଲିପ୍ୟାଡ ଅନୁଧ୍ୟାନ କରିଥିଲେ। ରାଷ୍ଟ୍ରପତିଙ୍କ ହେଲିକ୍ୟାପ୍ଟରକୁ ମିଶାଇ ୩ଟି ହେଲିକ୍ୟାପ୍ଟର ହେଲିପ୍ୟାଡରେ ଅବତରଣ କରିବ। ଉକ୍ତ ସ୍ଥାନକୁ ବାୟୁସେନାର ଅଧିକାରୀ ହେଲିକ୍ୟାପ୍ଟର ଯୋଗେ ଆସି ସ୍ଥିତ ଅନୁଧ୍ୟାନ କରିଛନ୍ତି। ପଶ୍ଚିମବଙ୍ଗର କୋଲେଇକୁଣ୍ଡାଠାରୁ ବାୟୁସେନାର ସ୍ୱତନ୍ତ୍ର ଅଧିକାରୀ ରବିବାର ଦିନ ଦୁଇଥର ହେଲିକ୍ୟାପ୍ଟର ଯୋଗେ ଆସି ହେଲିପ୍ୟାଡର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହିତ ବାୟୁସେନାର ଅଧିକାରୀ ହେଲିପ୍ୟାଡରେ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ହେଲିକ୍ୟାପ୍ଟର ଅବତରଣ ସହ କାରକେଡର କିପରି ପରିଚାଳନା ହେବ, ସେ ନେଇ ଅଧିକାରୀଙ୍କ ଉପସ୍ଥିତିରେ ଅନୁଧ୍ୟାନ ହେଉଛି। ଅନୁକୂଳପୁର ହେଲିପ୍ୟାଡ୍ କଡ଼ରେ ଥିବା ଗଛ କାଟିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଫେବୃଆରୀ ୪ରୁ ୬ ତାରିଖ ଗସ୍ତ ଅବସରରେ ରାଇରଙ୍ଗପୁରର ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ ସହ ଉଦଘାଟନ କାର୍ଯ୍ୟକ୍ରମ ରହିଛି। ପରେ ରାଷ୍ଟ୍ରପତି ଶିମିଳିପାଳ ଅଭୟାରଣ୍ୟ ବୁଲିବା ସହ ରାତ୍ର ରହଣି କରିବେ। ତେଣୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

# ମାଣିଦା +୨ କଲେଜର ସାମ୍ବତ୍ସରିକ ଉତ୍ସବ

**ରସଗୋବିନ୍ଦପୁର, ୧।୨(ସମିସ):** ମାଣିଦାସ୍ଥ ସହିଦ ମେମୋରିଆଲ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୩୬ତମ ସାମ୍ବତ୍ସରିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଥମେ ନିମନ୍ତ୍ରିତ ଅତିଥି, ଅଧ୍ୟକ୍ଷ, ସମସ୍ତ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀ ବିଦ୍ୟାଳୟ ପରିସରରେ ସ୍ଥାପିତ ସହିଦ ସ୍ତମ୍ଭ ଓ ମହାତ୍ମା ଗାନ୍ଧୀଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ କରି ସମବେତ ରାମଧୁନ ଗାନ କରିଥିଲେ। ମୁଖ୍ୟଅତିଥି ଭାବେ ବାରିପଦା ଉପଜିଲ୍ଲପାଳ ଡ. ଦୟାସିନ୍ଧୁ ପରିଡ଼ା, ସ୍ୱତନ୍ତ୍ର ଅତିଥି ଭାବେ ରାସଗୋବିନ୍ଦପୁର ତହସିଲଦାର ଉପେନ୍ଦ୍ର ଦାସ, ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ହୀରା ମୋହନ ଦାଶ, ଉପେନ୍ଦ୍ର ନାଥ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସଞ୍ଜୀବ ନାୟକ, ପୂର୍ବତନ ଅଧ୍ୟକ୍ଷ ବଜେନ୍ଦ୍ର କୁମାର ସେନାପତି, ନଗର ଉନ୍ନୟନ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ମହାତ୍ମା ଗାନ୍ଧୀ, ଭାରତର ଅମର ସହିଦ, ମହାବିଦ୍ୟାଳୟର ପ୍ରଥମ ପରିଚାଳନା ସମିତି ସଭାପତି ପୂର୍ଣ୍ଣଚନ୍ଦ୍ର ଧରମହାପାତ୍ର ପ୍ରମୁଖଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ମହାବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ସହିଦ'ର ଷୋଡଶ ସଂଖ୍ୟା ଲୋକାର୍ପିତ ହୋଇଥିଲା। ୨୦୨୫ ପରୀକ୍ଷାରେ ବିଜ୍ଞାନ ବିଭାଗରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ନିହାରିକା ମହାନ୍ତ, ଗଜେନ୍ଦ୍ର ନାଥ ସ୍ମୃତି ସମ୍ମାନ, କଳା ପରୀକ୍ଷାର ଜ୍ୟୋତିରେଖା ରାଉଳ, ସୂର୍ଯ୍ୟମଣି ଦେବୀ ସ୍ମୃତି ସମ୍ମାନରେ ସମ୍ମାନିତ ହୋଇଥିଲେ। ଲକ୍ଷ୍ମୀପ୍ରିୟା ମହାନ୍ତ ଆଦର୍ଶ ଛାତ୍ର ସମ୍ମାନ, ରାଜଶ୍ରୀ ମହାନ୍ତି ଲିଟେରାରୀ ଚାମ୍ପିଅନ, ହିତେଶ ବେହେରା ସ୍ପୋର୍ଟ୍ସ ବାଳକ ଚାମ୍ପିଅନ, ସଞ୍ଜିତା ମାର୍ଣ୍ଡି ସ୍ପୋର୍ଟ୍ସ ବାଳିକା ସମ୍ମାନରେ ସମ୍ମାନିତ ହୋଇଥିଲେ। ଅଧ୍ୟକ୍ଷ ଡ. ଦିଲ୍ଲୀପ କୁମାର ଭୋଇ ଅଧ୍ୟକ୍ଷତା କରିଥିବାବେଳେ ଇଂରାଜୀ ଅଧ୍ୟାପିକା ଦେବୀଦତ୍ତା ଦାସ ଓ ଓଡ଼ିଆ ଅଧ୍ୟାପକ ସନ୍ୟାସୀ ମାଝି ମଞ୍ଚ ପରିଚାଳନା କରିଥିଲେ। ପଦାର୍ଥ ବିଜ୍ଞାନ ଅଧ୍ୟାପକ ଗିରିଜା ଶଙ୍କର ମହାପାତ୍ର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ସଂସ୍କୃତ ଅଧ୍ୟାପକ ବିଶ୍ୱରଞ୍ଜନ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।



## ୧୫ରୁ ଜାତୀୟ ସ୍ତରର ଦିବାରାତ୍ର ଗୋଶାଳା କପ୍ କ୍ରିକେଟ୍

# ଖେଳାଳି ନିଲାମ ଶେଷ; ହୀରକ ସିଂ ଦାମୀ ଖେଳାଳି

**ବାରିପଦା, ୧।୨(ସମିସ):** ସ୍ଥାନୀୟ ତୁଳସୀଚଉରା ଦୁର୍ଗାପୂଜା ପଡ଼ିଆରେ ଫ୍ରେଣ୍ଡସ ୟୁନିଅନ ଓ ଶ୍ରୀଦୁର୍ଗା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଦ୍ୱିତୀୟ ବାର୍ଷିକ ଜାତୀୟ ସ୍ତରୀୟ ଦିବାରାତ୍ର ଗୋଶାଳା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୧୫ରୁ ମାର୍ଚ୍ଚ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବା ନେଇ ଆୟୋଜକ କମିଟି ପ୍ରକାଶ କରିଛନ୍ତି। ଏହି ନିଲାମୀ ପ୍ରକ୍ରିୟାରେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ମୋଟ ୧୮୦ ଜଣ ଖେଳାଳି ନାମ ପଞ୍ଜୀକରଣ କରିଥିବାବେଳେ ଟୁର୍ଣ୍ଣାମେଣ୍ଟର ଦାମୀ ଖେଳାଳି ଭାବେ ହୀରକ ସିଂଙ୍କୁ ସର୍ବାଧିକ ୨୯ ହଜାର ୩ ଶହ ଟଙ୍କାରେ ଏଞ୍ଜେଲ ରଣା କ୍ରୟ କରିଥିବାବେଳେ ଯଶୋବନ୍ତ ମାଝୀଙ୍କୁ ୧୯ ହଜାର ୮ ଶହରେ ରୁଦ୍ରାକ୍ଷ ଏକାଦଶ ଓ ବିକି ମାହାନାଙ୍କୁ ୧୯ ହଜାର ୬ ଶହରେ ଦାନୀ ଏକାଦଶ କ୍ରୟ କରିଥିବା ସମ୍ପାଦକ ଲକ୍ଷ୍ମୀନାରାୟଣ ଦାସ ଜଣାଇଛନ୍ତି। ୧୦ଟି ଟିମର ମାଲିକ ବହୁ ଉତ୍ସାହର ସହ ଖେଳାଳି କ୍ରୟ କରୁଥିବା ଲକ୍ଷ୍ୟ କରାଯାଇଥିଲା। ଚାମ୍ପିଅନ ଦଳ ପାଇଁ ୨ ଲକ୍ଷ ୫୦ ହଜାର ଓ ରନର୍ସଅପ ଦଳ ପାଇଁ ୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଛି ବୋଲି ସଭାପତି ଶ୍ରୀ ମିଶ୍ର ଜଣାଇଛନ୍ତି।




ସଭାପତି ସୌମ୍ୟରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ୧୦ଟି ଦଳକୁ ନେଇ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଖେଳାଳି ନିଲାମୀ ପ୍ରକ୍ରିୟା ବାଲେଶ୍ୱରସ୍ଥ ନସି ଇଣ୍ଟରନ୍ୟାସନାଲ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ଦଳରେ ଜଣେ ରାଜ୍ୟସ୍ତରୀୟ ଓ ଜଣେ ଜାତୀୟ ସ୍ତରର ଖେଳାଳି ରହିଥିବା ସାଧାରଣ ସମ୍ପାଦକ ଗଦାଧର ନାୟକ

## ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ



**କଳାବାଡିଆ, ୧।୨(ସମିସ):** ବାଙ୍ଗରିପୋଷି ବ୍ଲକ ଅନ୍ତର୍ଗତ ଜାତୀୟ ରାଜପଥ ନିକଟସ୍ଥ ବୁଢ଼ାମରା ଛକସ୍ଥ ଲିଟିଲ ରାଇଡର୍ସ୍ ପ୍ରି-ସ୍କୁଲ ଓ ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ନିର୍ଦ୍ଦେଶକ ରୋଟାରିଆନ ପ୍ରଦୀପ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ରୋଟାରିଆନ ସନ୍ତୋଷ କାସ୍ତ ଯୋଗଦେଇ ପିଲାଙ୍କ ଉଦ୍ଦେଶ୍ୟରେ ବହୁ ଉପାଦେୟ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସଞ୍ଜୀବ କୁମାର ଦଣ୍ଡପାଟ, ସମ୍ମାନିତ ଅତିଥି ବାରିପଦା ସେଣ୍ଟ ଜାଭିୟର ସ୍କୁଲର ନିର୍ଦ୍ଦେଶକ ଅମିତାଭ ପଟ୍ଟନାୟକ, ବିଦ୍ୟାଳୟର ଅଧ୍ୟକ୍ଷ ଶୁଭମ ନାୟକ, ପ୍ରଶାସକ ମାନସ ସିଂଦେବ ସଚ୍ଚାନ ଯୋଗ ଦେଇଥିଲେ। ରୋଟାରୀ କ୍ଲବ ଅଫ ବାରିପଦା ହେରିଟେଜ ପକ୍ଷରୁ ପୂଜ୍ୟପୂଜା ସମ୍ବର୍ଦ୍ଧନାରେ ଦୁଇଜଣ ବର୍ଷିଆନ ଶିକ୍ଷକ ପ୍ରଦୀପ ପାଣି ଓ ନରେନ୍ଦ୍ର ପୁଟ୍ଟୀଙ୍କୁ ମାନପତ୍ର ସହିତ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ପଦ୍ମାବତୀ ମାଝୀ ପରିଚାଳନା, ପ୍ରଶାସକ ବାର୍ଷିକ ବିବରଣୀ ପାଠ ଓ ପ୍ରିନ୍ସପାଲ ଧନ୍ୟବାଦ ପ୍ରଦାନ କରିଥିଲେ। ପରେ ପିଲାଙ୍କ ଦ୍ୱାରା ନୃତ୍ୟଗୀତ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ଅଲିଭା ବେହେରା, ଶିବାନୀ ଗିରି, ରାଜେଶ୍ୱରୀ ବେହେରା, ସହାୟିକା ରାଧିକାମଣି ନାୟକ ସହଯୋଗ କରିଥିଲେ।

## ଠିକାଦାରଙ୍କୁ ସମାନ ଅଧିକାର ପ୍ରଦାନ ଲକ୍ଷ୍ୟ

# ଭଞ୍ଜସେନା ଜିଲ୍ଲା ଠିକାଦାର ଶାଖା ଗଠନ ଯୋଜନା

ବାରିପଦା, ୧।୨(ସମିସ)

ସବୁ କିଛି ସମ୍ଭାର ଥାଇ ମଧ୍ୟ ଜିଲ୍ଲାରେ ନିଯୁକ୍ତିର କୌଣସି ସୁଯୋଗ ଓ ସମ୍ଭାବନା ନ ଥିବା ଯୋଗୁଁ ଜିଲ୍ଲାର ଯୁବସମାଜ ଆଜି ବିଷାଦଗ୍ରସ୍ତ। କେତେ ଜଣ ଜିଲ୍ଲା ମଧ୍ୟରେ ରହି ରୋଜଗାର ପାଇଁ ଦିନରାତି ପରିଶ୍ରମ କରୁଥିବାବେଳେ ଆଉ ବହୁ ବେରୋଜଗାର ରୋଜଗାର ଆଶାରେ ବାହାର ଜିଲ୍ଲା ଓ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ତାହାକୁ ଦୃଷ୍ଟିରେ ରଖି ଭଞ୍ଜସେନା ପକ୍ଷରୁ କୃଷକଙ୍କ ସମସ୍ୟା ସମାଧାନ ସହିତ ଅସରନ୍ତି ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀର ଗନ୍ତାଘର ମୟୂରଭଞ୍ଜରେ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ସହିତ ଐତିହ୍ୟ ସ୍ଥଳୀର ପୁନରୁଦ୍ଧାର, ଜିଲ୍ଲାରେ ଥିବା ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପକୁ ନେଇ କୁଟୀର ଶିଳ୍ପ ପ୍ରତିଷ୍ଠା କରି ତାହା ମାଧ୍ୟମରେ ଜିଲ୍ଲାରେ ଥିବା ଲକ୍ଷ ଲକ୍ଷ ବେରୋଜଗାରଙ୍କୁ ରୋଜଗାରକ୍ଷମ କରିବା ନେଇ ଭଞ୍ଜସେନା ସଂଗଠନ ପ୍ରଚେଷ୍ଟା ଜାରି ରଖିଛି। ଆଗାମୀ ଦିନରେ ଏହି ସଂଗ୍ରାମ ଆହୁରି ଜୋରଦାର ହେବ। ଏବେ ଠିକାଦାରଙ୍କୁ ସମାନ ଅଧିକାର ପ୍ରଦାନ ଲକ୍ଷ୍ୟରେ ଭଞ୍ଜସେନା ଠିକାଦାର ଶାଖା ଗଠନ କରାଯିବାକୁ ଯୋଜନା କରାଯାଇଥିବା ଜଣାପଡ଼ିଛି।

ବର୍ତ୍ତମାନ ସମୟରେ ଜିଲ୍ଲାର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ହଜାର ହଜାର ଶିକ୍ଷିତ ପିଲା ରୋଜଗାରର ଆଶାରେ ଠିକାଦାର କାର୍ଯ୍ୟ ପ୍ରତି ଆକର୍ଷିତ ହୋଇ କିଛି ଅର୍ଥ ଖର୍ଚ୍ଚ କରି ଲାଇସେନ୍ସ ନେଇ କାର୍ଯ୍ୟ କରିବାକୁ ଅଗ୍ରସର ହେଉଥିବାବେଳେ ସେମାନଙ୍କ ରାସ୍ତାରେ କଣ୍ଟା ହୋଇ ବସିଛନ୍ତି ସେହି ବ୍ୟବସାୟର ସମଗ୍ର ଜିଲ୍ଲାର ହାତଗଣତି ବଡ଼ ବଡ଼ ଲାଇସେନ୍ସଧାରୀ ଠିକାଦାର। ଯେଉଁମାନେ ଛୋଟ ଛୋଟ କାମରୁ ସର୍ବାଧିକ ଟଙ୍କାର କାର୍ଯ୍ୟକୁ ନିଜ ଲାଇସେନ୍ସ ବାଦ ନିଜ ପାଖାପାଖି ରଖିଥିବା ଜଣେ ଦୁଇଜଣ ଛୋଟ ଲାଇସେନ୍ସରେ ବହୁ ବିଭାଗୀୟ କାର୍ଯ୍ୟ (ଏଫ-ଟୁ) ମଧ୍ୟ ହାତେଇ ନେଉଛନ୍ତି। ଫଳରେ ରୋଜଗାର ଆଶାରେ ଥିବା 'ସି' ଓ 'ଡ' ଶ୍ରେଣୀ ଲାଇସେନ୍ସଧାରୀ ନିରାଶାରେ ଦିନ ଅତିବାହିତ କରୁଛନ୍ତି। ଜିଲ୍ଲାରେ ଅଳ୍ପ କିଛି ଜଣ 'ଏ' ଓ 'ବି' ଶ୍ରେଣୀ ଲାଇସେନ୍ସଧାରୀଙ୍କୁ ଛାଡିଦେଲେ, ସେହି ଶ୍ରେଣୀର ଆହୁରି ବହୁ ଲାଇସେନ୍ସଧାରୀ କୌଣସି କାମ ନ ପାଇ ହତାଶ ହୋଇପଡ଼ିଲେଣି। ଡିଗ୍ରୀ ଓ ଡିପ୍ଲୋମା ଲାଇସେନ୍ସଧାରୀ ସରକାରୀ ନିୟମ ଅନୁଯାୟୀ ତାଙ୍କ ନିମନ୍ତେ ଉଦ୍ଦିଷ୍ଟ କାର୍ଯ୍ୟ ପାଇପାରୁନାହାନ୍ତି। କେବଳ ଅତି ବଡ଼ ବଡ଼ ଠିକାଦାରଙ୍କ ସହ ଜଡ଼ିତ ଥିବା ଅଳ୍ପ କିଛି ଲାଇସେନ୍ସଧାରୀ କାର୍ଯ୍ୟ ପାଇପାରୁଛନ୍ତି। ଦେଖିବାକୁ ଗଲେ ଜିଲ୍ଲାର ଶତକଡା ଶହେ ଭାଗରୁ ୧୦ ଭାଗ ଠିକାଦାର ମନଇଚ୍ଛା କାର୍ଯ୍ୟ କରୁଥିବାବେଳେ ୯୦ ଭାଗ ଠିକାଦାର କାମ ନ ପାଇ ଅତିଦୟନୀୟ ଅବସ୍ଥାରେ ଦିନ ଅତିବାହିତ କରୁଛନ୍ତି। ବେକାରୀ ମୁକ୍ତ ମୟୂରଭଞ୍ଜ ଗଠନର ସ୍ୱପ୍ନ ନେଇ ଭଞ୍ଜସେନା ପ୍ରଚେଷ୍ଟା ଚଳାଇଥିବାବେଳେ ସଂଗଠନ ପକ୍ଷରୁ ଜିଲ୍ଲାରେ ନିଷ୍ପେଷିତ/ଅବହେଳିତ ଠିକାଦାରଙ୍କୁ ସମାନ ଅଧିକାର ଓ ପ୍ରାପ୍ୟ ହକ୍ ପ୍ରଦାନ କରିବା ନେଇ ଭଞ୍ଜସେନା ଜିଲ୍ଲା ଠିକାଦାର ଶାଖା' ଗଠିତ ହେବ ବୋଲି ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ସୂଚନା ଦେଇଛନ୍ତି। ଯଥାଶୀଘ୍ର ଏନେଇ ଏକ ବୈଠକ ସହିତ ଦାୟିତ୍ୱବାନ ଲାଇସେନ୍ସଧାରୀ ଠିକାଦାରଙ୍କୁ ନେଇ ଜିଲ୍ଲାସ୍ତରୀୟ କମିଟି ଗଠନ କରାଯିବ। ଏହାର କାର୍ଯ୍ୟପନ୍ଥା ଆଗାମୀ ଦିନରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯିବ ବୋଲି ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

# ସମ୍ବଲପୁର ପୁସ୍ତକମେଳା ଉଦ୍‌ଯାପିତ

## ମନ୍ତ୍ରମୁଗ୍ଧ କଲା ସାଂସ୍କୃତିକ କାର୍ଯ୍ୟକ୍ରମ





**ସମ୍ବଲପୁର, ୧।୨(ସମିସ)**

ପୁସ୍ତକ, ସଂସ୍କୃତି ଏବଂ ପିଲାମାନଙ୍କ ସମାଗମ ୨୬ତମ ସମ୍ବଲପୁର ପୁସ୍ତକ ମେଳା ଆଜି ଉଦ୍‌ଯାପିତ ହୋଇଯାଇଛି । ଗତ ୨୪ ତାରିଖରୁ ଆରମ୍ଭ ହୋଇଥିବା ଏହି ପୁସ୍ତକମେଳାରେ ଲକ୍ଷାଧିକ ଜନସାଧାରଣ ସେମାନଙ୍କ ମନପସନ୍ଦ ପୁସ୍ତକ କ୍ରୟକରିବା ସହ ନୂତନ ପୁସ୍ତକ ସହ ପରିଚିତ ହୋଇ ପାରିଛନ୍ତି । ୨୫୦ରୁ ଅଧିକ ଷ୍ଟଲ୍‌ରେ ଶିଶୁ ସାହିତ୍ୟ, କାଳ୍ପନିକ, ଅଣକାଳ୍ପନିକ, ଶୈକ୍ଷିକ ଏବଂ ଲୋକପ୍ରିୟ ପୁସ୍ତକ ସମ୍ବଲପୁର ତଥା ଆଖପାଖ ଅଞ୍ଚଳରୁ ପାଠକଙ୍କୁ ଆକୃଷ୍ଟ କରିଛି । ସମ୍ବଲପୁର ତଥା ଆଖପାଖ ଅଞ୍ଚଳ ସକାଶେ ଏଭଳି ବଡ଼ ଧରଣର ପୁସ୍ତକମେଳା ତଥା ଜାତୀୟ ଅନ୍ତର୍ଜାତୀୟ ପ୍ରକାଶକଙ୍କ ପୁସ୍ତକ ଉପଲବ୍ଧ ହେବା ଆନନ୍ଦିତ କରିଛି ।

ଶିଶୁ ମଣ୍ଡପରେ ପ୍ରତିଦିନ ହଜାରରୁ ଉର୍ଦ୍ଧ୍ୱ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଭିଡ଼ ଜମିଥିଲା । ପିଲାମାନଙ୍କ ସହ ଅଭିଭାବକମାନେ ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ (ଏନ୍‌ବିଟି) ର ଜାତୀୟ ଶିଶୁସାହିତ୍ୟ କେନ୍ଦ୍ର (ଏନ୍‌ସିସିଏଲ୍) ଦ୍ୱାରା ପରିଚାଳିତ ବିଭିନ୍ନ କାର୍ଯ୍ୟକ୍ରମକୁ ବହୁତ ପ୍ରଶଂସା କରିଥିଲେ । ସୃଜନଶୀଳତା, କଳ୍ପନା, ଐତିହ୍ୟ ଏବଂ କଳାର ସମନ୍ୱୟରେ ଏହା ପିଲାମାନଙ୍କୁ ଏକ ନୂତନ ଦିଗଦର୍ଶନ ଦେଇଥିଲା । ଆଜି ଶେଷ ଦିନ ପ୍ରାୟ ୧୫୦୦ରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀ ଯୋଗ ଦେଇଥିଲେ । ଆଜିର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା କଥାକାର

### ଛାତ୍ରଛାତ୍ରୀଙ୍କ ଭିଡ଼

ସଞ୍ଜୀବ କୁମାର ପ୍ରଧାନଙ୍କ ନେତୃତ୍ୱରେ 'ରଙ୍ଗ ବିରଙ୍ଗୀ କାହାନୀକି ଦୁନିଆଁ' ସହିତ । ପିଲାମାନେ ତାଙ୍କ କାହାଣୀ କଥନକୁ ବେଶ ଉପଭୋଗ କରିବାସହ ଅଂଶଗ୍ରହଣ କରିଥିଲେ । ପରବର୍ତ୍ତୀ ଅଧିବେଶନ ଥିଲା ବିବେକ କୁମାରଙ୍କ କ୍ୱିଜ୍ ପ୍ରତିଯୋଗିତା । ପିଲାମାନେ ତାଙ୍କ ଜ୍ଞାନର ଭଣ୍ଡାରକୁ ଖୋଲିଦେଇ ପ୍ରତିଯୋଗିତାମୂଳକ ଭାବେ ଉତ୍ତର ଦେଉଥିବା ଦେଖାଯାଇଥିଲା । ଆଜି ପିଲାମାନଙ୍କ ପାଇଁ ଶେଷ ଅଧିବେଶନ ଥିଲା ରାଷ୍ଟ୍ରୀୟ ପୁସ୍ତକମେଳାର କର୍ମଶାଳା । ଗତ ୯ ଦିନ ଧରି ଏନ୍‌ସିସିଏଲ୍ ଟିମ୍‌ଙ୍କ ତତ୍ତ୍ୱାବଧାନ ଏବଂ ପରିଚାଳନାରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

ଅପରାହ୍ଣରେ 'ସେତୁ' ପକ୍ଷରୁ ପୁସ୍ତକମେଳାର ଉଦ୍‌ଯାପନୀ ସମାରୋହ ଆୟୋଜିତ ହୋଇଥିଲା । ଏଥିରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟଅତିଥି ଏବଂ ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ । ବିଶିଷ୍ଟ ସମ୍ବଲପୁରୀ ଭାଷା ସାହିତ୍ୟ ସାଧକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ 'ସେତୁ ସମ୍ମାନ'ରେ ସମ୍ମାନିତ କରାଯାଇଥିବା ବେଳେ ଆଦର୍ଶ ଶିକ୍ଷକ ବିନୋଦ କୁମାର ବିଶ୍ୱାଳଙ୍କୁ 'ଶିକ୍ଷାବିତ୍ ବାଳକୃଷ୍ଣ କର ସ୍ମୃତି ସମ୍ମାନ' ଏବଂ ସେବାପାଇଁ ସମର୍ପିତା ଶୁଭ୍ରକାନ୍ତି ନାୟକଙ୍କୁ 'ଡାକ୍ତର ଦୀପ୍ତିବାଳା ପଟ୍ଟନାୟକ କର୍ମଯୋଗୀ ମହିଳା ସମ୍ମାନ'ପ୍ରଦାନ କରାଯାଇଥିଲା । ଏହାସହ ସମ୍ବଲପୁର ଜିଲ୍ଲା ମାଟ୍ରିକ ଟପ୍ପର ଜି. ଶିରିଷାଙ୍କୁ 'କ୍ଷୀରୋଦ ମିଶ୍ର ସ୍ମୃତି ପୁରସ୍କାର' ଏବଂ ଅବିଭକ୍ତ ସମ୍ବଲପୁର ଜିଲ୍ଲା ମାଟ୍ରିକ ଟପ୍ପର ବବିତା ରଥଙ୍କୁ 'ସ୍ୱାଧୀନତା ସଂଗ୍ରାମୀ ଘନଶ୍ୟାମ ପାଣିଗ୍ରାହୀ ସ୍ମୃତି ପୁରସ୍କାର' ପ୍ରଦାନ କରାଯାଇଥିଲା । 'ସେତୁ' ସଭାପତି ଡକ୍ଟର ମୀନକେତନ ପାଠୀ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ହରି ନାରାୟଣ ପଣ୍ଡା ବିବରଣୀ ପାଠ କରିଥିଲେ । ଯୁଗ୍ମ ସମ୍ପାଦକ ଡକ୍ଟର ସ୍ୱପ୍ନପ୍ରକାଶ ପଣ୍ଡା, ସୁକାନ୍ତ କର, ଗୀତାରାଣୀ ମିଶ୍ର, ଅଖିଳ ବିଶ୍ୱାଳ, ଅନନ୍ୟା ବେହେରା, ଡକ୍ଟର ସିଦ୍ଧାର୍ଥ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ 'ସେତୁ' ବରିଷ୍ଠ ସଦସ୍ୟ ଜୟକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସେତୁ ସ୍ମରଣିକା ଏବଂ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସମ୍ବଲପୁରୀ ପୁସ୍ତକ ଉନ୍ମୋଚିତ ହୋଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମରେ ଦିଲ୍ଲୀରୁ ଆସିଥିବା ପ୍ରସିଦ୍ଧ ଦଳ 'କାର୍ଣ୍ଣିସ୍ ଲାଇଭ୍' ସଫ୍ଟରକ୍, ସୁଫୀ, ବଲିଉଡ୍, ପପ୍ ଆଦି ଗୀତ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଲୋକପ୍ରିୟ ଗୀତଗୁଡ଼ିକୁ ସେମାନେ ପରିବେଷଣ କରିଥିଲେ ।

# କେନ୍ଦ୍ର ବଜେଟ ପ୍ରତିକ୍ରିୟା

**ସମ୍ବଲପୁର, ୧।୨ (ସମିସ):** ଚଳିତ ବଜେଟରେ ଓଡ଼ିଶାବାସୀ, ପଶ୍ଚିମଓଡ଼ିଶା ବାସୀ ଓ ବିଶେଷ କରି ସମ୍ବଲପୁର ବାସୀଙ୍କୁ ପୁନଃବାର ପ୍ରତାରଣା କରାଯାଇଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ବିଜେଡି ଜିଲ୍ଲା ସଭାପତି ରୋହିତ ପୂଜାରୀ କହିଛନ୍ତି । ସମ୍ବଲପୁରରେ ଦ୍ୱିତୀୟ ଏମ୍‌ସ ପ୍ରତିଷ୍ଠା ଓ ୩୦୦ୟୁନିଟ୍ ବିଜୁଳି ଛାଡ଼ର କୌଣସି ପ୍ରସ୍ତାବ ନାହିଁ । ବିଜେପି ସରକାର ଗଠନ ପାଇଁ ଓଡ଼ିଶାର ଜନସାଧାରଣ ପ୍ରଥମ ଥର ପାଇଁ ଓଡ଼ିଶାରୁ କୋଡିଏ ଜଣ ସାଂସଦଙ୍କୁ ଲୋକସଭାକୁ ପଠାଇଛନ୍ତି । କିନ୍ତୁ ବିଜେପି ଓଡ଼ିଶାକୁ ଯେଉଁ ଭଳି ଗୁରୁତ୍ୱ ଦେବା କଥା ତାହା ଦେଇ ନାହିଁ । ଅନ୍ୟପଟେ ଓଡ଼ିଶା ସମେତ ଅନ୍ୟ ତିନ ରାଜ୍ୟକୁ ନେଇ ଚଳିତ ବଜେଟରେ ଯେଉଁ ମାଇନିଂ କରିଡର ଘୋଷଣା କରିବା ଓଡ଼ିଶାର ଲୁହାପଥର, କ୍ରୋମାଇଟ, ବକ୍ସାଇଟ, ଚୂନ ପଥର ଓ ଅନ୍ୟାନ୍ୟ ଖଣିଜ ସମ୍ପଦକୁ ଅନ୍ୟ ରାଜ୍ୟକୁ ଏବଂ ବିଦେଶକୁ ଚାଲାଣ କରି ଓଡ଼ିଶା ରାଜ୍ୟକୁ ଦୁର୍ବଳ କରିବାର ଏକ ଅଭିନୟ ପ୍ରୟାସ ଥିବାର ଗନ୍ଧ ସ୍ପଷ୍ଟ ଭାବେ ବାରି ହେଉଛି । କୃଷକଙ୍କ ପାଇଁ ପିଏମ୍ କିସାନ ଯୋଜନାରେ ଅର୍ଥ ରାଶି ବୃଦ୍ଧି ନକରିବା, ଗମନାଗମନ କ୍ଷେତ୍ରରେ ବିଶେଷ ଭାବରେ ରେଲୱେରେ ଓଡ଼ିଶାର ମେଟ୍ରୋ ପ୍ରକଳ୍ପ ପାଇଁ ଆର୍ଥିକ ବ୍ୟବସ୍ଥା ନକରିବା, ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶାକୁ ଅଣଦେଖା କରିବା ସାଧାରଣ ଜନତା ବିଶେଷ କରି ନିମ୍ନ ମଧ୍ୟବିତ୍ତ ପରିବାର ପାଇଁ ଆୟକର ସୀମା ଅପରିବର୍ତ୍ତିତ ରହିବା ଛାତ୍ର ଯୁବକ ଯୁବତୀ ମାନଙ୍କ ପାଇଁ କୌଣସି ବିଶେଷ ଘୋଷଣା ନହେବା କେନ୍ଦୁପତ୍ର, ବିଡ଼ିପତ୍ର, ହସ୍ତତନ୍ତ ଶିଳ୍ପୀ ଶ୍ରମିକଙ୍କ ପାଇଁ କୌଣସି ଉତ୍ସାହ ଜନକ କିମ୍ବା ବୋନସ ପ୍ରଦାନ କିମ୍ବା ଚୁକ୍ତି ନଥିବାରୁ ଏହା ଓଡ଼ିଶାବାସୀ, ପଶ୍ଚିମ ଓଡ଼ିଶାବାସୀ ଓ ବିଶେଷ କରି ସମ୍ବଲପୁରବାସୀଙ୍କ ପାଇଁ ଏକ ନିରୁତ୍ସାହ ଜନକ ଓ ପ୍ରତାରଣା ପୂର୍ଣ୍ଣ ବଜେଟ । ମୋଟାମୋଟି ଭାବେ ଏହି ବଜେଟରେ ଶିକ୍ଷା, ସ୍ୱାସ୍ଥ୍ୟ ଗମନାଗମନ, ପର୍ଯ୍ୟଟନ, ପାନୀୟ ଜଳ ବିଜୁଳି ପ୍ରତ୍ୟେକ କ୍ଷେତ୍ରରେ ଅବହେଳା ରହିଥିବା ସ୍ପଷ୍ଟ ଭାବେ ବାରି ହୋଇ ପଡୁଛି । ଏହା ସମଗ୍ର ଦେଶବାସୀ, ଓଡ଼ିଶା ବାସୀ, ପଶ୍ଚିମ ଓଡ଼ିଶା ବାସୀ ତଥା ସମ୍ବଲପୁର ବାସୀଙ୍କ ପାଇଁ ଏକ ପ୍ରତାରଣା ପୂର୍ଣ୍ଣ ବଜେଟ ।

**ପୂର୍ବତନ ମନ୍ତ୍ରୀ ଇଂ ରୋହିତ ପୂଜାରୀ**

ଏକ ବିକଶିତ ରାଷ୍ଟ୍ରର ସଂକଳ୍ପକୁ ସାକାର ପାଇଁ ୩ଟି ମୁଖ୍ୟ କର୍ତ୍ତବ୍ୟ ଉପରେ ପର୍ଯ୍ୟବେଶିତ ୨୦୨୬-୨୭ କେନ୍ଦ୍ର ବଜେଟ । ୨୦୪୭ ବିକଶିତ ଭାରତ ପାଇଁ ମୁଳଭିତ୍ତି କହିଲେ ଅତ୍ୟୁକ୍ତି ହେବ ନାହି । ଉଚ୍ଚ ଅର୍ଥନୈତିକ ଅଭିବୃଦ୍ଧି ହାସଲ ପାଇଁ ୧୨.୨୦ ଲକ୍ଷ କୋଟିର ପୁଞ୍ଜିଗତ ଖର୍ଚ୍ଚ ରାଷ୍ଟ୍ରର ଭିତ୍ତିଭୂମି ବିକାଶ ସାଙ୍ଗକୁ ଲୋକଙ୍କର ଆୟବୃଦ୍ଧିରେ ସହାୟକ ହେବ । ଆମର ଅର୍ଥବ୍ୟବସ୍ଥାକୁ ପ୍ରତିଯୋଗୀ କରିବା ସହିତ ଆତ୍ମନିର୍ଭର ଭାରତ ହେବା ଦିଗରେ ଅଗ୍ରସର ହେବାପାଇଁ ସୁଯୋଗ ସୃଷ୍ଟି କରିବ । ବାୟୋଫାର୍ମା ଶକ୍ତି, ବାୟୋଫାର୍ମା ନେଟୱାର୍କ, ଭାରତ ସେମି କଣ୍ଡକ୍ଟର ମିସନ-୨, ଇଲୋକଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନ ଯୋଜନା ତଥା ଓଡ଼ିଶା, କେରଳ ଓ ତାମିଲନାଡୁ ସଂଯୁକ୍ତ ଦୁର୍ଲଭ ମୃତ୍ତିକା କୋରିଡର ଅର୍ଥନୈତିକ ବିକାଶଧାରାକୁ ତ୍ୱରାନ୍ୱିତ କରିବ । କପଡ଼ା କ୍ଷେତ୍ରର ବିକାଶ, ୨୦୦ ପାରମ୍ପରିକ ଶିଳ୍ପ ସମୁହର ପୁନରୁଦ୍ଧାର କରିବା, ୫ ବର୍ଷରେ ୨୦ଟି ଜଳପଥ ଆରମ୍ଭ କରିବା, ୭ଟି ହାଇସ୍ପିଡ ରେଲୱେ କରିଡର ତଥା ଆତ୍ମନିର୍ଭର ଭାରତ ପାଇଁ ପାଣ୍ଠି ସୃଷ୍ଟି କରିବା ପ୍ରାବଧାନ ବଜେଟରୁ ସ୍ପଷ୍ଟ ହୋଇଛି । ଦେଶର ତଥା ଲୋକଙ୍କ ଦକ୍ଷତା ବୃଦ୍ଧି କରିବା ପାଇଁ ଜାତୀୟ କର୍ତ୍ତବ୍ୟ ହିସାବରେ ସେବା କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି । ଶିକ୍ଷାସ୍ୱାସ୍ଥ୍ୟ ଏବଂ ଅରେଞ୍ଜ ଇକୋନୋମି ପାଇଁ ଘୋଷଣା ଗୁଡିକ ଆତ୍ମନିର୍ଭରଶୀଳତା ସହ ଆମକୁ ଆମଦାନୀ ନିର୍ଭରଶୀଳତାରୁ ଧିରେ ଧିରେ ମୁକ୍ତି ଦେବ । କୃଷକ, ନାରୀ, ଦିବ୍ୟାଙ୍ଗ, ଗରିବ, ମାନସିକ ସ୍ୱାସ୍ଥ୍ୟ ଏବଂ ପୂର୍ବୋଦୟ ଯୋଜନା ଉପରେ ଗୁରୁତ୍ୱ ଦିଆଯାଇଛି । ତେଣୁ ଏଥରର ବଜେଟ ବିକଶିତ ଭାରତର ପରିକଳ୍ପନା ତଥା ସଂକଳ୍ପକୁ ସାକାର କରିବାରେ ମୁଳଭିତ୍ତି ଭାବେ କାମ କରିବ ।

**ଡ. ଉମାଚରଣ ପତି, ଡେପୁଟି ରେଜିଷ୍ଟ୍ରାର ଜିଏମ୍‌ୟୁ**

ପୂର୍ବତନ ରାଜ୍ୟ ଅର୍ଥ କମିଶନ ସଦସ୍ୟ ବିଜୟ କୁମାର ମହାନ୍ତି ବଜେଟ୨୦୨୬-୨୭ ଏକ ଲକ୍ଷ୍ୟହୀନ ବଜେଟ ବୋଲି ମତ ପ୍ରକାଶ କରିଛନ୍ତି । ଏଥିରେ ଆଶା ଠାରୁ ନୈରାଶ୍ୟ ଅଧିକ ରହିଛି । ବଜେଟରେ କୃଷି ପାଇଁ ୧, ୬୨, ୬୬୧ କୋଟି ଟଙ୍କା ବ୍ୟୟ ବରାଦ ଥିଲେ ମଧ ଏଥିରେ ଲକ୍ଷ୍ୟ ହାସଲର କୋଣସି ଯୋଜନା ନାହିଁ । ବର୍ତ୍ତମାନର ବିଜେପି ସରକାର କ୍ଷମତାକୁ ଆସିଲା ବେଳେ କୃଷକଙ୍କ ଆୟ ୨ ଗୁଣ ବୃଦ୍ଧି କରିବାକୁ ଘୋଷଣା କରିଥିଲେ, ତାହା ଏଥିରେ ପ୍ରତିଫଳିତ ହେଉନାହିଁ ବରଂ ଜାତୀୟସ୍ତରରେ କୃଷକ ପରିବାରର ମାସିକ ହାରାହାରି ଆୟ ୧୦ ହଜାରରୁ କିଛି ଅଧିକା ଥିଲା ବେଳେ ଓଡ଼ିଶାରେ ପ୍ରାୟ ୫ ହଜାର ଟଙ୍କା ରହିଛି । ଉତ୍କଟ ବେକାରୀ ସମସ୍ୟାର ନିରାକରଣ ପାଇଁ ବଜେଟରେ ନିଯୁକ୍ତି ସୃଷ୍ଟି କରାଯାଇନାହିଁ । ବିଶେଷ ଭାବରେ ଅଟା, ଚାଉଳ, ଔଷଧ, ଡାଲି, ତେଲ ପ୍ରଭୃତିର ଦାମ ଅତିମାତ୍ରାରେ ବୃଦ୍ଧି ହୋଇ ସାଧାରଣ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି । ଦେଶର ଶ୍ରମିକ ଶ୍ରେଣୀ, ସ୍ୱଳ୍ପ ବେତନ ଭୋଗୀ ଓ ଆଉଟ ସୋରସିଙ୍ଗ କର୍ମଚାରୀ ଓ ବୟସ୍କ ଶ୍ରେଣୀ ମାନଙ୍କର ଆୟ ବୃଦ୍ଧି ତଥା ସାମାଜିକ ନିରାପତ୍ତା ପାଇଁ କୋଣସି ଘୋଷଣା ବଜେଟରେ ହୋଇ ନାହିଁ । ଓଡ଼ିଶା ପାଇଁ କୋଣସି ନିର୍ଦ୍ଦିଷ୍ଟ ଘୋଷଣା ନାହିଁ । ସମ୍ବଲପୁରରେ ଏମସ ପ୍ରତିଷ୍ଠା ପାଇଁ ଘୋଷଣା କରାଯାଇ ନାହିଁ । ଏହା ସମ୍ବଲପୁର ତଥା ପଶ୍ଚିମ ଓଡ଼ିଶା ବାସୀଙ୍କୁ ନିରାଶ କରିଛି । ସେହିପରି ରେଲୱେ କ୍ଷେତ୍ରରେ ସାତୋଟି ରେଲୱେ କରିଡରରେ ଓଡ଼ିଶାର ସ୍ଥାନ ନାହିଁ । ଏହି ବଜେଟ ଏକ ଲକ୍ଷ୍ୟ ହୀନ ବଜେଟ ଏବଂ ଆଶା ଠାରୁ ଅଧିକ ନୈରାଶ୍ୟ ସୃଷ୍ଟି କରିଛି ।

**ବିଜୟ ମହାନ୍ତି, ପୂର୍ବତନ ଅର୍ଥ କମିଶନ ସଦସ୍ୟ**

ଚଳିତ ବଜେଟରେ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦିଆଯାଇଛି । ଜାତୀୟ ସ୍ୱାସ୍ଥ୍ୟ ମିଶନ ପାଇଁ ୩୯, ୩୯୦ କୋଟି ଟଙ୍କା ରଖାଯାଇଛି, ଯାହା ପ୍ରାଥମିକ ସ୍ୱାସ୍ଥ୍ୟ ସେବା, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ଏବଂ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ ସମର୍ଥନ କରିବ । ଏହାର ବୃଦ୍ଧି ହାର ପ୍ରାୟ ୬ରୁ ୭ ପ୍ରତିଶତ । ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ପାଇଁ ୯, ୫୦୦ କୋଟି ଟଙ୍କା ଆବଣ୍ଟିତ, ଯାହା ଚାଲୁଥିବା ବୀମା କଭରେଜକୁ ଅବ୍ୟାହତ ରଖିବା ପାଇଁ ସୀମିତ ବୃଦ୍ଧିକୁ ପ୍ରତିବିମ୍ବିତ କରେ । ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଅବସଂରଚନା ମିଶନ ପାଇଁ ୪, ୭୭୦ କୋଟି ଟଙ୍କା ରଖାଯାଇଛି । ପୂର୍ବ ଆବଣ୍ଟନ ତୁଳନାରେ ଏହା ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି, ଯାହା ଜିଲ୍ଲା ହସ୍ପିଟାଲରେ କ୍ରିଟିକାଲ କେୟାର ବ୍ଲକ, ଲ୍ୟାବରେଟରୀ ଓ ଆପାତକାଳୀନ ସେବା ବିସ୍ତାର ଉଦ୍ଦେଶ୍ୟରେ ରହିଛି । ପ୍ରତ୍ୟେକ ଜିଲ୍ଲା ହସ୍ପିଟାଲରେ ୨୪ଅ୭ ଆପାତକାଳୀନ ଓ ଟ୍ରମା କେୟାର ସେଣ୍ଟର ସ୍ଥାପନା ପାଇଁ ବଜେଟରେ ପ୍ରସ୍ତାବ ରହିଛି । ଏହା ଦେଶର ଗୁରୁତର ଚିକିତ୍ସା ସେବାର ଅଭାବକୁ ଦୂର କରିବା ଦିଗରେ ଏକ ମୁଖ୍ୟ ପଦକ୍ଷେପ । ସ୍ୱାସ୍ଥ୍ୟ ଗବେଷଣା ବିଭାଗ ଓ ଆଇସିଏମଆର ପାଇଁ ଆବଣ୍ଟନ ବୃଦ୍ଧି ପାଇଛି, ବିଶେଷକରି ଜୈବ ଚିକିତ୍ସା ଓ ଏଆଇ ଭିତ୍ତିକ ଗବେଷଣାକୁ ଉତ୍ସାହିତ କରିବ । ବଜେଟ ସ୍ୱାସ୍ଥ୍ୟସେବାର ବିକେନ୍ଦ୍ରୀକରଣ, ଗବେଷଣା ଓ ବୀମା ଆଧାରିତ ସେବାକୁ ଶକ୍ତ କରିଛି । ସ୍ୱାସ୍ଥ୍ୟ ଖର୍ଚ୍ଚ ଜିଡିପିର ପ୍ରତିଶତ ରୂପେ ୫ପ୍ରତିଶତ ପର୍ଯ୍ୟନ୍ତ ନ ହେଲେ, ସାର୍ବଜନୀନ ସ୍ୱାସ୍ଥ୍ୟ କଭରେଜ ଲକ୍ଷ୍ୟ ପ୍ରାପ୍ତି କଠିନ ହେବ ।

**ଡାକ୍ତର ସଞ୍ଜୀବ କୁମାର ମିଶ୍ର, ରାଜ୍ୟ ସାଧାରଣ ସମ୍ପାଦକ, ଇଣ୍ଡିଆନ ପବ୍ଲିକ ହେଲଥ୍ ଅର୍ଗନାଇଜେସନ**

# ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

**ସମ୍ବଲପୁର, ୧।୨(ସମିସ):** ଡିଏଭି ପବ୍ଲିକ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ 'ଗୁଞ୍ଜ ଦି ଇକୋଜ ଅଫ ଇଣ୍ଡିଆ' ଶୁକ୍ରବାର ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ବୁର୍ଲା ଏମସିଏଲ୍ ଡିଏଭିର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାକଙ୍କ ସଭାପତିତ୍ୱ କରିଥିଲେ । ଉତ୍ସବରେ ସମ୍ବଲପୁର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଛାତ୍ରଛାତ୍ରୀମାନଙ୍କ ସାମଗ୍ରିକ ବିକାଶ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି ଲାଗି ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଶ୍ରୀ ବେଦବାକ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କୁ ବଡ ସ୍ୱପ୍ନ ଦେଖିବା ପାଇଁ ଆହ୍ୱାନ ଦେଇଥିଲେ । ସ୍କୁଲର ଭାରପ୍ରାପ୍ତ ଶିକ୍ଷୟିତ୍ରୀ ମିନାକ୍ଷୀ ସୂପକାର ବାର୍ଷିକ ବିବରଣୀ ପାଠ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶିକ୍ଷୟିତ୍ରୀ ଇଲା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ଆୟୁଷ ତ୍ରିପାଠୀ, ରୋଜାଲି ସାହୁ, ଇଲା ପାଣିଗ୍ରାହୀ ରିମା ପଣ୍ଡା, ଦେବଯାନୀ ପ୍ରଧାନ, ପୁଷ୍ପଲତା ବାବୁ, ରୋଜାଲିନ ମିର୍ଦ୍ଧା, ସଂଯୁକ୍ତା ମହାକୁର, ସରୋଜିନୀ ସାହୁ ଏବଂ ଓଁକାର ବାବୁ ପ୍ରମୁଖ ସହଯୋଗ କରିଥିଲେ ।




# ନାଗାବଳୀ ଏକ୍ସପ୍ରେସରେ ନାହି ନିର୍ଦ୍ଦିଷ୍ଟ କୋଚ୍

## ଅନ୍ୟ କୋଚ୍‌କୁ ଯାଇ ହନ୍ତସନ୍ତ ଯାତ୍ରୀ

**ସମ୍ବଲପୁର,୧।୨(ସମିସ):** ସମ୍ବଲପୁର ଷ୍ଟେସନରେ ପହଞ୍ଚିଲା ନାଗାବଳୀ ଏକ୍ସପ୍ରେସ(୨୦୮୦୯) । ପୂର୍ବରୁ ଟିକେଟ ସଂରକ୍ଷଣ କରିଥିବା ଯାତ୍ରୀ ଷ୍ଟେସନରେ ଅଟକି ରହିଥିଲେ । ହେଲେ ଟ୍ରେନ ପହଞ୍ଚିବା ପରେ ଏକ ନିର୍ଦ୍ଦିଷ୍ଟ କୋଚ୍ ନଥିଲା । ପରେ ଯାତ୍ରୀମାନେ ଅନ୍ୟ କୋଚ୍‌ରେ ଚଢିଥିଲେ। ହେଲେ କୌଣସି ସମାଧାନ ହୋଇନଥିବା ଅଭିଯୋଗ କରିଛନ୍ତି । ସୂଚନା ଅନୁସାରେ ଆଜି ସମ୍ବଲପୁରରୁ ନାଣ୍ଡେଡ ଯିବା ପାଇଁ ନାଗାବଳୀ ଏକ୍ସପ୍ରେସ ଲାଗିଥିଲା । ଟିକେଟ ସଂରକ୍ଷଣ କରିଥିବା ଯାତ୍ରୀ ଟେନକୁ ଅପେକ୍ଷା କରିଥିଲେ । ଟ୍ରେନ ଷ୍ଟେସନରେ ଲାଗିବା ପରେ ବିଇ-୨ କୋଚ୍ ନଥିଲା । ଯାତ୍ରୀମାନେ ଅନେକ ସମୟ ଅପେକ୍ଷା ପରେ ବିଇ-୧ କୋଚରେ ଚଢିଥିଲେ । ଏ ସମ୍ପର୍କରେ ପୂବତଟ ରେଳ ବିଭାଗ ସମ୍ବଲପୁର ମଣ୍ଡଳରେ ଯାତ୍ରୀମାନେ ଅଭିଯୋଗ ପରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି କୁହାଯାଇଥିଲା । ହେଲେ ଯାତ୍ରୀମାନେ ହନ୍ତସନ୍ତ ହୋଇଥିବା ନେଇ ଅଭିଯୋଗ କରିଛନ୍ତି । ଯାନ୍ତ୍ରୀକ ତ୍ରୁଟି ପାଇଁ ଏଭଳି ପିରସ୍ଥିତ ସୃଷ୍ଟି ହୋଇଥିବା ରେଳ ବିଭାଗ ପକ୍ଷରୁ ସ୍ପଷ୍ଟି କରଣ କରାଯାଇଛି । ଖାଲି ଥିବା ବର୍ଥରେ ଯାତ୍ରୀଙ୍କୁ ବସାଯାଇଥିଲା । ପରେ ବିଶାଖାପାଟଣାରେ ନୂତନ କୋଚ ସଲଗ୍ନ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି ।

# ଏନ୍‌ଏସ୍‌ସିବି କଲେଜରେ ଅନ୍ତର୍ଜାତୀୟ ସମ୍ମେଳନ




**ସମ୍ବଲପୁର, ୧।୨(ସମିସ):** ସ୍ଥାନୀୟ ଏନ୍‌ଏସ୍‌ସିବି. କଲେଜ ସ୍ନାତକୋତ୍ତର ବାଣିଜ୍ୟ ବିଭାଗ ପକ୍ଷରୁ ଭୌଗୋଳିକ ରାଜନୀତି, ଡିଜିଟାଲ ନବୀନତା ଓ ସପ୍ଲାଇ ଚେନ୍ ସହନଶୀଳତା: ଭାରତର ବିଶ୍ୱ ଉନ୍ନତି ପଥ ବିଷୟରେ ଆୟୋଜିତ ପ୍ରଥମ ଆନ୍ତର୍ଜାତୀୟ ସମ୍ମେଳନ କଲେଜ କନଫରେନ୍ସ ହଲରେ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି । କଲେଜର ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ହରପାଲ ସ୍ୱାଗତ ଭାଷଣ ଦେଇ ସମ୍ମେଳନର ଗୁରୁତ୍ୱ ବ୍ୟାଖ୍ୟା କରିଥିଲେ । ସମ୍ମେଳନର ସଂଯୋଜକ ଡ଼. ସତ୍ୟରଞ୍ଜନ ଗାରୁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ସଭାପତି ଭାବେ ପ୍ରଫେସର ପ୍ରତାପ ଚନ୍ଦ୍ର ତ୍ରିପାଠୀ (ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ) ଯୋଗଦେଇଥିବା ବେଳେ ମୁଖ୍ୟ ସମ୍ମାନିତ ଅତିଥି ଭାବେ ଡ.ମୁରଲୀଧର ମାଝୀ (ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟଆରଡିଇ, ସମ୍ବଲପୁର) ଉପସ୍ଥିତ ରହି ମୂଲ୍ୟବାନ ମତ ପ୍ରକାଶ କରିଥିଲେ । ପ୍ରଫେସର ତୁଷାର କାନ୍ତି ଦାସ (ପି.ଜି. କଉନ୍ସିଲ ଚେୟାରମ୍ୟାନ, ସମ୍ବଲପୁର ବିଶ୍ୱବିଦ୍ୟାଳୟ), ଡ଼. ଶ୍ୟାମା ଚରଣ ଆଚାର୍ଯ୍ୟ (ପ୍ରଫେସର ଇନ୍ କମର୍ସ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ), ପ୍ରଫେସର ଦେବେନ୍ଦ୍ର କୁମାର ମହାଲିକ ଡ଼. ଖିରୋଦ ପ୍ରଧାନ ଓ ପୃଥ୍ୱୀରାଜ ମିଶ୍ର ତାଙ୍କର ଅଭିଭାଷଣରେ ବିଶ୍ୱ ବାଣିଜ୍ୟ, ଡିଜିଟାଲ ଅର୍ଥନୀତି ଓ ସପ୍ଲାଇ ଚେନ୍ ପରିଚାଳନା ଉପରେ ଗଭୀର ଆଲୋଚନା କରିଥିଲେ । ସମ୍ମେଳନର ଟେକ୍ନିକାଲ ସେସନ୩ ଓ ଟେକ୍ନିକାଲ ସେସନ୪ ରେ ଦେଶବିଦେଶର ଗବେଷକ, ଅଧ୍ୟାପକ ଓ ଶିକ୍ଷାବିଦ୍ମାନେ ତାଙ୍କ ଗବେଷଣା ପତ୍ର ଉପସ୍ଥାପନ କରି ଭୌଗୋଳିକ ରାଜନୀତି ଓ ଡିଜିଟାଲ ନବୀନତାର ପ୍ରଭାବ ଉପରେ ଗଭୀର ଚର୍ଚ୍ଚା କରିଥିଲେ । ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ନୃତ୍ୟ, ସଙ୍ଗୀତ ଓ ଲୋକସଂସ୍କୃତି ପ୍ରଦର୍ଶନ କରି ସମସ୍ତଙ୍କୁ ମନୋରଞ୍ଜିତ କରିଥିଲେ ।

# ଖଣ୍ଡୋକଟା ଧନୁଯାତ୍ରା ଉଦ୍‌ଯାପିତ

**କୁଚିଣ୍ଡା, ୧।୨ (ସମିସ):** କୁଚିଣ୍ଡା ବ୍ଲକ ଖଣ୍ଡୋକଟା ଠାରେ ଗତ ୨୮ ତାରିଖରୁ ଆରମ୍ଭ ହୋଇଯାଇଥିବା ବିରାଟ ଧନୁଯାତ୍ରା ମହୋତ୍ସବ ଫେବୃଆରି ୧ ତାରିଖ ରବିବାର ଦିନ ଉଦ୍‌ଯାପିତ ହୋଇଯାଇଛି । ଧନୁଯାତ୍ରା ପଡ଼ିଆର ମୁକ୍ତାକାଶ ରଙ୍ଗମଞ୍ଚରେ ଅଞ୍ଚଳର କଳାକାରଙ୍କୁ ନେଇ ପ୍ରଥମ ଦିନରେ ଗୋପପୁରରେ କଳସ ଶୋଭାଯାତ୍ରା, କୃଷ୍ଣ ବଳରାମଙ୍କ ପ୍ରତିଷ୍ଠା, ହୋମଯଜ୍ଞ ସହ କୃଷ୍ଣଗୁରୁ, ମହିଳା କୀର୍ତ୍ତନ ଆଦି ସହ ମଥୁରା ନଗରୀରେ ରାଜଦରବାର ଉଦଘାଟନ, ବସୁଦେବ ଦେବକୀଙ୍କ ବିବାହ, ଉଗ୍ରସେନ ଗାଦିଚ୍ୟୁତ, କଂସ ଅଭିଷେକ, ଦେବକୀ ବସୁଦେବଙ୍କୁ ବନ୍ଦୀ ଏବଂ ନାରଦ ଗୃହ ପ୍ରେରଣ ଆଦି ନାଟ୍ୟଭିନୟ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ରାଜକୀୟ ଅତିଥି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ, ମନ୍ତ୍ରୀ ସମ୍ପଦ ସ୍ୱାଇଁ । କୁଚିଣ୍ଡା ଉପଜିଲ୍ଲାପାଳ ସରୱାନନ ସ, ହେମସାଗର ଭୋଇ ପିଏଆଇଟିଡ଼ିଏ, କୁଚିଣ୍ଡା ତହସିଲଦାର ସରିତା ଓରାମ, ବିଡ଼ିଓ ଜୟନ୍ତ ସାହୁ ଉପସ୍ଥିତ ରହିଥିଲେ । ଦ୍ୱିତୀୟ ଦିନରେ ଗୋପପୁରରେ କୃଷ୍ଣ ଜନ୍ମ, ବିଜୁଳି କନ୍ୟାକୁ ଆଣିବା, କୃଷ୍ଣ ବଳରାମଙ୍କ ନାମ କରଣ, ଲବଣି ଖୁଆହୋଇଥିବା ବେଳେ ମଥୁରା ନଗରୀ ରେ କଂସଙ୍କୁ ବିଜୁଳି କନ୍ୟାଙ୍କ ଶୁନ୍ୟବାଣୀ, ପୁତୁନା ପ୍ରେରଣ, ବଡ଼ମାଲ ଗ୍ରାମରେ ଦିଗ ବିଜୟ, ଦୁର୍ମିଳା ରାକ୍ଷସ ବଧ ଆଦି ନାଟ୍ୟଭିନୟ ହୋଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ଝାରସୁଗୁଡା ସରକାରୀ ନୃତ୍ୟ ଦଳ, ଲୋକାଲ ଡ୍ୟାନ୍ସ କୁଚିଣ୍ଡା କାଳପରିଷଦ ନୃତ୍ୟ ପରିବେଷଣ କରଯାଇଥିଲା । ରାଜକୀୟ ଅତିଥି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ, ସମ୍ବଲପୁର ଆରଡ଼ିସି, ସମ୍ବଲପୁର ଆଇଜି, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ଆରକ୍ଷୀ ଅଧିକାରୀ ମୁକେଶ କୁମାର ଭାମୁ ପ୍ରମୁଖ୍ୟ ଯୋଗ ଦେଇଥିଲେ । ତୃତୀୟ ଦିନରେ ଗୋପପୁର ନନ୍ଦୋତ୍ସବ, ଲବଣି ଖିଆ, ପୁତୁନା ବଧ, ଷଣ୍ଢାସୁର ବଧ ତଳପଡ଼ା ଛକରେ ହୋଇଥିବା ବେଳେ ମଥୁରା ନଗରୀରେ ମହାରାଜ କଂସଙ୍କ ନଗର ଭ୍ରମଣ, ଲାଖୋପଡ଼ା ଠାରେ ଜରାସନ୍ଧ ବଧ, କଂସ ଦରବାରରେ ବକାସୁର, ଶକଟାସୁର, ତୃଣାବର୍ତ୍ତ ପ୍ରେରଣ, ହେତି ପ୍ରହେତି ବିବାହ ଅନୁଷ୍ଠିତ ହୋଇଥିଲା । ସଂସ୍କୃତିକ କାର୍ଯ୍ୟକ୍ରମରେ ଛଉ ନୃତ୍ୟ ମୟୁରଭଞ୍ଜ, ସୋନପୁର ସରକାରୀ ନୃତ୍ୟ ଦଳ ସହ ଆଞ୍ଚଳିକ ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରି ବେଷଣ ହୋଇଥିଲା । ରାଜକୀୟ ଅତିଥି ଭାବେ ମନ୍ତ୍ରୀ ପଞ୍ଚାୟତିରାଜ ରବିନାରାୟଣ ନାୟକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ପ୍ରମୁଖ୍ୟ ଯୋଗଦେଇଥିଲେ । ଚତୁର୍ଥ ଦିନରେ ଗୋପପୁରରେ ବକାସୁର ବଧ, ମଥୁରା ନଗରୀରେ ରଙ୍ଗସଭା, ଅକ୍ରୁର ପ୍ରେରଣ ଆଦି ନାଟ୍ୟା ଭିନୟ ହେବା ସହ, ଦଣ୍ଡ ନୃତ୍ୟ ଓ ଅର୍କେଷ୍ଟ୍ରା, ମନୋରଞ୍ଜନ ପାଇଁ ଆୟୋଜନ ହୋଇଥିଲା । ରାଜକୀୟ ଅତିଥି ଭାବେ ମନ୍ତ୍ରୀ ପଞ୍ଚାୟତିରାଜ ରବିନାରାୟଣ ନାୟକ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ । ପଞ୍ଚମ ଅର୍ଥାତ ଶେଷ ଦିବସରେ ଗୋପପୁର ରେ ଅକ୍ରୁର ରଥରେ ରାମ କୃଷ୍ଣଙ୍କ ଆଗମନ, କୁବୁଜା ଉଦ୍ଧାରଣ ମଥୁରା ନଗରୀରେ କୁବଳୟା ହସ୍ତି ସଙ୍ଗେ ରାମକୃଷ୍ଣଙ୍କ ଯୁଦ୍ଧ, କୃଷ୍ଣ ବଳରାମଙ୍କ ଆଗମନରେ ମହାରାଜ କଂସ ଥର ହର ହୋଇ ମଞ୍ଚାରୁ ପଡ଼ି କଂସଙ୍କ ନିଧନ ସହ ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ । ରାଜକୀୟ ଅତିଥି ରୂପେ ମନ୍ତ୍ରୀ ପଞ୍ଚାୟତିରାଜ ରବିନାରାୟଣ ନାୟକ ଯୋଗଦେଇ ଥିଲେ । ଯାତ୍ର କମିଟି ର ଉପଦେଷ୍ଟା କ୍ୟାବିନେଟ ମନ୍ତ୍ରୀ ରବି ନାରାୟଣ ନାୟକ, ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ, ସମ୍ପାଦକ ଧନୀ ରାମ ନାୟକ, କୋଷାଧକ୍ଷ ଚନ୍ଦ୍ରମଣି ନାଏକ, ମଞ୍ଚ ପରିଚାଳକ କିଶୋର ଚନ୍ଦ୍ର ସାହୁଙ୍କ ସହ ଅଞ୍ଚଳ ବାସୀଙ୍କ ଉଦ୍ୟମରେ ଧନୁଯାତ୍ରା ଆକର୍ଷଣୀୟ ହୋଇଥିଲା । କୁଚିଣ୍ଡା ପୁଲିସର ନିରନ୍ତର ସେବା ପ୍ରଦାନ ଯୋଗୁଁ ଶାନ୍ତି ଶୃଙ୍ଖଳା ସହ ସମାପନ ହୋଇଥିଲା ।

# ସୁସ୍ଥ ହୀରାକୁଦ ଉଦ୍ଦେଶ୍ୟରେ ମାରାଥନ



**ସମ୍ବଲପୁର, ୨।୧(ସମିସ):** ହୀରାକୁଦ ସୁବାସ ମଇଦାନରେ ନିଶା ମୁକ୍ତ ହୀରାକୁଦ, ସୁସ୍ଥ ହୀରାକୁଦ ଉଦ୍ଦେଶ୍ୟରେ ହିଣ୍ଡା । ।ଲକୋ କଣ୍ଟ୍ରାକ୍ଟର ଆସୋସିଏସନ୍ ହୀରାକୁଦ ତରଫରୁ ମାରାଥନ ଆୟୋଜିତ ହୋଇଥିଲା । ମାରାଥନରେ ୬୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ବାଳକ ବର୍ଗରେ ମହେନ୍ଦ୍ର ଥାପା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦ୍ୱିତୀୟ ସ୍ଥାନରେ ରାଜୁ ଓରାମ ଏବଂ ତୃତୀୟ ସ୍ଥାନରେ ଗଣେଶ ଓରାମ ରହିଥିଲେ । ସେହିପରି ବାଳିକା ବର୍ଗରେ ପ୍ରଥମ ସୁଶ୍ରୀ ନମିତା ଓରମ୍, ଦ୍ୱିତୀୟ ସୁଶ୍ରୀ ସନ୍ଧ୍ୟା ପିଙ୍କ୍, ତୃତୀୟ ନିକିତା ପିଙ୍କ୍ ସ୍ଥାନ ଗ୍ରହଣ କରିଥିଲେ । ଅତିଥି ଭାବେ ଏସଏମସି ଡେପୁଟି କମିଶନର ହରିଓମ୍ ଭୋଇ, ଏନଫୋର୍ସମେଣ୍ଟ ଅଧିକାରୀ ସୁଶାନ୍ତ କୁମାର ସାହୁ, ଏଚଆର ମୁଖ୍ୟ ହିଣ୍ଡାଲକୋ ବିଶ୍ୱାସ ସିନ୍ଧେ, ମାନସ ରଞ୍ଜନ ମହାନ୍ତି, ହୀରାକୁଦ ଥାନା ଅଧିକାରୀ ସନୟ କୁମାର ନାୟକ ଯୋଗ ଦେଇଥିଲେ । ଜିଲ୍ଲା କ୍ରୀଡା ଆସୋସିଏସନର ସମ୍ପାଦକ ସୁନିଲ ସାହୁ, ଗଣେଶ ପଲେଇ, ପ୍ରତାପ ତାଣ୍ଡି, ସ୍ୱେଚ୍ଛାସେବୀ କାର୍ତ୍ତିକ କଲେତ ପ୍ରମୁଖ ସହଯୋଗ କରିଥିଲେ ।

# ବିଦ୍ୟାବିକାଶ କ୍ରିକେଟ ମ୍ୟାଚ: ପ୍ରେସ୍ ଏକାଦଶ ଚାମ୍ପିଅନ

**ସମ୍ବଲପୁର, ୧।୨(ସମିସ)**

ବିଦ୍ୟାବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟ ପକ୍ଷରୁ ଆଜି ଏକ ବନ୍ଧୁତପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ବିଦ୍ୟା ବିକାଶ ହସପିଟାଲ ଓ ପ୍ରେସ ଏକାଦଶ ମଧ୍ୟରେ ଏହି ମ୍ୟାଚ ଖେଳାଯାଇଥିଲା । ପ୍ରେସ ଏକାଦଶର ଅଧିନାୟକ ଶୁଭାଶିଷ ପାଢ଼ୀଙ୍କ ନେତୃତ୍ୱରେ ଦଳ ଚାମ୍ପିଅନ ହୋଇଥିଲା । ପ୍ରେସ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୭ ୱିକେଟ ହରାଇ ୧୦୭ ରନ ହାସଲ କରିଥିଲା । ଜବାବରେ ମେଡିକାଲ ଦଳ ୯ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୬୧ ରନ କରିବାରେ ସଫଳ ହୋଇଥିଲା । ଅମ୍ପାୟର ଭାବେ ସୁନୀଲ କୁମାର ସିଂ, ସୁଶାନ୍ତ ଓ ଅକ୍ଷୟ ଦାୟିତ୍ୱ ତୁଲାଇଥିବା ବେଳେ, ପ୍ରଞ୍ଜାଲ ସିଂ ଓ ପ୍ରେମରାଜ ବଘାର ସ୍କୋରର ରହିଥିଲେ । ବିଦ୍ୟା ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟର ଚେୟାରମ୍ୟାନ ଜି ଭାସ୍କର ରାଓ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜି ରାମକ୍ରିଷ୍ଣା, ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜୀବ କୁମାର ବାବୁ, ବିକାଶ ଦି କନସେପ୍ଟ ସ୍କୁଲର ଅଧ୍ୟକ୍ଷ ମନୋରଞ୍ଜନ ପତି, ଉଚ୍ଚ ମାଧ୍ୟମିକ ଅଧ୍ୟକ୍ଷ ଡକ୍ଟର ପୁଷ୍ପିତା ପଣ୍ଡା, ବିକାଶ ଉଚ୍ଚ ମାଧ୍ୟମିକ ଅଧ୍ୟକ୍ଷ ଆଇ/ସି ଡକ୍ଟର ଦିବ୍ୟସିଂହ ମହାନ୍ତ ଉପସ୍ଥିତ ରହି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ମ୍ୟାଚ୍‌ରେ ସବୁଠାରୁ ବୟସ୍କ ଖେଳାଳି ଭାବେ ମିଡିଆ ଏକାଦଶର ସୁଭାଷ ପାଣିଗ୍ରାହୀ ୭୫ ବର୍ଷ ବୟସରେ ଖେଳୁଥିଲେ । ବିଦ୍ୟା ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସର ମାନବ ସମ୍ବଳ ପ୍ରୀତମ ଦାସ ଏବଂ ସମ୍ବଲପୁରର ପିଆର ଏବଂ ଲିଗାଲ୍ ବିଦ୍ୟା ବିକାଶ ହସ୍ପିଟାଲର ମାନବ ସମ୍ବଳ ସଞ୍ଜୀବ ପଣ୍ଡା ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।



## ଭାରତୀ ନଗରୀରେ ହିନ୍ଦୁ ସମ୍ମିଳନୀ



**ବରଗଡ଼, ୧।୨(ସମିସ):** ଆଜି ଭାରତନଗର ବସ୍ତିରେ ଡାକ୍ତର ସଞ୍ଜିତକୁ ମିଶ୍ରଙ୍କ ସଂଯୋଜନାରେ ହିନ୍ଦୁ ସମ୍ମିଳନୀ ଆୟୋଜିତ କରାଯାଇଥିଲା। ସ୍ଥାନୀୟ ଭାରତୀ ନଗର, ଶ୍ରୀରାମ ବିହାର, ମିଲନ ବିହାର ଏବଂ ପ୍ରେସ୍ସ କଲୋନୀ ବାସିନ୍ଦା ମାନଙ୍କୁ ନେଇ ସୁକାନ୍ତ ମିଶ୍ର (ରାଜୁ ମିଶ୍ର)ଙ୍କ ସଭାପତିତ୍ୱ ଓ ସନ୍ତୋଷ ପୁରୋହିତଙ୍କ ସହ- ସଭାପତିତ୍ୱରେ ଆୟୋଜନ କରାଯାଇଥିଲା। ପ୍ରାରମ୍ଭିକ ହୋମଯଜ୍ଞ ସହ ହନୁମାନ ଚାଳିଶା ପାଠ ସହ ଏକ ସଭା କାର୍ଯ୍ୟ ଆୟୋଜନ କରାଗଲା। ମୁଖ୍ୟ ଅତିଥି ସ୍ୱାମୀ ଚେତେନାମୟାନନ୍ଦ ଓ ସମ୍ମାନିତ ଅତିଥି ସ୍ୱାମୀ ନିତ୍ୟବୋଧନନ୍ଦଙ୍କ ମାର୍ଗଦର୍ଶନ ସହିତ ଆଚାର୍ଯ୍ୟ ସତ୍ୟବାନ ଦେହେରୀ, ହିନ୍ଦୁ ସମାଜ ପାଇଁ ବର୍ତ୍ତମାନର ପଞ୍ଚ ପରିବର୍ତ୍ତନ(କୁଟୁମ୍ବ ବ୍ୟବସ୍ଥା, ପର୍ଯ୍ୟାବରଣ ସୁରକ୍ଷା, ନାଗରିକ କର୍ତ୍ତବ୍ୟ, ସ୍ୱବୋଧ ଓ ସାମାଜିକ ସମରସତା) ର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଚନ୍ଦ୍ରଶେଖର କାଳିଆ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ଅବସରରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଭୁଶାକାର ବିଚିତ୍ରା ମେହେର ଓ କଳାକାର ହୃଷିକେଶ ଭୋଇଙ୍କୁ କମିଟି ତରଫରୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରେ ସର୍ବଶ୍ରୀ ଟେକ୍କୃଷ୍ଣ ସାହୁ, ଲଳିତ ବିଶ୍ୱାଳ, ପ୍ରତାପ ପଟ୍ଟନାୟକ, ଧାନଚାନ୍ଦ ମେହେର, ସନ୍ତୋଷ ପୁରୋହିତ, ଅଶୋକରଥ, ଅଶୋକ ମହାପାତ୍ର, ଅଶ୍ୱିନୀ ମିଶ୍ର, କାଳି ଚରଣ ବୋଷ, ଯୁଗଲ ସାହୁ, ସଞ୍ଜୟ ଦେବତା, ଶେଖର ସାହୁ, ଧାନଚାନ୍ଦ ମେହେର, ପ୍ରଦୀପ ଅଗ୍ରୱାଲ ଉପସ୍ଥିତ ଥିଲେ।

## ଖୋର୍ଦ୍ଧାର ପାଇକ ନୃତ୍ୟରେ ଦୁଲୁକିଲା ମଞ୍ଚ

# ଭୀମଭୋଇ ଲୋକ ମହୋତ୍ସବ ଉଦ୍‌ଯାପିତ

**ରେଢାଖୋଲ, ୧।୨(ସମିସ)**

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରରେ ଗତ ୨୯ ତାରିଖରୁ ଆରମ୍ଭ ହୋଇଥିବା ଭୀମଭୋଇ ଲୋକମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଯଥାରୀତି ମଞ୍ଚ ପୂଜନ ଓ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଯାପନୀ ସନ୍ଧ୍ୟା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ରେଢ଼ାଖୋଲ ଉପଜିଲ୍ଲାପାଳ ତଥା ଲୋକ ମହୋତ୍ସବ କମିଟିର ଅଧ୍ୟକ୍ଷ ରଶ୍ମି ରଞ୍ଜନ ମହନ୍ତଙ୍କ ଅଧ୍ୟକ୍ଷତାରେ ଅତିଥି ଭାବରେ ରେଢାଖୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଶିବରାମ ସାହୁ, ନାକଟିଦେଉଳ ପଞ୍ଚାୟତ ସମିତି ଅଧ୍ୟକ୍ଷ ସ୍ୱରୂପାରାଣୀ ସାହୁ ଯୋଗ ଦେଇଥିଲେ। ଅତିଥି ଭାବରେ ସାଂସଦଙ୍କ ପ୍ରତିନିଧି ଦେବେନ୍ଦ୍ର ମହାପାତ୍ର ରେଢାଖୋଲକୁ ମହାନ ଚେତନା ଓ ଆଧ୍ୟାତ୍ମିକକ୍ରାନ୍ତିର ଏକ ମହାନ ପୀଠ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ ରେଢାଖୋଲ ଓଡ଼ିଶାର ସାଂସ୍କୃତିକ ଇତିହାସରେ ଏକ ନୂଆ ପୃଷ୍ଠା ଯୋଡିଦେବ ବୋଲି କହିଥିଲେ। ସେହିପରି ଅନ୍ୟତମ ଅତିଥି ଭାବରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ଗବେଷକ ଅତୁଲ ପ୍ରଧାନ ରେଢାଖୋଲ ମାଟି ହେଉଛି ପ୍ରାଗ୍ ଐତିହାସିକ ଯୁଗର ଜୀବନ୍ତ ଦସ୍ତାବିଜ୍, ଏଥିପାଇଁ ଗବେଷଣା ଓ ଉତ୍ଖନନ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଉଭାଞ୍ଚଳ କୃଷି ବିଭାଗର ଅଧିକ୍ଷକ ନରେନ୍ଦ୍ର କୁମାର ପଣ୍ଡା ଏଠାରେ ଚାଲିଥିବା କୃଷି ମେଳାର ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସମ୍ବଲପୁର ଜିଲ୍ଲାପାଳ





ଡ. ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିବା ସହ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଉପଲକ୍ଷେ ସ୍ୱର୍ଗତଃ ସାମ୍ବାଦିକ ରମାକାନ୍ତ ମହାନନ୍ଦ, ଶହୀଦ ଯବାନ ରଞ୍ଜନ କୁମାର ସାହୁ, ସହିଦ ଯବାନ ଶୁକଦେବ ପ୍ରଧାନ ଏବଂ ସହିଦ ଯବାନ ଚନ୍ଦ୍ରଶେଖର ମହାକୁଡ଼ ଙ୍କ ପରିବାର ଲୋକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଆଶା କର୍ମୀ ତାରିଣୀ ସମର୍ଥ, ଅଙ୍ଗନବାଡ଼ି କର୍ମୀ ପ୍ରତିରାଣୀ ଦାସ, ଆନ୍ତର୍ଜାତୀୟ କ୍ରୀଡ଼ାବିତ ଅମିୟ କୁମାର ପ୍ରଧାନ, ବିଶିଷ୍ଟ ସାହିତ୍ୟିକ ଦିବାକର ଭୋଇ, ରକ୍ତଦାତା ପ୍ରମୋଦ ସାହୁ, ଶସ୍ୟ ବିଜ୍ଞାନ ଗବେଷକ ଡ. ଗୌରୀଶଙ୍କର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଶିଷ୍ଟ ଚିତ୍ର ଶିଳ୍ପୀ ସୁଧୀର ସ୍ୱାଇଁ ଲୋକ ମହୋତ୍ସବ ର ଲୋଗୋ ଡିଜାଇନ କରିଥିବାରୁ ଏବଂ ଲୋକ ମହୋତ୍ସବ ଗୀତର ନିର୍ଦ୍ଦେଶକ ଓ ଲେଖକ ଉମାକାନ୍ତ ମହାନନ୍ଦ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଫଳ ଚାଷୀ ଯୋଶଦା ମେଶ୍ରା, ନିତ୍ୟାନନ୍ଦ ଦେହୁରି, ପାର୍ବତୀ ସେଠି, ଗଣେଶ୍ୱର ସାହୁ, କେଦାର ଦେହୁରି ଓ ପ୍ରଶାନ୍ତ କୁମାର ସିଂହ ମଧ୍ୟ ସମ୍ବର୍ଦ୍ଧିତ ହୋଇଥିଲେ। ସାଂସ୍କୃତିକ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ଖୋର୍ଦ୍ଧାର ପାଇକ ନୃତ୍ୟ, ଲୋଇଙ୍ଗାର ରସରକେଲି ନୃତ୍ୟ, ରାୟଗଡ଼ାର ଢେମସା, ବଲାଙ୍ଗିରର ସମ୍ବଲପୁରୀ ଲୋକନୃତ୍ୟ। ଅତିଥି ଗାଇକା ଅର୍ଚ୍ଚନା ପାଢ଼ୀଙ୍କ ସଙ୍ଗୀତ ଯାଦୁ ଦର୍ଶକଙ୍କୁ ବିମୋହିତ କରିଥିଲା। ହାସ୍ୟ ଅଭିନେତା ମିଷ୍ଟର ଗୁଲୁଆ ହାସ୍ୟରସାତ୍ମକ କାର୍ଯ୍ୟକ୍ରମ ଲୋକଙ୍କୁ ବେଶ୍ ମନୋରଞ୍ଜନ କରିଥିଲା।ଏହି ଅବସରରେ ଲୋକ ମହୋତ୍ସବର ସ୍ମରଣିକା ଉନ୍ମୋଚନ କରାଯାଇଥିଲା।ସ୍ମରଣିକାର ସମ୍ପାଦକ ମଣ୍ଡଳୀ, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତାର ବିଚାରକ ମଣ୍ଡଳୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

## କିସାନ ସମାଜ ପକ୍ଷରୁ ସାଂସ୍କୃତିକ ସମ୍ମିଳନୀ



**କୁଚିଣ୍ଡା, ୧।୨(ସମିସ):** ବାମରା ବ୍ଲକ ସଦର ମହକୁମାସ୍ଥିତ ମଇନାପଡ଼ାରେ ୫୫୦ କିସାନ ଜାତି ସମାଜ ପକ୍ଷରୁ ଗୋବିନ୍ଦପୁର ପଞ୍ଚାୟତ ସାଂସ୍କୃତିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କିସାନ ଜାତି ସମାଜର ପଞ୍ଚାୟତ ଉପସଭାପତି ଲିଙ୍ଗରାଜ କେନ୍ଦ୍ରୁଙ୍କ ସଭାପତିତ୍ୱରେ ରବିବାର ଆୟୋଜିତ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଭାପତି ସାଧୁ ପିଙ୍ଗ ଯୋଗ ଦେଇ କିସାନ ସମାଜର ବିଭିନ୍ନ ପରମ୍ପରା ନେଇ ଆଲୋଚନା କରିଥିଲେ।ସମ୍ମାନିତ ଅତିଥି ଭାବେ ବଂଶୀଧର ମାଝୀ, ଟିକେଶ୍ୱର ମାଝୀ, ନବୀନ କିସାନ, ରାମ ଟୋପ୍ପୋ, ତିଲ ବାଗ, ଲକ୍ଷ୍ମଣ ଟୋପ୍ପୋ, ଭଗବାନ ମାଝୀ ଓ କାର୍ତ୍ତିକ ମାଝୀ ଉପସ୍ଥିତ ରହି କିସାନ ଭାଷା, ସଂସ୍କୃତି ଓ ପରମ୍ପରା ସୁରକ୍ଷିତ ରଖିବାକୁ ଆହ୍ୱାନ ଦେଇ ଥିଲେ। ଆଇନଜୀବୀ ସୁଶାନ୍ତ ମାଝୀ ସଭା ପରିଚାଳନା କରିଥିଲେ। ଏହି ଅବସରରେ କିସାନ ନୃତ୍ୟ ଓ ଗୀତ ପରିବେଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୁ ବାଗ, ପରମେଶ୍ୱର ମିଞ୍ଜ, ସାରଗୁ ଟୋପ୍ପୋ, ନିରଞ୍ଜନ ମାଝୀ, ମୁନି ବାଗ, ଗୋମତୀ ଟୋପ୍ପୋ, ଅନାଦି ପିଙ୍ଗ, କପିଲ ବାଗ ଓ ପରମେ ପୀଙ୍ଗଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି କିସାନ ସମାଜକୁ ସୁଦୃଢ କରିବା ନେଇ ମତ ବ୍ୟକ୍ତ କରିଥିଲେ।କାର୍ଯ୍ୟକ୍ରମରେ ଖୋଖୋପଡ଼ା, ମାଇନାପଡ଼ା, ହରିପଡ଼ା ଓ ନୂଆଡ଼ିହି ସମେତ ଅନ୍ୟ ଅଞ୍ଚଳରୁ ସାମଜିକ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

## ପହଣ୍ଡିରେ ଭୀମ ମନ୍ଦିର ପ୍ରତିଷ୍ଠା

**ବିଜେପୁର, ୧।୨(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ପହଣ୍ଡି ଗାଁରେତ୍ରିଦିନାଗକ 'ଭୀମ ଗୁଡ଼ି' ପ୍ରତିଷ୍ଠା ମହୋତ୍ସବ ସମ୍ପନ୍ନ ହୋଇଯାଇଛି। ଚିନ୍ତାମଣି ସାହୁ ଓ ତାଙ୍କ ସହଧର୍ମିଣୀ ପ୍ରତିମା ସାହୁ ପୂଜାର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ ନରେନ୍ଦ୍ର ଦାଶ, ନରେନ୍ଦ୍ର ପଣ୍ଡା, ମୁନ୍ନା ଦାଶ, ପିଣ୍ଟୁ ମହାପାତ୍ର ପ୍ରମୁଖ ପଣ୍ଡିତ ମାନେ ପୂଜାର୍ଚ୍ଚନା କରିଥିଲେ। ମାଁ ବାଞ୍ଜିତଳିଏନ୍, ବୁଢ଼ାରଜା, ସମଲେଇ, ଭୀମ, ହନୁମାନ ବୀର, ଭୁବୁରାତଳିଏନ୍ ପ୍ରଭୃତି ଦେବାଦେବୀ ଗାଁରେ



ପୂଜା ପାଉଥିବା ବେଳେ ଗାଁଦେବତା ଭୀମଙ୍କ ନବ ନିର୍ମିତ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଦିବସରେ ପାରାୟଣ, ପ୍ରବଚନ, ସଙ୍କୀର୍ତ୍ତନ, କବି ସମ୍ମିଳନୀ, ଅପେରା ଆଦି ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବିଧାୟକ ସନତ ଗଛତିଆ, ପୂର୍ବତନ ମନ୍ତ୍ରୀରିତା ସାହୁଙ୍କ ସମେତ ଅତିଥି ମାନେ ଯୋଗଦାନ କରିଥିଲେ। ପ୍ରଫୁଲ୍ଲ ପଣ୍ଡା, ସରୋଜ ପୁରୋହିତ, ସୁଧାଂଶୁ ସାହୁ, ବୈକୁଣ୍ଠ ସାହୁ, ପ୍ରମୋଦ ସାହୁ, ଗୌରାଙ୍ଗ ପ୍ରଧାନ, ରାଧେଶ୍ୟାମ ସାହୁ, ଶ୍ୟାମ ସୁନ୍ଦର ସାହୁ, ମୁକୁ ସାହୁ, ବାଞ୍ଛାନିଧି ସାହୁଙ୍କ ସମେତ କମିଟି ବୃନ୍ଦ, ପହଣ୍ଡି ଗ୍ରାମବାସୀ ତଥା ଅଞ୍ଚଳବାସୀ ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପୃଥକ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ

**ସମ୍ବଲପୁର, ୧।୨(ସମିସ):** ସମ୍ବଲପୁରର ବିଭିନ୍ନ ସ୍ଥାନରେ ବାଇକ୍ ଦୁର୍ଘଟଣାରେ ୩ଜଣଙ୍କ ମୃତ୍ୟୁ ଘଟିଛି। ପୃଥକ ଦୁଇଟି ଦୁର୍ଘଟଣା ଘଟି ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଅଛନ୍ତି। ଶାସନ ଥାନା ବରଡୁଙ୍ଗୁରାରେ ଦୁଇଟି ବାଇକ୍ ଧକ୍କାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ କତରବଗା ଥାନା ଖୁଣ୍ଟାମାଳ ଗ୍ରାମର ବିକାଶ ପ୍ରଧାନ(୨୫) ଓ କପିଳେଶ ନାଏକ(୨୬)। ସୂଚନା ଅନୁସାରେ ବିକାଶ ଓ କପିଳେଶ ବାଇକ୍ ନଂ-ଓଡି୧୫ଡି-୪୭୬୮ରେ ପରମାଣପୁର ବାମରା ରାସ୍ତାରେ ଯାଉଥିଲେ। ଆଗରୁ ଆସୁଥିବା ଏକ ବାଇକ୍ ନଂ-ଓଡି୧୫ୱାଇ-୨୯୬୩) କୁ ଧକ୍କା ଦେଇଥିଲେ। ଗୋଟାଏ ବାଇକ୍‌ରେ ଥିବା ବିକାଶ ଓ କପିଳେଶଙ୍କ ମୃତ୍ୟୁ ହୋଇଛି। ସେପଟେ ଅନ୍ୟ ବାଇକ୍‌ର ଚାଳକ ହିତେଶ କୁମାର ସାମନ୍ତରାୟ(୨୮) ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ସେହିପରି ଅଇଁଠାପାଲି ଥାନା ପରିଧିଆପାଲିରେ ଜଣେ ବାଇକ୍ ଆରୋହୀ ଡିଭାଇଡରେ ଧକ୍କା ଦେଇ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଅଛନ୍ତି। ମୃତକ ସଦରଥାନା ଗୁରୁପାଲି ଗ୍ରାମର ନରେଶ ସିଂ ବୋଲି ଜଣାପଡ଼ିଛି।

## ନୃସିଂହନାଥରେ ମାଘ ମେଳା ସହ ଅଷ୍ଟପ୍ରହରୀ ନାମଯଜ୍ଞ



**ପାଇକମାଳ, ୧।୨(ସମିସ):** ପଶ୍ଚିମ ଓଡ଼ିଶାର ବରଗଡ଼ ଜିଲ୍ଲା ପ୍ରସିଦ୍ଧ ତୀର୍ଥକ୍ଷେତ୍ର ଶ୍ରୀଶ୍ରୀ ନୃସିଂହନାଥ ପୀଠରେ ମାଘ ମେଳା ସହ ଅଷ୍ଟ ପ୍ରହରୀ ନାମଯଜ୍ଞ ସମ୍ପନ୍ନ ହୋଇଛି। ଅଷ୍ଟପ୍ରହରୀ ନାମଯଜ୍ଞରେ ମୁନିଖେଲ, ହିରାପୁର, ଚିରୋଲି, କୋକନରା, ଡୁଡୁକିଝରିଆ, ବସେଖେଲା, ମୁଣ୍ଡାପଲା, ବାଦିମାଲ ଗାଁଗୁଡିକର ଦଶ ଗୋଟି ସଙ୍କୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ କର୍ତ୍ତା ଭାବେ ଦିବ୍ୟ କିଶୋର ପଣ୍ଡା ଓ ତାଙ୍କ ସହଧର୍ମିଣୀ ଅନୁପମା ପଣ୍ଡା ଦାୟିତ୍ୱ ତୁଲାଇଥିଲେ। ଯଜ୍ଞ ପୁରୋହିତ ଡିଗ୍ରୀଧର ଦେବତା ଓ ମୁନା ଦେବତା ପୂଜାପାଠ କରିଥିଲେ। ଦୁଇ ଦିନ ଧରି ଯଜ୍ଞ ପୀଠରେ ତଥା ମାଘ ମେଳାରେ ପ୍ରବଳ ଭିଡ଼ ଅନୁଷ୍ଠିତ ହୋଇଥିଲା। ରବିବାର ଅପରାହ୍ନରେ ପୂର୍ଣ୍ଣାହୁତି ପରେ ଦହି ହାଣ୍ଡି ଭଙ୍ଗାଯାଇ କଳସ ବିସର୍ଜନ କରାଯାଇଥିଲା। ମନ୍ଦିରର ପୂଜକ ସୁଜ୍ଞାନ୍ତ ତ୍ରିପାଠୀ, ସତ୍ୟ ପୁରୋହିତ, ସିଦ୍ଧାର୍ଥ ପୁରୋହିତ, ମନମିତ ପୁରୋହିତ, ଆଜାଦ ମାଝୀ, ଶୁଭମ୍ ପୁଝାରୀ ପ୍ରମୁଖ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନଙ୍କ ନେତୃତ୍ୱରେ ବିଭିନ୍ନ କାର୍ଯ୍ୟ ପରିଚାଳିତ ହୋଇଥିବା ବେଳେ ଗିରିଶ ଚନ୍ଦ୍ର ନାୟକ, ସୁବୋଧ ପଣ୍ଡା, ବଡ଼ ଶତପଥୀ, ବିଷ୍ଣୁ ପଶାୟତ, ସୁରଥ ସାହୁ, ମାନସ ନାୟକ, ଚିତ୍ତ ସରାଫ, ସ୍ମୃତିରଞ୍ଜନ ସାହୁ, ଜାକି ସରାଫ, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ୨୪ ପ୍ରହର ନାମଯଜ୍ଞ ସମାପନ

**ସମ୍ବଲପୁର, ୧।୨(ସମିସ):** ସମ୍ବଲପୁର ମୋଦିପଡ଼ା ପାର୍କ ସ୍ଥିତ ରାଧାକୃଷ୍ଣ କୀର୍ତ୍ତନ ମନ୍ଦିର ପକ୍ଷରୁ ଆୟୋଜିତ ୨୪ ପ୍ରହର ନାମଯଜ୍ଞ ସମାପନ ହୋଇ ପୂର୍ଣ୍ଣହୂତି ପଡ଼ିଛି। ଆଜି ଅପରାହ୍ନରେ ରୀତିନୀତି ଅନୁସାରେ ପୂଜା କରାଯାଇ ଦହିହାଣ୍ଡି ଭଙ୍ଗା ଯାଇଥିଲା। ପରେ ରାଧା କୃଷ୍ଣଙ୍କୁ ନାମ କୀର୍ତ୍ତନ କରାଇ ନଗର ପରିକ୍ରମା କରାଯାଇଥିଲା। ଲୋକନାଥ ପୂଜାରୀ ଓ ତାଙ୍କ ଧର୍ମପତ୍ନୀ ମମତା ପୂଜାରୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ପୂଜକ ଭାବରେ ରାଜାରାମ ବଡ଼ପଣ୍ଡା ଓ ତାଙ୍କ ସହଯୋଗୀ ଦାୟିତ୍ୱରେ ରହିଥିଲେ। ନିରୁ ନାଏକ, କିରଣ ଜେନା, ରାସେଶ୍ୱରୀ ଜେନା, ଆନନ୍ଦନି ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ପାର୍ବତୀଗିରି ମହିଳା ମହାବିଦ୍ୟାଳୟକୁ ୱାଟର ପ୍ୟୁରିଫାୟର ପ୍ରଦାନ

**ବରଗଡ଼, ୧।୨(ସମିସ):** ସ୍ଥାନୀୟ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟରେ ବରଗଡ଼ ଏସବିଆଇର ମୁଖ୍ୟ ଶାଖାର ସିଏସଆର ସ୍କିମ୍ ଦ୍ୱାରା ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଗୋଟିଏ ୱାଟର ପ୍ୟୁରିଫାୟର ପ୍ରଦାନ କରା ଯାଇଛି। ଏସ.ବି.ଆଇ.ର ଆଞ୍ଚଳିକ ପ୍ରବନ୍ଧକ ମଧୁସୂଦନରଥ ଓ ମୁଖ୍ୟ ପରିଚାଳକ ଜୟକିଶନ ମହାରଣାଙ୍କ ପ୍ରୟାସରେ ଗତ ୩୧ ତାରିଖ କଲେଜରେ ସ୍ଥାପିତ ହୋଇଛି। ଅଧ୍ୟକ୍ଷା ରଞ୍ଜିତା ନାଏକଙ୍କ ଅଧ୍ୟକ୍ଷତାରେ ଓ ରଥ ଓ ମହାରଣାଙ୍କ ଉପସ୍ଥିତିରେ ଅବସ୍ଥାପିତ ହୋଇ ଉଦ୍‌ଘାଟନ କରାଗଲା।



## ବୈରଖପାଲି ହାଇସ୍କୁଲରେ ବ୍ୟାଗ୍ ବଣ୍ଟନ



**ବିଜେପୁର, ୧।୨(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଖରମୁଣ୍ଡା କ୍ଲଷ୍ଟର ଅଧୀନ ବୈରଖପାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପ୍ରଗତି ମିଲ୍କ୍ସ ଓ ଦାରୁବ୍ରହ୍ମ କୃଷକ ଉତ୍ପାଦକ ସଂଗଠନ ମିଳିତ ଉଦ୍ୟମରେ ଆର୍ଥିକ ଓ ଜାତିଗତ ଅନଗ୍ରସର ଛାତ୍ରଛାତ୍ରୀଙ୍କୁ ସ୍କୁଲ ବ୍ୟାଗ ବଣ୍ଟନ କରାଯାଇଛି। ପ୍ରଗତି ମିଲ୍କ୍ସ ଜୋନ ପ୍ରୋକ୍ୟୁରମେଣ୍ଟ ମ୍ୟାନେଜର ମୃତ୍ୟୁଞ୍ଜୟ ଦୀପ ଓ ସୁପର ଭାଇଜର ସନ୍ନ୍ୟାସୀ ସାହୁଙ୍କ ସହଯୋଗକ୍ରମେ ସ୍କୁଲର ୯୪ ଜଣ ଛାତ୍ରଛାତ୍ରୀଙ୍କୁ ବ୍ୟାଗ ବିତରଣ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଆକାଶ ପାଣ୍ଡେ, ସହକାରୀ ଶିକ୍ଷକ ଦିବ୍ୟଚନ୍ଦ୍ର ସାହୁ, ସୁବାଷ ଚନ୍ଦ୍ର ମେହେର, ଅନିଲ ବାରିକ, ଯାଜ୍ଞସେନି ପଧାନ, ଲିଙ୍ଗ ଦୀପ, ଧୀରେନ୍ଦ୍ର ଭୋଇ, ସତ୍ୟବାନ ବରିହା, ପୂର୍ବତନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରହଲ୍ଲାଦ ମେହେର ଓ ଧର୍ମେନ୍ଦ୍ର ବାଗ ଉପସ୍ଥିତ ଥିଲେ।

## ପେନ୍‌ଚାକ ସିଲ୍‌ଟ ଚାମ୍ପିଅନସିପ୍‌ରେ ବୈଦିକ ସ୍କୁଲର କୃତିତ୍ୱ




**ବରଗଡ଼, ୧।୨(ସମିସ):** ଉତ୍ତରାଖଣ୍ଡ ସ୍ପୋର୍ଟ କମ୍ପ୍ଲେକ୍ସ ପରେଡ ଗ୍ରାଉଣ୍ଡ ଇନ୍‌ଡୋର ଷ୍ଟାଡିୟମ ଠାରେ ତୃତୀୟ ସର୍ବ ଭାରତୀୟ ପେନ୍‌ଚାକ ସିଲଟ ଚାମ୍ପିୟାନସିପ ଅନୁଷ୍ଠିତ ହୋଇଯାଇଛି। ଗତ ୨୯ରୁ ୩୧ ଜାନୁଆରୀ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଉକ୍ତ ପ୍ରତିଯୋଗିତାରେ ଉତ୍ତରାଖଣ୍ଡର ଖେଳ ମନ୍ତ୍ରୀ ରେଖା ଆର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସର୍ବ ଭାରତୀୟ ସ୍ତରରେ ଖେଳା ଯାଇଥିବା ଉକ୍ତ ପ୍ରତିଯୋଗିତାରେ ବିଭିନ୍ନରାଜ୍ୟର ୧୨୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବରଗଡ଼ ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲ ତରଫରୁ କୋଚ ଆକାଶକୁମ୍ଭାରଙ୍କ ନେତୃତ୍ୱରେ ଛଅ ଜଣ ଖେଳାଳି ଏଥିରେ ଭାଗନେଇ ଦୁଇଟି ସ୍ୱର୍ଣ୍ଣ ଓ ଦୁଇଟି ବ୍ରୋଞ୍ଜ ପଦକ ପାଇବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ନବମ ଶ୍ରେଣୀର ସୌମ୍ୟ ଶ୍ରୀମୟ ଶତପଥୀ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ପଦକ ପାଇଥିବା ବେଳେ ଅଷ୍ଟମ ଶ୍ରେଣୀର ପ୍ରଭୁଦତ୍ତ ମିଶ୍ର ଗୋଟିଏ ସ୍ୱର୍ଣ୍ଣ ଓ ସ୍ୱର୍ଣ 1 ବରାଡ଼ ଗୋଟିଏ ବ୍ରୋଞ୍ଜ ପଦକ ଜିଣିଛନ୍ତି। ଉକ୍ତ ସଫଳତା ନିମନ୍ତେ ବୈଦିକ ଗ୍ରୁପର ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ ଓ ବରଗଡ଼ କ୍ୟାମ୍ପସର ପ୍ରିନସିପାଲ ଗାର୍ଗୀ ଚଟର୍ଜୀ ପ୍ରତିଯୋଗୀ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସର୍ବ ଭାରତୀୟ ସ୍ତରର ଉକ୍ତ ସଫଳତା ପାଇଁ ବରଗଡ଼ ଜିଲ୍ଲାର ଅଭିଭାବକ ମହଲରେ ଅତ୍ୟନ୍ତ ଉତ୍ସାହ ପରିଲକ୍ଷିତ ହୋଇଛି।

# ବଗେଇବିରା ମିଲିଟାରୀ ଏକାଡେମୀର ଆଥଲେଟିକ୍ ମିଟ୍

**ବରଗଡ଼, ୧।୨(ସମିସ)**

ବରଗଡ଼ ବ୍ଲକ ଅଧୀନ ବଗେଇବିରା ଖେଳପଡ଼ିଆରେ ଇଣ୍ଡିଆନ ମିଲିଟାରୀ ଏକାଡେମୀର ଚତୁର୍ଥ ବର୍ଷ ସଫଳ ପୂର୍ତ୍ତି ଅବସରରେ ରାଜ୍ୟସ୍ତରୀୟ ଆଥଲେଟିକ୍ ମିଟ୍ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଭାପତି ପୁରନ୍ଦର ଭୋସାଗରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଆଥଲେଟିକ ମିଟ୍ ମାରାଥନକୁ ମୁଖ୍ୟ ଅତିଥି ଭାବେ ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ ନାଏକ ଓ ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ଜିଲ୍ଲା ଅଡିଟ୍ ଅଫିସର ଫଣିନ୍ଦ୍ର ତାଣ୍ଡି ଶୁଭାରମ୍ଭ କରିଥିଲେ। ଅତିଥି ଅବସରପ୍ରାପ୍ତ ସୈନିକ ଆଶିଷ ପ୍ରଧାନ, ବିଏସ୍ଏଫ୍ ଯବାନ ଉଦୟ ବାଗ୍, ଇଣ୍ଡିୟାନ ଆର୍ମି ବିରେଶ ପଧାନ, ଗାଁରରାଜେଶ୍ୱର ସାହୁ, ଯୋଗାଇଥିବା ବେଳେ ଏକାଡେମୀର ସଦସ୍ୟ ଗାଁର ପ୍ରଥମ ଓପିଏସସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପିଜିଟି ଯୁନିଅର ଲେକଚର୍‌ରେ ଚୟନ ହୋଇଥିବା ସୁବାସ ଦୀପ ଓ ଏହି ବର୍ଷ ଏକାଡେମୀର ଛାତ୍ର ( ଏସଏସସି ଜିଡି ) ବିଏସଏଫ୍ ଯବାନ ଭାବେ ଚୟନ ହୋଇଥିବା ଛାତ୍ର ଭରତ ନାଏକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେରାଜ୍ୟର ୫ଟି ଜିଲ୍ଲାରୁ ୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ୫କିମି ମାରାଥନ୍‌ରେ ସୋନପୁରର ସୁଦର୍ଶନ ପୁଟେଲ, ପ୍ରଥମକୁ ୨, ୦୦୦ ଟଙ୍କା ନଗଦ ରାଶି ସହ ଟ୍ରଫି ଓ ସାର୍ଟିଫିକେଟ୍ ଏବଂ ବଲାଙ୍ଗିରର ବିଶେଶ୍ୱର ସାହୁ ଦ୍ୱିତୀୟ ହୋଇ ୧, ୫୦୦ ଟଙ୍କା ନଗଦ ରାଶି ସହ ଟ୍ରଫି ଓ ସାର୍ଟିଫିକେଟ୍ ସେହିଭଳି ବରଗଡ଼ର ରୁଦ୍ରନାରାୟଣ ନାଏକ ତୃତୀୟ ହୋଇ ୧୦୦୦ ଟଙ୍କା ନଗଦରାଶି ସହ ଟ୍ରଫି ଓ ସାର୍ଟିଫିକେଟ୍ ଦେଇ ପୁରସ୍କୃତ କରାଯାଇଥିଲା। ସେହିଭଳି ପୁରୁଷ ବିଭାବଗରେ ୧୬୦୦ ମିଟର ବିଭାଗରେ ପ୍ରଥମ ବଲାଙ୍ଗିରର ବିଶେଶ୍ୱର ସାହୁ, ଦ୍ୱିତୀୟ ସବ୍ୟସାଚୀ ବାଗ୍ ଓ ତୃତୀୟ ସୋନପୁରର ସୁଦର୍ଶନ ପୁଟେଲ ଏବଂ ମହିଳା ମାନଙ୍କ ବିଭାଗରେ ୧୬୦୦ ମିଟରରେ ପ୍ରଥମ ସ୍ଥାନ ପ୍ରତିକ୍ଷା ନାଏକ, ଦ୍ୱିତୀୟ ଲିସା ଭୁଏ, ତୃତୀୟରାନୀ ସିଂ। ବିଜୟ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏକାଡେମୀର ସଦସ୍ୟ ଅଗ୍ନିବିର ଯବାନ ସାଗର ନାଏକ ସମେତ ଏକା?ମୀର ଏକାଡେମୀର ସମ୍ପାଦକ ଜଗତ ଦେହେଲିଆ, ଅଗ୍ନିବୀର ଯବାନ ସାଗର ନାଏକ, ଆକାଶକୁଅଁର, ରୂପେଶ୍ୱର ଭୋସାଗର, ଟିକୁ ଦେହେଲିଆ, ଟିକୁ ଦେହେଲିଆ, ଅବେଦ ଭୋସାଗର, ଅସ୍ମିତ ପ୍ରଧାନ, ରଶ୍ମିରଞ୍ଜନ ସାହୁ, ଶନି ବିଭାର, ଅୟୁଷ ଷଣ୍ଢ, ଆନନ୍ଦକୁଅଁର, ସଚିନ ତାଣ୍ଡି, ଡିଲେଶ୍ୱର ସିଂହ ପ୍ରମୁଖ ଉପସ୍ଥିତରହି ମାରାଥନକୁ ସଂଯୋଜନା ସହ ପରିଚାଳନାରେ ସହଯୋଗ କରିଥିଲେ।



## କ୍ରିକେଟ ପ୍ରତିଯୋଗିତା, ପଧାନପାଲି ଚାମ୍ପିଅନ

**ସୋହେଲା, ୧।୨(ସମିସ):** ସୋହେଲା ବ୍ଲକ ମଧୁପୁର ଠାରେ ଚାଲିଥିବା ଦ୍ୱିଦିବସୀୟ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ସ୍ୱର୍ଗତ ଗୋପାଳ ପଧାନଙ୍କ ସ୍ମୃତିରେ ଅନୁଷ୍ଠିତ ହେଉଥିବା ଏହି ପ୍ରତିଯୋଗିତାର ଆଜି ପଧାନପାଲି ଓ ତବଡା ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ତବଡା ଦଳକୁ ୨୪ରନରେ ପରାସ୍ତ କରି ପଧାନପାଲି ଦଳ ଚାମ୍ପିଅନ ହୋଇଛି। ସୋହେଲା, ଟୁଙ୍ଗିବନ୍ଧଳି, ପଧାନପାଲି, ଇଛପାଲି, ତବଡା, ଗ୍ରୀଞ୍ଜାଳ, ମଧୁପୁର, ବଞ୍ଜାରି ଆଠ ଟି ଦଳ ଭାଗ ନେଇଥିଲେ। ପ୍ରଶାନ୍ତ ନାୟକ, ନିରଞ୍ଜନ ନାୟକ, ସହଦେବ ନାୟକ, ସୁରେନ୍ଦ୍ର ନାୟକ, ସୁଦାମ ପଧାନ, ରାଜେଶ ବାରିହା, ଅରୁଣ ବାରିହା ପରିଚାଳନା କରିଥିଲେ। ଫାଇନାଲରେ ତବଡା ଦଳର ଲକୀ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ପଧାନପାଲି ଦଳର ମଣ୍ଟୁ ପ୍ରତିଯୋଗିତାରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଭାଜପା ସୋହେଲା ମଣ୍ଡଳ ସଭାପତି ଅଶ୍ୱିନୀ ପାତ୍ର ଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଓ ଉପ ବିଜେତା ଦଳକୁ ଟ୍ରଫି ସହ ନଗଦ ପୁରସ୍କାର ପ୍ରଦାନ କରିଥିଲେ। ସହଦେବ, ସୁଦାମ, ଲକ୍ଷ୍ମଣ, ନିରଞ୍ଜନ, ନରେନ୍ଦ୍ର, ବିନୟ, ଆୟୁଷ, ଅଜିତ, ବବଲୁ, ମୁକେଶ ପ୍ରମୁଖ ସହଯୋଗ କରିଥିଲେ।



# ଭୁବନେଶ୍ୱର ସିଟି



## ଜାତୀୟ ରାଜପଥରେ କିନ୍ନରଙ୍କୁ ହତ୍ୟା

ଭୁବନେଶ୍ୱର/ପିପିଲି,୧।୨(ସମିସ): ପିପିଲି ଥାନା ଅନ୍ତର୍ଗତ ସିଫା ଗେଟ୍ ନିକଟରେ ୩୧୬ ନମ୍ବର ଜାତୀୟ ରାଜପଥରେ ରବିବାର ରାତିରେ ଜଣେ କିନ୍ନରଙ୍କୁ କିଛି ଦୁର୍ବୃତ୍ତ ହତ୍ୟା କରିଛନ୍ତି। ମୃତକ ଜଣକ ସୋନା ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି। ମୃତ କିନ୍ନରଙ୍କ ଘର ସାଲେପୁରରେ ହୋଇଥିବାବେଳେ ସେ ଭୁବନେଶ୍ୱରରେ ରହୁଥିଲେ।

ପ୍ରକାଶ ଯେ, ଉକ୍ତ କିନ୍ନର ଜଣକ କିଛିଦିନ ହେଲା ଉକ୍ତ ଅଞ୍ଚଳରେ ରାସ୍ତାକଡ଼ରେ ଠିଆ ହୁଅନ୍ତି। କିଛି ଦୁର୍ବୃତ୍ତଙ୍କ ସହ ତାଙ୍କର କୌଣସି କାରଣକୁ ନେଇ ଯୁକ୍ତିତର୍କ ହେବା ଦ୍ୱାରା ସେମାନେ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ଫେରାର୍ ହୋଇଯାଇଥିବା ପୁଲିସ ଅନୁମାନ କରୁଛି। ସାଥୀ କିନ୍ନରମାନେ ଏନେଇ ସ୍ଥାନୀୟ ପୁଲିସକୁ ଖବର ଦେଇଥିଲେ। ଘଟଣାଟି ପିପିଲି ଥାନା ଅଞ୍ଚଳରେ ହୋଇଥିବାରୁ ପିପିଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ତୁରନ୍ତ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଅନ୍ୟ କିନ୍ନରମାନେ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚି ହୋ-ହଲ୍ଲା କରିବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି କରିଛନ୍ତି। ଅନ୍ୟପକ୍ଷରେ ପିପିଲି ପୁଲିସ ମୃତ କିନ୍ନରଙ୍କ ମୋବାଇଲ୍ ଫୋନ୍‌କୁ ଜବତ କରି ତଦନ୍ତ ଜାରି ରଖିଛି ବୋଲି ପିପିଲି ଥାନା ଆଇଆଇସି ସୌମେନ୍ଦୁ ଶେଖର ତ୍ରିପାଠୀ ପ୍ରକାଶ କରିଛନ୍ତି।

# ଲଢ଼େଇ ଜମୁଛି; ଭିଡ଼ ବଢୁଛି

ଭୁବନେଶ୍ୱର,୧।୨(ସମିସ):


ରବିବାର ଥିଲା ମାଘ ସପ୍ତମୀ ମେଳା ପୂର୍ଣ୍ଣାହୁତି ସାଙ୍ଗକୁ ଖଣ୍ଡଗିରି ଯାତ୍ରା ମହାସମରର ଷଷ୍ଠ ଦିନ। ଦିନ ତମାମ ଯଜ୍ଞକୁଣ୍ଡ ଆଡ଼କୁ ଲୋକଙ୍କ ସୁଅ ଛୁଟିଥିଲା। ଆଉ ସଞ୍ଜ ନଇଁବା ବେଳକୁ ସେହି ସୁଅ ଯାତ୍ରା ପେଣ୍ଡାଲ ମୁହାଁ ହୋଇଥିଲା। ପ୍ରଥମ ପର୍ଯ୍ୟାୟର ଶେଷ

### କୋଣାର୍କ, ସିଂହବାହିନୀ, ସ୍ୱର୍ଣ୍ଣମହଲ ଓ ଦରବାରକୁ ବିଦାୟ

### ଆଜିଠୁ ସାମିଲ୍ ହେବେ ଶିବାନୀ, ସୂର୍ଯ୍ୟମନ୍ଦିର, ରଙ୍ଗମହଲ ଓ ନାଟ୍ୟ ମଣ୍ଡପ

ରାତିରେ ଅପେରା ପାର୍ଟିଙ୍କ ମଧ୍ୟରେ ଜୋରଦାର ଫାଇଟ୍ ହୋଇଛି। ସିଂହବାହିନୀ, କୋଣାର୍କ, ସ୍ୱର୍ଣ୍ଣମହଲ ଓ ରାଜ ଦରବାର ନାଟକ ପରିବେଷଣ କରି ବିଦାୟ ନେଇଛନ୍ତି। ଏହି ୪ଟି ପାର୍ଟି ଶେଷ ପର୍ଯ୍ୟନ୍ତ ମଧ୍ୟ ନାଟକ ବଦଳାଇ ନଥିବା ବେଳେ ଆଜିଠାରୁ ଆଉ ୪ଟି ବିଗ୍ ବଜେଟ୍ ଯାତ୍ରା ପାର୍ଟି ପ୍ରତିଯୋଗିତାରେ ସାମିଲ ହେବେ।

ହରେକୃଷ୍ଣ ମହତାବ ସାଂସ୍କୃତିକ ପରିଷଦ ପେଣ୍ଡାଲରେ ତୁଳସୀ ଗଣନାଟ୍ୟ 'ଏଇ ବୋଧେ ଶେଷ ଦେଖା' ନାଟକ ପରିବେଷଣ କରିଛି। ଦ୍ୱିତୀୟ ରାତିରେ ନାଟକ ରିପିଟ୍ ହୋଇଥିଲେ ଭିଡ଼ କମିନାହିଁ। କଳିଙ୍ଗ ପେଣ୍ଡାଲରେ ଯାତ୍ରା ଇନ୍ଦ୍ରଭୁବନ 'ନ ଅଙ୍କ ଦୁର୍ଭିକ୍ଷ'



ନାଟକ ପରିବେଷଣ କରିଥିବା ବେଳେ ଜୟଦୁର୍ଗା ମଞ୍ଚରେ ଅପେରା ଶ୍ରୀମନ୍ଦିର ଭେଟିଦେଇଛି 'ଜାନୁଆର୍'। ଇନ୍ଦିରା ସାଂସ୍କୃତିକ ପରିଷଦ ମଞ୍ଚରେ ସିଂହବାହିନୀ ଲଗାତାର ୬ ରାତି 'ତୁ ମୋ ବଜରଙ୍ଗୀ' ରିପିଟ୍ କରିଛି। ସିଂହବାହିନୀ ବିଦାୟ ନେବାପରେ ଆସନ୍ତାକାଲି ଠାରୁ ସେହି ମଞ୍ଚରେ ଶିବାନୀ ଗଣନାଟ୍ୟ 'ରଜ ସୁନ୍ଦରୀକୁ ସଜ ସିନ୍ଦୂର' ନାଟକ ନେଇ ମଇଦାନକୁ ଓହ୍ଲାଇବ। ଗୌର ଦାସ, କାବେରୀ ଓ କମେଡିଆନ ବ୍ରଜ ପାଣିଙ୍କ ଅଭିନୟ ସାଙ୍ଗକୁ ଖଳନାୟକ ଭୂମିକାରେ ଟାହିଆଙ୍କୁ ଦେଖିବାକୁ ପାଇବେ ଦର୍ଶକ। ସନାତନ ସେବା ସମିତି ପେଣ୍ଡାଲରେ କୋଣାର୍କ ଗଣନାଟ୍ୟ ଶେଷ ରାତିରେ 'ତୁ ବୋଧେ ମୋ ଭାଗ୍ୟରେ ନାହୁଁ' ନାଟକ ପରିବେଷଣ କରିଛି। ଆସନ୍ତାକାଲି ଏଠାରେ ଅପେରା ସୂର୍ଯ୍ୟମନ୍ଦିର 'ପ୍ରିୟା ପ୍ରୀତି ପ୍ରିୟତମା' ନାଟକ ମଞ୍ଚସ୍ଥ କରିବ। ହୃଷିକେଶ ମିଶ୍ର, ମାମା, ସିଲୁ, କାଳୀଙ୍କ ଅଭିନୟ, ଖଳନାୟକ ଭୂମିକାରେ ଡାନି ଓ ଅରୁଣ ଏବଂ ଭେଟେରାନ୍ ଭିକାରୀ ସ୍ୱାଇଁ ଓ ନିଲୁଆଙ୍କ କମେଡି ଦେଖିବାକୁ ମିଳିବ।

ସେହିପରି ମଙ୍ଗଳା ଯୁବ ପରିଷଦ ମଞ୍ଚରେ ସ୍ୱର୍ଣ୍ଣ ମହଲ 'ଗୁହାରି ଶୁଣ ଦୀନବନ୍ଧୁ' ନାଟକ ପରିବେଷଣ କରି ଖଣ୍ଡଗିରି ଛାଡ଼ିଛି। ସୋମବାର ଠାରୁ ରଙ୍ଗମହଲ ସେହି ମଞ୍ଚରେ ଯାତ୍ରା ପରିବେଷଣ କରିବ। ଅନନ୍ତ କେଶରୀ ଦେବ ପେଣ୍ଡାଲରେ ଅପେରା ରାଜଦରବାର ୩ ରାତି ନାଟକ ପରିବେଷଣ କରି ଖଣ୍ଡଗିରିରୁ ବିଦାୟ ନେଇଛି। ଅନ୍ତିମ ରାତିରେ ମଧ୍ୟ 'ଆଖି ପଲକରେ ଖୋଜୁଛି ତତେ' ନାଟକ ପରିବେଷଣ କରିଛି। ଆସନ୍ତାକାଲିଠାରୁ ଏଠାରେ ନାଟ୍ୟ ମଣ୍ଡପ ସାମିଲ ହେବ। ପ୍ରଥମ ରଜନୀରେ ଚର୍ଚ୍ଚିତ ଅଭିନେତ୍ରୀ ରାଣୀ ପଣ୍ଡାଙ୍କ ଅଭିନୀତ 'ଲେଡି ଗ୍ୟାଙ୍ଗଷ୍ଟର୍' ନାଟକ ମଞ୍ଚସ୍ଥ କରିବ। ଏଥିରେ ସ୍ନେହାଶ୍ରୀ, ଜୟଶ୍ରୀ, ବିନି, ଖଳନାୟକ ଭୂମିକାରେ ବାବୁଲି ପଣ୍ଡା ଓ ଗୁଡୁଙ୍କ କମେଡି ଦେଖିବାକୁ ପାଇବେ ଦର୍ଶକ।

## 'ତୁଳସୀ'ର ରିପିଟ୍ ନାଟକ 'ଏଇ ବୋଧେ ଶେଷଦେଖା'



ଭୁବନେଶ୍ୱର,୧।୨(ସମିସ): ହରେକୃଷ୍ଣ ମହତାବ ପେଣ୍ଡାଲରେ ତୁଳସୀ ଗଣନାଟ୍ୟ ଦ୍ୱିତୀୟ ରଜନୀରେ ପ୍ରଦୀପ ବେହେରାଙ୍କ ରଚିତ ଓ ନିର୍ଦ୍ଦେଶିତ 'ଏଇ ବୋଧେ ଶେଷ ଦେଖା' ନାଟକ ମଞ୍ଚସ୍ଥ କରିଛି। ଖଳନାୟକ ସାଇ ଫରେଷ୍ଟ ରେଞ୍ଜର ଚରିତ୍ରରେ ଥିବାବେଳେ ଦୁର୍ଗା ତାଙ୍କ ଭଉଣୀ ଚରିତ୍ରରେ ଅଭିନୟ କରୁଛନ୍ତି। ସୋନାଲି ଓ ପାୟଲ ଦୁଇ ଭଉଣୀ ହୋଇଥିବା ବେଳେ ଉତ୍ତମ, ଜିତ୍ ଓ କ୍ରିଷ୍ଣା ୩ ଭାଇ ଚରିତ୍ରରେ ନଜର ଆସିଛନ୍ତି। ପିଲାବେଳେ ସୋନାଲି ଓ ପାୟଲ ରେଳ ଦୁର୍ଘଟଣାରେ ଅଲଗା ହୋଇ ଯାଉଛନ୍ତି। ରେଞ୍ଜର୍ ସାଇ ପ୍ରଥମେ ସୋନାଲିଙ୍କୁ ଓ ପରେ ପାୟଲଙ୍କୁ ବିବାହ କରୁଛନ୍ତି। ସାଇ ଫୋନରେ ରଖିଥିବା ନିଜ ପସନ୍ଦର ସାପ ଫଟୋ ଦେଖାଇବା ବେଳେ ସେ ଦ୍ୱିତୀୟ ବିବାହ କରିଥିବା ଜାଣିପାରି ସୋନାଲି ତାଙ୍କ ଠାରୁ ଅଲଗା ହୋଇ ଯାଉଛନ୍ତି। ସେଠାରୁ ଯାଇ ୩ ଭାଇ ଉତ୍ତମ, ଜିତ୍ ଓ କ୍ରିଷ୍ଣାଙ୍କ ପାଖରେ ଭଉଣୀ ହୋଇ ଆଶ୍ରୟ ନେଉଛନ୍ତି। ସେମାନେ ମଧ୍ୟ ସୋନାଲିଙ୍କୁ ନିଜ ଭଉଣୀ ଭଳି ସ୍ନେହ ମମତା ଦେଉଛନ୍ତି। ଜିତ୍ ଓ ସାଇଙ୍କ ଭଉଣୀ ଦୁର୍ଗା ମଧ୍ୟରେ ପ୍ରେମ ସମ୍ପର୍କ ଥିଲେ ମଧ୍ୟ ପରିବାରର ବିନା ସମ୍ମତିରେ ବିବାହ କରିପାରୁନାହାନ୍ତି। ନିଜ ଭଉଣୀର ଖୁସି ପାଇଁ ସାଇ ଯାଇ ଜିତ୍ ଘରେ ପହଞ୍ଚୁଛନ୍ତି। ହେଲେ ୩ ଭାଇ ଯାକ ଏହି ନିଷ୍ପତ୍ତି ତାଙ୍କ ଭଉଣୀ ସୋନାଲି ଉପରେ ଛାଡ଼ି ଦେଉଛନ୍ତି। ସୋନାଲି ନିଜ ପ୍ରତି ହୋଇଥିବା ଅବିଚାରକୁ ଭୁଲି ଦୁର୍ଗା ଓ ଜିତର ବିବାହ ପାଇଁ ସମ୍ମତି ପ୍ରଦାନ କରୁଛନ୍ତି। ହେଲେ ସମୟକ୍ରମେ ସୋନାଲି ଓ ଉତ୍ତମକୁ ଯୋଡ଼ି ଭାଇଭଉଣୀର ପବିତ୍ର ସମ୍ପର୍କକୁ ବଦନାମ କରୁଛନ୍ତି। ଆଉ ଏହାର ପ୍ରମାଣ ଦେବାକୁ ଯାଇ ସୋନାଲି ଭାଇମାନଙ୍କ ଠାରୁ ଅଲଗା ହୋଇ ଯାଉଛନ୍ତି। ରାସ୍ତାରେ ବୃଦ୍ଧ ଦମ୍ପତିଙ୍କ ସଂସ୍ପର୍ଶରେ ଆସି ତାଙ୍କ ସେବା କରୁଛନ୍ତି। ନିଜ ପୁଅ ପଚାରୁ ନଥିବାରୁ ଘରଦ୍ୱାର ଥାଇ ମଧ୍ୟ ସେମାନେ ବାହାରେ ବୁଲୁଥିବା କହୁଛନ୍ତି। ସୋନାଲି ସେହି ଦମ୍ପତିଙ୍କୁ ନେଇ ତାଙ୍କ ପୁଅ ପାଖକୁ ଯାଉଛନ୍ତି। ସେମାନେ ସାଇଙ୍କ ବାପାମାଆ ବୋଲି ସେଠାରେ ପହଞ୍ଚିବା ପରେ ଜାଣିବାକୁ ପାଇଛନ୍ତି। ସ୍ୱାମୀର ଅତ୍ୟାଚାର ସତ୍ତ୍ୱେ ଶାଶୁ ଶଶୁରଙ୍କ ସେବା କରିବାର ପ୍ରତିଶ୍ରୁତି ଯୋଗୁଁ ସେ ଘର ଛାଡ଼ି ଯାଉନାହାନ୍ତି। ପାୟଲ ଆରମ୍ଭରୁ ଭଲ ଚରିତ୍ରରେ ଅଭିନୟ କରୁଥିଲେ ମଧ୍ୟ ସାଇର କୁମନ୍ତ୍ରଣାରେ ପଡ଼ି ସୋନାଲିଙ୍କୁ ଅତ୍ୟାଚାର କରୁଛନ୍ତି। ସୋନାଲି ନିଜ ଭଉଣୀକୁ ଜାଣି ପାରୁଥିଲେ ମଧ୍ୟ ପାୟଲ ଜାଣିପାରୁନାହାନ୍ତି। ବାପାମାଆ ତାଙ୍କ ପ୍ରତି ଅବହେଳା କରିଥିବା ଭାବି ସାଇ ପିଲାଦିନରୁ ତାଙ୍କୁ ଘୃଣା କରି ଆସୁଛନ୍ତି। ହେଲେ ଜନ୍ମରୁ ଦୃଷ୍ଟିହୀନ ସାଇ ତାଙ୍କ ମାଆଙ୍କ ଆଖିରେ ଦୁନିଆ ଦେଖୁଥିବା ଜାଣିବା ପରେ ନାଟକର ମୋଡ଼ ବଦଳି ଯାଉଛି। ନିଜ ଭୁଲ୍ ବୁଝିବା ବେଳକୁ ମାଆ ମରି ଯାଉଛନ୍ତି। ସେପଟେ ପରସ୍ପରର ସୁଖ ପାଇଁ ଦୁଇ ଭଉଣୀ ତ୍ୟାଗ କରିବା ସହ ବିଷ ପିଇ ଜୀବନ ହାରୁଛନ୍ତି। ଶେଷରେ ମାଆ ଓ ଦୁଇ ପତ୍ନୀଙ୍କ ମୃତ୍ୟୁରେ ସାଇ ପାଗଳ ହୋଇ ଯାଇଛନ୍ତି।

### ଖଣ୍ଡଗିରି ଯାତ୍ରା ମହାକୁମ୍ଭ

## 'ସବୁ ଥାଇ ବି ବାପାଙ୍କୁ ବଞ୍ଚାଇ ପାରିଲିନି'

ଅଭିନେତ୍ରୀ ବେବିନା ପଣ୍ଡାଙ୍କ ସହ 'ସକାଳ' ପ୍ରତିନିଧିଙ୍କ ସାକ୍ଷାତକାର

**କେବେଠାରୁ ଓ କିପରି ଯାତ୍ରାକୁ ଆସିଲେ?**

ପ୍ରାୟ ୨୮ ବର୍ଷ ପୂର୍ବେ ଯାତ୍ରା ଜଗତରେ ପାଦ ଦେଇଥିଲି। ମୋ ବାପା ଶଙ୍କର୍ଷଣ ପଣ୍ଡା ଜଣେ ବରିଷ୍ଠ କଳାକାର ଓ ଆମର ଗୋଟିଏ ଅପେରା ପାର୍ଟି ଥିଲା। ମୋ ଦେହରେ ବୋହୁଥିବା କଳାକାରର ରକ୍ତ ମୋତେ ଯାତ୍ରାକୁ ଟାଣି ଆଣିଥିଲା। ବାପାଙ୍କ ପ୍ରେରଣାରେ ମୁଁ ଆଜି ଏହି ସ୍ଥାନକୁ ଉଠିପାରିଛି।

**ଖଣ୍ଡଗିରିକୁ କେବେଠୁ ଆସୁଛନ୍ତି ଓ ଏବେ ଫରକ କ'ଣ ଦେଖୁଛନ୍ତି?**

୧୭ ବର୍ଷ ହେବ ଖଣ୍ଡଗିରି ଯାତ୍ରାକୁ ଆସୁଛି। ସେତେବେଳେ ସୋସିଆଲ ମିଡିଆ ନଥିଲା, ଲୋକ ନାଟକ ଦେଖୁଥିଲେ ଆଉ ତାଳି ଗାଳି ଦେଇ ଯାଉଥିଲେ। ଏବେ ସୋସିଆଲ ମିଡିଆରୁ ଦେଖି ଭଲ ଓ ଖରାପ ନିଷ୍ପତ୍ତି ନେଇ ଯାଉଛନ୍ତି।

**ଯାତ୍ରାରେ ଅଶ୍ଳୀଳତାର ଆବଶ୍ୟକତା ରହିଛି କି?**

ଯାତ୍ରାରେ ଅଶ୍ଳୀଳତାର କୌଣସି ଆବଶ୍ୟକତା ନାହିଁ। ଆମେ ତ କଳା ପରିବେଷଣ କରିବାକୁ ଆସିଛନ୍ତି। କିଏ ଅଭିନୟ କରିବ, କିଏ ନୃତ୍ୟ କରିକି ଲୋକଙ୍କ ମନକୁ ଛୁଇଁବ।

**ଦର୍ଶକଙ୍କ ମଧ୍ୟରେ କିଛି ପରିବର୍ତ୍ତନ ହୋଇଛି କି?**

ସେବେର ଦର୍ଶକ ନାଟକ ଦେଖିବାକୁ ଆସୁଥିଲେ। ଆଜିକାର ଆଧୁନିକ ପିଲାମାନେ ମେଲୋଡି, ରେକର୍ଡ ଡ୍ୟାନ୍ସ, ଡେକୋରେସନ୍, ଲାଇଟ୍, ସାଉଣ୍ଡ ଦେଖୁଛନ୍ତି। ଆଉ ଏଇସବୁ ମନକୁ ନ ପାଇଲେ ଖରାପ ମତାମତ ଦେଉଛନ୍ତି।

**ଯାତ୍ରାରେ କ'ଣ ପରିବର୍ତ୍ତନ ଆବଶ୍ୟକ?**

ପୂର୍ବ ଲେଖକମାନେ ବହିକୁ ଅଧିକ ଗୁରୁତ୍ୱ ଦେଉଥିଲେ। ସେହିଭଳି ଭଲ ନାଟକ ହେବା ଦରକାର। ଉଣା ଅଧିକ ହୋଇପାରେ, କିନ୍ତୁ ସବୁ ଚରିତ୍ର କାମ ପାଇବା ଦରକାର ଓ ସମସ୍ତ ଅଭିନୟ ଲୋକଙ୍କ ପାଖରେ ପହଞ୍ଚିବା ଆବଶ୍ୟକ। ମୋଟାମୋଟି କହିବାକୁ ଗଲେ, ବହିଟି ଏକପାଖିଆ ନ ହୋଇ ସମସ୍ତଙ୍କ ଉପରେ ଯିବା ଦରକାର।

**ବହି ଏକପାଖିଆ ହେବାରେ ଦାୟୀ କିଏ?**

ମାଲିକମାନେ ଏଥିପାଇଁ ଦାୟୀ। ମାଲିକମାନେ ମୁଖ୍ୟ କଳାକାରମାନଙ୍କୁ ନେଇ ବହି ଲେଖିବାକୁ କହୁଛନ୍ତି ଓ ଲେଖକମାନେ ମଧ୍ୟ ବାଧହୋଇ ସେଇଆ କରୁଛନ୍ତି। ଏପରି ହେବାଦ୍ୱାରା ବହୁତ ନାଟକ ଫ୍ଲପ୍ ହେଉଛି। ଯାତ୍ରା ଭଲ ହେଲେ ପୂର୍ବପରି ନାଟକ ପ୍ରେମୀ ଆସିବେ।

**ଖଣ୍ଡଗିରି ଯାତ୍ରାକୁ ନେଇ କ'ଣ କହିବେ?**

କେବଳ ନାମକୁ ଖଣ୍ଡଗିରି ଯାତ୍ରା। କିନ୍ତୁ ଉପକଣ୍ଠରୁ ନେଇ ଉପାନ୍ତ, ଏମିତିକି ରାଜ୍ୟ ବାହାର ଦର୍ଶକ ମଧ୍ୟ ଏଠାକୁ ନାଟକ ଦେଖିବାକୁ ଆସନ୍ତି। ଯେଉଁ ଗାଁ ଗୁଡ଼ିକୁ ଅପେରା ଯାଏନାହିଁ, ସେଠାରୁ ମଧ୍ୟ ଲୋକ ନାଚ ଦେଖିବାକୁ ଆସନ୍ତି। ଏତେ ସବୁ ଦର୍ଶକ ଆସିବା ଆମକୁ ଯେତିକି ଉତ୍ସାହିତ କରେ ସେତିକି ନର୍ଭସ୍ ଲାଗେ। ଆମେ ବର୍ଷତମାମ ଖଣ୍ଡଗିରି ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହେଉ।

**ପାରିବାରିକ ଜୀବନରେ ଯାତ୍ରା କ'ଣ ପ୍ରଭାବ ପକାଇଛି?**

ପାରିବାରିକ ଜୀବନରେ ଯାତ୍ରା ବହୁତ ପ୍ରଭାବ ପକାଇଛି। ବାପାମାଆ ହୋଇ ମଧ୍ୟ ନିଜ ପିଲାମାନଙ୍କୁ ସମୟ ନ ଦେଇ ପାରିବା ବଡ଼ ଦୁଃଖ। ସବୁଠାରୁ ବଡ଼ କଷ୍ଟକର କଥା ହେଉଛି, ସବୁ ଥାଇ ମଧ୍ୟ ମୋ ବାପାଙ୍କୁ ବଞ୍ଚାଇ ପାରିଲି ନାହିଁ। ଯେବେ ଜାଣିଲି ବାପା ବିଭିନ୍ନ ରୋଗରେ ପୀଡ଼ିତ ଅଛନ୍ତି, ସେତେବେଳକୁ ଆଉ କିଛି ନଥିଲା। ଏମିତିକି ବାପା ମୃତ୍ୟୁ କଥା ମୋତେ ଲୁଚାଯାଇଥିଲା ଓ ମୁଁ ଅଭିନୟ କରିଥିଲି। ତା' ପରଦିନ ଘରକୁ ପହଞ୍ଚିବା ବେଳକୁ ବାପାଙ୍କ ମୃତ୍ୟୁ ହୋଇଥିବା ଜାଣିଲି। ମୁଁ ସକ୍ଷମ ହୋଇ ମଧ୍ୟ କିଛି କରିପାରିଲି ନାହିଁ, ତାହା ଜୀବନର ସବୁଠାରୁ ବଡ଼ ଅବସୋସ।



## ଫଳ ଦୋକାନୀଙ୍କୁ ମାଡ଼ମାରି ୨ ଗିରଫ

ଭୁବନେଶ୍ୱର,୧।୨(ସମିସ): ଜଣେ ଫଳ ଦୋକାନୀକୁ ମାଡ଼ ମାରି ୨ଜଣ ଗିରଫ ହୋଇଛନ୍ତି। ଏ ନେଇ ନୂଆପଲ୍ଲୀ ଥାନାରେ କେସ୍ ନମ୍ବର ୭୩ରେ ମାମଲା ରୁଜୁ ହୋଇଛି। ଦୁଇ ଅଭିଯୁକ୍ତ ହେଲେ ଆଦିତ୍ୟ କୁମାର (୧୯) ଓ ଅରୁଣ କୁମାର ସିଂ (୨୭)। ଫଳ ବ୍ୟବସାୟ ଓ ବକେୟା ଅର୍ଥ ନେଇଦେଣକୁ ନେଇ ଏହି ଗଣ୍ଡଗୋଳ ହୋଇଥିବା ଜଣାପଡ଼ିଛି। ଏଥିସହ ଅଭିଯୁକ୍ତମାନେ ଅଭିଯୋଗକାରୀଙ୍କ ପକେଟ୍‌ରୁ ୨,୩୫୦ ଟଙ୍କା କାଢ଼ିନେଇଥିବା ଅଭିଯୋଗ ହୋଇଛି। ପିସିଆର୍ ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲକୁ ନେଇଥିଲେ। ପୁଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅଧିକ ତଦନ୍ତ ଚଳାଇଛି।

## ଖଣ୍ଡଗିରି ମେଳାରୁ ଫୋନ୍ ଚୋରି; ୩ ଗିରଫ

ଭୁବନେଶ୍ୱର,୧।୨(ସମିସ): ଖଣ୍ଡଗିରି ମାଘ ମେଳାରୁ ମୋବାଇଲ୍ ଫୋନ୍ ଚୋରି ଅଭିଯୋଗରେ ୩ ଜଣଙ୍କୁ ବାନ୍ଧିଛି ଖଣ୍ଡଗିରି ଥାନା ପୁଲିସ। ଏ ନେଇ କେସ ନମ୍ବର ୮୩ରେ ଏକ ମାମଲା ରୁଜୁ ହୋଇଛି। ୩ ଅଭିଯୁକ୍ତ ହେଲେ ଯାଜପୁର ଜିଲ୍ଲାର ଦୀପକ ବଳ ଓ ଲକ୍ଷ୍ମୀ ବଳ ଏବଂ ପଶ୍ଚିମବଙ୍ଗର ଦୀପାଳି ସିଂକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗକାରିଣୀ ତାଙ୍କ ପରିବାର ସହ ଖଣ୍ଡଗିରି ମେଳା ବୁଲିବାକୁ ଯାଇଥିବାବେଳେ କିଛି ଅଜ୍ଞାତ ଅପରାଧୀ ତାଙ୍କ ବ୍ୟାଗରୁ ତାଙ୍କ ମୋବାଇଲ୍ ଫୋନ୍ ଚୋରି କରି ନେଇଥିଲେ। ତଦନ୍ତ ସମୟରେ ପୁଲିସ ତିନି ଅଭିଯୁକ୍ତଙ୍କୁ ବରମୁଣ୍ଡା ବସ୍ ଷ୍ଟାଣ୍ଡ ନିକଟରୁ କାବୁ କରିବା ସହ ଚୋରିଯାଇଥିବା ଅଭିଯୋଗକାରିଣୀଙ୍କ ମୋବାଇଲ ଫୋନ ଉଦ୍ଧାର କରିଥିଲେ। ମାମଲାର ଅଧିକ ତଦନ୍ତ ଜାରି ରହିଥଲବା ପୁଲିସ୍ କହିଛି।

# ପୂର୍ଣ୍ଣାହୁତି ସହ ସରିଲା ଖଣ୍ଡଗିରି ମେଳା

### ଶେଷ ଦିନରେ ଜମିଲା ରବିବାରିଆ ଭିଡ଼

ଭୁବନେଶ୍ୱର,୨।୨(ସମିସ):

ଆଜି ଖଣ୍ଡଗିରି ମେଳା ପୂର୍ଣ୍ଣହୂତି ସହ ଉଦଯାପିତ ହୋଇଛି। ମନ୍ତ୍ରଧ୍ୱନୀରେ ପ୍ରକମ୍ପିତ ହେଉଥିବା ଖଣ୍ଡଗିରି ପାଦଦେଶ ସୋମବାରଠାରୁ ଖାଁ ଖାଁ ପାଲଟିବ। ମେଳାରେ ଶେଷ ଦିନରେ ହଜାର ହଜାର ସଂଖ୍ୟାରେ ଜନସମାଗମ ହୋଇଥିଲା। ଶେଷ ଦିନ ରବିବାର ହୋଇଥିବାବେଳେ ମେଳା ପରିସର ଜନସମୁଦ୍ର ପାଲଟିଥିଲା। ସକାଳୁ ରାତି ପର୍ଯ୍ୟନ୍ତ ଗହଳି ପରିଲକ୍ଷିତ ହୋଇଥିଲା। ଶେଷ ଦିନରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭିଡ ରହିଥିଲା। ଖାଦ୍ୟ ଷ୍ଟଲ୍‌ଠାରୁ ଆରମ୍ଭ କରି ହରେକ୍‌ମାଲ୍, ମୀନାବଜାର ଓ ରାମଦୋଳି ଆଦି ସ୍ଥାନରେ ଅସମ୍ଭାଳ ଭିଡ଼ ଜମିଥିଲା।

ବିଶ୍ୱସନାତନ ବୈଦିକ ଧର୍ମପରିଷଦ, ଓଡ଼ିଶା ଆବାହକତ୍ୱରେ ଓ ସଂସ୍କୃତି ବିଭାଗ ସମେତ ଭୁବନେଶ୍ୱର ମହାନଗର ନିଗମ ସହଯୋଗ ମିଳିତ ଆନୁକୂଲ୍ୟରେ ମାଘ ସପ୍ତମୀରୁ ରବିବାର ମାଘ ପୂର୍ଣ୍ଣିମା ପର୍ଯ୍ୟନ୍ତ ୮ ଦିନ ବ୍ୟାପୀ ଖଣ୍ଡଗିରିଠାରେ ଉଦ୍‌ଯାପିତ ହୋଇଛି। ଭାରତ ତଥା ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଧୁ, ସନ୍ଥମାନଙ୍କ ଦ୍ୱାରା ସନାତନ ବୈଦିକ ଧର୍ମ, ସଂସ୍କୃତି, ସୁରକ୍ଷା, ସର୍ବୋପରି ଜଗତ କଲ୍ୟାଣ ପାଇଁ ପଞ୍ଚ ମହାଯଜ୍ଞ ଧାର୍ମିକ ସଭା ସାଧନା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁକୁଳ ବୈଦିକ ଆଶ୍ରମ, ବେଦବ୍ୟାସ, ରାଉରକେଲାର ବ୍ରହ୍ମଚାରୀ ବ୍ରହ୍ମାନନ୍ଦ ଗୌରବ ଗୁରୁକୁଳ ବ୍ରହ୍ମଚାରିଣୀ ପିଲାମାନଙ୍କ ଦ୍ୱାରା ବେଦପାଠ, ଚର୍ତୁବେଦ ପାରାୟଣ ସହିତ ଯଦୁଃର୍ବେଦ ମନ୍ତ୍ର ଅନୁଯାୟୀ ଯଜ୍ଞକାର୍ଯ୍ୟ ସମାପନ କରାଯାଇଥିଲା। ଯଜ୍ଞରେ ବ୍ରହ୍ମା ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ ପରିବାଜକ, ଓଡ଼ିଶା ଆସନ ଗ୍ରହଣ କରିଥିଲେ। ବ୍ରହ୍ମଚାରୀ ବିଶେଷ ଚୈତନ୍ୟ ବାବା ଆଲୋକ ଦାସ, ବାବା ଚନ୍ଦନ ଦାସ, ବାବୁଲି ବାବା, ଭାସ୍କର ବାବା,



ଶ୍ରୀକୃଷ୍ଣ ମହାରାଜ ପ୍ରମୁଖ ସହଯୋଗ କରିଥିଲେ। ପୂର୍ଣ୍ଣାହୂତି ପରେ ସମସ୍ତ ସହଯୋଗକାରୀ ତଥା ମା ବାରଭୂଜି ଧ୍ୱନୀ ଆଖଡ଼ା, ଆଞ୍ଚଳିକ ଭାଗବତଟୁଙ୍ଗୀ ସିଜୁଆ ଆଦି ଧାର୍ମିକ, ସାଂସ୍କୃତିକ ଅନୁଷ୍ଠାନମାନେ ସହଯୋଗ କରିଥିଲେ।

### ଲୋକଙ୍କ ମନୋରଞ୍ଜନ କଲେ ହନୁମାନଙ୍କ ବେଶଧାରୀ

ମେଳାର ଭିଡ ଭିତରେ ଏକ ନିଆରା ଜିନିଷ ଦେଖିବାକୁ ମିଳିଥିଲା ଯାହା ଲୋକଙ୍କୁ ଘଡିଏ ଅଟକାଇ ଦେଉଥିଲା। ସେହି ଭିଡ ଭିତରେ ହନୁମାନଙ୍କ ବେଶଧାରୀ ଜଣେ ବ୍ୟକ୍ତି ଲୋକଙ୍କ ମନୋରଞ୍ଜନ କରୁଥିବାର ପରିଲକ୍ଷିତ ହୋଇଥିଲା। ହନୁମାନଙ୍କ ଭଳି ରଙ୍ଗ, ବେଶ ଓ ପୋଷାକରେ ମେଳାରେ ଘୁରି ବୁଲୁଛନ୍ତି। ଲୋକ ମଧ୍ୟ ତାଙ୍କ ସହ ସେଲଫି ନେବାକୁ ପଛାଉ ନାହାନ୍ତି। କେତେବେଳେ ସ୍କୁଟିରେ ବସି ଗଦା ଧରି ବୁଲୁଛନ୍ତି ତ କେତେବେଳେ ଛୋଟ ପିଲାଙ୍କ ସହ ମଜାଳିଆ ଢଙ୍ଗରେ କଥା ହେଉଛନ୍ତି। ଯାହା ଦେଖିବାକୁ ଲୋକ ବେଶ୍ ପସନ୍ଦ କରୁଥିଲେ।

### ପକ୍ଷୀ ଉଡ଼ାଇ ବାର୍ତ୍ତା ସଂଗ୍ରହ ଅଭିଯାନର ଶୁଭାରମ୍ଭ

ଖଣ୍ଡଗିରି କୁମ୍ଭମେଳାର ଶେଷ ଦିବସରେ ପ୍ରାମାଣିକ ଚଳଚ୍ଚିତ୍ର ରାମରାଜ୍ୟର ବାର୍ତ୍ତା ସଂଗ୍ରହ ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ଆମ ପରିବାର ଓ ରାଜଧାନୀ ସଂଗ୍ରାମୀ ସେବାସଙ୍ଘ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାଗାବାବା ଶିବାନନ୍ଦ ଗିରି ମହାରାଜ ପକ୍ଷୀ ଉଡାଇ ଅଭିଯାନର ଶୁଭାରମ୍ଭ କରିଥିଲେ। ନିର୍ଦ୍ଦେଶକ ଚନ୍ଦ୍ରଭାନୁ କର, ସମାଜସେବୀ ପ୍ରତାପ ସାହୁ, ମହାକାଳ ସେବକ ମାନସ ସାହୁ, ଚଗଲା ବାବା, ସଦାବାବା, ସତ୍ୟବ୍ରତ ଜେନା ଓ ବହୁ ସାଧୁସନ୍ଥ ଉପସ୍ଥିତ ରହିଥିଲେ। କାର୍ଯର୍ୟକ୍ରମକୁ ପରିଚାଳନା କରିଥିଲେ ସମାଜସେବୀ ମହାସଂଘ ସଭାପତି ବାପୁଓଝା।

■ ମୟୂରଭଞ୍ଜ ଉତ୍ସବ ଉଦ୍‌ଯାପିତ

## ମନ ଜିଣିଲା 'ଲେଡିଜ୍ ଗ୍ରୁପ୍ ର୍ୟାମ୍ପ ଶୋ'



ଭୁବନେଶ୍ୱର,୧।୨(ସମିସ): ଉତ୍କଳ ମଣ୍ଡପଠାରେ ମୟୂରଭଞ୍ଜ ସାଂସ୍କୃତିକ ସଂସଦ, ଭୁବନେଶ୍ୱର ଦ୍ୱାରା ଆୟୋଜିତ ଐତିହାସିକ ତିନିଦିନିଆ ଏକାଦଶ ମୟୂରଭଞ୍ଜ ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟା ମହାସମାରୋହରେ ସମାପନ ହୋଇଯାଇଛି। ସନ୍ଧ୍ୟାର ଉଦ୍‌ଘାଟକ ଥିଲେ ବିଧାୟକ ତଥା ଓଡ଼ିଆ ସିନେ ଅଭିନେତା ସିଦ୍ଧାନ୍ତ ମହାପାତ୍ର। ତାଙ୍କ ସହ ମଞ୍ଚାସୀନ ଥିଲେ ସାଧାରଣ ସମ୍ପାଦକ ଡକ୍ଟର ରଜନୀକାନ୍ତ ବିଶ୍ୱାଳ, ସମ୍ପାଦକ ଚିନ୍ମୟ ଦାସ ପଟ୍ଟନାୟକ ଓ ସମ୍ପାଦକ ସ୍ୱରୂପ ରଞ୍ଜନ ଦାସ। ପ୍ରଥମେ ଅଡିଓ-ଭିଜୁଆଲ୍ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା ମୟୂରଭଞ୍ଜ ସଂସଦର ଶୀର୍ଷକ ସଙ୍ଗୀତ। ପରିଚାଳନା କରିଥିଲେ ଓଡ଼ିଆ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ନିର୍ଦ୍ଦେଶକ ତାପସ ସରଗରିଆ ଓ ଟିମ୍। ପରେ ପାରମ୍ପାରିକ ଆଦିବାସୀ ନୃତ୍ୟ, ଛଉ ନୃତ୍ୟ, ଝୁମର ଗୀତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଉଦ୍‌ଯାପନୀ ସନ୍ଧ୍ୟାର ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲେ ସିନେ ତାରକା ସ୍ୱରାଜ ବାରିକ, ବାବୁସାନ ମହାନ୍ତି ଓ ବରିଷ୍ଠ ଅଭିନେତ୍ରୀ ଅପରାଜିତା ମହାନ୍ତି। ପରେ ମୟୂରଭଞ୍ଜ ସାଂସ୍କୃତିକ ସଂସଦର ଲେଡିଜ୍ ଗ୍ରୁପ୍ ଦ୍ୱାରା ପ୍ରଦର୍ଶିତ ରାମ୍ପ ଶୋ' ମଧ୍ୟ ଦର୍ଶକଙ୍କୁ ଆହ୍ଲାଦିତ କରିଥିଲା। ଅନ୍ୟତମ ଆକର୍ଷଣ ଥିଲେ। ପପୁ ପମ୍ ପମ୍, ହଂସରାଜ ଦାସ, ସାଗର ଲେଙ୍କା। ଏହି ଅବସରରେ ସବାଇଘାସର କାରୁକାର୍ଯ୍ୟ ସାଙ୍ଗକୁ ମୟୂରଭଞ୍ଜର ପ୍ରସିଦ୍ଧ ସୁଆଦିଆ ଚଟପଟି ଖାଦ୍ୟ ଷ୍ଟଲ୍‌ରେ ଭିଡ଼ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସଂସଦର ସମ୍ପାଦକ ସିନେ ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ। ଉପସ୍ଥାପନା ଦାୟିତ୍ୱରେ ଥିଲେ ଅଭିନେତା ସୁକାନ୍ତ ରଥ। ଧନ୍ୟବାଦ ଅର୍ପଣ କରିଥିଲେ ସାଧାରଣ ସମ୍ପାଦକ ଡକ୍ଟର ରଜନୀକାନ୍ତ ବିଶ୍ୱାଳ।



# ଭୁବନେଶ୍ୱର ସିଟି

## ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,୧।୨(ସମିସ): ରାଜଧାନୀର ସହିଦନଗରଠାରେ ପ୍ରଫେସର ଶତ୍ରୁଘ୍ନ ନାଥଙ୍କ ଜୟନ୍ତୀ ଓ ରବୀନ୍ଦ୍ର ମଣ୍ଡପ ଠାରେ ଅବସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ତଥା ମଞ୍ଚ ସ୍ଥପତି ଅସୀମ ବସୁଙ୍କ ପୁଣ୍ୟ ତିଥି ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ରବିବାର କ୍ରମାନ୍ୱୟରେ ପାଳିତ ହୋଇଯାଇଛି। ପ୍ରଫେସର ଶତ୍ରୁଘ୍ନ ନାଥ ଥିଲେ ଜଣେ ସୁଲେଖକ, ଶିକ୍ଷାବିତ୍ ତଥା ମହିମାଧର୍ମର ଆଜୀବନ ପ୍ରଚାରକ। ଅନ୍ୟପକ୍ଷରେ ପଣ୍ଡିତ ରଘୁନାଥ ମୁର୍ମୁ ଥିଲେ ଅଲଚିକି ଭାଷାର ପ୍ରଣେତା। ଶିଳ୍ପୀ ଅସୀମ ବସୁ ଥିଲେ ଏକାଧାରରେ ନାଟ୍ୟ ନିର୍ଦ୍ଦେଶକ, କବି ଓ ମଞ୍ଚ ସ୍ଥପତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ସଭାଗୁଡ଼ିକୁ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ସଞ୍ଚାଳନ କରିଥିଲେ। ଏହି ଅବସରରେ ଶିକ୍ଷାବିତ୍ କାମଦେବ ମହାପାତ୍ର ବରପୁତ୍ରଙ୍କ ଉପରେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିତ୍ୟାନନ୍ଦ ସାହୁ, ସମାଜସେବୀ ମନୋରଞ୍ଜନ ମହାନ୍ତି, ବୈକୁଣ୍ଠ ନାଥ ନାୟକ, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ହରିବନ୍ଧୁ ନାୟକ, ପଦ୍ମନାଭ ଦାସ, ମମତା ନାୟକ, ନୃସିଂହ ବେହେରା, ଗୀତାଞ୍ଜଳି ନାଥ, ପ୍ରଭାତ ବିଶ୍ୱାଳ, ଗିରିଜା ଶଙ୍କର ମହାପାତ୍ର ପ୍ରମୁଖ ଯୋଗଦାନ କରି ବରପୁତ୍ରଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶେଷରେ ଅମିତ୍ ପାତାଳ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଣୟ ଜେଠୀଙ୍କୁ 'ବେଷ୍ଟ ମିଡିଆ ପ୍ଲାନର୍ ସମ୍ମାନ'



ଭୁବନେଶ୍ୱର,୧।୨(ସମିସ): ଉତ୍କର୍ଷ ଓଡ଼ିଶା ପକ୍ଷରୁ "ବେଷ୍ଟ ମିଡିଆ ପ୍ଲାନର୍ ସମ୍ମାନ'ରେ ପ୍ରଣୟ ଜେଠୀ ସମ୍ମାନିତ ହୋଇଛନ୍ତି। ଯୁବ ଉଦ୍ୟୋଗୀ ଭରତ ପ୍ରଧାନଙ୍କ ଦ୍ୱାରା ଆୟୋଜିତ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଶ୍ରୀ ଜେଠୀ ଏହି ସମ୍ମାନ ପ୍ରାପ୍ତ କରିଛନ୍ତି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିଧାୟକ ବାବୁ ସିଂ, କୋରେଇ ବିଧାୟକ ଆକାଶ ଦାସ ନାୟକ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଧାୟକ ଅଗସ୍ତି ବେହେରା, ବିଧାୟକ ରଘୁନାଥ ଜଗଦଲା ଏବଂ ତାରିଣୀ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର କଳା, ସଂସ୍କୃତି, ବ୍ୟବସାୟ ଏବଂ ସାହିତ୍ୟରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥିବା ୩୦ଜଣ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ସେଥିମଧ୍ୟରୁ ଓଡ଼ିଆ ସିନେ ଶିଳ୍ପକୁ ବଞ୍ଚାଇ ରଖିବା ପାଇଁ ପ୍ରଚେଷ୍ଟା ଜାରି ରଖିଥିବା ଓ ପ୍ରସାର କରୁଥିବା ମିଡିଆ ପ୍ଲାନର୍ ପ୍ରଣୟ ଜେଠୀଙ୍କୁ ବେଷ୍ଟ ମିଡିଆ ପ୍ଲାନର୍ ୨୦୨୫ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହା ସହ ରାଜ୍ୟର ଭବିଷ୍ୟତ ଅଭିବୃଦ୍ଧି ଉପରେ ଆଲୋଚନା କରାଯାଇଥିଲା। ବିଶେଷ ଭାବେ 'ଓଡ଼ିଶାର ଅଭିବୃଦ୍ଧି କାହାଣୀ: ଏକ ପ୍ରଗତିଶୀଳ ଭବିଷ୍ୟତ ପାଇଁ ବ୍ୟବସାୟ, ସଂସ୍କୃତି ଏବଂ ସୃଜନଶୀଳ ନେତୃତ୍ୱକୁ ସୁଦୃଢ଼ କରିବା' ବିଷୟ ଉପରେ ଏକ ସ୍ୱତନ୍ତ୍ର ପ୍ୟାନେଲ ଆଲୋଚନା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଶେଷରେ ଭରତ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ 'ସାହିତ୍ୟ ମାସିକୀ'



ଭୁବନେଶ୍ୱର,୧।୨(ସମିସ): ପରିବେଶରୁ ଚରିତ୍ରମାନେ ଆସନ୍ତି ଓ ସତ୍ୟ ସହିତ କଳ୍ପନାର ମିଶ୍ରଣରେ ଭଲ ଗପ ସୃଷ୍ଟି ହୋଇପାରେ ବୋଲି କଥାଶିଳ୍ପୀ ପ୍ରଦୋଷ ମିଶ୍ର ମତବ୍ୟକ୍ତ କରିଛନ୍ତି। ଜୟଦେବ ଭବନରେ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ "ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମିଶ୍ର ତାଙ୍କ ସୃଜନ ଯାତ୍ରାର ବିବରଣୀ ପ୍ରଦାନ କରିଥିଲେ। ଅନୁଷ୍ଠାନର ଉପସଭାପତି ମିନତି ଦାଶ (ମାନୀ) ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ରଙ୍କ ପରିଚାଳିତ କାର୍ଯ୍ୟକ୍ରମରେ ଯୁବକବି ରଶ୍ମିତା ବେହେରା "ଏ ମାସର କବି' ହିସାବରେ ଉପସ୍ଥିତ ରହି ସ୍ୱରଚିତ ଲେଖା ପାଠ କରିଥିଲେ। ଅଧ୍ୟାପିକା ଡ. ସଂଯୁକ୍ତା ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଉଷାରାଣୀ ଆଚାର୍ଯ୍ୟ, ମନମୋହନ ମିଶ୍ର, ପୀତାମ୍ବର ଭୋଇ, ରଜନୀକାନ୍ତ ପଟ୍ଟନାୟକ, ମିହିରକାନ୍ତି ଦାଶ, ମହେନ୍ଦ୍ର କୁମାର ମଲ୍ଲିକ, ଅଶୋକ ସିଂହ, ପ୍ରଦ୍ୟୁମ୍ନ ପଟ୍ଟନାୟକ, ରଶ୍ମୀ ଦାସ, ସଂତାପ ଜେନା, ସୁଶାନ୍ତ ଷଡ଼ଙ୍ଗୀ, ଜୀବନକୃଷ୍ଣ ମିଶ୍ର, ଶୀତଳ ମିଶ୍ର, ସ୍ୱର୍ଣ୍ଣଲତା ମହାପାତ୍ର ଓ ଅରୁଣା କରଙ୍କ ସମେତ ଅନେକ କବି ନିଜ ଲେଖା ଆବୃତ୍ତି କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଆ ଚଳଚ୍ଚିତ୍ର 'ତୁଳା'ର ଶୁଭ ମହୁରତ

ଭୁବନେଶ୍ୱର,୧।୨(ସମିସ): ଫୁଲବାଣୀର ଚର୍ଚ୍ଚିତ ତୁଳା ବେହେରାଙ୍କ ଜୀବନ କାହାଣୀ ଉପରେ ଆଧାରିତ ଆର୍ଟମସ୍ ସ୍କ୍ରିନ୍ସର ଦ୍ୱିତୀୟ ଓଡ଼ିଆ ଚଳଚ୍ଚିତ୍ର ସେବା, ସଂଘର୍ଷ ଓ ସମର୍ପଣର ଗାଥାଟି 'ତୁଳା'ର ଶୁଭ ମୁହୂର୍ତ୍ତ ରବିବାର ବରମୁଣ୍ଡାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରଠାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଭିକ୍ଷାବୃତ୍ତି କରି ଚଳୁଥିବା ତୁଳା ବେହେରା ଏକ ସମୟରେ ନିଜର ସଞ୍ଚିତ ସମସ୍ତ ଜମାପୁଞ୍ଜି ଏକଲକ୍ଷ ଟଙ୍କା ଫୁଲବାଣୀର ଶ୍ରୀଜଗନ୍ନାଥ ମନ୍ଦିର ଜୀର୍ଣ୍ଣୋଦ୍ଧାର କାର୍ଯ୍ୟ ପାଇଁ ଦାନ କରି ଦେଇଥିଲେ। ତାଙ୍କର ଏହି ମହତ୍ କାର୍ଯ୍ୟ ଚର୍ଚ୍ଚାର ବିଷୟ ପାଲଟିଥିଲା। ପରବର୍ତ୍ତୀ ସମୟରେ ୨୦୨୪ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଫୁଲବାଣୀ ଗସ୍ତ ସମୟରେ ତୁଳା ବେହେରାଙ୍କୁ ସମ୍ମାନିତ କରିଥିଲେ। ଏହାକୁ ପରଦାରେ ଉପସ୍ଥାପନ କରିବ ଚଳଚ୍ଚିତ୍ର 'ତୁଳା'। ସିଦ୍ଧାନ୍ତ ମହାପାତ୍ର, ଶୀତଳ ପାତ୍ର, ଅଭିଷେକ ଗିରି ଓ ସମରେଶ ରାଉତରାୟଙ୍କ ଭଳି କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ। ଚଳଚ୍ଚିତ୍ରର ପ୍ରଯୋଜନା ଅଜୟ କୁମାର ରାଉତ କରୁଥିବାବେଳେ ଜିତେନ୍ଦ୍ର ଜେନା ନିର୍ଦ୍ଦେଶନା ଦେଇଛନ୍ତି। ସେହିଭଳି ନିବେଦିତା ସାମନ୍ତରାୟ ସହ ପ୍ରଯୋଜକ ଭୂମିକାରେ ଥିବାବେଳେ କାର୍ଯ୍ୟକାରୀ ପ୍ରଯୋଜକ ବିକାଶ ରାଉତ ରହିଛନ୍ତି।

# 'ବିକାଶ ନାମରେ କର୍ପୋରେଟ୍ ଲୁଣ୍ଠନ ବଢୁଛି'

ଭୁବନେଶ୍ୱର,୧।୨(ସମିସ):



ବିକାଶ ନାମରେ କର୍ପୋରେଟ୍ ଲୁଟ୍ ବଢ଼ିଛି। ଓଡ଼ିଶାର ପ୍ରାକୃତିକ ସମ୍ପଦକୁ କର୍ପୋରେଟ୍ ସଂସ୍ଥାଙ୍କ ହାତକୁ ଟେକି ଦିଆଯାଉଛି। ଯାହାକୁ ନେଇ ରବିବାର ଲୋହିଆ ଏକାଡେମୀ ପରିସରରେ ଲୋକଶକ୍ତି ଅଭିଯାନ ଓ ସେଣ୍ଟର ଫର୍ କ୍ଲାଇମେଟ୍ ଜଷ୍ଟିସର ଆହ୍ୱାନରେ ଏକ ରାଜ୍ୟସ୍ତରୀୟ ସଭା ଅନୁଷ୍ଠିତ ହୋଇଯାଇଛି। ଚାଷୀ ନେତା ଲିଙ୍ଗରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଭିନ୍ନ ରାଜନୈତିକ ଦଳ, ଜନଆନ୍ଦୋଳନ ସଂଗଠନ, ପୂର୍ବତନ ପ୍ରଶାସନିକ ଅଧିକାରୀ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଏନ୍ଏପିଏମ୍‌ର ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଲୋକଶକ୍ତି ଅଭିଯାନର ଜାତୀୟ ସଂଯୋଜକ ପ୍ରଫୁଲ୍ଲ ସାମନ୍ତରା କହିଥିଲେ ଯେ ବର୍ଷକ୍ରମେ ବିକାଶର ଆଳରେ ଜଙ୍ଗଲ, ପାହାଡ଼, ଜଳସ୍ରୋତ ଓ ଖଣିଜ ସମ୍ପଦକୁ ବେସରକାରୀ କମ୍ପାନୀଙ୍କୁ ଟେକି ଦିଆଯାଇଛି, ଯାହାର ପରିବେଶୀୟ ଓ ସାମାଜିକ ପରିଣାମ ଉପରେ କୌଣସି ସଠିକ୍ ଆକଳନ ହୋଇନାହିଁ। ସଭାରେ ଗନ୍ଧମାର୍ଦ୍ଦନ, ନିୟମଗିରି, କର୍ଲାପାଟ, ମାଝୀମାଳି, ସିଜିମାଳି, ମାଳି ପର୍ବତ ଓ ଦେଓମାଳି ଭଳି ବକ୍ସାଇଟ୍ ସମୃଦ୍ଧ ପାହାଡ଼ ଅଞ୍ଚଳରେ ବେଦାନ୍ତ, ଆଦାନୀ, ହିଣ୍ଡାଲକୋ ଭଳି କମ୍ପାନୀଙ୍କ ଖଣି ଖନନକୁ ନେଇ ଗଭୀର ଚିନ୍ତା ପ୍ରକାଶ ପାଇଥିଲା। ଏହା ସହିତ ଯାଜପୁର, କେନ୍ଦୁଝର, ସୁନ୍ଦରଗଡ଼ ଓ ଅନୁଗୁଳ ଜିଲ୍ଲାରେ ଅନିୟନ୍ତ୍ରିତ ଶିଳ୍ପାୟନ ଯୋଗୁଁ ପ୍ରଦୂଷଣ ବଢୁଥିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା।

ଦ୍ୱିତୀୟ ଅଧିବେଶନରେ ଜଳ, ଜମି ଓ ଜଙ୍ଗଲ ସୁରକ୍ଷା ପାଇଁ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ଶପଥ ନିଆଯାଇଥିଲା। ଏହି ସଭାରେ ସିପିଆଇର ଜୟନ୍ତ ଦାସ, ସିପିଆଇ (ଏମ୍)ର ଅଭିରାମ ବେହେରା, ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ଅଶୋକ ମିଶ୍ର, ସିପିଆଇ(ଏମ୍ଏଲ୍) ଲିବରେସନ୍‌ର ଯୁଧିଷ୍ଠିର ମହାପାତ୍ର, ଆମ୍ ଆଦମୀ ପାର୍ଟିର ନିଶିକାନ୍ତ ମହାପାତ୍ର, ଫରୱାର୍ଡ ବ୍ଲକ୍‌ର ପୂର୍ଣ୍ଣଚନ୍ଦ୍ର ପାଢ଼ୀଙ୍କ ସମେତ ପୂର୍ବତନ ପୁଲିସ୍ ଡିଜି ଅମିୟ ଭୂଷଣ ତ୍ରିପାଠୀ, ପୂର୍ବତନ ପ୍ରଶାସକ ସଞ୍ଜୀବ ହୋତା, ପୂର୍ବତନ ମୁଖ୍ୟ ଶାସନ ସଚିବ ଅରବିନ୍ଦ ବେହେରା, ପ୍ରଫେସର ବିଜୟ ବହିଦାର, ରାଜନେତା ଭୃଗୁ ବକ୍ସିପାତ୍ର, ସ୍ତମ୍ଭକାର ମାନସ ଜେନା, ପ୍ରଫେସର ନନ୍ଦକିଶୋର ମହାକୁଡ଼ ଓ ଦେବ ପ୍ରସାଦ ରାୟ ପ୍ରମୁଖ ଯୋଗ ଦେଇଥିଲେ।

## 'ମଡେଲ୍ ଫାୟାର୍ ଷ୍ଟେସନ' ହେବ ଚନ୍ଦ୍ରଶେଖରପୁର ଅଗ୍ନିଶମ କେନ୍ଦ୍ର

ଭୁବନେଶ୍ୱର,୧।୨(ସମିସ): ଚନ୍ଦ୍ରଶେଖରପୁର ଅଗ୍ନିଶମ କେନ୍ଦ୍ରକୁ ଏକ 'ମଡେଲ୍ ଫାୟାର୍ ଷ୍ଟେସନ' ଭାବେ ପରିଣତ କରାଯିବ। ଏ ନେଇ କାର୍ଯ୍ୟ ଆରମ୍ଭ ହୋଇଛି। ଜରୁରିକାଳୀନ ପରିସ୍ଥିତିରେ ଲୋକଙ୍କୁ ଶୀଘ୍ର ସାହାଯ୍ୟ କରିବା ପାଇଁ ଏହା ଏକ ବଡ଼ ପଦକ୍ଷେପ ହେବ। ଏହି ଅଗ୍ନିଶମ କେନ୍ଦ୍ର ଅଞ୍ଚଳରେ ବଡ଼ ବଡ଼ ସ୍କୁଲ୍, ହସ୍ପିଟାଲ୍ ଏବଂ ବ୍ୟବସାୟିକ କେନ୍ଦ୍ର ରହିଛି। ସେଥିପାଇଁ ଏଠାକୁ ଅନେକ ଅଗ୍ନିକାଣ୍ଡ ସହ ଜରୁରିକାଳୀନ ଫୋନ୍ ଆସିଥାଏ। ତେଣୁ ଏହାକୁ ଗୁରୁତ୍ୱ ଦେଇ ଏକ ମଡେଲ ଷ୍ଟେସନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଉନ୍ନତିକରଣ ଦ୍ୱାରା କର୍ମଚାରୀମାନଙ୍କର କାମ କରିବାର ଦକ୍ଷତା ମଧ୍ୟ ବଢ଼ିବ। ସେମାନେ କିପରି ଶୀଘ୍ର ସେବା ଯୋଗାଇ ପାରିବେ ସେଥିପ୍ରତି ମଧ୍ୟ ଗୁରୁତ୍ୱ ଦିଆଯିବ। ସେହିପରି କ୍ୟାମ୍ପସ ସୌନ୍ଦର୍ଯ୍ୟକରଣ ସହ କର୍ମଚାରୀଙ୍କ ଫିଟ୍‌ନେସ୍ ପାଇଁ ଏକ ଓପନ୍ ଜିମର ବ୍ୟବସ୍ଥା ମଧ୍ୟ କରାଯିବ। ଏହି ପଦକ୍ଷେପ ଯୋଗୁଁ ସହରବାସୀ ଉନ୍ନତ ଓ ନିର୍ଭରଯୋଗ୍ୟ ସେବା ପାଇପାରିବେ। ଏହି ମଡେଲ ଷ୍ଟେସନଟି ଅନ୍ୟ ଫାୟାର ଷ୍ଟେସନ ପାଇଁ ଉଦାହରଣ ଭାବରେ କାର୍ଯ୍ୟ କରିବ। ଓଡ଼ିଶାର ସମସ୍ତ ଅଗ୍ନିଶମ କେନ୍ଦ୍ରର ଅଧିକାରୀ ଏବଂ ଓଡ଼ିଶା ବାହାରୁ ମଧ୍ୟ ଅନ୍ୟ ବିଭାଗର ଅଫିସରମାନେ ଚନ୍ଦ୍ରଶେଖରପୁର ଅଗ୍ନିଶମ କେନ୍ଦ୍ର ପରିଦର୍ଶନ କରିବେ। ଯେପରି କାର୍ଯ୍ୟପ୍ରଣାଳୀ ପ୍ରତି ଅବଗତ ହେବେ। ଏହି ପଦକ୍ଷେପ ଦ୍ୱାରା ଆଧୁନିକ ତାଲିମ ସୁବିଧା ଏବଂ ନୂତନ ଜ୍ଞାନକୌଶଳର ବ୍ୟବହାର ଦ୍ୱାରା କଷ୍ଟକର ପରିସ୍ଥିତିର ମୁକାବିଲା କରିବା ସହଜ ହେବ।

## ଆଇନଶୃଙ୍ଖଳା ଅବନତିର ପ୍ରତିବାଦ କଲା ସିପିଆଇ




ଭୁବନେଶ୍ୱର,୧।୨(ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପଥରଗାଡ଼ିଆ, ମହିମାନଗର ଶାଖା ପକ୍ଷରୁ ରାଜଧାନୀରେ ଆଇନଶୃଙ୍ଖଳାର ଅବନତୀରେ ପ୍ରତିବାଦ ଜଣାଇ ଶିଖରଚଣ୍ଡୀ ଓ ଇନ୍‌ଫୋସିଟି ଥାନା ପାଖରୁ ପଥରଗାଡ଼ିଆ, ମହିମାନଗର ପର୍ଯ୍ୟନ୍ତ ରବିବାର ଏକ ପ୍ରତିବାଦ ଶୋଭାଯାତ୍ରା ବାହାରିଥିଲା। ଏଥିରେ ଶତାଧିକ ମହିଳା ଓ ପୁରୁଷ ସାମିଲ୍ ହୋଇଥିଲେ। ପଥରଗାଡ଼ିଆ-ମହିମାନଗର ହରିଜନମାନଙ୍କ ଦଖଲ ଜମିର ପଟ୍ଟା ଯୋଗାଇଦେବା, ସେହି ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା, ଅଞ୍ଚଳରେ ମଦ, ଗଞ୍ଜେଇ, ନିଶା ପାଉଡ଼ର ମାଦକ ଦ୍ରବ୍ୟାଦି ବନ୍ଦ କରାଇବା, ଟାଟା ପାୱାରର ମନମୁଖି କାରବାର ମନ୍ଦ କରିବା ଏବଂ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ବିଲ୍ ଛାଡ଼ କରିବା, ମନରେଗା ଯୋଜନାରୁ ମାହତ୍ମା ଗାନ୍ଧୀଙ୍କ ନାମ କାଟିବା ବନ୍ଦକରି ପୁର୍ବବାର ମନରେଗା କରିବା, ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା ୫ହଜାର ଟଙ୍କାକୁ ବୃଦ୍ଧି କରିବା, ୪ କଳା ଶ୍ରମ କୋଡ୍ ବାତିଲ କରିବା ଏବଂ ଆସନ୍ତା ୧୨ ତାରିଖରେ ଭାରତୀୟ ଧର୍ମଘଟକୁ ସଫଳ କରିବା ଆଦି ସ୍ଲୋଗାନ ଦେଇ ଶୋଭାଯାତ୍ରାକାରୀ ଗ୍ରାମ ପରିକ୍ରମା କରିଥିଲେ।

## ମହିଳାଙ୍କ ଅସ୍ୱାଭାବିକ ମୃତ୍ୟୁ

ଯାଁଲା,୧।୨(ସମିସ): ଛାତ ଉପରେ ଲୁଗା ସୁଖାଉଥିବା ବେଳେ ଆଜି ଜଣେ ମହିଳାଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତ ମହିଳା ଜଣଙ୍କ ହେଲେ ଜଟଣୀ ବ୍ଲକ୍ ପଞ୍ଚୁପଲି ପଞ୍ଚାୟତ ବ୍ରହ୍ମକୁଣ୍ଡଳ ଗ୍ରାମର ରଞ୍ଜୁକ୍ତା ଜେନା (୭୦)। ସବୁଦିନ ପରି ଆଜି ସକାଳୁ ପୋଖରୀରେ ଗାଧେଇ ଠାକୁର ପୂଜା କରିସାରି ଓଦା ଲୁଗା ଛାତ ଉପରକୁ ଶୁଖାଇବାକୁ ଯାଇଥିଲେ। ମାତ୍ର ଲୁଗା ଶୁଖାଉଥିବାବେଳେ ସେଠାରେ ଟଳି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ଗ୍ରାମରେ ଶୋକ ପ୍ରକାଶ ପାଇଛି।

## ଚନ୍ଦ୍ରାନନ୍ଦ ଚମ୍ପୂର ବିଶ୍ଳେଷଣ ପୁସ୍ତକ ଓ ସିଡି ଉନ୍ମୋଚିତ

ଭୁବନେଶ୍ୱର,୧।୨(ସମିସ): ଓଡ଼ିଆ ସାରସ୍ୱତ ପ୍ରେମୀ ତଥା ଯୁବ ଗବେଷକ ତଥା ଗୀତ, ବାଦ୍ୟ, ନୃତ୍ୟ ପ୍ରତି ସମର୍ପିତ ସଂଗୀତ ସାଧକ ସୌମ୍ୟ ବିଶ୍ୱଜିତଙ୍କ ପ୍ରଚେଷ୍ଟାରେ ରବୀନ୍ଦ୍ର ମଣ୍ଡପଠାରେ କବି ରବି ରାୟଗୁରୁ ମହାପାତ୍ର ବଳଦେବଙ୍କ ଶ୍ରେଷ୍ଠକୃତି ଓ ସୃଷ୍ଟି 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ'ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଛି। ବଳଦେବ କୃତ 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ'ର ୩୪ଟି ଗୀତର ଆଲୋଚନା ପର୍ଯ୍ୟାଲୋଚନା ଓ ଗାୟନ କାର୍ଯ୍ୟକ୍ରମକୁ ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ଡ. ଶାନ୍ତନୁ କୁମାର ରଥ, ନୟାଗଡ଼ର ବିଧାୟକ ତଥା କବି ଡ. ଅରୁଣ କୁମାର ସାହୁ, ଉତ୍କଳ ସଂଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟ କୁମାର ଜେନା, ଡ. ରୀନା ରାଉତରାୟ, ଗୁରୁ ନିମାକାନ୍ତ ରାଉତରାୟ ପ୍ରମୁଖ ଶୁଭାରମ୍ଭ କରିଥିଲେ। ନିମାକାନ୍ତ ରାଉତରାୟଙ୍କ ଛାତ୍ରଛାତ୍ରୀମାନେ ଶ୍ରୀରାଧା ଓ ଶ୍ରୀ କୃଷ୍ଣଙ୍କ ପ୍ରେମଲୀଳାକୁ ନେଇ ରଚିତ ଚମ୍ପୂର 'କ' ଗୀତ ଠାରୁ 'କ୍ଷ' ପର୍ଯ୍ୟନ୍ତ ଗୀତ ପରିବେଷଣ କରିଥିଲେ। ସୌମ୍ୟ ବିଶ୍ୱଜିତ୍, ଅନୁଜା ତାରିଣୀ ମିଶ୍ର, ପ୍ରଭାତ ମିଶ୍ର ଆଦି ସଂଗୀତ ପରିବେଷଣ କରିଥିଲେ। ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ବିଧାୟକ ଡ. ଅରୁଣ ସାହୁ, ପଣ୍ଡିତ ହରମୋହନ ଖୁଣ୍ଟିଆ, ପଦ୍ମଶ୍ରୀ ଶ୍ୟାମାମଣୀ ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ପାଳିତ, ପଦ୍ମଶ୍ରୀ ଅରୁଣା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଅସହାୟ ବାପା-ମା'ଙ୍କ 'ଶେଷଇଚ୍ଛା'

ଭୁବନେଶ୍ୱର,୧।୨(ସମିସ): ଆଜି ଆମେ ସମସ୍ତେ ଏମିତି ଗୋଟେ ସମୟହୀନ ସମାଜରେ ବାସ କରୁଛୁ ଯେ, ଯେଉଁଠି ସ୍ନେହ, ପ୍ରେମ, ମାନବିକତା ଏବଂ ସାମାଜିକ ମୂଲ୍ୟବୋଧକୁ ମଣିଷ ଭୁଲି ଯାଉଛି। ଅନ୍ଧ ଗଳିରେ ମଣିଷ ଏମିତି ଅନ୍ଧ ହୋଇଯାଉଛି ଯେ ସେମାନଙ୍କ ପାଇଁ ଅର୍ଥ ବ୍ୟତୀତ ବାପା, ମା' ଓ ସେମାନଙ୍କର ଆକୁଳ ନିବେଦନ କାକୁତି ମିନତି, ସ୍ନେହ, ଶ୍ରଦ୍ଧା ସବୁକିଛି ତୁଚ୍ଛ। ଅଦରକାରୀ ବସ୍ତୁ ଭଳି ମନେହେଉଛି। ସେହିପରି ସନ୍ତାନମାନଙ୍କ ଅବହେଳାର ଶିକାର ହୋଇ କେତେ ଯେ ପିତା, ମାତାଙ୍କର ଜୀବନ ଦୀପ ପିଲାଙ୍କୁ ଝୁରି ଝୁରି ଅକାଳରେ ଲିଭିଯାଉଛି ତା'ର ହିସାବ ନାହିଁ। ଏବେ ତ ସମସ୍ତେ ନିଜର ଦୁନିଆରେ ବ୍ୟସ୍ତ। ବୃଦ୍ଧ ବାପା ମା'ଙ୍କୁ ଅଦରକାରୀ ବସ୍ତୁ ବୋଲି ଭାବୁଛନ୍ତି। ଯିଏ ଛୋଟରୁ ବଡ଼ କରିଛି, ତାଙ୍କରି ମୃତ୍ୟୁ ବେଳକୁ ସେମାନଙ୍କର ଶେଷ ଇଚ୍ଛା ଟିକକୁ ତାଙ୍କରି ସନ୍ତାନମାନେ ପୂରଣ କରିପାରିଛନ୍ତି କି? ସେହି ଅବାଧ୍ୟ ସନ୍ତାନମାନେ କ'ଣ ନିଜର ଭୁଲ ବୁଝି ବାପା ମା'ଙ୍କ ନିକଟକୁ ଫେରି ଆସିପାରନ୍ତି? ଏମିତି ଅନେକ ଅସମାହିତ ପ୍ରଶ୍ନକୁ ଧରି ମଥା ଟେକିଥିଲା ନାଟକ 'ଶେଷଇଚ୍ଛା'। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବି ଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ନାଟ୍ୟ ଧାରା ପକ୍ଷରୁ ରବିବାର ଭଞ୍ଜକଳା ମଣ୍ଡପରେ ଆୟୋଜିତ ହୋଇଥିବା ଏହି ନାଟକକୁ ଗଜପତି ଜିଲ୍ଲା, ପାରଳାଖେମୁଣ୍ଡି, କ୍ରିଏଟିଭ ଆର୍ଟର କଳାକାର ପରିବେଷଣ କରିଥିଲେ। ନାଟକକୁ ପ୍ରଭାକର ପାତ୍ର ରଚନା କରିଥିବାବେଳେ ନିର୍ଦ୍ଦେଶନାରେ ମନୋଜ କୁମାର ପାଢ଼ୀ ଓ ସଙ୍ଗୀତରେ ଏମ୍. ମାଧବ ପାତ୍ର ରହିଥିଲେ। ଏହି କାର୍ଯ୍ୟକ୍ରମରେ ନାଟ୍ୟକାର ପଞ୍ଚାନନ ଦାଶ ଏବଂ ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ ଅତିଥି ଭାବେ ଯୋଗ ଦେଇଥିଲେ। ନାଟ୍ୟ ସଂଘର ସଭାପତି ମିହିର ମେହେର ସଭାରେ ସଭାପତିତ୍ୱ କରିଥିବା ବେଳେ ସଂଘର ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ ମଞ୍ଚ ପରିଚାଳନା କରିଥିଲେ। ସଂଘର କୋଷାଧ୍ୟକ୍ଷ ଅବିନାଶ ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଶାଏଁ ପକ୍ଷରୁ ଦ୍ୱାଦଶ ଶିଶୁ ମହୋତ୍ସବ



ଭୁବନେଶ୍ୱର,୧।୨(ସମିସ): ଆଶାଏଁ ଟ୍ରଷ୍ଟ ପକ୍ଷରୁ କସ୍ତୁରବା ନାରୀ ମହଲଠାରେ ଦ୍ୱାଦଶ ଶିଶୁ ମହୋତ୍ସବ ଆୟୋଜିତ ହୋଇଛି। ଆଶାଏଁର ବିଭିନ୍ନ କମ୍ୟୁନିଟି ସେଣ୍ଟର, ସରକାରୀ ବିଦ୍ୟାଳୟ ଓ ସହଯୋଗୀ ସଂସ୍ଥାରୁ ଶିଶୁମାନେ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଉତ୍ସବରେ କଳା–ହସ୍ତଶିଳ୍ପ ପ୍ରଦର୍ଶନୀ, ସାଂସ୍କୃତିକ ପ୍ରଦର୍ଶନ, ସୃଜନଶୀଳ କର୍ମଶାଳା, କୌଶଳ ପ୍ରଦର୍ଶନ, ମନୋରଞ୍ଜନାତ୍ମକ କାର୍ଯ୍ୟକଳାପ, ଶିଶୁ-ନେତୃତ୍ୱ ଆଲୋଚନା ହୋଇଥିଲା। ଏହି ଶିଶୁ କର୍ମଶାଳାକୁ ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଅଭିନେତା ହରିହର ମହାପାତ୍ର, ଗାନ୍ଧୀବାଦୀ ପ୍ରହ୍ଲାଦ ସିଂହ, ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ସଂଗ୍ରାମ ପାଇକରାୟ, ବିରୁପାକ୍ଷ ତ୍ରିପାଠୀ, ସୁଜାତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ସବର ଏକ ବିଶେଷ ଆକର୍ଷଣ ଥିଲା ହ୍ୟାକାଥନ, ଯେଉଁଠାରେ ପିଲାମାନେ ସ୍ମାର୍ଟ ପାର୍କିଂ ସିଷ୍ଟମ, ଡରେନ୍ ଓଭରଫ୍ଲୋ ଆଲର୍ଟ, ଭିଜା ଆବର୍ଜନା ଶୁଷ୍କ କରିବା ପରି କମ୍ୟୁନିଟି ସମସ୍ୟାର ସ୍ମାର୍ଟ ସମାଧାନ ପ୍ରଦର୍ଶନ କରିଥିଲେ। ଆଶାଏଁ ଅଧ୍ୟକ୍ଷ ରତ୍ନାକର ସାହୁଙ୍କ ଦ୍ୱାରା ବାର୍ଷିକ କାର୍ଯ୍ୟକ୍ରମ ବିବରଣୀ ଉପସ୍ଥାପିତ ହୋଇଥିଲା।

## ଜୁଟ୍ ମାର୍କ ଇଣ୍ଡିଆ ଯୋଜନା ନେଇ ସଚେତନତା କର୍ମଶାଳା

ଭୁବନେଶ୍ୱର,୧।୨(ସମିସ): ବସ୍ତ୍ର ମନ୍ତ୍ରଣାଳୟ ଅଧୀନସ୍ଥ ଟେକ୍ସଟାଇଲ୍ସ କମିଟି ଏବଂ ନ୍ୟାସନାଲ୍ ଜୁଟ୍ ବୋର୍ଡ ପକ୍ଷରୁ ଜୁଟ୍ ମାର୍କ ଇଣ୍ଡିଆ ଯୋଜନା ଅଧୀନରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍ଏସ୍ଏମ୍ଇ ମନ୍ତ୍ରଣାଳୟର ନିର୍ଦ୍ଦେଶକ ପି. କେ. ଗୁପ୍ତା ଏଥିରେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସେ ଝୋଟ ଏକ ସ୍ଥାୟୀ ଓ ପରିବେଶ ଅନୁକୂଳ ତନ୍ତୁ ଭାବେ ବର୍ଣ୍ଣନା କରି ଜୁଟ୍ ମାର୍କ ଇଣ୍ଡିଆ ଭଳି ପ୍ରମାଣପତ୍ର ଯୋଜନା ଗ୍ରାହକଙ୍କ ବିଶ୍ୱାସ ବୃଦ୍ଧି, ବଜାର ପ୍ରବେଶ ସୁଗମ କରିବା ଏବଂ କାରିଗର ଓ ଉତ୍ପାଦକଙ୍କ ଜୀବିକା ନିର୍ବାହକୁ ସମର୍ଥନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ନାବାର୍ଡର ଚିଫ୍ ଜେନେରାଲ ମ୍ୟାନେଜର ସଞ୍ଜୟ କୁମାର ତାଲୁକଦାର, ଓରମାସ କଟକର ଯୁଗ୍ମ ମୁଖ୍ୟ ନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ, କୋଲକାତାସ୍ଥିତ ଟେକ୍ସଟାଇଲ୍ସ କମିସନର କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ ବି.କେ. ସାହୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଟେକ୍ସଟାଇଲ୍ସ କମିଟିର ସହକାରୀ ନିର୍ଦ୍ଦେଶକ ନିଶାନ୍ତ ମେହତ୍ରାସ ଟେକ୍ସଟାଇଲ୍ସ କମିଟିର କାର୍ଯ୍ୟକ୍ରମ ଓ ଜୁଟ୍ ମାର୍କ ଇଣ୍ଡିଆ ଯୋଜନାର ଉଦ୍ଦେଶ୍ୟ ବିଷୟରେ ବର୍ଣ୍ଣନା କରିଥିଲେ। ଭୁବନେଶ୍ୱର ଟେକ୍ସଟାଇଲ୍ସ କମିଟି ଇନଚାର୍ଜ ପ୍ରଦୀପ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଏହାପରେ ବୁଣାକାରଙ୍କ ପାଇଁ ସରକାରୀ ଯୋଜନା ବିଷୟରେ ଆଲୋଚନା ହୋଇଥଲା। ପ୍ରଦୀପ ଦାଶ ଧନ୍ୟବାଦ ଦେଇଥିଲେ।

### ବିଏମ୍‌ସିର ତୃତୀୟ ପଥ ଉତ୍ସବ

## ରୁକୁ ସୁନା ଓ ଟିମ୍‌ର ପ୍ରଦର୍ଶନରେ ଝୁମିଲେ ଦର୍ଶକ

ଭୁବନେଶ୍ୱର,୧।୨(ସମିସ):



ବିଏମସି ପକ୍ଷରୁ ଆୟୋଜିତ ହୋଇଥିବା ତୃତୀୟ ପଥ ଉତ୍ସବ ରବିବାର ଇନ୍‌ଫୋସିଟି-ଶିଖରଚଣ୍ଡୀ ରାସ୍ତାରେ ଅନୁଷ୍ଠିତ ହୋଇଯାଇଛି। ଭୋର ସାଢେ ୫ଟାରୁ ବିଏମସି ପକ୍ଷରୁ ଆୟୋଜିତ ପଥ ଉତ୍ସବରେ ଦର୍ଶକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍‌ସି କମିଶନର ତଥା ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ, ଅତିରିକ୍ତ କମିଶନରଙ୍କ ସହ ଅନ୍ୟ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ-ଅଧ୍ୟକ୍ଷା ଓ କର୍ପୋରେଟର ମଞ୍ଚାସୀନ ରହିଥିଲେ। ଶୀତ ଋତୁରେ ଅତି କମରେ ୬ଟି ପଥ ଉତ୍ସବ କରିବା ପାଇଁ ଲୋକେ ଦାବି କରୁଥିବା କରିଥିବା ବେଳେ ଏହାକୁ ବିଚାର କରାଯିବ ବୋଲି ଉଭୟ ମେୟର ଶ୍ରୀମତୀ ଦାସ ଓ କମିଶନର ଶ୍ରୀ ରାଣା କହିଛନ୍ତି। ପ୍ରଜ୍ଞାନ ହୋତା ଓ ଶଙ୍କର ପ୍ରଧାନ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ସେହିପରି ପ୍ଲେ ବ୍ୟାକ୍ ସିଙ୍ଗର ରୁକୁ ସୁନା, ପ୍ରୀତିରେଖା ଓ ତାଙ୍କ ଟିମ୍‌ଙ୍କ ପ୍ରଦର୍ଶନରେ ଦର୍ଶକ ବେଶ୍ ଝୁମିଥିଲେ। ଅନ୍ୟ ଏକ ମଞ୍ଚରେ ପୁଲିସ କମିଶନର ସୁରେଶ ଦେବଦତ୍ତ ସିଂ, ଚଳଚ୍ଚିତ୍ର ତାରକା ସବ୍ୟସାଚୀ ମିଶ୍ର, ଶୀତଳ, ପ୍ରେମାନନ୍ଦ ପ୍ରମୁଖ ଲୋକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ରହିଥିବା ବେଳେ ଜୀବନ ଜିନ୍ଦାବାଦ ଉପରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା।

# ଶ୍ରୀଦୁର୍ଗା କଣ୍ଟେଭ୍‌ରେ ମାଘ ପୂର୍ଣ୍ଣିମା ଉତ୍ସବ



**କଟକ,୧।୨(ସମିସ):** ପବିତ୍ର ମାଘ ପୂର୍ଣ୍ଣିମା ଉତ୍ସବ ଜଗତପୁର ତରୋଳସ୍ଥିତ ଶ୍ରୀଦୁର୍ଗା କଣ୍ଟେଭ୍ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଏକବିଂଶତମ ଅଷ୍ଟପ୍ରହର ବ୍ୟାପୀ ନାମ ସଂକୀର୍ତ୍ତନ, ହନୁମତ୍ ପୂଜା, ଚାଳିଶା ଓ ସୁନ୍ଦରାକାଣ୍ଡ ପାରାୟଣ ଓ ଗୀତା ଯଜ୍ଞ ଓ ଭକ୍ତି ସଂଗୀତ କାର୍ଯ୍ୟକ୍ରମ ପାରମ୍ପରିକ ରୀତିରେ ଆୟୋଜିତ ହୋଇଥିଲା। ଶନିବାର ଅଧିବାସ ଓ ପୂର୍ଣ୍ଣମୀରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନରେ ବିଭିନ୍ନ ଅଞ୍ଚଳରୁ ସଂକୀର୍ତ୍ତନମଣ୍ଡଳୀ ଯୋଗଦେଇ ନାମ ପରିବେଷଣ କରିଥିଲେ। ଶ୍ରୀଦୁର୍ଗା କଣ୍ଟେଭ୍ ପରିଚାଳନା ନିର୍ଦ୍ଦେଶକ ତଥା ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ, ନିର୍ଦ୍ଦେଶକ ପ୍ରଦୀପ୍ତଚନ୍ଦ୍ର ରଥ, ନିର୍ଦ୍ଦେଶକ ଇଂ ଦୁର୍ଗାପ୍ରସାଦ ରଥ, ନିର୍ଦ୍ଦେଶକ ଶିବପ୍ରସାଦ ରଥ, ପ୍ରୋଜେକ୍ଟ ମ୍ୟାନେଜର ଜଗମୋହନ ରଥ, ଇଂ ମନୋଜ ଦାଶ, ଚାଟାର୍ଡ ଆକାଉଣ୍ଟାଣ୍ଟ ରମେଶ ପ୍ରତାପ, ଅଶୋକ ତ୍ରିପାଠୀଙ୍କ ସମେତ ବିଭିନ୍ନ ପଦାଧିକାରୀ, ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଶ୍ରଦ୍ଧାଳୁ ଏହି ଧାର୍ମିକ କାର୍ଯ୍ୟକ୍ରମରେ ବିଭୁ ଆଶୀର୍ବାଦ କାମନା କରିଥିଲେ। ଏହି ଅବସରରେ ସଂସ୍ଥାର ପ୍ରତିଷ୍ଠାତା କର୍ମଯୋଗୀ ଧନେଶ୍ୱର ରଥ, ଇଚ୍ଛାବତୀ ରଥ ଓ ପଦ୍ମିନୀ ରଥ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଶ୍ରୀ ଦୁର୍ଗା କଣ୍ଟେଭ୍ ପରିବାରର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କ୍ୱାନ-କି-ଡୋ ପ୍ରତିଯୋଗିତା ଉଦ୍‌ଯାପିତ



**ଆଠଗଡ଼,୧।୨(ସମିସ):** କଟକ ଜିଲ୍ଲା କ୍ୱାନ-କି-ଡୋ ଆସୋସିଏସନ୍, ଆଠଗଡ ଆନୁକୂଲ୍ୟରେ ଆଠଗଡ ଏନ୍‌ଏସି କାର୍ଯ୍ୟାଳୟ ନିକଟସ୍ଥ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଆଠଗଡ ମାର୍ଶାଲ ଆର୍ଟ ଏକାଡେମୀର ସହାୟତାରେ ୩ୟ କ୍ୱାନ-କି-ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଆଠଗଡ ଅଞ୍ଚଳର ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରର ବିଭିନ୍ନ ବର୍ଗରୁ ୫୦ଜଣରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗନେଇଥିଲେ। ଆସୋସିଏସନ୍‌ର ସଭାପତି ରୁଦ୍ରଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଅବସରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ୨୫ ଜଣ ପ୍ରତିଯୋଗୀଙ୍କୁ ସ୍ୱର୍ଣ୍ଣ,୧୫ ଜଣଙ୍କୁ ରୌପ୍ୟ ଓ ୧୦ ଜଣଙ୍କୁ କାଂସ୍ୟ ପଦକ ପ୍ରଦାନ କରାଯାଇଥିଲା। ଉଦଯାପନ ଉତ୍ସବରେ ମୁଖ୍ୟଅତିଥି ରୂପେ ଆଠଗଡ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ ଯୋଗଦେଇଥିବା ବେଳେ ଆଠଗଡ କ୍ରୀଡା ସଂସଦର ସମ୍ପାଦକ ଶ୍ୟାମାନନ୍ଦ ମହାରଣା, କଟକ ଜିଲ୍ଲା କ୍ୱାନ-କି-ଡୋ ଆସୋସିଏସନ୍‌ର ସମ୍ପାଦକ ବଦ୍ରିନାରାୟଣ ବାହିନୀପତି ପ୍ରମୁଖ କୃତୀ କ୍ରୀଡାବିତଙ୍କୁ ପଦକ ବଣ୍ଟନ କରିଥିଲେ। ଆଠଗଡ କ୍ୱାନ-କି-ଡୋ ଆସୋସିଏସନ୍‌ର କୋଷାଧ୍ୟକ୍ଷ ଶ୍ୟାମପ୍ରସାଦ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆସୋସିଏସନ୍‌ର ଉପସଭାପତି ଶ୍ରୀତମ ଶତପଥୀ, ଅଭିଜିତ ପରିଡ଼ା ସହଯୋଗ କରିଥିଲେ। ସଭ୍ୟ ଚନ୍ଦନ ପ୍ରସାଦ ରାଉତ ଧନ୍ୟବାଦ ଦେଇଥିଲେ।

# ମହିଷାସୁରି ଠାକୁରାଣୀଙ୍କ ବାର୍ଷିକ ଉତ୍ସବ



**ବଡ଼ମ୍ବା,୧।୨(ସମିସ):** ବଡ଼ମ୍ବା ବ୍ଲକ ଅଧୀନ କଣ୍ଡା ଗ୍ରାମର ଇଷ୍ଟଦେବୀ ମହିଷାସୁରି ଠାକୁରାଣୀଙ୍କ ୨୯ତମ ଜନ୍ମବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରେ ମହାନଦୀରୁ ମହିଳା ଓ ପୁରୁଷଙ୍କ ଦ୍ୱାରା ପୂର୍ଣ୍ଣ କୁମ୍ଭ କଳସ ଉତ୍ତୋଳନ କାରି ନାମ ସଂକୀର୍ତ୍ତନ ପୂର୍ବକ ଆସି ମା'ଙ୍କ ପୀଠରେ ରଖିବା ପରେ ୩ ମୂର୍ତ୍ତି ବ୍ରାହ୍ମଣଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ରୂପେ ନାରାୟଣ ମିଶ୍ର ସହଧର୍ମିଣୀ ସୁଭଦ୍ରା ମିଶ୍ର ରହିଥିଲେ। ମୁଖ୍ୟ ପୁରୋଧା କାଳନ୍ଦୀଚନ୍ଦ୍ର ମିଶ୍ର ଗ୍ରାମ ସଭାପତି ହରିହର ଖଟୁଆଙ୍କ ତତ୍ତ୍ୱାବଧାନ ତଥା ଗ୍ରାମବାସୀଙ୍କ ସହଯୋଗରେ ପାଳିତ ହୋଇଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ଣ୍ଣଚନ୍ଦ୍ର ମିଶ୍ର, ଧନେଶ୍ୱର ମିଶ୍ର, ତ୍ରିନାଥ ପରିଡା, ସୁବାସଚନ୍ଦ୍ର ପଣ୍ଡା, ବିପୀନ ପଣ୍ଡା, ଦିବାକର ବାରିକ, ବଳଭଦ୍ର ପ୍ରହରାଜ, ଲୁଲୁ ଖଟୁଆ ଓ ସତ୍ୟ ନାରାୟଣ ପଣ୍ଡା ସହଯୋଗ କରିଥିଲେ।

# ବାଇକ୍‌କୁ ଧକ୍କାଦେଇ ନାଳକୁ ଖସିଲା କାର୍; ୩ ଆହତ

**କଟକ,୧।୨(ସମିସ):** କଟକ ସଦର ଥାନା ଅଧୀନ ପ୍ରତାପନଗରୀ ମା'ଧାକୁଲେଇଙ୍କ ଗେଟ ନିକଟରେ ଗୋଟେ ମୋଟର ସାଇକଲକୁ କାର ଧକ୍କାଦେଇ ନାଳରେ ଗଳି ପଡ଼ିଛି। ଫଳରେ କାରରେ ଥିବା ତିନିଜଣ ଆହତ ହୋଇ ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ରବିବାର ଦିନ ପ୍ରାୟ ୧୧ଟାରେ ଭୁବନେଶ୍ୱର ଦିଗରୁ ଏକ ମାରୁତି



କାର ଦ୍ରୁତଗତିରେ ଅତି ବେପରୁଆ ଭାବେ ଆସି ପ୍ରତାପନଗରୀଠାରେ ବାରଙ୍ଗ ଦିଗକୁ ଯିବା ପାଇଁ ଗାଡି ବୁଲାଉଥିଲା। ବାରଙ୍ଗ ଦିଗରୁ ଗୋଟେ ମୋଟର ସାଇକଲ କଟକ ଯିବା ପାଇଁ ଆସୁଥିବାବେଳେ କାରଟି ତାକୁ ଯୋରରେ ଧକ୍କାଦେଇ ନାଳରେ ପଡ଼ିଥିଲା। କାରରେ ସେଥିରେ ଥିବା ତିନିଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ନାଳ ଭିତରେ ଗଳି ପଡିଥିବା କାର ମଧ୍ୟରୁ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ସୌଭାଗ୍ୟବଶତଃ ବାଇକ ଚାଳକଙ୍କର କିଛି କ୍ଷତି ହୋଇ ନ ଥିବାବେଳେ ପୁଲିସ କାରକୁ ଜବତ କରି ତଦନ୍ତ ଚଳାଇଛି।

# ଜବରଦଖଲରେ ମାହାଙ୍ଗା ଫାଶୀବରମୂଳ ରାସ୍ତା

**ମାହାଙ୍ଗା,୧।୨(ସମିସ):**

- ପ୍ରଶାସନ ନିରବ; ବଢୁଛି ଅସନ୍ତୋଷ
- ଦୁର୍ଘଟଣା ପ୍ରବଣ ପାଲଟିଛି ଛକ; ଉଚ୍ଛେଦ ଦାବି



ମାହାଙ୍ଗା ବ୍ଲକର ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗୀକରଣ ସ୍ଥଳ ଫାଶୀବରମୂଳ ଛକ ଏବେ ଜବରଦଖଲକାରୀଙ୍କ କବ୍‌ଜାରେ। ଛତ୍ରତୋଟା-ପଞ୍ଚୁପାଣ୍ଡବ ପୂର୍ତ୍ତ ବିଭାଗ ରାସ୍ତା ଏବଂ ଛତ୍ରତୋଟା-ବାଗସରପୁର ଗ୍ରାମ ଉନ୍ନୟନ ରାସ୍ତାର ମିଳନସ୍ଥଳରେ ଥିବା ଏହି ଛକର ଏକ ପାଶ୍ୱର୍ ବେଆଇନ ଭାବେ ଜବରଦଖଲ ହୋଇଥିବାରୁ ଦୈନନ୍ଦିନ ଅନେକ ଦୁର୍ଘଟଣା ଘଟୁଛି। ପ୍ରଶାସନିକ ଉଦାସୀନତା ଯୋଗୁଁ ସାଧାରଣ ଜନତା ଏବେ ମରଣଯନ୍ତା ଦେଇ ଯାତାୟାତ କରୁଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ ମାହାଙ୍ଗା ମେଡିକାଲ ଛକକୁ ସଂଯୋଗ କରୁଥିବା ପୂର୍ବ ପାଶ୍ୱର୍ ରାସ୍ତାଟି ସମ୍ପୂର୍ଣ୍ଣ ଜବରଦଖଲ ହୋଇଯାଇଛି। ଛକରେ ଥିବା ବିଶାଳ ବରଗଛର ଆଢୁଆଳରେ କେଉଁ ପଟୁ ଗାଡ଼ି ଆସୁଛି ତାହା ଦେଖା ନ ଯିବାରୁ ଦୁଇଚକିଆ ଓ ଚାରିଚକିଆ ଯାନ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାର ଆଶଙ୍କା ରହୁଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ଘଟଣାସ୍ଥଳଠାରୁ ମାତ୍ର ୧୦୦ ମିଟର ଦୂରରେ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଥିଲେ ମଧ୍ୟ କର୍ତ୍ତୃପକ୍ଷ ଜାଣିଶୁଣି ନିରବ ରହୁଥିବା ଅଭିଯୋଗ ହେଉଛି। ଜବରଦଖଲକାରୀମାନେ ରାସ୍ତା ଉପରେ ନିଜର ବ୍ୟବସାୟ ପ୍ରତିଷ୍ଠାନ ଚଳାଇ ଯାତାୟାତରେ ବାଧା ସୃଷ୍ଟି କରୁଛନ୍ତି। ଏହି ରାସ୍ତା ଦେଇ ପ୍ରତିଦିନ ମାହାଙ୍ଗା ମେଡିକାଲ, ଥାନା, ଓମଫେଡ କାର୍ଯ୍ୟାଳୟ ଏବଂ ପ୍ରସିଦ୍ଧ ସ୍ୱର୍ଣ୍ଣକ୍ଷେତ୍ର ଆଶ୍ରମକୁ ହଜାର ହଜାର ଲୋକ ଯାତାୟାତ କରିଥାନ୍ତି। ପୂର୍ବରୁ ବରଗଛର ଦୁଇ ପାଶ୍ୱର୍ରେ ପ୍ରଶସ୍ତ ରାସ୍ତା ଥିବା ବେଳେ ଏବେ ଗୋଟିଏ ପାଶ୍ୱର୍ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଫଳରେ ବାଗସରପୁର ପଟୁ ଆସୁଥିବା ଲୋକଙ୍କୁ ଅତ୍ୟନ୍ତ ବିପଦପୂର୍ଣ୍ଣ ଭାବେ ଛକ ଅତିକ୍ରମ କରିବାକୁ ପଡୁଛି। ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀମାନେ ତୁରନ୍ତ ବରଗଛର ବାମ ପାଶ୍ୱର୍ରୁ ଜବରଦଖଲ ହଟାଇବାକୁ ଦୃଢ଼ ଦାବି କରିଛନ୍ତି, ନଚେତ୍ ଆଗାମୀ ଦିନରେ ଏହା ଏକ ବଡ଼ ଧରଣର ଦୁର୍ଘଟଣାର କାରଣ ସାଜିବ।

# ମୂଲ୍ୟଭିତ୍ତିକ ଓ ଚେତନାମୂଳକ ଶିକ୍ଷା ପାଇଁ ଏମ୍‌ଓୟୁ



**ଫୁଲନଖରା,୧।୨(ସମିସ):** ବ୍ରହ୍ମାକୁମାରୀ ରାଜଯୋଗ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ସହିତ କେନ୍ଦୁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ ଓ ସମ୍ବଲପୁରସ୍ଥିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ପୃଥକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଧରଣୀଧର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରତିଭା ପୃଷ୍ଟି ଓ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଚିତ୍ତରଞ୍ଜନ ସାହୁ ମାଉଣ୍ଟଆବୁର ବ୍ରହ୍ମାକୁମାରୀ ଶିକ୍ଷା ଶାଖାର ଅତିରିକ୍ତ ନିର୍ଦ୍ଦେଶକ ରାଜଯୋଗିନୀ ଡ. ବି.କେ ଲିନାଙ୍କ ମଧ୍ୟରେ ଉକ୍ତ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଉକ୍ତ ଏମ୍‌ଓୟୁ ସ୍ୱାକ୍ଷରିତ ହେବାର ମୂଳ ଉଦ୍ଦେଶ୍ୟ ହେଉଛି ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ମୂଲ୍ୟଭିତ୍ତିକ, ସମଗ୍ର ଏବଂ ଚେତନାମୂଳକ ଶିକ୍ଷାର ବିକାଶ। ଏଥିସହ ରାଜଯୋଗ, ଜୀବନ ଦକ୍ଷତା, ମାନସିକ ସୁସ୍ଥତା ଏବଂ ନୈତିକ ନେତୃତ୍ୱ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି ଲକ୍ଷ୍ୟକୁ ସାକାର ରୂପ ଦେବାକୁ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ (ଆର୍‌ଇଆର୍‌ଏଫ୍) ସହଯୋଗରେ ଶିକ୍ଷା ମାଧ୍ୟମରେ ଦେଶ ଗଠନରେ ଅର୍ଥପୂର୍ଣ୍ଣ ଅବଦାନ ଦେଇପାରୁଥିବା ଦାୟିତ୍ୱଶୀଳ ଓ ସଚେତନ ନାଗରିକ ଗଢ଼ି ତୋଳିବାରେ ସହାୟକ ହୋଇପାରିବ ବୋଲି ରାଜଯୋଗିନୀ ଡ. ଲିନା ପ୍ରକାଶ କରିଛନ୍ତି।

# ସାଇବାବାଙ୍କ ଚଭାଡ଼ି ଶୋଭାଯାତ୍ରା ଓ ବିଶ୍ୱଶାନ୍ତି ମହାଯଜ୍ଞ



**ନେମାଳ,୧।୨(ସମିସ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଦାଉଦପୁର ପଞ୍ଚାୟତ ପୂରାଣ ପ୍ରସିଦ୍ଧ ପୁଣ୍ୟତୋୟା ଚିତ୍ରୋତ୍ପଳା ନଦୀତଟସ୍ଥ ମା' ବୁଢ଼ୀ ଜାଗୁଳାଇଙ୍କ ସମୀପରେ ଶ୍ରୀ ଶ୍ରୀ ଶିରିଡି ସାଇ ବାବାଙ୍କ ଚଭାଡି ଶୋଭାଯାତ୍ରା ଓ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାବାଙ୍କ ଚଭାଡି ଶୋଭାଯାତ୍ରାରେ ଭୁବନେଶ୍ୱର ବିଡିଏ କଲୋନୀର ସାଇ ଟ୍ରଷ୍ଟ ଅଧ୍ୟକ୍ଷ ମନ୍ମଥ ନାଥ ସାମନ୍ତରାୟ ଯୋଗଦେଇଥିବା ବେଳେ ଗୋପୀନାଥପୁର, ନଇଗୁଆଁ, ଜଗନ୍ନାଥପୁର ଗ୍ରାମର ଶ୍ରଦ୍ଧାଳୁ ଗ୍ରାମବାସୀ ଓ ଶତାଧିକ ମା'ମାନେ ଚିତ୍ରୋତ୍ପଳା ନଦୀରୁ ପାଣି ଓ ବାବାଙ୍କ ବିମାନ ଏକ ଶୋଭାଯାତ୍ରାରେ ଆସି ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ଯଜ୍ଞରେ କର୍ତ୍ତା ଭାବେ ସମାଜସେବୀ ସତ୍ୟଗୋପାଳ ବିଶୋଇ କାର୍ଯ୍ୟଭାର ତୁଲାଉଥିବା ବେଳେ ସୁବେଦୀ ପଣ୍ଡିତ ବ୍ରାହ୍ମଣଙ୍କ ଦ୍ୱାରା ଶ୍ରୀ ସାଇ ସତ୍ୟନାରାୟଣ ପୂଜା, ମଣ୍ଡଳାଧିକରଣ, ଅଗ୍ନିସ୍ଥାପନ, ଗାୟତ୍ରୀ ମହାଯଜ୍ଞ କରାଯାଇ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଛି। ଉକ୍ତ ଯଜ୍ଞ ଚାରି ଦିନ ବ୍ୟାପି ଚାଲିବାର ଥିବା ବେଳେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଗୋପୀନାଥପୁର, ଜଗନ୍ନାଥପୁର, ଦାଉଦପୁର ନଇଗୁଆଁ ଗ୍ରାମର ଗ୍ରାମବାସୀ ଏବଂ ମା' ବୁଢ଼ୀ ଜାଗୁଳାଇ ଓ ସାଇ ମନ୍ଦିର ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ପୂର୍ଣ୍ଣ ସହଯୋଗ କରୁଛନ୍ତି।

# ଆଞ୍ଚଳିକ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ଦେବୀନଗର ଚାମ୍ପିଅନ

**ଚୌଦ୍ୱାର,୧।୨(ସମିସ):** ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ଦୌଲାତାବାଦସ୍ଥିତ ଟିପିଏମ୍ ଖେଳପଡିଆରେ ୨ ଦିନିଆ ଆଞ୍ଚଳିକ



ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ସାଇ ସ୍ପୋର୍ଟସ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଟିମ ଯୋଗଦେଇଥିଲେ। ଚୌଦ୍ୱାରର ସିଏଏଫ୍‌ସି ଟିମ୍ ଓ ଦେବୀନଗରର ଟାଉନ ଟାଇଗର ଫୁଟବଲ ଟିମ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଖେଳ ଅମୀମାଂସିତ ରହିବାରୁ ଟାଇବ୍ରେକର ଜରିଆରେ ୪-୩ ଗୋଲରେ ଡାଉନ ଟାଇଗର ଚାମ୍ପିଅନ ହୋଇଥିଲା। ରେଫେରୀ ଅବଦୁଲ ମାଟିନ୍, ଫଗୁରାମ ହେମ୍ବ୍ରମ୍ ଓ ନାରାୟଣ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଆଇନଜୀବୀ ପ୍ରମୋଦ ସାହୁ, କାଉନସିଲର ଅଜୟ ବେହେରା, ଆଶୁତୋଷ ଦାସ, ଅର୍ଜୁନୀ ବେହେରା, ତୀର୍ଥାନନ୍ଦ ସବୁଦ୍ଧିରାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ ଟାଉନ ଟାଇଗର ଲଗାତାର ଭାବେ ୩ ବର୍ଷ ଧରି ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରୁଛି। ସାଇ କ୍ଲବ୍‌ର ପରେଶ ମହାପାତ୍ର, ପରେଶ ମହାନ୍ତି, ମନୋଜ ବେହେରା, ରଞ୍ଜନ ସ୍ୱାଇଁ, ଦୀପକ ନାୟକ, ମନମୋହନ ଦାସ, ଅମିତାଭ ଭଦ୍ର ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

● ମହିଳାଙ୍କୁ ଆକ୍ରମଣ ଘଟଣା

# ୧୨ ଦିନ ପରେ ବି ଅଭିଯୁକ୍ତଙ୍କୁ ଧରୁନି ପୁଲିସ



ପୁଲିସର ନିଷ୍କ୍ରିୟତାକୁ ନେଇ ଅସନ୍ତୋଷ

**ନିଶ୍ଚିନ୍ତକୋଇଲି,୧।୨(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ସରପଡ଼ା ଗ୍ରାମରେ ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ହେବାର ୧୨ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ଥାନାରେ ମାମଲା ରୁଜୁ ହୋଇଥିଲେ ହେଁ ଅଭିଯୁକ୍ତମାନେ ସ୍ୱଷ୍ଟ ଦିବାଲୋକରେ ବୁଲୁଥିବାରୁ ସାଧାରଣରେ ଗଭୀର ଅସନ୍ତୋଷ ଦେଖାଦେଇଛି। ସରପଡ଼ା ଗ୍ରାମର ବାଉନ ଦାସଙ୍କ ପତ୍ନୀ ମଞ୍ଜୁ ଦାସ (୪୫) ନିଶ୍ଚିନ୍ତକୋଇଲି ବଜାରରୁ ଘରକୁ ଫେରୁଥିବା ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ନିଶ୍ଚିନ୍ତକୋଇଲି ଗ୍ରାମର କାର୍ତ୍ତିକ ଦାସ, ସନିଆ ଦାସ ଓ ଅବନି ଦାସ ପ୍ରମୁଖ ତାଙ୍କ ଉପରେ ଯୋଜନାବଦ୍ଧ ଭାବେ ଆକ୍ରମଣ କରିଥିଲେ। ଅଭିଯୁକ୍ତମାନେ ତାଙ୍କ ପାଖରେ ଥିବା ୩ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ମଞ୍ଜୁଙ୍କୁ ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅବସ୍ଥା ବିଗିଡ଼ିବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏହି ମରଣାନ୍ତକ ଆକ୍ରମଣ ସମ୍ପର୍କରେ ମଞ୍ଜୁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ କେସ୍ ନଂ ୨୦/୨୦୨୬ରେ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତମାନେ ବାହାରେ ବୁଲୁଥିବାରୁ ପୀଡ଼ିତାଙ୍କ ପରିବାର ଭୟଭୀତ ଅବସ୍ଥାରେ ରହିଛନ୍ତି। ପୁଲିସ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରି କଠୋର ଦଣ୍ଡ ଦେବାକୁ ସାଧାରଣରେ ଦାବି ହୋଇଛି।

# ନେମାଳ ଥାନା ନୂତନ ଆଇଆଇସିଙ୍କୁ ସମ୍ବର୍ଦ୍ଧନା



**ନିଶ୍ଚିନ୍ତକୋଇଲି,୧।୨(ସମିସ):** ନେମାଳ ଥାନାରେ ନୂତନ ଆଇଆଇସି ଭାବେ ଜ୍ୟୋତିରଞ୍ଜନ ମହାପାତ୍ର ଯୋଗଦାନ କରିଛନ୍ତି। ଶ୍ରୀ ମହାପାତ୍ରଙ୍କୁ ସମାଜସେବୀ ନୃସିଂହଚରଣ ମୁଦୁଲି, ୨୫ନଂ ଜୋନ୍ ଜିଲ୍ଲାପରିଷଦ ସଭ୍ୟ ଇଂ ବିଳାସ ଭୋଇ, କ୍ଷିତିଶ ରାଉତ, ରମେଶ ମହାପାତ୍ର, ଦୁର୍ଯ୍ୟୋଧନ ପଣ୍ଡା, ଶ୍ରୀକାନ୍ତ ମହାପାତ୍ର, ଗୁରୁଚରଣ ସେଠୀ, ବିଜୟ ମହାପାତ୍ର, ଅକ୍ଷୟ ମହାନ୍ତି, ହିମାଂଶୁ ଶେଖର ଦାସ, ବଳଦେବାନନ୍ଦ ଦାସ, ସାମ୍ବାଦିକ ଗୋବିନ୍ଦଚନ୍ଦ୍ର ଦାସ, ଜାନକୀବଲ୍ଲଭ ମହାନ୍ତି, କୃପାସିନ୍ଧୁ ମହାପାତ୍ରଙ୍କ ସମେତ ନେମାଳ ଏବଂ ସାନ୍ତପୁର ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ସମ୍ବର୍ଦ୍ଧିତ କରିବା ସହ ସ୍ଥାନୀୟ ଅଞ୍ଚଳରେ ରହିଥିବା ବିଭିନ୍ନ ପ୍ରକାର ଆଇନଶୃଙ୍ଖଳା ସମସ୍ୟା ଉପରେ ଆଲୋଚନା ଓ ପର୍ଯ୍ୟାଲୋଚନା କରିଛନ୍ତି।

# ଜରାନିବାସ ପରିଦର୍ଶନ କଲେ ସାଂସଦ



**ଚୌଦ୍ୱାର,୧।୨(ସମିସ):** କଟକର ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ଆଗ୍ରାହାଟ ପଞ୍ଚାୟତର ମଙ୍ଗଳପୁରସ୍ଥିତ ଜରା ଯତ୍ନ ନିବାସ ପରିଦର୍ଶନ କରିଥିଲେ। ବରିଷ୍ଠ ଅନ୍ତେବାସୀଙ୍କ ସହିତ ଭାବର ଆଦାନ ପ୍ରଦାନ କରିବା ସହିତ ସେମାନଙ୍କୁ ନୂତନ ବସ୍ତ୍ର ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ନିବାସ ଭିତରେ ନୂତନ ଭାବେ ନିର୍ମିତ ବାସଗୃହଗୁଡ଼ିକୁ ବୁଲି ଦେଖି ସନ୍ତୋଷ ବ୍ୟକ୍ତ କରିଥିଲେ। ଅନ୍ତେବାସୀଙ୍କ ଚିକିତ୍ସା ପାଇଁ ଏକ ଡାକ୍ତରଖାନା ନିର୍ମାଣର ପ୍ରୟାସ କରାଯାଉଥିବା ଅନୁଷ୍ଠାନର ମୁଖ୍ୟ ଶିବ ନାରାୟଣ ପଣ୍ଡା ସାଂସଦଙ୍କୁ ସୂଚନା ପ୍ରଦାନ କରି ଏଥିପାଇଁ ସାଂସଦଙ୍କ ସହଯୋଗ କାମନା କରିଥିଲେ। ପୂର୍ବତନ ବିଧାୟକ ତଥା ଅନୁଷ୍ଠାନର ଉପଦେଷ୍ଟା ଧର୍ମାନନ୍ଦ ବେହେରା ଓ ଲୋକ ପ୍ରତିନିଧି ଅଭୟ ବାରିକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗଦେଇଥିଲେ। ଡ. ଅବନ୍ତିକା କର, ଡ. ସ୍ୱାତି ପଟ୍ଟନାୟକ, ମୋନାଲିସା ପାତ୍ରୀ ଏବଂ ସ୍ୱୟଂ ନାରାୟଣ ପଣ୍ଡା ପ୍ରମୁଖ ସାଂସଦଙ୍କୁ ସ୍ୱାଗତ କରିବା ସହିତ ଜରା ନିବାସ ବୁଲାଇ ଦେଖାଇଥିଲେ।

# ହୋଟେଲରୁ ମଦ ଜବତ: ଜଣେ ଗିରଫ

**ସାଲେପୁର,୧।୨(ସମିସ):** ସାଲେପୁର ପୁଲିସ ପକ୍ଷରୁ ଏକ ହୋଟେଲ ଉପରେ ଚଢ଼ଉ କରାଯାଇ ୨୪ ଲିଟର ବିଦେଶୀ ମଦ ଜବତ କରାଯିବା ସହ ଜଣେ ଚୋରାମଦ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସାଲେପୁର ଏସଡ଼ିପିଓ ବିରଞ୍ଚି ନାରାୟଣ ପତିଙ୍କ ନିର୍ଦ୍ଦେଶକ୍ରମେ ସାଲେପୁର ଆଇଆଇସି ମହେଶ୍ୱର ବେହେରାଙ୍କ ନେତୃତ୍ୱରେ ସାଲେପୁର ପୁଲିସ ପକ୍ଷରୁ ରବିବାର ମଧ୍ୟାହ୍ନରେ କଟକ ସାଲେପୁର ରାସ୍ତାର ଖରାଖିଆ ବଜାର ନିକଟରେ ଥିବା ତାରା ନାମକ ଏକ ହୋଟେଲ ଉପରେ ଚଢ଼ଉ କରି ୨୪ ଲିଟର ଚୋରା ବିଦେଶୀ ମଦ ଜବତ କରିଥିଲେ। ଜଗତସିଂପୁର ଜିଲ୍ଲା ଅଞ୍ଚଳର ଅରୁଣ ସାହୁଙ୍କୁ ଗିରଫ କରିଥିବା ଜଣାଯାଇଛି। ଏ ସମ୍ପର୍କରେ ସାଲେପୁର ଥାନାରେ ୭୪/୨୬ରେ ଏକ ମାମଲା ରୁଜୁ ହୋଇଛି।

# ଖଲର୍ଦ୍ଧା ପ୍ରିମିୟର ଲିଗ୍ ଉଦ୍‌ଘାଟିତ



**ଫୁଲନଖରା,୧।୨(ସମିସ):** ଖଲର୍ଦ୍ଧା କ୍ରିକେଟ୍ ଆସୋସିଏସନ୍ ଆନୁକୂଲ୍ୟରେ ଖଲର୍ଦ୍ଧା ପ୍ରିମିୟର ଲିଗ୍ ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଦେବରଞ୍ଜନ ବୈଠାଲୁ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ୧୪ ମ୍ୟାଚ୍ ବିଶିଷ୍ଟ ଉକ୍ତ ପ୍ରିମିୟର ଲିଗ୍‌ରେ ସନରାଇଜର୍ସ, ହଣ୍ଟର ଇଲେଭେନ୍, ପାୱାର ହିଟର୍ସ ଓ ଦ ରୟାଲ ୱାରିଅର୍ସ ଭଳି ୪ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହଣ୍ଟର ଇଲେଭେନ୍‌କୁ ୩୨ରନ୍‌ରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛି। ଅନୁଷ୍ଠାନର ସଭାପତି ରଞ୍ଜିତ ହାତୀ, ସଂପାଦକ ବିନୟ ସାମଲ, ଜଗଜୀବନ ରାଉତ ପ୍ରମୁଖ ପରିଚାଳନା କରୁଥିବା ବେଳେ ସନ୍ଦୀପ ନାୟକ, ରିତେଶ ହାତୀ, ପ୍ରଦୀପ, ଅଜୟ, ବିଶ୍ୱରଞ୍ଜନ, ଜିତେନ୍, ପିଙ୍କୁଲ୍, ରାକେଶ, ବିସ୍ମୟ ଓ ଜୟନ୍ତ ପ୍ରମୁଖ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ସଂସ୍କୃତିର ସୁରକ୍ଷା ପାଇଁ ଯୁବପିଢ଼ି ଆଗେଇ ଆସନ୍ତୁ

**ତିଗିରିଆ,୧।୨(ସମିସ):**

**ତିଗିରିଆ ସଂସ୍କୃତି ପରିଷଦର ୧୬ତମ ବାର୍ଷିକ ଉତ୍ସବ**

**'ସଂକ୍ଷିପ୍ତ ରାମାୟଣ ଓ ମହାଭାରତ' ପୁସ୍ତକ ଉନ୍ମୋଚିତ**



ସାମ୍ପ୍ରତିକ ସମୟରେ ଭାରତୀୟ ସଂସ୍କୃତିକୁ ଜୀବନ୍ତ କରି ରଖିବା ପାଇଁ ଯୁବପିଢ଼ି ହିଁ ଶ୍ରେଷ୍ଠ ଉତ୍ତରଦାୟଦ। ଯଦି ଆଜିର ଯୁବଗୋଷ୍ଠୀ ଆଗେଇ ନ ଆସନ୍ତି, ତେବେ ମହାମନିଷୀଙ୍କ ଦ୍ୱାରା ଗଢ଼ାଯାଇଥିବା ଆମର ସମୃଦ୍ଧ ସଂସ୍କୃତି ନିଜର ଅସ୍ତିତ୍ୱ ହରାଇବ ବୋଲି ମତପ୍ରକାଶ ପାଇଛି। ତିଗିରିଆ ବ୍ଲକର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ସଂସ୍କୃତି ପରିଷଦ'ର ୧୬ତମ ବାର୍ଷିକ ଉତ୍ସବ ଅବସରରେ ଅତିଥିମାନେ ଏଭଳି ଆହ୍ୱାନ ଦେଇଛନ୍ତି। ନିଜିଗଡ଼ ପଞ୍ଚାୟତ ଟାଉନ କ୍ଲବ ପରିସରରେ ଶିକ୍ଷାବିତ୍ ସୁବୋଧ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ହେମନ୍ତ ତ୍ରିପାଠୀ ମୁଖ୍ୟଅତିଥି ଏବଂ କୁଳମଣି ବାରିକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ସାମ୍ବାଦିକ ସୁଭାଷ ପଟ୍ଟନାୟକ, ଚିତ୍ରଶିଳ୍ପୀ ବିମଳ ମୋହନ ଦାସ ଓ ସାହିତ୍ୟିକ ଇନ୍ଦ୍ରମଣି ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହୋଇଥିବା ବରିଷ୍ଠ ସାମ୍ବାଦିକ ରାଜକିଶୋର ବେହେରାଙ୍କୁ ମଧ୍ୟ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବର ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲା ଅବସରପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀ ଦୀପ୍ତିରଞ୍ଜନ ପଣ୍ଡାଙ୍କ ଲିଖିତ ପୁସ୍ତକ "ସଂକ୍ଷିପ୍ତ ରାମାୟଣ ଓ ମହାଭାରତ'ର ଲୋକାର୍ପଣ। ଏଥିସହ ଆଠଗଡ଼, ବଡ଼ମ୍ବା, ବାଙ୍କୀ ଓ ନରସିଂହପୁର ଆଦି ଅଞ୍ଚଳରୁ ଆସିଥିବା ୫୦ରୁ ଅଧିକ କବି ଓ କବୟିତ୍ରୀ ନିଜର ସ୍ୱରଚିତ କବିତା ପାଠ କରିଥିଲେ। ସମାଜ ସୁଧାରରେ ସାହିତ୍ୟିକଙ୍କ ଭୂମିକା ଅନନ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆଇନଜୀବୀ ବିକ୍ରମ କେଶରୀ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସମ୍ପାଦକ ପ୍ରଣବ ପଟ୍ଟନାୟକ ଓ ଅନ୍ୟାନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ।

# କଟକ ସିଟି



## ଜେଜେବାପାଙ୍କ ବିୟୋଗ ପାଲଟିଲା ପ୍ରେରଣା

# ହୃଦ୍‌ଘାତରୁ ବଞ୍ଚାଇବ 'ହାର୍ଟ ଗାର୍ଡ' ଏଆଇ ମାସ୍କ



**କଟକ, ୧୧୨(ସମିସ)**

ଦିନକୁ ଦିନ ବୃଦ୍ଧି ପାଉଥିବା ହୃଦଘାତ ମୃତ୍ୟୁହାରକୁ ରୋକିବା ପାଇଁ ସ୍ୱଦେଶୀ ଜ୍ଞାନକୌଶଳରେ ଏକ ଅଭିନବ ସମାଧାନ ବାହାର କରିଛନ୍ତି କଟକର ଝିଅ ଦେବଶ୍ରିତା ଦାସ। ରେଭେନ୍ସା ବିଶ୍ୱବିଦ୍ୟାଳୟର ବିଏସସି ଆଇଟିଏମ୍ ତୃତୀୟ ବର୍ଷର ଏହି ଛାତ୍ରୀ ଜଣକ ପ୍ରସ୍ତୁତ କରିଛନ୍ତି ଏକ ବିଶେଷ 'ହାର୍ଟ ଗାର୍ଡ' ଏଆଇ ମାସ୍କ। ଏହି ଡିଭାଇସ୍ କେବଳ ହୃଦରୋଗୀଙ୍କ ଜୀବନ ରକ୍ଷା କରିବାରେ ସହାୟକ ହେବ ନାହିଁ, ବରଂ ଜରୁରୀକାଳୀନ ଏହି ଡିଭାଇସ୍‌ଟିକୁ ମାସ୍କ ଭଳି ପରିଧାନ କରିବାକୁ ପଡ଼ିଥାଏ। ଯେତେବେଳେ ଜଣେ ରୋଗୀ ନିଜ ଶରୀରରେ ହୃଦଘାତର କୌଣସି ଲକ୍ଷଣ ଅନୁଭବ କରିବେ, ସେତେବେଳେ ଡିଭାଇସ୍‌ଟିକୁ କେବଳ

- ● କଟକ ଝିଅ ଦେବଶ୍ରିତାଙ୍କ ଚମତ୍କାର ଉଦ୍ଭାବନ
- ● ଜୀବନ ରକ୍ଷା ସହ ପରିଜନଙ୍କ ମୋବାଇଲକୁ ପଠାଇବ ଆଲର୍ଟ ମେସେଜ୍ ଓ ଲୋକେସନ୍

ପରିସ୍ଥିତିରେ ପରିବାର ଲୋକଙ୍କୁ ସୂଚନା ମଧ୍ୟ ପ୍ରଦାନ କରିବ। କଟକର ଦୀପକ ଦାସ ଓ ଅର୍ପିତା ଦାସଙ୍କ ଏକମାତ୍ର କନ୍ୟା ଦେବଶ୍ରିତା ନିଜ ଜେଜେବାପାଙ୍କୁ ହୃଦଘାତରେ ହରାଇଥିଲେ। ସେହି ସମୟରେ ଉଚିତ ପ୍ରାଥମିକ ଚିକିତ୍ସା ଓ ସୂଚନା ମିଳିପାରି ନ ଥିବାରୁ ଏଭଳି ଦୁର୍ଭାଗ୍ୟଜନକ ଘଟଣା ଘଟିଥିଲା। ଏହି ଯନ୍ତ୍ରଣାକୁ ପ୍ରେରଣା ଭାବେ ଗ୍ରହଣ କରି ସେ ଦୀର୍ଘ ୬ ମାସର ପରିଶ୍ରମ ଓ ଆଇଆଇଟି ବମ୍ବେର ଟେକ୍ନିକାଲ ସପୋର୍ଟ ନେଇ ଏହି ହାର୍ଟ ଗାର୍ଡ ଡିଭାଇସ୍ ତିଆରି କରିଛନ୍ତି। ସ୍ପର୍ଶ କଲେ ତାହା ସକ୍ରିୟ ହୋଇଯିବ। ଏହା ଆକ୍ଟିଭ୍ ହେବା ମାତ୍ରେ ରୋଗୀକୁ ପ୍ରାଥମିକ ଅମ୍ଳଜାନ ଯୋଗାଇବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିବାର ଲୋକଙ୍କ ମୋବାଇଲକୁ ତୁରନ୍ତ ଏକ ଆଲର୍ଟ ମେସେଜ୍ ପଠାଇବ। ସବୁଠାରୁ ବଡ଼ କଥା ହେଉଛି, ଏହା ରୋଗୀର ସଠିକ୍ ଲୋକେସନ ମଧ୍ୟ ପଠାଇବ, ଯାହାଫଳରେ ସାହାଯ୍ୟ ତୁରନ୍ତ ପହଞ୍ଚି ପାରିବ। ସମ୍ପୂର୍ଣ୍ଣ ଭାବେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଦ୍ୱାରା ପରିଚାଳିତ ଏହି ଯନ୍ତ୍ରଟି ଦୀର୍ଘସ୍ଥାୟୀ ଭାବେ କାମ କରିବାକୁ ସକ୍ଷମ। ଏହି ପ୍ରୋଜେକ୍ଟ ପାଇଁ ଦେବଶ୍ରିତା ପୁରସ୍କାର



ବାବଦରେ ପାଇଥିବା ୧ ଲକ୍ଷ ଟଙ୍କା ଓ ଘରୁ ୨୦ ହଜାର ଟଙ୍କା ମୋଟ ୧ ଲକ୍ଷ ୨୦ ହଜାର ଟଙ୍କା ବିନିଯୋଗ କରିସାରିଛନ୍ତି। କିନ୍ତୁ ଏହାକୁ ସମ୍ପୂର୍ଣ୍ଣ ରୂପେ ବଜାରକୁ ଆଣିବା ପାଇଁ ପାଖାପାଖି ୬ ଲକ୍ଷ ଟଙ୍କାର ଆବଶ୍ୟକତା ରହିଛି। ଯଦି ସରକାରୀସ୍ତରରେ ଆର୍ଥିକ ସହାୟତା ଓ ପ୍ରୋତ୍ସାହନ ମିଳେ, ତେବେ ଏହି ପ୍ରଡକ୍ଟ ମାତ୍ର ୨୫ ହଜାର ଟଙ୍କା ଭିତରେ ବଜାରରେ ଉପଲବ୍ଧ ହୋଇପାରିବ। ଦେବଶ୍ରିତାଙ୍କର ଏହି ପ୍ରୟାସକୁ ପଡ଼ୋଶୀ ଓ ଶିକ୍ଷାବିତ୍‌ମାନେ ବେଶ୍ ପ୍ରଶଂସା କରୁଥିବା ବେଳେ, ତାଙ୍କ ମା' ସରକାରୀ ଅନୁଦାନ ପାଇଁ ନିବେଦନ କରିଛନ୍ତି। ଯଦି ଏହି ସ୍ୱଦେଶୀ ଡିଭାଇସ୍ ବ୍ୟବହାର ହୁଏ, ତେବେ ହୃଦଘାତ ଯୋଗୁଁ ଅକାଳରେ ଝଡ଼ି ଯାଉଥିବା ଅନେକ ଜୀବନ ରକ୍ଷା କରାଯାଇପାରିବ।

# ରାଧାନାଥ ରଥଙ୍କ ଆଦର୍ଶ ଯୁବ ସମାଜ ପାଇଁ ପ୍ରେରଣା: ବାଚସ୍ପତି



**କଟକ, ୧୧୨(ସମିସ):** ପଦ୍ମଭୂଷଣ ଡକ୍ଟର ରାଧାନାଥ ରଥ ଏକାଧାରରେ ଜଣେ ମହାନ ମୁକ୍ତି ସଂଗ୍ରାମୀ, ସାରସ୍ୱତ ସାଧକ, ନୀତିନିଷ୍ଠ ରାଜନୀତିଜ୍ଞ ଏବଂ ଜଣେ ଧୁରୀଣ ସାମ୍ବାଦିକ ଥିଲେ। ତାଙ୍କର ନିର୍ଭୀକ ଓ ନିରପେକ୍ଷ ସାମ୍ବାଦିକତା ଆଜିର ଯୁବ ସମାଜ ପାଇଁ ପ୍ରେରଣାର ଉତ୍ସ ବୋଲି ରାଜ୍ୟ ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ମତବ୍ୟକ୍ତ କରିଛନ୍ତି। ରବିବାର ସନ୍ଧ୍ୟାରେ ସାମ୍ବାଦିକ କଲ୍ୟାଣ ପାଣ୍ଠି ପକ୍ଷରୁ ଶ୍ରୀରାମ ଚନ୍ଦ୍ର ଭବନଠାରେ ଆୟୋଜିତ ଡ. ରଥଙ୍କ ଶ୍ରାଦ୍ଧ ସଭାରେ ମୁଖ୍ୟଅତିଥି ଭାବେ ସେ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାମ୍ବାଦିକ ତଥା ରାଜନୀତିଜ୍ଞ ସୌମ୍ୟରଞ୍ଜନ ପଟ୍ଟନାୟକ ଡକ୍ଟର ରଥଙ୍କୁ ଓଡ଼ିଆ ସାମ୍ବାଦିକତା ଜଗତର 'କିମ୍ବଦନ୍ତୀ ପୁରୁଷ' ଭାବେ ବର୍ଣ୍ଣନା କରିଥିଲେ। ସେ କହିଥିଲେ ଯେ ପାଠକମାନଙ୍କ ଚାହିଦା ଅନୁଯାୟୀ ସତ୍ୟ ଓ ତଥ୍ୟ ଭିତ୍ତିକ ଖବର ପରିବେଷଣ କରି ସେ ସମ୍ବାଦପତ୍ରର ପୃଷ୍ଠପୋଷକତା ହାସଲ କରିପାରିଥିଲେ। ଏହି ଅବସରରେ ବାଚସ୍ପତି

## ରବୀନ୍ଦ୍ର ପଟ୍ଟନାୟକଙ୍କୁ 'ସାମ୍ବାଦିକ ଗୌରବ' ସମ୍ମାନ

ଶ୍ରୀମତୀ ପାଢ଼ୀ ପେସାଦାର ସାମ୍ବାଦିକଙ୍କ କଲ୍ୟାଣ ପାଇଁ ସରକାରୀସ୍ତରରେ ସମସ୍ତ ସାଧମତେ ପ୍ରୟାସ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର କୁମାର ପଟ୍ଟନାୟକଙ୍କୁ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ 'ସାମ୍ବାଦିକ ଗୌରବ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଡକ୍ଟର ସତ୍ୟ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଯୁଗ୍ମ ସମ୍ପାଦକ ଅରବିନ୍ଦ ରାଉତରାୟ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ମୁରଲୀଧର ସାମଲ ସ୍ୱାଗତ ଭାଷଣ ଏବଂ ରଞ୍ଜନ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। ମୀରା ବେଉରା ମାନପତ୍ର ପାଠ କରିଥିଲେ। ଉତ୍ସବରେ ପୂର୍ବରୁ ଅନୁଷ୍ଠିତ କବିତା ପାଠ କାର୍ଯ୍ୟକ୍ରମର କୃତୀ କବିମାନଙ୍କୁ ଉପହାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ସ୍ମୃତି ସଭାରେ ରାଜ୍ୟ ସୂଚନା କମିସନର ସୁଶାନ୍ତ ମହାନ୍ତି, ଡକ୍ଟର ପ୍ରମୋଦ ମହାପାତ୍ର, ଡଃ ଦୀପକ ରାଜ, ମାଧବଚନ୍ଦ୍ର ସ୍ୱାଇଁ ଓ ଭବାନୀ ମିଶ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ବାପୁଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।



ଜଳିଲା ଅଗି; ଟଳିଲା ଶୀତ

# ଜମି ଦେବା ନାଁରେ ୩୮ ଲକ୍ଷ ଠକେଇ

**କଟକ, ୧୧୨(ସମିସ):** ସଦର ଥାନା ଅଞ୍ଚଳରେ ଏକ ବଡ଼ ଧରଣର ଜମି ଠକେଇ ଅଭିଯୋଗ ସାମ୍ନାକୁ ଆସିଛି। ମିଛ ପ୍ରତିଶ୍ରୁତି ଦେଇ ଲକ୍ଷାଧିକ ଟଙ୍କା ଠକି ନେଇଥିବା ବିଲ୍ଡରଙ୍କୁ ଆଜି ଗିରଫ କରାଯାଇଛି।


- ■ ବିଲ୍‌ଡର ଗିରଫ: କାଗଜପତ୍ର ଜବତ
- ■ ରାଜନୈତିକ ଚାପରେ ଅକଳରେ ପୁଲିସ



ଅଭିଯୁକ୍ତ ବିଲ୍ଡର ଜଣକ ହେଉଛନ୍ତି, 'ସାଇ-ସୋମ୍' ବିଲ୍ଡର ସଂସ୍ଥାର ମାଲିକ ତଥା ଗୋପାଳପୁର ଜଗନ୍ନାଥ ବିହାରରେ ଘରକରି ରହୁଥିବା ସଞ୍ଜୀବ ବିଶ୍ୱାଳ(୪୬)। ଗିରଫ ସମୟରେ ତାଙ୍କ ନିକଟରୁ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଛି। ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ରହିଛନ୍ତି ପୁଲିସ ତାହାର ଖୋଳତାଡ଼ କରୁଛି। ଆଜି ଅଭିଯୁକ୍ତ ସଞ୍ଜୀବଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି। ଏହାକୁ ନେଇ ସଦର ଥାନାରେ ହାଇଡ୍ରାମା ଦେଖିବାକୁ ମିଳିଥିଲା। ବିଜେପିର ଜଣେ ବରିଷ୍ଠ ନେତା ଅଭିଯୁକ୍ତଙ୍କୁ ଛାଡ଼ି ଦେବାକୁ ପୁଲିସ ଉପରେ ଚାପ ପକାଇଥିବା ବେଳେ ଅନ୍ୟଜଣେ କଟକର ଯୁବନେତା ଗିରଫ କରିବା ପାଇଁ ଅଡ଼ି ବସିଥିଲେ। ଏହାକୁ ନେଇ ସଦର ଥାନା ପୁଲିସ ହରଡ଼ ଘଣାରେ ପଡ଼ିଥିଲା। ଶେଷରେ ସଞ୍ଜୀବଙ୍କୁ ପୁଲିସ ଗିରଫ କରିଥିଲା। ତେବେ ଏହି ଘଟଣାକୁ ନେଇ ରାଜନୈତିକ ଚାପକୁ ପୁଲିସ ଅସ୍ୱୀକାର କରିବା ସହ ଆଇନ ଅନୁଯାୟୀ ବିଲ୍ଡରଙ୍କୁ ଗିରଫ କରାଯାଇଥିବା କହିଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ ସମ୍ପୃକ୍ତ ବିଲ୍ଡର ତ୍ରିଶୂଳିଆ ଅଞ୍ଚଳରେ ଜମି ବିକ୍ରୟ କରନ୍ତି। ସେ ଗତ ୨୦୨୨ମସିହାରେ କଟକର ତୁଷାର ରଞ୍ଜନ ମିଶ୍ର ଓ ମାନସ ରଞ୍ଜନ ଭୂୟାଁଙ୍କଠାରୁ ତ୍ରିଶୂଳିଆ ନିକଟ ଶ୍ରୀବନ୍ତପୁର ମୌଜାରେ ୫ହଜାର ସ୍କୋୟାରଫୁଟ ଜାଗାକୁ ୬୦ଲକ୍ଷ ଟଙ୍କାରେ ଦେବାପାଇଁ କଥା ହୋଇଥିଲେ। ସେହି ଅନୁଯାୟୀ ୨ ଅଭିଯୋଗକାରୀ ତାଙ୍କୁ ପର୍ଯ୍ୟାୟକ୍ରମେ ୩୮ଲକ୍ଷ ଟଙ୍କା ଉଭୟ ନଗଦ ଓ ଅନଲାଇନ୍‌ରେ ଦେଇଥିଲେ। ମାତ୍ର ସଞ୍ଜୀବ ତାଙ୍କୁ ଜାଗା କିମ୍ବା ଟଙ୍କା ଫେରସ୍ତ କରି ନ ଥଲେ। ତାଙ୍କ ନିକଟରୁ ଜାଗା କିମ୍ବା ଟଙ୍କା ଫେରସ୍ତ ନ ପାଇବାରୁ ଶେଷରେ ସେମାନେ କଟକ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ ଆଜି ତାଙ୍କୁ ଗିରଫ କରିଥିଲା।

# ୱାକର୍ସ କ୍ଲବ୍ ପକ୍ଷରୁ ମିଳିତ ପଦଯାତ୍ରା



**କଟକ, ୧୧୨(ସମିସ):** କଟକ ୱାକର୍ସ କ୍ଲବ ଓ ଭୁବନେଶ୍ୱରର ଏକାମ୍ର ୱାକର୍ସ କ୍ଲବ ତରଫରୁ ଏକ ମିଳିତ ପଦଯାତ୍ରା କଟକରେ ଅନୁଷ୍ଠିତ ହୋଇଯାଇଛି। ଶହେରୁ ଊର୍ଦ୍ଧ୍ୱ ପଥଚାରୀ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକରୁ ବାଖରାବାଗସ୍ଥିତ ଗାନ୍ଧୀ ଭବନ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ସେଠାରେ ଏକ ମିଳିତ ସଭାରେ କଟକ ୱାକର୍ସ କ୍ଲବର ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତି ସଭାପତିତ୍ୱ କରିଥିଲେ। ଜିଲ୍ଲା ୧୦୪ର ଗଭର୍ଣ୍ଣର ରାଜକିଶୋର ସ୍ୱାଇଁ, ଏକାମ୍ର ୱାକର୍ସ କ୍ଲବର ସଭାପତି ଆଦିତ୍ୟ ନାରାୟଣ ମିଶ୍ର, ସମ୍ପାଦକ ଅଶୋକ ବରାଳ ୱାକର୍ସ କ୍ଲବର ଏହି ମିଳିତ ଉଦ୍ୟମ ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ପ୍ରିୟରଞ୍ଜନ ମହାପାତ୍ର ମଞ୍ଚ ଉପରକୁ ଅତିଥିଙ୍କୁ ଆମନ୍ତ୍ରଣ କରିଥିଲେ ଓ ଶ୍ୟାମସୁନ୍ଦର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ପଥଚାରୀ ଜ୍ଞାନେନ୍ଦ୍ର ଦାସ, କେଶବ ଦାସ, ସୁବାସ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶଶିଭୂଷଣ ସ୍ୱାଇଁ, ଫଣୀନ୍ଦ୍ର ମଲ୍ଲିକ, ଗୌତମ କର, ପବିତ୍ର ମହାନ୍ତି, ମମତା ରାଉତରାୟ, ବନମାଳି ଶୁକ୍ଳ, କୃତିବାସ ପଣ୍ଡା, ବାବୁଲିଧର ନାୟକ, ବିଜୟଲକ୍ଷ୍ମୀ କର, ସନ୍ଧ୍ୟା ମହାପାତ୍ର, ବିଦ୍ୟୁତ ଲାଲା, ଭକ୍ତିମୟୀ କର, ହରପ୍ରିୟା ସିଂହ, ପ୍ରଭାକର ବେହେରା ଯୋଗ ଦେଇଥିଲେ। ପ୍ରଶାନ୍ତ କାନୁନଗୋ, ଓଁକାର ରାଉତ ଓ ରାକେଶ ଶତପଥୀ ପରିଚାଳନା କରିଥିଲେ। ଅଶୋକ ବରାଳ ଧନ୍ୟବାଦ ଦେଇଥିଲେ।



# ପ୍ରଫେସର ଶିବବ୍ରତ ଦାସ ବିଶ୍ୱଭାରତୀ ସଂସଦର ସଦସ୍ୟ ମନୋନୀତ

**କଟକ, ୧୧୨(ସମିସ):** ରେଭେନ୍ସା ବିଶ୍ୱବିଦ୍ୟାଳୟ ଭୂଗୋଳ ବିଭାଗର ପ୍ରଫେସର ତଥା ମୁଖ୍ୟ ଡ. ଶିବବ୍ରତ ଦାସ ବିଶ୍ୱଭାରତୀ ସଂସଦ (କୋର୍ଟ)ର ସଦସ୍ୟ ରୂପେ ମନୋନୀତ ହୋଇଛନ୍ତି। ବିଶ୍ୱଭାରତୀର ପରିଦର୍ଶକ (ଭିଜିଟର) ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତିନିବର୍ଷ ପାଇଁ ପ୍ରଫେସର ଦାସଙ୍କୁ ମନୋନୀତ କରିଛନ୍ତି। ପ୍ରଫେସର ଦାସଙ୍କ ରଚିତ ୪୦ଟି ଗବେଷଣାତ୍ମକ ନିବନ୍ଧ ବିଭିନ୍ନ ଜାତୀୟ ତଥା ଆନ୍ତର୍ଜାତିକ ଜର୍ଣ୍ଣାଲରେ ପ୍ରକାଶ ପାଇଛି। ତାଙ୍କ ଅଧୀନରେ ଗବେଷଣା କରି ଚାରିଜଣ ସ୍କଲାର 'ଡକ୍ଟରେଟ' ଲାଭ କରିଛନ୍ତି। ପ୍ରଫେସର ଦାସ ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ଉଚ୍ଚଶିକ୍ଷା ଶାଖାର ରାଜ୍ୟ ସଭାପତି ଅଛନ୍ତି।



# ଅଭିମନ୍ୟୁ ସାମନ୍ତସିଂହାର ସାହିତ୍ୟ ସୃଜନୀର ଚତୁର୍ଥ ସମାରୋହ ସମ୍ପନ୍ନ

**କଟକ, ୧୧୨(ସମିସ):** ଐତିହାସିକ ଶ୍ରୀରାମଚନ୍ଦ୍ର ଭବନରେ ଯାଜପୁର ବଡ଼ଚଣାର ସାହିତ୍ୟ ଅନୁଷ୍ଠାନ 'ଅଭିମନ୍ୟୁ ସାମନ୍ତସିଂହାର ସାହିତ୍ୟ ସୃଜନୀ'ର ଚତୁର୍ଥ ବାର୍ଷିକ ସାରସ୍ୱତ ସମାରୋହ ମାଘ ପୂର୍ଣ୍ଣିମାର ପବିତ୍ର ତିଥିରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ନିରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଡ. ପ୍ରଭାସ ଆଚାର୍ଯ୍ୟ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଡ. ସଂଗ୍ରାମ କେଶରୀ ସାମନ୍ତରାୟ, ସମ୍ମାନିତ ବକ୍ତା ରାଜୀବ କୁମାର ଷଡ଼ଙ୍ଗୀ ବକ୍ତବ୍ୟ ରଖିଥିଲେ। ଅତିଥି ଭାବେ ଅଶୋକ କୁମାର ସାମଲ ଓ ଡ. ମିନତି ମିଶ୍ର ସାହିତ୍ୟର ବିଭିନ୍ନ ଶୈଳୀ ଓ ମାଟିର ଭାଷା ସମ୍ପର୍କରେ ନିଜର ଅନୁଭବ ବାଣ୍ଟିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ଡ. ନଟବର ପ୍ରଧାନଙ୍କ ପୁସ୍ତକ 'ଆଜି କଥା କାଲିକି ନାହିଁ' ଏବଂ କବୟିତ୍ରୀ ରଶ୍ମିତା ଦାଶଙ୍କ 'ମହାନ୍ତକ' ପୁସ୍ତକ ଦୁଇଟି ଲୋକାର୍ପିତ ହୋଇଥିଲା। ଡ. ଅମୂଲ୍ୟ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଡ. ରାଧେଶ୍ୟାମ ମିଶ୍ର ଅତ୍ୟନ୍ତ ପ୍ରଭାବଶାଳୀ ଢଙ୍ଗରେ ମଞ୍ଚ ପରିଚାଳନା କରିଥିଲେ। ସହସମ୍ପାଦିକା ଡ. ପ୍ରିୟଦର୍ଶିନୀ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଫେବୃଆରୀ ୧୨ ଜନଆନ୍ଦୋଳନକୁ ସଫଳ ପାଇଁ ସିପିଆଇର ଆହ୍ୱାନ

**କଟକ, ୧୧୨(ସମିସ):** ଆଜି ଜନଗଣଙ୍କ ସମସ୍ୟା ଉତ୍କଟ ହେବାରେ ଲାଗିଛି। ଦରଦାମ ଆକାଶଛୁଆଁ। ରାଜ୍ୟ ସରକାରଙ୍କ ନିର୍ବାଚନ ପ୍ରତିଶ୍ରୁତି ଅନୁସାରେ ଧାନକୁଇଣ୍ଟାଲ ୩୧୦୦ ଟଙ୍କା ଚାଷୀଙ୍କୁ ପ୍ରଦାନ କରିବା, ପ୍ରଦୂଷଣ ଆଳରେ ଫାଇନ ଆଦାୟ ଓ ଚାଲାଣ କାଟିବା ବନ୍ଦ କରିବା, ଟାଟା ପାୱାର ଦ୍ୱାରା ବାଧ୍ୟତାମୂଳକ ସ୍ମାର୍ଟ ମିଟର ବସାଇବା ନାମରେ ଗ୍ରାହକ ଶୋଷଣ ବନ୍ଦ କରି ୩୦୦ ୟୁନିଟ ଛାଡ଼ କରିବା, ଭୋଟର ତାଲିକା ସଂଶୋଧନ ଆଳରେ ଯୋଗ୍ୟ ଭୋଟରଙ୍କୁ ବାଦ ଦେବା ବନ୍ଦ କରିବା, ଶ୍ରମିକ ବିରୋଧୀ ୪ ଶ୍ରମ କୋର୍ଡ ବାତିଲ କରିବା, ଶିକ୍ଷା ଓ ସ୍ୱାସ୍ଥ୍ୟକୁ ଘରୋଇକରଣ ବନ୍ଦ କରିବା ଆଦି ଦାବି ନେଇ ସିପିଆଇ କଟକ ନଗର ପକ୍ଷରୁ ସମ୍ପାଦକ ପ୍ରସନ୍ନ କୁମାର ମହାପାତ୍ରଙ୍କ ନେତୃତ୍ୱରେ କଟକ କେନ୍ଦ୍ରସ୍ଥଳ ବାଦାମବାଡ଼ି ଠାରେ ସଂଗ୍ରାମୀ ପାଣ୍ଠି ଅଭିଯାନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ନେତୃତ୍ୱ ଅମରେନ୍ଦୁ ମହାନ୍ତି, ଇପ୍ଟା ରାଜ୍ୟ ସମ୍ପାଦକ ସୁଶାନ୍ତ ମହାପାତ୍ର, ଜିଲ୍ଲା ସମ୍ପାଦକ ବିନୋଦ ବେହେରା, ଇସକଫ ରାଜ୍ୟ ସମ୍ପାଦକ ସଞ୍ଜୟ ପରିଜା, ଯୁବ କବି ଅଭୟ ପଟ୍ଟନାୟକ, ଉଠାଦୋକାନୀ ସଂଘ ସମ୍ପାଦକ ଛବି ଖୁଣ୍ଟିଆ ଓ ନେତା ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଫେବୃଆରୀ ୧୨ ସର୍ବଭାରତୀୟ ଧର୍ମଘଟରେ ସାମିଲ ହେବାକୁ ଲୋକମାନଙ୍କୁ ଅବଗତ କରାଯାଇଥିଲା।




# ଗାନ୍ଧୀ ପାର୍କରେ ରଙ୍ଗବେରଙ୍ଗର ପୁଷ୍ପ ପ୍ରଦର୍ଶନୀ







**କଟକ, ୧୧୨(ସମିସ)**

ଋତୁରାଜ ବସନ୍ତର ଆଗମନ ଓ ଶୀତର ଶେଷ ସ୍ପର୍ଶରେ କଟକ ସହରରେ ଆୟୋଜିତ ହୋଇଥିବା ଦୁଇଦିନିଆ ଭବ୍ୟ ପୁଷ୍ପ ପ୍ରଦର୍ଶନୀ ଆଜି ସଫଳତାର ସହ ଉଦଯାପିତ ହୋଇଯାଇଛି। କଟକ ବେଲଭ୍ୟୁ ଛକସ୍ଥିତ ଗାନ୍ଧୀ ପାର୍କରେ ସିଏମସି, ସିଡିଏ ଏବଂ ନେଚର୍ସ କ୍ଲବ୍ ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି ପ୍ରଦର୍ଶନୀ ଶେଷ ଦିନରେ ହଜାର ହଜାର ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ପୁଷ୍ପର ମଧୁର ସୁବାସ ଓ ରଙ୍ଗବେରଙ୍ଗର ପରିବେଶ ମଧ୍ୟରେ ସହରବାସୀ ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିଛନ୍ତି। ଏହି ପ୍ରଦର୍ଶନୀରେ ପ୍ରାୟ ୧୪୦ରୁ ଊର୍ଦ୍ଧ୍ୱ ପ୍ରକାରର ଫୁଲ ଗଛ ସ୍ଥାନ ପାଇଥିଲା। ଜିନିଆ, ଗୋଲାପ, ସୂର୍ଯ୍ୟମୁଖୀ, ଗେଣ୍ଡୁ, ସେବତୀ ଓ ପଦ୍ମ ଭଳି ମନଲୋଭା ଫୁଲ ସାଙ୍ଗକୁ ଦୈନନ୍ଦିନ ଜୀବନରେ ସୁସ୍ଥ ବାତାବରଣ ପାଇଁ ଆବଶ୍ୟକ ଔଷଧୀୟ ଗଛର ମଧ୍ୟ ସମ୍ଭାର ଲାଗିଥିଲା। ବିଶେଷ କରି ସ୍ନେକ୍ ପ୍ଲାଣ୍ଟ, ଘିଁ-କୁଆଁରୀ, ରବର୍ ଗଛ, ମନି ପ୍ଲାଣ୍ଟ ଓ ପ୍ରଚୁର ଅମ୍ଳଜାନ ପ୍ରଦାନ କରୁଥିବା ତୁଳସୀ ଗଛ ଗୁଡ଼ିକୁ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଫୁଲର ମହକ କେବଳ ସୌନ୍ଦର୍ଯ୍ୟ ବୃଦ୍ଧି କରେ ନାହିଁ, ବରଂ ମଣିଷ ମନକୁ ପ୍ରଫୁଲ୍ଲିତ କରିବା ସହ ଆଧ୍ୟାତ୍ମିକ ଓ ସାମାଜିକ କାର୍ଯ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ରଖିଥାଏ ବୋଲି ପ୍ରଦର୍ଶନୀରେ ମତ ପ୍ରକାଶ ପାଇଛି।

**୧୪୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପୁଷ୍ପ ସମ୍ଭାର**

**ସହରର ସବୁ ପାର୍କରେ ଏଭଳି ପ୍ରଦର୍ଶନୀ ହେବ: ମେୟର**

ଉତ୍ସବରେ କଟକ ମେୟର ସୁବାଷ ସିଂ ଯୋଗଦେଇ କହିଛନ୍ତି ଯେ, କେବଳ ଗାନ୍ଧୀ ପାର୍କ ନୁହେଁ, ଆଗାମୀ ଦିନରେ କଟକ ସହରରେ ଥିବା ପ୍ରତ୍ୟେକଟି ଛୋଟବଡ଼ ପାର୍କରେ ଏହିଭଳି ପୁଷ୍ପ ପ୍ରଦର୍ଶନୀ କରାଯିବ। ଭୁବନେଶ୍ୱର ପରେ କଟକରେ ଏହି ପଦକ୍ଷେପ ସହରବାସୀଙ୍କୁ ବେଶ୍ ଆନନ୍ଦିତ କରିଛି। ମନ୍ଦିରର ଶୋଭା ବର୍ଦ୍ଧନଠାରୁ ଆରମ୍ଭ କରି ମହିଳାଙ୍କ ଗଭା ଗଜରା ପର୍ଯ୍ୟନ୍ତ ସବୁଠି ପୁଷ୍ପର ଯେଉଁ ମନଲୋଭା ଭୂମିକା ରହିଛି, ତାହାକୁ ଏହି ପ୍ରଦର୍ଶନୀ ଆହୁରି ସ୍ପଷ୍ଟ କରିଛି। ସହରବାସୀ ଏହି ପ୍ରୟାସକୁ ବେଶ୍ ପ୍ରଶଂସା କରିବା ସହ ପ୍ରତିବର୍ଷ ଏଭଳି ଆୟୋଜନ ପାଇଁ ପ୍ରଶାସନ ନିକଟରେ ଅନୁରୋଧ କରିଛନ୍ତି।

ସକାଳ THE SAKALA



# ୩ କୁଇଣ୍ଟାଲ ୨୦ କେଜି ଗଞ୍ଜେଇ ଜବତ



କଣ୍ଟାମାଳ, ୧୨(ସମିସ)

ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଅଧୀନ ଲମ୍ବସରି ପଞ୍ଚାୟତ ବଲମତୁମା ଜଙ୍ଗଲରେ ଗଞ୍ଜେଇ ଚୋରା ଚାଲାଣ କରିବା ପାଇଁ ପ୍ରସ୍ତୁତି କରୁଥିବା ନେଇ ବିଶ୍ୱସ୍ତସୂତ୍ରରୁ ସୂଚନା ପାଇ କଣ୍ଟାମାଳ ଥାନା ଅଧିକାରୀ ବସୁଦେବ ଭୋଇଙ୍କ ନେତୃତ୍ୱରେ ପୁଲିସ ଟିମ ଚଢ଼ଉ କରିଥିଲା। ପୁଲିସକୁ ଦେଖି ଗଞ୍ଜେଇ ମାଫିଆ ଚମ୍ପଟ ମାରିଥିଲେ। କଣ୍ଟାମାଳ ଅତିରିକ୍ତ ତହସିଲଦାର ଧନଞ୍ଜୟ ସାହୁଙ୍କ ଉପସ୍ଥିତିରେ ଗଞ୍ଜେଇ ଜବତ କରି ଓଜନ କରିଥିଲେ। ଜବତ ଗଞ୍ଜେଇର ଓଜନ ତିନି କୁଇଣ୍ଟାଲ କୋଡିଏ କେଜି ହୋଇଥିବା କଣ୍ଟାମାଳ ଥାନା ଅଧିକାରୀ ବସୁଦେବ ଭୋଇ ସୂଚନା ଦେଇଛନ୍ତି।

■ ବୁଣାକାର ବଜାରରୁ ଚୋରି ଉଦ୍ୟମ

# ସନ୍ଦିଗ୍ଧଙ୍କୁ ଧରି ପୁଲିସ ଜିମା ଦେଲେ ବ୍ୟବସାୟୀ

**ବୌଦ୍ଧ, ୧୨(ସମିସ):** ବୌଦ୍ଧଠାରେ ଅନୁଷ୍ଠିତ ସାପ୍ତାହିକ ବୁଣାକାର ବଜାରରୁ ଶାଢୀ ଚୋରି ଉଦ୍ୟମ କରିଥିବା ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ବ୍ୟବସାୟୀମାନେ ଧରି ପୁଲିସର ଜିମା ଦେଇଛନ୍ତି। ସନ୍ଦିଗ୍ଧ ବ୍ୟକ୍ତି ଜଣକ ସୋନପୁର ଜିଲ୍ଲା ତରଭା ଅଞ୍ଚଳର ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, ସେ ଏକ ଦୋକାନରୁ ଶାଢୀ ଚୋରି କରି ଫେରାର ଉଦ୍ୟମ କରୁଥିବା ବେଳେ ବ୍ୟବସାୟୀମାନେ ତାଙ୍କୁ କାବୁ କରିଥିଲେ। ତାଙ୍କ ସହିତ ଆହୁରି ୪ ଜଣ ପୁରୁଷ ଓ ମହିଳା ଗୋଟିଏ ଦଳରେ ଆସି ଚୋରି କରୁଥିବା ଉକ୍ତ ସନ୍ଦିଗ୍ଧ ବ୍ୟକ୍ତି ଲୋକଙ୍କ ଆଗରେ ପ୍ରକାଶ କରିଛନ୍ତି। ଖବର ପାଇ ବୌଦ୍ଧ ପୁଲିସ ଘଟଣା ସ୍ଥଳରେ ପହଞ୍ଚିବା ପରେ ବ୍ୟବସାୟୀମାନେ ସନ୍ଦିଗ୍ଧକୁ ପୁଲିସ ଜିମା ଦେଇଥିଲେ। ତେବେ ପୁଲିସ ଚୋର ଗ୍ୟାଙ୍ଗର ଅନ୍ୟ ସଦସ୍ୟମାନଙ୍କୁ ଧରିବାକୁ ଚେଷ୍ଟା ନକରି ୧୧୨ ଗାଡିରେ ଆସିଥିବା ଜଣେ ମାତ୍ର କନେଷ୍ଟବଳ ବ୍ୟବସାୟୀମାନେ ଧରିଥିବା ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଧରି ଥାନାକୁ ନେଇଥିବା ବେଳେ ଅନ୍ୟ ଚୋରମାନଙ୍କୁ ଫେରାର ହେବାରେ ସୁଯୋଗ ସୃଷ୍ଟି କରିଥିବା ଅଭିଯୋଗ ହୋଇଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।



ସୁବର୍ଣ୍ଣପୁର ସୁଭଦ୍ରା ଶକ୍ତିମେଳାରେ ମୁଖ୍ୟମନ୍ତ୍ରୀ

# 'ଏସଏଚ୍‌ଜି ମହିଳା ଲାଭାର୍ଥୀ ନୁହଁନ୍ତି, ଓଡ଼ିଶା ବିକାଶ ଯାତ୍ରାରେ ଅଂଶୀଦାର'

**ତରଭା, ୧୨(ସମିସ):** ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚଜି) ଭଉଣୀମାନେ କେବଳ ଲାଭାର୍ଥୀ ନୁହନ୍ତି, ସେମାନେ ଓଡ଼ିଶା ବିକାଶ ଯାତ୍ରାରେ ଅଂଶୀଦାର। ସେମାନଙ୍କ କଠିନ ପରିଶ୍ରମ, ଶୃଙ୍ଖଳା ଏବଂ ଉଦ୍ୟୋଗୀ ମନୋଭାବ ଗ୍ରାମୀଣ ଅର୍ଥନୀତିରେ ପରିବର୍ତ୍ତନ ଆଣିଛି ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁବର୍ଣ୍ଣପୁରଠାରେ ଆୟୋଜିତ ସୁଭଦ୍ରା ଶକ୍ତିମେଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଥମେ ଖଲିଆପାଲିସ୍ଥିତ ସନ୍ଥକବି ଭୀମଭୋଇଙ୍କ ସମାଧି ପୀଠ ପରିଦର୍ଶନ କରି ପରିଚାଳନା କମିଟିର ସଦସ୍ୟ ଓ ସାଧୁମାନଙ୍କ ସହିତ ଆଲୋଚନା କରିଥିଲେ। ସୁବର୍ଣ୍ଣପୁର ଜିଲ୍ଲାବାସୀଙ୍କୁ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଇ କହିଥିଲେ, ସୁବର୍ଣ୍ଣପୁର ଜିଲ୍ଲାରେ ୧୦୦୦ କୋଟିରୁ ଅଧିକ ଟଙ୍କାର ଶିଳ୍ପ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ସୁବର୍ଣ୍ଣପୁର ଜିଲ୍ଲାରେ କୃଷି, ହସ୍ତତନ୍ତ, ସଂସ୍କୃତି ଓ ପର୍ଯ୍ୟଟନର ବିକାଶ ପାଇଁ ଅପାର ସମ୍ଭାବନା ରହିଛି। ଏହି ସମ୍ଭାବନାକୁ ସଦୁପଯୋଗ କରି ଜିଲ୍ଲାରେ ସ୍ଥାୟୀ ସମୃଦ୍ଧି ଆଣିବା ପାଇଁ ଉଦ୍ୟମ ଜାରି ରହିଛି। ଓଡ଼ିଶାର ସାମାଜିକ ଓ ଆଧ୍ୟାତ୍ମିକ ଚେତନାକୁ ଦିଗ୍‌ଦର୍ଶନ ଦେଇଥିବା ସନ୍ଥକବି ଭୀମ ଭୋଇଙ୍କ ସମ୍ମାନାର୍ଥେ ତାଙ୍କ ସମାଧି ପୀଠର ବିକାଶ ନିମନ୍ତେ ୩୫ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏଥି ସହିତ ମୁଖ୍ୟମନ୍ତ୍ରୀ ସୁବର୍ଣ୍ଣପୁର ଜିଲ୍ଲାରେ ୬୩୩ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ନିର୍ମାଣ ହେବ। ଏଥିରେ ମାରୁଦାଗୋଚ୍ଛାଠାରେ ୫୫୭ କୋଟି ଟଙ୍କାରେ ନଦୀଗର୍ଭ ଜଳାଶୟ ନିର୍ମାଣ, ୧୧.୨୩ କୋଟି ଟଙ୍କାରେ ସଂସ୍କୃତି ଭବନଠାରେ ଓପନ୍ ଏୟାର ଥିଏଟର ନିର୍ମାଣ, ୨୫.୨୮ କୋଟି ଟଙ୍କାରେ ଗାନ୍ଧୀ ଷ୍ଟାଡିଅମର ନବୀକରଣ, ୪.୨୩ କୋଟି ଟଙ୍କାରେ ବ୍ଲକ ଛକ ଜଙ୍କସନ ରୋଡ୍‌ର ଉନ୍ନତି କରଣ କାର୍ଯ୍ୟ ରହିଛି ବୋଲି ସେ ଘୋଷଣା କରିଥିଲେ। ଏହି ଅବସରରେ ୨୭୬ କୋଟି ଟଙ୍କା ମୂଲ୍ୟର ୫୮ ଟି ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ଏଥିରେ ୧୭୩ କୋଟି ଟଙ୍କା ବ୍ୟୟରେ ୨୪ଟି ପ୍ରକଳ୍ପର ଶିଳାନ୍ୟାସ ଏବଂ ୧୦୩ କୋଟି ଟଙ୍କା ବ୍ୟୟରେ ୩୪ଟି ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ସୁବର୍ଣ୍ଣପୁର ଜିଲ୍ଲାର ୧୮୪୮ ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୨୬ କୋଟି ଟଙ୍କାର ସୁଧମୁକ୍ତ ଋଣ ପ୍ରଦାନ କରିଛନ୍ତି। ପରେ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରିଥିଲେ। ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ମଞ୍ଚାସୀନ ଥିଲେ। ଜିଲ୍ଲାପାଳ ଡ. ନୃପରାଜ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।



**ସୁବର୍ଣ୍ଣପୁର ପାଇଁ ୬୩୩ କୋଟିର ନୂଆ ପ୍ରକଳ୍ପ ଘୋଷଣା**

**୨୭୬ କୋଟିର ୫୮ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର**

# ଜିଲ୍ଲାସ୍ତରୀୟ ଜୁନିଅର ରେଡ୍‌କ୍ରସ୍ ତାଲିମ ଶିବିର ଉଦ୍‌ଯାପିତ



**କଣ୍ଟାମାଳ, ୧୨(ସମିସ):** କଣ୍ଟାମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ତିନିଦିନ ଧରି ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଜୁନିଅର ରେଡ୍‌କ୍ରସ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଜୁନିଅର ରେଡ୍‌କ୍ରସ ସଭାପତି ତଥା ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବୌଦ୍ଧ ଜିଲ୍ଲା ପରିଷଦ ଉପସଭାପତି ଶଙ୍କର୍ଷଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ କଣ୍ଟାମାଳ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନର ମୁଖ୍ୟ ଅଧ୍ୟାପକ ସମୀର ମେହେର, କଣ୍ଟାମାଳ ଅତିରିକ୍ତ ତହସିଲଦାର ଧନଞ୍ଜୟ ସାହୁ, କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଶୋଭ ରଞ୍ଜନ ମାଳି, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରା ଓ ଜିଲ୍ଲା ଜୁନିଅର ରେଡ୍‌କ୍ରସ ଅଧିକାରୀ ନବ କିଶୋର ଦୀପ ଯୋଗ ଦେଇଥିଲେ। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ମାଷ୍ଟର ଟ୍ରେନର ରବିଚନ୍ଦ୍ର ପଶାୟତ, ରାମ ନାରାୟଣ ଦାଶ, ସାଧନ କର୍ମୀ ଗୋପେଶ ପଣ୍ଡା, ଚନ୍ଦ୍ରମଣି ବାଘ, ଚନ୍ଦ୍ର ଶେଖର ମହାପାତ୍ର, ପ୍ରଭାକର ଛନ୍ଦ, ଅଧ୍ୟାପକ ଉଦ୍ଧବ ପ୍ରଧାନ ପ୍ରମୁଖ ଛାତ୍ରଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଶିବିରରେ ୨୫୭ ଜଣ ଜୁନିଅର ଏବଂ ୧୩୨ ଜଣ ପରାମର୍ଶଦାତା ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିବିର ପରିଚାଳନାରେ ବିସିସି ବନମାଳୀ ମେହେର, ମଞ୍ଜିତ ମୋହନ ଚାନ୍ଦ, ପ୍ରିୟମ୍ବଦା ସୁବୁଦ୍ଧି ପ୍ରମୁଖ ସହଯୋଗ କରିଥିଲେ। ଶିବିରକୁ ସାଧନକର୍ମୀ ବନମାଳୀ ମେହେର ଓ ଶିକ୍ଷକ ବାନ୍ଧବ ନାଏକ ପରିଚାଳନା କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୧୫୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

# କେନ୍ଦ୍ର ବଜେଟ୍-୨୦୨୬ ପ୍ରତିକ୍ରିୟା



ଚଳିତ ବର୍ଷର ଜାତୀୟ ବଜେଟ ଏକ ସମତୁଲ ବଜେଟ ରୂପେ ପରିଗଣିତ ହୋଇଛି। ଏଥିରେ ବାୟୋ ଫାର୍ମ ପାଇଁ ୧୦ ହଜାର କୋଟି ବ୍ୟୟ ବରାଦ କରିବା ଏକ ଯୁଗାନ୍ତକାରି ପଦକ୍ଷେପ। ଏଥିରେ ଦେଶୀୟ ଜ୍ଞାନ କୌଶଳର ବିକାଶ ସହ ସବୁଜ ଜୈବିକ ଚାଷର ଉନ୍ନତି ଘଟିବ। ପର୍ଯ୍ୟଟନ କ୍ଷେତ୍ରକୁ ମଧ୍ୟ ସ୍ୱତନ୍ତ୍ର ଦୃଷ୍ଟି ଦେବା ଦ୍ୱାରା କ୍ଷେତ୍ରୀୟ ଆଞ୍ଚଳିକ ପର୍ଯ୍ୟଟନର ବିକାଶ ହେବ ସହ ସ୍ଥାନୀୟ ସ୍ତରରେ ରୋଜଗାର ସୃଷ୍ଟି ହୋଇପାରିବ। ଇଲେକ୍ଟ୍ରିକ ଯାନବାହାନକୁ ପ୍ରୋତ୍ସାହନ ଦେବା ଦ୍ୱାରା ପରିବେଶ ପ୍ରଦୂଷଣ କମିବାରେ ଏହା ସହାୟକ ହେବ।

**ଡ. ପ୍ରବୀର କୁମାର ଦାସ, ପରିବେଶବିତ୍, ବୌଦ୍ଧ**



ଚଳିତ ବଜେଟ୍ ଏକ ସନ୍ତୁଳିତ ବଜେଟ୍। ଓଡ଼ିଶା କୁ କମ୍ ଅନୁଦାନ ଦିଆଯାଇଛି। ମହିଳା, କୃଷକ, ସାଧାରଣ ବର୍ଗ ପାଇଁ ବଜେଟ୍। ମଦ ଓ ପାନ ମସଲା ମହଙ୍ଗା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଷ୍ଟାଣ୍ଡାର୍ଡ ଡିଡକ୍ସନ୍‌ରେ କୌଣସି ପରିବର୍ତ୍ତନ ନାହିଁ। ନୂଆ ହାଇସ୍ପିଡ ରେଳ କରିଡ଼ର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଅଷ୍ଟମ ବେତନକୁ ଆଖି ଆଗରେ ରଖି ଆୟକର ସ୍ଲାବ ବଢ଼ିଥିଲେ ଭଲ ହୋଇଥାନ୍ତା। ଅନ୍ୟପଟରେ ଦେଖିଲେ ସର୍ବୋପରି ଏହା ଏକ ସ୍ୱାଗତଯୋଗ୍ୟ ବଜେଟ୍।

**ପ୍ରଶାନ୍ତ କୁମାର ମହାପାତ୍ର, ପୂର୍ବତନ ଅଧ୍ୟକ୍ଷ, ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ**



ଏଥର ବଜେଟ କୌଣସି ନିର୍ବାଚନକୁ ଆଖିଆଗରେ ରଖିକି ଉପସ୍ଥାପନ କରାଯାଇନାହିଁ। ତେଣୁ ଏହା ପପୁଲିଷ୍ଟ ବଜେଟ ବୋଲି କୁହାଯାଇ ନ ପାରେ, ଆଗାମୀ ୨୦ ବର୍ଷକୁ ନଜରେ ରଖି ସଡ଼କ, ପୋଲ, ୭ ଗୋଟି ହାଇସ୍ପିଡ୍ ରେଳ କରିଡର ନିର୍ମାଣ, ଏମଏସ୍‌ଏମଇ, ପ୍ରତିରକ୍ଷା କ୍ଷେତ୍ର ସକାଶେ ଅଧିକ ବ୍ୟୟ ବରାଦ କରାଯାଇଛି।

**ବିଶ୍ୱେଶ୍ୱର ପୃଷ୍ଟି, କର ଉପଦେଷ୍ଟା, ବୌଦ୍ଧ**



ଆଜିର ବଜେଟ ଏକ ବିକଶିତ ଭାରତ ଗଠନକୁ ଲକ୍ଷ୍ୟ ରଖି ପ୍ରସ୍ତୁତ ହୋଇଥିବାର ଜଣାଯାଉଛି। ଏଥିରେ ପ୍ରତିରକ୍ଷା କ୍ଷେତ୍ରକୁ ଗୁରୁତ୍ୱ ଦେବା ସହିତ ଦେଶର ଅର୍ଥନୈତିକ ଅଭିବୃଦ୍ଧି, ଭିତ୍ତିଭୂମିର ବିକାଶ, ପର୍ଯ୍ୟଟନ, ଗମନାଗମନ ଓ ଯୁବଶକ୍ତିର ବିକାଶକୁ ମଧ୍ୟ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି। ମୋଟାମୋଟି ଭାବେ କହିବାକୁ ଗଲେ ଏହି ବଜେଟ ଦେଶକୁ ଆର୍ଥିକ କ୍ଷେତ୍ରରେ ଯଥେଷ୍ଟ ଲାଭବାନ କରାଇବ। ଏହାଦ୍ୱାରା ଓଡ଼ିଶା ମଧ୍ୟ ଅର୍ଥନୈତିକ କ୍ଷେତ୍ରରେ ଯଥେଷ୍ଟ ଲାଭବାନ ହେବାର ଆଶା ରହିଛି। ଓଡ଼ିଶାରେ ବିରଳ ଖଣିଜ ପଦାର୍ଥ କରିଡର ନିର୍ମାଣ ଏଥିପାଇଁ ଯଥେଷ୍ଟ ସହାୟକ ହେବ।

**ଲଳିତ କୁମାର ମେହେର, ଅଧ୍ୟାପକ, ବୌଦ୍ଧ**

# ସପ୍ତଦୀପାର ସାରସ୍ୱତ ଆସର



**ବୀରମହାରାଜପୁର, ୧୨ (ସମିସ):** ବୀରମହାରାଜପୁର ଧନୁଯାତ୍ରା ମହୋତ୍ସବ ଉପଲକ୍ଷେ ସପ୍ତଦୀପା ସାହିତ୍ୟ ସଂସଦର ୧୨୬ତମ ସାରସ୍ୱତ ଆସର ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ପାଢ଼ୀ, ସମ୍ମାନିତ ଅତିଥି ଜ୍ଞାନେନ୍ଦ୍ର ତ୍ରିପାଠୀ, କମ୍ବୁଧର ସୁନା, ଯୁଗଳ କିଶୋର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଧନୁଯାତ୍ରା କମିଟିର ସଭାପତି ତଥା ସପ୍ତଦୀପାର କାର୍ଯ୍ୟକ୍ରମ ସଞ୍ଚାଳକ କିଶୋର ହୋତା ସଭାକୁ ସଂଯୋଜନା କରିଥିଲେ। କବି ପ୍ରଫୁଲ୍ଲ ପ୍ରଧାନ, ଶୁଭ୍ରାଂଶୁ ଶେଖର ପାଢ଼ୀ, ସୁବ୍ରତ ପଣ୍ଡା, ପ୍ରହଲ୍ଲାଦ ନାଏକ, ଧର୍ମ କୁମାର ଶତପଥୀ, ଗୋବିନ୍ଦ ସେଠୀ, ତନ୍ମୟବାଳା ମିଶ୍ର, ବାସୁଦେବ ରଥ, ସନ୍ତୋଷ ଅଦାବର, ସନ୍ତୋଷିନୀ ସାମନ୍ତରା, ସତ୍‌ପ୍ରାଜ୍ଞ ଶାଶ୍ୱତ ଦେହେରୀ, ଯୁଧିଷ୍ଠିର ଖମାରୀ, ଧ୍ରୁବ ଚରଣ କ୍ଷେତି, ଶ୍ୟାମ ଗୋପାଳ ହୋତା, ବିଜୟ କୁମାର ହୋତା ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। କବିତା ଗୁଡ଼ିକୁ ଅକ୍ରୂର ହୋତା ଓ ସନ୍ତୋଷିନୀ ନାୟକ ସଂଯୋଜନା କରିଥିଲେ। ଶେଷରେ ଅକ୍ଷୟ କୁମାର ରାଏ ଧନ୍ୟବାଦ ଅର୍ପଣ କରିଥିଲେ।

# ମାସିକ ତୁଳସୀ ରାମାୟଣ ପାରାୟଣ

**ଶଗଡ଼ା, ୧୨(ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ ବାଉଁଶୁଣୀ ଭୁବନେଶ୍ୱର ବାବା ମନ୍ଦିର ଠାରେ ଏକବିଂଶ ତମ ମାସିକ ତୁଳସୀ ରାମାୟଣ ପାରାୟଣ ସହ ମାଘମେଳା ସମାପ୍ତ ହୋଇଯାଇଛି। ଚଳିତ ବର୍ଷ ମାଘ ମାସ ଆରମ୍ଭରୁ ମାଘ ପୂର୍ଣ୍ଣିମା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ତୁଳସୀ ରାମାୟଣ ପାରାୟଣ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ୟାସ ଭାବରେ ତ୍ରିବିକ୍ରମ ପାଢ଼ୀ ସମ୍ପୂର୍ଣ୍ଣ ତୁଳସୀ ରାମାୟଣ ଗାନ କରିଥିଲେ। କର୍ତ୍ତା ଭାବରେ ଚାପଧାରି ମେହେର ଓ ତାଙ୍କ ପତ୍ନୀ ମିଲି ମେହେର ଦାୟିତ୍ୱ ତୁଲାଇଥିବା ବେଳେ ପୂଜକ ସୌମିତ୍ରୀ ଦାସ ପୂଜା କାର୍ଯ୍ୟ ତୁଲାଇଥିଲେ। ପ୍ରତ୍ୟେକ ଦିନ ସନ୍ଧ୍ୟା ୬ଟା ଠାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ଏହି ତୁଳସୀ ରାମାୟଣ ଅନୁଷ୍ଠିତ ହେଉଥିବା ବେଳେ ରବିବାର ମାଘ ପୂର୍ଣ୍ଣିମା ଦିନ ସମାପ୍ତ ହୋଇଛି। ଏଥିରେ ଭୁବନ ମେହେର, ଶରତ ଖମାରୀ, ଜେନାମଣି ମେହେର, ମୁରଲୀ ମେହେର, ଭଗବାନ ତରିଆ ସହଯୋଗ କରିଥିବା ବେଳେ ପ୍ରତ୍ୟେକ ଦିନ ତୁଳସୀ ରାମାୟଣ ପାରାୟଣର ବାଦ୍ୟଯନ୍ତ୍ରରେ ଅଜିତ୍ ମେହେର, ଦୁଃଶାସନ ବେହେରା, ଦୁର୍ଯ୍ୟୋଧନ ବେହେରା ସହଯୋଗ କରିଥିଲେ।

# ଦପଲା ଧନୁଯାତ୍ରା ପାଇଁ କଳାକାର ବରଣ



**ଶଗଡ଼ା, ୧୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଦପଲା ପଞ୍ଚାୟତ ଯୁରୁମୁଣ୍ଡାରେ ଦପଲା ୧୧ତମ ଧନୁଯାତ୍ରା ମହୋତ୍ସବ ପାଇଁ କମିଟି ତରଫରୁ ଆଜି କଳାକାର ବରଣ କରାଯାଇଛି। ଫେବୃୟାରୀ ୩ ରୁ ୯ ତାରିଖ ପର୍ଯ୍ୟନ୍ତ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହୋଇଛି। ଟୁକେଇ ପାଲି ଗ୍ରାମର ସୁଦାମ କର୍ମୀ ଓ ମିଥିଳା କର୍ମୀଙ୍କୁ ନନ୍ଦରାଜା ଓ ନନ୍ଦରାଣୀ ରୂପେ ବରଣ କରାଯାଇଛି। ଦୀନବନ୍ଧୁ ଦନ୍ତା, ସୁରପତି ଦନ୍ତା, ଭୁବନ ମହାକୁଡ଼, ହରି ଦେହେରିଆ, ସୁଶାନ୍ତ କଅର, କୈଳାସ ଦନ୍ତା, ସୁଶୀଳ ଡାଙ୍ଗ, ରାଜେଶ କର୍ଣ୍ଣ, ଲିଙ୍ଗରାଜ ମାହାର, ମଗୁରୁ ଦନ୍ତା, ମନୋଜ ଦନ୍ତା, ନିବାସ ମହାକୁଡ଼, ପ୍ରବୀଣ ଚାଉଳିଆ, ଆକାଶ ବଡ଼ମାଳୀ, ପ୍ରମୋଦ ଦନ୍ତା, ସିତାଂଶୁ ସାହୁ, ରିତେଶ ସିଂହ, ମୁରଲି ଦନ୍ତା, ସୁଦାମ କର୍ମି, ଅର୍ଜୁନ ମାଝି, ସୁଜିତ ମହାରିଙ୍ଗ, ସନ୍ତାନ ବଘାର, ଲିଙ୍ଗରାଜ ମାହାର, ଆଚାର୍ଯ୍ୟ ଜାନୀଙ୍କ ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା ମାସ ଉଦ୍‌ଯାପିତ




**ବୌଦ୍ଧ, ୧୨(ସମିସ):** ବୌଦ୍ଧ ଟାଉନ୍‌ହଲ୍‌ଠାରେ ଜିଲ୍ଲାସ୍ତରୀୟ ଜାତୀୟ ସଡକ ସୁରକ୍ଷା ମାସର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବରେ ଜିଲ୍ଲାପାଳ ବିଭୁତି ଭୁଷଣ ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଇଂ ସୁଷମା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ବୌଦ୍ଧ ଡାକ୍ତରଖାନାର ଅଧୀକ୍ଷକ ଡା. ସଂଘମିତ୍ରା ପଣ୍ଡା, ଉପ ଆରକ୍ଷୀ ଅଧୀକ୍ଷକ ଗୌରାଂଗ ଚରଣ ସାହୁ, ଅଧ୍ୟାପକ ପ୍ରବୀର କୁମାର ଦାସ ମଞ୍ଚାସୀନ ଥିଲେ। ଅତିଥିମାନେ ସଡକ ସୁରକ୍ଷା ପାଇଁ ଗ୍ରହଣ କରାଯିବାକୁ ଥିବା ବିଭିନ୍ନ ପ୍ରତିଷେଧ ମୁଳକ ପଦକ୍ଷେପ ଉପରେ ସଚେତନ କରିଥିଲେ। ଏହି ଅବସରରେ ଦାସ କାଠିଆ ନୃତ୍ୟ ମାଧ୍ୟମରେ ସଡକ ସୁରକ୍ଷା ସଚେତନତା କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ରାଧାକୃଷ୍ଣ ଉଚ୍ଚ ବିଦ୍ୟାପୀଠର ରୌପ୍ୟ ଜୟନ୍ତୀ

ମନମୁଣ୍ଡା, ୧୨(ସମିସ)

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶୁଣ୍ଢିପଦର ରାଧାକୃଷ୍ଣ ଉଚ୍ଚ ବିଦ୍ୟାପୀଠରେ ରୌପ୍ୟ ଜୟନ୍ତୀ ଦୁଇଦିନ ଧରି ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉଦୟଭାନୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡ଼ାଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲ୍ଲାପାଳ ବିଭୂତି ଭୂଷଣ ନାଏକ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଏବଂ ସମ୍ମାନିତ ଅତିଥିଭାବେ ବୌଦ୍ଧ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ଜାଲୋଇ ମହାବିଦ୍ୟାଳୟ ଅଧ୍ୟକ୍ଷ କିଶୋର ସାହୁ, ଅବସରପ୍ରାପ୍ତ ଶିକ୍ଷକ ଟଙ୍କଧର ସାହୁ, ଶୁଣ୍ଢିପଦର ସରପଞ୍ଚ ସୁଜାତା ଭୋଇ, ମୁଖ୍ୟବକ୍ତା ଭାବେ ବାଉଁଶୁଣି ମହାବିଦ୍ୟାଳୟ ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ରୌପ୍ୟ ଜୟନ୍ତୀ ସମ୍ପାଦକ କମ୍ବୁପାଣି ଜାନି ଅତିଥି ପରିଚୟ ସହ ବିବରଣୀ ପଠନ କରିଥିଲେ। ବିଦ୍ୟାଳୟର ପାଚେରି ନିର୍ମାଣ ଓ ଅନ୍ୟ ଆନୁସଙ୍ଗିକ ବିକାଶ ପାଇଁ ଅର୍ଥର ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟ ଅତିଥି ବିଧାୟକ ଶ୍ରୀ ଡ଼ାଙ୍ଗ କହିଥିଲେ। ଶେଷରେ ଶିକ୍ଷକ ଅକ୍ଷୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ଏସ୍ କୁମାରଙ୍କ ଦ୍ୱାରା ମ୍ୟାଜିକ ଶୋ ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ପୂର୍ବତନ ବିଇଓ ଧ୍ରୁବଚରଣ ଘିବିଲା, ସମ୍ମାନିତ ଅତିଥିଭାବେ ସୋନପୁର କଲେଜ ଅଧ୍ୟକ୍ଷ ଉମାକାନ୍ତ ନାଗ, ବୌଦ୍ଧ କଲେଜ ଅଧ୍ୟାପକ ପ୍ରବୀର କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ। ଦ୍ୱିତୀୟ ଦିନ ପ୍ରଥମ ଅଧିବେଶନରେ କଣ୍ଟାମାଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ସିଆରସିସି ନରେଶ ସୁନା, ସ୍ଥାନୀୟ ସରପଞ୍ଚ ସୁଜାତା ଭୋଇ, ସମିତି ସଭ୍ୟା ଶିଳାବତୀ ବସ୍ତିଆ, ବରଗୋଛା ସରପଞ୍ଚ ଲକି କର୍ମୀ, ସମିତି ସଭ୍ୟା ମମତା କହଁର, ସ୍କୁଲ କମିଟି ସଭାପତି ହିମାଂଶୁ ଶେଖର ବସ୍ତିଆ ଏବଂ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ସତ୍ୟନାରାୟଣ ମଲ୍ଲିକ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ବୌଦ୍ଧ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ସୋନପୁର ମହାବିଦ୍ୟାଳୟ ଅଧ୍ୟାପକ ସୌରଭ ରଞ୍ଜନ ଖମାରୀ ଓ ସମ୍ମାନିତ ଅତିଥିଭାବେ ପୁରାତନ ଛାତ୍ର ସତ୍ୟବାନ୍ କର୍ଣ୍ଣ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଶିକ୍ଷକ ନରେନ୍ଦ୍ର କୁମାର ଘଡେଇ ଧନ୍ୟବାଦ ଅର୍ପଣ କରିଥିଲେ। ସ୍କୁଲ ସ୍ଥାପନ ଠାରୁ ବିଭିନ୍ନ କ୍ଷେତ୍ରରେ ସହଯୋଗ କରିଥିବା ବ୍ୟକ୍ତିବିଶେଷ ସମେତ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।



